বাধাহীন ব্যাঙ্কিঙ্গ সেবা পাইঁ

**ନିଜର KYC ଅପଡେଟ୍ କରି ରଖନ୍ତୁ**



**ଯଦି ଆପଣଙ୍କର KYC ବିବରଣୀରେ ପରିବର୍ତ୍ତନ ହୋଇନାହିଁ,**
Re-KYC ପାଇଁ ପତ୍ର/ଅନ୍‌ଲାଇନ ବ୍ୟାଙ୍କିଙ୍ଗ/ମୋବାଇଲ ବ୍ୟାଙ୍କିଙ୍ଗ/ଏଟିଏମ/ନିଜର ମୋବାଇଲ ନମ୍ବର ମାଧ୍ୟମରେ/ଆପଣଙ୍କ ବ୍ୟାଙ୍କରେ ପଞ୍ଜୀକୃତ ହୋଇଥିବା ଇ-ମେଲ୍ କିମ୍ବା ବିଜ୍‌ନେସ୍ କରେସ୍‌ପୋଣ୍ଡେଣ୍ଟ (BCs) ମାଧ୍ୟମରେ ଏକ ସ୍ୱ-ଘୋଷଣା ଦାଖଲ କରନ୍ତୁ ।

**ଯଦି ଆପଣଙ୍କର KYC ବିବରଣୀରେ ପରିବର୍ତ୍ତନ ହୋଇଛି,**
ଅପଡେଟ୍ ସୂଚନାଯୁକ୍ତ ଯେକୌଣସି ଏକ ଦସ୍ତାବିଜ ପ୍ରଦାନ କରନ୍ତୁ : ଆଧାର/ମତଦାତା ପରିଚୟ ପତ୍ର/NREGA ଜବ୍ କାର୍ଡ/ଡ୍ରାଇଭିଂ ଲାଇସେନ୍ସ/ପାସପୋର୍ଟ/ନ୍ୟାସନାଲ ପପୁଲେସନ୍ ରେଜିଷ୍ଟାର ଦ୍ୱାରା ଜାରି ପତ୍ର ।




**ନିଜର ବ୍ୟାଙ୍କର ନିକଟତମ ଶାଖା ଯାଇ ମଧ୍ୟ KYC ଅପଡେଟ୍ କରାଇପାରିବେ ।**

ଅଧିକ ସୂଚନା ପାଇଁ, https://rbikehtahai.rbi.org.in/KYC ଭିଜିଟ୍ କରନ୍ତୁ
ଅଫିସିଆଲ୍ ହ୍ୱାଟ୍ସଆପ୍ ନମ୍ବର 99990 41935 / 99309 91935

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR ◆VOLUME- 43 ◆ISSUE-176 ◆MONDAY ◆22 DECEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୭୬ ◆ସୋମବାର ◆୨୨ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ବଢ଼ିଲା ରେଳ ଯାତ୍ରୀ ଭଡ଼ା



**ସାଧାରଣ ଶ୍ରେଣୀରେ ୨୧୫ କିମି ଯାଏ ହେବନାହିଁ ଲାଗୁ**

**ଡିସେମ୍ବର ୨୬ରୁ ହେବ କାର୍ଯ୍ୟକାରୀ**

**ମିଳିବ ୬୦୦ କୋଟିର ଅତିରିକ୍ତ ରାଜସ୍ୱ**

■ ନୂଆଦିଲ୍ଲୀ, ୨୧।୧୨ (ଏଜେନ୍ସି): ଆଗକୁ ମହଙ୍ଗା ହେବ ରେଳ ଯାତ୍ରା । ଭାରତୀୟ ରେଳବାଇ ଏଥର ଦୂର ଯାତ୍ରା ପାଇଁ ଭଡ଼ା ବୃଦ୍ଧି ଘୋଷଣା କରିଛି । ଏହି ନୂତନ ଭଡ଼ା ଡିସେମ୍ବର ୨୬ରୁ ଲାଗୁ ହେବ । ସାଧାରଣ ଶ୍ରେଣୀରେ ୨୧୫ କିମିରୁ ଅଧିକ ଯାତ୍ରା କରୁଥିବା ଯାତ୍ରୀଙ୍କୁ ଏଣିକି ପ୍ରତି କିମି ପାଇଁ ୧ ରୁ ୨ ପଇସା ଅତିରିକ୍ତ ଭଡ଼ା ଦେବାକୁ ପଡ଼ିବ । ୫୦୦ କିମିର ଅଣ-ଏସି ଯାତ୍ରା ପାଇଁ କେବଳ ୧୦ ଟଙ୍କା ଅତିରିକ୍ତ ଖର୍ଚ୍ଚ ହେବ । ମେଲ୍ ଓ ଏକ୍ସପ୍ରେସ୍ ଟ୍ରେନ୍ ଏବଂ ସମସ୍ତ ଏସି ଶ୍ରେଣୀର ଅଣ-ଏସି କୋଚ୍ ପ୍ରତି କିମି ପିଛା ୨ ପଇସା ବୃଦ୍ଧି ପାଇବ । ତବେ ଲୋକାଲ ଟ୍ରେନ୍ ଏବଂ ସ୍ୱଳ୍ପ ଦୂର ଗାମୀ ଯାତ୍ରା ପାଇଁ ଭଡ଼ାରେ କୌଣସି ବୃଦ୍ଧି ହୋଇନାହିଁ । ଏହାଛଡା ମାସିକ ସିଜନ୍ ଟିକଟ (ଏମ୍‌ଏସ୍‌ଟି) ଧାରୀଙ୍କ ପାଇଁ ଭଡ଼ା ଅପରିବର୍ତ୍ତିତ ରହିଛି । ସୂଚନାଯୋଗ୍ୟ, ପୂର୍ବରୁ ଚଳିତବର୍ଷ ଜୁଲାଇ ପହିଲାରେ ସରକାର ରେଳ ଭଡ଼ା ବୃଦ୍ଧି ▶ପୃଷ୍ଠା-୭

### ରାଜ୍ୟରେ ବଢ଼ିଚାଲିଛି ଦୁଷ୍କର୍ମ ଓ ମହିଳା ଅତ୍ୟାଚାର

## ‘ଲୋକଙ୍କ ସରକାର’ ଏକ ମିଛ ପ୍ରହେଳିକା: ନବୀନ



**ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ୁଛି ଭୁବନେଶ୍ୱର**

**ସୁରକ୍ଷା ସୁନିଶ୍ଚିତ କରିବାରେ ସରକାରଙ୍କ ଅପାରଗତା**

■ ଭୁବନେଶ୍ୱର, ୨୧।୧୨ (ସମିସ): ରାଜ୍ୟରେ ମହିଳା ଶିଶୁ ଅତ୍ୟାଚାର ଓ ହିଂସା ମାମଲା ବଢ଼ି ବଢ଼ି ଚାଲିଥିବା ବେଳେ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇପାରୁ ନାହାନ୍ତି । ପ୍ରତ୍ୟେକ ଦିନ ରାଜ୍ୟର କୋଣ ଅନୁକୋଣରେ ଦୁଷ୍କର୍ମ, ଅସଦାଚରଣ ପରି ଉଦ୍‌ବେଗଜନକ ଘଟଣା ସାମ୍ନାକୁ ଆସୁଛି । ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

ରାଜ୍ୟର ରାଜଧାନୀ ଭୁବନେଶ୍ୱର ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇ ପଡ଼ୁଛି; ନାରୀ ହିଂସା ବୃଦ୍ଧି ଯୋଗୁଁ ଓଡ଼ିଶା କଳଙ୍କ ମୁଣ୍ଡାଉଛି ବୋଲି ଉଲ୍ଲେଖ କରି ବିଜେପି ସରକାର କେବେ ଚେତିବେ ବୋଲି ପ୍ରଶ୍ନ କରିଛନ୍ତି ନବୀନ ପଟ୍ଟନାୟକ । ସମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ଭୁବନେଶ୍ୱରରେ ଦିନ ଦ୍ୱିପ୍ରହରେ ପୁଣି ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହେବା ଅତ୍ୟନ୍ତ ସ୍ପର୍ଶକାତର ବିଷୟ । ରାଜ୍ୟରେ ଆଇନଶୃଙ୍ଖଳା କୁଆଡ଼େ ଯାଉଛି? ‘ଲୋକଙ୍କ ସରକାର’ର ମିଛ ପ୍ରହେଳିକା କରୁଥିବା ସରକାର ଲୋକଙ୍କୁ ସୁରକ୍ଷା ଦେଉଛି ତ ବୋଲି ନବୀନ ପ୍ରଶ୍ନ କରିଛନ୍ତି । ଧଉଳି ଗଣଦୁଷ୍କର୍ମ ଘଟଣା ମନରୁ ନ ଲିଭୁଣୁ ପୁଣି ଏକ ବର୍ବର କାଣ୍ଡ ସାଧାରଣ ଜନତାଙ୍କୁ ଆତଙ୍କିତ କରିଦେଇଛି । ରାଜଧାନୀରେ ମା’ଭଉଣୀମାନେ ଅସୁରକ୍ଷିତ ମନେ କରୁଛନ୍ତି । ସମସ୍ତଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାରେ ବିଜେପି ସରକାରର ଅପାରଗତା ଜଳଜଳ ଦେଖାଯାଉଛି । ତେଣୁ ସ୍ଥିତି ଆହୁରି ବିଗିଡ଼ିବା ପୂର୍ବରୁ ସରକାର ସଜାଗ ହୁଅନ୍ତୁ । ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ଦିଗରେ ସରକାର ଆଗୁଆ ତତ୍ପର ହେବା ସହ ଦୃଢ଼ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି ।





INDIA'S FIRST 5 YEAR WARRANTY *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. I CIN: L35911DL 1984PLC017354 I For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts. #Limited period offer, T&C apply.

TOLL FREE 1800 266 0018

**Authorized Dealers: Bhubaneswar:** Rohan Hero - 9289922474, Bharat Hero - 9289922180, Arundhati Hero - 9289923183, DD Hero - 9439650824, **Jatni:** Vishal Hero - 9289922984, **Nayagarh:** Bhagabati Hero - 9289922687, **Puri:** Sanjib Hero - 9289923107, **Authorized HeroSure Dealers: Bhubaneshwar:** Arundhati Motobikes - 7682841658, **Associate Dealers: Nimapara:** Basudev Automobiles - 9861020724, **Pipili:** Shri Ram Motors - 9437110789, **Balugaon:** Mahamayee Motors - 9437004624, **Khurdha:** Dinesh Trading Co. - 9778097876, **Sakhigopal:** Sai Motors - 9439765820, **Begunia:** Rashmi Automobiles - 9178316145, **Balipatna:** Jagannath Motors - 7064309702, **Chandpur:** Apsara - 9861418161, **Banamalipur:** Duladei Motors - 7735425890, **Sunderpada:** Basudev Motors - 6371525029, **Nakhra:** S.G. Automobiles - 9778779778.

VML.5865.2025ENG

ସକାଳ
THE SAKALA



# ସୀମାନ୍ତ ଉତ୍କଳ-ବଙ୍ଗ ମୈତ୍ରୀ ଗ୍ରାମୀଣ ମେଳା ଉଦ୍‌ଘାଟିତ

ଜଳେଶ୍ୱର, ୨୧।୧୨ (ସମିସ)



ଜଳେଶ୍ୱର ତାରିଣୀ ଛକ ସୀମାନ୍ତ ମହୋତ୍ସବ ପଡିଆରେ ଉତ୍କଳ-ବଙ୍ଗ ମୈତ୍ରୀ ଉତ୍ସବର ଉଦ୍‌ଘାଟନୀ ଗ୍ରାମୀଣ ମେଳା ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇ ଯାଇଛି। କ୍ଷେତ୍ରସନବଜାର କାଳୀମନ୍ଦିର ପଡିଆଠାରୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକକଳା ଓ ପାରମ୍ପରିକ ବାଦ୍ୟରେ ଏକ ସୁସଜ୍ଜିତ ସାଂସ୍କୃତିକ ପଟୁଆର ଉଦ୍‌ଘାଟନୀ ଶୋଭାଯାତ୍ରା ମେଳା ପଡିଆ ପର୍ଯ୍ୟନ୍ତ ଆସିଥିଲା। ଏହି ଉତ୍ସବକୁ ପଦ୍ମଶ୍ରୀ ପ୍ରଭାକର ମହାରଣା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ସଭାରେ ଉତ୍ସବର ସଭାପତି ପ୍ରାକ୍ତନ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଅଶ୍ୱିନୀ ପାତ୍ର, ମୁଖ୍ୟବକ୍ତା ଭାବେ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଆୟୁକ୍ତ ଶ୍ରୁତତୀ ହରିଚନ୍ଦନ ଯୋଗଦେଇ ଓଡିଶା ଓ ପଶ୍ଚିମବଂଗ ସୀମାନ୍ତରେ ଅନୁଷ୍ଠିତ ଏପରି ମହୋତ୍ସବ ପୋଡଶୀ ରାଜ୍ୟ ମଧ୍ୟରେ ମୈତ୍ରୀ ସ୍ଥାପନ କରିବ ବୋଲି କହିଥିଲେ। ଏହାସହିତ ଦୁଇ ରାଜ୍ୟର ବିଭିନ୍ନ କଳା, ସଂସ୍କୃତି, ପରମ୍ପରା ଓ ଭାଇଚାରା ବୃଦ୍ଧି ଓ ଆଞ୍ଚଳିକ ପ୍ରତିଭା ଅନ୍ୱେଷଣରେ ସହାୟକ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଗଳ କିଶୋର ପ୍ରଧାନ, ପ୍ରଦୀପ ପାତ୍ର, ଅଜିତ୍ ଜାନା, ସନ୍ତୋଷ ଜେନା, ସୁମନ୍ତ ଜେନା, କମଳ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇ ଜଳେଶ୍ୱର ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ଉତ୍ସବ ସମସ୍ତଙ୍କର ଆକର୍ଷଣ ପାଲଟିଥିବା କହିଥିଲେ। ଲୋପ ପାଉଥିବା ଲୋକ କଳା, ଲୋକ ନୃତ୍ୟ ପରମ୍ପରାକୁ ମେଳା ପୁନଃଜିବୀତ କରୁଛି ବୋଲି କହିଥିଲେ। ଦିଲ୍ଲୀପ ସେଠୀ ଓ ସବିତା ପାଠୀ ମଂଚ ଆହ୍ୱାନ କରିଥିବାବେଳେ କାଉନ୍‌ସିଲର ଶିବନାରାୟଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳା ୧୧ଦିନ ଧରି ଚାଲିବାକୁ ଥିବା ବେଳେ ରଂଗାରଂଗ କାର୍ଯ୍ୟକ୍ରମକୁ ଦର୍ଶକ ବେଶ୍ ଉପଭୋଗ କରିଥିଲେ। ସମ୍ପାଦକ ମନୋରଞ୍ଜନ ଦାସ, ରାଜେଶ ଖଟୁଆ, ହେମନ୍ତ ଗିରି, ସୁଦାମ ପାତ୍ର, ବନମାଳୀ ଧଳ, ଚନ୍ଦ୍ର ମୋହନ ରାଉଳ, କପିଳେଶ୍ୱର ମହାନ୍ତି, ସୈଭିକ ଜେନା, ଅଶୋକ ଦାସ, ସୁନିଲ ନାୟକ, ସୁଧିର କର, ଜଗଦୀଶ ନନ୍ଦୀ ପ୍ରମୁଖ କର୍ମକର୍ତ୍ତା ଶୋଭାଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ବାଲେଶ୍ୱର,୨୧।୧୨(ସମିସ): ସୁତେଇସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦୁଇ ଦିନ ବ୍ୟାପୀ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ରେମୁଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାର୍ଥକ ସୌରଭ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କବିତା ମହାନ୍ତି, ସମିତି ସଭ୍ୟ ଗିରିଶ ଦଳାଇ ଉପସ୍ଥିତ ଥିଲେ। କ୍ରୀଡ଼ାରେ ଷଷ୍ଠରୁ ଅଷ୍ଟମ କନିଷ୍ଠ ବର୍ଗ ଏବଂ ନବମରୁ ଦ୍ୱାଦଶ ବରିଷ୍ଠ ବର୍ଗରେ ଉଭୟ ବାଳକ ଏବଂ ବାଳିକା ବିଭାଗରେ ଖେଳ ପ୍ରତିଯୋଗିତା ହୋଇଥିଲା। ଏହାର ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ମୁଖ୍ୟବକ୍ତା ଭାବେ ଅଭୟ ଦାସ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ପାଇଁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ।



ବିଦ୍ୟାଳୟ ଅଧ୍ୟକ୍ଷ ରାମକୃଷ୍ଣ ସାହୁଙ୍କ ତତ୍ତ୍ୱାବଧାନରେ କ୍ରୀଡା ଶିକ୍ଷକ ଗାଭାସ୍କର ନାୟକଙ୍କ ପରିଚାଳନା ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ବାର୍ଷିକ କ୍ରୀଡ଼ା ପରିଚାଳିତ ହୋଇଥିଲା। ଏଥିରେ ୩ ଶହରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ସୁରଜ ପରିଡ଼ା, ବୈଷ୍ଣବୀ ସାହୁ ଏବଂ କନିଷ୍ଠ ବର୍ଗରେ ସୁକୁରା ମାଣ୍ଡି, ଲକ୍ଷ୍ମୀପ୍ରିୟା ମଲ୍ଲିକ ଚାମ୍ପିଅନ ହୋଇଥିଲେ।

### ବରିଷ୍ଠରେ ସୁରଜ, ବୈଷ୍ଣବୀ ଏବଂ କନିଷ୍ଠରେ ସୁକୁରା, ଲକ୍ଷ୍ମୀପ୍ରିୟା ଚାମ୍ପିଅନ୍

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ



ଖଇରା,୨୧।୧୨ (ସମିସ): ବାଲେଶ୍ୱର ଜିଲା ଖଇରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେବାପା ଓ ଜେଜେ ମା ସମ୍ମିଳନୀ ତଥା ୮ମ ବାର୍ଷିକ ଉତ୍ସବ ସଭା ସମ୍ବର୍ଦ୍ଧନା ସାଙ୍ଗକୁ ଭରପୁର ନୃତ୍ୟଗୀତର ଝଙ୍କାର ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ଜେଜେ ବାପା ଓ ଜେଜେ ମା ସମ୍ମିଳନୀରେ ବିଡିଓ ନାରାୟଣ ସାହୁ ମୁଖ୍ୟ ଅତିଥି, ଖଇରା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି ମୁଖ୍ୟବକ୍ତା, ପ୍ରାକ୍ତନ ଅଧକ୍ଷ ବସନ୍ତ କୁମାର ଖିଲାର, ପ୍ରାକ୍ତନ ସଂସ୍କୃତ ଶିକ୍ଷକ ଅକ୍ଷିତ କୁମାର ଜେନା, ଖଇରା ହାଇସ୍କୁଲ ହିନ୍ଦୀ ଶିକ୍ଷକ ନରୋତ୍ତମ ପୁଟୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟରେ ବୟସ୍କ ମାତାପିତାଙ୍କୁ ବୃଦ୍ଧାଶ୍ରମରେ ନ ଛାଡି ଦେବତା ରୂପେ ଘରେ ରଖି ପୂଜା କରିବାକୁ ପରାମର୍ଶ ଦେଇଥିଲେ। ଦିଲ୍ଲୀପ ଲେଙ୍କା ସଭା ପରିଚାଳନା, ଉଲ୍ଲାସିନୀ ମହାନ୍ତି ସମ୍ମିଳନୀର ଆଭିମୁଖ୍ୟ ଓ ପ୍ରଧାନଚାର୍ଯ୍ୟ କୈଳାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ ବାର୍ଷିକ ଉତ୍ସବରେ ଅବସରପ୍ରାପ୍ତ ଅଧ୍ୟାପକ ଯୁଗଳ କିଶୋର ଗାହାଣ, ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ଦାସ, ଉପଦେଷ୍ଟା କମିଟି ସଭ୍ୟ ସୁଦର୍ଶନ ସେଠୀ, ସରପଞ୍ଚ ଦୟାନିଧି ନାୟକ କୁନି ପିଲାମାନଙ୍କୁ ଶିକ୍ଷଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ରୀଡା ଚାମ୍ପିଅନ ଆୟୁଷ୍ମାନ ମହାପାତ୍ର, ଆଦର୍ଶ ଛାତ୍ରୀ ଭାଗ୍ୟଶ୍ରୀ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁମା ବନ୍ଦନା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ସାବିତ୍ରୀ ପଣ୍ଡା, ଦୀପାଞ୍ଜଳି ବେହେରା, ପୁଷ୍ପାଞ୍ଜଳି ରାଉତ, କାଜଲ ମାଝୀ, କ୍ରୀଷ୍ଣାରାଣୀ ହାତୀ, ମାଧୁରୀ ସାହୁ, କଳ୍ପନା ଲେଙ୍କା, ଗୁରୁଜୀ ପୂର୍ଣ୍ଣଚନ୍ଦ୍ର ସାହୁ, କାର୍ତ୍ତିକ ମୁଦୁଲୀ, ଗୟାଧର ବିନ୍ଧାଣୀ, ପିୟୁଷ ପ୍ରତୀମ ରାଉତ, ଭରତ ଭୂଷଣ ଲେଙ୍କା, ପଙ୍କଜେଶ ଜେନାଙ୍କ ସମେତ କମିଟିର ସମସ୍ତ ସଦସ୍ୟା ସଦସ୍ୟ ସହଯୋଗ କରିଥିଲେ।

## ଓଲମରା ଡିଗ୍ରୀ କଲେଜର ସାରସ୍ୱତ ଦିବସ ଓ ସମୀକ୍ଷା ବୈଠକ



ଜଳେଶ୍ୱର,୨୧।୧୨(ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଓଲମରା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରାଙ୍ଗଣରେ କଲେଜର ଅଧ୍ୟକ୍ଷ ଅମରେନ୍ଦ୍ର ନାଥ ଦତ୍ତଙ୍କ ଆହ୍ୱାନରେ ରାଇବଣିଆ ଅଞ୍ଚଳର ୧୪ଟି ପଞ୍ଚାୟତର ଜନପ୍ରତିନିଧି, ପ୍ରାକ୍ତନ ଶିକ୍ଷକ, ଅଧ୍ୟାପକ ଓ ବୁଦ୍ଧିଜୀବୀଙ୍କୁ ନେଇ + ୩ କଳା ଡିଗ୍ରୀ କଲେଜ ମାନ୍ୟତାକୁ ନେଇ ଏକ ସାରସ୍ୱତ ଦିବସ ପାଳନ ହେବା ସହ ରାଇବଣିଆ ଅଞ୍ଚଳକୁ କିପରି ବିଭିନ୍ନ ଶିକ୍ଷାନୁଷ୍ଠାନ ଗଢିବା ସହ ଗୁଣାତ୍ମକ ଶିକ୍ଷା ଅଞ୍ଚଳର ଛାତ୍ରଛାତ୍ରୀ ପାଇବେ ସେ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଭାପତିତ୍ୱ କରିଥିଲେ ବରିଷ୍ଠ ଆଇନଜୀବୀ ଚିନ୍ମୟ କୁମାର ଦାସ। ମୁଖ୍ୟଅତିଥି ପୂର୍ବତନ ଅଧ୍ୟକ୍ଷ ଶ୍ରୀକାନ୍ତ ଚରଣ ପାତ୍ର, ସମ୍ମାନିତ ଅତିଥିଙ୍କ ଭିତରୁ ଜତୀନ୍ଦ୍ର ନାଥ ମହାନ୍ତି, ଶିକ୍ଷାବିତ ଅଚିନ୍ତ ନାରାଣ ଜେନା,ନିମାଇଁ ଘୋଷ ମାକିଡ଼ିଆ ପଞ୍ଚାୟତର ସରପଞ୍ଚ ପ୍ରତିନିଧି, ଗୌରାଙ୍ଗ ମହାପାତ୍ର, ଗଙ୍ଗାଧର ଦାସ କାଳିକ ପଞ୍ଚାୟତର ପୂର୍ବତନ ସରପଞ୍ଚ,ସତ୍ୟଶୋଭନ ମିଶ୍ର ଖୁଦିଆମାଝୀ ସାହି ପଞ୍ଚାୟତର ପୂର୍ବତନ ସରପଞ୍ଚ, ବ୍ରିଜେଶ କୁମାର ରଣା, ରାସବିହାରୀ ରଣା, ଓଲମରା ପଞ୍ଚାୟତର ପୂର୍ବତନ ସରପଞ୍ଚ ମଦିନା ବିବି, ସର୍ଦ୍ଦାରବନ୍ଧ ପଞ୍ଚାୟତର ସମିତି ସଭ୍ୟ ଗଣେଶ ସୋରେନ, ବିଷ୍ଣୁପଦ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ମଞ୍ଚ ଆହ୍ୱାନ ଓ ଅତିଥିଙ୍କ ପରିଚୟ କଳା ବିଭାଗର ଅଧ୍ୟାପକ ରମାକାନ୍ତ ଦେ ଓ ଧନ୍ୟବାଦ ଅର୍ପଣ କରିଥିଲେ ମାକିଡ଼ିଆ ବାଳିକା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ କାଞ୍ଚନବାଳା ଚନ୍ଦ। ଡିଗ୍ରୀ ମହାବିଦ୍ୟାଳୟ ର ପରିଚାଳନା କମିଟି ସଭାପତି ଜହରଲାଲ୍ ଅଧିକାରୀ ଏଭଳି ସ୍ୱତନ୍ତ୍ର ବୈଠକକୁ ସଂଯୋଜନା କରିଥିଲେ। ଜିଲ୍ଲା ବିଜ୍ଞାନ ଶିକ୍ଷା ସଂଯୋଜକ ହରେନ୍ଦ୍ର ମହାନ୍ତ ଇ ଲାଇବ୍ରେରୀର ସମସ୍ତ ଖର୍ଚ୍ଚ ବହନ କରିବାର ପ୍ରତିଶ୍ରୁତି ସହିତ ନଗଦ କୋଡ଼ିଏ ହଜାର ଟଙ୍କାର ଚେକ୍ କମିଟିକୁ ସର୍ବସମ୍ମୁଖରେ ପ୍ରଦାନ କରିଥିଲେ। ସେହିପରି ରାଇବଣିଆର ଅବସରପ୍ରାପ୍ତ ସାମରିକ ବାହିନୀର ସେନା ସ୍ୱର୍ଗତ ରାମଚନ୍ଦ୍ର ଜେନାଙ୍କ ଧର୍ମପତ୍ନ ମାଳତୀ ଜେନା ତାଙ୍କ ପେନସନରୁ ମାସକୁ ଏକ ହଜାର ଟଙ୍କା କଲେଜକୁ ଅନୁଦାନ କରିବାର ସୂଚନା ତାଙ୍କ ବଡପୁଅ ସନ୍ତୋଷ କୁମାର ଜେନା ଅବଗତ କରିଥିଲେ।

## କଳିଙ୍ଗ ଟ୍ୟୁଟୋରିଆଲ ଓ ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲେଶ୍ୱର,୨୧।୧୨(ସମିସ): କଳିଙ୍ଗ ଟ୍ୟୁଟୋରିଆଲ୍ ଏବଂ ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଓମ୍ ପ୍ରକାଶ କୃତୀ ଛାତ୍ରଛାତ୍ରୀଙ୍କୁ "କଳିଙ୍ଗ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ୨୦୨୪-୨୫ ଶିକ୍ଷା ବର୍ଷ ବିଜ୍ଞାନ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର କୃଷ୍ଣପ୍ରସାଦ ବେହେରା, କଳା ବିଭାଗରେ ଅଧିକ ନମ୍ବର



ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ପାଠପଢ଼ା ସହିତ ଭଲ ମଣିଷ ହେବାକୁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଚାନ୍ଦିପୁର ଡିଆରଡିଓ ଡେପୁଟି ଡାଇରେକ୍ଟର ବୈଜ୍ଞାନିକ ଡ. ସୁଜିତ କୁମାର ସି, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଶୁକଦେବ ମହାନ୍ତି, ପ୍ରଫେସର ଡ. ସନ୍ତୋଷ କୁମାର ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସେହିପରି ପ୍ରଫେସର ନାୟକ ସେବା ମନୋବୃତ୍ତି ରଖି ସାଧନାରେ ବ୍ରତୀ ହେବାକୁ କହିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ସଞ୍ଜୀବ ପତି ସଭା ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଶିକ୍ଷକଙ୍କୁ ଶିକ୍ଷକ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଗତ ଯୁକ୍ତଦୁଇ କଳା ଓ ବିଜ୍ଞାନ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ୧୦ ହଜାର ଅର୍ଥ ରାଶି, ୯୦ ପ୍ରତିଶତ ନମ୍ବର ଅବା ତା' ଠାରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ୫ ହଜାର ଅର୍ଥ ରାଶି ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ରଖିଥିବା ଛାତ୍ରୀ ଦିବ୍ୟଦେବଲିନା ମଲ୍ଲିକ ଏବଂ ୯୦ ପ୍ରତିଶତ ନମ୍ବର ଅବା ତା' ଠାରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଆଦିତ୍ୟ ପାଠୀ, ଦିବ୍ୟଜ୍ୟୋତି ପଣ୍ଡା, ଗାୟତ୍ରୀ କାୟଲ, ଜ୍ୟୋତିରଞ୍ଜନ ମହାନ୍ତି, ଅଂଶିକା କାଶ୍ୟପ, ରାଜଲକ୍ଷ୍ମୀ ବେହେରା, ସମୀକ୍ଷା ପ୍ରଧାନ, ସ୍ୱାତୀ ସଞ୍ଜନା ସାମଲ ପ୍ରମୁଖ ସେମାନଙ୍କର ଅନୁଭୂତି ଉପସ୍ଥାପନ କରିବା ସହ ଅନୁଷ୍ଠାନର ନିର୍ଦ୍ଦେଶକ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ। ୨୦୨୫-୨୬ ଶିକ୍ଷା ବର୍ଷରୁ କେଇଆରଟି(କଳିଙ୍ଗ ଏଗଜାମ୍ ଅଫ୍ ରିଜିଓନାଲ ଟାଲେଣ୍ଟ)ର ଶୁଭାରମ୍ଭ ହୋଇଛି। ଏଥିରେ ଯେଉଁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ, ସେମାନଙ୍କ ମଧ୍ୟରୁ କୃତୀ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ଦେୟର ୯୦ ପ୍ରତିଶତ ରିହାତି ଦେବାର ଯୋଜନା ହୋଇଛି। ଏହି ସୁବିଧାର ସୁଯୋଗ ଉଠାଇବା ପାଇଁ ଛାତ୍ରଛାତ୍ରୀ ପ୍ରୟାସ କରିବା ଆବଶ୍ୟକ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପକ ସମରଜିତ ସାହୁ, ଅମିୟ ପରିଡ଼ା, ସୁବ୍ରତ ଚାନ୍ଦ, ସଞ୍ଜୟ ପଣ୍ଡା, ଉତ୍ତମ ବେହେରା, ସଂଯୁକ୍ତା ଦାସ, ପ୍ରଣତି ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପସରବିନ୍ଧା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ




ଭୋଗରାଇ, ୨୧।୧୨(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇର ପସରବିନ୍ଧା ପଞ୍ଚାୟତ ଅଧୀନ ପସରବିନ୍ଧା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପସରବିନ୍ଧା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଅନୁପମ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ନିରନ୍ତର ସାଧନା ଓ ଅଧ୍ୟବସାୟ ଶିଶୁଙ୍କୁ ଆଗକୁ ନେଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ପାତ୍ର, ବିଶିଷ୍ଟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁମନ୍ତ ବେହେରା, ସତୀଶ କୁମାର ପରିଡା, ସମ୍ମାନିତ ଅତିଥି ଭାବେ ଭୋଗରାଇ କଳାକାର ସଂଘର ଯୁଗ୍ମ ସମ୍ପାଦକ ମୃତ୍ୟୁଞ୍ଜୟ ମଣ୍ଡଳ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଜେନା, ସୁବାଷ ଚନ୍ଦ୍ର ଦେ, ଅଧିର ଚନ୍ଦ୍ର ଦତ୍ତ, ପୁଣ୍ଡରୀକାକ୍ଷ ଦତ୍ତ, ଶିକ୍ଷୟିତ୍ରୀ ଜୟନ୍ତୀ ବେହେରା, ପୂର୍ଣ୍ଣେନ୍ଦୁ ଜେନା, ପ୍ରକୃତି ମିତ୍ର ବାସୁଦେବ ଘୋଷ, ଉଭୟ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବନମାଳୀ ଜେନା ଓ ରାମଚନ୍ଦ୍ର ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷକ ଜନ୍ମେଜୟ ସାହୁ ମଞ୍ଚ ଆହ୍ୱାନ ଆହ୍ୱାନ ଓ ଅତିଥି ପରିଚୟ କରିଥିଲେ। ଉଭୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜନ୍ମେଜୟ ସାହୁ ଓ ଗୌରୀଶ୍ୟାମ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଉପାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ଏବଂ ବିଭିନ୍ନ ଶ୍ରେଣୀରେ ଶ୍ରେଷ୍ଠ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆର୍ଥିକ ସହାୟତା କରାଯାଇଥିଲା। ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## କଚୁଆଡି ପ୍ରସାଦ ଚନ୍ଦ୍ର ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ



କମର୍ଦ୍ଦା,୨୧।୧୨(ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ କଚୁଆଡି ପ୍ରସାଦ ଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଆୟୋଜିତ ସଭାରେ ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୌମ୍ୟା ସୁଚରିତା ମହାନ୍ତିଙ୍କ ଆବାହକତ୍ୱରେ କଚୁଆଡି ଗ୍ରାମ୍ୟ କମିଟି ସଭାପତି ରାମନାରାୟଣ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବିଶିଷ୍ଟ ଅତିଥି ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ ନିହାର ରଞ୍ଜନ ଦାସ, ମୁଖ୍ୟବକ୍ତା ବାଲେଶ୍ୱର ଓଷ୍ଟା କାର୍ଯ୍ୟକାରୀ ସଭାପତି ରାଜେନ୍ଦୁ ବିକାଶ ପାତ୍ର, ବିଶିଷ୍ଟ ବକ୍ତା ଭୋଗରାଇ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଭୋଗରାଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋସ୍ନାରାଣୀ ପଣ୍ଡା, କଚୁଆଡି କ୍ଲଷ୍ଟର ସିଆରସିସି ସୁଦର୍ଶନ ଦାସ, ଜିଲ୍ଲାପରିଷଦ କବିତା ମହାନ୍ତି, ସରପଞ୍ଚ ଜ୍ୟୋସ୍ନା ରାଣୀ ମହାନ୍ତି, ପରିଚାଳନା କମିଟି ସଭାପତି ନିଗମଗୁରୁ ଦତ୍ତ, ବୈକୁଣ୍ଠନାଥ ମହାବିଦ୍ୟାଳୟ ଅଧ୍ୟକ୍ଷ ହରିପଦ ପ୍ରମାଣିକ, ସମିତି ସଭ୍ୟ ଅରୁଣ କୁମାର ପ୍ରଧାନ, ଆଲୁମିନି କମିଟି ସଭାପତି ସୁଖେନ୍ଦୁ ପ୍ରମାଣିକ, ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ପ୍ରଧାନ, ଶଶାଙ୍କ ଶେଖର ଦତ୍ତ, ଗଙ୍ଗାଧର ଦତ୍ତ, ଜଗତଜୀବନ ଦତ୍ତ, ଭବାନୀ ଶଙ୍କର ଦତ୍ତ ପ୍ରମୁଖ ଶୃଙ୍ଖଳିତ ହୋଇ ନିର୍ଦ୍ଦିଷ୍ଟ ସ୍ୱପ୍ନ ଦେଖି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଯୁବ ଶିକ୍ଷକ ଘନଶ୍ୟାମ ସେଠୀ ଅତିଥି ପରିଚୟ ପ୍ରଦାନ ଓ କାର୍ତ୍ତିକ ଚନ୍ଦ୍ର ମଣ୍ଡଳ ବେଦପାଠ କରିଥିଲେ। ବିଦ୍ୟାଳୟର ବିଭିନ୍ନ ପ୍ରକାର ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରଶଂସାପତ୍ର ଦେଇ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷୟିତ୍ରୀ କବିତା ରାଣୀ ଜେନା ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂଗୀତ, ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା।

## ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣକୁ ପ୍ରେସ କ୍ଲବ୍‌ର ନିନ୍ଦା

କରଞ୍ଜିଆ, ୨୧।୧୨(ସମିସ): ବାଂଲାଦେଶରେ ଭାରତ ବିରୋଧରେ ଭାରତ ମାନଚିତ୍ରକୁ ବିକୃତ କରି ଖୋଲାଖୋଲି ଚ୍ୟାଲେଞ୍ଜ ଦେଇଥିବା ଛାତ୍ର ନେତା ସରିଫ ଉସମାନ ହାଦିର ମୃତ୍ୟୁରେ ଭାରତକୁ ବିନା ପ୍ରମାଣରେ ଦାୟୀ କରି ହିଂସାକାଣ୍ଡ, ବର୍ବର ଭାବେ ନିରୀହ ହିନ୍ଦୁ ଲୋକଙ୍କୁ ହତ୍ୟା, ଦୋକାନ ଘର ପୋଡି, ମିଡ଼ିଆ ହାଉସ ନଷ୍ଟ କରି ଅଶାନ୍ତ ବାତାବରଣ ସୃଷ୍ଟି କରୁଥିବା ଘଟଣାକୁ ପାଞ୍ଚପୀର ପ୍ରେସ କ୍ଲବ୍ ନିନ୍ଦା କରିଛି। ବାଂଲାଦେଶରେ ଥିବା ଭାରତୀୟ ଦୂତାବାସ ଉପରେ ଆକ୍ରମଣ, ଭାରତ ବିରୋଧୀ ଅଯଥା ଦୋଷାରୋପ କରି ହିଂସାସୃଷ୍ଟି କରିବା ଓ ଏଥିରେ ୟୁନୁସ ସରକାର ନିରବ ରହିବା, ସ୍ଥାନୀୟ ପୁଲିସ ସଂଖ୍ୟାଲଘୁ ହିନ୍ଦୁଙ୍କୁ ସୁରକ୍ଷା ଦେବାରେ ଅବହେଳା କରିବା, ସଂଖ୍ୟାଲଘୁଙ୍କ ଉପରେ ଖୋଲାଖୋଲି ଆକ୍ରମଣ କରି ଆତଙ୍କ ସୃଷ୍ଟି କରିବା, ମାନବାଧିକାର ଆଇନ ଉଲ୍ଲଂଘନ କରିବା ଘଟଣାକୁ ପାଞ୍ଚପୀର ପ୍ରେସ କ୍ଲବ୍ ନିନ୍ଦା କରିବା ସହିତ ସୁରକ୍ଷା ଦାବି କରିଛି। ଭାରତରେ ସମସ୍ତ ନାଗରିକଙ୍କୁ ସରକାର ସୁରକ୍ଷା ପ୍ରଦାନ କରୁଥିବାବେଳେ ପଡ଼ୋଶୀ ବାଂଲାଦେଶରେ ଏହାର ବ୍ୟତିକ୍ରମ ହେଉଥିବାରୁ ଏହାର କୁପ୍ରଭାବ ପଡ଼ିବା ସମ୍ଭାବନା ରହିଥିବାରୁ ସରକାର ଏହା ଉପରେ ନଜର ରଖିବାକୁ କୁହାଯାଇଛି।

## ଆଦିବାସୀ ଉନ୍ନୟନ ଯୋଜନାରେ ପନିପରିବା ମଞ୍ଜି ଓ ଚାରା ବଣ୍ଟନ

ବାରିପଦା,୨୧।୧୨(ସମିସ):ଶିମିଳିପାଳ ପାଦଦେଶ ତାରାଯୋଡ଼ି ଗ୍ରାମରେ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର, ଭାରତୀୟ ଉଦ୍ୟାନ ଗବେଷଣା ସଂସ୍ଥା ଓ କୃଷି ବିଜ୍ଞାନ କେନ୍ଦ୍ର, ମୟୁରଭଞ୍ଜ-୧ର ମିଳିତ ଆନୁକୂଲ୍ୟରେ ଆଦିବାସୀ ଉନ୍ନୟନ ଯୋଜନା ମାଧ୍ୟମରେ ପନିପରିବା ମଞ୍ଜି, ଚାରା ଓ ମିଶ୍ରିତ ଅନୁଷର ଚାଷୀଙ୍କୁ ବଣ୍ଟନ କରାଯାଇଛି। ଉଦ୍ୟାନ ଗବେଷଣା ସଂସ୍ଥାର ନିର୍ଦ୍ଦେଶକ ଡ. ତୁଷାର କାନ୍ତି ବେହେରା, କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ରର ମୁଖ୍ୟ ଡ. ଗୋବିନ୍ଦ ଆଚାର୍ଯ୍ୟ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡଃ ସଂଘମିତ୍ରା ପଟ୍ଟନାୟକ ଓ ଗୃହ ବିଜ୍ଞାନୀ ଡଃ ଝୁନିଲତା ଭୂୟାଁ, ଜିଲ୍ଲା ଉପଉଦ୍ୟାନ କୃଷି ନିର୍ଦ୍ଦେଶକ ଟଙ୍କଧର କାଲୋ, କେନ୍ଦ୍ରର ବୈଜ୍ଞାନିକ ଓ ଟେକ୍ନିକାଲ ଷ୍ଟାଫ ଯୋଗଦେଇ ଚାଷୀଙ୍କ ଉଦ୍ଦେଶ୍ୟରେ ଫଳ ଓ ପନିପରିବା ଚାଷ ଦ୍ୱାରା ଆୟକୁ ଦ୍ୱିଗୁଣିତ କରିବା ସହିତ ଫଳ ଓ ପନିପରିବାର ପ୍ରକ୍ରିୟାକରଣ, ଅମଳ ପରବର୍ତ୍ତୀ ଯତ୍ନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ତାରାଯୋଡି ଓ ଆଖପାଖ ଗ୍ରାମରୁ ୨୦୦ ଚାଷୀ ଯୋଗ ଦେଇଥିଲେ।

## ଚକ୍ଷୁ ପରୀକ୍ଷା ଶିବିର

ଶୁଳିଆପଦା,୨୧।୧୨(ସମିସ): ଶୁଳିଆପଦା ଗୋଷ୍ଠୀ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ସମଗ୍ର ଶିକ୍ଷା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର ମିଳିତ ସହଯୋଗରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଚକ୍ଷୁ ସମସ୍ୟା ଥିବା ୭ ଶହ ୭୧ ଜଣ ଛାତ୍ରଛାତ୍ରୀଙ୍କ "ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା'ରେ ଚକ୍ଷୁ ପରୀକ୍ଷା କରାଯାଇଛି। ୧୭୫ ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ଦେବାକୁ ସ୍ଥିର କରାଯାଇଥିବାବେଳେ ୭୧ ଜଣ ପିଲାଙ୍କୁ ଉଚ୍ଚ ଚିକିତ୍ସା ପାଇଁ ପ୍ରେରିତ କରିବା ପ୍ରସ୍ତାବ ରହିଛି। ୩୯ ଜଣ ପିଲାଙ୍କୁ ଔଷଧ ପ୍ରଦାନ କରାଯାଇଛି। ଓଏଭି, ଶୁଳିଆପଦା, କୋଷ୍ଠା ସରକାରୀ ଉଚ୍ଚବିଦ୍ୟାଳୟ, ମାଝିଆଣିତୋଫା ସରକାରୀ ଉଚ୍ଚବିଦ୍ୟାଳୟ ଓ ବାଘଡା ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଭୃତି ୪ଟି ଶିବିରରେ ପରୀକ୍ଷା କରାଯାଇଥିଲା। ପ୍ରଥମ ଦିନ ଶିବିରକୁ ଶୁଳିଆପଦା ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜଗନ୍ନାଥ ନାଏକ, କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏମଏଚଟି-୧ର ଡା. ମାନସ ବାରିକ, ଡା. ସିଦ୍ଧାର୍ଥ ଶଙ୍କର ବେହେରା, ଡା. ତନ୍ମୟ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିବାବେଳେ ଓଏଭି ଅଧ୍ୟକ୍ଷ ବିଜୟ ପୃଷ୍ଟି, ଏବିଇଓ ସରୋଜ ସାହୁ, ସମସ୍ତ ସିଆରସିସି, ଡାକ୍ତରୀ ଦଳ ସହଯୋଗ କରିଥିଲେ। ଅନ୍ୟ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହିତ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ବିଆରଟି ଶ୍ରୀଧର ସାହୁ ଓ ବିଆରଟି ପ୍ରଦୀପ ଦଳାଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଚକ୍ଷୁ ବିଶେଷଜ୍ଞ ଜ୍ୟୋତ୍ସ୍ନା ସ୍ୱାଇଁ, ଜୟନ୍ତୀ ସୁର, ସୁଚିସ୍ମିତା ସାହୁ ଚକ୍ଷୁ ପରୀକ୍ଷା କରିଥିଲେ।

# ପ୍ରତିଭା ଅନ୍ୱେଷଣର ପ୍ଲାଟ୍‌ଫର୍ମ ଓଷ୍ଟା ଶିଶୁ ଉତ୍ସବ

### ଜିଲ୍ଲାସ୍ତରୀୟ ଶିଶୁ ମେଳା ଉଦ୍‌ଯାପିତ

ଜଳେଶ୍ୱର,୨୧।୧୨(ସମିସ)



ଓଷ୍ଟାର ଜିଲ୍ଲା ସ୍ତରୀୟ ଦୁଇଦିନିଆ ଶିଶୁ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇ ଯାଇଛି। ଶାଳିକୋଠା, ସଦାସିବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଓଷ୍ଟାର ଜିଲ୍ଲା ସଭାପତି ମନୋରଂଜନ ଦାସ ସଭାପତିତ୍ୱ କରି କାର୍ଯ୍ୟକ୍ରମର ସଫଳତା ସଂପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଉପସଭାପତି ଅନୁସୂୟା ପ୍ରଧାନ ଯୋଗଦେଇ ଅଭିଭାବକ ଓ ଶିକ୍ଷକମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ ଶିକ୍ଷାର୍ଥୀର ଉନ୍ନତି ହୋଇଥାଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଓଷ୍ଟା ଜିଲ୍ଲା ପ୍ରଭାରୀ ତଥା ସଂପାଦକ ପ୍ରଣବ କୁମାର ଜେନା ଯୋଗଦେଇ ରାଜ୍ୟରେ ସର୍ବ ପ୍ରଥମେ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ଗୁଣର ବିକାଶ ଲାଗି ପ୍ରଚେଷ୍ଟା କରାଯାଇଥିବା ସଂଗଠନ ସଂପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍ଏମ୍ସି ସଭାପତି କେଦାର ଚରଣ ଗିରି, ସରପଞ୍ଚ ତପନୀ ଭୂୟାଁ, କାର୍ଯ୍ୟକାରିଣୀ ସଦସ୍ୟ ନିରଞ୍ଜନ ଦାସ, ଜଗବଂଧୁ ପଣ୍ଡା, ରମେଶ ଚନ୍ଦ୍ର ନାୟକ, ରେବତୀ ଜେନା, ବିଇଓ କୁଞ୍ଜବିହାରୀ ପ୍ରଧାନ, ସରୋଜ ବେହେରା, ବିଜୟ କୁମାର ପାତ୍ର, ତାରାପଦ ମହାନ୍ତି ପ୍ରମୁଖ ଯୋଗଦେଇ ଓଷ୍ଟା ଉତ୍ସବ ପ୍ରତିଭା ଅନ୍ୱେଷଣର ସଠିକ୍ ପ୍ଲାଟଫର୍ମ ବୋଲି କହିଥିଲେ। ୧୦ଟି ବିଭାଗରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବାକୁ ଥିବା ବେଳେ ପ୍ରମାଣପତ୍ର ଓ ଉପଢୌକନ ଦେଇ ପୁରସ୍କୃତ କରାଯାଇଥିଲା। ସରୋଜ ପାଣିଗ୍ରାହୀ ମଞ୍ଚ ଆହାନ, ହରମୋହନ ମହାନ୍ତ ଧନ୍ୟବାଦ ଅର୍ପଣ ଓ ସୁକୁମାର ମିଶ୍ର ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ।

# ‘ଢେଙ୍କାନାଳ ବରା’ର ସ୍ୱତନ୍ତ୍ରତା ପରଖିଲା ଐତିହ୍ୟ ପଦଯାତ୍ରା ଟିମ୍

ଢେଙ୍କାନାଳ,୨୧।୧୨(ସମିସ)

ସମଗ୍ର ରାଜ୍ୟରେ ‘ଢେଙ୍କାନାଳ ବରା’ର ସ୍ୱତନ୍ତ୍ର ପରିଚୟ ରହିଛି। ଏହାର ସ୍ୱାଦ, ଆକାର ଓ ପ୍ରସ୍ତୁତି ପ୍ରଣାଳୀ ଦୃଷ୍ଟିରୁ ଅନ୍ୟମାନଙ୍କ ଠାରୁ ନିଆରା। ଏହି ସ୍ୱାଦିଷ୍ଟ ଖାଦ୍ୟକୁ ନେଇ ପ୍ରତ୍ୟେକ ଢେଙ୍କାନାଳବାସୀ ଗର୍ବ କରିବା ସହ ରାଜ୍ୟର ପ୍ରମୁଖ ଖାଦ୍ୟ ତାଲିକାରେ ରହି ଆସିଛି। ଢେଙ୍କାନାଳର ଜନଜୀବନ ଓ ସାମାଜିକ ସଂସ୍କୃତି ସହ ବରାର କାହିଁ କେଉଁ ସୁଦୂର ଅତୀତରୁ ନିବିଡ଼ ସମ୍ପର୍କ ରହିଆସିଛି। ଅନ୍ୟ ଅର୍ଥରେ ବରା ଢେଙ୍କାନାଳ ଅନ୍ୟତମ ପରିଚୟ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ବରାକୁ ନେଇ ରହିଥିବା ଢେଙ୍କାନାଳର ଆବେଗକୁ ବୁଝିବା ଓ ଢେଙ୍କାନାଳ ବରାର ସ୍ୱତନ୍ତ୍ରତା ସମ୍ପର୍କରେ ଅଧିକ ଜାଣିବା ପାଇଁ ଆଜି ୩୨ତମ ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ସହରସ୍ଥିତ ବରାଦୋକାନଗୁଡ଼ିକରେ ପହଞ୍ଚି ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ଅବଗତ ହୋଇଥିଲେ। ‘ପ୍ରସିଦ୍ଧ ବରା’ ସ୍ୱତ୍ୱାଧିକାରୀ ପ୍ରସନ୍ନ ସାହୁ ପଦଯାତ୍ରୀଙ୍କୁ ଢେଙ୍କାନାଳରେ ବରାର ଆରମ୍ଭ, କେଉଁମାନେ ଏହାକୁ ସାର୍ବଜନୀନ କରିଥିଲେ, ବର୍ତ୍ତମାନ ଏହାର ପ୍ରସାର ସମ୍ପର୍କରେ କ’ଣ କରାଯିବା ଆବଶ୍ୟକ ଆଦି ପ୍ରସଙ୍ଗରେ ଆଲୋକପାତ କରିଥିଲେ। ସେହିପରି ଅନ୍ୟ ଏକ ବରା ଦୋକାନର ସ୍ୱତ୍ୱାଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ ମଧ୍ୟ ବରା ସମ୍ପର୍କରେ ଅବଗତ କରାଇଥିଲେ। ଢେଙ୍କାନାଳ ଜିଲ୍ଲାର ଏମିତି କୌଣସି ଅଞ୍ଚଳ ନାହିଁ, ଯେଉଁଠି ବରାର ଆଦର ନାହିଁ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମଗ୍ର ଢେଙ୍କାନାଳ ଜିଲ୍ଲାରେ ବରାର ଚାହିଦା ବେଶ୍ ଅଧିକ। ବିରି, ଚାଉଳ, ଛୋଟ କୋଳି ପିଆଜ, ଆମ୍ବକଷି ଅଦା, ଧନିଆପତ୍ର, କଞ୍ଚାଲଙ୍କାକୁ ମିଶାଇ ବାଦାମ ତେଲରେ ବରା ଛଣାଯାଉଥିବାରୁ ଢେଙ୍କାନାଳ ବରାର ସ୍ୱାଦ ଅନ୍ୟ ଅଞ୍ଚଳ ଅପେକ୍ଷା ସ୍ୱତନ୍ତ୍ର ଥିଲା। ଏହି ସ୍ୱତନ୍ତ୍ରତା ଯୋଗୁ ପୁରୁଣା ସିନେମା ଗୀତରେ ମଧ୍ୟ ଢେଙ୍କାନାଳ ବରାର ଉଲ୍ଲେଖ ରହିଛି। ପଦଯାତ୍ରୀମାନେ ବିଭିନ୍ନ ବରାଦୋକାନ ବୁଲିବୁଲି ତଥ୍ୟ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ମୃଣାଳ ଚାଟାର୍ଜୀ, ମଳୟ ରଞ୍ଜନ ପତି, ତପନ କୁମାର ଶତପଥୀ, ବିଶ୍ୱରଞ୍ଜନ ଦେହୁରୀ, ରମେଶ ଚନ୍ଦ୍ର ପତି, ଶ୍ରୀକାନ୍ତ ସିଂହ, ହୃଦାନନ୍ଦ ବେହେରା, ନାରାୟଣ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ସେଠୀ, ସୁନିତା ମହାପାତ୍ର, ଜନ୍ମେଜୟ ରାଉତଙ୍କ ସମେତ ଢେଙ୍କାନାଳ ସ୍ୱୟଂସହାୟକ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଢେଙ୍କାନାଳ ବରା ରାଜ୍ୟରେ ପ୍ରସିଦ୍ଧ ହୋଇଥିବାବେଳେ ବର୍ତ୍ତମାନ ଏହାର ସ୍ୱାଦକୁ ବଜାୟ ରଖିବାରେ ସହରର ପ୍ରତିଷ୍ଠିତ ବ୍ୟବସାୟୀମାନେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି।




## ବିଜେପି ଜିଲ୍ଲା କର୍ମକର୍ତ୍ତାଙ୍କ ନାମ ଘୋଷଣା

ଢେଙ୍କାନାଳ,୨୧।୧୨(ସମିସ): ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଢେଙ୍କାନାଳ ବିଜେପି ଜିଲ୍ଲା ସଭାପତି ରାସ ବିହାରୀ ବେହେରା ଜିଲ୍ଲା ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି। ଜିଲ୍ଲା ଉପସଭାପତି ଭାବେ ଧ୍ରୁବଚରଣ ସ୍ୱାଇଁ, ନିରୋଦ କୁମାର ସାହୁ, ବରୁଣ କୁମାର ସର, ସହଦେବ ପୃଷ୍ଟି, ସଞ୍ଜୟ କୁମାର ରାଉତ, ସଞ୍ଜୟ କୁମାର ଦାସ, ଇତିଶ୍ରୀ ସାହୁ, ମିନକେତନ ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ବିଷ୍ଣୁପ୍ରସାଦ ଲେଙ୍କା, ମାତୃପ୍ରସାଦ ନନ୍ଦ, ସୁଶାନ୍ତ ପତି, ଜିଲ୍ଲା ସମ୍ପାଦକ ଭାବେ ଅମ୍ବିକା ପ୍ରସାଦ ମିଶ୍ର, ପ୍ରଣତି ସାହୁ, ରୁନୁବାଳା ରାଉତ, ସଞ୍ଜୁକ୍ତା ହୋତା, ଜୟନ୍ତୀ ଦାସ, ମଞ୍ଜୁଲତା ସାହୁ, ଅଞ୍ଜନ କୁମାର ପାଣି, ପ୍ରଶାନ୍ତ କୁମାର ପ୍ରଧାନ ଓ ଜିଲ୍ଲା କୋଷାଧ୍ୟକ୍ଷ ଭାବେ ଆନନ୍ଦ ପ୍ରଧାନଙ୍କୁ ଘୋଷଣା କରାଯାଇଛି ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜିଲ୍ଲା ମିଡିଆ ପ୍ରଭାରୀ ନବକିଶୋର ଗୁରୁ ଜଣାଇଛନ୍ତି।

## ଜିରାଳ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ




ଭୁବନ,୨୧।୧୨(ସମିସ): ଭୁବନ ବ୍ଲକ୍ ଅନ୍ତର୍ଗତ ଜିରାଳ ମହାବିଦ୍ୟାଳୟର ୪୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହିମାଂଶୁ ଖଡ଼ୀରତ୍ନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କାମାକ୍ଷା ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି, ବିରଞ୍ଚି ନାରାୟଣ ସାମଲ ମୁଖ୍ୟ ବକ୍ତା, ଜିଲ୍ଲା ପରିଷଦ ସଭ୍ୟା ଶୀଳ ରାଣୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦୀପ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଦୁର୍ଗା ପ୍ରସାଦ ମୁଦୁଲି ଅତିଥି ପରିଚୟ ପ୍ରଦାନ କରିଥିଲେ। କୈଳାସ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଧନ୍ଦାମୂଳକ କେନ୍ଦ୍ର ଉଦ୍‌ଘାଟନ କରାଯାଇଥିଲା। ବିଦ୍ୟାର୍ଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ



ଖଜୁରିଆକଟା,୨୧।୧୨(ସମିସ): ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁକୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଛୋଟ ପିଲାଙ୍କୁ ମାତ୍ରାଧିକ ମୋବାଇଲ ବ୍ୟବହାର ଠାରୁ ଦୂରରେ ରଖିବା ସହ ସେମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଦିଗରେ ଅଭିଭାବକ ମାନେ ଗୁରୁତ୍ୱ ଦେବାକୁ ମୁଖ୍ୟବକ୍ତା ହେମନ୍ତ କୁମାର ପାଣିଗ୍ରାହୀ କହିଥିଲେ। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ବି ସମ୍ପାଦକ ଶଶୀଭୂଷଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହିଅବସରରେକୃତୀଛାତ୍ରଛାତ୍ରୀଙ୍କୁପୁରସ୍କୃତକରାଯାଇଥିଲା। ବିଦ୍ୟାଳୟପାଇଁ ଭୂମିଦାନ କରିଥିବା କୁକୁଟା ଗ୍ରାମ ନିବାସୀ ବିରାଜ ସାହୁଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ।

## ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ବାର୍ଷିକ ଅଧିବେଶନ ଓ କର୍ମକର୍ତ୍ତା ଚୟନ




ଢେଙ୍କାନାଳ,୨୧।୧୨(ସମିସ): ସ୍ଥାନୀୟ ବିଦ୍ୟୁତ୍ ସଂଘ କାର୍ଯ୍ୟାଳୟରେ ମଳୟ କୁମାର ନନ୍ଦଙ୍କ ସଭାପତିତ୍ୱରେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ବାର୍ଷିକ ଅଧିବେଶନ ଓ ଡିଭିଜନସ୍ତରୀୟ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଗୁଳ ଡିଭିଜନ ସମ୍ପାଦକ ସୁରେନ୍ଦ୍ର କୁମାର ଦାସ ଓ ତାଳଚେର ଡିଭିଜନ ସମ୍ପାଦକ ବିକାଶ ଚରଣ ସାହୁ ଉପସ୍ଥିତ ରହିଥିବାବେଳେ ଢେଙ୍କାନାଳ ଡିଭିଜନର ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ ସଭାରେ ସଂଘର ସୁବିଧା ଓ ଅସୁବିଧା ବିଷୟରେ ବିଷଦ ଭାବେ ଆଲୋଚନା ହୋଇଥିଲା ଏବଂ ବିଭିନ୍ନ ଅଭିଯୋଗର ସମାଧାନ କରିବା ବିଷୟରେ ଆଲୋଚନା ହୋଇଥିଲା। ପରେ କର୍ମକର୍ତା ଚୟନ କରାଯାଇଥିଲା। ଡିଭିଜନ ସଂପାଦକ ଭାବେ ମୃତ୍ୟୁଞ୍ଜୟ ପ୍ରଧାନ, ସହ ସମ୍ପାଦକ ଭାବେ ଶଷଧର ବେହେରା ଓ ଉପେନ୍ଦ୍ର ମହାନ୍ତି, ମିଡିଆ ସେଲ୍ ସଂପାଦକ ଭାବେ ବସନ୍ତ କୁମାର ରଣା, ଆସିଷ୍ଟାଣ୍ଟ ସାଙ୍ଗଠନିକ ସମ୍ପାଦକ ଭାବେ ବିଜୟ ବାରିକ୍ ଓ ପ୍ରମୋଦ ସାହୁ, ଡିଭିଜନ ସାଂଗଠନିକ ସମ୍ପାଦକ ଭାବେ ସୁଜିତ୍ ଶତପଥୀ, କୋଷାଧ୍ୟକ୍ଷ ଭାବେ ବିକାଶ କୁମାର ସାହୁଙ୍କୁ ଚୟନ କରାଯାଇଥିଲା।

## ହିନ୍ଦୋଳ ମହାବିଦ୍ୟାଳୟ ଗଣିତ ବିଭାଗର ଜାତୀୟ ସେମିନାର



ହିନ୍ଦୋଳ,୨୧।୧୨(ସମିସ): ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ଅଡିଟରୀୟମ୍‌ରେ ଦୁଇ ଦିନ ଧରି ଗଣିତ ବିଭାଗର ଜାତୀୟ ସେମିନାର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଆୟୋଜିତ କର୍ମଶାଳାରେ କାର୍ଯ୍ୟକ୍ରମର ଆବାହକ ତଥା ଗଣିତ ବିଭାଗର ମୁଖ୍ୟ କ୍ୟାପଟେନ ଡଃ କିଶୋର କୁମାର ପୃଷ୍ଟି ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ସୁକାନ୍ତ କୁମାର ପତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଷୟ ଭିତ୍ତିକ ବିଶେଷଜ୍ଞ ରୂପେ ଗଣିତ ପ୍ରତିଷ୍ଠାନ, ଭୁବନେଶ୍ୱରର ଅବସରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ସୁଦର୍ଶନ ପାଢ଼ୀ, ଆଇ ଆଇ ଟି , ଖଡ଼ଗପୁରର ପ୍ରଫେସର ଚଣ୍ଡାଳ ନାହାକ, ଓଡ଼ିଶା ଗଣିତ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଯଶୋବନ୍ତ ଜେନା , ଓ ଏମ୍ ଏସ୍,ଭୁବନେଶ୍ୱରର ଅବସରପ୍ରାପ୍ତ ସଭାପତି ପ୍ରଫେସର ନଳିନୀ କାନ୍ତ ଚୌଧୁରୀ, ବୈଷୟିକ ବିଶ୍ୱବିଦ୍ୟାଳୟ, ସରାଙ୍ଗର ଅବସରପ୍ରାପ୍ତ ପ୍ରଫେସର ସ୍ମୃତି ମହାନ୍ତି, ଶିକ୍ଷା ଓ ଅନୁସନ୍ଧାନ ପ୍ରତିଷ୍ଠାନର ପ୍ରଫେସର ସତ୍ୟରଞ୍ଜନ ମିଶ୍ର, ବୀର ସୁରେନ୍ଦ୍ର ସାଏ ବୈଷୟିକ ଶିକ୍ଷା ବିଶ୍ୱବିଦ୍ୟାଳୟର ପ୍ରଫେସର ଜୟ ପ୍ରକାଶ ପଣ୍ଡା , ରାଞ୍ଚିସ୍ଥିତ ସାରଳା ବିର୍ଲା ବିଶ୍ୱବିଦ୍ୟାଳୟର ପ୍ରଫେସର ବିଷ୍ଣୁ ଚରଣ ରାଉତ ଓ ଆଇ ଆଇ ଟି , ଭୁବନେଶ୍ୱରର ପ୍ରଫେସର ଏସ ଡି ସାହୁ ପ୍ରମୁଖ ଆପ୍ଲିକେସନ ଅଫ୍ ମ୍ୟାଥମେଟିକ୍ସ୍ ଇନ୍ ଡାଟା ସାଇନ୍ସ ଉପରେ ଗବେଷଣାତ୍ମକ ତଥ୍ୟ ଉପସ୍ଥାପିତ କରିଥିଲେ।ଏହି ସେମିନାରରେ ପି ଏମ୍ - ଉଷାର ନୋଡାଲ ଅଫିସର ଦିଲ୍ଲୀପ କୁମାର ଗଡନାୟକ , ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର, ଇତିହାସ ବିଭାଗ ମୁଖ୍ୟ ଡଃ ମହେନ୍ଦ୍ର କୁମାର ସ୍ୱାଇଁ,ଗଣିତ ବିଭାଗ ଅଧ୍ୟାପିକା ସୀମା ସ୍ମୃତିରେଖା ମିଶ୍ର, ସୂଚନା ପ୍ରଯୁକ୍ତି ବିଦ୍ୟା ମୁଖ୍ୟ କୃପାସିନ୍ଧୁ ବେହେରା , କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ସକ୍ରିୟ ସହଯୋଗ କରିଥିଲେ। ଉଦଯାପନ ଦିବସରେ ଆଇ କ୍ୟୁ ଏ ସି ସଂଯୋଜକ ତଥା ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉତ୍ସବ

ଢେଙ୍କାନାଳ,୨୧।୧୨(ସମିସ): ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ୪୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଗୋବର୍ଦ୍ଧନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ନିରୀକ୍ଷଣ ଅଧିକାରୀ ତଥା ଅନୁଷ୍ଠାନର ବରିଷ୍ଠ ସଭ୍ୟ ନିରାକାର ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ କ୍ରୀଡା ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିବା ସହ ବିଭିନ୍ନ ବିଭାଗ ଦ୍ୱାରା ଚମ୍ପିୟନ ଛାତ୍ରଛାତ୍ରୀଙ୍କୁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଅଜୟ କୁମାର ବଳ ପ୍ରାରମ୍ଭିକ ସୂଚନା ସହିତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଶାରୀରିକ କ୍ରୀଡ଼ା ପ୍ରଦର୍ଶନକୁ ଅନୁଷ୍ଠାନର କ୍ରୀଡା ଶିକ୍ଷକ ସନ୍ତୋଷ କାନୁନଗୋ ପରିଚାଳନା କରିଥିଲେ ଏବଂ ଅନୁଷ୍ଠାନର ସମସ୍ତ ଅପାଭାଇମାନେ ସହଯୋଗ କରିଥିଲେ। ସମ୍ପାଦକ ଓ ସମସ୍ତ ପରିଚାଳନା। କର୍ମକର୍ତ୍ତା ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ ଓ କ୍ରୀଡ଼ା କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ହୋଇଥିଲା। ଉକ୍ତ କ୍ରୀଡା ପ୍ରତିଯୋଗିତାରେ ସମ୍ପୂର୍ଣ୍ଣା ନାୟକ, ଶିଭଂଶ ତ୍ରିପାଠୀ, ଅଫସିନି ପରବିନ, ସାଇଦୀପ ସାଲମ, ସାଇଶ୍ରୀ ସେନାପତି, ଅର୍ଚ୍ଚିତା ସେଠୀ, ଶୁଭଶ୍ରୀ ବେହେରା, ବିଶ୍ୱଜିତ ସେଠୀ, ଚନ୍ଦ୍ରଶେଖର ଆଚାର୍ଯ୍ୟ ଓ ସିଧିକ୍ଷା ଶ୍ରୀୟାଦିତ ଚାମ୍ପିଅନ ହୋଇ ପୁରସ୍କୃତ ହୋଇଛନ୍ତି।



## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଢେଙ୍କନାଳ,୨୧।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ ନିଶ୍ୱାର୍ଡ ଏବଂ କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଶାଖା ମୋ ଭାରତ ଢେଙ୍କାନାଳ ମିଳିତ ଆନୁକୂଲ୍ୟରେ ଗଦାଶିଳା ଗ୍ରାମପଞ୍ଚାୟତ ଉପକଣ୍ଠ ଦାଣ୍ଡିମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଦୁଇଦିନିଆ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଦାଣ୍ଡିମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମର କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ପୁରୁଷୋତ୍ତମ ରାଉତ, ସମ୍ମାନିତ ଅତିଥି ଭାବେ ଉତ୍କଳ ଭାରତୀ ଯୁବ ସେବା ସଂଘର ସଭାପତି ଜଗବନ୍ଧୁ ସ୍ୱାଇଁ, ଦାଣ୍ଡିମାଳ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବନମାଳୀ ସାହୁ, ବ୍ରହ୍ମବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ବାଳକମାନଙ୍କ ମଧ୍ୟରେ ଫୁଟବଲ୍, ବାସ୍କେଟ ବଲ ଓ ବାଳିକା ମାନଙ୍କ ମଧ୍ୟରେ ସ୍ଲୋ ସାଇକଲ ରେସ୍, ବ୍ୟାଡମିଣ୍ଟନ, ରିଲେ ରେସ୍ ଓ ଟାଇକ୍ୱୋଣ୍ଡୋ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ତୃପ୍ତିମୟୀ ରାଣା ଓ ଫୁଟବଲ ମ୍ୟାଚ ରେଫରି ଭାବେ ବିଶ୍ୱଜିତ୍ ପ୍ରସାଦ ସାହୁ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ୮୦ରୁ ଉର୍ଦ୍ଧ୍ୱ ବାଳକ ଓ ବାଳିକା ବର୍ଗର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନୁଷ୍ଠାନର ପ୍ରମୁଖ ସଦସ୍ୟ ଶକ୍ତି ପ୍ରସାଦ ମିଶ୍ର, ରାକେଶ କୁମାର ରାଉତ ଓ ବିକାଶ କୁମାର ରାଉତ କ୍ରୀଡ଼ା ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ମୋ’ ଭାରତ ଢେଙ୍କାନାଳ ଶାଖାର କାର୍ଯ୍ୟକାରୀ ଅଧିକାରୀ ଶଶାଙ୍କ ଶେଖର ମହାପାତ୍ର ଓ ନିଶ୍ୱାର୍ଡ ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାକୁ ସଫଳ ରୂପାୟନ ଦେବା ସଙ୍ଗେ ସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ।



## ଗ୍ରାମୀଣ ବ୍ୟାଙ୍କର ଶୀତକାଳୀନ କ୍ରିକେଟ୍ ଚାମ୍ପିଅନସିପ୍




ଢେଙ୍କନାଳ,୨୧।୧୨(ସମିସ): ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ୍‌ରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଢେଙ୍କାନାଳ ଜୋନ ତରଫରୁ ଶୀତକାଳୀନ କ୍ରିକେଟ ଚମ୍ପିଅନସିପ୍ ଆୟୋଜିତ ହୋଇଥିଲା। ଏଥିରେ ୪ଟି ଦଳ ଭାଗ ନେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରିଜିଓନାଲ ମ୍ୟାନେଜର ପଙ୍କଜ କୁମାର ଜୈନ ଯୋଗଦେଇଥିଲେ। ରିଜିଓନାଲ ଅଫିସ ପକ୍ଷରୁ ସୋନାଲି ମହାନ୍ତି, ଦେବାଶିଷ ପୁରୋହିତ, ଦୀପକ ଦାର୍ଶନିଆ, ଦେବସ୍ମିତା ଷଡ଼ଙ୍ଗୀ, ସ୍ୱାଗତିକା ପାତ୍ର, ଆଶିଷ ପ୍ରଧାନ, ଅପରାଜିତା ପାତ୍ର ଏବଂ କୈବଲ୍ୟ ନାୟକ ଯୋଗଦେଇଥିଲେ। ଅକ୍ଷୟ ଷଡ଼ଙ୍ଗୀ ନିଜର ସମର୍ଥନ କରିଥିଲେ। ମୁଖ୍ୟ ଆୟୋଜକ ଢେଙ୍କାନାଳ ଶାଖାର ପରିଚାଳକ ଦେବାଶିଷ ପରିଡ଼ା ଏବଂ ଅମିତ ନାହକ ଖେଳକୁ ପରିଚାଳନା କରିଥିଲେ। ଢେଙ୍କାନାଳ ରୟାଲ ଚ୍ୟାଲେଞ୍ଜର ବିଜୟୀ ହୋଇଥିଲା।

● ଅଶ୍ୱ ଖୋଲା ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ

# ‘ସକାରାତ୍ମକ ସ୍ୱପ୍ନ ଦେଖ, ମଣିଷ ପରି ମଣିଷ ହୁଅ’

ଗଁଦିଆ,୨୧।୧୨(ସମିସ)

ଗଁଦିଆ ବ୍ଲକ୍ ବରଦା ଗ୍ରାମରେ ଥିବା ଅଶ୍ୱ ଖୋଲା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନବ କିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଁଦିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ହରିହର ସାହୁ ଛାତ୍ରଛାତ୍ରୀ ସକାରାତ୍ମକ ସ୍ୱପ୍ନ ଦେଖି ମଣିଷ ପରି ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରଦା ଗ୍ରାମପଞ୍ଚାୟତର ସରପଞ୍ଚ ଦୀପ୍ତିମୟୀ ବେହେରା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ସ୍ୱାଇଁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କା, ପୂର୍ବତନ ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରା, ପଞ୍ଚସଖା ସେତୁର ସଭାପତି ବନ ବିହାରୀ ସାହୁ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅନନ୍ତଚରଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସରୋଜିନୀ ନାୟକ ଧନ୍ୟବାଦଅର୍ପଣକରିଥିଲେ।୧୯ ତାରିଖରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ କାହ୍ନା ସାହୁ ଓ କଳ୍ପନା ଦେହୁରୀ ଚାମ୍ପିଅନ ହୋଇଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଶ୍ରୀକାନ୍ତ ପୁହାଣ ଓ ମନମୋହନ ରାଉତଙ୍କୁ ମରୋଣତ୍ତର ଶିକ୍ଷା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରା, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନବକିଶୋର ମହାନ୍ତି, କ୍ରୀଡ଼ା ଶିକ୍ଷକ ଅନନ୍ତ ଚରଣ ଜେନା, ଶିକ୍ଷୟିତ୍ରୀ ସରୋଜିନୀ ନାୟକ, ରଙ୍ଗଲତା ଭୂୟାଁଙ୍କ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଚକ୍ରଧର ଭୋଇ, ନିଶିକାନ୍ତ ସାହୁଙ୍କ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ। କୃଷ୍ଣଚନ୍ଦ୍ର ରାଉତ, ଅଶ୍ୱିନୀ କୁମାର ମହାପାତ୍ର, ରଶ୍ମୀରଞ୍ଜନ କୁଣ୍ଡୁ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



## ଗଁଦିଆରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍

ଗଁଦିଆ,୨୧।୧୨(ସମିସ): ଗଁଦିଆ ବ୍ଲକର ମିନି ଷ୍ଟାଡିୟମ ଠାରେ ୪ଟି ଦଳକୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସଙ୍ଘ, ପୁଲିସ ଏକାଦଶ, ବ୍ଲକ ଏକାଦଶ ଓ ପି ଆର ଆଇ ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପୁଲିସ ଟିମ ଓ ବ୍ଲକ ଟିମ ମଧ୍ୟରେ ଅନୁଷ୍ଠିତ ଖେଳରେ ପୁଲିସ ଟିମ ବିଜୟୀ ହୋଇଥିଲା ଓ ପରବର୍ତ୍ତୀ ମ୍ୟାଚ ସାମ୍ବାଦିକ ସଙ୍ଘ ଓ ପିଆର୍‌ଆଇ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପି ଆର ଆଇ ଟିମ ବିଜୟୀ ହୋଇଥିଲା। ଫାଇନାଲ ଖେଳ ପୁଲିସ ଟିମ ଓ ପି ଆର ଆଇ ଟିମ ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ପିଆରଆଇ ଟିମ ୧୦ଓଭର ଖେଳି ୪ଉଇକେଟ ହରାଇ ୧୨୬ରନ ସଂଗ୍ରହ କରିଥିଲା। ଜବାବରେ ପୁଲିସ ଟିମ ୪ଉଇକେଟ ହରାଇ ୧୦୨ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କର ଗଁଦିଆ ବ୍ଲକ ପ୍ରତିନିଧି ରତିକାନ୍ତ ସାହୁ, ସାମ୍ମାନିତି ଅତିଥି ଭାବରେ ଗଁଦିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା ଗଁଦିଆ ଥାନାର ପୂର୍ବତନ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ପ୍ରମୁଖ ଗଁଦିଆ ପ୍ରେସ କ୍ଲବ ସଭାପତି ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦାନ କରି ବିଜେତା ଓ ଉପବିଜେତା ଦଳକୁ କପ ପ୍ରଦାନ କରିଥିଲେ।



### ଭଞ୍ଜନଗରରେ ପାମୋଲିନ୍ ଚାଷ ପ୍ରତି ବଢ଼ୁଛି ଆଗ୍ରହ

# ୪୦୦ ହେକ୍ଟର ଜମିରେ ହେବ ପାମୋଲିନ୍ ଚାଷ

ଭଞ୍ଜନଗର,୨୧ ।୧୨(ସମିସ)

କେନ୍ଦ୍ର ସରକାର ପାମୋଲିନ୍ ଚାଷ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହନ ଦେଉଛନ୍ତି। ଫଳରେ ଚାଷୀମାନେ ଏହି ଲାଭଜନକ ଚାଷ କରିବାକୁ ଆଗ୍ରହ ଦେଖାଉଛନ୍ତି। ପୂର୍ବରୁ ଗଞ୍ଜାମ ଜିଲ୍ଲାରେ ପାମୋଲିନ୍ ଚାଷ ହେଉନଥିବା ବେଳେ ଗତ ଦୁଇବର୍ଷ ହେବ ଭଞ୍ଜନଗର ଉପଖଣ୍ଡରେ ପ୍ରଥମ କରି କିଛି ଅଳ୍ପ ଜମିରେ ପାମୋଲିନ୍ ଚାଷ କରାଯାଇଥିଲା। ଭଞ୍ଜନଗର, ବୁଗୁଡ଼ା, ଧରାକୋଟ ବ୍ଲକର କିଛି ଚାଷୀ ପାମୋଲିନ୍ ଚାଷ କରିଥିବା ବେଳେ ଚଳିତବର୍ଷ ଉପଖଣ୍ଡର ୪୦୦ ହେକ୍ଟର ଜମିରେ ପାମୋଲିନ୍ ଚାଷ ହେବା ନେଇ ଲକ୍ଷ୍ୟ ରଖାଯାଇଥିବା ଉଦ୍ୟାନ୍ କୃଷି ବିଭାଗ ପକ୍ଷରୁ କୁହାଯାଇଛି। ପାମୋଲିନ ଚାଷ କରୁଥିବା ଚାଷୀମାନଙ୍କୁ ସହାୟତା କରିବାକୁ ଗୋଦରେଜ ଏଗ୍ରୋଭେଟ୍ ଲିମିଟିଡ୍ ନାମକ ଏକ ଘରୋଇ ସଂସ୍ଥା ସହିତ ଚୁକ୍ତି ନାମା ହୋଇଛି। ସେହି ସଂସ୍ଥା ଭଞ୍ଜନଗର ଉପଖଣ୍ଡ ସମେତ ସମଗ୍ର ଗଞ୍ଜାମ ଜିଲ୍ଲାର ଚାଷୀଙ୍କୁ ପାମୋଲିନ୍ ଚାଷ ସମ୍ପର୍କରେ ପରାମର୍ଶ ଓ ମାର୍ଗଦର୍ଶନ କରୁଛନ୍ତି। ୪ ବର୍ଷରେ ଉକ୍ତ ଗଛରେ ଫଳ ଉତ୍ପାଦନ ହେବା ପରେ ଉକ୍ତ ସଂସ୍ଥା ଚାଷୀଙ୍କ ଠାରୁ ଉଚିତ ମୂଲ୍ୟ ଦେଇ କ୍ରୟ କରିବା ସହିତ ଉକ୍ତ ଫଳରୁ ତେଲ ବାହାର କରି ସରକାରଙ୍କୁ ପ୍ରଦାନ କରିବା ଚୁକ୍ତିନାମା ରହିଛି। ଉଦ୍ୟାନ କୃଷି ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ଚଳିତବର୍ଷ ଉପଖଣ୍ଡର ଭଞ୍ଜନଗର ବ୍ଲକର ୬୦ ହେକ୍ଟର, ଜଗନ୍ନାଥପ୍ରସାଦ ବ୍ଲକର ୫୦ ହେକ୍ଟର, ବେଲଗୁଣ୍ଠା ବ୍ଲକର ୨୦ ହେକ୍ଟର, ସୋରଡ଼ା ବ୍ଲକର ୭୦ ହେକ୍ଟର, ଆସ୍କା ବ୍ଲକର ୩୦ ହେକ୍ଟର, ବୁଗୁଡ଼ା ବ୍ଲକର ୮୦ ହେକ୍ଟର,ଶେରଗଡ଼ ବ୍ଲକର ୪୦ ହେକ୍ଟର, ଧରାକୋଟ ବ୍ଲକର ୫୦ ହେକ୍ଟର ଜମିରେ ପାମୋଲିନ୍ ଚାଷ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା କିଛି ଜମିରେ ପାମୋଲିନ୍ ଚାଷ ଆରମ୍ଭ ହୋଇସାରିଛି। ଅବଶିଷ୍ଟ ଖୁବ୍‌ଶୀଘ୍ର ଚାଷ କରାଯିବ ବୋଲି ଉଦ୍ୟାନ୍ କୃଷି ବିଭାଗ ପକ୍ଷରୁ କୁହାଯାଇଛି। ପାମୋଲିନ୍ ଗଛ ୪ବର୍ଷ ପରେ ଫଳ ଉତ୍ପାଦନ ଆରମ୍ଭ ହେବ। ଏଣୁ ୪ ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଉପରେ ଉକ୍ତ ସଂସ୍ଥା, ଚାଷୀ ଓ ଉଦ୍ୟାନ କୃଷି ବିଭାଗ ଅଧିକ ଗୁରୁତ୍ୱ ଦେବ। ପାମୋଲିନ୍ ଉତ୍ପାଦନ ହେବା ପର୍ଯ୍ୟନ୍ତ ଗଛ ମଝିରେ ପନିପରିବା ଚାଷ ପାଇଁ ମଧ୍ୟ ବ୍ୟବସ୍ଥା ରହିଛି। ରକ୍ଷଣାବେକ୍ଷଣ, ଅନ୍ତଫସଲ, ଜିଆଖତ ଟାଙ୍କି, ବୁନ୍ଦା ଜଳସେଚନ,ପମ୍ପସେଟ୍ କ୍ରୟ,ଗଭୀର ନଳକୂପ ଖନନ,ଫଳ ଅମଳ ଯନ୍ତ୍ରାଂଶ,ସିଡ଼ି ଓ ଚାଫ କଟର ପାଇଁ ହେକ୍ଟର ପିଛା ଦେଢ ଲକ୍ଷରୁ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ସହାୟତା ପ୍ରଦାନ କରାଯାଉଛି। ୪ ବର୍ଷ ପରେ ପ୍ରତିମାସରେ ଜଣେ ଚାଷୀ ହେକ୍ଟର ପିଛା ୧୪ ରୁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବେ। ପ୍ରତି ହେକ୍ଟରରେ ଚାଷୀ ମାସକୁ ୨.୫ ଟନ୍ ପର୍ଯ୍ୟନ୍ତ ପାମୋଲିନ୍ ଫଳ ଉତ୍ପାଦନ ହେବା ଲକ୍ଷ୍ୟ ଥିବା ବେଳେ ଉକ୍ତ ସଂସ୍ଥା ଚାଷୀଙ୍କ ଠାରୁ ଉଚିତ ଦରରେ ଫଳ କିଣିବ ବୋଲି ଉଦ୍ୟାନ ବିଭାଗ କହିଛି।



## ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ



ମୋହନା,୨୧।୧୨(ସମିସ): ଆର. ଉଦୟଗିରି ବ୍ଲକ୍ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ କେଏମ୍ ଭାଲିଆସାହିରେ ପିଏମ୍‌ଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରହ୍ଲାଦ ଶିଅଳ ଓ ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ଦଳବେହେରାଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା। ମୁଖ୍ୟଅତିଥି ଭାବେ ଛେଳିଗଡ଼ ପୁଲିସ୍ ଅଧିକାରୀ ପ୍ରବୀର କୁମାର ଜଗତସିଂ ଏବଂ ଦାଶରଥି ଶବର, ୱାର୍ଡସଭ୍ୟ ଭୂବନାନନ୍ଦ ନାୟକ, ଗ୍ରାମ ମୁଖିଆ ଘନଶ୍ୟାମ ବେହେର୍ଦ୍ଦଲାଇ, ବିଘ୍ନେଶ୍ୱର ଆଦି ବ୍ୟକ୍ତିମାନେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ବିଷୟକୁ ନେଇ ପିଲାଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ପ୍ରକଳ୍ପ ଏବଂ ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀକୁ ପୁରସ୍କୃତ କରାଯାଇଥିଲା। ସେହିପରି ଛାତ୍ରଛାତ୍ରୀଙ୍କ ପ୍ରତିଭାର ବିକାଶ ପାଇଁ ବିଭିନ୍ନ ପ୍ରକାର ସୃଜନାତ୍ମକ କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାମୀଣ ହାଟ ବଜାର ଅନୁଷ୍ଠିତ ହୋଇ ପିଲାମାନେ ବିକାକିଣାର ନୀତି ନିୟମ ଏବଂ ଲାଭକ୍ଷତି ବିଷୟରେ ଧାରଣା ପ୍ରାପ୍ତ କରିଥିଲେ। କାର୍ଯ୍ୟକ୍ରମରେ ଯୁଧିଷ୍ଠିର ପାଇକ ମଞ୍ଚ ପରିଚାଳନା କରିଥିଲା ବେଳେ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଫିରିଙ୍ଗିଆରେ ଶାନ୍ତି କମିଟି ବୈଠକ

ଫିରିଙ୍ଗିଆ,୨୧।୧୨(ସମିସ): ଶାନ୍ତିଶୃଙ୍ଖଳାରେ ବଡ଼ଦିନ ପାଳନ କରିବାକୁ ବ୍ଲକ ପ୍ରଶାସନ ତରଫରୁ ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଫିରିଙ୍ଗିଆ ତହସିଲଦାର ଜ୍ୟୋତି ପ୍ରକାଶ ସେଠୀଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆ, ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ, ବିଏସ୍‌ଏସ୍‌ଓ ଜ୍ଞାନରଞ୍ଜନ ସେଠୀ ଯୋଗ ଦେଇଥିଲେ। ବିଭିନ୍ନ ଚର୍ଚ୍ଚର ସଭାପତିଙ୍କ ସହ ଖ୍ରୀଷ୍ଟ ଧର୍ମାବଲମ୍ବୀ, ପାଣକୁଳ ସମାଜ ସଭାପତି ଚନ୍ଦ୍ର ମୋହନ ନାୟକ, ବରିଷ୍ଠ କୁଇ ସମାଜ କର୍ମକର୍ତ୍ତାଙ୍କ ସହ ଅଞ୍ଚଳର ଜନସାଧାରଣ ଯୋଗ ଦେଇଥିଲେ। ତହସିଲଦାର ଜ୍ୟୋତି ପ୍ରକାଶ ସେଠୀ ଶାନ୍ତି ବଜାୟ ରଖିବା ସହ ସମସ୍ତେ ଭାଇଚାରାରେ ବଡ଼ଦିନ ପାଳନ କରିବାକୁ ବକ୍ତବ୍ୟ ରଖିଥିଲେ। ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ଉପସ୍ଥିତ ସମସ୍ତଙ୍କୁ ଶାନ୍ତି ଶୃଙ୍ଖଳା ସହ ବଡ଼ ଦିନ ପାଳନ କରିବାକୁ ନିବେଦନ କରିଥିଲେ। ଆସନ୍ତା ଡିସେମ୍ବର ୨୫ ପୂର୍ବରୁ ସୁରକ୍ଷା ଓ ଶାନ୍ତି ବଜାୟ ରଖିବାକୁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଉପସ୍ଥିତ ଜନସାଧାରଣ ଦୀର୍ଘ ଦିନରୁ ଘଟିଥିବା ଘଟଣାକୁ ଭୁଲି ଶାନ୍ତିର ସହ ବଡ଼ ଦିନ ପାଳନ କରାଯିବ ବୋଲି କହିଥିଲେ।

## ଡିଜିଟାଲ ଡକ୍ୟୁମେଣ୍ଟେସନ ପ୍ରଶିକ୍ଷଣ ଶିବିରରେ ଗ୍ରେସିଙ୍ଗିଆ ସରପଞ୍ଚ

ଜି.ଉଦୟଗିରି,୨୧।୧୨(ସମିସ): ଜି.ଉଦୟଗିରି ବ୍ଲକ ଗ୍ରେସିଙ୍ଗିଆ ପଞ୍ଚାୟତର ମହିଳା ସରପଞ୍ଚ ତ୍ରିଶିଳା ପ୍ରଧାନ ଏନ୍‌ଆଇଆର୍‌ଡି ହାଇଦ୍ରାବାଦରେ ଅନୁଷ୍ଠିତ ପଞ୍ଚାୟତ ପରିଚାଳନା ନିମନ୍ତେ ଡିଜିଟାଲ ଡକ୍ୟୁମେଣ୍ଟେସନ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ତରଫରୁ କନ୍ଧମାଳ ଜିଲ୍ଲାରୁ ଜଣେ ମାତ୍ର ମହିଳା ସରପଞ୍ଚ ଓ ଓଡ଼ିଶାରୁ ସମୁଦାୟ ୪ ଜଣ ସରପଞ୍ଚ ଉକ୍ତ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ପଞ୍ଚାୟତ ଅଞ୍ଚଳରେ ହେଉଥିବା ବିକାଶମୂଳକ କାର୍ଯ୍ୟ ଗୁଡ଼ିକର ଡିଜିଟାଲ ଡକ୍ୟୁମେଣ୍ଟେସନ କିପରି ଭାବେ ପ୍ରସ୍ତୁତ କରାଯିବ ଯାହା ଭବିଷ୍ୟତରେ କାର୍ଯ୍ୟରେ ଆସିବା ସହ ନିଜ ଅଞ୍ଚଳରେ ହେଉଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା ଓ ଅଗ୍ରଗତିରେ କାମରେ ଆସିପାରିବ। ଦୁଇଦିନିଆ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ନେଇ ବହୁତ କିଛି ଶିଖିପାରିଛି ଓ ତାହା ତାଙ୍କ ପଞ୍ଚାୟତରେ କାର୍ଯ୍ୟରେ ପ୍ରୟୋଗ କରିବେ ବୋଲି ତ୍ରିଶିଳା କହିଛନ୍ତି।



## ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

କୋଦଳା,୨୧।୧୨(ସମିସ): ବେଗୁନିଆପଡା ବ୍ଲକ ନିକଟସ୍ଥ ବାପୁଜୀ ଷ୍ଟାଡିୟମ ଠାରେ ପାୟୋନିୟର କ୍ରିକେଟ କ୍ଲବ ତତ୍ତ୍ୱାବଧାନରେ ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ବିଜେପି ରାଜ୍ୟ ପରିଷଦ ସଦସ୍ୟ ସତୀଶ ରଞ୍ଜନ ତାରିଣୀ, ସରପଞ୍ଚ କାଶୀନାଥ ବେହେରା, ଶିବ ଶଙ୍କର ବାରିକ, ସନ୍ତୋଷ କୁମାର ସ୍ୱାଇଁ, ପଙ୍କଜ କୁମାର ସେଠି, ମୁକୁନ୍ଦ ମାଧବ ସ୍ୱାଇଁ, ବିନୋଦ ଚନ୍ଦ୍ର ଜେନା, ପ୍ରତିମା ପାଢ଼ୀ, ସମିତି ସଭ୍ୟା ସୁଚିତ୍ରା ମହାନ୍ତି, ସମାଜସେବି ଦନାର୍ଦ୍ଦନ ଦାସ, ଶରତ ଚନ୍ଦ୍ର ପାଣ୍ଡି, ମଣ୍ଡଳ ସଭାପତି ରାଜେନ୍ଦ୍ର ଭୂୟାଁ, ନିରଞ୍ଜନ ପ୍ରଧାନ, ରତନ ବିଷୋୟୀ, ସ୍ଥାନୀୟ ସଭାପତି ଏ. ମୋହନ ଆଚାରି, କ୍ୟାପଟେନ ଗୋପାଳକୃଷ୍ଣ ଦୋରା ଯୋଗଦେଇ କ୍ରୀଡାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । କ୍ରୀଡା ଦ୍ୱାରା ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶ ହୋଇ ପାରିବା ସହ ଏକ ବନ୍ଧୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ସୃଷ୍ଟି ହୋଇପାରୁଛି। ପାୟୋନିୟର କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ମାନେ ପାରିଚାଳନା କରିଥିଲେ। ଶନିବାର ମ୍ୟାଚ୍ ହିଞ୍ଜିଳିକାଟୁ ସହିତ ଧରାକୋଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।



## ଠାକୁର ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ

ଛତ୍ରପୁର,୨୧।୧୨(ସମିସ): ଠାକୁର ଅନୁକୂଳଚନ୍ଦ୍ରଙ୍କ ପୂଣ୍ୟ ୧୩୮ ତମ ଜନ୍ମ ମହୋତ୍ସବ ତଥା ଛତ୍ରପୁର ଶ୍ରୀମନ୍ଦିର ପ୍ରତିଷ୍ଠାର ୧୫ ତମ ବାର୍ଷିକ ସ୍ମୃତି ମହୋତ୍ସବ ଛତ୍ରପୁର ସତ୍‌ସଙ୍ଗ ବିହାରରେ ପାଳିତ ହୋଇଯାଇଛି। ଏହି ମହୋତ୍ସବରେ ଝାଡଖଣ୍ଡ ଦେବହର ମୁଖ୍ୟ ପୀଠର ସଂପାଦକ ଡ.ବିନାୟକ ମହାପାତ୍ର, ସହ ସଂପାଦକ ଶ୍ରୀଧର ସୁନ୍ଦର ମିଶ୍ର ଓ ଇଂ ବି.ସନ୍ତୋଷ କୁମାର ସୁବୁଦ୍ଧି ଅତିଥି ଭାବେ ଯୋଗଦେଇ ଠାକୁର ଅନୁକୂଳଚନ୍ଦ୍ରଙ୍କ ମହାପୂଣ୍ୟ ଲଗ୍ନରେ ସମବେତ ହୋଇ ତାଙ୍କର ଆଶିଷ ଧନ୍ୟ ହୋଇ ଉଠିବା ସଙ୍ଗେ ସଙ୍ଗେ ତାଙ୍କର ପ୍ରୀତ୍ୟର୍ଥେ ତାଙ୍କର ନିର୍ଦ୍ଦେଶ ପାଳନ କରି ସୁଖ, ଶାନ୍ତି ଓ ଆନନ୍ଦ ଅଧିକାରୀ ହୋଇ ଉଠିବା ବିଷୟରେ ସତ୍‌ସଙ୍ଗରେ ଉପସ୍ଥିତ ଭାଇଭଉଣୀଙ୍କୁ ସଦାଲୋଚନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଇଂ ବି.ଆଶିଷ କୁମାର ସୁବୁଦ୍ଧି, ବି.ପାର୍ସେୟା ଓ ଛତ୍ରପୁର ସତ୍‌ସଙ୍ଗ ବିହାର ପରିଚାଳକ ସିଏଚ୍.ଜୟପ୍ରକାଶ ପାତ୍ର ପରିଚାଳନା କରିଥିଲେ।

### ରାଜ୍ୟସ୍ତରୀୟ 'ସର୍‌ଗି ଫୁଲ'

## କଣ୍ଟାହୁରୁ ଆଶ୍ରମ ଛାତ୍ରୀ ଚିତ୍ରାଙ୍କନରେ ପ୍ରଥମ

ମୋହନା,୨୧।୧୨(ସମିସ): ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସରଗି ଫୁଲ କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ମୋହନା ବ୍ଲକ କଣ୍ଟାହୁରୁ ଆଶ୍ରମ ବିଦ୍ୟାଳୟ ସପ୍ତମ ଶ୍ରେଣୀ ଛାତ୍ରୀ ସ୍ମୃତିରାଣି ରଇତ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଶନିବାର ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ସେ ପୁରସ୍କୃତ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଜିଲ୍ଲା ଓ ବ୍ଲକ ପ୍ରଶାସନ ଶୁଭେଚ୍ଛା ଜଣାଇଛି। ସ୍ମୃତିଙ୍କୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଗୀତାଞ୍ଜଳି ସେନାପତି ସମେତ ତାଙ୍କୁ ଗାଇଡ଼ କରୁଥିବା ଆଶ୍ରମ ବିଦ୍ୟାଳୟ ଶିକ୍ଷୟିତ୍ରୀ ରଶ୍ମିତା ଦଳାଇ, ଶିକ୍ଷକ ସନ୍ତୋଷ ବେହେରା, ମାର୍କଣ୍ଡ ବେହେରା, ମୁମେଶ ପ୍ରଧାନ ଓ ସାମୁଏଲ ବଡ଼ରଇତ ସ୍ୱାଗତ କରିଛନ୍ତି। ତାଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟରେ ଚାରାରୋପଣ କରାଯାଇଛି।



## ସରକାରୀ ଯୋଜନାର ସଫଳତା ନିମନ୍ତେ ତାଲିମ

ଦିଗପହଣ୍ଡି,୨୧।୧୨(ସମିସ): ଦିଗପହଣ୍ଡି ବ୍ଲକ ସଭାଗୃହ ପରିସରରେ ଶୁକ୍ରବାର ବିଭିନ୍ନ ସରକାରୀ ଯୋଜନାର ସଫଳତା ନିମନ୍ତେ ବ୍ଲକସ୍ତରୀୟ ସ୍ଥାୟୀ ବିକାଶ ଲକ୍ଷ୍ୟ-୨୦୩୦ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ଯୋଜନା ଓ ପରିଦର୍ଶନ ୟୁନିଟ ତରଫରୁ ଆୟୋଜିତ ଶିବିରକୁ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଅଶୋକ କୁମାର ଦାସ ସଂଯୋଜନା କରିଥିଲେ। ଦିଗପହଣ୍ଡି ବିଡ଼ିଓ ଅନାମିକା ପାଣ୍ଡେ, ଏବିଡିଓ ଉମେଶ ଚନ୍ଦ୍ର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଅଶୋକ କୁମାର ଶତପଥୀ, ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ ଜଗନ୍ନାଥ ବିଶ୍ୱାସ, ପାୟଲ ଜ୍ୟୋତି ଲଗ୍ନା, ଇନ୍ଦ୍ରଜିତ ମଲ୍ଲିକ, ଜିପିଡିଓ ରୋଜାଲିନ୍ ଦଳାଇ ପ୍ରମୁଖ ମଞ୍ଚାସିନ ଥିଲେ। ଏପରିକି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ପ୍ରତ୍ୟେକ ଗ୍ରାମାଞ୍ଚଳରେ କିଭଳି ପହଞ୍ଚି ପାରିବ ସେ ନେଇ ଶିବିରରେ ମତ ପ୍ରକାଶ ପାଇଥିଲା।

## ସାପ କାମୁଡ଼ାରେ ମହିଳା ମୃତ

ପାରଳାଖେମୁଣ୍ଡି,୨୧।୧୨(ସମିସ): ଗଜପତି ଜିଲ୍ଲା ଆର୍. ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତ ଖ୍ରୀଷ୍ଟିଆନ ସାହିର ଶଶୀକଳା ମାଝୀ(୫୫)ଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ଆଗକୁ ବଡ଼ଦିନ ଥିବାରୁ ଘର ସଫା କରି ଲୁଗାପଟା ଧୋଇବାକୁ ସାହି ନିକଟସ୍ଥ ନାଳକୁ ଯାଇଥିଲେ। ସେଠାରେ ଏକ ସାପ ତାଙ୍କ ବାମ ଗୋଡ଼ ବୁଢ଼ା ଆଙ୍ଗୁଠିକୁ ଦଂଶନ କରିବାରୁ ଅଚେତ୍ ହୋଇ ପଡ଼ି ଯାଇଥିଲେ। ବହୁ ସମୟ ପରେ କିଛି ଲୋକ ସେହି ବାଟ ଦେଇ ଯାଉଥିବାବେଳେ ତାଙ୍କୁ ଉଦ୍ଧାର କରି ରାମଗିରି ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଧିକା ଚିକିତ୍ସା ନିମନ୍ତେ ପଠାଯାଇଥିଲା। ସେଠାରେ ଶଶୀକଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି।

## ୧୯୮୧ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

ଆସିକା,୨୧।୧୨(ସମିସ): ସ୍ଥାନୀୟ ହରିହର ହାଇସ୍କୁଲର ୧୯୮୧ ବ୍ୟାଚ ଛାତ୍ରଙ୍କ ବନ୍ଧୁମିଳନ ମା'ଖମ୍ବେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ମନ୍ଦିର ପରିସରରେ ଥିବା କଲ୍ୟାଣ ମଣ୍ଡପରେ ପୁରୁଣା ସ୍ମୃତି ସାଉଁଟିବା ସହ ଆଳାପ ଓ ଆଲୋଚନା ସଭାରେ ସାମିଲ ହୋଇ ଥିଲେ। କାର୍ଯ୍ୟକ୍ରମକୁ ସତ୍ୟ ନାରାୟଣ ରଥ, ଅନ୍ତର୍ଯ୍ୟାମୀ ଜେନା, ଗଜେନ୍ଦ୍ର କୁମାର ପାତ୍ର, ସୀମାଞ୍ଚଳ ସାହୁ, ସୁମନ୍ତ ସେନାପତି, ରାଜେନ୍ଦ୍ର ପଟ୍ଟନାୟକ ପ୍ରମୁଖ ସଂଯୋଜନା କରିଥିବାବେଳେ ଲୋକନାଥ ପାଠୀ, ଡ଼ା. ତାରିଣୀ ଚରଣ ତ୍ରିପାଠୀ, ପି ପ୍ରଭାକର ପାତ୍ର, ତାରାଚାନ୍ଦ ମିଶ୍ର, ଉମାଶଙ୍କର ପଣ୍ଡା, ସୁଶାନ୍ତ ବିଶ୍ୱାଳ, କିଶୋର ଚନ୍ଦ୍ର ପାଣିଗ୍ରାହୀ, ସଞ୍ଜୟ ପାଣିଗ୍ରାହୀ, ମନୋରଞ୍ଜନ ଆଚାର୍ଯ୍ୟ, ପି. ରବୀନ୍ଦ୍ର ପାତ୍ର, ହିମାଂଶୁ ପାଢ଼ୀ, କେ. ତିରୁପତି ବାଲାଜୀ ପାତ୍ର, କେ. ନାଗେଶ୍ୱର ସେନାପତି, କେ. ଦୁର୍ଗା ପ୍ରସାଦ ଆଚାରି, ପ୍ରସନ୍ନ ପାଣିଗ୍ରାହିଙ୍କ ସମେତ ୭୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ର ଅଂଶଗ୍ରହଣ କରିଥିଲେ। ପରେ ମନ୍ଦିର ସନ୍ନିକଟ ନିଜର ପୁରାତନ ବିଦ୍ୟାଳୟ ହରିହର ହାଇସ୍କୁଲକୁ ପରିଦର୍ଶନରେ ଯାଇଥିଲେ।

## ଭାରତୀୟ ବିକାଶ ପରିଷଦର ମେଧା ବୃତ୍ତି ପରୀକ୍ଷା

କୁକୁଡାଖଣ୍ଡି,୨୦।୧୨(ସମିସ): କୁକୁଡାଖଣ୍ଡି ସରସ୍ୱତୀ ଶିଶୁ ମନ୍ଦିରରେ ଭାରତୀୟ ବିକାଶ ପରିଷଦ ବ୍ରହ୍ମପୁର ଶାଖା ପୂର୍ବ ପକ୍ଷରୁ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରିଷଦ ପକ୍ଷରୁ ରବିବାର ଦିନ ବ୍ରହ୍ମପୁର ସହୀଦ ଲକ୍ଷ୍ମଣ ନାୟକ, ଛତ୍ରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ କୁକୁଡାଖଣ୍ଡି ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା ବ୍ରହ୍ମପୁରରେ ୧୧୦, ଛତ୍ରପୁରରେ ୪୩ ଓ କୁକୁଡାଖଣ୍ଡି ୩୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷା ଶିଶୁର ଜ୍ଞାନ ବିକାଶ ନିମନ୍ତେ ହୋଇଥିବା କହିଥିଲେ ପରିଷଦର ସଦସ୍ୟ ଲିଙ୍ଗରାଜ ସାହୁ ଏହି ମେଧା ବୃତ୍ତି ପରୀକ୍ଷା ୭ମ ଶ୍ରେଣୀ ରୁ ଉତୀର୍ଣ୍ଣ ହୋଇ ୮ମ ଶ୍ରେଣୀ ରେ ପଢୁଥିବା ଛାତ୍ର ଛାତ୍ରୀ ଙ୍କୁ ନେଇ ହୋଇଥିଲା ଏହି ପରୀକ୍ଷା ରେ ଯେଉଁ ଛାତ୍ର ଛାତ୍ରୀ ପାସ ହେବେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ୮ମରୁ ୧୦ମ ପର୍ଯ୍ୟନ୍ତ ମାସକୁ ୧୦୦ ଶହ ଟଙ୍କା ଲେଖାଏଁ ଦିଆଯିବ ବୋଲି ଶ୍ରୀ ସାହୁ କହିଛନ୍ତି।

## ବ୍ରାହ୍ମଣୀଗାଁ ଥାନା ପକ୍ଷରୁ ଶାନ୍ତି କମିଟି ବୈଠକ

ବ୍ରାହ୍ମଣୀଗାଁ,୨୧।୧୨(ସମିସ): ଖ୍ରୀଷ୍ଟମାସକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ ହେବ ତାକୁ ନେଇ ବ୍ରାହ୍ମଣୀଗାଁ ଥାନା ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ରାହ୍ମଣୀଗାଁ ପଞ୍ଚାୟତ ଅଧିନସ୍ତ ବିଭିନ୍ନ ଗ୍ରାମର ଗ୍ରାମ ମୁଖିଆ, ସ୍ୱେଚ୍ଛାସେବୀ, ବ୍ୟବସାୟ ଗୋଷ୍ଠୀ ଓ ଯୁବ ଗୋଷ୍ଠୀ , ଉପସ୍ଥିତ ରହିଥିଲେ। ଥାନା ଅଧିକାରୀ ବିଜୟ କୁମାର ହାଇବ୍ରୁରୁଙ୍କ ଅଧକ୍ଷତା କ୍ରମେ ଏସଆଇ ଭୋଳାନାଥ ପଣ୍ଡା, ଏଏସଆଇ ଶଙ୍କର ୱାଡାକା, ଏଏସଆଇ ଅର୍ଜୁନ ଶବର ଓ ସ୍ଥାନୀୟ ଆର୍ ଆଇ ରଞ୍ଜିତ କହଁର ଉପସ୍ଥିତି ରହି ବଡ଼ ଦିନକୁ ଶାନ୍ତି ଶୃଙ୍ଖଳା ସହକାରେ ପାଳନ କରିବା ପାଇଁ କହିଥିଲେ। ଶେଷରେ ଥାନା ପକ୍ଷରୁ ଅରୁଣ କୁମାର ମହାନ୍ତି ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ଜାତୀୟ ବିଦ୍ୟାଳୟ ସ୍କେଟିଂରେ ଗଜପତିର ୨ ଖେଳାଳି



ପାରଳାଖେମୁଣ୍ଡି,୨୧।୧୨ (ସମିସ): ଗଜପତି ଜିଲ୍ଲା ରୋଲର୍ ସ୍କେଟିଂ ଏକାଡେମୀର ପ୍ରତିଭାବାନ ସ୍କେଟର କାର୍ତ୍ତିକ ଓ ଧମେଶ ଆସନ୍ତା ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଗ୍ୱାଲିୟରରେ ହେବାକୁ ଥିବା ୬୯ତମ ଜାତୀୟ ବିଦ୍ୟାଳୟ ସ୍କେଟିଂ କ୍ରୀଡ଼ା ପାଇଁ ରାଜ୍ୟରୁ ଚୟନ ହୋଇଛନ୍ତି। ରାଜ୍ୟ ବିଦ୍ୟାଳୟ ସ୍କେଟିଂ ଅଣ୍ଡର-୧୭ (ବାଳକ ଏବଂ ବାଳିକା) ଦଳରେ ଏମାନେ ସ୍ଥାନ ପାଇଛନ୍ତି। କାର୍ତ୍ତିକ ସ୍ଥାନୀୟ ଏସ୍‌କେସିଜି ମହାବିଦ୍ୟାଳୟର +୨ ଛାତ୍ର ଥିବା ବେଳେ ଧମେଶ୍ ଗୋପୀନାଥ ଗଜପତି ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। କାର୍ତ୍ତିକ ଏବଂ ଧମେଶଙ୍କୁ ପ୍ରଶିକ୍ଷକ ସୁକାନ୍ତ ଦଳବେହେରା ସହାୟତା କରୁଛନ୍ତି। ଏହି ୨ କ୍ରୀଡ଼ାବିତ୍‌ଙ୍କୁ ଜିଲ୍ଲା ଶାରୀରିକ ଶିକ୍ଷା କ୍ରୀଡ଼ା ଅଧିକାରୀ ସୁରେନ୍ଦ୍ର ପାତ୍ର ଓ ଗଜପତି ଜିଲ୍ଲା ସ୍କେଟିଂ ସଂଘର ଜିଲ୍ଲା ସଭାପତି ମୋହନ ବେହେରା ଅଭିନନ୍ଦନ ଜଣାଇବା ସହ ଜାତୀୟ କ୍ରୀଡ଼ା ପାଇଁ ସେମାନଙ୍କ ସଫଳତା କାମନା କରିଛନ୍ତି।

## କନ୍ଧମାଳ ଜିଲ୍ଲାରେ ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରୁଛି ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର,୨୧।୧୨(ସମିସ)

ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ତରଫରୁ କନ୍ଧମାଳ ଜିଲ୍ଲାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ନିଆଯାଇଛି ଅଭିନବ ପଦକ୍ଷେପ। କମ୍ପାନୀ ତରଫରୁ ଜି. ଉଦୟଗିରିରୁ କେ. ନୁଆଗାଁ ପର୍ଯ୍ୟନ୍ତ ୩୩ କେଭି ଫିଡର୍ ଲାଇନର ଉନ୍ନତୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହାଦ୍ୱାରା କନ୍ଧମାଳ ଜିଲ୍ଲାର ପ୍ରାୟ ୮୨ହଜାର ଉପଭୋକ୍ତାଙ୍କ ପାଇଁ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ ହୋଇପାରିଛି। ବିଶେଷ କରି ବାଲିଗୁଡା, ଦାରିଙ୍ଗବାଡ଼ି, ତୁମୁଡ଼ିବନ୍ଧ, ରାଇକିଆ ଏବଂ ଆଖପାଖ ଅଞ୍ଚଳର ଅଧିବାସୀ ଉପକୃତ ହୋଇଛନ୍ତି। ଏହି ଉନ୍ନତୀକରଣରେ ମୋଟ ୫୧କିଲୋମିଟର ଫିଡର ଲାଇନ ସାମିଲ ହୋଇଛି। ଯାହା ବହୁ ବର୍ଷର ଏବଂ ପୁରୁଣା କଣ୍ଡକ୍ଟର ଲାଇନ ତାରକୁ ବଦଳାଇବାର ଏକ ପ୍ରମୁଖ କାର୍ଯ୍ୟ ଅଟେ। ଜି. ଉଦୟଗିରିରୁ ରାଇକିଆ ପର୍ଯ୍ୟନ୍ତ ୨୨କିମି ଫିଡର ଲାଇନର ଉନ୍ନତୀକରଣ ସହିତ ରାଇକିଆରୁ କେ. ନୂଆଗାଁ ପର୍ଯ୍ୟନ୍ତ ଆଉ ୨୯ କିମି ଫିଡର ଲାଇନର ଉନ୍ନତୀକରଣ କରାଯାଇଛି। ପୂର୍ବରୁ ଥିବା ୩୫ବର୍ଗ ମିମି କଣ୍ଡକ୍ଟର, ଯାହାର ସୀମିତ କ୍ଷମତା ଥିଲା। ଭାରୀ ଲୋଡ୍ ଯୋଗୁ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହେଉଥିଲା ଏବେ ଉଚ୍ଚ କ୍ଷମତା ସମ୍ପନ୍ନ ୧୪୮ ବର୍ଗ ମିମି ଅଲ୍-ଆଲୁମିନିୟମ୍ ଆଲୟ କଣ୍ଡକ୍ଟର୍ (ଏଏଏଏସି) ଲଗାଯାଇଛି। ଟିପିଏସ୍‌ଓଡିଏଲ୍ ତରଫରୁ କନ୍ଧମାଳ ଜିଲ୍ଲାରେ ହୋଇଥିବା ଏହି ଉନ୍ନତୀକରଣ ଫଳରେ ବର୍ତ୍ତମାନ ଜି.ଉଦୟଗିରି-ରାଇକିଆ-କେ. ନୂଆଗାଁ ଫିଡରକୁ ସିଧାସଳଖ ଜି.ଉଦୟଗିରି ଗ୍ରୀଡ ସବଷ୍ଟେସନରୁ ପ୍ରାଥମିକ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇପାରିବ। ସେହିପରି ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ନ ହେବା ପାଇଁ ବର୍ତ୍ତମାନ ଥିବା ଫୁଲବାଣୀ-ବାଲିଗୁଡ଼ା ୩୩ କେଭି ଲାଇନ୍ ବ୍ୟାକଅପ୍ ଭାବେ କାର୍ଯ୍ୟ କରିବ।

କମ୍ପାନୀ ତରଫରୁ ହୋଇଥିବା ଏହି ଉନ୍ନତୀକରଣ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, "ଏହି ପ୍ରକଳ୍ପ କମ୍ପାନୀର ସମଗ୍ର ଦକ୍ଷିଣ ଓଡ଼ିଶାରେ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଣ ପାଇଁ ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି। ଜି.ଉଦୟଗିରି-ରାଇକିଆ ଫିଡରର ସୁଦୃଢ଼ୀକରଣ କେବଳ ଦୈନନ୍ଦିନ ଜୀବନର ବିଦ୍ୟୁତ ଆବଶ୍ୟକତାକୁ ପୂରା କରିବ ତାହା ନୁହେଁ ବରଂ ସାମାଜିକ ଏବଂ ଅର୍ଥନୈତିକ ସ୍ତରରେ କନ୍ଧମାଳ ଜିଲ୍ଲାର ଏକ ଦୀର୍ଘକାଳୀନ ବିକାଶକୁ ସମର୍ଥନ କରିବ। ଟିପିଏସ୍‌ଓଡିଏଲ୍ ତରଫରୁ କନ୍ଧମାଳ ଜିଲ୍ଲାର ଉନ୍ନତୀକରଣ ଏହାର ବିଦ୍ୟୁତ ଭିତ୍ତିଭୂମିକୁ ଆଧୁନିକୀକରଣ କରିବାର ଏକ ଅଂଶ ଅଟେ। ଗତ ବର୍ଷମାନଙ୍କରେ କମ୍ପାନୀ ତରଫରୁ ଫିଡରର ସୁଦୃଢ଼ୀକରଣ, ସବଷ୍ଟେସନର ଉନ୍ନତୀକରଣ, ପୁରୁଣା ଉପକରଣ ବଦଳାଇବା ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିବେଶ କରାଯାଉଛି। ଫଳରେ ଟେକ୍ନିକାଲ କ୍ଷତି ହ୍ରାସ କରିବାରେ ଏବଂ ଗୁଣାତ୍ମକ ସେବା ଯୋଗାଇବା ଦିଗରେ ଏହା ବିଶେଷ ଭାବରେ ସହାୟକ ହୋଇପାରିଛି। ସ୍ଥିର ବିଦ୍ୟୁତ ନେଟୱାର୍କ ସ୍ଥାପନ କରିବା ସହିତ ଭବିଷ୍ୟତର ବିଦ୍ୟୁତ ଚାହିଦାକୁ ପୂରଣ କରିବା ପାଇଁ ଟିପିଏସ୍‌ଓଡିଏଲ୍ ତରଫରୁ ବହୁ ପଦକ୍ଷେପ ନିଆଯାଉଛି। ଭରସାଯୋଗ୍ୟ ବିଦ୍ୟୁତ ସେବା, ଦକ୍ଷ ଏବଂ ଗ୍ରାହକ ଅନୁକୂଳ ବିଜୁଳି ଯୋଗାଣକୁ ନିଶ୍ଚିତ କରିବା ପାଇଁ କମ୍ପାନୀ ତରଫରୁ ଏହି ଉନ୍ନତୀକରଣ ମାଧ୍ୟମରେ ଲକ୍ଷ୍ୟ ରଖାଯାଇଛି।



### ୮୨ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ଉପକୃତ, ବିଭିନ୍ନ ବର୍ଗକୁ ବଳ ଯୋଗାଇବ ଉନ୍ନତୀକରଣ

## ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

ବେଗୁନିଆ,୨୧।୧୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର ସଂସଦ ସଭାପତି ଶିବ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରଧାନ ଶିକ୍ଷକ ବିଜୟ ମହାପାତ୍ର, ସମ୍ପାଦକ ଉପେନ୍ଦ୍ର ଦାଶ, ସହ ସମ୍ପାଦକ ନାରାୟଣ ମାନସିଂହ, କୋଷାଧ୍ୟକ୍ଷ ପ୍ରଭାତ ପଣ୍ଡା, ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ସନ୍ତୋଷ ମିଶ୍ର, ଦିଲ୍ଲୀପ ପାଣିଗ୍ରାହୀ, ଦିଲ୍ଲୀପ ମହାପାତ୍ର, ସିଧାଂଶୁ ଶେଖର ମିଶ୍ର, ସବିତା ମହାପାତ୍ର, ଶ୍ରୀବସ୍ତ ପାଣିଗ୍ରାହୀ, ବଂଶୀଧର ପାଣିଗ୍ରାହୀ ଓ ମାନସ ରଞ୍ଜନ ଦାଶଙ୍କ ସମେତ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ହୀରକ ଜୟନ୍ତୀକୁ ମହା ଆଡ଼ମ୍ବରରେ ପାଳନ କରିବା ପାଇଁ ନିଜର ମତ ପ୍ରକାଶ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ନିରାକାରପୁର, ୨୧।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଶିକ୍ଷା ବିକାଶ ସମିତି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରାଜ୍ୟ ଶିଶୁ ମନ୍ଦିର ସମ୍ଭାଗ ସଭାପତି କୁଳମଣି ମିଶ୍ର ଯୋଗ ଦେଇ ଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ପ୍ରଶାନ୍ତ କୁମାର ପାଟ୍ଟଶାଣୀ। ପରିଚାଳନା ସମିତିର ସଭାପତି ସୁରେନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିଲେ। ସଂପାଦକ ଅଜୟ କୁମାର ପାଇକରାୟ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାରେ ଉପସ୍ଥିତ ଥିଲେ ମନ୍ମଥ କୁମାର ବେହେରା, ଦିନମୟୀ ଦାସ, ଚିତ୍ତରଂଜନ ତ୍ରିପାଠୀ, ନବକୃଷ୍ଣ ମହାପାତ୍ର, ପ୍ରତିମା ପ୍ରଧାନ। ଧନ୍ୟବାଦ ଅର୍ପଣ କରିଥିଲେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅନସୂୟା ମିଶ୍ର।

## ନାଚୁଣୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଚିଲିକା,୨୧।୧୨(ସମିସ): ଗତ୧୯ ଓ ୨୦ତାରିଖ ଦୁଇ ଦିନ ଧରି ନାଚୁଣୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ବରିଷ୍ଠ ଅଧ୍ୟାପକ ଗୋଲକ ବିହାରୀ ବାରିକ, ଅଧ୍ୟାପକ ଅଶ୍ୱିନୀ ମିଶ୍ର, ଅଧ୍ୟାପକ ବିଜୟ ଶତପଥି, ଅଧ୍ୟାପକ ଅଜିତ୍ ଦାଶ ଓ ପ୍ରାକ୍ତନ କ୍ରୀଡା ଶିକ୍ଷକ ପ୍ରଦୀପ ସାମନ୍ତସିଂହାର ଉପସ୍ଥିତ ଥିଲେ। ଦ୍ୱିତୀୟ ଦିବସ ତଥା ଉଦ୍‌ଯାପନୀ ଉତ୍ସବ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁନୀଲ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଚିଲିକାର ପୂର୍ବତନ ବିଧାୟକ ତଥା ମହାବିଦ୍ୟାଳୟର ପ୍ରତିଷ୍ଠାତା ଡାକ୍ତର ବିଭୂତି ଭୂଷଣ ହରିଚନ୍ଦନ, ସମ୍ମାନିତ ଅତିଥି ବାଲୁଗାଁ ଉପଖଣ୍ଡ ପୁଲିସ୍ ଅଧିକାରୀ ସଂଜୟ ପଟ୍ଟନାୟକ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ନିବନ୍ଧକ ଡ. କୀର୍ତ୍ତି ମଲ୍ଲିକ ଯୋଗ ଦେଇ କ୍ରୀଡାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଉକ୍ତ ସଭାକୁ ଅଧ୍ୟାପିକା ଲୀନା ନଦୀଜା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସୁଭଦ୍ରା ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ସହ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ଟାଙ୍ଗୀ,୨୧।୧୨ (ସମିସ) : ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ପ୍ରାକ୍ତନ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜରିପଡା ପଞ୍ଚାୟତ କେଦାରେଶ୍ୱର ଗ୍ରାମର ଦେବଦତ୍ତ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭା ନିଜ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ତଥା ଓଷ୍ଟାର ପ୍ରାକ୍ତନ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ ଶ୍ରୀଚନ୍ଦନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶଶୀରେଖା ନାଥ ଶର୍ମା ପ୍ରମୁଖ ଅତିଥି ରୂପେ ଯୋଗଦେଇ ଥିଲେ। ଏହି ଅବସରରେ ଚାରା ରୋପଣ ସହିତ ପ୍ରତିମୂର୍ତ୍ତି ଏବଂ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ସୌମ୍ୟରଂଜନ ସ୍ମୃତିରଞ୍ଜନ, ମାନସୀ, ପୂର୍ଣ୍ଣମାସୀ, ସ୍ୱର୍ଣ୍ଣପ୍ରଭା, ପଙ୍କଜିନୀ, ସାଇ ରେୟାନସ, ଶଶାଙ୍କ, ନିତ୍ୟାନନ୍ଦ, ନାରାୟଣ ପ୍ରମୁଖ ଆତ୍ମୀୟ ସ୍ୱଜନ ପରିବାରବର୍ଗ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସାମ୍ବତ୍ସରିକ ଉତ୍ସବ

ବେଗୁନିଆ,୨୧।୧୨(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଶିଶୁ ବିଦ୍ୟା ମନ୍ଦିରର ସାମ୍ବତ୍ସରିକ ଉତ୍ସବ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ କୁମାର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ସ୍ୱତନ୍ତ୍ର ଅତିଥି ଓ ସଙ୍କୁଳ ପ୍ରମୁଖ ସାନନ୍ଦ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ପ୍ରାରମ୍ଭରେ ସମ୍ପାଦକ ଶରତ ପଣ୍ଡା ଅତିଥି ପରିଚୟ ଓ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ବିଜୟ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଟଣୀ ସହରରେ ପଥ ଉତ୍ସବ ଉଦ୍‌ଘାଟିତ

ଜଟଣୀ,୨୧।୧୨(ସମିସ)






ଜଟଣୀ ସହରରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଯାଇଛି ପଥ ଉତ୍ସବ। ଉଦଘାଟନୀ ଦିବସରେ ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଥିବା ବେଳେ ଦଳମତରୁ ଉର୍ଦ୍ଧ୍ୱରେ ରହି ସମସ୍ତ ରାଜନେତା ଆଜି ଏହି ଉତ୍ସବ ରେ ସାମିଲ ହୋଇଥିଲେ। ସ୍ଥାନୀୟ ହରିଭାଇନା ଛକ ଠାରୁ ମହୁଲଗୁଡ଼ିଆ ଛକ ପର୍ଯ୍ୟନ୍ତ ଖୋର୍ଦ୍ଧା ଜଟଣୀ ପିପିଲି ମୁଖ୍ୟ ରାସ୍ତାରେ ଏହି କାର୍ଯ୍ୟକ୍ରମ ସକାଳ ୬ ଟାରୁ ଆରମ୍ଭ ହୋଇ ଦିନ ୧୦ ଟା ପର୍ଯ୍ୟନ୍ତ ଚାଲିଥିଲା। ପାରମ୍ପରିକ ଘୋଡାନାଚ, ବାଘ ନାଚ, କଣ୍ଢେଇ ନାଚ, କବାଡି, ଭଲି ବଲ, ବାସ୍କେଟ ବଲ, କରାଟେ, ଚିତ୍ରାଙ୍କନ ଇତ୍ୟାଦି ବିଭିନ୍ନ ବର୍ଗର ପ୍ରତିଯୋଗୀମାନେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ସେହିଭଳି ଛୋଟ ଛୋଟ ପିଲାମାନେ ସ୍କେଟିଂ କରିଥିଲେ ଏବଂ ସ୍କୁଲ ଛାତ୍ର ଛାତ୍ରୀ ବିଭିନ୍ନ ବର୍ଗରେ ଏକକ ଅଭିନୟ କରି ନିଜର ପାରଦର୍ଶିତା ଦେଖାଇଥିଲେ। ଆଜିର ପଥ ଉତ୍ସବ କାର୍ଯ୍ୟକ୍ରମକୁ ଜଟଣୀର ଅଞ୍ଚଳର ରୁଷି ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ବିଜେପି ନେତା ବିଶ୍ୱରଂଜନ ବଡ଼ଜେନା ପ୍ରତ୍ୟକ୍ଷ ଭାବେ ନେତୃତ୍ୱରେ ସାମାଜିକ ଅନୁଷ୍ଠାନ ଜଟଣୀ ବିକାଶ ପରିଷଦ ପକ୍ଷରୁ ଏହାକୁ ପରିଚାଳନା କରାଯାଇଥିଲା। ଜଟଣୀ ବିଧାୟକ ବିଭୁତି ବଳବନ୍ତରାୟ ଏବଂ କଂଗ୍ରେସ ନେତା ସୁରେଶ ରାଉତରାୟ ପହଞ୍ଚି ପଥ ଉତ୍ସବକୁ ଆହୁରି ଉତ୍ସାହିତ କରିଥିଲେ। ପରେ ପରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ଜଟଣୀ ପୁଲିସ ପକ୍ଷରୁ ଏହି କାର୍ଯ୍ୟକ୍ରମ ପରିଚାଳନା କରିବାକୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଆଗାମୀ ଦିନରେ ପ୍ରତି ମାସର ତୃତୀୟ ରବିବାର ଏହି କାର୍ଯ୍ୟକ୍ରମ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଜଟଣୀ ତହସିଲଦାର, ବିଡ଼ିଓ, ପୌର ଅଧ୍ୟକ୍ଷ, ବ୍ଲକ ଅଧ୍ୟକ୍ଷଙ୍କ ସମେତ ବହୁ ଅତିଥି ଉପସ୍ଥିତ ଥିଲେ। ପ୍ରାୟ୨ ହଜାର ଲୋକ ଏହି ପଥ ଉତ୍ସବରେ ସାମିଲ ହୋଇଥିଲେ।

## ପୁସ୍ତକ 'ସୁନା ପକ୍ଷୀର ଡେଣା' ଲୋକାର୍ପିତ



ବୋଲଗଡ,୨୧।୧୨(ସମିସ): ବୋଲଗଡରେ ଆଜି ଏକ କବିତା ପୁସ୍ତକ ଲୋକାର୍ପଣ ଓ ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସର୍ଜନା ସାହିତ୍ୟ ଓ ସଂସ୍କୃତି ସଂସଦ ପକ୍ଷରୁ ଆୟୋଜିତ ତଥା ସଂସଦର ଉପଦେଷ୍ଟା ଶିକ୍ଷାବିତ ନିରଞ୍ଜନ ତ୍ରିପାଠୀଙ୍କ ପୌରୋହିତ୍ୟରେ ସାରସ୍ୱତ ସାଧକ କବି ଲୁଣ୍ଠୁ ତ୍ରିପାଠୀଙ୍କ ରଚିତ କବିତା ସଂକଳନ "ସୁନା ପକ୍ଷୀର ଡେଣା'କୁ ଅତିଥି ମାନେ ଲୋକାର୍ପଣ କରିଥିଲେ। ଅଧ୍ୟାପକ ରଙ୍କନିଧି ବଳିୟାରସିଂହ ପୁସ୍ତକର ନିର୍ଯ୍ୟାସ ପାଠ ସହ ସମୀକ୍ଷା କରିଥିଲେ। ଏଥିରେ ସୁସାହିତ୍ୟିକ ଡ. ନିର୍ମଳ ଚନ୍ଦ୍ର ଶୂରଦେଓ ମୁଖ୍ୟ ଅତିଥି, ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ମୁଖ୍ୟବକ୍ତା, ଶିକ୍ଷାବିତ ପ୍ରଫୁଲ୍ଲ ମହାପାତ୍ର ଓ କବୟିତ୍ରୀ ସୁମତୀ ଦେଈ ସମ୍ମାନିତ ଅତିଥି ରୂପେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ସୌମ୍ୟରଞ୍ଜନ ମିଶ୍ର ବେଦପାଠ ଓ କବୟିତ୍ରୀ ଡ. ଗୀତାଞ୍ଜଳି ମହାପାତ୍ର ମଙ୍ଗଳା ଚରଣ ପାଠ କରିଥିଲେ। ପରେ କବୟିତ୍ରୀ ସତ୍ୟଭାମା ସାହୁ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲା ବେଳେ କବି ଜମ୍ବେଶ୍ୱର ମଙ୍ଗରାଜ ଓ ଲୁଣ୍ଠୁ ତ୍ରିପାଠୀ ସଂଯୋଜନା କରିଥିଲେ। ଏଥିରେ ୪୦ ଜଣ କବି, କବୟିତ୍ରୀ ଅଂଶଗ୍ରହଣ କରିଥିଲେ। କବି ଭକ୍ତବଲ୍ଲଭ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତଟ ରେଳପଥ କ୍ରୀଡା ସଂଘ ପକ୍ଷରୁ ସାଇକ୍ଲୋଥନ୍



ଜଟଣୀ,୨୧।୧୨(ସମିସ): ଫିଟ୍ ଇଣ୍ଡିଆ ଅଭିଯାନର ଏକ ଅଂଶ ଭାବରେ ପୂର୍ବତଟ ରେଳପଥ କ୍ରୀଡା ସଂଘ (ଇକୋର୍ସା) ଦ୍ୱାରା ସଣ୍ଡେ ଅନ୍ ସାଇକେଲ ସାଇକ୍ଲୋଥନ ୨୦୨୫ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ରେଳୱେ କର୍ମଚାରୀ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, ସୁସ୍ଥ ଜୀବନଶୈଳୀ ଏବଂ ପରିବେଶ ସଚେତନତାକୁ ପ୍ରୋତ୍ସାହନ ଦେବା। ସାଇକ୍ଲୋଥନକୁ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ଦ୍ୱାରା ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ-ତଥା-କ୍ରୀଡା ଅଧିକାରୀ, ଖୋର୍ଦ୍ଧା ରୋଡ୍ ଅନିଲ କୁମାର ଏସ୍ ଓ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀଙ୍କ ଉପସ୍ଥିତିରେ ଉଦଘାଟନ (ଫ୍ଲାଗ୍ ଅଫ୍) କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଂଶଗ୍ରହଣକାରୀ ଉତ୍ସାହର ସହିତ ଯୋଗ ଦେଇଥିଲେ।

## ଟ୍ରିପଲ୍ 'ଏ'ରେ ସ୍ୱାସ୍ଥ୍ୟ ଶିବିର



ଖୋର୍ଦ୍ଧା,୨୧।୧୨(ସମିସ): ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ' ଓ ସମ୍ ଅଲଟିମେଟ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ସ୍କୁଲ ପରିସରରେ ଏକ ସ୍ୱାସ୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇସିଜି, ଡାଇବେଟିସ, ଫାଇବ୍ରୋ ସ୍କାନ ଆଦି ବିଭିନ୍ନ ପରୀକ୍ଷା ବିନା ମୂଲ୍ୟରେ କରାଯାଇଥିଲା। ଏଥିସହିତ କାର୍ଡିଓଲୋଜିର ଡାକ୍ତର ବିଭୁତେନ୍ଦ୍ର ମହାନ୍ତି, ଗ୍ୟାଷ୍ଟ୍ରୋର ଡାକ୍ତର ଗଦାଧର ପଣ୍ଡା, ମେଡ଼ିସିନର ଡାକ୍ତର ସତ୍ୟଜିତ ଆଚାର୍ଯ୍ୟ ଓ ଚକ୍ଷୁରେ ଡାକ୍ତର ଅରବିନ୍ଦ ରାୟ ଯୋଗଦେଇ ବିଦ୍ୟାଳୟର କର୍ମକର୍ତ୍ତା ଓ ଅଭିଭାବକ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅଭିଭାବକ ମାନଙ୍କ ପାଇଁ ଏକ କ୍ୟାରିଅର କାଉନସେଲିଂ କାର୍ଯ୍ୟକ୍ରମ କରାଯାଇଥିଲା। ଯାହାକୁ ପରିଚାଳନା କରିଥିଲେ ରାଜାସିଂ।

## ସିଗ୍‌ମା ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ



ଖୋର୍ଦ୍ଧା,୨୧।୧୨(ସମିସ): ସ୍ଥାନୀୟ ବିଡ଼ିଏ କଲୋନୀସ୍ଥିତ କଲ୍ୟାଣମଣ୍ଡପ ପରିସରରେ ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସିଗମା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲର ନିର୍ଦ୍ଦେଶକ ତଥା ବରିଷ୍ଠ ସାମ୍ବାଦିକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣି ଗୁମାନସିଂ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟ ପ୍ରକାଶ କୁମାର ସାହୁ ଏବଂ ପ୍ରଫେସର ସୁବୋଧ କୁମାର ଜଗଦ୍ଦେବ ପ୍ରମୁଖ ମତବ୍ୟକ୍ତ କରିଥିଲେ। ସ୍କୁଲର ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଗତ ସିବିଏସଇ ମାଟ୍ରିକ ପରୀକ୍ଷାରେ ସ୍କୁଲର ଶ୍ରେଷ୍ଠ ଛାତ୍ରଛାତ୍ରୀ ଭାବେ ଶୁଭମ ଅଗ୍ରୱାଲା ଓ ଶୁଭଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଚଳିତ ବର୍ଷ ଶିକ୍ଷାବିତ୍ ଭାବେ ପ୍ରଫେସର ସୁବୋଧ ଜଗଦ୍ଦେବ ଏବଂ ସର୍ବଶ୍ରେଷ୍ଠ ଶିକ୍ଷକ ଭାବେ ମାନସ ରଞ୍ଜନ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମିସ୍ ଅନେଶ୍ୱତା ସଂଯୋଜନା କରିଥିଲେ। ସ୍କୁଲର ଉପାଧ୍ୟକ୍ଷ ତୁଷାର ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଶରଧାପୁର କପ୍ ଫୁଟବଲ; ଘାଟିକିଆ ବିଜୟୀ

ଖୋର୍ଦ୍ଧା,୨୧।୧୨(ସମିସ) : ଖୋର୍ଦ୍ଧା ଉପକଣ୍ଠ ଶରଧାପୁର ଫୁଟବଲ ପଡ଼ିଆ ଠାରେ ଶରଧାପୁର ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ୧୬ତମ ଶରଧାପୁର କପ୍ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଆଜିର ଉଦଘାଟନୀ ମ୍ୟାଚ ବଜରଙ୍ଗବାଲି ଦଳ ଘାଟିକିଆ ଭୁବନେଶ୍ୱର ଓ ଶାରଳା କ୍ଲବ୍ ଗୁଣ୍ଡିଚାପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମାର୍ଦ୍ଧରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରିନଥିଲେ। ଟାଇବ୍ରେକରରେ ୧୨-୧ ୧ଗୋଲରେ ବଜରଙ୍ଗବାଲି ଦଳ ଘାଟିକିଆ ବିଜୟୀ ହୋଇଥିଲା। ଆଜିର ମ୍ୟାଚକୁ ଗିରିଶ ଚନ୍ଦ୍ର ଜାନି ପରିଚାଳନା କରିଥିବାବେଳେ ସଗିର ଅହେମ୍ମଦ ଓ ଚିତ୍ତରଞ୍ଜନ ପରିଡ଼ା ତାଙ୍କୁ ଲାଇନରେ ସହାୟତା କରିଥିଲେ। ମୁଖ୍ୟଅତିଥି ଭାବେ ଲକ୍ଷ୍ମୀଧର ବଡ଼ଜେନା, ମହମ୍ମଦ ଜମିରୁଲ ରହେମନ, ନଶିମୁଦ୍ଦିନ ଅହେମ୍ମଦ, ହଜି ଇସମାଇଲ, ଜାପାନୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆସୋସିଏସନର ସମ୍ପାଦକ ଏସ କେ ହୁଦା, ଦେବରାଜ ବାରିକ ସହଯୋଗ କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ଭୂଷୁଣ୍ଡପୁର,୨୧।୧୨(ସମିସ): ପ୍ରସିଦ୍ଧ ତନ୍ତ୍ର ପୀଠ ମା' ଉଗ୍ରତାରା ପୀଠରେ ବାଲିପାଟପୁର ରିଫୁଜି ହାଇସ୍କୁଲର ୨୦୦୫ ମସିହା ବ୍ୟାଚ୍ ର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ, ଜିଲ୍ଲା ଓ ଜିଲ୍ଲା ବାହାରେ ରହୁଥିବା ୫୦ରୁ ଉର୍ଦ୍ଧ୍ୱ ବନ୍ଧୁମାନେ ଯୋଗଦେଇଥିଲେ। ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ସହ ପରିବେଶ ସୁରକ୍ଷା ଲାଗି ସମସ୍ତେ ଗୋଟିଏ ଲେଖାଏଁ ଗଛ ଲଗାଇବା ଏବଂ ପ୍ରତ୍ୟେକ ସମୟରେ ପରସ୍ପରର ସହଯୋଗ କରିବା ନେଇ ଶପଥପାଠ କରିଥିଲେ।

### ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍

# ମଣିପୁରକୁ ହରାଇ ବିହାର ସେମିଫାଇନାଲରେ

ଟାଙ୍ଗୀ,୨୧।୧୨(ସମିସ)



ଟାଙ୍ଗୀ ବ୍ଲକ ଅଧିନସ୍ଥ କୁହୁଡି ଜନତା ଷ୍ଟାଡିୟମ୍‌ରେ ମହାବୀର ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ୬୬ତମ ସର୍ବଭାରତୀୟ ମହାବୀର କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ମା' କାମାକ୍ଷା ସ୍ପୋର୍ଟ୍ସ କ୍ଲବ ବକ୍ସର ବିହାର ଏଫଏଫଏ ଇମ୍ଫାଲ ମଣିପୁରକୁ ଟାଇବ୍ରେକର ରେ ହରାଇ ସେମିଫାଇନାଲରେ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ଅନୁଷ୍ଠାନର ଉପସଭାପତି ରାଜ କିଶୋର ବୈରୀଗଞ୍ଜନ, ସମ୍ପାଦକ ମନୋଜ ମାନସିଂହ, ସହସମ୍ପାଦକ ରମେଶ ନାଇଡୁଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଜନତା ହାଇସ୍କୁଲ ପଡିଆରେ ଆୟୋଜିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅବସରରେ ମୁଖ୍ୟଅତିଥି ଭାବେ ଜାତୀୟ ଫୁଟବଲ ଖେଳାଳୀ ତଥା ଫୁଟବଲ ବରିଷ୍ଠ କୋଚ ବିଶ୍ୱନାଥ କୁଣ୍ଡୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ହୃଷିକେଶ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଗୁରୁବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜିର ଖେଳରେ ଏଫଏଫଏ ଇମ୍ଫାଲ ମଣିପୁରର ୧୮ ନମ୍ବର ଜର୍ସି କେ ଡେନ୍ସି ଓ ମା କାମାକ୍ଷା ସ୍ପୋର୍ଟ୍ସ କ୍ଲବ ବକ୍ସର ବିହାରର ୭ ନମ୍ବର ଜର୍ସି ଡି.ସୋଜାଙ୍କୁ "ବିଭୁତି ମେମୋରିଆଲ ଟ୍ରଫି"ର ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ଦିଆଯାଇଥିଲା। ରେଫରୀ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ଲାଇନ୍ସରେ ସହଯୋଗ କରିଥିଲେ ସକାଓ୍ୱତ ଅଲି ଖାନ ଓ ବିଜୟ ମଙ୍ଗରାଜ ତତସହିତ ଅଫିସିଆଲ ଭାବେ ଫୋର୍ଥ ରେଫରୀ ଗୋପାଳ ସାମନ୍ତରାୟ ଉପସ୍ଥିତ ରହିଥିଲେ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ନିରାକାରପୁର, ୨୧।୧୨ (ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ତ୍ରିଦିବସୀୟ ବାର୍ଷିକ କ୍ରୀଡା ଉତ୍ସବ ସରପଞ୍ଚ ନଳିନୀ ଅରିସଲଙ୍କ ଉପସ୍ଥିତିରେ ଉଦ୍‌ଯାପିତ ହୋଇ ଯାଇଛି। ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ବିଦ୍ୟାଳୟର ପ୍ରାକ୍ତନ ସମ୍ପାଦକ ପର୍ଶୁରାମ ମାର୍ଥା ମୁଖ୍ୟଅତିଥି, ପ୍ରାକ୍ତନ ଅଧ୍ୟକ୍ଷ ଡ. ଜଗମୋହନ ପଟ୍ଟନାୟକ ସମ୍ମାନିତ ଅତିଥି, ପ୍ରାକ୍ତନ ଅଧ୍ୟକ୍ଷ ତରୁଣକାନ୍ତି ରାୟଙ୍କ ସହିତ ମହାବିଦ୍ୟାଳୟର ପରିଚାଳନା କମିଟିର ପ୍ରାକ୍ତନ ସଦସ୍ୟ ଅବଦୁଲ ଶୋଭନ ଖାଁ, ରଜନୀକାନ୍ତ ରାଉତରାୟ, ତପନ ପାତ୍ର ଓ ଅହେସାନ ଉଲ୍ଲା ପ୍ରମୁଖ ଯୋଗଦେଇ ଥିଲେ। ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରତାପ କିଶୋର ଛୋଟରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ମାନସ ଜୟସିଂହ କ୍ରୀଡ଼ା ବିବରଣୀ ପାଠ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ଡ. ସୁମନ୍ତ ଦେହେରୀ। ତ୍ରିଦିବସୀୟ କ୍ରୀଡ଼ାକୁ ପରିଚାଳନା କରିଥିଲେ ମହାବିଦ୍ୟାଳୟର ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ଦିଗମ୍ବର ବଳିଆର ସିଂହ, ନିଆଳସ୍ଥ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶ୍ରୀନିବାସ ଶ୍ରୀଚନ୍ଦନ, ପ୍ରଶସ୍ତ ବେହେରା, ପ୍ରକାଶ ବେହେରା।

## ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବେଗୁନିଆ,୨୧।୧୨(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ସ୍ପୋର୍ଟସ ଆସୋସିଏସନ୍ ପକ୍ଷରୁ ରାଜ୍ୟସ୍ତରୀୟ ଷଷ୍ଠ ତମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଶିବ ନାରାୟଣ ମିଶ୍ର, ଇଣ୍ଡିଆନ ବ୍ୟାଙ୍କ ପରିଚାଳକ ସତ୍ୟବାଦୀ ଦୋରା, ପ୍ରଧାନଶିକ୍ଷକ ବିଜୟ ମହାପାତ୍ର, ରାଧାଶ୍ୟାମ ସାହୁ, ରାଜ କିଶୋର ପାଣିଗ୍ରାହୀ ଓ ସୁରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜିର ମ୍ୟାଚ ଅତ୍ରି ସ୍ପୋର୍ଟସ ଆସୋସିଏସନ୍ ଓ ଭୁବନେଶ୍ୱର ଆଇଆରସି ଭିଲେଜ କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅତ୍ରି ଦଳ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ଓଭରରେ ୨୧୦ ରନ ସଂଗ୍ରହ କରିଥିବା ବେଳେ ଜବାବରେ ଆଇଆରସି ଭିଲେଜ୍ କ୍ରିକେଟ ଦଳ ନିର୍ଦ୍ଧାରିତ ଓଭର ପୂର୍ବରୁ ୯୬ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଉଭୟ ବ୍ୟାଟିଂ ଓ ବୋଲିଂରେ ସଫଳ ପ୍ରଦର୍ଶନ କରିଥିବା ପପୁ ଚାନ୍ଦଙ୍କୁ ପ୍ରଦ୍ୟୁମ୍ନ ମହାପାତ୍ର ମେମୋରିଆଲ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟର ରମାକାନ୍ତ ପାତ୍ର ଓ ବିନୟ କୁମାର ପାଇକରାୟ ଖେଳ ପରିଚାଳନା କରିଥିବା ବେଳେ ମିଥୁନ ପ୍ରଧାନ ଏବଂ ସିଦ୍ଧେଶ୍ୱର ବେହେରା ସ୍କୋରର ଦାୟିତ୍ୱ ତୁଲାଇ ଥିଲେ।

## ରେନ୍‌ବୋ କ୍ରିକେଟ: କୁମ୍ଭାରବସ୍ତ ଚାମ୍ପିଅନ

ବେଗୁନିଆ,୨୧।୧୨(ସମିସ): ବେଗୁନିଆ ବ୍ଲକ୍ ସାରୁଅ ପଞ୍ଚାୟତ ପତନିବର ଗ୍ରାମର ରେନ୍‌ବୋ କ୍ରିକେଟ୍ କ୍ଲବ୍‌ର ୩୧ତମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ କୁମ୍ଭାରବସ୍ତ ଓ ତମାଣ୍ଡୋ ମଧ୍ୟରେ ହୋଇଥିଲା। ତମାଣ୍ଡୋ ଦଳ ପ୍ରଥମେ ଟସ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୨୨୭ ରନ୍ ସଂଗ୍ରହ କରିଥିଲା। ଜବାବରେ କୁମ୍ଭାରବସ୍ତ ଦଳ ୨୩୦ ରନ ସଂଗ୍ରହ କରି ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣ ସଭାରେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥି, ସରପଞ୍ଚ ରଞ୍ଜିତା ମହାଭୋଇ,ନାଏବ ସରପଞ୍ଚ ଦେବାଶିଷ ଦଳେଇ,ସମାଜସେବୀ ଦିଲ୍ଲୀପ ମହାଭୋଇ, ଆଇଟିସି ପରିଚାଳକ ପ୍ରବୀଣ ଦଳେଇ ଓ ପୂର୍ବତନ ସରପଞ୍ଚ ସୁଦର୍ଶନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ମନୋଜ ପାଇକରାୟ ଓ ଭାଗିରଥି ପାଇକରାୟ ମ୍ୟାଚ୍ ପରିଚାଳନା କରିଥିବା ବେଳେ ମଳୟ ପ୍ରଧାନ, ଶୁଭେନ୍ଦୁ ପାଇକରାୟ, ସତ୍ୟପ୍ରସାଦ ଛୋଟରାୟ ସ୍କୋର ଦାୟିତ୍ୱ ତୁଲାଇଥିଲେ।

# ବଡମ୍ବାରେ ଜଳକଷ୍ଟ

# ଫାଟୁଛି ପାଇପ୍, ବୋହିଯାଉଛି ପାଣି

ବଡମ୍ବା,୨୧।୧୨(ସମିସ)

କଟକ ଜିଲ୍ଲା ବଡମ୍ବା ବ୍ଲକରେ ପାନୀୟ ଜଳଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିଲେ ମଧ୍ୟ ଏହି ଅଞ୍ଚଳର ଲୋକଙ୍କ ଭାଗ୍ୟ ବଦଳିନାହିଁ। ସ୍ୱଚ୍ଛ ପାନୀୟଜଳ ଯୋଗାଇବା ପାଇଁ ସରକାର କୋଟି

## ବିଭାଗୀୟ ଅବହେଳା ଯୋଗୁଁ ମେଗା ପ୍ରକଳ୍ପ ଏବେ ଲୋକଙ୍କ ପାଇଁ ସମସ୍ୟା

କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବାସ୍ତବରେ କିନ୍ତୁ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାର ଚରମ ଅବହେଳା ଯୋଗୁଁ ୩୮ଟି ପଞ୍ଚାୟତର ଲୋକେ ଏବେ ପାଣି ମୁନ୍ଦେ ପାଇଁ ତହକବିକଳ ହେଉଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ ଲୋକଙ୍କ ଘରେ ପାଣି ପହଞ୍ଚିବା ପରିବର୍ତ୍ତେ ପାଇପ୍ ଫାଟି ରାସ୍ତାରେ ନଈ ବୋହୁଛି, ଯାହାଫଳରେ ଗମନାଗମନରେ ଘୋର ଅସୁବିଧା ଉପୁଜୁଛି। ବିଶେଷ କରି ମା' ଭାଟାରିକାଙ୍କୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ମଧ୍ୟ ଏହି କୃତ୍ରିମ ଜଳବନ୍ଦୀ ସମସ୍ୟା ଯୋଗୁଁ ହଇରାଣ ହେଉଛନ୍ତି। ଏହି ବିଫଳତା ପଛରେ ଏଲ୍ଆଣ୍ଡଟି ଠିକାସଂସ୍ଥାର ନିମ୍ନମାନର କାର୍ଯ୍ୟ ଓ ବେପରୁଆ ନୀତିକୁ ମୁଖ୍ୟ କାରଣ ଭାବେ ଦାୟୀ କରାଯାଇଛି। ୨୦୧୮ରେ ୧୭ କୋଟି ଟଙ୍କାର ବ୍ୟୟବରାଦରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପକୁ ୨୦୨୦ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ଚୁକ୍ତିର ୫ ବର୍ଷ ବିତିଯାଇଥିଲେ ମଧ୍ୟ ବ୍ଲକର କଣ୍ଟା, ବିଶ୍ୱନାଥପୁର, ଗୋପାଳପୁର, ବେଲିଆପାଳ, ଜାନିସାହି ଏବଂ ଗୋପୀନାଥପୁର ଭଳି ଅନେକ ଗ୍ରାମ ଏବେବି ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଅନେକ ସ୍ଥାନରେ ଠିକା ସଂସ୍ଥା ରାସ୍ତା ଖୋଳି ପାଇପ୍ ବିଛାଇବା ପରେ ତାକୁ ମରାମତି ନ କରି ଛାଡ଼ି ପଳାଇଥିବା ଅଭିଯୋଗ ହୋଇଛି। ଯେଉଁଠାରେ ଜଳ ଯୋଗାଣ କରାଯାଉଛି, ସେଠାରେ ସମୟର କୌଣସି ତାଳମେଳ ରହୁନାହିଁ; କେତେବେଳେ ଅଧରାତିରେ ତ ପୁଣି କେତେବେଳେ ମଧ୍ୟାହ୍ନରେ ପାଣି ଛଡ଼ାଯାଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଅଧିକାରୀ କିମ୍ବା ଠିକା ସଂସ୍ଥାର କର୍ମଚାରୀମାନେ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏପରିକି ଅଭିଯୋଗକାରୀଙ୍କୁ ଓଲଟା ଦୁର୍ବ୍ୟବହାର କରାଯାଉଥିବା ନେଇ ଖବର ମିଳିଛି। ପୂର୍ବରୁ ବିଭାଗୀୟ ମନ୍ତ୍ରୀ ଏହି ଅଞ୍ଚଳ ଗସ୍ତ କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଁ ତୃଣମୂଳସ୍ତରରେ କୌଣସି ପରିବର୍ତ୍ତନ ଦେଖିବାକୁ ମିଳିନାହିଁ। ସରକାରଙ୍କ ଏହି ମେଗା ପାନୀୟ ଜଳ ପ୍ରକଳ୍ପ କେବଳ ଘୋଷଣା ଓ କାଗଜପତ୍ରରେ ସୀମିତ ରହିଥିବା ବେଳେ ଯଥାଶୀଘ୍ର ଏହାର ସ୍ଥାୟୀ ସମାଧାନ କରି ଜନସାଧାରଣଙ୍କୁ ସ୍ୱଚ୍ଛ ପାଣି ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।



# ପ୍ରଯୋଜକ ସଂଘର ସାଧାରଣ ସଭା



**କଟକ,୨୧।୧୨(ସମିସ):** ଓଡିଶା ଚଳଚ୍ଚିତ୍ର ପ୍ରଯୋଜକ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇସାରିଛି। ଏହି ନିର୍ବାଚନରେ ଯୁଗଳ କିଶୋର ଦେବତା ସଭାପତି, ଅଜୟ ରାଉତରାୟ ଉପସଭାପତି, ରଞ୍ଜିତ ରାଉତ ସମ୍ପାଦକ, ସମରେଶ ରାଉତରାୟ ଯୁଗ୍ମ ସମ୍ପାଦକ, ଚିତ୍ତରଞ୍ଜନ ମିଶ୍ର କୋଷାଧ୍ୟକ୍ଷ ଓ ଅଜୟ ମହାନ୍ତି, ପ୍ରଣୟ ଜେଠୀ, ରମେଶ ବାରିକ, ତପନ ଦାସ, କେ ତମନା, ଲିଟୁ ମହାନ୍ତି, କୌଶିକ ଦାଶ ଓ ଅକ୍ଷୟ ପ୍ରଧାନ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନକୁ ସୂଚାରୁ ରୂପେ ବ୍ରଜ କିଶୋର ପ୍ରଧାନ, ଜୁବୁଲି ସୁନ୍ଦରାୟ, ଚନ୍ଦନ ତ୍ରିପାଠୀ ଓ ପରେଶ ଅଭଲାନି ପରିଚାଳନା କରିଥିଲେ।

# ଆଠଗଡ଼ ମହୋତ୍ସବର ଚତୁର୍ଥ ଦିବସ



ଆଠଗଡ଼,୨୧।୧୨(ସମିସ): ରବିବାର ଆଠଗଡ଼ ମହୋତ୍ସବ-୨୦୨୫ର ଚତୁର୍ଥ ଦିବସ କାର୍ଯ୍ୟକ୍ରମରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ସାଥୀ କଳାକାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବିମୋହିତ କରିଛି। ଚତୁର୍ଥ ସନ୍ଧ୍ୟାରେ ମହୋତ୍ସବର ଆବାହକ ଫଣିଭୂଷଣ ରଥଙ୍କ ଆବାହକତ୍ୱ ଏବଂ କମିଟି ଉପଦେଷ୍ଟା ବିଜେପିର ବରିଷ୍ଠ ନେତା ଅଭୟ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ରାଜ୍ୟ ଉଚ୍ଚଶିକ୍ଷା ତଥା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇଥିଲେ। ରବିବାର ଥିବାରୁ ମହୋତ୍ସବ ପଡିଆରେ ବ୍ୟାପକ ଜନଗହଳି ରହିଥିଲା। ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଆଠଗଡ଼ ଓକିଲ ସଂଘ ସଭାପତି ଜଗଦାନନ୍ଦ ତ୍ରିପାଠୀ, ସଂପାଦକ ବନ ବିହାରୀ ସାହୁ, ମହୋତ୍ସବ କମିଟି ଉପସଭାପତି ସନ୍ତୋଷ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ।

# ଡ୍ରିମ୍ ଇଣ୍ଡିଆ ସ୍କୁଲର ବାର୍ଷିକୋତ୍ସବ




**କଟକ,୨୧।୧୨(ସମିସ):** ସିଡିଏ ସେକ୍ଟର ୧୦ସ୍ଥିତ ଡ୍ରିମ୍ ଇଣ୍ଡିଆ ସ୍କୁଲର ବାର୍ଷିକ ଉତ୍ସବ ସେକ୍ଟର ୬ ଉଇଣ୍ଡସର୍ ପ୍ୟାଲେସ୍‌ଠାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସଙ୍ଗୀତଜ୍ଞ ସଚିନ ରାଉତ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ରଶ୍ମିତା ପରିଜା ଓ ଜାନକୀକାନ୍ତ ଦାସ ସଭା ପରିଚାଳନା କରିଥିଲେ। ବାର୍ଷିକ ବିବରଣୀ ପାଠ ଓ ପରିଚୟ ପ୍ରଦାନ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ମିଶ୍ର। ବିଦ୍ୟାଳୟର ପ୍ରତିଷ୍ଠାତା ରଶ୍ମିତା ପରିଜା ତାଙ୍କ ଭାଷଣରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତ ଅଭିଭାବକଙ୍କ ସହଯୋଗ ଆବଶ୍ୟକ ବୋଲି ସୂଚନା ଦେଇଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ତଥା ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଖୁବ୍ ଚିତ୍ତାକର୍ଷକ ହୋଇଥିଲା। ବିଦ୍ୟାଳୟର ପ୍ରାଶାସନିକ ଅଧକ୍ଷା ସରିତା ପରିଜା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସହପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ସଙ୍ଗୀତା ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଟିବିଏନ୍ ଓକିଲ୍ ସଂଘର ବାର୍ଷିକ ଉତ୍ସବ




ତିଗିରିଆ/ଆଠଗଡ,୨୧।୧୨(ସମିସ): ଆଠଗଡ଼ ଉପଖଣ୍ଡ ଏଟିବିଏନ୍ ଓକିଲ୍ ସଂଘର ୩୧ତମ ବାର୍ଷିକ ଉତ୍ସବ ରବିବାର ଆଠଗଡ଼ ସହରସ୍ଥିତ ଶୁଭଦୀପା କଲ୍ୟାଣୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଫଣୀଭୂଷଣ ରଥଙ୍କ ଅଧ୍ୟକ୍ଷତାରେ ଆଠଗଡ଼, ତିଗିରିଆ ବଡମ୍ବା, ନରସିଂହପୁର କଟକ, ଭୁବନେଶ୍ୱର ଓ ବାଙ୍କୀର ସଦସ୍ୟ ଅଧିବକ୍ତାଙ୍କୁ ନେଇ ଆୟୋଜିତ ବାର୍ଷିକ ଉତ୍ସବରେ ଚଳିତ ବର୍ଷ ଆଇନଜୀବୀ ସନ୍ତୋଷ ସାହୁ, ବୁଦ୍ଧିମାନ ସାହୁ, ଶାଶ୍ୱତ ସ୍ୱାଇଁ, ଦୀପକ ପ୍ରଧାନ, ସଭାପତି ପରିଡା, ଜ୍ଞାନେନ୍ଦ୍ର ଆଚାର୍ଯ୍ୟ, ଗଗନ ବିହାରୀ ରାଉତ ଆଦି ୯ ଜଣ ଆଇନଜୀବୀଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଇନଜୀବୀଙ୍କୁ ସରକାରୀସ୍ତରରେ ପେନସନ ଯୋଗାଇଦେବାକୁ ମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଇନଜୀବୀ ସୁବାସଚନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଷ୍ଟୁଆର୍ଟ ସ୍କୁଲରେ ରକ୍ତଦାନ ଶିବିର

**କଟକ,୨୧।୧୨(ସମିସ):** ରକ୍ତଦାନକୁ ଏକ ମହାନ ପୁଣ୍ୟ କାର୍ଯ୍ୟ ଭାବେ ବିଚାର କରି କଟକ ଷ୍ଟୁଆର୍ଟ ସ୍କୁଲ ପ୍ରାଙ୍ଗଣରେ ଏକ ବିଶାଳ ରକ୍ତଦାନ ଶିବିର ସମ୍ପନ୍ନ ହୋଇଯାଇଛି। ବିଦ୍ୟାଳୟର ଏନସିସି ଏବଂ ସ୍କାଉଟ୍ ଓ ଗାଇଡ୍ ପିଲାମାନଙ୍କ ଦ୍ୱାରା ଆୟୋଜିତ ଏହି ଶିବିରରେ ସେଣ୍ଟ୍ରାଲ ରେଡକ୍ରସ ବ୍ଲଡ଼ ସେଣ୍ଟର୍, କଟକ ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବୋର୍ଡ ଅଫ ଏଜୁକେସନର ସିବି ଫାର୍ଲି ନର୍ଥଙ୍କ ଦ୍ୱାରା ପବିତ୍ର ପ୍ରାର୍ଥନା କରାଯାଇଥିବା ବେଳେ ପ୍ରଧାନ ଅଧକ୍ଷା ଡି. ମାର୍ଟିନା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ରକ୍ତହୀନତା ରୋଗୀଙ୍କ ଜୀବନ ରକ୍ଷା ନିମନ୍ତେ ଆୟୋଜିତ ଏହି ଶିବିରରେ ବହୁ ସଂଖ୍ୟାରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ। ବିଶେଷ କରି ବିଦ୍ୟାଳୟର ସେକ୍ରେଟାରୀ ରଶ୍ମି ସେନାପତି ଓ ଅଧକ୍ଷା ଡି. ମାର୍ଟିନା ନିଜେ ରକ୍ତଦାନ କରି ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଥିଲେ। ଏହି ଶିବିରରୁ ସର୍ବମୋଟ ୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏନସିସି ଅଫିସର ସୌମ୍ୟ ରଞ୍ଜନ ପଣ୍ଡା ଏବଂ ଗାଇଡ୍ କ୍ୟାପଟେନ ଅର୍ଚ୍ଚନା ଦାସ କାନୁନଗୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିଲା। ଏନସିସି ଓ ଗାଇଡ୍‌ର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନେ ରକ୍ତଦାତାଙ୍କ ସୁଚାରୁରୂପେ ଯତ୍ନ ନେଇ ଶିବିରକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



# ରେଭେନ୍ସାରେ ପ୍ରଫେସର ଡିସି ମିଶ୍ର ସ୍ମାରକୀ ବକ୍ତୃତା

**କଟକ,୨୧।୧୨(ସମିସ):** କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ ପ୍ରତିଷ୍ଠିତ ଶିକ୍ଷାବିତ୍ ତଥା ହାଭାର୍ଡ ବିଶ୍ୱବିଦ୍ୟାଳୟରୁ ପ୍ରଥମ ଓଡ଼ିଆ ଭାବେ ଡକ୍ଟରେଟ୍ ଲାଭ କରିଥିବା ପ୍ରଫେସର ଦେବେନ୍ଦ୍ରଚନ୍ଦ୍ର ମିଶ୍ରଙ୍କ ସ୍ମୃତିରେ ଏକ ସ୍ମାରକୀ ବକ୍ତୃତା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତୀୟ କୃଷି ଗବେଷଣା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପ୍ରତାପ ସିଂହ ବିର୍ଥଲ୍ ମୁଖ୍ୟବକ୍ତା ଭାବେ ''ବିକଶିତ ଭାରତ ନିମନ୍ତେ କୃଷି ଅର୍ଥନୀତିର ପୁନର୍ଗଠନ' ଶୀର୍ଷକରେ ନିଜର ବକ୍ତବ୍ୟ ରଖିଥିଲେ। ବକ୍ତୃତା ପ୍ରସଙ୍ଗରେ ସେ କୃଷି କ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ଆହ୍ୱାନ ଯଥା ଜଳବାୟୁ ପରିବର୍ତ୍ତନ, ଭୂତଳ ଜଳସ୍ତର ହ୍ରାସ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ଉପରେ ଚିନ୍ତା ପ୍ରକଟ କରିଥିଲେ। ଅତ୍ୟଧିକ ସାର ଓ କୀଟନାଶକର ବ୍ୟବହାର ପରିବେଶ ଉପରେ ଚାପ ପକାଉଥିବାରୁ ସେ ଡିଜିଟାଲ କୃଷି, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ସ୍ଥାୟୀ କୃଷି ପ୍ରଣାଳୀ ଏବଂ ଆଞ୍ଚଳିକ ସ୍ଥିତି ଅନୁଯାୟୀ ଫସଲ ବୀମା ଯୋଜନାକୁ ଆପଣାଇବା ପାଇଁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ମନୋଜ କୁମାର ଦାସଙ୍କ ସ୍ୱାଗତ ଭାଷଣ ଓ ପ୍ରଫେସର ଧର୍ମବ୍ରତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ଶିକ୍ଷାବିତ୍ ଓ ଶତାଧିକ ଛାତ୍ରଛାତ୍ରୀ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜର ଜ୍ଞାନ ଆହରଣ କରିଥିଲେ। ପ୍ରାରମ୍ଭରେ ବରିଷ୍ଠ ଅଧ୍ୟାପିକା ଡ଼ ଲିପିଶ୍ରୀ ଦାସ ପ୍ରଫେସର ଡି.ସି ମିଶ୍ରଙ୍କ ଅବଦାନ ବିଷୟରେ ସୂଚନା ଦେଇଥିଲେ। ଡ. କୀର୍ତ୍ତିରଞ୍ଜନ ପାଲଟାସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ନିରୂପମା ଟେଟେ ଧନ୍ୟବାଦ ଦେଇଥିଲେ।




# ଠାକୁର ଅନୁକୂଳଚନ୍ଦ୍ରଙ୍କ ଶୁଭ ଜନ୍ମ ମହୋତ୍ସବ



ବଡ଼ମ୍ବା,୨୧।୧୨(ସମିସ): ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଶୁଭ ୧୩୮ତମ ଜନ୍ମ ମହୋତ୍ସବ, ପରମ ପୂଜ୍ୟପାଦ ଶ୍ରୀ ଶ୍ରୀ ଆଚାର୍ଯ୍ୟଦେବଙ୍କ ଶୁଭାଗମନର ପ୍ରଥମ ବାର୍ଷିକୀ ସ୍ମରଣ ଉତ୍ସବ ତଥା ସତସଙ୍ଗ ବିହାର, ବଡ଼ମ୍ବାର ୩୯ତମ ବାର୍ଷିକ ଉତ୍ସବ ବିଭିନ୍ନ ମାଙ୍ଗଳିକ ଅନୁଷ୍ଠାନ ସହ ମହାସମାରୋହରେ ପାଳିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରେ ମାଙ୍ଗଳିକ ନହବତ୍, ଉଷା କୀର୍ତ୍ତନ, ପ୍ରାତଃ ବିନତୀ ପ୍ରାର୍ଥନା, ପ୍ରତିଭା ସମ୍ପନ୍ନ ଶିଳ୍ପୀଙ୍କ ଦ୍ୱାରା ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ, ସୁଦୃଶ୍ୟ ରଥରେ ଠାକୁରଙ୍କ ପ୍ରତିକୃତି ସହ ଭକ୍ତ ଅନୁଗାମୀଙ୍କ ଦ୍ୱାରା ନଗର କୀର୍ତ୍ତନ ଓ ତତ୍ପରେ ସାଧାରଣ ସଭା ସତସଙ୍ଗ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଦସ୍ୟ ପାରେଶ୍ୱର୍ ଜେନାଙ୍କ ପରିଚାଳନାରେ ଉକ୍ତ ଆଧ୍ୟାତ୍ମିକ ଆସରରେ ସ୍ଥାନୀୟ କର୍ମୀ, ଗୁରୁ ଭାଇ ମା' ମାନଙ୍କ ସହ ନରସିଂହପୁର, ତିଗିରିଆ, ପାଞ୍ଚଗାଁ, ଆଠଗଡ, କରବର ଓ ନୟାଗଡ଼ରୁ ପ୍ରାୟ ୧୫୦୦ ଅନୁରାଗୀ ଭକ୍ତମଣ୍ଡଳୀ ଯୋଗଦାନ କରି ବିଶ୍ୱ ଶାନ୍ତି ପାଇଁ ଶ୍ରୀ ଶ୍ରୀ ଠାକୁରଙ୍କ ଦିବ୍ୟ ଦର୍ଶନର ଧାରାରେ ଅନୁପ୍ରାଣିତ ହେବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ।

# 'ମୋ ସ୍ମୃତିରେ ବ୍ୟକ୍ତି ଓ ବ୍ୟକ୍ତିତ୍ୱ' ପୁସ୍ତକ ଲୋକାର୍ପିତ

କଟକ,୨୧।୧୨(ସମିସ): ବିଶିଷ୍ଟ ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁଙ୍କ ଦ୍ୱାରା ରଚିତ ପୁସ୍ତକ 'ମୋ ସ୍ମୃତିରେ ବ୍ୟକ୍ତି ଓ ବ୍ୟକ୍ତିତ୍ୱ'ର ଲୋକାର୍ପଣ ସମାରୋହ ରବିବାର ସନ୍ଧ୍ୟାରେ କଟକସ୍ଥ ମହାନଦୀ ବିହାରଠାରେ ଅନୁଷ୍ଠିତ ହୋଇଯାଇଛି। ରାଜନୀତି, ସାହିତ୍ୟ, କଳା ଓ ସଂସ୍କୃତି କ୍ଷେତ୍ରର ୫୭ଜଣ ଦିବଂଗତ ବିଶିଷ୍ଟ ବ୍ୟକ୍ତିଙ୍କ ସମ୍ପର୍କିତ ୬୨ଟି ସ୍ମୃତିଲେଖକୁ ନେଇ ସଙ୍କଳିତ ଏହି ପୁସ୍ତକଟି ସମକାଳୀନ ଓଡ଼ିଶାର ଏକ ପ୍ରାମାଣିକ ଦଲିଲ ବୋଲି ଶିକ୍ଷାବିତ୍‌ମାନେ ମତ ଦେଇଛନ୍ତି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ପ୍ରଫେସର ନଟବର ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ସମ୍ମାନିତ ଅତିଥି ଭାବେ ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡଃ ସଂଜିତା ମିଶ୍ର ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡଃ ଜ୍ଞାନୀ ଦେବାଶିଷ ମିଶ୍ର ଯୋଗଦେଇ ଏହି ସ୍ମୃତିଲେଖଗୁଡ଼ିକୁ ଉଚ୍ଚକୋଟୀର ଗଦ୍ୟ ସାହିତ୍ୟର ଆଖ୍ୟା ଦେଇଥିଲେ। ଲେଖକ ଡକ୍ଟର ଭୂୟାଁ ନିଜର ଲେଖକୀୟ ଅଭିବ୍ୟକ୍ତି ରଖିଥିବା ବେଳେ ପ୍ରକାଶକ ଡଃ ବିଜୟ ରାଉତ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇନଜୀବୀ ଆକାଶ ଭୂୟାଁ ସ୍ୱାଗତ ଭାଷଣ ଏବଂ ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ସାହିତ୍ୟିକ କୃତିକୁ ଉଚ୍ଚ ପ୍ରଶଂସା କରିଥିଲେ।



# ମିଶନ ଶକ୍ତି ଓ ଅଙ୍ଗନବାଡ଼ି ଗୃହ ଉଦ୍‌ଘାଟିତ



**କଟକ,୨୧।୧୨(ସମିସ):** କଟକ ମହାନଗର ନିଗମ (ସିଏମସି) ଅଞ୍ଚଳରେ ଭିତ୍ତିଭୂମିର ବିକାଶ ଓ ମହିଳା ସଶକ୍ତିକରଣକୁ ପ୍ରାଥମିକତା ଦେଇ ରବିବାର ପୂର୍ବାହ୍ନରେ ମେୟର ସୁବାସ ସିଂହଙ୍କ ଦ୍ୱାରା ଦୁଇଟି ପ୍ରମୁଖ ଗୃହର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ସକାଳ ୧୧ଟା ସମୟରେ ମେୟର ୱାର୍ଡ ନମ୍ବର ୩ ସ୍ଥିତ ଜଜପଠାରେ ଏକ ନୂତନ ମିଶନ ଶକ୍ତି ଗୋଷ୍ଠୀ ଗୃହ ଏବଂ ଧବଳେଶ୍ୱର ଗଡ଼ାରେ ଏକ ଅତ୍ୟାଧୁନିକ ଅଙ୍ଗନବାଡି କେନ୍ଦ୍ର ଗୃହକୁ ଲୋକାର୍ପିତ କରି ସ୍ଥାନୀୟ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଥିଲେ। ଏହି ଅବସରରେ ମେୟର କହିଥିଲେ ଯେ ଏହି ଗୋଷ୍ଠୀ ଗୃହ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବାରେ ସହାୟକ ହେବା ସହ ନୂତନ ଅଙ୍ଗନବାଡି ଗୃହ କୋମଳମତି ଶିଶୁଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ଅନୁକୂଳ ପରିବେଶ ଯୋଗାଇଦେବ। ଏହି ଉଦ୍‌ଘାଟନୀ ସମାରୋହରେ ମେୟରଙ୍କ ସମେତ ସିଏମସି ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ ରାଉତ, ଅଧ୍ୟକ୍ଷା ପ୍ରଳୟା ବେଉରା ଏବଂ ଅଧ୍ୟକ୍ଷ ପ୍ରଦୀପ ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ସୁଷମାରାଣୀ ସୁବୁଦ୍ଧି, ଦୁର୍ଗା ଚରଣ ସିଂ, ସୁବଳ ଚରଣ ସୁବୁଦ୍ଧି, ଜଗନ୍ନାଥ ସ୍ୱାଇଁ, ସରିତା ମଞ୍ଜରୀ ଦାସ, ରାମଚନ୍ଦ୍ର ନାୟକ, ସୁରେନ୍ଦ୍ରନାଥ ମୁର୍ମୁ, ଶିବରାମ ମୁର୍ମୁ, ଚନ୍ଦୁ ହେମ୍ବ୍ରମ, ବାସନ୍ତୀ ମୁର୍ମୁ, ନୟନା ନାୟକ ଓ ମମତା ନାୟକ ଉପସ୍ଥିତ ଥିଲେ। ସିଏମସି ଯନ୍ତ୍ରୀ ଦିଲ୍ଲୀପ ସ୍ୱାଇଁ ଏବଂ ନିଗମର ଅନ୍ୟ ଅଧିକାରୀ ପରିଚାଳନା କରିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ମହିଳା, ଯୁବଗୋଷ୍ଠୀ ଏବଂ ଅଙ୍ଗନବାଡି କେନ୍ଦ୍ରର ଶିଶୁମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।

# କାଶୀନାଥ ଇଂରାଜୀ ମିଡିୟମ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



ତିଗିରିଆ,୨୧।୧୨(ସମିସ): ତିଗିରିଆ ବ୍ଲକ ନୂଆପାଟଣା ପଞ୍ଚାୟତ ଅଧିନ କାଶୀନାଥ ଇଂରାଜୀ ମିଡିୟମ ବିଦ୍ୟାଳୟରେ ରବିବାର ବାର୍ଷିକ କ୍ରୀଡା ଉତ୍ସବ ଓ ମା'ମାନଙ୍କ ଦ୍ୱାରା ଖାଦ୍ୟ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଏଲୋରା ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଗୋବିନ୍ଦଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ବିରଞ୍ଚି ନାରାୟଣ ପାତ୍ର, ସମ୍ମାନିତ ଅତିଥିଭାବେ ଡାକ୍ତର ଜମ୍ବେଶ୍ୱର ଦାସ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ତରଫରୁ ସମସ୍ତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ପୂର୍ବରୁ ବିଦ୍ୟାଳୟସ୍ତରୀୟ କ୍ରୀଡ଼ାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ଖାଦ୍ୟ ପ୍ରଦର୍ଶନୀ ପ୍ରତିଯୋଗିତାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମା'ମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରଦର୍ଶନୀରେ ମା'ମାନଙ୍କ ଦ୍ୱାରା ମୋଟ ୧୫ ପ୍ରକାରର ଘରୋଇ ଖାଦ୍ୟ ପ୍ରଦର୍ଶନ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଉପସ୍ଥିତ ଅତିଥି, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମା'ମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟର ମୂଲ୍ୟାୟନ କରି ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଳାସିନୀ ପଣ୍ଡା, ସୁଚିସ୍ମିତା ଦାଶ, ଅନିଶା ବେଗମ, ନେମତ ଜହାଁ ବେଗମ, ରଶ୍ମିତା ମହାନ୍ତି, ଅପରାଜିତା ପଲେଇ, ସୁପ୍ରଭା ରାଉତ, ରକ୍ଷିତା କୁମାରୀ, ସୁଶ୍ରୀ ଋତୁପର୍ଣ୍ଣା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କେନ୍ଦୁପାଟଣା ପଞ୍ଚାୟତ ଅଫିସ୍ ରାସ୍ତା ଶୋଚନୀୟ

ନିଶ୍ଚିନ୍ତକୋଇଲି,୨୧।୧୨(ସମିସ):

ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ କେନାଲ ବନ୍ଧ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଦୀର୍ଘ ବର୍ଷ ହେବ ଏହି କଚା ରାସ୍ତାଟିକୁ ଢଳେଇ ରାସ୍ତାରେ ପରିଣତ କରାଯାଇଥିଲେ ମଧ୍ୟ ନିର୍ମାଣ ସମୟରେ ଏହାର କାର୍ଯ୍ୟ ସଠିକ୍ ଭାବେ ହୋଇ ନ ଥିବାରୁ ଏହା ଭାଙ୍ଗିରୁଜି ଯାଇଛି। ବହୁ ଦିନ ହେବ ଏହି ରାସ୍ତାଟି ଦବିଯାଇ ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିଲା ବେଳେ ଏହାକୁ ଟିକିଏ ମରାମତି ମଧ୍ୟ କରାଯାଉନାହିଁ। ସରକାର ପଞ୍ଚାୟତ ମାଧ୍ୟମରେ ବିଭିନ୍ନ ଅନୁଦାନରେ ନୂତନ ରାସ୍ତା ନିର୍ମାଣ କରିବା, ଭାଙ୍ଗିରୁଜି ଯାଇଥିବା ରାସ୍ତାକୁ ମରାମତି କରିବା ଆଦି କାର୍ଯ୍ୟ କରୁଥିଲା ବେଳେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ଦେଇ ଯାଇଥିବା ରାସ୍ତାଟିକୁ କ'ଣ ପାଇଁ ମରାମତି କରାଯାଉନାହିଁ ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ପଞ୍ଚାୟତ କାର୍ଯ୍ୟାଳୟଟି କେନ୍ଦ୍ରାପଡା ମୁଖ୍ୟ କେନାଲରୁ ବାହାରିଥିବା ୮(ଏ) କେନାଲ ବନ୍ଧ ରାସ୍ତା ପାଶ୍ୱର୍ରେ ଅବସ୍ଥିତ ହୋଇଥିବାରୁ ଏହା ସମ୍ମୁଖ ଦେଇ ଯାଇଥିବା ଉକ୍ତ ରାସ୍ତାଟି ମୁଖ୍ୟ ରାସ୍ତାକୁ ସଂଯୋଗ କରୁଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଗ୍ରାମବାସୀ ବିଭିନ୍ନ ପନିପରିବା ଚାଷ ପାଇଁ କ୍ଷେତକୁ ଯାଉଥିବା ବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପଞ୍ଚାୟତରେ କାର୍ଯ୍ୟ ଥିବା ସାଧାରଣ ଲୋକମାନେ ଯାତାୟାତ କରୁଥିବାରୁ ଏହା ଏକ ପ୍ରମୁଖ ରାସ୍ତା ଅଟେ। ଅନେକ ସମୟରେ ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକମାନେ ହୋଇଥିବା ଖାଲଖମାରେ ପଡି ଦୁର୍ଘଟଣାଗ୍ରସ୍ତ ହେଉଥିବା ଦେଖାଯାଇଛି। ତୁରନ୍ତ ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି।



# ‘ପରବ’ ମୁଖ୍ୟ ସମାରୋହର ଚତୁର୍ଥ ସନ୍ଧ୍ୟା





## ସେୱା ପେପର ମିଲ୍‌କୁ ପୁନଃ କାର୍ଯ୍ୟକ୍ଷମ ଦାବି

# ଜାନୁୟାରୀରେ ଆନ୍ଦୋଳନ ପାଇଁ ବୈଠକ



ଜୟପୁର,୨୧।୧୨(ସମିସ): ଜୟପୁରସ୍ଥିତ ଯାଦବଭବନ ଠାରେ ସ୍ଥାନୀୟ ଗାଗନାପୁରସ୍ଥିତ ସେୱା ପେପର ମିଲ୍‌କୁ ପୁନଃ କାର୍ଯ୍ୟକ୍ଷମ କରିବା ଦାବି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହିପରି ତୁରନ୍ତ କାର୍ଯ୍ୟକ୍ଷମ କରିବା ଦାବି ନେଇ ଆସନ୍ତା ଜାନୁୟାରୀ ମାସରୁ ପୁଣି ଆନ୍ଦୋଳନ ଆରମ୍ଭ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା। ଅବସରପ୍ରାପ୍ତ କର୍ମଚାରୀ ପ୍ରହ୍ଲାଦ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୧ ନମ୍ବର କର୍ମଚାରୀ ସଂଘର ସଭାପତି ତଥା ଅବସରପ୍ରାପ୍ତ କର୍ମଚାରୀଙ୍କ ଆବାହକ ପ୍ରମୋଦ କୁମାର ମହାନ୍ତି ବୈଠକରେ କାରଖାନା ୨୦୨୪ ମସିହା ମେ' ୩୦ ତାରିଖରୁ ଆଉ ଏକ କମ୍ପାନୀକୁ ବିଜିନେସ୍ ଟ୍ରାନ୍ସଫର ଏଗ୍ରିମେଣ୍ଟ ଅନୁସାରେ ବିକ୍ରି ହୋଇଛି ଏବଂ ତାକୁ ଅନୁମୋଦନ କରି ରାଜ୍ୟ ସରକାର ନୂତନ କମ୍ପାନୀକୁ ଏନ୍ଓସି ଦେଇଛନ୍ତି। ଏଥିନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ସହିତ ସ୍ଥାନୀୟ ବିଧାୟକ ମଧ୍ୟ ପ୍ରକାଶ କରିଥିଲେ। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ କେଉଁ କମ୍ପାନୀକୁ ବିକ୍ରି ହୋଇଛି, କିଏ ମାଲିକ କିଛି ଜଣା ପଡୁ ନାହିଁ ବୋଲି ସଭାପତି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି। ଦୀର୍ଘ ୧୮ ମାସ ହେଲାଣି କାରଖାନା ବନ୍ଦ ହୋଇଥିବା ଯୋଗୁଁ କର୍ମଚାରୀ ମାନଙ୍କୁ ଦରମା ମିଳିନାହିଁ। ଅବସରପ୍ରାପ୍ତ ଓ ମୃତ କର୍ମଚାରୀ ମାନେ ବିଭିନ୍ନ ସମସ୍ୟାର ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ୫୦ ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଯାଇଛି। କିନ୍ତୁ କାରଖାନା ମୁଖ୍ୟ ଫାଟକ ଖୋଲା ହେଉଥିବା ବେଳେ କର୍ମଚାରୀ ମାନେ ନିର୍ଦ୍ଧାରିତ ସମୟରେ କରାଖାନା ଭିତରକୁ ଯାଇ ପୁଣି ସମୟରେ ଫେରୁଛନ୍ତି। ଜୟପୁରର ଅଞ୍ଚଳରେ ଏକମାତ୍ର ବୃହତ୍ ଶିଳ୍ପ ଏବଂ ଅଞ୍ଚଳର ଅର୍ଥନୈତିକ ଜୀବନ ରେଖା। ଏହି କାରାଖାନା ଉପରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ପ୍ରାୟ ୧୦ ହଜାର ଲୋକ ନିର୍ଭର କରୁଥିଲେ। ଏହି କାରାଖାନାକୁ ଚାଲୁ କରିବା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ୨ ଥର କୋରାପୁଟ ଜିଲ୍ଲା ଗସ୍ତ ସମୟରେ ଘୋଷଣା କରିଥିଲେ। ବୈଠକ ନିଷ୍ପତି ଅନୁଯାୟୀ ବିଭିନ୍ନ ସଂଘ ଓ ସଂଗଠନ ମାନଙ୍କ ସହଯୋଗରେ ଆସନ୍ତା ଜାନୁୟାରୀରୁ ଆନ୍ଦୋଳନ ଜୟପୁର ଠାରୁ ଆରମ୍ଭ କରାଯିବାକୁ ନିଷ୍ପତି ହୋଇଥିଲା। ପ୍ରକାଶ ଯେ, ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପକ୍ଷରୁ ୨୦୨୪ ମସିହା ଜୁଲାଇ ମାସ ପହିଲାରୁ ପ୍ରତିଦିନ କାରଖାନା ସମ୍ମୁଖରେ ଏକ ଘଣ୍ଟା ଧାରଣା କାର୍ଯ୍ୟକ୍ରମ ଜାରି ରହିଛି। ଆଜିର ବୈଠକରେ ବସନ୍ତ ବେହେରା, ଭାସ୍କର ମିଶ୍ର, ନରସିଂହ ମହାପାତ୍ର,ସରୋଜ ପଣ୍ଡା ଓ ଯୁଧିଷ୍ଠିର ସ୍ୱାଇଁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ




କୋରାପୁଟ,୨୧।୧୨(ସମିସ): କେନ୍ଦ୍ର ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠର ୩୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ମୁଖ୍ୟ ଅତିଥି ରୂପେ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ପୂର୍ବତନ ସମ୍ପାଦକ ଜଗବନ୍ଧୁ ସାମଲ ଯୋଗ ଦେଇ ପିଲା ମାନଙ୍କୁ ଭଲ ମଣିଷ ହେବାକୁ ହେଲେ ନିଷ୍ଠା ପୂର୍ବକ ନୀତି ନିୟମ ସହ କଠିନ ପରିଶ୍ରମ କରିବାକୁ ଉପଦେଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ. ଅମୂଲ୍ୟ ମହାପାତ୍ର ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଆଦର୍ଶକୁ ଜୀବନରେ ଗ୍ରହଣ କରିବା ପାଇଁ ଅନୁରୋଧ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଅତସୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ପିଲା ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ଡିଏଭି ସରକାରୀ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ନାରାୟଣ ପଣ୍ଡା ଯୋଗଦେଇ ପିଲା ମାନଙ୍କୁ ପାଠ ପଢ଼ିବା ସହ ଖେଳକୁଦ ତଥା ପହଁରିବା ପାଇଁ ପରାମର୍ଶ ଦେଇଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ। ଦଶମ ଶ୍ରେଣୀରେ ୯୬ ଶତକଡା ମାର୍କ ରଖି ପାସ୍ ହୋଇଥିବା ଚିନ୍ମୟ ସେଠୀଙ୍କୁ ବିଦ୍ୟାଳୟର ଷ୍ଟୁଡେଣ୍ଟ ଅଫ ଦ ଇଅର୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମ୍ପାଦକ ରାମ ପ୍ରସାଦ ସରାଫ, ସଭ୍ୟ ବୃନ୍ଦାବନ ସାହୁ, ଦୁଃଶାସନ ସ୍ୱାଇଁ, ମୋହନ ସରାଫ,ଅଶୋକ ପାଢ଼ୀ, ପି.ଦାଶରଥି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଉର୍ମିଳା ପାଣିଗ୍ରାହୀ, ଚନ୍ଦ୍ର ଶେଖର ପଣ୍ଡା, ହେମନ୍ତ ଟଙ୍କ ତଥା ପ୍ରଦୀପ୍ତା ସ୍ୱାଇଁ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷା

ଡାବୁଗାଁ, ୨୧।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ୩ୟ ଶ୍ରେଣୀ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଡାବୁଗାଁ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୫୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ନାମ ପଞ୍ଜୀକରଣ କରିଥିବା ବେଳେ ୧୪୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ୫ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ଉକ୍ତ ପରୀକ୍ଷା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ଶେଷ ହୋଇଥିଲା। ଏଥିରେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସନୌଜ ମହାପାତ୍ରଙ୍କ ସମେତ ୫ ଜଣ ଇନ୍‌ଭିଜିଲେଟର ପରୀକ୍ଷା ଦାୟିତ୍ୱରେ ରହିଥିଲେ। ଏଥିରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ ପର୍ଯ୍ୟବେକ୍ଷକ ଭାବେ ରହିଥିବା ବେଳେ ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିତା ନେତାମ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

● ଇନ୍ଦ୍ରାବତୀ ବିଦ୍ୟୁତ୍ ବ୍ୟବସ୍ଥାର ବିକଳ ଚିତ୍ର

# ବଙ୍କା ହୋଇଗଲାଣି ବିଦ୍ୟୁତ୍ ଖୁଣ୍ଟ, ମୁଣ୍ଡରେ ବାଜୁଛି ତାର

## ପ୍ରଶାସନ ସାଜିଛନ୍ତି ନିରବଦ୍ରଷ୍ଟା

ତେନ୍ତୁଲିଖୁଣ୍ଟି ୨୧।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ପ୍ରକଳ୍ପ ଅଞ୍ଚଳକୁ ଅବହେଳାର ଚରମ ସୀମା ଛୁଇଁଥିବା ବେଳେ ଲୋକଙ୍କ ଜୀବନ ବାଜିରେ ଲାଗିଛି। ଇନ୍ଦ୍ରାବତୀ ପ୍ରକଳ୍ପ କଲୋନୀ ଗୁଡିକରେ ଆଲୋକୀକରଣ ପାଇଁ ପ୍ରକଳ୍ପ ତରଫରୁ ଲୁହା ବିଦ୍ୟୁତ ଖୁଣ୍ଟ ସ୍ଥାପନ କରାଯାଇଥିଲା। ସେଗୁଡିକ ବର୍ତ୍ତମାନ ମାଟି ଛୁଇଁବାକୁ ବସିଲାଣି। ତଥାପି ଉଭୟ ବିଦ୍ୟୁତ ବିଭାଗ ଏବଂ ପ୍ରକଳ୍ପ ପ୍ରଶାସନର ନଜରକୁ ଆସୁନଥିବା ଅଭିଯୋଗ ହେଉଛି। ସମୟକ୍ରମେ ଇନ୍ଦ୍ରାବତୀ ପ୍ରତି ପ୍ରକଳ୍ପ ଅଞ୍ଚଳକୁ ପ୍ରଶାସନ ଅଣଦେଖା ପାଇଁ ରାସ୍ତାଘାଟ ସମେତ ଅଞ୍ଚଳ ସୌନ୍ଦର୍ଯ୍ୟ ଆଦି ହରାଇବସିଛି। ଜଳ ଯୋଗାଣ ବ୍ୟବସ୍ଥା ଭୁଶୁଡି ପଡ଼ିଥିବା ବେଳେ କଲୋନୀ ମରାମତି ସ୍ୱପ୍ନ ପାଲଟିଛି। ତମାମ ଅବ୍ୟବସ୍ଥା ଜନ ଅସନ୍ତୋଷ ସୃଷ୍ଟି କରୁଥିବା ବେଳେ ଲୋକଙ୍କ ଜୀବନ ବାଜି ଲାଗିବା କ୍ଷେତ୍ରରେ ମଧ୍ୟ ପ୍ରଶାସନ ନିରବ ରହିଛି। କଲୋନୀ ଗୁଡିକରେ ରହିଥିବା ଅନେକ ବିଦ୍ୟୁତ ଖୁଣ୍ଟ ବିଛା ଯାଇଥିବା କେବୁଲର ଓଜନ ସମ୍ଭାଳି ନପାରି ବଙ୍କା ହେବା ସହ ବିଦ୍ୟୁତ ତାର ଗୁଡିକ ଓହଳି ଲୋକଙ୍କ ହାତ ପାଆନ୍ତରେ ପହଞ୍ଚିଲାଣି। ପ୍ରକଳ୍ପ ଅଞ୍ଚଳରେ ଲୋକଙ୍କ ବ୍ୟତୀତ ଅନେକ ଗାଇ ଗୋରୁ ତଥା ଗୃହପାଳିତ ପଶୁ ବୁଲାବୁଲି କରନ୍ତି। ତାର ସଂସ୍ପର୍ଶରେ ଆସି ଦୁର୍ଘଟଣା ହେଲେ କିଏ ଦାୟୀ ରହିବ ବୋଲି ପ୍ରଶ୍ନ କରିଛନ୍ତି ଇନ୍ଦ୍ରାବତୀ ବାସୀ। ସମସ୍ତ କ୍ଷେତ୍ରରେ ଅବହେଳା କରି ଆଖି ବୁଜିଦେଇଥିବା ପ୍ରଶାସନ ସ୍ୱର୍ଶକାତର ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ମଧ୍ୟ ଅବହେଳାକୁ ବୁଦ୍ଧିଜୀବୀ ମହଲ ନାପସନ୍ଦ କରୁଛନ୍ତି। ପ୍ରକଳ୍ପ ଅବହେଳା ବ୍ୟତୀତ ବିଦ୍ୟୁତ ବିଭାଗର ନିରବତା ଦୁର୍ଘଟଣାର ଅପେକ୍ଷା ବୋଲି ଚର୍ଚ୍ଚା ହେଉଛି। ତୁରନ୍ତ ଉଭୟ ପ୍ରକଳ୍ପ ପ୍ରଶାସନ ଏବଂ ବିଦ୍ୟୁତ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଖୁଣ୍ଟ ଗୁଡିକୁ ମରାମତି କରିବା ପାଇଁ ଦାବି ହେଉଛି।

# ରାସାୟନିକ ସାର ମୁକ୍ତ ଗାଁ ଅଭିଯାନ

କୁନ୍ଦୁରା, ୨୧।୧୨ (ସମିସ) :ସଦର ପଞ୍ଚାୟତ କଟଣୀକୁଣ୍ଡ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତି ପକ୍ଷରୁ ରାସାୟନିକ ସାର ମୁକ୍ତ ଗାଁ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗାଁର ଚାଷୀ ଏବଂ ସ୍କୁଲ ଛାତ୍ରଛାତ୍ରୀ ମିଳିତ ଭାବେ ଗାଁ ଠାରୁ ନିକଟସ୍ଥ ଗାଁ ବାଗଦେରୀ ପଞ୍ଚାୟତ ଜାମକନାଡ଼ି ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ପରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ପ୍ରଗତି ଅନୁଷ୍ଠାନ ଟିମ୍ ଲିଡର ପଙ୍କଜ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ୱାଡର୍ ସଭ୍ୟ ବାଜି ସାନ୍ତା, ଜାମକନାଡ଼ି ୱାଡର୍ ସଭ୍ୟ ଲଇଛ ସାନ୍ତା, ଅଗ୍ରଣୀ ଚାଷୀ ଆଶୁ ସାନ୍ତା, ମହିଳା ଅଗ୍ରଣୀ ଚାଷୀ ପୁଷ୍ପା ସାନ୍ତା, ସାମାଜସେବୀ ଚନ୍ଦ୍ର ସଗରିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଗାଁରେ ରାସାୟନିକ ସାର ଓ କୀଟନାଶକ ଔଷଧ ମୁକ୍ତ କରିବା ପାଇଁ ଚାଲିଛି ଏହି ଅଭିଯାନ। ରାସାୟନିକ ସାର ମୁକ୍ତ ଗାଁ କରିବାକୁ ହେଲେ ଜୈବିକ ଖତ ଓ ସାର ପ୍ରସ୍ତୁତ କରିବା, ଦେଶୀ ଗାଈ ପାଳନ, ଦେଶୀ ବିହନ ବ୍ୟବହାର କରିବା, ଜଳ, ଜଙ୍ଗଲ ଓ ମାଟିର ସୁରକ୍ଷା ଦେବା ନେଇ ସଚେତନତା କରାଯାଇଥିଲା। ଅନୁଷ୍ଠାନର ସବୁଜ ବିବର୍ତ୍ତନ ଓ ଖାଦ୍ୟ ବ୍ୟବସ୍ଥାର ରୂପାନ୍ତରଣ ପଥ ପ୍ରକଳ୍ପ ଅଧୀନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଉଭୟ ଗାଁରୁ ୭୦ ପୁରୁଷ ଓ ୩୦ ମହିଳା ଚାଷୀଙ୍କ ସମେତ ୫୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଅନୁଷ୍ଠାନର ଫିଲ୍ଡ ଅଫିସର ଅଭିଷେକ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ପ୍ରେମ ପାହାଡ଼’ର ବିକାଶ ନେଇ ଆଲୋଚନା କଲେ ମନ୍ତ୍ରୀ



ରାୟଗଡ଼ା,୨୧।୧୨(ସମିସ): ଓଡିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଓ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ(ଏମଏସଏମଇ)ର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସରକାରୀ କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ଗସ୍ତ ଯିବା ସମୟରେ ଆଜି ସକାଳୁ ରାୟଗଡାରେ ପହଞ୍ଚିଥିଲେ। ଯଦିଓ ରାୟଗଡାରେ ତାଙ୍କର କୌଣସି ସରକାରୀ କାର୍ଯ୍ୟକ୍ରମ ନ ଥିଲା, ତେବେ ମନ୍ତ୍ରୀ ଶ୍ରୀ ମଲ୍ଲିକ ରାୟଗଡା ସହରର ପର୍ଯ୍ୟଟନ କ୍ଷେତ୍ର ପ୍ରେମ ପାହାଡକୁ ଅଚାନକ ଗସ୍ତ କରି ସେଠାରେ ଉପସ୍ଥିତ ଥିବା ୱାକର୍ସ କ୍ଲବର ସଭ୍ୟ, ବରିଷ୍ଠ ନାଗରିକ,ସାମ୍ବାଦିକ ଓ ଜନସାଧାରଣଙ୍କ ସହ ରାୟଗଡା ଜିଲ୍ଲାର ସମସ୍ୟା ଶୁଣିବା ସହ ଏହାର ବିକାଶ ପାଇଁ ଆଲୋଚନା କରିଥିଲେ। ପ୍ରେମ ପାହାଡରେ ଥିବା ଏକ କିଲୋମିଟର ଚଲା ରାସ୍ତାରେ ଚାଲି ଚାଲି ସେ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରିଥିଲେ। ସ୍ଥାନୀୟ ଲୋକ ମାନେ ପ୍ରେମ ପାହାଡ଼ର ସୌନ୍ଦର୍ଯ୍ୟୀକରଣ, ସି. ସି. କ୍ୟାମେରା ସ୍ଥାପନା, ରାତ୍ରୀ ଜଗୁଆଳୀ, ପାହାଡ଼ର ପାଦ ଦେଶରେ ଯୋଗ କୋଠରୀ ନିର୍ମାଣ, ୨୪ ଘଣ୍ଟିଆ ପାଣି ଯୋଗାଣ ତଥା ସର୍ବାଙ୍ଗୀନ ଉନ୍ନତି ଏବଂ ରାୟଗଡ଼ା ଜିଲ୍ଲାର ସର୍ବାଙ୍ଗୀନ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ମନ୍ତ୍ରୀ ଲୋକଙ୍କ ସମସ୍ୟା ଶୁଣିବା ପରେ ତୁରନ୍ତ ରାୟଗଡା ଜିଲ୍ଲାପାଳଙ୍କୁ ପ୍ରେମ ପାହାଡର ବିକାଶ ଓ ଉନ୍ନତିକରଣ କାର୍ଯ୍ୟ ପାଇଁ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଡିପିଆର ପ୍ରସ୍ତୁତ କରିବା ପାଇଁ କହିଥିଲେ। ପ୍ରେମ ପାହଡର ବିକାଶ ପାଇଁ ସେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସହ ଆଲୋଚନା କରି କାର୍ଯ୍ୟକାରୀ କରିବି ବୋଲି ପ୍ରତିଶୃତି ଦେଇଥିଲେ। ଏହାପରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଯୁଜିଏମଆଇଟି ଛକ ନିକଟରେ ଥିବା ଏକ ଚା ଦୋକାନରେ ‘ଚାଏ ପେ ଚର୍ଚ୍ଚା’ କାର୍ଯ୍ୟକ୍ରମରେ ଯୋଗଦେଇ ସାଧାରଣ ଲୋକଙ୍କ ସହ ଆଲୋଚନାରେ ଭାଗ ନେଇଥିଲେ। ମନ୍ତ୍ରୀ ଶ୍ରୀ ମଲ୍ଲିକ ଲୋକଙ୍କ ସହ ଆଲୋଚନା କରି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜନତାଙ୍କ ସହଭାଗିତା ବିନା ବିକାଶ ଅସମ୍ଭବ ବୋଲି କହିଥିଲେ। ଏନେଇ ରାୟଗଡା ୱାକର୍ସ କ୍ଲବର ସଭାପତି ବ୍ରଜସୁନ୍ଦର ନାୟକ ମନ୍ତ୍ରୀଙ୍କ ଅଚାନକ ଆଗମନକୁ ପ୍ରଶଂସା କରିଥିଲେ। ଏହି ଗସ୍ତ ସମୟରେ ବିଜେପିର ଜିଲ୍ଲା ସଭାପତି ଗୋପୀ ଆନନ୍ଦ, କାଳୀରାମ ମାଝି, ଶିବ ଶଙ୍କର ଉଲାକା, ଦେବାଶିଷ ପଣ୍ଡା,ମଞ୍ଜୁଳା ମିଣିଆକା, କେ.ଅଶ୍ୱିନୀ, ରଜତ ମାଦଲା, ସୁମନ୍ତ ମହାରଣା, ସାମ୍ବାଦିକ ରାଜେଶ ପଟନାୟକ, ସମାଜସେବୀ ସୁଦର୍ଶନ ପାଢୀ ପ୍ରମୁଖ

# ବାଲିପେଟା ଏସ୍ଏସ୍‌ଡି ହାଇସ୍କୁଲ ବାର୍ଷିକୋତ୍ସବ



ନାରାୟଣପାଟଣା,୨୧।୧୨(ସମିସ): ନାରାୟଣପାଟଣା ବ୍ଲକ ବାଲିପେଟା ଅନୁସୂଚିତ ଜାତି ଜନଜାତି ହାଇସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବବ୍ରତ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ଗାଲାଦି ତ୍ରିନାଥ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ମହାପାତ୍ର, କିଶୋର ଚୌଧୁରୀ, ଏସ ଏମ ସି ଅଧକ୍ଷ ସଞ୍ଜୟ କେଣ୍ଡୁକା, ନାଏବ ସରପଞ୍ଚ ସନ୍ତୋଷ ଚୌଧୁରୀ, ଶିକ୍ଷକଶିକ୍ଷୟିତ୍ରୀ, ସ୍କୁଲ୍ ପରିଚାଳନା କମିଟି ସଦସ୍ୟଙ୍କ ସମେତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନେ ସଫଳତାର ସୋପାନରେ ପହଞ୍ଚିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିବାକୁ ଅତିଥି ବୃନ୍ଦ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥିଲା। ଶିକ୍ଷକ ଆନନ୍ଦ ଚନ୍ଦ୍ର ବାରିକ, କାନ୍ଦରପ ଶବର ମଞ୍ଚ ସଂଚାଳନ କରିଥିବା ବେଳେ ଶେଷରେ ଶିକ୍ଷକ ଚିନ୍ମୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ସମସ୍ତ ଶିକ୍ଷକ,ପ୍ରତପ ସୁବୁଦ୍ଧି, ସୋମ୍ୟରଞ୍ଜନ ଜେନା, ଶିକ୍ଷୟିତ୍ରୀ ମିନତୀ ବଡ଼ନାୟକ, ବିଦୁଲତା ମହାନ୍ତି ପ୍ରିୟଙ୍କା ସାହୁ, ପିଙ୍କି ଦାସ, ଭାରତୀ ମାଡାମ, ପ୍ରତିଭା ସାହୁ ଓ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଘର ତାଲା ଭାଙ୍ଗି ଚୋରି

ଜୟପୁର,୨୧।୧୨(ସମିସ) : ଜୟପୁର ସହରରେ ଘରର ତାଲା ଭାଙ୍ଗି ଚୋରି ହେଉଥିବା ବେଳେ ବର୍ତ୍ତମାନ ଗ୍ରାମାଞ୍ଚଳ ମଧ୍ୟ ଚୋର ମାନଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି। ସ୍ଥାନୀୟ ସଦରଥାନା କୁମୁଲିପୁଟ ଗ୍ରାମର ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଗ୍ରାମବାସୀ ଜଗନ୍ନାଥ ଶତପଥିଙ୍କ ଗୃହରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ ମାନେ ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିବା ସହିତ ଆଲମାରି ଭାଙ୍ଗି ଭିତରରୁ ୩ ତୋଳା ସୁନା ଅଳଙ୍କାର, ୭୦୦ ଗ୍ରାମ ଓଜନରା ରୂପା ପ୍ଲେଟ ଏବଂ ପାଉଁଜି, ୧ଲକ୍ଷ ୪୫ ହଜାର ଟଙ୍କା ଏବଂ ଏକ ରାଇସ୍ କୁକର ଲୁଟି ନେଇଛନ୍ତି। ଏହିପରି ଅନ୍ୟାନ୍ୟ କିଛି ସାମଗ୍ରୀ ଚୋରି ହୋଇଥିବା ନେଇ ଅଭିଯୋଗକାରୀ ଶ୍ରୀ ଶତପଥି ଅନୁମାନ କରୁଛନ୍ତି। ପ୍ରକାଶ ଯେ, ଗତ ୧୬ ତାରିଖରେ ଶତପଥି ନିଜ ପରିବାର ସହିତ ବାହାରକୁ ଯାଇଥିବା ବେଳେ ୧୯ ତାରିକ ସଂଧ୍ୟାରେ ଘରକୁ ଫେରିବା ପରେ ଗୃହର ମୁଖ୍ୟ କବାଟର ତାଲା ଭାଙ୍ଗିଥିବା ଦେଖିଥିଲେ। ଭିତରେ ପ୍ରବେଶ କରିବା ବେଳେ ଭିତର କୋଠରୀର ଆଲମାରୀ ଭଙ୍ଗା ଯାଇ ସମସ୍ତ ଲୁଗାପଟା ଓ ସାମଗ୍ରୀ ଏପଟେ ସେପଟେ ପଡିଥିବା ଦେଖିଲେ। ଯାଞ୍ଚ ବେଳେ ଉପରୋକ୍ତ ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯିବା ସହିତ ତଦନ୍ତ ଆରମ୍ଭ କରିଥିବା ନେଇ ଥାନା ପକ୍ଷରୁ ପ୍ରକାଶ କରାଯାଇଛି।

# ବିଜୁ ପ୍ରିମିୟର ଲିଗ୍ ଉଦ୍‌ଯାପିତ



ରାୟଗଡ଼ା,୨୧।୧୨(ସମିସ): ବିଜୁ ଜନତା ଦଳ (ବିଜେଡି)ର ୨୯ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ରାୟଗଡା ସହରର ରିଙ୍ଗ ରୋଡ଼ ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ନିକଟସ୍ଥ ଖେଳ ପଡିଆ ଠାରେ ବିଜୁ ପ୍ରିମିୟର କ୍ରିକେଟ ଲିଗ ନାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସଂସ୍କରଣର ଫାଇନାଲ ମ୍ୟାଚ ଓ ଉଦ୍‌ଯାପନୀ ସମାରୋହ କାର୍ଯ୍ୟକ୍ରମ ଶତାଧିକ କ୍ରିକେଟ ପ୍ରେମୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଉପସ୍ଥିତିରେ ଆୟୋଜିତ ହୋଇଯାଇଛି। ଗତ ୧୨ ତାରିଖ ଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ଦଶ ଦିନ ଧରି ଜୁନିୟର ଓ ସିନିୟର ବର୍ଗର ଖେଳାଳିଙ୍କୁ ନେଇ ଶୀତୁଆ ରାତିରେ ଏହି ଟୁର୍ଣ୍ଣାମେଣ୍ଟ ଚାଲିଥିଲା। ଆଜିର ଫାଇନାଲ ମ୍ୟାଚର ବରିଷ୍ଠ ବର୍ଗରେ ଲଗାନ ଓ ମାଷ୍ଟର ବ୍ଲାଷ୍ଟର କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଜୁନିୟର ବର୍ଗରେ ଡେଥ ୱାରୀୟର୍ସ ଓ ଏସଜି କିଙ୍ଗସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଜିର ଉଦଯାପନୀ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର କୁମାର ଦାଶ, ବରିଷ୍ଠ ନେତା ସନ୍ତୋଷ ପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ରାୟଗଡା ଜିଲ୍ଲା ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୂୟା ମାଝୀ, ପୌର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା, କାଉନସିଲର ସନ୍ତୋଷ ଦଳେଇ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଦୁଇଟି ବର୍ଗର ବିଜୟୀ ଓ ରନର୍ସ ଅପ ଟିମକୁ ଆର୍ଥିକ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତିଟି ମ୍ୟାଚ ୮ ଓଭର ଲେଖାଏଁ ଅନୁଷ୍ଠିତ ହୋଇଥିବା ବେଳେ ୮ଜଣ ଆମ୍ପାୟାର ଉପସ୍ଥିତ ଥିଲେ। ଉଭୟ ବର୍ଗର ବିଜେତା ଟିମକୁ ଆର୍ଥିକ ରାଶି ୪୪, ୪୪୪ ଟଙ୍କା ଓ ରନର୍ସଅପ ଟିମକୁ ଆର୍ଥିକ ରାଶି ୩୩, ୩୩୩ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଜିଲ୍ଲା ଓ ଜିଲ୍ଲା ବାହାରର ବରିଷ୍ଠ ବର୍ଗରେ (୩୫ ବର୍ଷରୁ ଉର୍ଦ୍ଧ )୧୦ଟି ଏବଂ ଜୁନିଅର ବର୍ଗରେ ୮ ଟି ଟିମ ଅଂଶଗ୍ରହଣ କରିଥିଲେ। ରାୟଗଡା ଜିଲ୍ଲା ଯୁବ ବିଜେଡିର ଯୁବ ନେତା ଦେବାଶିଷ ଖାଡ଼ଙ୍ଗାଙ୍କ ନେତୃତ୍ୱରେ ଅନୁବନ୍ଧିତ ରାୟଗଡା ଡେଥ ୱାରୀୟର୍ସ କ୍ରିକେଟ ମ୍ୟାନେଜମେଣ୍ଟ ଆନୁକୂଲ୍ୟରେ ଅତି ସୁନ୍ଦର ଭାବେ ଏହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରାଯାଇଥିଲା। ପ୍ରତିଦିନ ପଡିଆ କୁ ଆସି ଶହ ଶହ ସଂଖ୍ୟକ କ୍ରିକେଟ ପ୍ରେମୀ ମ୍ୟାଚର ମଜା ନେଉଥିଲେ। ସୋସିଆଲ ମିଡ଼ିଆ ଜରିଆରେ ଟୁର୍ଣ୍ଣାମେଣ୍ଟର ସମସ୍ତ ଲାଇଭ ମ୍ୟାଚ ଦର୍ଶକଙ୍କ ନିମନ୍ତେ ଦେଖିବାର ବ୍ୟବସ୍ଥା କରାଯାଇଥିଲା।

# ହରିହର ବସନ୍ତ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ପାପଡାହାଣ୍ଡି,୨୧।୧୨(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ଅନ୍ତର୍ଗତ ପେଟୁଗୁଡା ଠାରେ ହରିହର ବସନ୍ତ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନ ମ୍ୟାଚରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁଶାନ୍ତ କୁମାର ବେହେରା ସରପଞ୍ଚ ବାବୁଲା ଭତରା, ପୂର୍ବତନ ସରପଞ୍ଚ ଶିବଲାଲ ଅଗ୍ରୱାଲ, ବବଲୁ ଖାନ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ବରିପଦର ଏବଂ ଚିକିଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଚିକିଲି ଦଳ ବିଜୟୀ ହୋଇଥିଲା। ଏହି ଟୁର୍ନାମେଣ୍ଟର ସଭାପତି ପବିତ୍ର ଦୋରା , ସମ୍ପାଦକ ଶ୍ରାବନକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ଉତ୍ସବ

ରାଜନଗର, ୨୧।୧୨: ଗର୍ଜନପୁରସ୍ଥ ସତସଙ୍ଗ କେନ୍ଦ୍ରରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ଓ ସତସଙ୍ଗ ଶ୍ରୀମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ କମିଟି ସଭାପତି ରବୀନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟୁଷରେ ବେଦ ମାଙ୍ଗଳିକ, ନହବତ ଓ ଊଷାକୀର୍ତ୍ତନ, ପ୍ରାତଃ ବିନତି, ସତ୍‌ଗ୍ରନ୍ଥ ପାଠ, ସଙ୍ଗୀତାଞ୍ଜଳି ଓ ଉତ୍ସବ ଉଦଘାଟନ, ପୂର୍ବାହ୍ନ ୯ଟାରେ ଠାକୁରଙ୍କୁ ସୁସଜ୍ଜିତ ବିମାନରେ ବସାଇ ତ୍ରିମାଦ ବଜାର, ଗୋପାଳପୁର ବଜାର, ରାଜନଗର ଗାଁ ପରିକ୍ରମା କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

## ବିଜେଡି ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି ବୈଠକ

ମହାକାଳପଡ଼ା, ୨୧।୧୨(ସମିସ): ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ୨୬ ତାରିଖରେ ମହାକାଳପଡ଼ାରେ ପାଳନ କରାଯିବା ନେଇ ପ୍ରସ୍ତୁତି ବୈଠକ ମହାକାଳପଡ଼ା ପାର୍ଟି କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଛି। ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପରିଷଦ ସଦସ୍ୟ ମୃତ୍ୟୁଞ୍ଜୟ ମଣ୍ଡଳ, ସୁରଭି ଜେନା, ରବୀନ୍ଦ୍ର ପାଲ, ଅଶୋକ ମହାପାତ୍ର, ବିଜୟ ଜେନା, ବୁକୁନି ପରିଡ଼ା, ଅରବିନ୍ଦ ଜେନା, ନିମାଇଁ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କିରଣ ରାଜ୍ୟ ସ୍ତରକୁ ମନୋନୀତ



ରାଜନଗର, ୨୧।୧୨(ସମିସ): ଡାଙ୍ଗମାଳସ୍ଥ ପିଏମଶ୍ରୀ ନାଗନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର କିରଣ ବେହେରା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓସ୍ତା) ଦ୍ୱାରା ଆଳିର ସହଦେବ ନୋଡାଲ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ଶିଶୁ ଉତ୍ସବ ପ୍ରତିଯୋଗିତାରେ କଣ୍ଠସଙ୍ଗୀତରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। କଟକରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଅଂଶଗ୍ରହଣ କରିବେ।

## ସଂସ୍କୃତି ଭବନରେ ଗୀତା ଜ୍ଞାନଯଜ୍ଞ

କେନ୍ଦ୍ରାପଡ଼ା, ୨୧।୧୨(ସମିସ): ଉଦୟନଗର ସଂସ୍କୃତି ଭବନରେ ଗୀତା ଜ୍ଞାନ ଯଜ୍ଞ ପ୍ରଜ୍ଞାନ ମିଶନ ପକ୍ଷରୁ ଆୟୋଜିତ ହୋଇଯାଇଛି। ଦିନିକିଆ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ୬୦୦ରୁ ଅଧିକ ଭକ୍ତମଣ୍ଡଳୀ ଯୋଗ ଦେଇଥିଲେ। ଅନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ମୁଖ୍ୟ ପ୍ରବକ୍ତା ଭାବେ ଯୋଗଦେଇ ଶ୍ରୀମଦ୍ ଭଗବଦ୍ ଗୀତାର ଚତୁର୍ଥ ଅଧ୍ୟାୟ ୨୫ରୁ ୨୮ ନମ୍ବର ଶ୍ଳୋକରେ ଗଭୀର ବିଶ୍ଳେଷଣ କରିଥିଲେ। ଯଜ୍ଞର ଦ୍ୱିତୀୟ ଦିବସରେ ଭକ୍ତମାନଙ୍କ ପାଇଁ କ୍ରିୟାଯୋଗ ଦୀକ୍ଷା ପ୍ରଦାନ କରାଯାଇଥିଲା। ଏହି ପବିତ୍ର ଦୀକ୍ଷାରେ ଅନେକ ଶ୍ରଦ୍ଧାଳୁ ଯୋଗଦେଇ ଆଧ୍ୟାତ୍ମିକ ଯାତ୍ରାରେ ନୂତନ ପଥରେ ପ୍ରବେଶ କରିଥିଲେ। ୧୨୫ ଜଣ ଶ୍ରଦ୍ଧାଳୁଙ୍କୁ କ୍ରିୟାଯୋଗରେ ଦୀକ୍ଷିତ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଆୟୋଜକ ମଣ୍ଡଳୀ ଭଗବଦ୍ ଗୀତାର ଶିକ୍ଷାକୁ ଦୈନିକ ଜୀବନରେ ଅନୁପ୍ରୟୋଗ କରିବାର ପ୍ରାସଙ୍ଗିକତାକୁ ଉଲ୍ଲେଖ କରିଥିଲେ।

## ବରିଷ୍ଠ ନାଗରିକଙ୍କ ନିବାସରେ ଜନ୍ମଦିନ ପାଳନ

ମହାକାଳପଡ଼ା, ୨୧।୧୨(ସମିସ): ଖରିନାସୀ ପଞ୍ଚାୟତସ୍ଥ ବରିଷ୍ଠ ନାଗରିକ ନିବାସରେ ଜନ୍ମଦିନ ପାଳନ କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ସାମ୍ବାଦିକ ନାମବ୍ରହ୍ମ କର। ନିବାସର ଅନ୍ତେବାସୀ ବରିଷ୍ଠ ନାଗରିକ ଓ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଫଳ, ବିସ୍କୁଟ, ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଅନ୍ତେବାସୀଙ୍କ ଗହଣରେ କେକ୍ କାଟିଥିଲେ। ବରିଷ୍ଠ ସାମ୍ବାଦିକ ନିରଞ୍ଜନ ପରିଡ଼ା, ନମିତା ପରିଡ଼ା, ସୂର୍ଯ୍ୟପ୍ରକାଶ ପାଣି, ଯୁବ ସଂଗଠକ ଉତ୍ତମ ସ୍ୱାଇଁ ଓ ଲିଟୁ ଦାସ ପ୍ରମୁଖ ସାମିଲ ଥିଲେ।

## ଆଜିଠୁ କନିକା ବିଦ୍ୟାଳୟର ହୀରକ ଜୟନ୍ତୀ

ରାଜକନିକା, ୨୧।୧୨(ସମିସ): ଆୟତନଠାରେ ଅବସ୍ଥିତ କନିକା ସରକାରୀ ଉଚ୍ଚବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ଆସନ୍ତାକାଲିଠୁ ୨୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଶିକ୍ଷାପ୍ରେମୀଙ୍କ ଉଦ୍ୟମରେ ୧୯୬୦ରେ ପ୍ରତିଷ୍ଠା ହୋଇଥିବା ଏହି ଶିକ୍ଷାନୁଷ୍ଠାନ ଶିକ୍ଷାର ପ୍ରସାରରେ ଗୌରବମୟ ଭୂମିକା ଗ୍ରହଣ କରିଛି। ଦୀର୍ଘ ୬୫ ବର୍ଷ ଧରି ଶିକ୍ଷାର ବିକାଶରେ ବିଶେଷ ଭୂମିକା ନିଭାଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିବା ସହ ରାଜ୍ୟର ପ୍ରମୁଖ ରାଜନୈତିକ ନେତୃତ୍ୱ, ଶିକ୍ଷାବିତ୍, ସମାଜସେବୀ ଅତିଥି ଭାବେ ଯୋଗଦେବେ ବୋଲି ହୀରକ ଜୟନ୍ତୀ ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ମାର୍ଶାଘାଇ, ୨୧।୧୨(ସମିସ): ଦୁନ୍ଦୁରା ବାପୁଜୀ ବିଦ୍ୟାପୀଠ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ନିବେଦିତା ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଏବିଓ, ବିଆରସିସି ସୁଶାନ୍ତ ବେଉରା ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଗୀତାଞ୍ଜଳି ସ୍ୱାଇଁ, ଶିକ୍ଷକ ପ୍ରଭାତ ରାଉତରାୟ, ଜବାହାର ମାଝୀ, ଶିକ୍ଷୟିତ୍ରୀ ଜ୍ୟୋତିପ୍ରିୟା ସାହୁ, ମିନତୀପ୍ରଭା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କର୍ମଶାଳାରେ ୮ଟି ବିଦ୍ୟାଳୟର ୨୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଶିକ୍ଷୟିତ୍ରୀ ନିହାରିକା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକଙ୍କ ଭରଣପୋଷଣ କଲ୍ୟାଣ ଅଧିନିୟମ ସଚେତନତା କର୍ମଶାଳା

କେନ୍ଦ୍ରାପଡ଼ା, ୨୧।୧୨(ସମିସ): କେନ୍ଦ୍ରାପଡ଼ା ବ୍ଲକ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ମାତାପିତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ, କଲ୍ୟାଣ ଅଧିନିୟମ-୨୦୦୭ ସମ୍ପର୍କରେ ସଚେତନତା ସଭା ଓସ୍ତପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବିଡିଓ ଅଭିଷେକ ସ୍ୱାଇଁ, ସହକାରୀ ଏଲଏଡିସିଓ ଦେବାଶିଷ ସାହୁ, ଓସ୍ତପୁର ସରପଞ୍ଚ ପ୍ରସନ୍ନ ରାଉତ ପ୍ରମୁଖ ଯୋଗଦେଇ ନିଜ ମତ ପ୍ରକାଶ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ ବେହେରା ଅଧ୍ୟକ୍ଷତା କରିଥିଲେ। ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସୁଦୀପ୍ତା ମହାପାତ୍ର ସଭା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଭିତରକନିକା ମୁହାଁ ପର୍ଯ୍ୟଟକ

# ଗୋଟାଏ ଦିନରେ ୧୩୭ ବୋଟ୍‌ରେ ୨୮୬୪ ପର୍ଯ୍ୟଟକ

ରାଜନଗର, ୨୧।୧୨(ସମିସ)



ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ତ୍ରିକୋଣଭୂମି ପାଲଟିଯାଇଛି ଏବେ ପର୍ଯ୍ୟଟକଙ୍କ ସ୍ୱର୍ଗ। ଆଗକୁ ନୂଆବର୍ଷ ଥିବାରୁ ପର୍ଯ୍ୟଟକ ଏବେ ଭିତରକନିକା ମୁହାଁ। ଆଜି ପର୍ଯ୍ୟଟକଙ୍କ ଖରାଖିଆ ଭିଡ଼ ଦେଖିବାକୁ ମିଳିଛି। ଆଜି ଗୋଟିଏ ଦିନରେ ୨୮୬୪ ଜଣ ପର୍ଯ୍ୟଟକ ୧୩୭ଟି ବୋଟରେ ନୌବିହାର କରି ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଜଳପଥରେ ଆସିଥିବା ପର୍ଯ୍ୟଟକ ଭିତରକନିକାର ପ୍ରାକୃତିକ ପରିବେଶରେ ନଦୀପଠାରେ ଖରା ପଡ଼ଉଁଥିବା କୁମ୍ଭୀର ଦେଖି ବିମୋହିତ ହୋଇଥିଲେ। ଡାଙ୍ଗମାଳରେ ପୋଖରୀରେ ଆବଦ୍ଧ ଧଳା କୁମ୍ଭୀର ଗୋରୀ ଓ ମଲ୍ଲୀକୁ ଦେଖିଥିଲେ।

ଡାଙ୍ଗମାଳରେ ଲୁଣାଜଙ୍ଗଲ ନର୍ସରୀ, ମ୍ୟୁଜିୟମ, ସହିଦ୍ ସ୍ତମ୍ଭ, ୱାଏଓକ ବ୍ରିଜ ସମେତ ବୋଟ ଲାଇବ୍ରେରୀ ଦେଖି ବିମୋହିତ ହୋଇଥିଲେ। ଖୋଲା ଏଣ୍ଟ୍ରି ପଏଣ୍ଟ ଦେଇ ୯୮ଟି ବୋଟ୍‌ରେ ୧୧୪୭ ଜଣ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଥିବାବେଳେ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ୨୭ ବୋଟରେ ୩୭୮ ଜଣ ପର୍ଯ୍ୟଟକ, ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟ ଦେଇ ୧୨ଟି ବୋଟରେ ୧୮୧ ପର୍ଯ୍ୟଟକ ଓ ଡାଙ୍ଗମାଳ ମୁଖ୍ୟ ଗେଟ୍ ଦେଇ ସ୍ଥଳପଥରେ ୧୧୫୮ ଜଣ ପର୍ଯ୍ୟଟକ ଭିତରକନିକା ଶୋଭା ଉପଭୋଗ କରିଥିଲେ। ଭିତରକନିକା ଆସୁଥିବା ପର୍ଯ୍ୟଟକ ଜଳପଥରେ ଭିତରକନିକାର ଶୋଭା ଉପଭୋଗ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଜାତୀୟ ଉଦ୍ୟାନରେ ଭିଡ଼ ଜମାଇଥିବା ବିରଳ ଅଷ୍ଟ୍ରେଲିଆ, ଆଫଗାନିସ୍ତାନ, ଆମେରିକା, ପାକିସ୍ତାନ, ଜାପାନ, ଶ୍ରୀଲଙ୍କା, ବାଂଲାଦେଶ ଆଦି ବିଦେଶୀ ପକ୍ଷୀଙ୍କ ସହିତ ଦେଶୀୟ ପକ୍ଷୀଙ୍କ କାକଳିରେ ବିମୋହିତ ହୋଇପଡୁଛନ୍ତି ପର୍ଯ୍ୟଟକ। ଭିତରକନିକାରେ ଥିବା ବିରଳ ବଉଳା କୁମ୍ଭୀର, ଶହ ଶହ ସଂଖ୍ୟାରେ ହରିଣ, ବାରହା, ସମ୍ବର, ଫିସିଂ କ୍ୟାଟ୍, ହାଏନା, ଝିଙ୍କ ସହିତ ପାଣିଗୋଧି, ଅଜଗର, ଅହିରାଜ ଆଦି ସରୀସୃପ ଭଳି ବିରଳ ପ୍ରାଣୀ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ପ୍ରକୃତି ଓ ପରିବେଶ ମଧ୍ୟରେ ଭିତରକନିକାକୁ ପାଖରେ ଦେଖିବା ପାଇଁ ଏବେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଭିଡ଼ ଜମାଉଛନ୍ତି।

## ଡେରାବିଶ ମହୋତ୍ସବ ପ୍ରସ୍ତୁତି ବୈଠକ

ଡେରାବିଶ, ୨୧।୧୨(ସମିସ): ଦୁମୁକାହାଟସ୍ଥ ମିନି ଷ୍ଟାଡ଼ିୟମ ପରିସରରେ ଚଳିତ ମାସ ୨୫ ତାରିଖରୁ ଆରମ୍ଭ ହେବ ଚତୁର୍ଦ୍ଦଶତମ ଡେରାବିଶ ମହୋତ୍ସବ। ଡେରାବିଶ ସାଂସ୍କୃତିକ ସଂଗଠନ ଓ ଜିଲ୍ଲା ପ୍ରଶାସନର ସହଯୋଗରେ ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବ ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆଜି ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ତିଲକପୁରସ୍ଥ ସଂଗଠନ କାର୍ଯ୍ୟାଳୟରେ ଉପସଭାପତି ନିଗମ ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସମ୍ପାଦକ ସରୋଜ ଦାଶ ମହୋତ୍ସବକୁ ଅଧିକ ଶୃଙ୍ଖଳିତ କରିବାକୁ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟଙ୍କୁ ନିବେଦନ କରିଥିଲେ। ମହୋତ୍ସବରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା, କବି ସମ୍ମେଳନ ଓ କୁନି କଳାକାରଙ୍କ ପ୍ରତିଭା ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯାଇଥିବା ସମ୍ପାଦକ ସୂଚନା ଦେଇଥିଲେ। ଡେରାବିଶ ଥାନା ଅଧିକାରୀ ଅମ୍ବିକା ଦାସ ମହୋତ୍ସବରେ ଆଇନଶୃଙ୍ଖଳା ଉପରେ ଥାନା ପକ୍ଷରୁ ଅଧିକ ଦୃଷ୍ଟି ଦିଆଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅଗ୍ନିଶମ ଅଧିକାରୀ ବନମାଳି ମାଝି ଯୋଗଦେଇ ତାଙ୍କ ବିଭାଗ ପକ୍ଷରୁ ଦୁଇଟି ଗାଡ଼ି ଓ କର୍ମଚାରୀଙ୍କୁ ନିୟୋଜିତ ପାଇଁ ସେ ବ୍ୟବସ୍ଥା କରିଥିବା କହିଥିଲେ। ବୈଠକରେ ସଂଗଠନ ଉପଦେଷ୍ଟା ସରୋଜ



ସାହୁ, ହଳଧର ଦାସ, ସଚ୍ଚିଦାନନ୍ଦ ରଥ, ପଣ୍ଡିତ ଶରତ ମିଶ୍ର, ଅଧ୍ୟାପକ ପ୍ରଭାକର ସାମଲ, ମହେନ୍ଦ୍ର ସିଂହ, ପ୍ରମୋଦ ବେହେରା ଓ ଗୌରାଙ୍ଗ ସାହୁ, ଅଧ୍ୟାପକ ଗୋଲଖ ମହାଭୋଇ, ଆଇନଜୀବୀ ଶାନ୍ତିସ୍ୱରୂପ ଭୂୟାଁ, ରାମଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ଡଲଫିନ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

ମାର୍ଶାଘାଇ, ୨୧।୧୨(ସମିସ): ମାର୍ଶାଘାଇ ବ୍ଲକ ଶିଳିପୁର ଡଲଫିନ ଆବାସିକ +୨ ବିଜ୍ଞାନ ବିଦ୍ୟାଳୟ ଓ ଡାଫୋଡିଲ୍ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ୧୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି



ଏବିଇଓ ସୁଶାନ୍ତ ବେଉରା, ସମ୍ମାନିତ ଅତିଥି ଏବିଡିଓ ଇତିଶ୍ରୀ ପଣ୍ଡା, ଏଲଏନ ମହାବିଦ୍ୟାଳୟ ଅଧ୍ୟାପକ ସୁଶାନ୍ତ ପରିଡ଼ା, ଶିକ୍ଷକ ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ଡଲଫିନ ଗ୍ରୁପ ଅଫ ଏଜ୍ୟୁକେସନାଲ ଇନଷ୍ଟିଚ୍ୟୁଟ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇଥିବା ମତବ୍ୟକ୍ତ କରିଥିଲେ। ମାର୍ଶାଘାଇ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ସୁକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡଲଫିନ ଶିକ୍ଷା ପ୍ରତିଷ୍ଠାନ ପ୍ରତିଷ୍ଠାତା ତାପସ ପଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଅଧ୍ୟକ୍ଷା ଅମ୍ରିତା ପଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଡଲଫିନ-ଡାଫୋଡିଲ୍ସ ଡାଇରେକ୍ଟର ତୁଷାର ପଲ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଥିବା କହିଥିଲେ। ଅଧ୍ୟକ୍ଷା ଅମ୍ରିତା ପାଲ୍, ଉପାଧ୍ୟକ୍ଷ ଅମରେନ୍ଦ୍ର ବେହେରା, ଶିକ୍ଷକ କାହ୍ନୁଚରଣ ବେହେରା, ପ୍ରମିତ ଦାସ, ଲିପିକା ଚାନ୍ଦ, ପ୍ରଭାତ ସ୍ୱାଇଁ, ସୌଦାମିନୀ ସାହୁ, ଅନୁପମା ରଥ, ସଂଯୁକ୍ତା ସାମଲ ପ୍ରମୁଖ ସହଯୋଗ କରିଥିଲେ। ପ୍ରତ୍ୟୁଷା ପ୍ରିୟଦର୍ଶିନୀ ସାହୁ, କନିସ୍କ ମାହେଶ୍ୱରୀ, ଅଲିଭା ଖଟୁଆଙ୍କ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ନିର୍ଦ୍ଦେଶକ ତୁଷାର ପଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଳି କଂଗ୍ରେସ ପକ୍ଷରୁ ମୋଦୀ ଓ ଶାହାଙ୍କ କୁଶପୁତ୍ତଳିକା ଦାହ

ଆଳି, ୨୧।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ନ୍ୟାସନାଲ ହେରାଲ୍ଡ ମାମଲାରେ ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ ନୈତିକ ବିଜୟ ଓ ବିଜେପି ଦଳର ମିଥ୍ୟା ଅଭିଯୋଗର ବିରୁଦ୍ଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶପୁତ୍ତଳିକା ଦାହ କରିଛି ଆଳି କଂଗ୍ରେସ। ଜିଲ୍ଲା କଂଗ୍ରେସ ସଭାପତି ଡା. ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ବିରାଟ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଆଳି ନୂଆ ବସ୍‌ଷ୍ଟାଣ୍ଡରୁ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇଥିଲେ। ସେଠାରେ କୁଶ ପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଳି ଓ ରାଜକନିକା ବ୍ଲକ ସଭାପତି ରବିନାରାୟଣ ବେହେରା ଓ ମଙ୍ଗୁଳି ଚରଣ ବେହେରାଙ୍କ ସହ ପିସିସି ସଭ୍ୟ ବାବୁରାମ ଜେନା, ବରୁଣାଡ଼ିହା ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ପ୍ରମିଳା ସାହୁ, ରଙ୍ଗଲାଲ ମଲିକ, ସତ୍ୟବ୍ରତ ପରିଡ଼ା, ଉମେଶ ପରିଡ଼ା, ଜୋନ୍ ସଭାପତି ଦର୍ପନାରାୟଣ ସାହୁ, ଅଭିରାମ ବିଶ୍ୱାଳ, ପ୍ରମୋଦ ପତି, ଚିରଞ୍ଜିବୀ




ପଲାଇ, ରଜନୀକାନ୍ତ ସାହୁ, ରାକେଶ ଦାସ, ପୂର୍ବତନ ସରପଞ୍ଚ ସନ୍ତୋଷ ମଲିକ ପ୍ରମୁଖ ଯୋଗ ଦେଇଥିଲେ।

## ମହାବିଦ୍ୟାଳୟ ସ୍ତରୀୟ କ୍ରିକେଟ୍ ମ୍ୟାଚ୍

ରାଜନଗର, ୨୧।୧୨(ସମିସ): ଖେଲୋ ଭାରତ ପକ୍ଷରୁ ମହିଁସାସୁର ପଞ୍ଚାୟତ ପଡ଼ିଆରେ ମହାବିଦ୍ୟାଳୟ ସ୍ତରୀୟ କ୍ରିକେଟ ମ୍ୟାଚ



ଅନୁଷ୍ଠିତ ହୋଇଛି। ରାଜନଗର ବ୍ଲକର ସମସ୍ତ କଲେଜ ଛାତ୍ର ଏଥିରେ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ରାଜନଗର ମହାବିଦ୍ୟାଳୟର କଳା ବିଭାଗ ଟିମ ବାଣିଜ୍ୟ ବିଭାଗକୁ ହରାଇ ଚାମ୍ପିଅନ୍ ହୋଇଛି। ଜାନୁଆରୀ ୧୨ ତାରିଖରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଯୁବା ଦିବସ ରୂପେ ସାରା ଦେଶ ପାଳନ କରିଥାଏ। ଏ ଅବସରରେ ଖେଲୋ ଭାରତ ପକ୍ଷରୁ ବିଭିନ୍ନ ବ୍ଲକ ଓ ଜିଲ୍ଲା ସ୍ତରରେ ବିଭିନ୍ନ ଖେଳ ଅନୁଷ୍ଠିତ ହେଉଛି। ଯୁବ ଦିବସରେ ବିଜେତା ଟିମ୍‌କୁ ପୁରସ୍କୃତ କରାଯିବ। ଉଦ୍‌ଘାଟନ ଉତ୍ସବରେ ମହିଷାସୁର ପଞ୍ଚାୟତ ସରପଞ୍ଚ ଅଶୋକ ମହାନ୍ତି ମୁଖ୍ୟଅତିଥି, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନଗର ସଭାପତି ଅଧ୍ୟାପିକା ତନୁଶ୍ରୀ ମିଶ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ପ୍ରଧାପକ ସଞ୍ଜୟ ବାଗ, ସାମ୍ବାଦିକ ଦୋଳଗୋବିନ୍ଦ ଜେନା, ତାପସ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁରେନ୍ଦ୍ର ପରିଡ଼ା, ସୌମ୍ୟକାନ୍ତ ଦାସ ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁମନ୍ଦିରରେ ଜେଜେବାପା, ଜେଜେମାଆ ପୂଜନ

ପଟ୍ଟାମୁଣ୍ଡାଇ, ୨୧।୧୨(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ରାଧାରମଣ ମଠ ପରିସରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେବାପା ଓ ଜେଜେମାଆ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଅମ୍ବୁଜ ନାୟକ ଏହାକୁ ଉଦଘାଟନ କରିଥିଲେ। ପ୍ରଧାନଆଚାର୍ଯ୍ୟ ପ୍ରଭୁଦତ୍ତ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଯୋଗଗୁରୁ ସଞ୍ଜୟ ମଥାନ ମୁଖ୍ୟଅତିଥି ଭାବେ ଯୋଗଦେଇ କୋମଳମତି ଶିଶୁଙ୍କ ଚରିତ୍ର ଗଠନରେ ବାପାମାଆଙ୍କ ଅପେକ୍ଷା ଜେଜେ ଜେଜେମାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ସହକାରୀ ଆଚାର୍ଯ୍ୟ ସୌମ୍ୟରଞ୍ଜନ ଦାଶ ସ୍ୱାଗତ ଭାଷଣ ଓ ବରିଷ୍ଠ ଆଚାର୍ଯ୍ୟା ସୁଲୋଚନା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଆଚାର୍ଯ୍ୟ ପ୍ରଭାକର ସାହୁ ଧନ୍ୟବାଦ ଦେଇଥିଲେ। ସହକାରୀ ଆଚାର୍ଯ୍ୟ ମୃତ୍ୟୁଞ୍ଜୟ ସୂତାର, ବିଶ୍ୱରୂପା ବିଶ୍ୱାଳ, ମମତା ଦେ, କ୍ରିଷ୍ଣାରାଣୀ ଦାସ, ଲିପ୍ସା ସାହୁ, ଜ୍ୟୋସ୍ନାରାଣୀ ପ୍ରଧାନ, ସୁଜ୍ଞାନୀ ପାଢ଼ୀ, ସଙ୍ଗୀତା ପ୍ରଧାନ, ସୁଚିତ୍ରା ମହାନ୍ତି, ସଙ୍ଗୀତା ନାୟକ, ଚିନ୍ମୟୀ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୀଣାପାଣି ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ମହାକାଳପଡ଼ା, ୨୧।୧୨(ସମିସ): ରାଜଗଡ଼ ପଞ୍ଚାୟତର ବୀଣାପାଣି ଉଚ୍ଚବିଦ୍ୟାଳୟର ୧୯୮୨ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ୮୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏ ଅବସରରେ ମୃତ୍ୟୁବରଣ ସହପାଠୀଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯକ୍ରମକୁ ସୁବାସ ସାମଲ, ସତ୍ୟପ୍ରିୟ ପରିଡ଼ା, ପବିତ୍ର ରାଉଳ, ବସନ୍ତ ନାୟକ, ଗଦାଧର ସ୍ୱାଇଁ, ବିବେକାନନ୍ଦ ସ୍ୱାଇଁ ଓ ବିଜୟ ସ୍ୱାଇଁ ପରିଚାଳନା କରିଥିଲେ।

## ବାଲୁଙ୍କେଶ୍ୱର ବିଦ୍ୟାପୀଠର ବାର୍ଷିକ ଉତ୍ସବ

ଡେରାବିଶ, ୨୧।୧୨(ସମିସ): ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ୪୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଡଃ କାନନବାଳା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଗୋପିନାଥ ଦାସ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବିଧାନ ସାମଲ, ସମ୍ମାନିତ ଅତିଥି ଶିକ୍ଷାବିତ୍ ନିରଞ୍ଜନ ଓଝା, ଅଭିରାମ ସ୍ୱାଇଁ, ଅଚ୍ୟୁତାନନ୍ଦ ସ୍ୱାଇଁ, ସୁଧାକର ପରିଡ଼ା, ଉମେଶ ନାୟକ ଓ ସମିତିସଭ୍ୟ ଫନିନ୍ଦ୍ର ବେହେରା ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ମୌସୁମୀ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ରୋଜାଲିନ୍ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସଙ୍ଗୀତା ଜେନା, ସୀମାରାଣୀ ନାୟକ, ବନ୍ଦିତା ଦାସ, ରାଜଲକ୍ଷ୍ମୀ ବେହେରା, ରାଜଲକ୍ଷ୍ମୀ ମହାରଣା, ସୁହାସିନୀ ପ୍ରଧାନ, ଦିବ୍ୟା ପ୍ରିୟଦର୍ଶିନୀ କର, ପ୍ରଭାତୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସଞ୍ଜୟ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଅଳପୁଆ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୨୧।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ନୋଡାଲ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁକାନ୍ତୀ ନାଥଶର୍ମାଙ୍କ ପୌରାହିତ୍ୟ ଓ ସହକାରୀ ଶିକ୍ଷକ ଚିରଞ୍ଜୀବ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, ବ୍ରଜବିହାରୀ ଧଳ, ଅମରେନ୍ଦ୍ର ଦାଶ, ଦିଲ୍ଲୀପ ବିଶ୍ୱାଳ, ସଂଯୁକ୍ତା ସାହୁ, ମମତା ସାହୁ, ଶିକ୍ଷା ସଂଯୋଜକ ପ୍ରହଲ୍ଲାଦ ପଲାଇ ଓ ସ୍କୁଲ ପରିଚାଳନା କମିଟି ସଭାପତି ଉମାକାନ୍ତ ବିହାରୀ ଯୋଗଦେଇ ଚାମ୍ପିଅନ ହୋଇଥିବା ସତ୍ୟଜିତ ନାୟକ, ଉର୍ମିରାଣୀ ବିହାରୀ, ସଂଗ୍ରାମ ମଲ୍ଲିକ, ଆନି ମଲ୍ଲିକ, ସିନୁ ମଲ୍ଲିକ ଓ ସଞ୍ଜନା ଜେନାଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଉତ୍ସବକୁ କ୍ରୀଡ଼ା ଶିକ୍ଷକ ସୁମିତ ମଲ୍ଲିକ, ଦୁଃଖ ମାରାଣ୍ଡି ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ପ୍ରତାପ ମଲ୍ଲିକ ଅତିଥି ପରିଚୟ ପ୍ରଦାନ, ସ୍ୱାଗତ ଭାଷଣ, ବାର୍ଷିକ ବିବରଣୀ ପାଠ କରିଥିବାବେହଳେ ଲୋକନାଥ ଲେଙ୍କା ଧନ୍ୟବାଦ ଦେଇଥିଲେ। ଶିକ୍ଷକ ନରେଶ ସ୍ୱାଇଁ, କୁଞ୍ଜଲତା ପାତ୍ର, ଲକ୍ଷ୍ମୀପ୍ରିୟା ଶର୍ମା, ପ୍ରମୋଦିନୀ ମାଦେଲି, ସସ୍ମିତା କର ସହଯୋଗ କରିଥିଲେ।

## ଧର୍ମପ୍ରାଣ ବ୍ୟକ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ, ୨୧।୧୨(ସମିସ): ବେଲତଳ ଗ୍ରାମର ସମାଜସେବୀ ତଥା ଧର୍ମପ୍ରାଣ ବ୍ୟକ୍ତି ଜନାର୍ଦ୍ଦନ ତ୍ରିପାଠୀ ଓ ସୀତା ତ୍ରିପାଠୀଙ୍କ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜ୍ୟେଷ୍ଠପୁତ୍ର ଆଡଭୋକେଟ୍ ଗୋପୀନାଥ ତ୍ରିପାଠୀ ଓ ପୁତ୍ର ବଧୂ ଏଲିନା ତ୍ରିପାଠୀଙ୍କ ପରିଚାଳନରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଲେଖ ଜେନା, ସନ୍ଥ ଅସୀମାନନ୍ଦ ସରସ୍ୱତୀ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୂର୍ବତନ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ପୌରାଧ୍ୟକ୍ଷ ହେମନ୍ତ ସାହୁ, ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ, ପ୍ରଫେସର ଅନିରୁଦ୍ଧ ରାଉଳ, କୈଳାସ ପାତ୍ର, ଭରତ ପାତ୍ର, ନାଟ୍ୟକାର ଗୋଲେକ ମହାରଣା, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ଥାନା ଅଧିକାରିଣୀ ବନ୍ଦନା ପାତ୍ର, ଶିକ୍ଷକ ନେତା କସ୍ତୁରୀ ଚରଣ ସ୍ୱାଇଁ, ମେଡିକାଲ ଅଫିସର ଡା ନିରାକାର ପରିଡ଼ା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। କନିଷ୍ଠ ପୁତ୍ର ଲୋକନାଥ ତ୍ରିପାଠୀ, ପୁତ୍ରବଧୂ ଶୁଭଶ୍ରୀ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପଞ୍ଚକର୍ମ ଉପଚାର କାର୍ଯ୍ୟକ୍ରମ

# ପ୍ରତି ମାସରେ ୩୦୦ରୁ ଅଧିକ ରୋଗୀ ଉପକୃତ

କେନ୍ଦ୍ରାପଡ଼ା, ୨୧।୧୨(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୦୧୫ରୁ ଆୟୁର୍ବେଦିକ ନିୟମ ଅନୁସାରେ ଚାଲୁଥିବା ପଞ୍ଚକର୍ମ ଉପଚାର ବିଭାଗ ଜିଲ୍ଲାବାସୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି। ଏହି ବିଭାଗ ମାଧ୍ୟମରେ ବିଭିନ୍ନ ଜଟିଳ ଓ ଦୀର୍ଘକାଳୀନ ରୋଗର ସଫଳ ଚିକିତ୍ସା କରାଯାଉଛି। ପଞ୍ଚକର୍ମ ଚିକିତ୍ସା ମାଧ୍ୟମରେ ପକ୍ଷାଘାତ, ସ୍ନାୟୁଜନିତ ସମସ୍ୟା, ମାଂସପେଶୀଜନିତ ରୋଗ, ଆଣ୍ଠୁ ଓ ଗଣ୍ଠି ସମସ୍ୟା, ତ୍ରୁଟିପୂର୍ଣ୍ଣ ଜୀବନଶୈଳୀ ଜନିତ ରୋଗ ଆଦିରେ ଆଶୁ ସମାଧାନ ମିଳୁଥିବା ଜଣାପଡ଼ିଛି। ପ୍ରତି ମାସରେ ୩୦୦ରୁ ୩୫୦ ଜଣ ରୋଗୀ ଏଠାରେ ଚିକିତ୍ସିତ ହେଉଥିବାବେଳେ ପ୍ରାୟ ୮୦ ପ୍ରତିଶତ ରୋଗୀ ସଫଳ ଭାବେ ଉପକୃତ ହେଉଛନ୍ତି।

ଏହି ପଞ୍ଚକର୍ମ ୟୁନିଟ୍‌ରେ ଡାକ୍ତର ସୌହାଦ୍ୟ ନାଏକ ମୁଖ୍ୟ ଚିକିତ୍ସକ ଭାବେ ସେବା ଦେଉଥିବାବେଳେ ପଞ୍ଚକର୍ମ ସହାୟକ ଶିବଶଙ୍କର ଭୋଳ ଓ ମହିଳା ପଞ୍ଚକର୍ମ ସହାୟିକା ଉର୍ମିଳା ମହାନ୍ତି ନିଷ୍ଠାର ସହିତ କାର୍ଯ୍ୟ କରୁଛନ୍ତି। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅନ୍ତର୍ଗତ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଏହି ପଞ୍ଚକର୍ମ କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମନୋରଞ୍ଜନ ରାଉତ, ଏଡିଏମଓ (ମେଡିକାଲ) ଡ. ପ୍ରମୋଦ ପ୍ରହରାଜ, ହସ୍ପିଟାଲ ମ୍ୟାନେଜର ପ୍ରଭାତ ନାୟକ, ସୁଭାଶିଷ ସାଠୁଆ ଓ ଆକାଉଣ୍ଟାଣ୍ଟ କୁମୁରେଶ ନାୟକ ପ୍ରମୁଖ ନିୟମିତ ଭାବେ ତଦାରଖ କରୁଛନ୍ତି। ଏହି ଆୟୁର୍ବେଦିକ ଚିକିତ୍ସା ପ୍ରଣାଳୀ ମାଧ୍ୟମରେ ଜିଲ୍ଲାର ଅନେକ ନେତୃ ସ୍ଥାନୀୟ ବ୍ୟକ୍ତି, ରାଜନେତା, ଅଧିକାରୀ ଓ କର୍ମଚାରୀ ସଫଳ ଭାବେ ଚିକିତ୍ସିତ ହୋଇ ସୁସ୍ଥ ହୋଇଥିବା ଜଣାପଡ଼ିଛି। ନିକଟରେ ଡେପୁଟି ମ୍ୟାନେଜର (ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ) ଡ. ସୁକାନ୍ତ ପ୍ରଧାନ ମଧ୍ୟ ଏହି ପଞ୍ଚକର୍ମ ଚିକିତ୍ସାରୁ ଲାଭାନ୍ୱିତ ହୋଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ସୁସଂଗଠିତ ଓ ପ୍ରଭାବଶାଳୀ ପଞ୍ଚକର୍ମ ବ୍ୟବସ୍ଥା ଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ବ୍ୟାପକ ସନ୍ତୋଷ ପ୍ରକାଶ ପାଇଛି।

## ରାଷ୍ଟ୍ରବାଦୀ କବିତା ମହୋତ୍ସବ

କେନ୍ଦ୍ରାପଡ଼ା, ୨୧।୧୨(ସମିସ): ରାଷ୍ଟ୍ରବାଦୀ ସାହିତ୍ୟ ହିଁ ରାଷ୍ଟ୍ର ନିର୍ମାଣର ମୂଳ ଆଧାର। ସାହିତ୍ୟର ଶାଶ୍ୱତ ଛନ୍ଦ ଓ ଚିନ୍ତାଧାରା ସମୃଦ୍ଧ ଓ ସୁସଂସ୍କୃତ ରାଷ୍ଟ୍ର ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ଚତୁର୍ଥ ରାଷ୍ଟ୍ରବାଦୀ କବିତା ମହୋତ୍ସବରେ ମତ ପ୍ରକାଶ ପାଇଛି। ଜୟ ରାଷ୍ଟ୍ର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମାନବ ପ୍ୟାଲେସରେ ଆୟୋଜିତ କବିତା ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରଦୀପର ପୂର୍ବତନ ସମ୍ପାଦକ ଜଗବନ୍ଧୁ ମିଶ୍ର ଆଧୁନିକ ସାରସ୍ୱତ ସ୍ରଷ୍ଟା ମାଟି ସହିତ ଯୋଡି ରହି ଦେଶାତ୍ମବୋଧକ ସାହିତ୍ୟ ରଚନା କରିବା ଆବଶ୍ୟକ ବୋଲି କହିଥିଲେ। ଏ ଅବସରରେ




କବି ବିଜୟ ରାୟଙ୍କୁ ସରସ୍ୱତୀ ଦେବୀ ସ୍ମାରକୀ ଜୟ ରାଷ୍ଟ୍ର କବିତା ସମ୍ମାନ' ପ୍ରଦାନ କରାଯାଇଥିଲା। ପରେ ଆକାଶବାଣୀ କଟକ କେନ୍ଦ୍ରର ଉଦ୍‌ଘୋଷିକା ଦୀପ୍ତି ଦାଶ ଓ ଲେଖିକା ଗୀତାଶ୍ରୀ ଦାସଙ୍କ ସଂଯୋଜନାରେ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ନିମନ୍ତ୍ରିତ କବିଙ୍କୁ ମମତା ସିହ୍ନା ସ୍ମାରକୀ କବିତା ସମ୍ମାନ ପ୍ରଦାନ କରାଯାଇଥିଲା। ଗାଳ୍ପିକ ମାତୃଦତ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ରୀନାରାଣୀ ଦାସ, ନମିତା ଜେନା, ମଳୟ ସାହୁ, ରଶ୍ମିରଞ୍ଜନ ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ସୁଶାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ।




## କାର୍‌ରେ କଳାକାଚକୁ ନେଇ ପୁଲିସ ତତ୍ପର

# ଚଢ଼ଉ ପାଇଁ ଟ୍ରାଫିକ୍ ସ୍କ୍ୱାଡ୍ ପ୍ରସ୍ତୁତ

କଟକ, ୨୧।୧୨(ସମିସ)

ନବବର୍ଷକୁ ଦୃଷ୍ଟିରେ ରଖି କମିସନରେଟ୍ ପୁଲିସ ପକ୍ଷରୁ ଗାଡି ଚେକିଂକୁ କଡାକଡି କରାଯାଇଛି। ଜାତୀୟ ରାଜପଥ ଠାରୁ ଆରମ୍ଭ କରି ସହରର ପ୍ରବେଶ ପଥ ଏବଂ ବିଭିନ୍ନ ଛକ ଗୁଡ଼ିକରେ ଗାଡି ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ଏବେ ପ୍ରତ୍ୟହ ଟ୍ରାଫିକ୍ ରୁଟିନ୍ ୱାର୍କ ଭାବେ ଗାଡି ଚେକିଂ କରାଯାଉଥିବା ବେଳେ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ କାର୍ ଗୁଡ଼ିକୁ ସ୍ୱତନ୍ତ୍ର ଭାବେ ଚେକିଂ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଅନୁସାରେ, ଆସନ୍ତାକାଲିଠାରୁ କାର୍‌ଗୁଡ଼ିକୁ ଯାଞ୍ଚ କରାଯିବ ବୋଲି ଟ୍ରାଫିକ୍ ଏସିପି ସୂଚନା ଦେଇଛନ୍ତି। ଗଠନ କରାଯାଇଥିବା ସ୍କ୍ୱାଡ୍‌ର ମୁଖ୍ୟ ଟ୍ରାଫିକ୍ ଏସିପି ରହିଥିବା ବେଳେ ସହରର ବିଭିନ୍ନ ଛକରେ ଏହି ଧରପଗଡ଼ ଜୋରଦାର କରାଯିବ ବୋଲି ସ୍ଥିର ହୋଇଛି। ଗତ ଦେଢ ବର୍ଷ ହେବ ଏପରି ବହୁ କଳାକାଚ ଲାଗିଥିବା ଗାଡ଼ିରେ ଅପରାଧମୂଳକ କାର୍ଯ୍ୟ ଘଟିଥିବା ନଜିର ରହିଛି। ପୁଲିସ କାଁଭାଁ ଧରପଗଡ଼ କରି ଗାଡିରୁ କଳାକାଚ କାଢି ନେଉଛି ସତ, ମାତ୍ର ଏହି ନିୟମ ଶତପ୍ରତିଶତ କାର୍ଯ୍ୟକାରୀ ହେଉ ନ ଥିବାରୁ ଏବେ ପୁଣି କଳାକାଚ ଗାଡିରେ ଅପରାଧ ଓ ଅନୈତିକ କାର୍ଯ୍ୟକଳାପ ମଧ୍ୟ ବଢ଼ିବାରେ ଲାଗିଛି। ଆଗକୁ ନିର୍ବାଚନ ଆସୁଥିବାରୁ ସହରରେ ବିଭିନ୍ନ ଅପରାଧମୂଳକ କାର୍ଯ୍ୟକଳାପ ବୃଦ୍ଧି ପାଇବା ଆଶଙ୍କା କରି ଏବେଠାରୁ ଯାଞ୍ଚ ପ୍ରକ୍ରିୟା ଜୋରଦାର୍ କରାଯାଇଛି। କୌଣସି କାର୍‌ରେ କଳାକାଚ



ଲାଗିଥିଲେ, ତାହାକୁ କଢାଯିବା ସହିତ ସମ୍ପୃକ୍ତ କାର୍ ମାଲିକଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ଏସିପି କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଚାରିଚକିଆ ଗାଡି ଡୋରରେ କଳାକାଚ ଲଗାଇବା ଏକ ଧର୍ତ୍ତବ୍ୟ ଅପରାଧ ଭାବେ ଆଇନ ରହିଛି। ପରିବହନ ଆଇନ ବ୍ୟତୀତ ଦେଶର ସର୍ବୋଚ୍ଚ ନ୍ୟାୟଳଙ୍କର ଏ ସଂକ୍ରାନ୍ତରେ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ରହିଛି। ଯେହେତୁ କଳାଫିଲ୍ମ ଲଗା ଗାଡିର ଭିତର ଦୃଶ୍ୟ ବାହାରକୁ ଦେଖାଯାଇ ନଥାଏ, ଅପରାଧୀମାନେ ଯାତାୟାତ ସମୟରେ ବା ଅପରାଧ ଘଟାଇବାରେ କଳାକାଚ ଥିବା ଗାଡିକୁ ବ୍ୟବହାର କରୁଛନ୍ତି। ଏହି ପରିପ୍ରେକ୍ଷୀରେ କଳା କାଚ ବ୍ୟବହାର

**ନୂଆବର୍ଷ ପାଇଁ ଗାଡ଼ି ଚେକିଂ ହେବ କଡ଼ାକଡ଼ି**

କରୁଥିବା ଗାଡିଚାଳକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଗାଡିକୁ ଜବତ କରିବା ଲାଗି ସର୍ବୋଚ୍ଚ ନ୍ୟାୟାଳୟ ୨୦୧୨ରେ ନିର୍ଦ୍ଦେଶ ଦେଇଥିଲେ। ସେହିପରି କେନ୍ଦ୍ରୀୟ ମୋଟର ଯାନ ଆଇନ-୧୯୮୯ ଧାରା ୧୦୦(୨) ଅନୁସାରେ ଗାଡିର ସମ୍ମୁଖ ଓ ପଛ କାଚ ୩୦ ପ୍ରତିଶତରୁ ଅଧିକ ଏବଂ ଝରକା କାଚ ୫୦ ପ୍ରତିଶତରୁ ଅଧିକ କଳାରଙ୍ଗର ଫିଲ୍ମ ବା କୋଟିଂରେ ଆଚ୍ଛାଦିତ କରାଯାଇ ପାରିବନାହିଁ। ଭିଏଲଟି(ଭିଜୁଆଲ ଲାଇଟ ଟ୍ରାନ୍ସମିଶନ) ମାନଦଣ୍ଡ ଅନୁସାରେ ସାଧାରଣତଃ କୌଣସି କାଚ ୮୯ ପ୍ରତିଶତ ଆଭ୍ୟନ୍ତର ଦୃଶ୍ୟମାମ ହେବା ଆବଶ୍ୟକ। ତେଣୁ ଗାଡ଼ି ଝରକାରେ କଳାକାଚ ଲଗାଇବାକୁ ସମ୍ପୂର୍ଣ୍ଣ ଅପରାଧ ଭାବେ ବିବେଚନା କରାଯାଉଛି। ତଦ୍ଦନୁଯାୟୀ ୨୦୧୯ ମୋଟରଯାନ ଆଇନ ସଂଶୋଧନ ହେବା ପରେ ପରିବହନ ଆଇନରେ ଉଲ୍ଲଙ୍ଘନ ନିମନ୍ତେ ୨୫ଶହ ଟଙ୍କା ଜରିମାନା ଧାର୍ଯ୍ୟ ହୋଇଛି। ସୋ' ରୁମରେ ଗାଡି କ୍ରୟ ସମୟରେ କଳାକାଚ ଲଗାଇବାର ବ୍ୟବସ୍ଥା ନାହିଁ, କିନ୍ତୁ ଗାଡି କିଣୁଥିବା ବ୍ୟକ୍ତିମାନେ ବଜାରରୁ ସାମଗ୍ରୀ ଆଣି ସୋ'ରୁମରେ କାଚରେ କଳାଫିଲ୍ମ ଲଗାଉଥିବାର ଅଭିଯୋଗ ଉଠିଛି। କଟକ ବଜାରରେ ଏହା ଅତି ସହଜରେ ଉପଲବ୍ଧ ହେଉଥିବାରୁ ଏଠାକାର ରାସ୍ତାରେ ଗଡୁଥିବା ସଂଖ୍ୟାଧିକ ଗାଡିରେ କଳାକାଚ ଲାଗିଥିବା ଦେଖିବାକୁ ମିଳୁଛି। ପୂର୍ବରୁ କମିସନରେଟ ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଜରିଆରେ ୬ମାସ ପୂର୍ବରୁ ୨୫୦ରୁ ଊର୍ଦ୍ଧ୍ୱ ଗାଡିରୁ କଳାକାଚ କଢ଼ାଯିବା ସହିତ ଚାଳକଙ୍କଠାରୁ ୫୦୦ ଟଙ୍କା ଲେଖାଁଏ ଜରିମାନା ଆଦାୟ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏଭଳି ଅଭିଯାନ ବନ୍ଦ ହୋଇଯିବା ପରେ ଏବେ ପୁଣି ବହୁ ଗାଡିରେ କଳାକାଚ ଦେଖିବାକୁ ମିଳୁଛି। ମୁଖ୍ୟ ବିଷୟ ହେଉଛି, କେବଳ ଅପରାଧୀ ନୁହନ୍ତି, ବହୁ କ୍ଷମତାଶାଳୀ ବ୍ୟକ୍ତିମାନେ ମଧ୍ୟ କଳାଫିଲ୍ମ ଲାଗିଥିବା ଦାମୀ ଗାଡିରେ ଯାତାୟାତ କରୁଛନ୍ତି। ପୁଲିସ ନଜରରେ ଏ ସବୁ ପଡୁଥିଲେ ହେଁ ଚଢଉ କରିବାକୁ ସାହସ ଜୁଟାଇ ପାରୁନାହିଁ।

## ଦୁର୍ଘଟଣାରେ ଜଣେ ମୃତ, ୧ ଗୁରୁତର

**କଟକ, ୨୧।୧୨(ସମିସ):** ରବିବାର ପୂର୍ବାହ୍ନ ସମୟରେ ଜଗତପୁରସ୍ଥିତ କେନ୍ଦ୍ରାପଡ଼ା କେନାଲ ମଧୁବାବୁ ସେତୁ ନିକଟରେ ଏକ ସ୍କୁଟି ସହ ବାଇକର ଧକ୍କା ହୋଇଛି। ଦୁର୍ଘଟଣା ପରେ ସ୍କୁଟି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ମୃତ ବ୍ୟକ୍ତି ଜଣକ ଯାଜପୁର ଜିଲ୍ଲା ବୈରୀ ଥାନା ଅନ୍ତର୍ଗତ ବରାଙ୍ଗ ଗ୍ରାମର ମଙ୍ଗୁଳି ନାୟକ (୫୩)। ଗୁରୁତର ଆହତ ବ୍ୟକ୍ତି ହେଲେ ଦୟାନିଧି ବେହେରା (୩୯)। ମଙ୍ଗୁଳି ଓ ଦୟାନିଧି ଉଭୟ ଗୋଟିଏ ଗ୍ରାମରୁ ସାଙ୍ଗ ହୋଇ ରାଜମିସ୍ତ୍ରି କାମ ନିମନ୍ତେ ଜଗତପୁରକୁ ଆସିଥିଲେ। ଦୟାନିଧି ବାଇକ ଚଳାଉଥିବା ବେଳେ ମଙ୍ଗୁଳି ପଛରେ ବସିଥିଲେ। ଓଡି ୦୫ ବିଏସ୍ ୦୪୩୯ ନମ୍ବର ଏକ ବାଇକ ଯୋଗେ ସେମାନେ ଯାଉଥିବା ସମୟରେ ଏକ ସ୍କୁଟି ବାଇକକୁ ଧକ୍କା ଦେଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ମେଡିକାଲକୁ ପଠାଇଥିଲା। ସେଠାରେ ଡାକ୍ତର ମଙ୍ଗୁଳିଙ୍କୁ ମୃତ ଘୋଷଣା କରିଥିବା ବେଳେ ଗୁରୁତର ଆହତ ଦୟାନିଧି ଚିକିତ୍ସିତ ହେଉଛନ୍ତି। ଏନେଇ ମୃତ ମଙ୍ଗୁଳିଙ୍କ ପୁତୁରା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି।

## ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ



**କଟକ, ୨୧।୧୨(ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) କଟକ ମହାନଗର ଶାଖା ଆନୁକୂଲ୍ୟରେ ୪୨ତମ ଶିଶୁ ଉତ୍ସବ ନୂଆବଜାରସ୍ଥିତ ନୂଆବଜାର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ନାୟକ, ଓଷ୍ଟା କଟକ ଜିଲ୍ଲାର ସଭାପତି କଳିଙ୍ଗ କେଶରୀ ପ୍ରଧାନ, ସମ୍ପାଦକ ବିଜୟ ଛତ୍ର, ଜିଲ୍ଲା କାର୍ଯ୍ୟକାରୀ କମିଟିର ଅନିତା ମଣ୍ଡଳ, ଲକ୍ଷ୍ମୀନାରାୟଣ ବରାଳ ପ୍ରମୁଖ ମଞ୍ଚାସୀନ ଥିଲେ, ସମ୍ପାଦକ ମନୋଜ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ହିରଣ୍ମୟୀ ସାମଲ, ପ୍ରମିଳା ମହାରଣା, ସନ୍ଧ୍ୟାରାଣୀ ସ୍ୱାଇଁ, ଶୁଭଲକ୍ଷ୍ମୀ ଦାସ, ପଦ୍ମାବତୀ ବେହେରା, ଆରତୀ ରଣା, ପ୍ରଭାତୀ ସେଠି, ଗୀତାଞ୍ଜଳି ଛାଟୋଇ, ଅରୁଣ ପରିଡ଼ା, ଦିଲ୍ଲୀପ ରାଉତ, ଆଶିଷ ସେଠୀ, ନମିତା ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

## ମଧ୍ୟସ୍ଥତା ଅଗ୍ରୀମ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**କଟକ, ୨୧।୧୨(ସମିସ):** ବିଚାର ବିଭାଗୀୟ ମାମଲାଗୁଡ଼ିକର ସହଜ ଓ ସୁସମାଧାନ ପାଇଁ ମଧ୍ୟସ୍ଥତାକୁ ଏକ ପ୍ରଭାବଶାଳୀ ମାଧ୍ୟମ ଭାବେ ଗ୍ରହଣ କରାଯାଉଥିବା ବେଳେ, ଏହି କ୍ଷେତ୍ରରେ ନ୍ୟାୟିକ ଅଧିକାରୀ ଓ ଅଧିବକ୍ତାମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ କଟକରେ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟର ମଧ୍ୟସ୍ଥତା ଓ ସମନ୍ୱୟ ପ୍ରକଳ୍ପ କମିଟି ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ କଟକ ଜୁଡ଼ିସିଆଲ ଏକାଡେମୀଠାରେ ଏହି ତିନିଦିନିଆ ମଧ୍ୟସ୍ଥତା ଅଗ୍ରୀମ ପାଠ୍ୟକ୍ରମ ବା କ୍ୟାପସୁଲ ପାଠ୍ୟକ୍ରମ ଅନୁଷ୍ଠିତ ହେଉଛି। ଡିସେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ନ୍ୟାୟିକ ଅଧିକାରୀ ଓ ଅଧିବକ୍ତା ମଧ୍ୟସ୍ଥିମାନଙ୍କୁ ଉନ୍ନତମାନର ତାଲିମ ପ୍ରଦାନ କରାଯାଉଛି। ଏହି ପ୍ରଶିକ୍ଷଣ ଶିବିରରେ ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ପ୍ରଶିକ୍ଷକ ଡକ୍ଟର ଏସ. ପଦ୍ମା, ଭି.ପି. ଥଙ୍କଚନ, ପି.ଜି. ସୁରେଶ ଏବଂ ଜର୍ଜ ମେରିଲୋ ପଲ୍ଲାଥ ଜଟିଳ ଆଇନଗତ ବିବାଦର ସହଜ ସମାଧାନ ପାଇଁ ଆଧୁନିକ କୌଶଳ ଉପରେ ମାର୍ଗଦର୍ଶନ କରିଛନ୍ତି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲ, କଟକ ଜିଲ୍ଲା ଜଜ୍, ଜୁଡ଼ିସିଆଲ ଏକାଡେମୀର ନିର୍ଦ୍ଦେଶକ ଏବଂ ରାଜ୍ୟ ଆଇନସେବା ପ୍ରାଧିକରଣର ସଦସ୍ୟ ସଚିବଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ସଂଯୋଜିତ ହୋଇଛି। ପ୍ରାଧିକରଣର ଉପସଚିବ ଓ ସହ ସଚିବ ପ୍ରମୁଖ ସହଯୋଗ କରୁଛନ୍ତି।

## ମହାଦେବୀ ବର୍ମା ମହିଳା ଛାତ୍ରୀନିବାସରେ ଯୋଗ ଶିବିର



**କଟକ, ୨୧।୧୨(ସମିସ):** କଟକ ବକ୍ସିବଜାରସ୍ଥିତ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ ଅଧୀନସ୍ଥ ମହାଦେବୀ ବର୍ମା ମହିଳା ଛାତ୍ରୀନିବାସ ଏବଂ ସାଇ ତ୍ରିନାଥ ନୀଳଚକ୍ର ଯୋଗସମିତିର ମିଳିତ ଆନୁକୂଲ୍ୟରେ ଏକ ସଫଳ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀନିବାସର ଅଧୀକ୍ଷିକା ଡ. ପ୍ରୀତି ପ୍ରଜ୍ଞାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଂସ୍ଥାନର ସହପ୍ରାଧ୍ୟାପକ ଡ. ହେମନ୍ତ କୁମାର ମଲ୍ଲିକ ପରିଚାଳନା କରିଥିଲେ। ସମିତିର ସଭାପତି ସାଗରିକା ଜେନା, ଅଲ୍ ଓଡ଼ିଶା ଯୋଗ ଆସୋସିଏସନର ସମ୍ପାଦକ ଆଦିତ୍ୟ ରଞ୍ଜନ ଜେନା ଯୋଗ ସମ୍ପର୍କିତ ଆଲୋଚନା କରିଥିବା ବେଳେ ଅନ୍ତେବାସିନୀ ଶାହିସ୍ତା ଫିରଦୋଷ୍ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶ୍ରୀମତୀ ଜେନାଙ୍କଠାରୁ ସପ୍ନା ଅନନ୍ତ, ଜୟସ୍ମିତା ପାତ୍ର, ଜ୍ୟୋତିପ୍ରଜ୍ଞା ଶତପଥୀ ଏବଂ ଜୟସ୍ମିତା ବେହେରାଙ୍କ ସମେତ ସମସ୍ତ ଅନ୍ତେବାସିନୀ ଏହି ଶିବିରରେ ଉତ୍ସାହର ସହ ଯୋଗ ଶିକ୍ଷା କରିଥିଲେ।

### ପ୍ରଦ୍ୟୁମ୍ନ ବଳ ସ୍ମୃତି ଉତ୍ସବ

## ତନୟା ପଟ୍ଟନାୟକଙ୍କୁ 'ପ୍ରଦ୍ୟୁମ୍ନ ବଳ ପ୍ରତିଭା ସମ୍ମାନ'



**କଟକ, ୨୧।୧୨(ସମିସ):** ବିଶିଷ୍ଟ ସ୍ତମ୍ଭକାର ତଥା ସାଲିସବିହୀନ ରାଜନେତା ପ୍ରଦ୍ୟୁମ୍ନ ବଳଙ୍କ ସ୍ମୃତିରେ କଟକର ଶ୍ରୀରାମଚନ୍ଦ୍ର ଭବନଠାରେ ଏକ ଭବ୍ୟ ସ୍ମୃତିଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ମନୋଜ ପରିଡ଼ା କହିଛନ୍ତି ଯେ ପ୍ରଦ୍ୟୁମ୍ନ ବଳ ଜଣେ ଦରିଦ୍ର ଲୋକଙ୍କ ଦରଦୀ ବନ୍ଧୁ ଥିଲେ ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ତାଙ୍କ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଦାଶ ବେନେହୂର କହିଲେ ଯେ ପ୍ରଦ୍ୟୁମ୍ନ ବଳ ପିଲାଟି ଦିନରୁ ବାମପନ୍ଥୀ ଚିନ୍ତାଧାରାରେ ବିଶ୍ୱାସ କରୁଥିଲେ ଏବଂ କଂଗ୍ରେସରେ ରହି ମଧ୍ୟ ଅନ୍ୟାୟ ଓ ଅତ୍ୟାଚାରକୁ ବିରୋଧ କରୁଥିଲେ। ଏହି ଅବସରରେ 'ସମ୍ବାଦ' ଓ 'କନକ ନ୍ୟୁଜ୍'ର ସମ୍ପାଦିକା ତନୟା ପଟ୍ଟନାୟକଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ପ୍ରଦ୍ୟୁମ୍ନ ବଳ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଛି। ସଭାରେ କଳାବିକାଶ କେନ୍ଦ୍ରର ସଭାପତି ପ୍ରଫେସର ଡ ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥିବା ବେଳେ ଡ ପ୍ରଭାତ କୁମାର କର ସ୍ୱାଗତ ଭାଷଣ ଦେଇଥିଲେ। ସ୍ମୃତିକମିଟିର ସମ୍ପାଦକ ସେକ୍ ମସୁଦ ଅଲ୍ଲୀ ଧନ୍ୟବାଦ ଦେଇଥିଲେ। ପ୍ରଦ୍ୟୁମ୍ନ ବାରିକ, ସୁକାନ୍ତ ନନ୍ଦ ଓ ସୀତାନାଥ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଶହୀଦ ଭବନରେ ଜମିଲା 'ଅ ରୁ କ୍ଷ' ସଙ୍ଗୀତ ସନ୍ଧ୍ୟା

**କଟକ, ୨୧।୧୨(ସମିସ):** ଓଡ଼ିଶାର ସଙ୍ଗୀତ ଜଗତର କିମ୍ବଦନ୍ତୀ ପୁରୁଷ ଖୋକା ଭାଇ ବା ଅକ୍ଷୟ ମହାନ୍ତିଙ୍କ ସ୍ମୃତିଚାରଣ କରି ସମ୍ମାନ ଫାଉଣ୍ଡେସନ ପକ୍ଷରୁ ଶହୀଦ ଭବନଠାରେ ଏକ ଭବ୍ୟ ସଙ୍ଗୀତ ସନ୍ଧ୍ୟା 'ଅ ରୁ କ୍ଷ: ଶ୍ରଦ୍ଧା ଓ ସମ୍ମାନ' ଅନୁଷ୍ଠିତ ହୋଇଯାଇଛି। କଟକ ମେୟର ସୁବାସ ସିଂହ ଏହି କାର୍ଯ୍ୟକ୍ରମକୁ

**ଅକ୍ଷୟ ମହାନ୍ତିଙ୍କୁ ସ୍ୱରର ଶ୍ରଦ୍ଧାଞ୍ଜଳି ଜଣାଇଲା ସମ୍ମାନ ଫାଉଣ୍ଡେସନ**



ଉଦ୍‌ଘାଟନ କରିବା ସହ ଅକ୍ଷୟ ମହାନ୍ତିଙ୍କ କାଳଜୟୀ ସୃଷ୍ଟି ଓଡ଼ିଆ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମତବ୍ୟକ୍ତ କରିଥିଲେ। ଏହି ସମାରୋହରେ ଓଡ଼ିଶାର ବହୁ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ସ୍ୱର୍ଗତ ମହାନ୍ତିଙ୍କ ରଚିତ ଲୋକପ୍ରିୟ ଗୀତଗୁଡ଼ିକୁ ପରିବେଷଣ କରି ଶ୍ରୋତାମାନଙ୍କୁ ପୁରୁଣା ଦିନର ସ୍ମୃତିରେ ହଜାଇ ଦେଇଥିଲେ। ତୃପ୍ତି ଦାସ, ଗୀତା ପଟ୍ଟନାୟକ, ଶରତ ନାୟକଙ୍କ ପରି କଳାକାରଙ୍କ ସ୍ୱରରେ ଅକ୍ଷୟ ସଙ୍ଗୀତ ଶୁଣି ଦର୍ଶକମାନେ ବିମୋହିତ ହୋଇଥିଲେ। ଏହି ସାଂସ୍କୃତିକ ମହାକୁମ୍ଭରେ ଅତିଥି ଭାବେ ଦୀପ୍ତି ପଟ୍ଟନାୟକ ଓ ଶୀର୍ଷାନନ୍ଦ ଦାସ ପ୍ରମୁଖ କଳାକାରଙ୍କୁ ଉତ୍ସାହିତ କରିଥିଲେ। କେତେକ ବିଶିଷ୍ଟ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମଗ୍ର ସଙ୍ଗୀତ ସମାରୋହକୁ ଅମିତାଭ ମହାପାତ୍ର, ଅରୁଣ ମନ୍ତ୍ରୀ, କୃଷ୍ଣଚନ୍ଦ୍ର ସେଠୀ, ବିଜୟ ମଲ୍ଲ ଏବଂ ମିତ୍ରଭାନୁ ମହାନ୍ତି ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ। ଶୀତୁଆ ସନ୍ଧ୍ୟାରେ ଅକ୍ଷୟ ସଙ୍ଗୀତର ଏହି ମୂର୍ଚ୍ଛନା କଟକର ସଙ୍ଗୀତପ୍ରେମୀଙ୍କ ପାଇଁ ଏକ ସ୍ମରଣୀୟ ଉପହାର ସଦୃଶ ହୋଇଥିଲା।

## ଓଏସ୍‌ଏଫ୍‌ସି ସମବାୟ ସମିତିର ବାର୍ଷିକ ଅଧିବେଶନ

**କଟକ, ୨୧।୧୨(ସମିସ):** ଓଡ଼ିଶା ରାଜ୍ୟ ଅର୍ଥ ନିଗମ(ଓଏସଏଫସି) କର୍ମଚାରୀ ସମବାୟ ସମିତିର ୪୬ତମ ବାର୍ଷିକ ସାଧାରଣ ଅଧିବେଶନ ନିଗମର ଓଏମପି ଛକସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ସଭାରେ ସମିତିର ପୂର୍ବତନ ସଦସ୍ୟ ତଥା ସମୀକ୍ଷକ ରବୀନ୍ଦ୍ର କୁମାର ଦାଶ ମୁଖ୍ୟଅତିଥି, ସନ୍ତୋଷ କୁମାର ଜାଲି ଓ ଶରତ କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ସଦସ୍ୟ ତଥା ପରିଚାଳନାମଣ୍ଡଳୀର ପ୍ରଚେଷ୍ଟା ଓ ସହଯୋଗରେ ଏହି ସମବାୟ ସମିତି କ୍ରମାଗତ ଭାବରେ ବର୍ଷ ବର୍ଷ ଧରି ବ୍ୟବସାୟରେ ଲାଭ କରିଆସୁଛି ବୋଲି ବକ୍ତାମାନେ ମତ ବ୍ୟକ୍ତ କରିଥିଲେ। ସମ୍ପାଦକ ବୈରାଗୀ ଚରଣ ସାହୁ ବାର୍ଷିକ ସମ୍ପାଦକୀୟ ବିବରଣୀ ପାଠ କରିବା ସହିତ ଆସନ୍ତା ବର୍ଷ ପାଇଁ ବ୍ୟୟ ବରାଦ ଉପରେ ଆଲୋଚନା କରିଥିଲେ। ଏହା ସର୍ବସମ୍ମତିକ୍ରମେ ସଭାରେ ଗୃହୀତ ହୋଇଛି। ବିଗତ ଆର୍ଥିକ ବର୍ଷରେ ଏହି ସମବାୟ ସମିତି ୧, ୨୪, ୩୪୪ ଟଙ୍କା ଲାଭ କରି ପାରିଛି ଏବଂ ଏହି ଲାଭାଂଶରୁ ଅଂଶୀଦାରଙ୍କୁ ଅଂଶଧନ ଉପରେ ୧୦ ପ୍ରତିଶତ ଡିଭିଡେଣ୍ଟ ଦେବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ବରିଷ୍ଠ ସଦସ୍ୟ ବରେନ୍ଦ୍ର ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମବାୟ ସମିତି ନିର୍ଦ୍ଦେଶକ ମଣ୍ଡଳୀର ସଦସ୍ୟ ପ୍ରସନ୍ନ କୁମାର ମହାନ୍ତି, ସୁବ୍ରତ କୁମାର ଦାସ, କୃପାସିନ୍ଧୁ ମହାରଣା ଓ ବିଷ୍ଣୁପ୍ରସାଦ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଏପିବି ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ



**କଟକ, ୨୧।୧୨(ସମିସ):** ସିଡିଏ ସେକ୍ଟର-୭ସ୍ଥିତ ଏପିବି ଇଣ୍ଟରନ୍ୟାସନାଲ ସ୍କୁଲର ୧୪ତମ ବାର୍ଷିକ ଉତ୍ସବ 'ୱିନଫେଷ୍ଟ ୨୦୨୫-୨୬' ସ୍କୁଲ ପରିସରରେ ରବିବାର ଅପରାହ୍ନରେ ମହାସମାରୋହରେ ପାଳିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଚୌଧୁରୀ ପ୍ରଜ୍ଞା ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର, ସମ୍ମାନିତ ଅତିଥିଭାବେ ପୂର୍ବତନ ପ୍ରମୁଖ ସଚିବ ସଂଗ୍ରାମଜିତ ନାୟକ ଏବଂ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପିକା ଡ଼ ଦୀପ୍ତି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ମେଡାଲ ଅତିଥିମାନେ ପ୍ରଦାନ କରିଥିଲେ। ସ୍କୁଲର ପରିଚାଳନା ନିର୍ଦ୍ଦେଶିକା ପ୍ରୀତି ମିଶ୍ରଙ୍କ ତତ୍ତ୍ୱାବଧାନରେ ଏବଂ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତା ପୂର୍ବକ ପରିବେଷଣ କରାଯାଇଥିଲା। ଉପାଧ୍ୟକ୍ଷା ଇନ୍ଦୁମତୀ ରଥ ଧନ୍ୟବାଦ ଦେଇଥିଲେ।

## ଗୁରୁ ନାନକ ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ



**କଟକ, ୨୧।୧୨(ସମିସ):** ଶିଖରପୁର କାଳିଆବୁଦାସ୍ଥିତ ଗୁରୁନାନକ ପବ୍ଲିକ ସ୍କୁଲର ୩୫ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆଜି କମଳାକାନ୍ତ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସଞ୍ଚିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କଟକ ନଗର ନିଗମର କମିସନର କିରନ୍‌ଦୀପ କୌର ସାହୋତା ମୁଖ୍ୟଅତିଥି, ସମ୍ମାନିତଅତିଥି ରୂପେ ସ୍ଥାନୀୟ କର୍ପୋରେଟର ପ୍ରଳୟ ବେଉରା ଯୋଗ ଦେଇଥିଲେ। ବିଦ୍ୟାଳୟର ସଞ୍ଚାଳକ କମିଟିର ସଭାପତି ସର୍ଦ୍ଦାର ଡି. ଏସ୍ ସଭର୍‌ୱାଲ୍ ଜୀ, ବିଦ୍ୟାଳୟ କମିଟିର ସମ୍ପାଦକ ସର୍ଦ୍ଦାର ଏସ୍ ସମ୍ରାଟ, ବିକ୍ରମ ସିଂଜୀ, ଗୁରୁଦ୍ୱାର ପ୍ରବନ୍ଧକ କମିଟିର ସଭାପତି ସର୍ଦ୍ଦାର ଗୁରୁଦେବ ସିଂ ଜୀ, ଉପସଭାପତି ସର୍ଦ୍ଦାର ତ୍ରିଲୋଚନ ସିଂଜୀ, ସମ୍ପାଦକ ସର୍ଦ୍ଦାର ନଛତର୍ ସିଂ ଜୀ ସଦସ୍ୟମାନେ ବିଦ୍ୟାଳୟର ଜାତୀୟ, ଅନ୍ତର୍ଜାତୀୟ ଖେଳାଳୀଙ୍କୁ ସମ୍ମାନିତ କରିବା ସହିତ ପୁରସ୍କାର ବିତରଣ କରିଥିଲେ। ବାର୍ଷିକ ଉତ୍ସବର ବିଜେତା ଛାତ୍ରଛାତ୍ରୀ ଓ ହକି ଖେଳର ବିଜେତାଙ୍କୁ ସନନ୍ଦ ପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଶିବଶକ୍ତି ନୃତ୍ୟ, ଯୋଗ ପିରାମିଡ୍, କ୍ରୀଡା ସମ୍ବନ୍ଧୀୟ କଳାବକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ରେଡକ୍ରସ କର୍ମଚାରୀଙ୍କ ମନୋମୁଖୀ କାର୍ଯ୍ୟ

## ପ୍ଲେଟ୍‌ଲେଟ୍ ଥଳିରେ ତାରିଖ ଭୁଲ; ରକ୍ତଭଣ୍ଡାରରେ ଉତ୍ତେଜନା

କଟକ, ୨୧।୧୨(ସମିସ)

ପ୍ଲେଟଲେଟ ଥଳିରେ ଭୁଲ୍ ତାରିଖ ପକାଯାଉଛି। ପ୍ଲେଟଲେଟ ସଂଗ୍ରହ ତାରିଖ ପଛୁଆ ଥିବା ବେଳେ ପ୍ରସ୍ତୁତ ତାରିଖ ଆଗରେ ରହୁଛି। ଡିସେମ୍ବର ୧୫ରେ ରକ୍ତ ଭଣ୍ଡାର ତରଫରୁ ପ୍ଲେଟଲେଟ୍ ପ୍ରସ୍ତୁତ କରାଯାଇଥିବା ଉଲ୍ଲେଖ କରାଯାଇଛି। ହେଲେ ଏହା ପରଦିନ ଅର୍ଥାତ ଡିସେମ୍ବର ୧୬ରେ ପ୍ଲେଟଲେଟ୍ ସଂଗ୍ରହ କରାଯାଇଥିବା ଲେଖାଯାଇଛି। ଜଣେ ଯୁବକ ଏକ ପ୍ଲେଟଲେଟ ଥଳି ଧରି ଆଜି ରେଡକ୍ରସ ରକ୍ତଭଣ୍ଡାରରେ ହୋହାଲ୍ଲା କରିବା ପରେ ଘଟଣା ସାମ୍ନାକୁ ଆସିଛି। ପ୍ଲେଟ୍‌ଲେଟ୍ ଆବଶ୍ୟକ କରୁଥିବା ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି ରେଡକ୍ରସ ରକ୍ତଭଣ୍ଡାରର କର୍ମଚାରୀ। ମନୋମୁଖୀ କାର୍ଯ୍ୟ କରୁଛନ୍ତି। ଜବାବ ମାଗିଲେ ନାଲି ଆଖି ଦେଖାଉଛନ୍ତି। କର୍ମଚାରୀଙ୍କ ଏଭଳି ଆଚରଣ ଯୋଗୁଁ ରୋଗୀଙ୍କ ଜୀବନ ମୃତ୍ୟୁ ମୁଖରେ ପଡୁଛି ବୋଲି କଲ୍ୟାଣୀନଗର ଅଞ୍ଚଳର ଜଣେ ଯୁବକ ଅଭିଯୋଗ ଉଠାଇଛନ୍ତି।

ଓଏମ୍‌ପିସ୍ଥିତ ଏକ ଘରୋଇ ହସ୍ପିଟାଲରେ କଲ୍ୟାଣନଗର ଅଞ୍ଚଳର ଜଣେ ବୟସ୍କ ଗୁରୁତର ରୋଗୀଙ୍କ ଚିକିତ୍ସା ଜାରି ରହିଛି। ଡାକ୍ତର ଉକ୍ତ ରୋଗୀଙ୍କୁ ପ୍ରତ୍ୟେକ ଦିନ ପ୍ଲେଟ୍‌ଲେଟ୍ ଦେବା ଆବଶ୍ୟକ ବୋଲି କହିଥିଲେ। ଆଜିକୁ ଦୁଇଦିନ ହେବ ରୋଗୀ ଜଣଙ୍କୁ ପ୍ଲେଟ୍‌ଲେଟ୍ ଦିଆଯାଉ ଥିବାବେଳେ ରୋଗୀଙ୍କ ସମ୍ପର୍କୀୟ ରବିବାର ସେଣ୍ଟ୍ରାଲ ରେଡକ୍ରସ ରକ୍ତ ଭଣ୍ଡାରକୁ ପ୍ଲେଟ୍‌ଲେଟ୍ ପାଇଁ ଯାଇଥିଲେ। ସେଠାରେ ଦୀର୍ଘ ସମୟ ଅପେକ୍ଷା କରିବା ପରେ ଗୋଟିଏ ୩୦୦ ଏମ୍‌ଏଲର ବ୍ୟାଗ ପ୍ଲେଟ୍‌ଲେଟ୍ ରେଡକ୍ରସ ପକ୍ଷରୁ ଦିଆଯାଇଥିଲା। ପରେ ରୋଗୀଙ୍କ ସମ୍ପର୍କୀୟ ଘରୋଇ ହସ୍ପିଟାଲରେ ପ୍ଲେଟ୍‌ଲେଟ୍ ବ୍ୟାଗ ଦେବାରୁ ଉକ୍ତ ବ୍ୟାଗରେ ପ୍ଲେଟ୍‌ଲେଟ୍ ସଂଗ୍ରହ ଓ ପ୍ରସ୍ତୁତି ତାରିଖ ଭୁଲ ଥିବା ବା ପ୍ଲେଟ୍‌ଲେଟ୍ ପ୍ରସ୍ତୁତି ତାରିଖ ଡିସେମ୍ବର ୧୫ ଥିବାବେଳେ ସଂଗ୍ରହ ତାରିଖ ଡିସେମ୍ବର ୧୬ ଥିବା ଦେଖି ସେଠାରେ କର୍ମଚାରୀ ଏହାକୁ ରୋଗୀଙ୍କ ଶରୀରରେ ଚଢ଼ାଇବାକୁ ସିଧା ମନା କରିଥିଲେ। ଏପରିକି ଭୁଲ ତଥ୍ୟ ଥିବା ପ୍ଲେଟ୍‌ଲେଟ୍ ରୋଗୀଙ୍କୁ ଦିଆଯାଇ ପାରିବ ନାହିଁ ଏବଂ ଏହା ରୋଗୀର ଜୀବନ ପ୍ରତି ବିପଦ ବୋଲି କର୍ମଚାରୀ ସମେତ ଡାକ୍ତର କହି ଫେରାଇ ଦେଇଥିଲେ। ପରେ ରୋଗୀଙ୍କ ସମ୍ପର୍କୀୟ ଏ ବାବଦରେ ରେଡକ୍ରସରେ ଜଣାଇବାରୁ ସେଠାରେ କର୍ମଚାରୀ ପ୍ରଥମେ ଏହା ଜାଣିବାରୁ ବିରକ୍ତ ପ୍ରକାଶ କରିବା ସହ ତ୍ରୁଟିକୁ ମନ ଇଚ୍ଛା ସୁଧାରିବା ପ୍ରୟାସ କରିଥିଲେ। ରୋଗୀଙ୍କ ସମ୍ପର୍କୀୟ ଏନେଇ ପଚାରିବାରୁ ତାଙ୍କୁ ଅପେକ୍ଷା କରିବାକୁ କହି ଦୀର୍ଘ ସମୟ ପରେ ସମାନ ପ୍ଲେଟ୍‌ଲେଟ୍ ବ୍ୟାଗ ଉପରେ ସଠିକ୍ ତାରିଖର ଷ୍ଟିକର ଲଗାଇ ବ୍ୟାଗଟିକୁ ଦେଇଥିଲେ। ତେବେ ରକ୍ତ ଭଣ୍ଡାରରେ ପ୍ଲେଟଲେଟ ପିଛା ୪୦୦ ଟଙ୍କା ଦେୟ ନିଆ ଯାଉଥିବାବେଳେ ସଠିକ୍ ଯାଞ୍ଚ କରି ପ୍ଲେଟ୍‌ଲେଟ୍ ଦେବାକୁ କର୍ମଚାରୀ ମଧ୍ୟ ନିୟୋଜିତ କରାଯାଇଛି। ହେଲେ ଏଭଳି ତ୍ରୁଟି ରେଡକ୍ରସ କର୍ତ୍ତୃପକ୍ଷଙ୍କ ମନୋମୁଖୀ କାର୍ଯ୍ୟକୁ ପଦାରେ ପକାଉଛି।

## ରାଜ୍ୟ ଦଳରେ ରାଇଜିଂ ଷ୍ଟାର୍‌ର ଶୁଭମ୍



**କଟକ, ୨୧।୧୨(ସମିସ):** ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ନିମନ୍ତେ ଗଠିତ ୧୬ବର୍ଷରୁ କମ୍ ରାଜ୍ୟ ଦଳରେ କଟକର ଶୁଭମ ଶର୍ମା ସ୍ଥାନ ପାଇଛନ୍ତି। ରାଇଜିଂ ଷ୍ଟାର କ୍ଲବ ପକ୍ଷରୁ ଖେଳୁଥିବା ଏହି ଯୁବ ପ୍ରତିଭା ଜଣକ ଜଣେ ଅଲରାଉଣ୍ଡର। ଜଗତପୁର ଅଞ୍ଚଳର କୃଷ୍ଣଚନ୍ଦ୍ର ଶର୍ମାଙ୍କ ପୁଅ ଶୁଭମ ମଧ୍ୟକ୍ରମ ବ୍ୟାଟିଂ ଏବଂ ସ୍ପିନ୍ ବୋଲିଂର ଦକ୍ଷତା ରଖିଛନ୍ତି। ଗତ ୩ବର୍ଷ ହେବ ସେ କ୍ଲବରେ ନିୟମିତ ଅଭ୍ୟାସ ଚଳାଇଥିଲେ। କ୍ଲବ ସମ୍ପାଦକ ବିଜୟ କୁମାର ଦାସ ଶୁଭମଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଚଇତି ସାଂସ୍କୃତିକ ଉତ୍ସବ 'ଇଡିତାଲ-୨୦୨୫' କଳସ ଶୋଭାଯାତ୍ରା

# ବିଧାୟକ ଓ ଉପ ଜିଲ୍ଲାପାଳଙ୍କ ବାଦ୍ୟରେ ଝୁମିଲେ ଲୋକେ







ଗୁଣୁପୁର, ୨୧।୧୨(ସମିସ):

ଗୁଣୁପୁର ଉପଖଣ୍ଡ ସ୍ତରୀୟ ଚଇତି ପାଇଁ ଆଜି କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରା ଜଗନ୍ନାଥ ମନ୍ଦିରରୁ ଆରମ୍ଭ ହୋଇ ପୁରୁଣା ଗୁଣୁପୁର ଛକ, ବାଇପାସ୍ ଛକ, ନୂତନ ବସଷ୍ଟାଣ୍ଡ, ପୁରୁଣା ବସଷ୍ଟାଣ୍ଡ ହୋଇ ସେବା ସମାଜ ସାମ୍ନା ଶତାୟୁ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରା ପ୍ରାୟ ୭ କିଲୋମିଟର ସହର ପରିକ୍ରମା କରି ଉତ୍ସବ ପଡିଆରେ ପହଞ୍ଚି ଥିଲା। ପ୍ରଥମେ ରାୟଗଡା ଜିଲ୍ଲା ର ବିଭିନ୍ନ ବ୍ଲକ୍ ଅଞ୍ଚଳରେ ଚଇତି ଉତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇ ସରିଥିବା ପରେ ଏବେ ଉପଖଣ୍ଡସ୍ତରିୟ ଚଇତି"ଇଡିତାଲ୍' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଆଜି ଉପଖଣ୍ଡ ପ୍ରଶାସନ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲିପ୍‌ଙ୍କ ଅଧକ୍ଷତାରେ ଆଜିଠାରୁ ତିନିଦିନ ଧରି ଏହି ମହୋତ୍ସବ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ଚାଲୁ ରହିବ। ଶୋଭାଯାତ୍ରା ସମୟରେ ବିଭିନ୍ନ ପାରମ୍ପରିକ ବାଦ୍ୟଯନ୍ତ୍ର ସହ ଲୋକନୃତ୍ୟ , ସଂସ୍କୃତି, ପାରମ୍ପରିକ ନାଚଗୀତ ସହ ନାଚିଉଠିଥିଲେ ଶୋଭାଯାତ୍ରାରେ ସାମିଲ ହୋଇଥିବା ଜନସାଧାରଣ, ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀ ଓ କଳାକାର , ଲୋକପ୍ରତିନିଧି , ମହିଳା , ସରକାରୀ କର୍ମଚାରୀ ଓ ରାଜନେତା। ଶୋଭାଯାତ୍ରା ସମୟରେ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା । ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଡାମ୍ପ ବାଦ୍ୟ ବଜାଉଥିବା ବେଳେ ଯୁବ ଆଇଏଏସ୍ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲିପ୍ ଢୋଲ ଓ ଗିନି ବଜାଇ ନାଚି ଉଠୁଥିଲେ। ସମସ୍ତେ ବିଧାୟକଙ୍କ ବାଦ୍ୟରେ ଉପଜିଲ୍ଲାପାଳଙ୍କ ସହ ନେତା ପ୍ରଶାସନିକ ଅଧିକାରୀ ମାନେ ମଧ ନାଚୁଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଗୁଣପୁର ଉପଜିଲ୍ଲାପାଳ, ଗୁଣୁପୁର ବିଡିଓ ସ୍ୱସ୍ତିକ ଜମାଦାର ଓ ସମସ୍ତ ସରକାରୀ କର୍ମଚାରୀ ଯୋଗ ଦେଇଥିଲେ। ଗୁଣୁପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ, ଗୁଣୁପୁର ପୌର ଅଧକ୍ଷା ମମତା ଗଉଡ, ଉପାଧକ୍ଷ ଶିବ ପ୍ରସାଦ ଗୌଡ଼, ଗୁଣୁପୁର ବ୍ଲକ୍ ଉପାଧକ୍ଷ ସୁଦର୍ଶନ ଶବର, ଗାନ୍ଧୀ ଯାନ୍ତ୍ରିକ ମହାବିଦ୍ୟାଳୟର ଉପ ସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା, ବିଜେଡି ନେତା ରାମ ପଣ୍ଡା, ବିଷ୍ଣୁ ପଣ୍ଡା, ବିଜେପି ନେତା ୱାଇ ଗଣପତି, ଉଦୟ ପାଢି, କିର୍ତ୍ତୀ କୁମାର ପଣ୍ଡା, ରାୟଗଡ଼ା ଜିଲ୍ଲା ଅମ୍ରୁସମ୍ୟାନ ଅକ୍ଷୟ ଦାସ, ଆଇନଜିବି ରମେଶ ଲିମା, ସାମାଜସେବୀ ପିଙ୍କି ମହାପାତ୍ର ଯୋଗ ଦେଇଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଗୁଣୁପୁର ଥାନା ଅଧିକାରୀ କେକେବି କେ କହଁର ଏବଂ ଏସ୍ ଆଇ ରଞ୍ଜିତ ତ୍ରିପାଠୀ ଉପସ୍ଥିତ ରହି ଦାୟିତ୍ୱ ତୁଲାଇଥିଲେ।

## ■ ପିଡିଏସ୍ ସାମଗ୍ରୀରୁ ବଞ୍ଚିତ ଘଟଣା

# ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଦ୍ୱାରମୁହଁରେ ଚାଉଳ



ନନ୍ଦପୁର,୨୧।୧୨(ସମିସ): ପିଡିଏସ୍ ସାମଗ୍ରୀ ପାଇବାରେ ବଞ୍ଚିତ ନେଇ ଚାଟୁଆ ଗ୍ରାମପଞ୍ଚାୟତର କମଳା ଗେମେଲ୍ ଶନିବାର ନନ୍ଦପୁର ଲ୍ୟାମ୍ପସ ପରିଦର୍ଶନରେ ଆସିଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଭେଟି ଅଭିଯୋଗ ଆଣିଥିଲେ। ମନ୍ତ୍ରୀ ଶ୍ରୀ ପାତ୍ର ତୁରନ୍ତ ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ଆଦେଶ ମାନି ନନ୍ଦପୁର ଯୋଗାଣ ନିରୀକ୍ଷକ ବୃରୁ କମଳା ଗେମେଲଙ୍କ ଦୀର୍ଘ ବର୍ଷ ଧରି ବନ୍ଦ ଥିବା ଚାଉଳ କାର୍ଡର ନୂତନ କାର୍ଡ କରିବା ସହ ଚାଉଳ ସାମଗ୍ରୀ ନେଇ ଚାଟୁଆ କମଳାଙ୍କ ଘରେ ପହଞ୍ଚାଇଛନ୍ତି। ସୂଚନା ଅନୁସାରେ ସମ୍ପୃକ୍ତ ହିତାଧିକାରୀ ଗତ ଦୁଇ ବର୍ଷ ହେବ ପିଡିଏସ୍ ଚାଉଳ ପାଇବାରେ ବଞ୍ଚିତ ରହିଥିଲେ । ଗୋଟିଏ ପଟେ ଟିପ ଚିହ୍ନ ଦେଲେ ଯାଇ ହିତାଧିକାରୀ ଖାଉଟି ସାମଗ୍ରୀ ପାଇବା ହେଉଥିବା ବେଳେ ମନ୍ତ୍ରୀଙ୍କ ବିନା ଟିପ ଚିହ୍ନରେ ଖାଉଟି ସାମଗ୍ରୀ ପ୍ରଦାନ ନିର୍ଦ୍ଦେଶ ଦେଇଥିଲେ। ତତ୍ ସହିତ ଟିପ ଚିହ୍ନ ଅସୁବିଧା ଯୋଗୁ କୌଣସି ହିତାଧିକାରୀଙ୍କ ଚାଉଳ ବନ୍ଦ କରି ପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ ମନ୍ତ୍ରୀ ଶ୍ରୀ ପାତ୍ର। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପ୍ରକାରେ ରବିବାର ସକାଳୁ ଯୋଗାଣ ନିରୀକ୍ଷକ ଜନସନ୍ ବରୁ କମଳାଙ୍କ ନୂତନ ପିଡିଏସ କାର୍ଡ କରିବା ସହ ଚାଉଳ ପ୍ରଦାନ କରିଥିଲେ। ତେବେ ଦୀର୍ଘ ଦୁଇ ବର୍ଷ ଧରି ପିଡିଏସ ଚାଉଳ ପାଇବାରେ ବଞ୍ଚିତ ଥିଲେ କମଳା ଗେମେଲ ଚାଉଳ। ତେବେ ନୂତନ ପିଡିଏସ କାର୍ଡ ପାଇ ସେ ଖୁସି ବ୍ୟକ୍ତ କରିଥିବା ବେଳେ ବ୍ଲକ୍‌ର ବିଭିନ୍ନ ସମସ୍ୟା କାରଣରୁ ପିଡିଏସ ଚାଉଳରୁ ବଞ୍ଚିତ ହିତାଧିକାରୀଙ୍କ ପାଇ ମଧ ଖୁସି ଖବର ହୋଇଛି। ପିଡିଏସ କାର୍ଡ ରେ ଦେଖା ଦେଇଥିବା କିଛି ସମସ୍ୟା ପାଇଁ ଚାଉଳ ପାଇବାରେ ବଞ୍ଚିତ ହିତାଧିକାରୀଙ୍କ ପାଇଁ କି ବ୍ୟବସ୍ଥା ଗ୍ରହଣ କରାଯାଉଛି ତାହା ସମୟ କହିବ। ହେଲେ ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ କମଳା ଗେମେଲ ପରି ବାଦ ପଡି ଥିବା ହିତାଧିକାରୀର ମୁହଁରେ ହସ ନିଶ୍ଚିତ୍ ଫୁଟିବ ବୋଲି ଆଶା କରାଯାଉଛି।

## ହୃଦ୍‌ଘାତରେ କାଉନ୍‌ସିଲରଙ୍କ ପରଲୋକ



ଜୟପୁର,୨୧।୧୨(ସମିସ) : କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥାର ୧୬ ନମ୍ବର ୱାର୍ଡର କାଉନ୍‌ସିଲର ଧନିମା ହରିଜନ (୪୭)ଙ୍କ ଗତକାଲି ରାତି ୨ଟା ସମୟରେ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ଘଟିଛି। ଗତକାଲି ସଂଧାରେ ପୁରୁଣାଗଡ ସ୍ଥିତ ତାଙ୍କ ବାସଭବନ ଠାରେ ହୃଦ୍‌ଘାତ ହେବା ଯୋଗୁଁ ସ୍ଥାନୀୟ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରୁ କୋରାପୁଟ ଏସଏଲଏନ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ବ୍ରହ୍ମପୁର କିମ୍ବା ବିଶାଖପାଟଣାକୁ ନେବା ପାଇଁ କହିଥିଲେ। ସେଠାରୁ ଜୟପୁର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଆଇସିୟୁରେ ରଖାଯାଇଥିଲା। କିନ୍ତୁ ରାତିରେ ପୁଣି ହୃଦ୍‌ଘାତ ହେବା ଯୋଗୁଁ ତାଙ୍କ ମୃତ୍ୟୁ ହୋଇ ଯାଇଥିଲା। ଆଜି ଭୋରରୁ ଖବର ପ୍ରଚାରିତ ହେବା ପରେ ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବି.ସୁନିତା, କାଉନ୍‌ସିଲର ଯଶପାଲ ସିଂ, ସୀମାଞ୍ଚଳର ବିଶୋୟୀ, କୋରାପୁଟ ଏନଏସିର ପୂର୍ବତନ ଅଧ୍ୟକ୍ଷ ଭଗବାନ ବାହିନୀପତି ଏବଂ ଅନ୍ୟାନ୍ୟ କଂଗ୍ରେସ କର୍ମୀ ମାନେ ଚିକିତ୍ସାଳୟରେ ଅନ୍ତିମ ଦର୍ଶନ କରିବା ପରେ ତାଙ୍କ ନିଜ ଗ୍ରାମ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଗ୍ରାମଠାରେ ଖ୍ରୀଷ୍ଟିଆନ ପରମ୍ପରା ଅନୁଯାୟୀ କବର ଦିଆଯାଇଛି। ତାଙ୍କର ବିୟୋଗ ଖବର ଶୁଣି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଗଭୀର ଦୁଃଖ ପ୍ରକାଶ କରିବା ସହିତ ତାଙ୍କ ସ୍ୱାମୀ ଓ ପୁଅଙ୍କୁ ଭୁବନେଶ୍ୱରରୁ ଫୋନ ମାଧ୍ୟମରେ ସମବେଦନା ଜଣାଇଛନ୍ତି।

# ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ସମାବେଶ



ଜୟପୁର,୨୧।୧୨(ସମିସ): ଜୟପୁର ଠାରେ ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାର ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶିଭୂଷଣ ଦାଶଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ବୈଠକରେ କର୍ମଚାରୀ ଓ ସଂଘର ସଦସ୍ୟ ମାନେ ଯୋଗ ଦେଇଥିଲେ। ରଥ ପଡିଆ ଛକସ୍ଥିତ ରଘୁନାଥ ମନ୍ଦିରରୁ ଏକ ପଟୁଆରରେ ଜଗତଜନନୀ ମନ୍ଦିର ଛକ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଏଥିରେ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ବିଭିନ୍ନ ନ୍ୟାର୍ଯ୍ୟ ଦାବି ଉପରେ ସ୍ଲୋଗାନ ଦିଆଯାଇଥିଲା। ସ୍ଥାନୀୟ ଜୟନଗରସ୍ଥିତ ଏକ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ବୈଠକ ସରକାର କର୍ମଚାରୀ ମାନଙ୍କର ବିଭିନ୍ନ ଦାବି ନେଇ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟତଃ କର୍ମଚାରୀ ମାନଙ୍କୁ ୨୦ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବୀମା, ପୁରୁଣା ପେନସନ, ପୁରୁଣା ନିୟମ ଅନୁସାରେ ଅନୁକମ୍ପା ମୂଳକ ନିଯୁକ୍ତି, ଏକ୍ସ କ୍ୟାଡ଼ର ଉଚ୍ଛେଦ, ବ୍ଲକଗ୍ରାଣ୍ଟ ଉଚ୍ଛେଦ, ଠିକା ନିଯୁକ୍ତି ଉଚ୍ଛେଦ ସହିତ ଅନ୍ୟାନ୍ୟ ଦାବି ରହିଛି। ଏନେଇ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରାଯାଇଥିବା ରାଜ୍ୟ ସାଧାରଣ ସମ୍ପାଦକ ରବିନ୍ଦ୍ରନାଥ ପ୍ରଧାନ ବୈଠକରେ ସୂଚନା ଦେଇଥିଲେ। ବୈଠକରେ ଅଭ୍ୟର୍ଥନା କମିଟିର ଅଧକ୍ଷ ଲକ୍ଷ୍ମୀନାରାୟଣ ସେଠୀ, ଅଧକ୍ଷ ସୁନନ୍ଦ କୁମାର କାନୁନ୍‌ଗୋ, ଉପଖଣ୍ଡ ଶ୍ୟାମ ସୁନ୍ଦର ନାୟକ, ପୂର୍ବତନ ସମ୍ପାଦକ କିଶୋର ଚନ୍ଦ୍ର ସାହୁ, ପୂର୍ବତନ ସଭାପତି ନରେନ୍ଦ୍ର ନାଥ ତ୍ରିପାଠୀ, ରୁପ କେଶରୀ ଦଳେଇ, ହରିହର ଶତପଥି, ମହେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


## ● କୋରାପୁଟରେ ବିଭାଗୀୟ ସମୀକ୍ଷା ବୈଠକ

# ରାସନ୍ କାର୍ଡ ପ୍ରଦାନ କଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର



କୋରାପୁଟ,୨୧।୧୨(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ବିଭାଗୀୟ ସମୀକ୍ଷା କରିଛନ୍ତି ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଦୁଇ ଦିନିଆ କୋରାପୁଟ ଗସ୍ତରେ ଆସି ପ୍ରଥମେ ସଦ୍‌ଭାବନା ସଭାଗୃହ ଠାରେ ପହଞ୍ଚି ୧୦ ଜଣ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରିଥିଲେ। କୋରାପୁଟ ଜିଲ୍ଲାରେ ସ୍ଥିତି ଠିକ୍ ରହିଛି। ପ୍ରତ୍ୟେକ ମଣ୍ଡିରେ ଚାଷୀଙ୍କୁ କିଭଳି ସମସ୍ତ ସୁବିଧା ସୁଯୋଗ ମିଳିବ। ମଣ୍ଡିରେ ବ୍ୟବସ୍ଥା କିଭଳି ରହିବ ସେ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମଣ୍ଡି ପରିଚାଳନା କିଭଳି ଶୃଙ୍ଖଳିତ ଭାବରେ ପରିଚାଳିତ ହେବ ଚାଷୀ ଯେଭଳି କଟ୍‌ନୀ ଛଟ୍‌ନୀର ସମ୍ମୁଖୀନ ହେବେ ନାହିଁ ସେନେଇ ଆଲୋଚନା ହୋଇଥିବା ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି। ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି, ମଣ୍ଡି ପରିଚାଳନା ପାଇଁ ନୋଡାଲ ଅଫିସର ପ୍ରଶିକ୍ଷଣ ନେଇଛନ୍ତି। ଗତବର୍ଷ ଭଳି ଏବର୍ଷ ମଧ କୋରାପୁଟ ଜିଲ୍ଲାରେ କିଭଳି ମଣ୍ଡି ସୁପରିଚାଳନା ହେବ ରାଜ୍ୟ ସରକାରଙ୍କ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧା ମିଳି ପାରିବ ଯଥା କୃଷକ ମାନଙ୍କ ପାଇଁ ମଣ୍ଡିରେ ପିଇବା ପାଣି, ଆଶ୍ରୟସ୍ଥଳୀ ସହ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସୂଚନା ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ବିଧାୟକ ରଘୁରାମ ମାଛ, ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ,ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, କୋରାପୁଟ ବ୍ଲକ ବିଡିଓ ଦେବାଶିଷ ଗୌଡ଼ ଓ ବ୍ଲକ ଅଧକ୍ଷା ନମିତା ମାଝୀ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ହୃଦ୍‌ଘାତରେ ଚାଲିଗଲେ ସାହିତ୍ୟିକ ଅବନୀ ମିଶ୍ର



ନାରାୟଣପାଟଣା,୨୧।୧୨(ସମିସ): ଗତକାଲି ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି ଅବସରପ୍ରାପ୍ତ ଶିକ୍ଷକ ଅବନୀ ରଂଜନ ମିଶ୍ର (୭୨)। ଅବସର ଗ୍ରହଣ କରିବା ପରେ ସ୍ଥାନୀୟ ଆଶା ପବ୍ଲିକ ସ୍କୁଲରେ ଶିକ୍ଷା ଦାନ କରି ଆସୁଥିଲେ। ଜଣେ ଗାଳ୍ପିକ, ଲେଖକ, ସାହିତ୍ୟିକ, ସଙ୍ଗୀତ ରଚନା ,କଣ୍ଠଶିଳ୍ପୀ, ନାଟକ ପରିଚାଳକ କରି ସେ ସୁନାମ ଅର୍ଜନ କରିଥିଲେ। ପୁରୀ ଜିଲ୍ଲାର ନିମାପଡ଼ାରୁ ଆସି ଦୀର୍ଘ ୩୮ ବର୍ଷ ଧରି ନାରାୟଣପାଟଣା ବ୍ଲକର ବିଭିନ୍ନ ଦୁର୍ଗମ ଅପହଞ୍ଚ ଅଞ୍ଚଳରେ ଶିକ୍ଷକ ଭାବେ ଶିକ୍ଷା ଦାନ କରି ଶହ ଶହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ କରିଥିଲେ। ଶିକ୍ଷାକୁ ପେଶା ଭାବେ ଗ୍ରହଣ କରି ଅଶୀ ଦଶକରେ ବିଭିନ୍ନ ଦୁର୍ଗମ ଅଞ୍ଚଳରେ ସ୍କୁଲରେ ଯେଉଁଠି ରାସ୍ତା ନଥିଲା ,ବିଜୁଳି ନଥିଲା ଅପହଞ୍ଚ ଅଞ୍ଚଳରେ ଶିକ୍ଷକତା ଭାବେ କାମ କରି ଶିକ୍ଷାଦାନ କରି ବହୁ ଆଦିବାସୀ ପିଲାଙ୍କୁ ମଣିଷ କରିଥିଲେ। ତାଙ୍କ ପୁଅ ବେଦପ୍ରକାଶ ମିଶ୍ର ନନ୍ଦପୁରରେ କୃଷି ବିଭାଗର ଚାକିରି କରୁଛନ୍ତି। ମୃତ୍ୟୁ ଖବର ନେଇ ବ୍ଲକ୍‌ରେ ଏକ ଶୋକାକୁଳ ପରିବେଶ ହୋଇଥିଲା। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପର୍ଶୁରାମ ତାଡିଙ୍ଗି ,ସମ୍ପାଦକ ଜାମି ସତ୍ୟନାରାୟଣ, ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ, ବିଡିଓ ବିକ୍ରମ ଦୋରା, ତହସିଲଦାର ପ୍ରଭାତି ଝଡିଆ, ସାମ୍ବାଦିକ ଅନୀଲ ସୁବୁଦ୍ଧି, ଦିଲିପ ଦାସ, ଗିରିଧର ଖରା,ଏନ୍ ସନ୍ତୋଷ କୁମାର, ସନ୍ତୋଷ ସୁବୁଦ୍ଧିଙ୍କ ସମେତ ଶତାଧିକ ଗ୍ରାମବାସୀ ଶୋକସଭାରେ ସାମିଲ ହୋଇଥିଲେ।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

ନବରଙ୍ଗପୁର,୨୧।୧୨(ସମିସ): ନବରଙ୍ଗପୁର ଷ୍ଟାଡିୟମ ପରିସରରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡା ସଂଘ ଆନୁକୂଲ୍ୟରେ ଲୋକସଭା ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଯୋଗ ଦେଇ ଆନୁଷ୍ଠାନିକ ଭାବେ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିଲେ। ସେହିପରି ଅନ୍ୟତମ ଅତିଥି ଭାବରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ ସଂଯୋଜନା କରିଥିଲେ ଏହି କ୍ରୀଡା ଆସନ୍ତା ଡିସେମ୍ବର ମାସ ୨୩ ତାରିଖରେ ଶେଷ ହେବ। ସଂସଦୀୟ କ୍ଷେତ୍ର ର ନବରଙ୍ଗପୁର ଷ୍ଟାଡିୟମରେ ଲମ୍ବ କୁଦ , ଖୋକ, କବାଡି , ଭଲିବଲ ଖେଳ ଚାଲିଥିବା ବେଳେ କ୍ରିକେଟ ମ୍ୟାଚ ଝରିଗାଁ ଠାରେ ଅନୁଷ୍ଠିତ ଏବଂ କୋଟପାଡ଼ ଠାରେ ଫୁଟବଲ୍ ମ୍ୟାଚ୍ ଗୁଡ଼ିକ ଅନୁଷ୍ଠିତ ହେଉଛି। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ସାଂସଦ ଖେଳ ମହୋତ୍ସବର ସଂଯୋଜକ ରାମେଶ୍ୱର ଜେନା, ପୌର ନିର୍ବାହୀ ଅଧିକାରୀ ଡ. ଅଶୋକ କୁମାର କର୍ଣ୍ଣ, ଜିଲ୍ଲା କ୍ରୀଡ଼ା ସଂଘର ଉପ ସଭାପତି ଏମ୍. ବାଳାକୃଷ୍ଣ ରାଓ , ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ , କ୍ରୀଡ଼ା ଅଧିକାରୀ ପଦ୍ମନାଭ ତ୍ରିପାଠୀ, ମିଡିଆ ସଂଯୋଜକ ବାଙ୍କ ବିହାରୀ ବିଷୋୟୀ , ଅଧିବକ୍ତା କିଶୋରୀ ପଟନାୟକ, କାଉନ୍‌ସିଲର ଶର୍ମିଷ୍ଠା ଦେଓ, କ୍ରିକେଟ ସମ୍ପାଦକ ଅଶୋକ ନାୟକ, ଶଶାଙ୍କ ଶେଖର ବେହେରାଙ୍କ ସମେତ ବରିଷ୍ଠ କ୍ରୀଡାବିତ ଏବଂ ବିଭିନ୍ନ ଯୁବକ ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ। ପ୍ରଥମ ଦିନ ପ୍ରତିଯୋଗିତାରେ ମହିଳା କବାଡି ଖେଳରେ ନବରଙ୍ଗପୁର ମ୍ୟୁନିସ୍‌ପାଲଟି ଦଳ କୋଟପାଡ଼ ବ୍ଲକ ଦଳକୁ ହରାଇ ଚାମ୍ପିଅନ ହୋଇଛନ୍ତି। ସେହିପରି ଲମ୍ବକୁଦରେ ପୁରୁଷ ଦଳର ଉମରକୋଟର ସୁରେନ୍ଦ୍ର ସାନ୍ତା, ଲମ୍ବ କୁଦ ମହିଳା ଦଳର କୋଟପାଡ଼ ପୌରାଞ୍ଚଳର ପୂର୍ଣ୍ଣିମା ପ୍ରଧାନି, ୧୦୦ ମିଟର ମହିଳା ଦୌଡ଼ରେ ରାଇଘରର ହସିନା ଗଣ୍ଡ, ୧୦୦ମିଟର ପୁରୁଷ ଦୌଡ଼ରେ ଉମରକୋଟର ଚନ୍ଦନ ପରଜା,୨୦୦ ମିଟର ଦୌଡରେ କୋଟପାଡ଼ର ଲକ୍ଷ୍ମୀ ନାୟକ ପ୍ରମୁଖ ଚାମ୍ପିଅନ୍ ହୋଇଛନ୍ତି। ମହିଳା ଭଲିବଲ୍ ମ୍ୟାଚ୍‌ରେ କୋଟପାଡ଼ ପୌରାଞ୍ଚଳ ଦଳ କୋଟପାଡ଼ ବ୍ଲକ ଦଳକୁ ୨-୦ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ୍ ହୋଇଛନ୍ତି। ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡ଼ା ଶିକ୍ଷକ ମାନେ ଖେଳ ଗୁଡ଼ିକ ସୁରୁଖୁରୁରେ ପରିଚାଳନା କରୁଛନ୍ତି।

## ଓଡିଶା ରାଜସ୍ୱ ଅମଲା ସଂଘର ନବରଙ୍ଗପୁର ଜିଲ୍ଲା ଅଧକ୍ଷ ହେଲେ କୈଳାଶ ଦାସ



ନବରଙ୍ଗପୁର,୨୧।୧୨(ସମିସ): ଓଡିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା ନବରଙ୍ଗପୁରର ତ୍ରୟ ବାର୍ଷିକ ସମ୍ମିଳନୀ ମହା ସମାରୋହରେ ପୂର୍ବତନ ସଭାପତି ଆଶୁତୋଷ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ କାର୍ଯ୍ୟକାରୀ ଅଧକ୍ଷ ପ୍ରସନ୍ନ କୁମାର ନାୟକ, କୋରାପୁଟ ଜିଲ୍ଲା ସମ୍ପାଦକ ନିତ୍ୟାନନ୍ଦ ଭତ୍ରା, କୋରାପୁଟ ଜିଲ୍ଲାର ବରିଷ୍ଠ ସଦସ୍ୟ ମନୋଜ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ଉପସ୍ଥିତ ଥିଲେ। ଆଗାମୀ ଦିନରେ ସମସ୍ତେ ମିଳିତ ଭାବେ ସଂଘ ପ୍ରତି ଆନୁଗତ୍ୟ ପ୍ରକାଶ କରି ସଂଗଠନକୁ ମଜବୁତ କରିବା ସହ ନିଜର ମତାମତ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଗାମୀ ତିନି ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏହି ନିର୍ବାଚନରେ ଅଧକ୍ଷ ଭାବେ କୈଳାଶ ଚନ୍ଦ୍ର ଦାସ, ବରିଷ୍ଠ ରାଜସ୍ୱ ସହାୟକ ବିବେକ ନାୟକ ସଭାପତି, ଉପ ସଭାପତି ଭାବେ ସୌରଭ କୁମାର ଦାସ, ଅମିତ କୁମାର, ସମ୍ପାଦକ ଭାବେ ଦେବାଶିଷ ସୁଆର ସହ ସମ୍ପାଦକ ଭାବେ ମୈଥିଳୀ ପଟ୍ଟନାୟକ ଏବଂ କୈଳାଶ ପୂଜାରୀ, କୋଷାଧକ୍ଷ ଭାବେ ସହିଦ ଆକତର ପ୍ରମୁଖ ନିର୍ବାଚିତ ହୋଇଥିଲେ। ନୂତନ ନିର୍ବାଚିତ ସଦସ୍ୟ ମାନଙ୍କୁ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ଶପଥପାଠ କରାଇବା ସହ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ପ୍ରମୋଦ କୁମାର ଚର୍ଚି ଏବଂ ନିର୍ବାଚନ ଅଧିକାରୀ ଭାବରେ ସଂଗ୍ରାମ କେଶରୀ ପ୍ରଧାନ ଦାୟିତ୍ୱ ସମ୍ପନ୍ନ କରିଥିଲେ ।

# କେବେ ନିର୍ମାଣ ହେବ କର୍ଲାଘାଟି-ଡୁକମ ରାସ୍ତା?

## ପୂର୍ତ୍ତ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର



ଗୁଡାରୀ,୨୧।୧୨(ସମିସ): ଦୀର୍ଘ ବର୍ଷ ଧରି କର୍ଲାଘାଟି ଠାରୁ ଡୁକମ ରାସ୍ତା ଗ୍ରାମୀଣ ସଡକ ବିଭାଗ ଅଧିନରେ ରହିଛି। ଦୁଇଟି ଗ୍ରାମପଞ୍ଚାୟତ ଦୂରତା ମାତ୍ର ୩୦ କିମି। ଅଧିକାଂଶ ରାସ୍ତା ଗୁଡାରୀ ବ୍ଲକରେ ଯିବା ବେଳ ଆଉ ବାକି ଅଂଶ ବିଷମକଟକ ବ୍ଲକ ଡୁକୁମ ପଞ୍ଚାୟତରେ ରହିଛି। ଯେଉଁଠିକୁ ଆଜି ପର୍ଯ୍ୟନ୍ତ ଗ୍ରାମୀଣ ବିଭାଗ ରାସ୍ତା ପହଞ୍ଚିପାରିନାହିଁ। ଏହି ପଞ୍ଚାୟତ ଗୁଡ଼ିକରେ ଅଧିକାଂଶ ଜନଜାତିରେ ଭରପୁର ଗରିବ ଲୋକଙ୍କ ପିଲାମାନଙ୍କୁ ପାଠପଢ଼ା ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ମନାଗମନ ପାଇଁ ସରକାର ଅଜସ୍ର ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏଠି ତାର ନମୁନା ଦେଖିବାକୁ ଗଲେ ସମ୍ପୂର୍ଣ୍ଣ ଶୂନ୍। ରାସ୍ତାରେ ଅବସ୍ଥା ଯାହା ଯାତାୟତ କରୁଥିବା ଲୋକ ସବୁ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତାର ଅବସ୍ଥା ଯାହା ବସ ସେବା ନ କହିବା ଭଲ। ଏମିତିରେ ପ୍ରାୟ ୩୦ କିମିରୁ ୨୫ କିମି ଖାଲଖମା ଭର୍ତ୍ତି। ଗୁଡାରୀ ଠାରୁ ବିଷମ କଟକ ଦେଇ ପଶ୍ଚିମ ଓଡିଶାକୁ ସଂଯୋଗ କରୁଥିବାବେଳେ ଅନ୍ୟପଟେ ରାସ୍ତାଟି ଛତିଶଗଡ ରାଜ୍ୟ ରାୟପୁରକୁ କମ ବ୍ୟବଧାନରେ ଯାତ୍ରୀ ଯାତାୟାତ କରିବା ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି। କିନ୍ତୁ ଆଜି ପର୍ଯ୍ୟନ୍ତ ଲୋକଙ୍କ ସ୍ୱପ୍ନ ସ୍ୱପ୍ନରେ ରହିଯାଇଛି। ଏବେ କିଛି ଦିନ ହେଲାଣି ଏହି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି ବୋଲି ବିଷମକଟକ ଗ୍ରାମୀଣ ବିଭାଗର ଜେଇ ଶ୍ରୀ ରାଉତ କହିଛନ୍ତି। ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି ସତ , ଏହି ବିଭାଗ କେବେ ରାସ୍ତା ଆରମ୍ଭ କରି ଶେଷ କରୁଛି ତାହା ସେଠାକାର ବସବାସ କରୁଥିବା ଲୋକ ଦେଖିବାକୁ ବାକି ରହିଛି।

# କୋଟିଆରେ ରାସନ କାର୍ଡ ବାଣ୍ଟିଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ




ପଟ୍ଟାଙ୍ଗି,୨୧।୧୨(ସମିସ):

ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ କୋଟିଆ ଗସ୍ତରେ ପହଞ୍ଚିଲେ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେଠାରେ ସେ କୋଟିଆ ଏବଂ ନୂଆଗାଁ ପଞ୍ଚାୟତର ନୂତନ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରିଛନ୍ତି। ଏହି ଅବସରରେ କୋଟିଆରେ ସମସ୍ତ ଲୋକଙ୍କୁ ମିଳିବ ରାସନ କାର୍ଡ। ପ୍ରତ୍ୟେକ ଗ୍ରାମରେ ଚାଉଳ ପହଞ୍ଚାଇବା ନିମନ୍ତେ ଦେଲେ ପ୍ରତିଶ୍ରୁତି। ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କୋଟିଆରେ ପହଞ୍ଚି ଥିଲେ । ସେଠାରେ ତାଙ୍କୁ ସରକାରୀ କର୍ମଚାରୀ ଏବଂ ଉପସ୍ଥିତ ସ୍ଥାନୀୟ ମହିଳା ମାନେ ସ୍ୱାଗତ କରିଛନ୍ତି। ଏହାପରେ ସେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ହୋଇଥିବା ସଭାକାର୍ଯ୍ୟରେ ଯୋଗଦାନ କରିଥିଲେ। ସେ ନିଜ ଅବିଭାଷଣରେ ଜିଏ କୋରାପୁଟ ତଥା କୋଟିଆକୁ ଦେଖିନାହିଁ, ସିଏ ଓଡ଼ିଶା ଦେଖିନାହିଁ। ଅତି ସୁନ୍ଦର ଜାଗା ଦେଖି ସେ ଖୁସି ହୋଇଛନ୍ତି। କୋଟିଆବାସୀଙ୍କୁ ରାସନ କାର୍ଡ ଦିଆଯିବ, ପ୍ରତ୍ୟେକ ଗ୍ରାମରେ ପହଞ୍ଚି ଚାଉଳ ବଣ୍ଟନ କରାଯିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ତିନିମାସ ନିମନ୍ତେ କାର୍ଡ ପିଛା ୫ କେଜି ଲେଖାଏ ଚାଉଳ ଦିଆଯିବ ବୋଲି କହିଥିଲେ। ନୂତନ ଯୋଜନା ଦେବା ନିମନ୍ତେ ମଧ ଚେଷ୍ଟା କରାଯିବ। ଆଗାମୀ ଦିନରେ କିଭଳି ଲୋକେ ଦାଦନ ଖଟିବାକୁ ଯିବେ ନାହିଁ, ସେଥିନେଇ ଚେଷ୍ଟା କରାଯାଉଅଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ କୋଟିଆ ପଞ୍ଚାୟତର ନୂତନ ୨୬ ଗୋଟି ଏବଂ ନୂଆଗାଁ ପଞ୍ଚାୟତର ୯ ଗୋଟି ନୂତନ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରିଥିଲେ। ତାଙ୍କ ସହ ବ୍ଲକ ଅଧକ୍ଷା କଳ୍ପନା ପାଙ୍ଗି,ଜିଲ୍ଲାପରିଷଦ ସଦସ୍ୟା ଟିକାଇ ଗେମେଲ,"ବିଜେପି ଦଳର ପଟ୍ଟାଙ୍ଗି ବିଧାୟକ ପ୍ରାର୍ଥୀ ଚୈତନ୍ୟ ନାନ୍ଦିବାଲି, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, ଜିଲ୍ଲା ଯୋଗାଣ ଅଧିକାରୀ ସବେଶ୍ୱର ନାୟକ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ସୌଭାଗ୍ୟ ରଞ୍ଜନ ନାୟକ, ବିଡ଼ିଓ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ଧାରୁଆ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ପରିଚାଳନା ଏଇଇ ବିଶ୍ୱନାଥ ମାଦେଲି, ଯୋଗାଣ ନିରୀକ୍ଷକ ପଟ୍ଟାଙ୍ଗି ଅଶୋକ କୁମାର ସାହୁ, ଜିପିଡିଓ ଦାୟିତ୍ୱରେ ଥିବା ମମିତା ନାୟକ, ଉଦ୍ୟାନ କୃଷି କର୍ମଚାରୀ ମନୋରଞ୍ଜନ ନାୟକ, ଏଏଓ ଲେଲିନ ଶବର ପ୍ରମୁଖ ଅଧିକାରୀ ସହଯୋଗ କରିଥିଲେ। କୋଟିଆବାସୀ ଉକ୍ତ ଅଞ୍ଚଳରେ ନେଟୱାକ୍ ସମସ୍ୟା, ଦକ୍ଷତା ବିକାଶ କେନ୍ଦ୍ର ଗୋଟିଏ ସ୍ଥାପନ କରିବା ଆଦି ନେଇ ଦାବି ଜଣାଇଥିଲେ। ଉକ୍ତ ସମସ୍ୟା ଗୁଡ଼ିକୁ ସରକାରଙ୍କ ନିକଟରେ ଉପସ୍ଥାପନ କରି ଏହାର ସମାଧାନର ବ୍ୟବସ୍ଥା କରିବି ବୋଲି ପ୍ରତିକ୍ରିୟା ଦେଇଥିଲେ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

# ବେଆଇନ ପିସ୍ତଲ କାରବାର; ଜଣେ ଗିରଫ

**ରାଉରକେଲା, ୨୧।୧୨(ସମିସ):** ବେଆଇନ ପିସ୍ତଲ କାରବାର ଅଭିଯୋଗରେ ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ବୁରୁଟୋଲା ଅଞ୍ଚଳରେ ଭଡା ଘରେ ରହୁଥିବା ବଜରଙ୍ଗ ଓରଫ ପ୍ରଦ୍ୟୁମ୍ନ ସିଂ(୨୨)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଠାରୁ ପିସ୍ତଲ, ଜୀବନ୍ତ ଗୁଳି ଓ ବାଇକ୍ ଜବତ କରାଯାଇଛି। ଶନିବାର ବୁରୁଟୋଲା ଅଞ୍ଚଳରେ ଏହି କାରବାର ହେଉଥିବା ନେଇ ସୂଚନା ମିଳିଥିଲା। ଇନ୍ସପେକ୍ଟର ଗଗନ ନାୟକଙ୍କ ନିର୍ଦ୍ଦେଶରେ ଏସ୍ଆଇ ସଂଗ୍ରାମ କେଶରୀ ସ୍ୱାଇଁ, ଏଏସଆଇ ବିକେ ନାୟକଙ୍କ ସମେତ ଏକ ଟିମ୍ ଚଢ଼ଉ କରି ବଜରଙ୍ଗଙ୍କୁ



ଧରିବାରେ ସକ୍ଷମ ହୋଇଥିଲେ। ପଚରାଉଚରା ପରେ ସେ ଝାଡ଼ଖଣ୍ଡ ରାଜ୍ୟରୁ ପିସ୍ତଲ ଆଣି ରାଉରକେଲା ଓ ସୁନ୍ଦରଗଡ଼ରେ ବିକ୍ରି କରୁଥିବା ପୁଲିସ ନିକଟରେ ସ୍ୱୀକାର କରିଥିଲା। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି। ଅପରପକ୍ଷରେ ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତ ଦେଇ ପିସ୍ତଲ ଚାଲାଣ ହେଉଥିବା ବେଳେ ସୀମାରେ ନିୟୋଜିତ ଯବାନମାନେ କିପରି ଜାଣିପାରୁ ନାହାନ୍ତି ତାହା ସାଧାରଣରେ ପ୍ରଶ୍ନ ଉଠିଛି।

# ଶଯ୍ୟାଶାୟୀ ରୋଗୀଙ୍କୁ ଗୁଣ୍ଡୁଚିର ସହାୟତା

**ରାଉରକେଲା, ୨୧।୧୨(ସମିସ):** ସେବାଧର୍ମୀ ସାମାଜିକ ଅନୁଷ୍ଠାନ ଗୁଣ୍ଡୁଚି ପକ୍ଷରୁ ମଧୁସୂଦନପାଲି ବସ୍ତିର ଶଯ୍ୟାଶାୟୀ ରୋଗୀ ଜୟସିଂ ଗଗରାଇଙ୍କୁ ସହାୟତା



ପ୍ରଦାନ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଏକ ହୁଇଲ ଚେୟାର ପ୍ରଦାନ କରାଯାଇଛି। ଶ୍ରୀ ଗଗରାଇଙ୍କ ଝିଅ ରବିନା ଗଗରାଇ ହୁଇଲ୍‌ଚେୟାର ସହାୟତା ପାଇଁ ଅନୁଷ୍ଠାନ ନିକଟରେ ଆବେଦନ କରିଥିଲେ। ଏନେଇ ରବିନା ଅନୁଷ୍ଠାନକୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ସଭାପତି ଭଗବାନ ରାଉତ, କୋଷାଧ୍ୟକ୍ଷ ସତ୍ୟଜିତ ସୁତାର, ସହ ସାଧାରଣ ସମ୍ପାଦକ ଅମୂଲ୍ୟ ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ହିମାଂଶୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାମକୃଷ୍ଣ ମିଶନରେ ପୁରସ୍କାର ବିତରଣ ସମାରୋହ



**ରାଉରକେଲା, ୨୧।୧୨(ସମିସ):** ଛାତ୍ରଛାତ୍ରୀମାନଙ୍କର ଚାରିତ୍ରିକ ଏବଂ ବୌଦ୍ଧିକ ବିକାଶ ଉଦ୍ଦେଶ୍ୟରେ ରାମକୃଷ୍ଣ ମିଶନ ଆନୁକୂଲ୍ୟରେ ରାଉରକେଲାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚାରୋଟି ପର୍ଯ୍ୟାୟରେ ଚିତ୍ରାଙ୍କନ, ସଂକ୍ଷିପ୍ତ ଭାଷଣ, ଗୀତା ପାଠ ଏବଂ ରଚନା ବିଭାଗ ଆଦିରେ ପ୍ରତିଯୋଗିତା କରାଯାଇଥିଲା। ଏହି ସମସ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଏକ ବିଶେଷ ଉତ୍ସବରେ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହ ଅଂଶ ଗ୍ରହଣ କରିଥିବା ସମସ୍ତ ୩୫୦ ଜଣ ପ୍ରତିଯୋଗୀଙ୍କୁ ସାନ୍ତ୍ୱନା ମୂଳକ ପଦକ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ତଥା ପରିଚାଳକ ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ମୁଖ୍ୟ ଦେବଜ୍ୟୋତି ରାୟ ଥିଲେ। ଉତ୍ସବରେ ଭୁବନେଶ୍ୱରର ରାମକୃଷ୍ଣ ମଠ ଓ ମିଶନର ଅଧ୍ୟକ୍ଷ ସ୍ୱାମୀ ଆବ ପ୍ରଭା ନନ୍ଦ ସଭାପତିତ୍ୱ କରିଥିଲେ। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ପୂର୍ବତନ ମୁଖ୍ୟ ଅତନୁ ଭୌତିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ମିଶନର ପୂର୍ବତନ ସଚିବ ବୁଦ୍ଧ ଦେବାନନ୍ଦ ଯୋଗ ଦେଇଥିଲେ। ରାଉରକେଲା ମିଶନର ବର୍ତ୍ତମାନର ସଚିବ ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ, ଅର୍ଜୁନ ପୁରସ୍କାର ବିଜେତା ରମେନ ଘୋଷ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ମିଶନର ସଭାପତି ଭାରତ ଭୂଷଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ଗୋରା ଚାନ୍ଦ ଘୋଷ, ନଗେନ ରାୟ ପ୍ରମୁଖ ସହାୟତା କରିଥିଲେ। ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

# 'ସ୍ଥାୟୀ ଭବିଷ୍ୟତ ପାଇଁ ରସାୟନ ବିଜ୍ଞାନ' ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

**ରାଉରକେଲା, ୨୧।୧୨(ସମିସ)**




ସ୍ଥାୟୀ ଭବିଷ୍ୟତ ପାଇଁ ରସାୟନ ବିଜ୍ଞାନ-୨୦୨୫' ଶୀର୍ଷକ ଜାତୀୟ ସମ୍ମିଳନୀ ଓ ଓଡ଼ିଶା ରାସାୟନିକ ସମାଜର ୩୯ତମ ବାର୍ଷିକ ସମ୍ମିଳନୀ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ରାଉରକେଲାର ରସାୟନ ବିଜ୍ଞାନ ବିଭାଗରେ ଉଦ୍‌ଘାଟିତ ହୋଇଛି। ଏହି ତିନି ଦିନିଆ ସମ୍ମିଳନୀ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ସମାରୋହରେ ବେଙ୍ଗାଲୁରୁର ଜବାହରଲାଲ ନେହେରୁ ସେଣ୍ଟର ଫର୍ ଆଡଭାନ୍ସଡ୍ ସାଇଣ୍ଟିଫିକ୍ ରିସର୍ଚ୍ଚର ପ୍ରଫେସର ଏଚ୍. ଇଲା ଅତିଥି ଭାବରେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଏନଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ, ଓଡ଼ିଶା କେମିକାଲ ସୋସାଇଟିର ସଭାପତି ପ୍ରଫେସର ସ୍ମୃତିପ୍ରଭା ଦାସ, ଓସିଏସର ସଚିବ ତଥା କୋଷାଧ୍ୟକ୍ଷ ପ୍ରଫେସର ଏ. ଆଚାର୍ଯ୍ୟ ଏବଂ ଏନଆଇଟି ରାଉରକେଲାର ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଗରୁଡଧ୍ୱଜ ହୋତା ଯୋଗ ଦେଇଥିଲେ। ଏହି ସମ୍ମିଳନୀକୁ ଏନ୍ଆଇଟି ରାଉରକେଲାର ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ଗୋକର୍ଣ୍ଣେଶ୍ୱର ସାହୁ, ପ୍ରଫେସର ସବିତା ପଟେଲ ଏବଂ ପ୍ରଫେସର ସରୋଜଲୋଚନ ସାମଲ ସଂଯୋଜନା କରିଥିଲେ। ଏହି ସମ୍ମିଳନୀରେ ୨୩୦ ରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେଇଥିଲେ। ଓଡ଼ିଶାର ପ୍ରଖ୍ୟାତ ରସାୟନବିଦଙ୍କ ସ୍ମୃତିରେ ପାଞ୍ଚଟି ସ୍ମାରକୀ ବକ୍ତୃତା, ଗୋଟିଏ ପୂର୍ଣ୍ଣାଙ୍ଗ ବକ୍ତୃତା, ଚାରୋଟି ମୁଖ୍ୟ ବକ୍ତୃତା, ଏଗାରଟି ନିମନ୍ତ୍ରିତ ବକ୍ତୃତା, ଏଗାରଟି ପୁରସ୍କାର ବକ୍ତୃତା, ୨୮ଟି ମୌଖିକ ଉପସ୍ଥାପନା ଏବଂ ୯୮ଟି ପୋଷ୍ଟର ଉପସ୍ଥାପନା କରାଯିବ। ଏହି ଅବସରରେ ପ୍ରଫେସର କେ. ଉମାମହେଶ୍ୱର ରାଓ ସ୍ଥାୟୀ ଅଭ୍ୟାସ ମାଧ୍ୟମରେ ଏକ ଆତ୍ମନିର୍ଭର ଭାରତ ଗଠନରେ ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ସମାଜର ସାମୂହିକ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ଏଚ୍. ଇଲା ଏନଆଇଟି ରାଉରକେଲାକୁ ଏକ ସ୍ୱଚ୍ଛ, ସବୁଜ ଏବଂ ସୁଚିନ୍ତିତ କ୍ୟାମ୍ପସ ବଜାୟ ରଖିବା ପାଇଁ ପ୍ରଶଂସା କରିଥିଲେ। ସେ ଉତ୍ପାଦନ, ଗବେଷଣା ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା ସମେତ ବହୁବିଧ କ୍ଷେତ୍ରରେ ରସାୟନ ବିଜ୍ଞାନର ବିଶାଳ ପରିସର ଉପରେ ଆଲୋକପାତ କରିଥିଲେ। ଯୁବ ଗବେଷକମାନଙ୍କୁ ବିବିଧ କ୍ୟାରିଅର ସୁଯୋଗକୁ ଅନଲକ୍ କରିବା ପାଇଁ ଦୃଷ୍ଟି ଏବଂ ଦୃଢ଼ତାର ସହିତ ଏହି ଶୃଙ୍ଖଳା ଅନୁସରଣ କରିବାକୁ ଉତ୍ସାହିତ କରିଥିଲେ। ଓସିଏସର ସଭାପତି ପ୍ରଫେସର ସ୍ମୃତିପ୍ରଭା ଦାସ ରାସାୟନିକ ଶିଳ୍ପର ରଣନୈତିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ, ଯାହା ଭାରତର ଜିଡିପିରେ ପ୍ରାୟ ୭ ପ୍ରତିଶତ ଅବଦାନ ରଖେ। ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବା ପାଇଁ ଭାରତର ଆକାଂକ୍ଷା କୃଷି ଅବଶିଷ୍ଟାଂଶରୁ ପ୍ରାପ୍ତ ଜୈବ-ଭିତ୍ତିକ ଏବଂ ବିଶେଷ ରାସାୟନିକ ପଦାର୍ଥ, ଏନଜାଇମ ଏବଂ ବାୟୋପଲିମରର ବିକାଶ ଉପରେ ନିର୍ଭର କରେ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ରସାୟନ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫେସର ଡ. ବୁଲା ବେହେରାଙ୍କୁ ଓଡ଼ିଶା କେମିକାଲ ସୋସାଇଟିର ଲାଇଫଟାଇମ ଲ୍ୟୁମିନାରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏନ୍ଆଇଟି ରାଉରକେଲାର ନିର୍ଦ୍ଦେଶକଙ୍କ ସମେତ ଓସିଏସ୍‌ର ପୂର୍ବତନ ସଭାପତି ପ୍ରଫେସର ବିଜୟ କେ. ମିଶ୍ର, ପ୍ରଫେସର ସତ୍ୟବାନ ଜେନା, ପ୍ରଫେସର ଏସ୍‌ସି ଦାସ, ପ୍ରଫେସର ଏକେ. ପଟ୍ଟନାୟକ, ପ୍ରଫେସର ଶଶଧର ସାମଲ, ପ୍ରଫେସର ଏସ୍ଏନ୍ ମହାନ୍ତି, ପ୍ରଫେସର ରୂପଶ୍ରୀ ରାଗିଣୀ ଦାସ, ପ୍ରଫେସର ଅଜୟ କେ. ବେହେରା ଉପସ୍ଥିତ ଥିଲେ। ଏହି ୩ ଦିନିଆ ସମ୍ମିଳନୀରେ ଦେଶର ପ୍ରମୁଖ ପ୍ରତିଷ୍ଠାନର ବକ୍ତାମାନେ ସେମାନଙ୍କର ବିଶେଷଜ୍ଞତା ବାଣ୍ଟିବେ।

# 'ସାମ୍ପ୍ରତିକ ଓଡ଼ିଆ ଗଳ୍ପର ଆବେଦନ' ଆଲୋଚନାଚକ୍ର




**ରାଉରକେଲା, ୨୧।୧୨(ସମିସ):** ବାସନ୍ତୀ ପାଠାଗାର ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ବିର୍ସା ମୁଣ୍ଡା ନଗର ଶାଖା, ରାଉରକେଲାର ମିଳିତ ଆନୁକୂଲ୍ୟରେ ଆୟୋଜିତ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଛି। ଏହି ଅବସରରେ 'ସାମ୍ପ୍ରତିକ ଓଡ଼ିଆ ଗଳ୍ପର ଆବେଦନ' ସମ୍ପର୍କରେ ଆଲୋଚନାଚକ୍ର ପାଠାଗାର ପରିସରରେ ଅନୁଷ୍ଠିତ ହୋଇଥିଲା। ବିର୍ସା ମୁଣ୍ଡା ନଗର ଶାଖାର କାର୍ଯ୍ୟକାରୀ ସଭାପତି ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଭାପତିତ୍ୱ, ସମ୍ପାଦକ ଆଶିଷ କୁମାର ହୋତାଙ୍କ ଆବାହକତ୍ୱ, ସହ ସମ୍ପାଦିକା ଅଧ୍ୟାପିକା ସୁଶ୍ରୀ ପ୍ରିୟଙ୍କା ପଲେଇଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାଠାଗାରର ସଭାପତି ପ୍ରସନ୍ନ କୁମାର ସାବତ ମୁଖ୍ୟଅତିଥି, ବିଷୟ ବିଶେଷଜ୍ଞ ଭାବେ ଗାଳ୍ପିକ ସଞ୍ଜୀବ କୁମାର ଭୋଇ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ନିଜର ମତ ରଖିଥିଲେ। ସାମ୍ପ୍ରତିକ ସ୍ଥିତିରେ ଗଳ୍ପର ମାଧୁର୍ଯ୍ୟ, ବିଷୟ ଚୟନ, ଆଙ୍ଗିକ ଗଠନ, ଉପସ୍ଥାପନା, ସାମାଜିକ ବାର୍ତ୍ତା ରହିଥିଲେ ପାଠକୀୟ ଆଦୃତି ଲାଭ କରିବ ବୋଲି ମତ ପ୍ରକାଶ ପାଇଥିଲା। ଗୌତମ ଦାସ 'ବାତ୍ୟା ଫାଇଲିନ' ଶୀର୍ଷକ ଉପରେ ଏକ ଗଳ୍ପ ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଶୀତ ବିଶେଷାଙ୍କ ଉପରେ କବିତା ପାଠ କରାଯାଇଥିଲା। କବି ସୁଭାଷିନୀ ସାହୁ ଓ କିଶୋରୀ ମୋହନ କରଙ୍କ ସଂଯୋଜନାରେ ଆୟୋଜିତ ଏହି ଆସରରେ ପ୍ରତାପ କୁମାର ପଣ୍ଡା, ଅମୀୟ କୁମାର ମହାନ୍ତି, ବ୍ରଜେନ୍ଦ୍ର ଦାଶ, ଦୀପକ ସାହୁ, ଆଶିଷ କୁମାର ହୋତା, ଗୌତମ ଦାସ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଶାଖାର ଉପସଭାପତି ଅଧ୍ୟାପକ ଅଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭୁଦତ୍ତ ବେହେରା, ସ୍ୱର୍ଣ୍ଣଲତା ଘଡେଇ, କୁଞ୍ଜବିହାରୀ ରାଉତ, ସସ୍ମିତା ପ୍ରଧାନ, ନିରୁପମା ଚାନ୍ଦ, କୌଶଲ୍ୟା ମହାରଣା, ଧରିତ୍ରୀ ପାଇକରାୟ, ଗୀତାଞ୍ଜଳି ମହାରଣା, ପ୍ରିୟା ପାତ୍ର, କମଳ ଆଚାର୍ଯ୍ୟ, ରାଜଲକ୍ଷ୍ମୀ ସେନାପତି, ଶ୍ରୀକାନ୍ତ ପାଣିଗ୍ରାହୀ, ପ୍ରୀତମ ମହାନ୍ତି, ଗୌତମ ସିଂହ, ସଞ୍ଜୟ କୁମାର ପ୍ରଧାନ, କବିତା ଦାଶ, ବସନ୍ତ ମହାରଣା, ଅଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ



**ରାଉରକେଲା, ୨୧।୧୨(ସମିସ):** ସୁନ୍ଦରଗଡ଼ ସହରସ୍ଥିତ ଢେଙ୍ଗିଭାଡ଼ି ସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୩୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ମହାନଦୀ କୋଲ୍‌ଡ ଲିମିଟେଡର ସାଧାରଣ ପ୍ରବନ୍ଧକ ଜୀତେନ୍ଦ୍ର କୁମାର ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିଥିଲେ। ବିଦ୍ୟାଳୟର ସାଧାରଣ ସମ୍ପାଦକ ବିଭସ୍ୱ କୁମାର ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷକ ସୁନୀଲ କୁମାର ପଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିଚଳନା କମିଟିର ସଭାପତି ଡ. ଗୌରିଶଙ୍କର ପଟେଲ ବିଦ୍ୟାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଗୁରୁଜୀ ଓ ଗୁରୁମାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ସମସ୍ତ ଗୁରୁଜୀ, ଗୁରୁମା, ଛାତ୍ରଛତ୍ରୀ ପରିଚାଳନରେ ସହଯୋଗ କରିଥିଲେ।

# ଡିଏଭି ସ୍କୁଲରେ ବିଜ୍ଞାନ ଓ କଳା ପ୍ରଦର୍ଶନୀ



**ରାଉରକେଲା, ୨୧।୧୨(ସମିସ):** ସେକ୍ଟର ୧୬ ସ୍ଥିତ ଡିଏଭି ସ୍କୁଲରେ ଶନିବାର ଚିତ୍ରକଳା କ୍ରାଫଟ, ସମାଜ ବିଜ୍ଞାନ, ବିଜ୍ଞାନ, ସାହିତ୍ୟ ଓ ଗଣିତ ପ୍ରଦର୍ଶନୀ ଆୟୋଜିତ ହୋଇଛି। ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ସାନ୍ତାଳୀ ଭାଷା ସାହିତ୍ୟ ଗବେଷକ ରମେଶଚନ୍ଦ୍ର ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ମୂଲ୍ୟାଙ୍କନ ପାଇଁ ଶ୍ରୀ ପାତ୍ର ଚିତ୍ରକଳା ଓ କ୍ରାଫ୍ଟ ବିଭାଗର ଶିକ୍ଷୟିତ୍ରୀ ବନିତା ପୁରୋହିତ ଓ ମଧୁମିତା ବେହେରାଙ୍କୁ ସହଯୋଗ କରିଥିଲେ। ବିଜ୍ଞାନ ବିଭାଗ ଓ ଗଣିତ ବିଭାଗକୁ ଅତିଥି ବିଚାରକ ମୀନା ନାଏକ ଓ ପାୟଲ ସାହୁ ମୂଲ୍ୟାଙ୍କନ କରିଥିଲେ। ଅନୀତା ଦାସ, ସୁସ୍ମିତା ଜେନା, ସସ୍ମିତା ଦାସ, ସ୍ମିତା ପରିଡ଼ା ଓ ମାନସ ରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟାନ୍ୟ ବିଭାଗକୁ ରଞ୍ଜନ ସାହୁ, ଭବାନୀ ପ୍ରଧାନ, ସୁନିତା ଗିରି ଓ ସରୋଜା ବାରା ମୂଲ୍ୟାଙ୍କନ କରିଥିଲେ। ସୁନିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍କୁଲର ଅଧ୍ୟକ୍ଷ ରାଜେଶ ଦାଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ

**ରାଉରକେଲା, ୨୧।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ସ୍ପନ୍ଦନ ଆୟୋଜିତ ୩୬ତମ ସର୍ବଭାରତୀୟ ନାଟକ ଓ ନୃତ୍ୟ ମହୋତ୍ସବ ସିଭିକ ସେଣ୍ଟର୍ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ରଘୁନାଥପାଲି ବିଧାୟକ ଦୁର୍ଗା ତନ୍ତୀ, ଆର୍ଏସ୍‌ପି ମୁଖ୍ୟ ମହାପ୍ରବନ୍ଧକ ତପନ ଜି କାନେକର, ୱାଟର କ୍ରାଫ୍ଟ ନିର୍ଦ୍ଦେଶିକା ନିହାରିକା ବସ୍ତିଆ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ରାଉରକେଲାରେ ସ୍ପନ୍ଦନ ପକ୍ଷରୁ ଏଭଳି ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ନାଟକ କଳାକାରମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସଭାପତି ପ୍ରଫେସର ଡ. ସମର ମୁଦାଲି ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ସତ୍ୟ ମିଶ୍ର ଧନ୍ୟବାଦ ଦେଇଥିଲେ। ସାଧାରଣ ସମ୍ପାଦକ ତଥା ପରିବେଷିତ ନାଟକ 'ଜହର ଜହ୍ନ'ର ନିର୍ଦ୍ଦେଶକ ସମର ମୁଦୁଲିଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଶାର ସୁନାମଧନ୍ୟ ତଥା ଶାଗୁଣା ବସିଛି ଡେଣା ମେଲାଇ ଯାତ୍ରା ନାଟକର ରଚୟିତା ସ୍ୱର୍ଗତ ଏସ୍. ଦାସଙ୍କ ରଚିତ ବହୁ ଚର୍ଚ୍ଚିତ ନାଟକ 'ଜହର ଜହ୍ନ'କୁ ସ୍ପନ୍ଦନ କଳାକାରମାନେ ପରିବେଷଣ କରିଥିଲେ। ପ୍ରଫେସର ମୁଦାଲିଙ୍କ ନିର୍ଦ୍ଦେଶିତ ନାଟକର ସଙ୍ଗୀତ ନିର୍ଦ୍ଦେଶକ ଶକ୍ତି ପ୍ରସାଦ ମିଶ୍ର ଓ ରାଜେଶ ଶତପଥୀ ମଞ୍ଚ ସାଜସଜ୍ଜା କରିଥିଲେ। ଭୁବନେଶ୍ୱରର ନୃସିଂହ ବେହେରା ଓ ସଂଗ୍ରାମ ଜେନା ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଏସ୍. ବରାଳ, ରାଜେଶ ପ୍ରସାଦ, ଅଜିତ ସ୍ୱାଇଁ, ଅଞ୍ଜଳି ମୁଣ୍ଡାରୀ, ରିତୁ ମୁଣ୍ଡାରୀ, ରେଣୁକା ମୁଣ୍ଡାରୀ, ଅଞ୍ଜଳି ସାଣ୍ଡିଲ୍, ନିତ୍ୟାନନ୍ଦ ଜେନା, ସୁଦାମ ମିଶ୍ର, ଶିଶିର ମୁଦୁଲି, ମିହିର ପରିଜା, ନିତ୍ୟାନନ୍ଦ ଜେନା, ବନ୍ଦନା ଦାସ ସହଯୋଗ କରିଥିଲେ।

# ଜିଙ୍ଗଲ ବେଲ ଇଂଲିଶ ସ୍କୁଲର ବାର୍ଷିକୋତ୍ସବ

**ରାଉରକେଲା, ୨୧।୧୨(ସମିସ):** ଛେଣ୍ଡ ସ୍ଥିତ ଜିଙ୍ଗଲବେଲ ଇଂଲିଶ ସ୍କୁଲର ୨୦ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଇସ୍ପାତ ସ୍ୱୟଂ ଶାସିତ କଲେଜର ପ୍ରାକ୍ତନ ରିଡର ଡ. ଅଶ୍ୱିନୀ ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ସ୍କୁଲ ଡିଆଇ ରଶ୍ମିବାଳା ରାଉତରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ୱାଇଏମ୍ଏଫ୍ଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସ୍କୁଲ ପ୍ରିନ୍‌ସିପାଲ ଶେଫାଳି ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ ସହ ସ୍କୁଲର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସ୍କୁଲ ପରିଚାଳନା କମିଟିର ସେକ୍ରେଟାରୀ ଆଇନଜୀବୀ ଶରତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିଭାଙ୍ଗି ପଣ୍ଡା ଓ କମଳ ଲୋଚନ ଗାରୁ ସଂଯୋଜନା କରିଥିଲେ। ଉଦ୍‌ଘାଟନୀ ଉତ୍ସବ ପରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଦେବେନ୍ଦ୍ର ମହାରଣା, ଶାଳିନୀ ପଣ୍ଡା ଓ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ୍‌ର ଆଲୋଚନାଚକ୍ର

# 'ଦେଶ ସ୍ୱାଧୀନତାରେ ଆଇନଜୀବୀଙ୍କ ପ୍ରମୁଖ ଭୂମିକା ରହିଥିଲା'




**ରାଉରକେଲା, ୨୧।୧୨(ସମିସ)**

ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ (ଏଆଇଏଲୟୁ) ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ରାଉରକେଲା ଆଇନ୍ ମହାବିଦ୍ୟାଳୟ ସହଯୋଗରେ ମହାବିଦ୍ୟାଳୟ ସଭା ଗୃହରେ ଶୁକ୍ରବାର 'ପରିବର୍ତ୍ତିତ ସମାଜରେ ଆଇନଜୀବୀ'ଙ୍କ ଭୂମିକା ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଲୟର୍ସ ୟୁନିୟନ ଜିଲ୍ଲା ସଭାପତି ତଥା ବରିଷ୍ଠ ଆଇନଜୀବୀ ରାମ ପ୍ରସାଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ଲୟର୍ସ ୟୁନିୟନର ଜିଲ୍ଲା ସାଧାରଣ ସମ୍ପାଦକ ରାଜକିଶୋର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଲୋଚନା ସଭାରେ ମୁଖ୍ୟବକ୍ତା ଭାବେ ଲୟର୍ସ ୟୁନିୟନର ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ପଙ୍ଗାରୀ, ରାଉରକେଲାର ବରିଷ୍ଠ ଆଇନଜୀବୀ ଗିରିଶ ଚନ୍ଦ୍ର ମହାପାତ୍ର, ରାଉରକେଲା ଆଇନ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଭୂ ରଞ୍ଜନ ପଟ୍ଟନାୟକ, ଉପାଧ୍ୟକ୍ଷା ଡ. ସମ୍ପାଦିକା ମହାନ୍ତି, ଡ. ପ୍ରଜ୍ଞାପରମିତା ପଣ୍ଡା, ଲୟର୍ସ ୟୁନିୟନର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅରିନ୍ଦମ ଦତ୍ତ ପ୍ରମୁଖ କହିଥିଲେ, ଦେଶ ସ୍ୱାଧୀନତା ଆନ୍ଦୋଳନରେ ଆଇନଜୀବୀମାନଙ୍କ ଏକ ପ୍ରମୁଖ ଭୂମିକା ରହିଥିଲା। ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି ମଧୁସୂଦନ ଦାସଙ୍କ ପର୍ଯ୍ୟନ୍ତ ଆଇନଜୀବୀମାନେ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମାଜିକ ନ୍ୟାୟ ପାଇଁ ସଂଗ୍ରାମ ଅବିସ୍ମରଣୀୟ ଓ ବର୍ଣ୍ଣ ବୈଷମ୍ୟ ବାଦ ବିରୋଧୀ ମହାରା ଗାନ୍ଧୀଙ୍କ ଆନ୍ଦୋଳନରେ ବହୁ ଆଇନଜୀବୀ ସାମିଲ ହୋଇଥିବା କହିଥିଲେ। ଆଜି ଦିନରେ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ସୁରକ୍ଷା ପାଇଁ ଆଇନଜୀବୀମାନେ ପୂର୍ବସୁରୀ ମାନଙ୍କ ପରି ନିଜର ଭୂମିକା ନିର୍ବାହନ କରିବାକୁ ମୁଖ୍ୟବକ୍ତା ଶ୍ରୀ ପଙ୍ଗାରୀ ଆହ୍ୱାନ କରିଥିଲେ। ଏହି ଅବସରରେ ବହୁ ଆଇନଜୀବୀ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଲୟର୍ସ ୟୁନିୟନର ଜିଲ୍ଲା ଉପ ସଭାପତି ଚନ୍ଦ୍ରଭାନୁ ଦାସ ଧନ୍ୟବାଦ ଦେଇଥିଲେ।

# ପଞ୍ଚାୟତିରାଜ ମନ୍ତ୍ରୀଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ



**ରାଉରକେଲା, ୨୧।୧୨(ସମିସ):** ଆଜି ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାଏକ ସୁନ୍ଦରଗଡ଼ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଓଡ଼ିଶା ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ପୂର୍ବତନ ବିଧାୟିକା କୁସୁମ ଟେଟେ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ କରମଡିହି ସ୍ଥିତ ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରିବା ସହ ପ୍ରଶିକ୍ଷକ, ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି କରମଡିହି ସ୍ଥିତ ଗ୍ରାମୀଣ ଶିଳ୍ପ ପାର୍କ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ସିଲାଇ ଓ ପ୍ୟାକେଜିଂ ୟୁନିଟର କାର୍ଯ୍ୟ ନିରୀକ୍ଷଣ କରିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ମହୁଆ ପ୍ୟାକେଜିଂ କାର୍ଯ୍ୟକଳାପକୁ ମଧ୍ୟ ସମୀକ୍ଷା କରି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ନିଜର ବିକାଶ ପାଇଁ ସତ୍ୟନିଷ୍ଠା ଓ ପରିଶ୍ରମ ସହ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥିଲେ। ଏହି ଗସ୍ତ ସମୟରେ ଓରମାସର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ କେଶବ ଝା, ଓଡ଼ିଆ ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ସାମୁଏଲ ଟୋପ୍ପୋ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସକାଳ THE SAKALA



# ବାଇକ୍ ଦୁର୍ଘଟଣାରେ ଦୁଇ ଗୁରୁତର

**ସୁକିନ୍ଦା, ୨୧।୧୨(ସମିସ):** ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଛକ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ମହୁଲପାଳ ଗ୍ରାମ ନୀଳମଣି ସାହୁ(୬୦) ଓ ଅମ୍ବୁଜ ରାଉତ(୫୫) ବାଇକ୍ ନେଇ ଡୁବୁରୀ ଯାଉଥିବା ସମୟରେ ସୁକିନ୍ଦା ଛକ ନିକଟରେ ଅନ୍ୟ ଏକ ବାଇକ୍ ସହ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ଉଭୟ ଆହତଙ୍କୁ ସ୍ଥାନୀୟ ଲୋକେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ନିଳମଣୀଙ୍କ ଗୋଡ଼ ଭାଙ୍ଗିଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

# ବାଲି ବୋଝେଇ ଟ୍ରାକ୍ଟର ଜବତ

**ସୁକିନ୍ଦା, ୨୧।୧୨(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ଅଭା ବ୍ରିଜ ନିକଟରୁ ଡିଡିଏମ ଯାଜପୁର ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ ଜିଲ୍ଲା ମାଇନିଂ ଅଫିସର ଅଶୋକ କୁମାର ମହାନ୍ତି ଓ ଶେଖର କୁମାର ମଲ୍ଲିକଙ୍କ ନେତୃତ୍ୱରେ ସୁକିନ୍ଦା ପୁଲିସ ଓ ତହସିଲ କର୍ମଚାରୀଙ୍କ ମିଳିତ ସହଯୋଗରେ ଅଭା ବ୍ରିଜ ନିକଟରେ ଚଢ଼ଉ କରାଯାଇ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇ ସୁକିନ୍ଦା ଥାନାରେ ଅଟକ ରଖାଯାଇଥିବା ଜଣାପଡ଼ିଛି। ସମ୍ପୃକ୍ତ ବାଲି ବୋଝେଇ ଟ୍ରାକ୍ଟର ଆବଶ୍ୟକୀୟ କାଗଜପତ୍ର ଦେଇ ନପାରିବାରୁ ଦୁଇ ଲକ୍ଷ ଟଙ୍କାର ଜୋରିମନା ଲଗା ଯାଇଥିବା ବିଭାଗୀ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି।



# ଟାଟା ବିସ୍ଥାପିତ ପରିବାରଙ୍କ ଧାରଣା ପ୍ରତ୍ୟାହୃତ

**ଦାନାଗଦି, ୨୧।୧୨(ସମିସ)**

୧୮ ଘଣ୍ଟା ଧାରଣା ଦେବା ପରେ କ୍ଷତିପୂରଣ ମିଳିବାରୁ ବିସ୍ଥାପିତ ପରିବାରଙ୍କ ଧାରଣା ପ୍ରତ୍ୟାହୃତ ହୋଇଛି। ସୂଚନା ମୁତାବକ ଟାଟା ଷ୍ଟିଲ ପ୍ରତିଷ୍ଠା ସମୟରେ ଗାଡ଼ପୁରର ମାର୍କଣ୍ଡ ହାଇବ୍ରୁଙ୍କ ଝିଅ ଜେମା ହାଇବ୍ରୁ କାରଖାନା ପାଇଁ ଜମିବାଡ଼ି ହରାଇ ବିସ୍ଥାପିତ ହୋଇଥିଲେ ମଧ୍ୟ ଦୀର୍ଘ ୨୦ ବର୍ଷ ଧରି ତାଙ୍କୁ ସରକାରଙ୍କ ପୁନର୍ବାସ ଥଇଥାନ ନୀତି ଅନୁଯାୟୀ କ୍ଷତିପୂରଣ ନ ମିଳିବା ଯୋଗୁଁ ସେ ଧାରଣା ଦେଇଥିଲେ। ପ୍ରଶାସନ ପକ୍ଷରୁ ସର୍ଭେ ସମୟରେ ଜେମାଙ୍କ ନାମ ସଠିକ ଭାବେ ପଞ୍ଜିକୃତ ହୋଇନଥିବାରୁ ସେ ଦୀର୍ଘ ୨୦ ବର୍ଷ ଧରି ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତି ଅନୁସାରେ ସମସ୍ତ ସୁବିଧା ପାଇବାରୁ ବଞ୍ଚିତ ହୋଇଥିଲେ। ଜେମା ହାଇବ୍ରୁଙ୍କ ନିଜ ସାନ ଭଉଣୀ ପୁନର୍ବାସ - ଥଇଥାନ ନୀତି ଅନୁଯାୟୀ ୧୦ ଡେସିମିଲି ଜମି ସହ ଟାଟା କାରଖାନାରେ ନିଯୁକ୍ତି ପାଇ ସମସ୍ତ ପ୍ରକାର ସହଯୋଗ ପାଇଥିବା ବେଳେ ପ୍ରାଶାସନିକ ଭୁଲ ଯୋଗୁଁ ସମସ୍ତ ସୁବିଧାରୁ ବଡ଼ଭଉଣୀ ଜେମା ଏଥିରୁ ବଞ୍ଚିତ ହୋଇଥିଲେ। ଜେମା ନିଜର ହକ୍ ପାଇଁ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଟାଟା ପଦାଧିକାରୀଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନ କରିଥିଲେ ହେଁ କୌଣସି ସୁଫଳ ନ ପାଇ ଶେଷରେ ମାନସିକ ଯନ୍ତ୍ରଣାରେ ଛଟପଟ ହୋଇ ମୃତ୍ୟୁ ବରଣ କରିଛନ୍ତି। ସରକାରଙ୍କ ପୁନର୍ବାସ - ଥଇଥାନ ନିତି ଅନୁଯାୟୀ ଜେନାଙ୍କୁ କ୍ଷତିପୂରଣ ଦେବା ଦାବି କରି ଟାଟା ଫାଟକ ସାମ୍ନାରେ ଶବ ରଖି ବିସ୍ଥାପିତ ଧାରଣା ଦେଉଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଘଟଣାସ୍ଥଳରେ କଳିଙ୍ଗନଗର ଏଡିଏମ୍ ସପନ କୁମାର ନନ୍ଦ, ଦାନଗଦି ତହସିଲଦାର ରଞ୍ଜିତ ମଲିକ, ଭୂ-ଅର୍ଜନ ଅଧିକାରୀ ନମ୍ରତା ମୋଦୀଙ୍କ ସମେତ କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ ସାହୁ ଉପସ୍ଥିତ ରହି ବିସ୍ଥାପିତ ପରିବାରର ସଦସ୍ୟ ବାବୁଲି ହାଇବ୍ରୁ, ରବି ଜାରିକା, ବାବୁଲି ପୂର୍ତ୍ତି, ସ୍ୱର୍ଣ୍ଣଲତା ବାନରା ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ। ସୁଦ୍ଧିକ୍ରିୟା ନିମନ୍ତେ ଏକ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିଲା ବେଳେ ନଗଦ ୨୦ ହଜାର ଟଙ୍କା ଓ ୮୦ ହଜାର ଟଙ୍କା ୭ଦିନ ଭିତରେ ଜିଲ୍ଲାପାଳ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## କୋରେଇ ବିଜେପି ଯୁବ ନେତାଙ୍କ ସାଂଘାତିକ ବୟାନ

# ବାଲି ଚୋରାଚାଲାଣ କରିବାକୁ ବିଜେପିକୁ ଆସୁଛନ୍ତି ନେତା

**ଯାଜପୁର, ୨୧।୧୨(ସମିସ):** ରାଜ୍ୟରେ ନୂତନ ସରକାର ଆସିବା ପରେ ଯାଜପୁର ଜିଲ୍ଲାରେ ଲଘୁଖଣିଜ ସମ୍ପଦର ଜୋରଦାର ଚୋରା ଚାଲାଣ ହେଉଛି। ବିଶେଷକରି ବାଲିର ଅବାଧ ଚୋରାଚାଲାଣ ହେଉଛି। ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ବେଆଇନ ବାଲି ଘାଟ ସୃଷ୍ଟି କରାଯାଇ ଦିନ ରାତି ଚୋରାଚାଲାଣ ହେଉଥିବା ଅଭିଯୋଗ ମାଳ ମାଳ ହେଉଛି। ଯାହାକୁ ରୋକିବା ପ୍ରଶାସନର ମୁଣ୍ଡବିନ୍ଧା ପାଲଟିଛି। ଶାସକ ଦଳର ନେତାମାନଙ୍କ ଇଙ୍ଗିତରେ ଏହି ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଥିବାରୁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବା ପାଇଁ କୁଣ୍ଠୁକୁଣ୍ଠୁ ହେଉଛି। ଏଭଳି ଅଭିଯୋଗ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେଉଥିଲେ ମଧ୍ୟ ଖଣି ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ଉଚିତ ପଦକ୍ଷେପ ଗ୍ରହଣ କରିପାରୁନାହାଁନ୍ତି। ଏହି ସମୟରେ ବିଜେପିର ଯୁବ ନେତା ମୃତ୍ୟୁଞ୍ଜୟ ମିଶ୍ର କୋରେଇରେ ହେଉଥିବା ବାଲି ଚୋରା ଚାଲାଣ ସମ୍ପର୍କରେ ଏକ ଭିଡିଓ ଜାରି କରିଛନ୍ତି। ଯେଉଁଥିରେ ସେ ସ୍ୱଷ୍ଟ ଭାବେ ଜିଲ୍ଲାରେ ବିଶେଷ କରି କୋରେଇରେ ହେଉଥିବା ବାଲି ଚୋରାଚାଲାଣକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ଏ ସମ୍ପର୍କରେ ସେ ଜିଲ୍ଲା ପ୍ରଶାସନକୁ ଅବଗତ କରିଥିଲେ। ଏହା ପରେ ପ୍ରଶାସନ ପକ୍ଷରୁ କୋରେଇର ବିଭିନ୍ନ ବାଲି ଖାଦାନ ଉପରେ ଚଢ଼ଉ କରାଯାଇଛି ଏବଂ ଏହି ବାଲି ଚୋରାଚାଲାଣ ପଛରେ ବିଜେପି ନେତାଙ୍କ ହାତ ଥିବା ପରୋକ୍ଷରେ କହିଛନ୍ତି। ଏହି ବାଲି ଚୋରା ଚାଲାଣ କରିବା ପାଇଁ ଶାସକ ବିଜେପି ଦଳରେ ଅନେକ ନେତା ମିଶୁଥିବା ସେ ଉଲ୍ଲେଖ କରିଛନ୍ତି।

କୋରେଇରୁ ପଶ୍ଚିମବଙ୍ଗକୁ ହେଉଥିବା ବ୍ୟାପକ ବାଲିଚାଲାଣ ପଛରେ ନିନା ଘଡ଼େଇ ନାମକ ବ୍ୟକ୍ତିଙ୍କୁ ଦାୟୀ କରିବା ସହିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଶ୍ରୀ ମିଶ୍ରଙ୍କ ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ପରେ ଏହି ବାଲି ଚୋରାଚାଲାଣ ପଛରେ ସ୍ଥାନୀୟ ବିଧାୟକଙ୍କ ହାତ ଥିବା ଏବଂ ସେ ନିର୍ବାଚନ ପୂର୍ବରୁ ବିଜେପିରେ ସାମିଲ ହୋଇଥିଲେ ବୋଲି କେତେକ କମେଣ୍ଟ କରିଥିବା ଦେଖିବାକୁ ମିଳିଛି। ତେବେ ଯାହା ହେଉ ବିଜେପି ଯୁବ ନେତା ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ବାଲି ଚୋରାଚାଲାଣ ବନ୍ଦ କରିବାକୁ ନେଇଥିବା ନିଷ୍ପତ୍ତିକୁ ସ୍ୱାଗତ କରି ଅନ୍ୟପଟେ କୋରେଇରେ ହେଉଥିବା ବାଲି ଚୋରାଚାଲାଣ ପଛରେ ବିଜେପି ନେତାଙ୍କ ହାତ ଥିବା ପରୋକ୍ଷରେ ସ୍ୱୀକାର କରିଥିବା ଘଟଣା ବେଶ ଚର୍ଚ୍ଚାର ବିଷୟ ପାଲଟିଛି।

## ଜମିଜମା ବିବାଦକୁ ନେଇ ଗଣ୍ଡଗୋଳ

# ଉଭୟ ପକ୍ଷରୁ ୫ ଜଣ ଗିରଫ

**ବଡ଼ଚଣା, ୨୧।୧୨(ସମିସ):** ବଡ଼ଚଣା ଥାନା ଅନ୍ତର୍ଗତ ସୁଙ୍ଗୁଡା ଗ୍ରାମରେ ଜମିଜମା ଗଣ୍ଡଗୋଳରୁ ଉଭୟ ପକ୍ଷରୁ ପୁଲିସ ଆଜି ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି। ପ୍ରକାଶ ଥାଉକି ପୂର୍ବ ଶତ୍ରୁତା ଏବଂ ଜମିବାଡିକୁ ନେଇ ଗତକାଲି ସୁଙ୍ଗୁଡା ଗ୍ରାମରେ ଦୁଇ ଗୋଷ୍ଠୀ ପକ୍ଷରୁ ପାଟିତୁଣ୍ଡ ହୋଇ ମାଡଗୋଳ ହୋଇଥିଲେ। ପରେ ଏହାକୁ ନେଇ ଉକ୍ତ ଗାଁର ଲାଲି ବିବି ଓ ସାଇରା ବିବି ଉଭୟ ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ସୁରେନ୍ଦ୍ର କୁମାର ଜେନା ଘଟଣାର ତଦନ୍ତ କରି ଏସ୍‌ଆଇ ଶାନ୍ତନୁ ମିଶ୍ରଙ୍କୁ ମାମଲାର ତଦନ୍ତ ଭାର ଦେଇଥିଲେ। ପରେ ଏହାକୁ ନେଇ ତଦନ୍ତ କରି ଶ୍ରୀ ମିଶ୍ର ଦୁଇଟି ପୃଥକ ପୃଥକ ମାମଲା ୪୬୩/୨୫ ଓ ୪୬୪/୨୫ରେ ରୁଜୁ କରି ଆଜି ଉଭୟ ପକ୍ଷରୁ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ହୋଇଥିବା ଅଭିଯୁକ୍ତ ୟାସିନ୍ ଖାଁ (ରାଜା), ଜାବିର ଖାଁ, ସାବିର୍ ଖାଁ ଓ ଅନ୍ୟ ଦୁଇ ଜଣଙ୍କୁ ମିଶାଇ ଗିରଫ ହୋଇଥିବା ୫ ଜଣଙ୍କର ଚଣ୍ଡିଖୋଲ ଅଦାଲତ ଜାମିନ ନାମଞ୍ଜୁର କରିବାରୁ ରଗଡ଼ି ଜେଲ୍ ପଠାଇ ଦିଆଯାଇଛି। ସୂଚନା ମୁତାବକ ଗତ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଜମି ଜମା ବିବାଦ ଲାଗିରହିଥିଲା ପୂର୍ବରୁ ବହୁ ମାମଲା ଥାନା ଫାଣ୍ଡି ଅଦାଲତରେ ଚାଲୁଛି ବୋଲି ଗ୍ରାମବାସୀଙ୍କ ଠାରୁ ପ୍ରକାଶ।

# ଜଳିଗଲା ଧାନ ବୋଝେଇ ଟ୍ରାକ୍ଟର

**ପାଣିକୋଇଲି, ୨୧।୧୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ବିଦ୍ୟୁତ ତାର ସଂଯୋଗରେ ଆସି ଧାନ ବୋଝେଇ ଟ୍ରାକ୍ଟରରେ ନିଆଁ ଲାଗିଯାଇଥିଲା। ଫଳରେ ନିଆଁ ଲିଭାଇବାକୁ ଯାଇ ଧାନ ମାଲିକ ବାପ ପୁଅ ଆହତ ହୋଇଥିବା ଜଣାପଡ଼ିଛି। ପ୍ରକାଶଯେ ଏକ ଟ୍ରାକ୍ଟର ଯୋଗେ ଗୋବିନ୍ଦପୁର ଗ୍ରାମର ନିରଞ୍ଜନ ପାଳ ଓ ନିତ୍ୟାନନ୍ଦ ପାଳ କଟାଯାଇଥିବା ଧାନକୁ ଏକ ଟ୍ରାକ୍ଟର ଯୋଗେ ଘରକୁ ଆଣୁଥିଲେ। ଏହି ସମୟରେ ହାତପାଆନ୍ତାରେ ଥିବା ବିଦ୍ୟୁତ ତାର ଧାନରେ ଲାଗିଥିଲା। ଫଳରେ ଧାନ ଜଳିବାକୁ ଲାଗିଥିଲା। ଟ୍ରାକ୍ଟରଟି ସେଠାରେ ଧାନକୁ ଓହ୍ଲାଇ ଦେଇ ବର୍ତ୍ତି ଯାଇଥିଲା। ହେଲେ ନିଆଁ ଲିଭାଇବାକୁ ଚେଷ୍ଟା କରି ବାପ ପୁଅ ଆହତ ହୋଇଥିଲେ। ଖବର ପାଇ ବୈତରଣୀରୋଡ ଦମକଳ ବାହିନୀ ଘଟଣାସ୍ଥଳେ ପହଞ୍ଚି ନିଆଁକୁ ଆୟତ କରିଥିବା ବେଳେ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ବାପ ପୁଅ ଏବେ ଚିକିତ୍ସାଧିନ ଅବଛନ୍ତି। ବିଦ୍ୟୁତ ବିଭାଗ ଅବହେଳାରୁ ଏଭଳି କାଣ୍ଡ ଘଟିଥିବାର ଅଭିଯୋଗ ହୋଇଛି।

## ଜେଜେ ମା' ହତ୍ୟା ମାମଲା

# ନାତି ସମେତ ପୁଅ ଅଦାଲତ ଚାଲାଣ

**ପାଣିକୋଇଲି, ୨୧।୧୨(ସମିସ):** ପାଣିକୋଇଲି ଅଞ୍ଚଳରେ ବହୁ ଚର୍ଚ୍ଚିତ ସମ୍ପତି ଲୋଭରେ ଜେଜେ ମା'କୁ ନାତି ଗାଡି ଚଢାଇ ମାରିଦେବା ଘଟଣାରେ ପୁଲିସ ପୁଅ ସମେତ ମୁଖ୍ୟ ଅଭିଯୁକ୍ତ ସହ ସାନ ନାତିକୁ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି। ପ୍ରକାଶ ଯେ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ଖାନ୍ଦରାପୁର (ସିଂଗଡ଼ା) ଗ୍ରାମରେ ଗୁରୁବାର ନାତିର ଗାଡି ଧକ୍କାରେ ଜେଜେମାର ମୃତ୍ୟୁ (ହତ୍ୟା) ଘଟିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଏନେଇ ଅଭିଯୋଗ ପରେ ପୁଲିସ ଏକ ମାମଲା ୪୦୦/୨୫ ରୁଜୁ କରି ଶୁକ୍ରବାର ସାଇନ୍‌ଟିଫିକ୍ ଟିମ ଦ୍ୱାରା ତଦନ୍ତ କରିଥିଲା। ଆଜି ତଦନ୍ତାଧିକାରୀ ସବଇନ୍ସପେକ୍ଟର ସୁମିତ କୁଜୁରୁ ଯାଜପୁରରୋଡ ଅଞ୍ଚଳରୁ ମୁଖ୍ୟ ଅଭିଯୁକ୍ତ କାର୍ତ୍ତିକକୁ ଗିରଫ କରିବା ସହ ପିକଅପକୁ ଥାନାକୁ ଆଣି ତଦନ୍ତ ଜାରି ରଖିଛି। ଆଜି ବୃଦ୍ଧାର ପୁଅ ରାରାୟଣ ସାହୁ (୩୨)ଓ ତାଙ୍କ ପୁଅ ମୁଖ୍ୟଅଭିଯୁକ୍ତ କାର୍ତ୍ତିକ ସାହୁ( ୩୨) ଏବଂ ସାନପୁଅ ରମେଶ ସାହୁଙ୍କୁ ଗିରଫ କରି ଦଫା ୧୦୩(୧)/୩(୫) ବିଏନଏସ ରେ ଅଦାଲତ ଚାଲାଣ କରାଯାଇଛି।

# ଶଙ୍କର୍ଷଣ-ଘନଶ୍ୟାମ ସ୍ମୃତି ପରିଷଦର ବାର୍ଷିକ ଉତ୍ସବ




**କୋରେଇ, ୨୧।୧୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ତଳଗଡ଼ ପଞ୍ଚାୟତ ସ୍ଥିତ ଉପୁଳାଇ ଗ୍ରାମର ଶଙ୍କର୍ଷଣ-ଘନଶ୍ୟାମ ସ୍ମୃତି ପରିଷଦର ପ୍ରଥମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ପିତା-ମାତା ଓ ଗୁରୁଜନଙ୍କ ପ୍ରତି ସମ୍ମାନ ବୋଧ' ପ୍ରତି ଆଲୋଚନାଚକ୍ର, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭା ହୋଇଥିଲା। ଗ୍ରାମର ଶନିଶ୍ଚର ଓ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଉତ୍ସବ ସୁଦର୍ଶନ ରାଉତରାୟଙ୍କ ସଭାପତିତ୍ୱରେ ହୋଇଥିଲା ବେଳେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲା ଲେଖକ ସମ୍ମେଳନର ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇଥିଲେ। ଉଦଘାଟକ ଭାବେ 'ଚଲାପଥ'ର ସମ୍ପାଦକ ହଳଧର ଧୀର, ମୁଖ୍ୟବକ୍ତା ଝାଡ଼େଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା, ବିଶିଷ୍ଟ ଅତିଥି ଭାବେ କବି ତଥା ସ୍ତମ୍ଭକାର ସୁରେଶ ପରିଡ଼ା, କୋରାଇ ସ୍ଥିତ କାହ୍ନୁଚରଣ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମୋହନ ଚରଣ ଖୁଣ୍ଟିଆ ଓ 'ଯାତ୍ରାଦୁନିଆଁ'ର ସମ୍ପାଦକ ନାରାୟଣ କୁମାର ରାଉତରାୟ ଯୋଗଦେଇଥିଲେ। 'ସ୍ମୃତିଲିପି'ର ସମ୍ପାଦକ ଭୁବନ ମୋହନ ମହାନ୍ତିଙ୍କ ସଂଯୋଜନାରେ ୫୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷକ ଜଗନ୍ନାଥ ମାଝୀ, ଶିଶୁ ସାହିତ୍ୟିକ ତଥା ସାମ୍ବାଦିକ ଅଧାପକ ମଳୟ କୁମାର ମଲ୍ଲିକ, ସାହିତ୍ୟ ସଂଗଠକ ଭୁବନ ମୋହନ ମହାନ୍ତି, ଗାଳ୍ପିକ ତଥା ବେତାର ନାଟ୍ୟକାର ଅକ୍ଷୟ କୁମାର ବାରିକ, ସମାଜସେବୀ ସୁରେନ୍ଦ୍ର କୁମାର ବରାଳ ଓ ଯୁବକବି ରେଶମା ମିର୍ଜାଙ୍କୁ ସମ୍ବର୍ଦ୍ଧିତ ଶିକ୍ଷକ ଅରୁଣ କୁମାର ବେହେରା ମାନପତ୍ର ପାଠ କରିଥିଲେ ବେଳେ ସଂସଦ ସଭାପତି ସାମ୍ବାଦିକ ପବିତ୍ର ମୋହନ ରାଉତରାୟ ମଞ୍ଚ ପରିଚାଳନା ସହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଦୀପ୍ତ କୁମାର ରାଉତ ରାୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ମଧୁସୂଦନ ରାଉତ ରାୟ, ଦୁଷ୍ମନ୍ତ ରାଉତ ରାୟ ଓ ବିଜ୍ଞଜିତ ରାଉତରାୟ ପ୍ରମୁଖ କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ବାଇକ୍ ଦୁର୍ଘଟଣାରେ ଡାକ୍ତର ଗୁରୁତର

**ପାଣିକୋଇଲି, ୨୧।୧୨(ସମିସ):** ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ବଡ଼ବିରୁହାଁ ଠାରେ ଏକ ଦ୍ରୁତଗାମୀ ବାଇକ ଧକ୍କାରେ ଅବସରପ୍ରାପ୍ତ ଗୁରୁତର ଭାବେ ଆହତ ହୋଇଛନ୍ତି। ପ୍ରକାଶଯେ ହାଟସାହି ଓ ରସୁଲପୁର ଆୟୁର୍ବେଦିକ ଡାକ୍ତରଖାନାରେ ଦୀର୍ଘ ବର୍ଷ ଧରି କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ବାଲେଶ୍ୱର ଜିଲ୍ଲା ମୋତିଗଂଜ ଅଞ୍ଚଳର ଡାକ୍ତର ଦୟିନିଧି ଦ୍ୱିବେଦୀ ଗତ ୧୯ ତାରିଖ ଦିନ ଯାଜପୁର ରୋଡ଼ରୁ କାର୍ଯ୍ୟସାରି ନିଜ ବାଇକରେ ସେ ରହୁଥିବା ବଡ଼ ବିରୁହାଁ ସ୍ଥିତ ଭଡ଼ା ଘରକୁ ଫେରୁଥିବା ବେଳେ ଗ୍ରାମର ଛକ ନିକଟରେ ଉକ୍ତ ଗ୍ରାମର ସୁଶାନ୍ତ ସେନାପତିଙ୍କ ପୁଅ ଚିତ୍ତରଞ୍ଜନ (୨୦) ଦ୍ରୁତଗତିରେ ଆସି ଡାକ୍ତରଙ୍କ ବାଇକ ପଛରେ ଧକ୍କା ଦେଇଥିଲା। ଫଳରେ ଡାକ୍ତର ଦ୍ୱିବେଦୀ ରାସ୍ତା ଉପରେ ପଡ଼ି ଗୁରୁତର ଭାବେ ଆହତ ହୋଇଥିଲେ। ଖବର ପାଇ ସ୍ଥାନୀୟ ଗ୍ରାମବାସୀ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ଚିନ୍ତୁ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକସ୍ଥିତ ଏକ ବେସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

# ଏସ୍‌ଆର୍‌ୟୁ ଯାଜପୁର ଶାଖାର ବାର୍ଷିକ ଉତ୍ସବ




**ଯାଜପୁର ଟାଉନ, ୨୧।୧୨(ସମିସ):** ଯାଜପୁର ସହରର ଜିଲ୍ଲା ପ୍ରକଳ୍ପ କନଫରେନ୍ସ ହଲରେ ଓଡ଼ିଶା ସେଲସ୍ ରିପ୍ରେଜେଣ୍ଟିଭ୍ ସଙ୍ଘର ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଆରମ୍ଭରେ ସଂଘ ସଭାପତି ପ୍ରଭାତ ତ୍ରିପାଠୀଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ସମ୍ପାଦକ ସଂଗ୍ରାମ ସାମଲ ନିଜର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଙ୍ଘର କାର୍ଯ୍ୟକର୍ତ୍ତା ସନ୍ଦୀପ ସାହୁ ଲେବର କୋର୍ଡ ବିଷୟରେ ସୂଚନା ପ୍ରଦାନ କରିଥିଲେ। ରାଜ୍ୟ ସଙ୍ଘର ଉପସଭାପତି ମଳୟ ନିଶିଥ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାକାର୍ଯ୍ୟ ମଧ୍ୟରେ ନିମନ୍ତ୍ରିତ ଅତିଥି, ଡା. ମଦନ ମୋହନ ସାମଲ, ଡା. ନିମାଇଁ ଚରଣ ନାୟକ, ଡାକ୍ତର କାର୍ତ୍ତିକ ଚନ୍ଦ୍ର ରାଉତ, ଡା.ବିଜୟ ଶତପଥି, ଡାକ୍ତର ବିଦ୍ୟାଧର ପାତ୍ର, ଔଷଧ ବିତରକଙ୍କୁ ସମ୍ମାନିତ କରାଯାଇଥିଲା। ରାଜ୍ୟ ସଙ୍ଘର ସମ୍ପାଦକ ସତ୍ୟବ୍ରତ ସାମଲଙ୍କ ଦ୍ୱାରା ସମସ୍ତ କଶ୍ରମ ଆଇନ, ସରକାରଙ୍କ ଶ୍ରମିକ ଆଇନର ପରିବର୍ତ୍ତନର ପ୍ରଭାବ ଉପରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ପୂର୍ବ କମିଟିକୁ ଭଙ୍ଗାଯାଇ ନୂତନ କମିଟି ସର୍ବସମ୍ମତିରେ ପାରିତ ହୋଇଥିଲା। ପୁନର୍ବାର ସଭାପତି ରୂପେ ପ୍ରଭାତ ତ୍ରିପାଠୀ, ଉପସଭାପତି ରୋମାନ୍ସ ସାମଲ, ସମ୍ପାଦକ ସଂଗ୍ରାମ ସାମଲ, କୋଷାଧକ୍ଷ ଚିତ୍ତରଞ୍ଜନ, କମିଟି ସଦସ୍ୟ ମାନଙ୍କୁ ନିର୍ବାଚିତ କରାଯାଇଥିଲା।

# ଷଣ୍ଢ ହଣାକୁ କେନ୍ଦ୍ରକରି ଅଡ଼ଙ୍ଗରେ ଉତ୍ତେଜନା; ରାସ୍ତାରୋକ

**ଯାଜପୁର, ୨୧।୧୨(ସମିସ):** ଷଣ୍ଢ ହଣାକୁ କେନ୍ଦ୍ର କରି ଯାଜପୁର ସଦର ଥାନା ଅନ୍ତର୍ଗତ ଅଡ଼ଙ୍ଗ ଗାଁରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖିବାକୁ ମିଳିଛି। ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ଲୋକେ ରାସ୍ତା ରୋକ କରିବା ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଥିଲେ। ଘଟଣାରୁ ପ୍ରକାଶ, ଯାଜପୁର ବ୍ଲକ ନାଥସାହି ପଞ୍ଚାୟତ ଅଡ଼ଙ୍ଗ ଗ୍ରାମରେ କେହି ଦୁର୍ବୃତ୍ତ ଏକ ଷଣ୍ଢର ପଛପଟ ଡାହାଣ ଗୋଡ଼କୁ ହାଣି ଦେଇଥିଲେ। ଏହାକୁ କେନ୍ଦ୍ର କରି ଅଡ଼ଙ୍ଗ ଗ୍ରାମର ଲୋକେ ଉତ୍ତ୍ୟେକ୍ତ ହେବା ସହ ଅଡ଼ଙ୍ଗ ସେତୁ ଉପରେ ବାଉଁଶ ବାନ୍ଧି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ସଦର ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଭ୍ରାମ୍ୟମାଣ ପଶୁ ଚିକିତ୍ସାଧିକାରୀ ଡାକ୍ତର ପହଞ୍ଚି ଷଣ୍ଢର ଗୋଡ଼କୁ ଦୀର୍ଘ ସମୟ ଧରି ଚିକିତ୍ସା କରିଥିଲେ। ଚାପା ଉତ୍ତେଜନା ଲାଗି ରହିଥିବାରୁ ଘଟଣାସ୍ଥଳରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୀତିକଣ୍ଠ କାନୁନଗୋ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର, ସଦର ଥାନାଧିକାରିଣୀ ଚିନ୍ମୟୀ ବେହେରା ସମେତ ପୁଲିସ ଫୋର୍ସ ପହଞ୍ଚିଥିଲେ। ଏହି ଘଟଣାର ଯେପରି ପୁନରାବୃତ୍ତି ନ ହେଉ ଓ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଅଡ଼ଙ୍ଗ ଗ୍ରାମର ବହୁ ଲୋକେ ଘଟଣା ସ୍ଥଳରେ ଉପରୋକ୍ତ ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ସଦର ପୁଲିସ ଥାନାରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛନ୍ତି।



# ଜାରକା ଲକ୍ଷ୍ମୀନାରାୟଣ ମଣ୍ଡପରେ ବାଦିପାଲା

**ଧର୍ମଶାଳା, ୨୧।୧୨(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ଲକ୍ଷ୍ମୀନାରାୟଣ ପୂଜା ମଣ୍ଡପ ନିକଟରେ ଆଜିଠାରୁ ବାଦିପାଲା ପରିବେଷଣ କରାଯାଉଛି। ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱରର ପ୍ରବଚକ ବିରେନ୍ଦ୍ର ପଣ୍ଡା ଏଠାରେ ପ୍ରବଚନ ଦେଇଥିଲା ବେଳେ ଆଜି ସନ୍ଧ୍ୟାରେ ଭୁବନେଶ୍ୱରର ପାଲାଗାୟିକା ସୁଭଦ୍ରା ବେହେରା ଓ ସାଥୀମାନଙ୍କ ଦ୍ୱାରା ବାଦିପାଲା ପରିବେଷଣ କରାଯାଇଛି। ଏହି ପାଲା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଜାରକା ପୂଜା ମଣ୍ଡପରେ ଲକ୍ଷ୍ମୀନାରୟଣଙ୍କ ମୃଣ୍ମୟୀ ମୂର୍ତ୍ତୀ ପୂଜା ପାଉଥିବା ବେଳେ ପ୍ରତ୍ୟେକ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି। ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିବା ସହିତ ମଣ୍ଡପ ନିକଟରେ ଚାଲିଥିବା ବିଭିନ୍ନ ପ୍ରକାର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ପାଉଛନ୍ତି। ୨୫ ତାରିଖ ସନ୍ଧ୍ୟାରେ ଜାରକା ମହୋତ୍ସବ ପଡ଼ିଆରେ ଧର୍ମଶାଳା ମହୋତ୍ସବ ଉଦ୍‌ଘାଟିତ ହେବା ପରେ ଓଲିଉଡ ଓ ବଲିଉଡର ନାମୀ ଦାମୀ କଳାକାରମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିବେ। ଏଥି ପାଇଁ ପେଣ୍ଡାଲ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ସମସ୍ତ କାର୍ଯ୍ୟକ୍ରମକୁ ଧର୍ମଶାଳା ମହୋତ୍ସବ ପୂଜା କମିଟିର ସଭାପତି ରବିନାରାୟଣ ସାହୁ, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ସହ ସମ୍ପାଦକ ଜିତେନ୍ଦ୍ର ରାଉତ, ସଂଯୋଜକ ଦେବରାଜ ମିଶ୍ର, ରାଜେଶ ପାଳ, ନିର୍ମଳ ପ୍ରଧାନ, ତୀର୍ଥରାଜ ପଣ୍ଡା, ସ୍ୱାଗତ ଦାସ, ପ୍ରଦୀପ ପରିଡ଼ା, ତୁଷାର ରାୟ, ଜଗଦୀଶ ମହାନ୍ତ, ନାରାୟଣ ମଲିକ, ସବ୍ୟସାଚୀ ସୁନ୍ଦରରାୟ, କାଶିନାଥ ସାହୁ, ଅଜାମ୍ବର ସାହୁ, ବିଚିତ୍ରାନନ୍ଦ ସ୍ୱାଇଁ, ଜଳଧର ସାହୁ, ମନୋଜ ରାଉଳ, ଯୁଗଳ ଦାସ, ଉପେନ୍ଦ୍ର କର, ଚିତରଞ୍ଜନ ଶତପଥୀ, ଅନନ୍ତ ପ୍ରଧାନ ଓ ବଜାର କମିଟିର କର୍ମକର୍ତ୍ତାମାନେ ପରିଚାଳନା କରୁଛନ୍ତି।

# ଯାଜପୁର ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**କୁଆଖିଆ, ୨୧।୧୨(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟ ଶିକ୍ଷକ ଶିକ୍ଷା ଓ ଅନୁସନ୍ଧାନ ପ୍ରଶିକ୍ଷଣ, ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧୀକରଣ, ଭୁବନେଶ୍ୱର ଆନୁକୂଲ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟ ସମଗ୍ର ଶିକ୍ଷା, ଯାଜପୁର ତରଫରୁ ଜିଲ୍ଲା ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଏବଂ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩ଟି ପ୍ରତିଯୋଗିତାରେ ବ୍ଲକସ୍ତରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବାଲ ବୈଜ୍ଞାନିକ ପ୍ରଦର୍ଶନୀର ମୁଖ୍ୟ ପ୍ରସଙ୍ଗ 'ଷ୍ଟେମ ଫର ବିକଶିତ ଓ ଆତ୍ମ ନିର୍ଭର ଭାରତ' ଉପରେ ୭୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।



ସେହିପରି ବିଜ୍ଞାନ ମେଳାରେ ପ୍ରାଥମିକ ସ୍ତରରେ ୩୦ଟି ଓ ମାଧ୍ୟମିକ ସ୍ତରରେ ୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କୁଇଜ ପ୍ରତିଯୋଗିତାରେ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ପ୍ରତି ବିଭାଗରୁ ୩୦ ଜଣ ଲେଖାଏଁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଲ ବୈଜ୍ଞାନିକ ପ୍ରଦର୍ଶନୀର ୭ଟି ଉପ ପ୍ରସଙ୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ହେଲେ ଦେବୀପ୍ରସାଦ ନାୟକ ଓଏଭି ଜାମଧର, ଜ୍ୟୋତିର୍ମୟୀ ସାମଲ, ତଳବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ, ସୁଜୟ କୁମାର ବଳ, ଓଏଭି ଗହୀରପାଟୁଳି, ଶୁଭ୍ରଜିତ ଜେନା ଓଏଭି, ଉତ୍ତରକୂଳ, ପାଉଲି ଦାଶ ଓଏଭି, ରସୁଲପୁର, ସ୍ମୃତି ସଙ୍ଗୀତା ବେହେରା, ସରକାରୀ ୟୁପି ସ୍କୁଲ, କୃଷ୍ଣପଡ଼ା ଓ ବିଶ୍ୱରଞ୍ଜନ ମହାପାତ୍ର, ଅମ୍ବିକାଦେବୀ ଉଚ୍ଚ ବିଦ୍ୟାଳୟ ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ପାଇଁ ମନୋନୀତ ହୋଇଛନ୍ତି। ସେହିପରି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାରେ ସୋମ୍ୟ ପ୍ରକାଶ ମହାପାତ୍ର ପ୍ରଥମ, ବନୀତ ପ୍ରିୟଦର୍ଶୀ ଦ୍ୱତୀୟ ଓ ସାଇ ପ୍ରସାଦ ନାୟକ ତୃତୀୟ ଏବଂ ମାଧ୍ୟମିକ ସ୍ତରରେ ପ୍ରତୀକ୍ଷା ଦାସ ପ୍ରଥମ, ଶ୍ରୀତାଂଶୁ ଶତପଥୀ ଦ୍ୱତୀୟ ଓ ଜିନତ ଫିର୍ଦୋଷ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ରୂପେ ୟୁଏନଏସ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ କର ଯୋଗଦାନକରିଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଣୀ ସବିତା ସାହୁ ଏବଂ କୋରେଇ ବ୍ଲକର ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ ଏବଂ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ନେହମୟୀ ଜେନା ଯୋଗଦାନ କରିଥିଲେ। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ବିଜ୍ଞାନ ନିରୀକ୍ଷକ ଉକ୍ତ କାର୍ଯ୍ୟକ୍ରମର ଉଦେଶ୍ୟ ଜ୍ଞାପନ କରିଥିଲେ।

# ଖରସ୍ରୋତା ପୁସ୍ତକ ମେଳାରେ ବଢୁଛି ପାଠକଙ୍କ ଭିଡ଼



**ସିଂହପୁର, ୨୧।୧୨(ସମିସ):** ରାଜ୍ୟସ୍ତରୀୟ ତୃତୀୟ ଖରସ୍ରୋତା ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ବେଶ ପାଠକଙ୍କ ଭିଡ଼ ଦେଖିବାକୁ ମିଳୁଛି। ପୁସ୍ତକ ମେଳାର ସରିବା ସମୟ ଯେତେ ଯେତେ ପାଖେଇ ଆସୁଛି ଭିଡ଼ ସେତେସେତେ ବଢ଼ିବାରେ ଲାଗିଛି। ଷଷ୍ଠ ସନ୍ଧ୍ୟାରେ ସଭାପତି ପଦ୍ମାକର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ରାଜଧାନୀ ପୁସ୍ତକ ମେଳାର ସଭାପତି ଉପେନ୍ଦ୍ର କୁମାର ଜେନା ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ତଥା ପ୍ରଶାସକ ଧନଞ୍ଜୟ ସ୍ୱାଇଁ ଓ ବିଶିଷ୍ଟ ଅତିଥି ରୂପେ ଲେଖିକା ସ୍ୱାତି ତନ୍ମୟା ମିଶ୍ର ଯୋଗ ଦେଇ ଗ୍ରାମାଞ୍ଚଳରେ ପୁସ୍ତକ ମେଳା ପ୍ରତି ଶ୍ରଦ୍ଧା ଓ ସହଯୋଗ ବୃଦ୍ଧି ପାଇବା ଏକ ଶୁଭ ସଂକେତ। ବୋଲି କହିଥିଲେ। ବକ୍ତା ଭାବେ ଔପନାସିକ ଶରତ କୁମାର ସାହୁ, ଅନ୍ୟତମ ବକ୍ତା ଭାବେ ଲେଖିକା କମଳୀନୀ ମଲ୍ଲିକ ଓ ଉପସ୍ଥାପିକା ପୂଜାରାଣୀ ମୁଦୁଲି ଯୋଗଦେଇଥିଲେ। ମେଳା କମିଟିର କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପୁରୁଷୋତ୍ତମ ନାୟକ, ସରୋଜ କୁମାର ମଲ୍ଲିକ, ସୁରେନ୍ଦ୍ର କୁମାର ପତି, ପ୍ରସନ୍ନ କୁମାର ରାଉତ୍, ବିପିନୀ ଚନ୍ଦ୍ର ବଳ, ଶ୍ରୀହରୀ ଧଳ, ଅନିରୁଦ୍ଧ ବେଉରିଆ ପ୍ରମୁଖ ସଞ୍ଚାଳନ କରିଥିଲେ।

# ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ କର୍ମଶାଳା



ବାଲିବନ୍ଧ,୨୧।୧୨(ସମିସ): ମିଳିତ ଜାତିସଂଘ ପକ୍ଷରୁ ପ୍ରସ୍ତୁତ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ-୨୦୩୦କୁ ଓଡ଼ିଶାରେ ସଫଳ ରୂପାୟନ ପାଇଁ ଯୋଜନା ଓ ସଂଯୋଜନା ବିଭାଗ ତରଫରୁ ଜିଲ୍ଲା ଏବଂ ବ୍ଲକ ସ୍ତରରେ ସ୍ୱତନ୍ତ୍ର କର୍ମଶାଳାର ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଝୁମ୍ପୁରା ବ୍ଲକ ସଭାଗୃହରେ ବିଡିଓ ହୃଦାନନ୍ଦ ଅଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲା ବେଳେ ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ବିଭାଗର ଉପନିର୍ଦ୍ଦେଶକ ଗଜେନ୍ଦ୍ର କୁମାର ବେହେରା, ୧୬ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟା କ୍ଷିରୋଦିନୀ ମହାକୁଡ଼, ୧୮ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ନାଏକ, ମେଡିକାଲ ଅଫିସର ଡାକ୍ତର ଅଭିଜିତ ରୟ, ଭାରପ୍ରାପ୍ତ ବ୍ଲକ ସୁରକ୍ଷା ଅଧିକାରୀ ବନ୍ଦନା ଗିରି, ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ ମାଧୁରୀ ପ୍ରିୟା ହନାଗା, ଯୋଗାଣ ଅଧିକାରୀ ସୌଭାଗ୍ୟ ପ୍ରସାଦ ମିଶ୍ର, ଜିପିଡିଓ ମାନସ ରଞ୍ଜନ ପ୍ରମୁଖ ମଞ୍ଚାସୀନ ଥିଲେ। ସମୁଦାୟ ପାଇଁ ଦୀର୍ଘ ସ୍ଥାୟୀ ଆର୍ଥିକ, ସାମାଜିକ ଓ ପରିବେଶିକ ବିକାଶଗୁଡ଼ିକୁ ସୁନିଶ୍ଚିତ କରିବା ପାଇଁ ମିଳିତ ଜାତିସଂଘ ପକ୍ଷରୁ ୨୦୨୫ରେ ୧୭ଟି ପ୍ରମୁଖ ଲକ୍ଷ୍ୟକୁ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ବା ଏସଡିଜି ଭାବେ ଚିହ୍ନଟ କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମାଞ୍ଚଳର ପ୍ରତ୍ୟେକ ଲୋକଙ୍କ ପାଖରେ ସରକାରଙ୍କ କଲ୍ୟାଣକାରୀ ଯୋଜନାଗୁଡ଼ିକର ସଫଳ କାର୍ଯ୍ୟକାରିତା ଉପରେ ବିଡିଓ ଶ୍ରୀ ଅଡା ଉପସ୍ଥିତ ନିର୍ବାଚିତ ପ୍ରତିନିଧି ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ବିଭାଗର ଉପନିର୍ଦ୍ଦେଶକ ଗଜେନ୍ଦ୍ର କୁମାର ବେହେରା ଏହି ଏଜେଣ୍ଡାରେ ରହିଥିବା ରାଜ୍ୟରୁ ଦାରିଦ୍ର୍ୟ ସମ୍ପୂର୍ଣ୍ଣ ଦୂରୀକରଣ, ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରି କ୍ଷୁଧାମୁକ୍ତ ରାଜ୍ୟ ଗଠନ କରିବା, ସମସ୍ତଙ୍କ ପାଇଁ ପୋଷଣଯୁକ୍ତ ଖାଦ୍ୟ ଉପଲବ୍ଧ କରାଇବା, ଗୁଣାତ୍ମକ ଶିକ୍ଷା ସହ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା, ମହିଳା ସଶକ୍ତିକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ଲିଙ୍ଗଗତ ଅସମାନତା ଦୂର କରିବା, ସମସ୍ତଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ସୁନିଶ୍ଚିତ କରିବା ସହ ପରିମଳ ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

# ‘ସବୁ କ୍ଷେତ୍ରରେ ଆନନ୍ଦପୁର ପାରଦର୍ଶୀ’

ଆନନ୍ଦପୁର, ୨୧।୧୨ (ସମିସ): ଆନନ୍ଦପୁର ଷ୍ଟାଡିୟମଠାରେ ଚାଲିଥିବା ଆନନ୍ଦପୁର ବାଣିଜ୍ୟ ମହୋତ୍ସବର ଅଷ୍ଟମ ସନ୍ଧ୍ୟାରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଛି। ଆଜିର ସାନ୍ଧ୍ୟରେ ପ୍ରେସ କ୍ଲବ ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଆନନ୍ଦପୁରର ପୂର୍ବତନ ବିଧାୟକ ଭାଗୀରଥି ସେଠୀ, ବିଶିଷ୍ଟ ଅତିଥି ଭାବେ ଚଳଚ୍ଚିତ୍ର ନାୟିକା ସୁଭଦ୍ରା ମହାନ୍ତି, ମୁଖ୍ୟବକ୍ତା ଭାବେ ବିଜେପି ନେତା ମହେଶ୍ୱର ସାହୁ ଯୋଗଦେଇ ସବୁକ୍ଷେତ୍ରରେ ଆନନ୍ଦପୁରର ପାରଦର୍ଶିତା ରହିଛି ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ସମ୍ପାଦକ ସନ୍ତୋଷ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଶୀତ କବିତା ଆସର ଲଘୁସଂଗୀତ ପରିବେଷଣ କରାଯାଇଥିଲା। ପରେପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରେସ୍ କ୍ଲବର ବରିଷ୍ଠ ସଦସ୍ୟ ଶତ୍ରୁଘ୍ନ ସାହୁ, ଦିଲୀପ ମିଶ୍ର, ସ୍ୱପ୍ନେଶ୍ୱର ପଣ୍ଡା, ସତ୍ୟଜିତ ସାହୁ, ରାଜୀବ ଜେନା, ଉପେନ୍ଦ୍ର ସାହୁ, ରାଜେନ୍ଦ୍ର ଦାଶ, ଉମାକାନ୍ତ ସାହୁ, ସ୍ମୃତିରଂଜନ ବିହାରୀ, ଅନିଲ ସାହୁ, ଲିଟୁ ହଜାରୀ, ଗତିକୃଷ୍ଣ ଭୂୟାଁ, ରାଜକିଶୋର ସାହୁ, ଜିତୁ ହଜାରୀ, ଅମିୟ ବରାଳ, ସୁଶାନ୍ତ କୁମାର ସାହୁ, ପାର୍ଥସୌରଭ ସା, ବିକାଶ ବିଶ୍ୱାଳ, କବୀନ୍ଦ୍ର ଖୁଣ୍ଟିଆ, କୈଳାସଚନ୍ଦ୍ର ନାୟକ, ଗୋପୀନାଥ ପାତ୍ର, ମୃତ୍ୟୁଞ୍ଜୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବାଣିଜ୍ୟ ମହୋତ୍ସବର ଅଷ୍ଟମ ସନ୍ଧ୍ୟା

## ଫକୀରପୁର ଉଚ୍ଚବିଦ୍ୟାଳୟର ହୀରକ ଜୟନ୍ତୀ ବୈଠକ



ଆନନ୍ଦପୁର, ୨୧।୧୨ (ସମିସ): ଫକୀରପୁର ସରକାରୀ ଉଚ୍ଚବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ପାଇଁ ଏହି ବିଦ୍ୟାଳୟ ପ୍ରାଙ୍ଗଣରେ ବୈଠକ ବସିଥିଲା। ବିଦ୍ୟାଳୟର ବହୁ ପୁରାତନ ଛାତ୍ର ଓ ଶିକ୍ଷକ ଯୋଗ ଦେଇଥିଲେ। ଜାନୁଆରୀ ଶେଷ ସପ୍ତାହରେ ଏହି ବିଦ୍ୟାଳୟର ହୀରକ ଜୟନ୍ତୀ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ବିଦ୍ୟାଳୟର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଏହି ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି। ଚଳିତ ଡିସେମ୍ବର ୨୮ ତାରିଖ, ରବିବାର ୧୦ଟା ସମୟରେ ବିଦ୍ୟାଳୟ ପ୍ରାଙ୍ଗଣରେ ବୈଠକ ଅନୁଷ୍ଠିତ ହେବ। ବହୁ ସଂଖ୍ୟାରେ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେବା ପାଇଁ ଅନୁରୋଧ କରାଯାଇଛି।

# ଏଲାଇଜ୍‌ମେଣ୍ଟ ସେଣ୍ଟର ଉଦ୍‌ଘାଟିତ

ଯୋଡ଼ା, ୨୧।୧୨ (ସମିସ)




ଅନେକ ଦିନରୁ ଯୋଡ଼ା ଖଣି ଅଞ୍ଚଳରେ ଯାନବାହନ ଚଳାଚଳ କରିଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏକ ଇଲାଇନମେଣ୍ଟ ସେଣ୍ଟର ନ ଥିଲା। ଏହାକୁ ନଜରରେ ରଖି ଶ୍ରୀଗଣେଶ ମିନେରାଲ ପକ୍ଷରୁ ଯୋଡ଼ା ପୌରପାଳିକା ଅନ୍ତର୍ଗତ ରଣାଶାଳ ଘାଟି କାଳୀ ମନ୍ଦିର ସମ୍ମୁଖରେ ଏକ ଏଲାଇଜମେଣ୍ଟ ସେଣ୍ଟର ଖୋଲିଛି। ପୂର୍ବରୁ ଚାରିଚକିଆ ଯାନ କିମ୍ବା ଖଣିଜ ପରିବହନ ହେଉଥିବା ବଡ଼ ବଡ଼ ଟ୍ରକଗୁଡ଼ିକର ଏଲାଇଜମେଣ୍ଟ କରିବା ପାଇଁ ମାଲିକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବିଭିନ୍ନ ସମୟରେ ବଡ଼ବିଲ କିମ୍ବା କେନ୍ଦୁଝରରେ ଏଲାଇଜମେଣ୍ଟ କରାଉଥିଲେ। ଏବେ ଗାଡ଼ି ବ୍ୟବସାୟରେ ବିଶେଷ ଲାଭ ହେଉ ନ ଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଏକ ଏଲାଇଜ ସେଣ୍ଟର ରହିଲେ ଗାଡ଼ି ମାଲିକ ଉପକୃତ ହେବେ ବୋଲି ମତ ପ୍ରକାଶ ପାଇଛି। ଗାଡ଼ିଗୁଡ଼ିକରେ ନୂତନ ଭାବେ ଟାୟାର ବଦଳାଇଲେ ଏଲାଇଜମେଣ୍ଟ ଜରୁରୀ ହୋଇଥାଏ ତେଣୁ ଉକ୍ତ ସେଣ୍ଟର ଖୋଲିବା ନେଇ ଅନେକ ଗାଡି ମାଲିକ ଖୁସି ପ୍ରକଟ କରିଛନ୍ତି। ଏହି ଉଦଘାଟନ କାର୍ଯ୍ୟକ୍ରମରେ ବଡ଼ବିଲ ଏଆରଟିଓ ବିଶ୍ୱରଞ୍ଜନ ସାହୁ ମୁଖ୍ୟଅତିଥି ଏବଂ ଯୋଡ଼ା ଟ୍ରକ ମାଲିକ ସଙ୍ଘ ସଭାପତି ମାତାପ୍ରସାଦ ଜୈଶ୍ୱାଲ, ସଂପାଦକ ସୁଶାନ୍ତ କୁମାର ବାରିକଙ୍କ ସହ ଅନେକ ଗାଡ଼ି ମାଲିକ ଉପସ୍ଥିତ ଥିଲେ।

## ୩ କୁଇଣ୍ଟାଲ ମହୁଲ ପୋଚ ଜବତ

ତେଲକୋଇ, ୨୧।୧୨(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଅବକାରୀ ଚଢ଼ଉ କରାଯାଇଛି। ତେଲକୋଇ ଥାନା ଆଇଆଇସି ଅଞ୍ଜନ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ କାଳିଆହତା ଫାଣ୍ଡି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢଉ କରି ୩ କୁଇଣ୍ଟାଲ ମହୁଲ ପୋଚ ସହ ବ୍ୟବହୃତ ସାମଗ୍ରୀ ନଷ୍ଟ କରିଥିଲେ। ଆଗାମୀ ନୂତନ ବର୍ଷ ଓ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ତେଲକୋଇ ଥାନା ଅଞ୍ଚଳରେ ବିଦେଶୀ ଓ ଦେଶୀ ମଦ ବ୍ୟବସାୟ ଉପରେ ଏପରି ଚଢ଼ଉ ଜାରି ରହିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ମନ୍ଦିରର କବାଟ ଭାଙ୍ଗି ଦାନହୁଣ୍ଡିରୁ ଲୁଟ୍



ତୁରୁମୁଙ୍ଗା, ୨୧।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟରେ ଥିବା ଆନନ୍ଦେଶ୍ୱର ଶିବ ମନ୍ଦିର ପରିସରରେ ଥିବା ହନୁମାନ ମନ୍ଦିର ଏବଂ ରାମ ମନ୍ଦିରର କବାଟ ଭାଙ୍ଗି ବିଳମ୍ବିତ ରାତିରେ ଲୁଟ ହୋଇଛି। ଦୁର୍ବୃତ୍ତମାନେ କେବଳ ମନ୍ଦିରରେ ଥିବା ଦାନ ହୁଣ୍ଡିକୁ ଭାଙ୍ଗି ହୁଣ୍ଡି ଭିତରେ ଥିବା ଖୁଚୁରା ପଇସା ଛାଡ଼ି ନୋଟ ଟଙ୍କା ଲୁଟି ନେଇଛନ୍ତି। ଆଜି ସକାଳୁ ମନ୍ଦିରର ପୂଜକ ପୂଜା କରିବା ପାଇଁ ଆସୁଥିବା ସମୟରେ ହୁଣ୍ଡି ବାକ୍ସ ପଡ଼ିଥିବା ଦେଖିଥିଲେ। ପରେ ଚୋରି ହୋଇଥିବା ଜାଣି ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ବୃତ୍ତଙ୍କୁ ଧରିବାକୁ ଛାନଭିନ ଜାରି ରଖିଛି।

## ସିରିଗିଡ଼ା ପିଏମଶ୍ରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି




ତେଲକୋଇ, ୨୧।୧୨(ସମିସ): ତେଲକୋଇ ବ୍ଲକ ସିରିଗିଡ଼ାସ୍ଥିତ ପିଏମଶ୍ରୀ ଉଚ୍ଚବିଦ୍ୟାଳୟରେ ଆସନ୍ତା ୨୮ ତାରିଖ ଶନିବାର ହେବାକୁଥିବା ସୁବର୍ଣ୍ଣ ଜୟନ୍ତୀ ପାଇଁ ବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବାର ଯୋଜନା ରହିଥିବାରୁ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ଏହି ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ, କର୍ମଚାରୀ, ପରିଚାଳନା କମିଟି ଓ ପୂର୍ବତନ ଛାତ୍ର ସଂଗଠନର ପ୍ରତିନିଧିଙ୍କ ସହ ଥାନାଧିକାରୀ, ବିଧାୟକ ପ୍ରତିନିଧି ଏବଂ ସାଂସଦ ପ୍ରତିନିଧି, ଅଞ୍ଚଳର ବରିଷ୍ଠ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଦେଓଗାଁ ବ୍ରାହ୍ମଣ ସମାଜ କାର୍ଯ୍ୟକାରୀ ବୈଠକ



ଆନନ୍ଦପୁର, ୨୧।୧୨ (ସମିସ): ଆନନ୍ଦପୁର ଉପଖଣ୍ଡର ଦେଓଗାଁ ବ୍ରାହ୍ମଣ ସମାଜର କାର୍ଯ୍ୟକାରୀ ବୈଠକ ଶ୍ରୀ ଶ୍ରୀ କୁଶଳେଶ୍ୱର ବିଜେଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚିତ୍ତରଞ୍ଜନ ପତି ଙ୍କ ସଂଯୋଜନାରେ ଆୟୋଜିତ ସଭାରେ ନିମନ୍ତ୍ରିତ ଅତିଥି ଭାବେ ଆନନ୍ଦପୁର ସଙ୍ଘର ଉପଦେଷ୍ଟା ଶରତ କୁମାର ମିଶ୍ର, ମଧୁସୂଦନ ମିଶ୍ର, ବିଜୟ କୁମାର ମିଶ୍ର, ସଂଯୋଜକ ମଦନ ମୋହନ ମିଶ୍ର, ହରମୋହନ ମିଶ୍ର ଯୋଗଦେଇ ଜାନୁଆରୀ ୧୦ ତାରିଖରେ ହେବାକୁ ଥିବା ସମ୍ମିଳନୀ ସମ୍ପର୍କରେ ଆଲୋଚନା କରିଥିଲେ। ଷୋହଳ ଶାସନ ବତିଶ ପଡ଼ା ଶାସନ ଓ ଚଉଷଠି ଉପଶାସନର ବହୁ ମାନ୍ୟଗଣ୍ୟ ବ୍ରାହ୍ମଣ ସଦସ୍ୟ, କର୍ମକାଣ୍ଡବିତ୍ ବୈଦିକ ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରି ଆସନ୍ତା ଜାନୁଆରୀ ସମ୍ମିଳନୀ କରିବାକୁ ଅନ୍ୟତମ ଉଦ୍ୟୋକ୍ତା ଚିତ୍ତରଞ୍ଜନ ପତି ପ୍ରସ୍ତାବ ଦେବା ପରେ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। କାଳନ୍ଦୀ ଦାଶ ଗିରିଧାରୀ ଦାଶ ଜଗବନ୍ଧୁ ପଣ୍ଡା, ବସନ୍ତ ପଣ୍ଡା, ହଳଧର ଆଚାର୍ଯ୍ୟ, ଆନନ୍ଦ ପାଣିଗ୍ରାହୀ, ଶିବପ୍ରସାଦ ପଣ୍ଡା, ଧର୍ମାନନ୍ଦ ପତି କେଶବ ଆଚାର୍ଯ୍ୟ ଜୟପ୍ରକାଶ ଦାଶ, ବଳରାମ ପାଣିଗ୍ରାହୀ, ରବୀନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।

## ଦୁର୍ଘଟଣାରେ ଶିଆଳ ମୃତ



ତୁରୁମୁଙ୍ଗା, ୨୧।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅନ୍ତର୍ଗତ ରାଜନଗର କେନ୍ଦେଇପଶି ରାସ୍ତାର ରାଇକଳା ନିକଟରେ ଅଜଣା ଗାଡ଼ି ଧକ୍କାରେ ଏକ ଶିଆଳର ମୃତ୍ୟୁ ହୋଇଛି। ଶିଆଳଟି ରାସ୍ତା ଅତିକ୍ରମ କରିଥିବା ସମୟରେ ଏହି ଦୁର୍ଘଟଣା ହୋଇଥିଲା। ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ଏନେଇ ତଦନ୍ତ କରୁଛି।

## ପୁଲିସର ‘ପଳାତକ’ ଘୋଷଣା



ଆନନ୍ଦପୁର, ୨୧।୧୨ (ସମିସ): ଆନନ୍ଦପୁର ଉପଖଣ୍ଡର ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଥରପଦା ଗ୍ରାମର ହେମନ୍ତ କୁମାର ଜେନାଙ୍କୁ ଉପଖଣ୍ଡ ମାଜିଷ୍ଟ୍ରେଟ ପଳାତକ ଘୋଷଣା କରିଥିବା ଜଣାଯାଇଛି। ଉପଖଣ୍ଡ ମାଜିଷ୍ଟ୍ରେଟଙ୍କ ପରଓ୍ୱାନା ଜାରି ସତ୍ତ୍ୱେ ଅଦାଲତରେ ହାଜର ନହେବାରୁ ପଥରପଦା ଗ୍ରାମର ଦୟାନିଧି ଜେନାଙ୍କ ପୁଅ ହେମନ୍ତଙ୍କୁ ରାମଚନ୍ଦ୍ରପୁର ପୁଲିସ ଜରିଆରେ ନୋଟିସ ଜାରି କରାଯାଇଛି। ୩୦ ଦିନ ମଧ୍ୟରେ ଅଦାଲତରେ ହାଜର ନହେଲେ ତାଙ୍କର ସମସ୍ତ ସ୍ଥାବର ଓ ଅସ୍ଥାବାର ସମ୍ପତ୍ତିକୁ ବାଜ୍ୟାପ୍ତି କରିବାକୁ ରାମଚନ୍ଦ୍ରପୁର ପୁଲିସ ଡେଙ୍ଗୁରା ଦେବା ସହ ନୋଟିସ ଜାରି କରିଛି।

## ସ୍ୱାଧୀନତା ସଂଗ୍ରାମୀଙ୍କ ପତ୍ନୀଙ୍କୁ ଭେଟିଲେ ଆର୍‌ଏସ୍‌ଏସ୍ କର୍ମକର୍ତ୍ତା



ତୁରୁମୁଙ୍ଗା, ୨୧।୧୨(ସମିସ): ଆରଏସ୍‌ଏସ୍‌ର ଶହେ ବର୍ଷ ପୂରଣ ଅବସରରେ ରବିବାର କେନ୍ଦୁଝର ଜିଲ୍ଲା ସଂଘର କାର୍ଯ୍ୟକର୍ତ୍ତାମାନେ ପାଟଣା ବ୍ଲକରେ ଗୃହ ସମ୍ପର୍କ ଅଭିଯାନରେ ସାମିଲ ହୋଇ ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସ୍ୱାମ ଶାସନର ବିଶିଷ୍ଟ ଗାନ୍ଧୀବାଦୀ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ କାହ୍ନୁଚରଣ ଦାଶଙ୍କ ପତ୍ନୀ ପାର୍ବତୀ ଦାଶ (୯୨)ଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ତାଙ୍କ ବୋହୂ ମଞ୍ଜୁବାଳା ମିଶ୍ରଙ୍କୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶହେ ବର୍ଷ ପୂର୍ତ୍ତି ଅବସରରେ ପ୍ରକାଶିତ ପୁସ୍ତକକୁ ଜିଲ୍ଲା ସଂଘ ଚାଳକ ଭାଗୀରଥି ପୃଷ୍ଟି ପ୍ରଦାନ କରିଥିଲେ। ତାଙ୍କ ସହ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଖଣ୍ଡ ଚାଳକ କାଳୀଚରଣ ମହାନ୍ତ, ସଂଘର ବିରଞ୍ଚି କୁମାର ମହାନ୍ତ, ସଂଜୀବ କୁମାର ମହାନ୍ତ, ହୀରାଲାଲ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। ସ୍ୱାମ ଶାସନର କରସେବକ ଦିଲ୍ଲୀପ କୁମାର ଦାଶ ଓ ସ୍ୱର୍ଗତ ଜଗତାନନ୍ଦ ମିଶ୍ରଙ୍କ ପରିବାର ସଦସ୍ୟଙ୍କୁ ଭେଟି ଗୃହ ସମ୍ପର୍କ ଅଭିଯାନରେ ସାମିଲ ହୋଇଥିଲେ।

## ପୁଲିସ ପକ୍ଷରୁ ଯାନବାହନ ଧରପଗଡ଼



ତେଲକୋଇ, ୨୧।୧୨(ସମିସ): ଆଗକୁ ବଡ଼ଦିନ, ନୂଆ ବର୍ଷ ଓ ମକର ପର୍ବ ଆସୁଛି। ବିଭିନ୍ନ ପର୍ଯ୍ୟଟନସ୍ଥଳୀ ମଧ୍ୟ ଚଳଚଞ୍ଚଳ ହୋଇପଡ଼ିଛି। ସମ୍ଭାବ୍ୟ ଘଟଣା ଓ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ତେଲକୋଇ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ନାକା ଓ ଯାନବାହନ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ବାଇକ୍ ଚାଳକଙ୍କ ହେଲମେଟ, ଡ୍ରାଇଭିଂ ଲାଇସେନ୍ସ, ଗାଡ଼ିର ଆବଶ୍ୟକ କାଗଜପତ୍ର ଯାଞ୍ଚ କରାଯାଉଛି। ସେହିପରି ଚାରିଚକିଆ ଯାନବାହନଗୁଡ଼ିକର ମଧ୍ୟ ଆବଶ୍ୟକ କାଗଜପତ୍ର ଯାଞ୍ଚ ହେଉଥିବା ବେଳେ ସମ୍ପୂର୍ଣ୍ଣ ଗାଡ଼ିକୁ ତଲାସୀ କରାଯାଉଛି। ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକ ଓ ବିନା ହେଲମେଟରେ ବାଇକ୍ ଚଳାଉଥିବା ଚାଳକଙ୍କୁ ସଚେତନ କରାଯାଉଛି। ପୁଲିସ ଏଥିପ୍ରତି ଆଇନ ମୁତାବକ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଜଣାପଡ଼ିଛି। ଏହି ଯାଞ୍ଚ ପ୍ରକ୍ରିୟା ଆଗାମୀ ମକର ଯାଏଁ ଚାଲୁ ରହିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ତେଲକୋଇଥାନାଧିକାରୀଅଞ୍ଜନପାତ୍ରନିଜେନାକାସ୍ଥଳୀରେଯାନବାହନଯାଞ୍ଚକରିବାସହଅମାନିଆଙ୍କୁସଚେତନକରୁଛନ୍ତି।

## ନିର୍ବାଚନମଣ୍ଡଳୀସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ



ତୁରୁମୁଙ୍ଗା, ୨୧।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶି ଷ୍ଟାଡିୟମରେ ରବିବାର ନିର୍ବାଚନମଣ୍ଡଳୀସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦଯାପିତ ହୋଇଯାଇଛି। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବରେ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ହରିହର ମହାନ୍ତ, ପ୍ରହଲ୍ଲାଦ ପଲେଇ, ବରଦାପ୍ରସାଦ ସାହୁ, ମଣ୍ଡଳ ସଭାପତି ଜୁଲିୟସ ସିଂ, ମନୋଜ ମହାନ୍ତଙ୍କ ସହ ପୁର୍ବତନ ମଣ୍ଡଳ ସଭାପତି ମିତ୍ରଭାନୁ ମହାନ୍ତ, ପୂର୍ବତନ ସମିତିସଭ୍ୟ ମିତ୍ରଭାନୁ ମହାନ୍ତ, ମିତ୍ରଭାନୁ ନାଏକ ଯୋଗ ଦେଇଥିଲେ। ପାଟଣା ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମରୁ ୨୬୨ ଜଣ ଖେଳାଳି ମନୋନୀତ ହୋଇଥିବା ବେଳେ ଆସନ୍ତା ୨୩ ଓ ୨୪ ତାରିଖରେ ଜିଲ୍ଲାସ୍ତରୀୟ ହେବାକୁ ଥିବା ସାଂସଦ ଖେଳ ମହୋତ୍ସବରେ ଖେଳି ରାଜ୍ୟସ୍ତରୀୟ ଖେଳକୁ ମୋନାନୀତ ହେବେ। ସାଂସଦ ଅନନ୍ତ ନାଏକଙ୍କ ନେତୃତ୍ୱରେ ତୃଣମୂଳ ସ୍ତରରେ ଖେଳକୁ ପ୍ରତ୍ସାହନ ଦେଇ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାକୁ ଖେଳ ମାଧ୍ୟମରେ ଲୋକଲୋଚନକୁ ଅଣାଯାଉଥିବାରୁ ଅଞ୍ଚଳର ଖେଳାଳି ଏବଂ ବୁଦ୍ଧିଜୀବୀ ଧନ୍ୟବାଦ ଜଣାଇଛନ୍ତି।

# କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ




ବାଲିବନ୍ଧ, ୨୧।୧୨ (ସମିସ): ଝୁମ୍ପୁରା ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ କେରଳା ଇଂରାଜୀ ମଧ୍ୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କୁ ନେଇ ପୃଥକ ଭାବେ ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀ ଭଗବାନ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନବକିଶୋର ସାମଲ ଖେଳ ସମ୍ପର୍କିତ ଶପଥ ପାଠ ସହ ଅନୁଷ୍ଠାନିକ ଭାବେ କ୍ରୀଡ଼ା ଉତ୍ସବକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ଅଧକ୍ଷ ପି. ଏସ ରାଜମୋହନ, ସମ୍ପାଦିକା ଉମା ରାଜମୋହନ, ଅଧକ୍ଷା ଶୁଭ୍ରା ମହାନ୍ତି, ସ୍କୁଲ କମିଟି ମେମ୍ବର ଡମ୍ବରୁଧର ଦାସ, ତପନ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଉଦଯାପନୀ ଉତ୍ସବରେ ବିଦ୍ୟାଳୟର ଅଧକ୍ଷା ଶୁଭ୍ରା ମହାନ୍ତି ଅଧକ୍ଷତା କରିଥିଲେ। ବିଡିଓ ହୃଦାନନ୍ଦ ଅଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ସମ୍ପାଦିକା ଉମା ରାଜମୋହନ, ଚମ୍ପୁଆ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପ୍ରିନ୍ସପାଲ ବିଜୟ କୁମାର ଭାରତୀ, ଜଗନ୍ନାଥପୁର କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପ୍ରିନ୍ସପାଲ ଖୁବ ଚାନ୍ଦ ବର୍ମା, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପ କନିଷ୍ଠ ବର୍ଗ ବାଳକ ବିଭାଗରେ ଦିବ୍ୟରଞ୍ଜନ ମୁଣ୍ଡା, ବାଳିକା ବିଭାଗରେ ପ୍ରତୀକ୍ଷା ପ୍ରିୟଦର୍ଶିନୀ ନାୟକ ଚାମ୍ପିଅନ ହୋଇଥିଲେ। ସେହିପରି କନିଷ୍ଠ ବର୍ଗ ବାଳକ ବିଭାଗ କାହ୍ନା ମହାକୁଡ଼, ବାଳିକା ବିଭାଗରେ ପବିତ୍ରା ମହାନ୍ତ ଏବଂ ବରିଷ୍ଠ ବର୍ଗ ବାଳକ ବିଭାଗରେ ମନୋଜ ନାୟକ, ବାଳିକା ବିଭାଗ ସ୍ମୃତିରେଖା ବେହେରା ଚାମ୍ପିଅନ ହୋଇଥିଲେ। ଏପିଜେ ଅବଦୁଲ କାଲାମ ଗୃହ ବିଜେତା ଭାବେ ମନୋନୀତ ହୋଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ସହ ମାନପତ୍ର ଦେଇ ଅତିଥିଗଣ ପୁରସ୍କୃତ କରିଥିଲେ। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀଙ୍କ ସମେତ ଖେଳ ଶିକ୍ଷକ ପ୍ରତ୍ୟୁଷ ଟିପିରିଆଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥିଲା।

# 'କାନ୍ତ ଜୀବନଗାଥା ଦୁଃଖବାଦର ଏକ ଉଜ୍ଜ୍ୱଳ ଶିକ୍ଷା'



**ତିହିଡି ସାହିତ୍ୟ ସାଂସ୍କୃତିକ ମଞ୍ଚର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୮ ତମ ଜୟନ୍ତୀ**

ତିହିଡି, ୨୧।୧୨(ସମିସ): ଜୀବନ ଓ ଜଗତକୁ ଦେଖିବାର ଅଦ୍ଭୁତ ଦୃଷ୍ଟିଭଙ୍ଗୀ ହେଉଛି କାନ୍ତସାହିତ୍ୟର ମୂଳଉତ୍ସ। ଜାତୀୟ ବନ୍ଦନା, ମାଟି-ମଣିଷ ପ୍ରତି ଅସୀମ ଶ୍ରଦ୍ଧା, ବିଭୁଚେତନା ଓ ବ୍ରହ୍ମାଣ୍ଡୀୟ ସତ୍ୟର ଉପଲବ୍ଧି ତାଙ୍କ ସୃଷ୍ଟିସମ୍ଭାରକୁ କାଳଜୟୀ ପର୍ଯ୍ୟାୟଭୁକ୍ତ କରିଛି। କାନ୍ତ ଜୀବନଗାଥା ହେଉଛି ଦୁଃଖବାଦର ଏକ ଉଜ୍ଜ୍ୱଳ ଶିକ୍ଷା। ଈଶ୍ୱରଙ୍କ ପାଖରେ ଅଭିମାନ ପୂର୍ବକ ସମର୍ପଣ ତାଙ୍କ ଅନ୍ତରରେ ଆତ୍ମବଳ ସଞ୍ଚାର କରିଥିଲା ବୋଲି ତିହିଡ଼ି ସାହିତ୍ୟ-ସାଂସ୍କୃତିକ ମଞ୍ଚ ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୮ତମ ଜୟନ୍ତୀ ଉତ୍ସବରେ ଅତିଥି ମତବ୍ୟକ୍ତ କରିଛନ୍ତି। ମଞ୍ଚର ଉପଦେଷ୍ଟା ବିଶିଷ୍ଟ ସ୍ତମ୍ଭକାର ଡକ୍ଟର ବିଶ୍ୱରଂଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ସଭାପତି ଅଜୟ ନାୟକ ଯୋଗଦେଇ ତିହିଡ଼ିର ପରିଚୟକୁ ବହୁଗୁଣିତ କରିବାକୁ ହେଲେ ଏଠାରେ କାନ୍ତକବିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପିତ ହେବା ଜରୁରି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଯୋଗଦେଇ ଜାତୀୟ କଂଗ୍ରେସ, ଉତ୍କଳ ସମ୍ମିଳନୀ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ସ୍ୱାଧୀନତା ପ୍ରାପ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ଅବଧିରେ କାନ୍ତକବିଙ୍କ ତ୍ୟାଗ, ସଂଗ୍ରାମ ଓ ସାରସ୍ୱତ ଆମ ଭାଷା ଓ ଜାତି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଥିଲା ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭଦ୍ରକ ପ୍ରଗତି ଉଦ୍ୟୋଗର ମୁଦ୍ରାକାର ବିଜୟ କୁମାର ସାହୁ ଓ ସମାଜସେବୀ ରଘୁନାଥ ପାତ୍ର ଯୋଗଦେଇ କାନ୍ତସାହିତ୍ୟ ଭକ୍ତି, ଜାତି ଓ ଜୀବନତତ୍ତ୍ୱର ସମ୍ବେଦନା ବୋଲି କହିଥିଲେ। କବି ଓ ଗୀତିକାର ଭାସ୍କରଚନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ କବିଶ୍ରୀ ଗୋଲୋକ ପ୍ରସାଦ ବୈୟାରୀ, ଦେବେନ୍ଦ୍ର ମହାଳିକ, କଳ୍ପତରୁ ସେଠୀ, ଗୌରାଙ୍ଗ ନନ୍ଦ, ସୁବାସ ମହାନ୍ତି, ଅଭୟ ଦାସ, ମୁକୁନ୍ଦଦେବ ନାୟକ, ଆଶୁତୋଷ କରଣ, ସୁବାସ ଦାସ, ହରିହର ମଲ୍ଲିକ, ରୀନାରାଣୀ ପାତ୍ର, ବୈକୁଣ୍ଠନାଥ ଓଝା, ଦ୍ୱାରିକାନାଥ ଦାସ, ଅବ୍ଦୁଲ ଦୟାନ, ରତିକାନ୍ତ ଦାସ, ମୌସୁମୀ ବାରିକ, ମୁସ୍ତାକ ଗହ୍ୱର ପ୍ରମୁଖ କବିତାପାଠ କରିଥିଲେ।

ପ୍ରମୁଖ କବି ସ୍ୱରଚିତ କବିତାପାଠ ଓ କାନ୍ତସଙ୍ଗୀତ ଗାନ କରିଥିଲେ। ଯୁବକବି ନିରଞ୍ଜନ ବାରିକ ମଞ୍ଚଆହ୍ୱାନ କରିଥିବା ବେଳେ କବି ପି. ହୃଷୀକେଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ କବି ବିଶ୍ୱମୈତ୍ରୀ ନାୟକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମଞ୍ଚର ଆବାହକ ଯୁବଗାଳ୍ପିକ କୈଳାସ ବେହେରା, ସଦସ୍ୟ ଦେବେନ୍ଦ୍ରନାଥ ମହାଳିକ, ଯଯାତିକେଶରୀ ଦାସ, ତିହିଡ଼ି ସାଂସଦ ପ୍ରତିନିଧି ସୀତାକାନ୍ତ ନାୟକ ସହଯୋଗ କରିଥିଲେ। ସଂଯୋଜକ ଯୁବକବି ବିସ୍ମୟ ବିହାରୀ ସାହୁ ଧନ୍ୟବାଦ ଦେଇଥିଲେ।

# ବିଜେଡିର କର୍ମୀ ସମ୍ମିଳନୀରେ ଏକାଠି ହେଲେ ନେତା ଓ କର୍ମୀ



ଭଦ୍ରକ,୨୧।୧୨(ସମିସ): ଚାନ୍ଦବାଲି ବ୍ଲକ୍ ଧାମରାରେ ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଧାମରା ଅଞ୍ଚଳର ୮ଟି ପଞ୍ଚାୟତର ସଭାପତି ଅନୀଲ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ଚନ୍ଦବାଲି ବିଧାୟକ ଡ଼. ବ୍ୟୋମକେଶ ରାୟ ଯୋଗ ଦେଇଥିଲେ। କାହା ପ୍ରଲୋଭନରେ ନପଡ଼ି ଜନପ୍ରିୟ ନେତା ନବୀନ ପଟ୍ଟନାୟକଙ୍କୁ ଅନୁସରଣ କରି ଆଗକୁ ବଢ଼ିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଧାମରା ବନ୍ଦରରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତିରେ ଅନ୍ତର ପାନ୍ତରକୁ ବରଦାସ୍ତ କରାଯିବ ନାହିଁ, ସମସ୍ତେ ସମାନ ସୁଯୋଗ ପାଇବା ଦରକାର. ଯଦି ଏଥିରେ ବିଚ୍ୟୁତି ହୁଏ ତେବେ ଆଗାମୀ ଦିନରେ ବିଜୁ ଜନତା ଦଳ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବାକୁ ପଛଘୁଞ୍ଚା ଦେବ ନାହିଁ ବୋଲି ୮ ପଞ୍ଚାୟତର ସଭାପତି ଅନିଲ ନାୟକ ପ୍ରକାଶ କରିଛନ୍ତି। ବ୍ଲକ୍ ସଭାପତି ପ୍ରତାପଚନ୍ଦ୍ର ଧଳ, ଜିଲ୍ଲା ପରିଷଦ ରଞ୍ଜନ କୁମାର ସାହୁଙ୍କ ସମେତ ସ୍ଥାନୀୟ ୮ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବହୁ ଆଗଧାଡ଼ିର ନେତା-କର୍ମୀ ଉପସ୍ଥିତ ଥିଲେ।

## ବ୍ଲକ୍ ଓଷ୍ଟା ପକ୍ଷରୁ ଶିଶୁ ଉତ୍ସବ



ଭଣ୍ଡାରିପୋଖରୀ,୨୧।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଆନୁକୂଲ୍ୟରେ ଚଳିତ ବର୍ଷର ଶିଶୁ ଉତ୍ସବ ଶନିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ପିରିପୁର ପ୍ରଭାକର ମହାନ୍ତି ଉଚ୍ଚବିଦ୍ୟାଳୟରେ ବ୍ଲକ ଓଷ୍ଟା ସଭାନେତ୍ରୀ ସୁକାନ୍ତିଲତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଓଷ୍ଟା ଜିଲ୍ଲା ସଭାପତି ଶଶିଶେଖର କରଶର୍ମା ମୁଖ୍ୟଅତିଥି, ଜିଲ୍ଲା ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ପ୍ରାକ୍ତନ ରାଜ୍ୟ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାଶ, ଜିଲ୍ଲା କାର୍ଯ୍ୟକାରୀ ଉପସଭାପତି ଅନିଲ କୁମାର ମିଶ୍ର, ପୂର୍ବତନ ବ୍ଲକ ସମ୍ପାଦକ ସୁବଳ କୁମାର ପତ୍ରୀ, ଜିଲ୍ଲା ଉପସଭାନେତ୍ରୀ ବିକଶି ସାହୁ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବ୍ରହ୍ମାନନ୍ଦ ରାୟ, ବନ୍ତ ବ୍ଲକ ସ୍ୱାଦକ ସନ୍ତୋଷ ଜେନା, ଭଦ୍ରକ ବ୍ଲକ୍ ସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ୨୬୧ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, ନୃତ୍ୟ, ଏକକ ଅଭିନୟ, ସଙ୍ଗୀତ ଆଦି ୧୦ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ଲକ ସମ୍ପାଦକ ମନୋରଞ୍ଜନ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମଲୋଚନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ନେତା ଜିତେନ୍ଦ୍ର ସାହୁ ଅତିଥି ପରିଚୟ ଓ କେଶବ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## କେନାଲ୍‌ରୁ ଷଣ୍ଢ ଉଦ୍ଧାର



ଦୋଲସାହି, ୨୧।୧୨(ସମିସ): ତିହିଡ଼ି ଦମକଳ ବାହିନୀ ଦ୍ୱାରା କେନାଲରେ ଗଳି ପଡିଥିବା ଷଣ୍ଢକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତିହିଡ଼ି ବ୍ଲକ୍ ଭାଟପଡା ପଞ୍ଚାୟତ ର ସଙ୍ଖିଡା ଗ୍ରାମର ଜେନାସାହି ଦେଇ ଯାଇଥିବା ଦଶମୌଜା କେନାଲ ଭିତରକୁ ଏକ ଷଣ୍ଢ ଗଳି ପଡିଥିଲା। ତିହିଡ଼ି ଦମକଳବାହିନୀ ଅଧୀକାରୀ ସୁବାସଚନ୍ଦ୍ର ରାଉତ ଖବର ପାଇ ଆଗ୍ନିକ ପ୍ରଫୁଲ୍ଲ ପରିଡା ଓ ଗଣେଶ ମାଝିଙ୍କ ସହଯୋଗରେ କେନାଲ ଭିତରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ଜଣାପଡିଛି।

## ୧୯୬୮ ବ୍ୟାଚ୍ ମ୍ୟାଟ୍ରିକ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ଭଣ୍ଡାରିପୋଖରୀ, ୨୧।୧୨ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଜଗନ୍ନାଥପ୍ରସାଦ ଉଚ୍ଚବିଦ୍ୟାଳୟରେ ୧୯୬୮ ମସିହା ମ୍ୟାଟ୍ରିକ ପରୀକ୍ଷା ବ୍ୟାଚର ଛାତ୍ରଛାତ୍ରୀମାନଙ୍କ ବନ୍ଧୁ ମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଏହି ବ୍ୟାଚର ଛାତ୍ର ତଥା ଅବସରପ୍ରାପ୍ତ ଅତିରିକ୍ତ ଶାସନସଚିବ ରାଧାକାନ୍ତ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ତତ୍‌କାଳୀନ ଶିକ୍ଷକ କୁଳମଣି ବେହେରା ମୁଖ୍ୟଅତିଥି, ଶିକ୍ଷକ ବେଣୁଧର ପଲାଇ, ଶିକ୍ଷକ ବସନ୍ତ କୁମାର ମହାପାତ୍ର ଓ ଶିକ୍ଷା କର୍ମଚାରୀ ନଟବର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ୫୭ ବର୍ଷ ପରେ ମଧ୍ୟ ବିଦ୍ୟାଳୟ ଜୀବନ ସ୍ମୃତି ତାଜା ହୋଇ ରହିଥିବା ପ୍ରକାଶ କରିଥିଲେ। ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ତ୍ରିପାଠୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକମାନଙ୍କର ପୁରାତନ ବିଦ୍ୟାଳୟ ପ୍ରତି ଥିବା ଅନୁରକ୍ତି ପାଇଁ କୃତଜ୍ଞତା ଜ୍ଞାପନ କରିବା ସହ ଆଶୀର୍ବାଦ ଲୋଡ଼ିଥିଲେ।

# ଧାମନଗରରେ ଆରମ୍ଭହେବ ବିଧାୟକ ମେଧା ସମ୍ମାନ

ଦୋବଲ, ୨୧।୧୨(ସମିସ): ଧାମନଗର ନିର୍ବାଚନମଣ୍ଡଳୀକୁ ଶିକ୍ଷା କ୍ଷେତ୍ରରେ ଏକ ଆଦର୍ଶ ମଡେଲ ଭାବେ ଗଢ଼ି ତୋଳିବା ଲକ୍ଷ୍ୟରେ ଆଜିଠାରୁ ଏକ ଅଭିନବ ଅଭିଯାନର ଶୁଭାରମ୍ଭ ହେବାକୁ ଯାଉଛି। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ତଥା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଏହି କାର୍ଯ୍ୟକ୍ରମରେ "ବିଧାୟକ ମେଧା ସମ୍ମାନ - ୨୦୨୫"ର ଶୁଭାରମ୍ଭ କରିବେ। "ଶିକ୍ଷା ପ୍ରଥମ-ଧାମନଗର' ସ୍ଲୋଗାନ ସହ ଆୟୋଜିତ ହେବାକୁ ଥିବା ଏହି ଭବ୍ୟ କାର୍ଯ୍ୟକ୍ରମରେ ଅଞ୍ଚଳର ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିଥିବା ବ୍ୟକ୍ତି ଓ ଅନୁଷ୍ଠାନଗୁଡ଼ିକୁ ସମ୍ମାନିତ କରାଯିବ। ଏହି ଅବସରରେ ଏକ ବିଶାଳ ପ୍ରଧାନଶିକ୍ଷକ ସମ୍ମିଳନୀ ଆୟୋଜନ କରାଯାଉଛି। ଏଥିରେ ଧାମନଗରର ସମସ୍ତ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅଧ୍ୟକ୍ଷମାନେ ସାମିଲ ହେବେ। ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି, ନୂତନ ଶିକ୍ଷା ନୀତି (ଘରଚ)ର ସଫଳ ରୂପାୟନ ଏବଂ ବିଦ୍ୟାଳୟ ପରିଚାଳନାରେ ସଂସ୍କାର ଆଣିବା ପାଇଁ ମନ୍ତ୍ରୀ ସିଧାସଳଖ ଶିକ୍ଷକମାନଙ୍କ ସହ ଆଲୋଚନା କରିବେ। କାର୍ଯ୍ୟକ୍ରମ ଅନୁଯାୟୀ, ବୋର୍ଡ କିମ୍ବା ଶିକ୍ଷା ପରିଷଦ ପରୀକ୍ଷାରେ ଇ୧ ଗ୍ରେଡ୍ ପାଇଥିବା ପ୍ରତିଟି ଛାତ୍ରଛାତ୍ରୀଙ୍କୁ ୫,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ବିଦ୍ୟାଳୟର ସଫଳ ପରିଚାଳନା, ନାମଲେଖା ବୃଦ୍ଧି ଏବଂ ଡ୍ରପ୍-ଆଉଟ୍ ହ୍ରାସ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ପ୍ରଧାନଶିକ୍ଷକଙ୍କୁ ୧୦,୦୦୦ ଟଙ୍କାର 'ଲିଡରସିପ୍ ଆୱାର୍ଡ' ବା ନେତୃତ୍ୱ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯିବ। ବିଦ୍ୟାଳୟଗୁଡ଼ିକର ଭିତିଭୂମି ବିକାଶ ପାଇଁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଶୈକ୍ଷିକ ଫଳାଫଳ ଓ ସାମଗ୍ରିକ ବିକାଶ କ୍ଷେତ୍ରରେ ଶ୍ରେଷ୍ଠ ବିବେଚିତ ବିଦ୍ୟାଳୟକୁ ବିଧାୟକ ପାଣ୍ଠିରୁ ୧୫ ଲକ୍ଷ ଟଙ୍କାର ବିକାଶ ସହାୟତା ମିଳିବ। ଏହି ଅର୍ଥ ସ୍ମାର୍ଟ କ୍ଲାସରୁମ୍, ଉନ୍ନତ ପାଠାଗାର ଓ କ୍ରୀଡ଼ା ଭିତିଭୂମି ଗଠନରେ ବ୍ୟବହାର କରାଯିବ। ଏହି ପୁରସ୍କାର ପାଇଁ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ତଥ୍ୟ ଆଧାରରେ ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କୁ ବାଛିବେ। ଆଗାମୀ ଦିନରେ ପ୍ରତି ୬ ମାସରେ "ଧାମନଗର ଶିକ୍ଷା ପ୍ରଗତି ରିପୋର୍ଟ' ପ୍ରକାଶ କରାଯାଇ ଶୈକ୍ଷିକ ବାତାବରଣର ସମୀକ୍ଷା କରାଯିବ। ଧାମନଗରବାସୀଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମକୁ ନେଇ ବେଶ୍ ଉତ୍ସାହ ଦେଖାଦେଇଛି।

# ଜରାଜୀର୍ଣ୍ଣ ବୃହତ ଜଳାଶୟ: ୧୦୦ ବର୍ଷର 'ପାରା ଯୋର' ପୁନରୁଦ୍ଧାର କେବେ ?

ବାରିକପୁର, ୨୧।୧୨(ସମିସ): କୃଷିଭିତ୍ତିକ ଭିତ୍ତିଭୂମି ସୃଷ୍ଟି କରିବା କିମ୍ବା ଜରାଜୀର୍ଣ୍ଣ ପ୍ରକଳ୍ପଗୁଡିକୁ ଆଧୁନିକ ଶୈଳୀରେ ନିର୍ମାଣ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସମନ୍ୱିତ କୃଷି ଉନ୍ନୟନ ଯୋଜନାରେ ମଧ୍ୟ ପାଣି ଭଳି ଟଙ୍କା ଖର୍ଚ୍ଚ ହେଉଛି। ଏହାସତ୍ତ୍ୱେ ଏକ୍ଷେତ୍ରରେ ଆଖିଦୃଶିଆ ଉନ୍ନତି ହେଉ ନଥିବା ବିଭିନ୍ନ ସମୟରେ ଅଭିଯୋଗ ମାନ ହୋଇଛି। ବିଶେଷ କରି ପୁରାତନ ପ୍ରକଳ୍ପର ପୁନରୁଦ୍ଧାର ହେଉ ନଥିବା ଯୋଗୁଁ କୃଷି କ୍ଷେତ୍ରରେ ବାସ୍ତବିକ ଉନ୍ନତି ହେଉନାହିଁ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ନିଦ ନ ଭାଙ୍ଗିବା ପରିତାପର ବିଷୟ ପାଲଟିଛି।



ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ ବାଲି ପୋଖରୀ ପଞ୍ଚାୟତ ଅଧୀନରେ ଥିବା ସର୍ବବୃହତ ଜଳାଶୟ "ପାରା ଯୋର'ର ଏଯାଏଁ ପୁନରୁଦ୍ଧାର ହେଉନାହିଁ ଯାହାକୁ ନେଇ ପଞ୍ଚାୟତବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ୧୨ ଏକର ଜମି ପରିମିତ ପ୍ରାୟ ୧୦୦ ବର୍ଷର ଏହି ପୁରାତନ ଜଳାଶୟଟି ମାନ୍ତପୁର ଗାଁଠାରୁ ନାଳ କୂଳ ଗ୍ରାମ ଯାଏଁ ରହିଛି। ଏହାର ପ୍ରସ୍ଥ ୩ଶହ ମିଟର ରହିଥିବା ବେଳେ ଏହା ଚତୁଃପାର୍ଶ୍ୱରେ ବିସ୍ତୀର୍ଣ୍ଣ ଚାଷଜମି ରହିଛି। ପୂର୍ବରୁ ଏହି ଜଳାଶୟ ଦେଇ ବୈତରଣୀ ବନ୍ୟାଜଳ ନିଷ୍କାସନ ହେଉଥିଲା। ଏହାଛଡା ପଞ୍ଚାୟତ ଅଧୀନରେ ରହିଥିବା ଯୋଗୁଁ ଏଥିରେ ମାଛ ଚାଷ ହେଉଥିବା ବେଳେ ଖରାଦିନେ ଚାଷୀମାନେ ଏହାଉପରେ ନିର୍ଭର କରି ଡାଲୁଅ ରବି ଧାନ ସହିତ ପନିପରିବା ଚାଷ କରୁଥିଲେ। ବର୍ଷତମାମ ବିଭିନ୍ନ ଚାଷ କାର୍ଯ୍ୟ ସହିତ ଅନ୍ୟାନ୍ୟ କାମରେ ମଧ୍ୟ ଏହି ବୃହତ ଜଳାଶୟ ଶହଶହ ଲୋକଙ୍କ ସହାୟହେଉଥିଲା। ଦୀର୍ଘ ୨୦/୨୫ ବର୍ଷ ହେବ ଏହାର ନବୀକରଣ କାର୍ଯ୍ୟ ହେଉନାହିଁ। ଫଳରେ ଜଳାଶୟର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏଁ ଏବେ ଦଳ ଓ କଳମ ଲତା ମାଡି ଗଲାଣି। ସାଧାରଣତଃ ଦେଖିବାକୁ ଗଲେ ଏହା ଆଉ ଜଳାଶୟ ଭଳି ଦେଖା ଯାଉନାହିଁ; ବରଂ ଏହା ବର୍ତ୍ତମାନ ଏକ ଗୋଚାରଣ ସ୍ଥାନ ଭଳି ଦେଖାଯାଉଛି। ଏହାର ରକ୍ଷଣାବେକ୍ଷଣ ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ସମେତ ନିର୍ବାଚିତ ପ୍ରତିନିଧିମାନେ ବିଭିନ୍ନ ସମୟରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାସତ୍ତ୍ୱେ ବୃହତ ଜଳାଶୟଟି ଆଜିଯାଏଁ ପୁନରୁଦ୍ଧାର ହୋଇପାରିନାହିଁ। ଯାହାକୁ ନେଇ ଲୋକ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ସେମାନଙ୍କ ମୁହଁରୁ..



ପଞ୍ଚାୟତର ବୃହତ ଜଳାଶୟ ଭାବେ ପରିଗଣିତ ପାରା ଯୋର ଭିତ୍ତିଭୂମି ବିକାଶ ପାଇଁ କେହି ନଜର ଦେଉନାହାନ୍ତି। ପ୍ରଶାସନିକ ସ୍ତରରେ ଉଦାସୀନତା ଯୋଗୁଁ ଏହା ସ୍ଥାନୀୟ ଚାଷୀମାନଙ୍କ ପାଇଁ ଉପଯୋଗୀ ହେଉନାହିଁ। ବହୁବାର ଦାବିସତ୍ତ୍ୱେ ସରକାରୀ ବାବୁମାନେ କେବେ ଏହାର କ୍ଷେତ୍ର ପରିଦର୍ଶନ କରିନାହାନ୍ତି।
**- ଅକ୍ଷୟ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ**



ଏହି ଜଳାଶୟ ଚତୁଃପାର୍ଶ୍ୱରେ ଜନବସତି ଓ ବ୍ୟାପକ ଚାଷଜମି ରହିଛି। ପ୍ରାୟ ୨୦ବର୍ଷରୁ ଅଧିକ ହେବ ଏହା ଜରାଜୀର୍ଣ୍ଣ ପାଲଟିଛି। ଦଳସଫା ସହ ଏହାର ନବୀକରଣ କାର୍ଯ୍ୟ ହେବା ଉଚିତ। ଏହାଦ୍ୱାରା ଶତାଧିକ ଚାଷୀ ଉପକୃତ ହେବେ। **- ହରେକୃଷ୍ଣ ନାୟକ, ସ୍ୱେଚ୍ଛାସେବୀ**



ପାରାଯୋରଟିର ପୁନରୁଦ୍ଧାର ହେଲେ ସ୍ଥାନୀୟ ଲୋକମାନେ ସମନ୍ୱିତ ପ୍ରଣାଳୀରେ କୃଷି କାର୍ଯ୍ୟ କରିପାରନ୍ତେ। ଜଳାଶୟକୁ ଲାଗି ଏକର ଏକର ଚାଷଜମି ରହିଛି। ଆମେ ବାରମ୍ବାର ଦାବି କରିଛୁ। ଏହା ଉପରେ ପ୍ରଶାସନ ଦୃଷ୍ଟି ଦେବା ଉଚିତ।
**- ସୀତାକାନ୍ତ ମିଶ୍ର, ବରିଷ୍ଠ ନାଗରିକ**

● ବାଲି ଟ୍ରକ୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା

# ଟ୍ରେଲର୍-ହାଇୱା ମୁହାଁମୁହିଁ ଧକ୍କା; ଚାଳକ ଗୁରୁତର

ବାସୁଦେବପୁର, ୨୧।୧୨ (ସମିସ): ଜାମୁଝାଡ଼ିରୁ ବାସୁଦେବପୁର ଅଭିମୁଖେ ଆସୁଥିବା ବାଲି ବୋଝେଇ ହାଇୱା ମତାଜୀ ମଠ ଛକରେ ବିପରୀତ ଦିଗରୁ ଆସୁଥିବା ଟ୍ରେଲରକୁ ଧକ୍କା ଦେବାରୁ ଚାଳକ ଗୁରୁତର ଆହତ ହୋଇ ବାସୁଦେବପୁର ଡାକ୍ତରଖାନାରୁ କଟକ ରେଫର ହୋଇଛନ୍ତି। ଚାଳକଙ୍କ ଦ୍ରୁତ ଓ ବେପରୁଆ ଗାଡି ଚାଳନା ଦୁର୍ଘଟଣାର କାରଣ ପାଲଟିଛି। ଦିନକୁ ଦିନ ଧାମରା- ଜାମୁଝାଡି ରାସ୍ତାର ଦୁର୍ଘଟଣାର ମରଣଯନ୍ତା ପାଲଟି ଗଲାଣି। ଡିଭାଇଡର ନଥିବାରୁ ସିଙ୍ଗିଲ୍ ରାସ୍ତାର ଗାଡି ଚଳାଚଳ ବୃଦ୍ଧି ପାଇବା ଯୋଗୁଁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଅର୍ଥ ଲୋଭରେ ଚାଳକ ବିଶ୍ରାମ ନନେଇ ଦିବାରାତ୍ର ଗାଡି ଚାଳନା ଯୋଗୁଁ କ୍ଳାନ୍ତ ଶରୀର ଭାରସାମ୍ୟ ରକ୍ଷା କରିବାରେ ବିଫଳ ହେଉଛି। ଭୋରୁ ସମୟରେ ନିଦ ଲାଗିଯିବାରୁ ଦୁର୍ଘଟଣାର ଶିକାର ହେଉଛି। ଧାମରାରୁ ଲୁହା ସାମଗ୍ରୀ ବୋଝେଇ ଏକ ଟ୍ରଲର ଯାଉଥିବା ବେଳେ ବିପରୀତ ଦିଗ ଜାମୁଝାଡିରୁ ବାସୁଦେବପୁର ଅଭିମୁଖେ ବାଲି ବୋଝେଇ ହାଇୱା ଆସୁଥିଲା। ବାସୁଦେବପୁର ମାତାଜୀ ମଠ ଛକରେ ବାଲି ଟ୍ରକ ସିଧାସଳଖ ହାଇୱାକୁ ଧକ୍କା ଦେଇଥିଲା। ଟ୍ରେଲର ମାଡ ହେବାରୁ ଚାଳକ ଭିତରେ ଫସି ଯାଇଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ଗ୍ୟାସ କଟରରେ କାଟି ବାହାର କରିଥିଲେ। ଚାଳକଙ୍କୁ ବାସୁଦେବପୁର ଡାକ୍ତରଖାନାର ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ଚାଳକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।



# ସହକାରୀ ଆଦର୍ଶ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ଧାମନଗର,୨୧।୧୨(ସମିସ): ଧାମନଗର ଏନଏସି ଜୟନଗର ଅନନ୍ତକେଶରୀ ଉପ୍ରା ବିଦ୍ୟାଳୟର ସହକାରୀ ଶିକ୍ଷକ ସୁରେନ୍ଦ୍ର ମିଶ୍ରଙ୍କ ଅବସରକାଳୀନ ଉପଲକ୍ଷେ ଏକ ଭବ୍ୟ ସମାରୋହ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମନୋଜ ସିଂହଙ୍କ ସଭାପତିତ୍ୱରେ ଶିକ୍ଷକ ମନ୍ମଥ ରାଉତ ଉଦ୍ଦେଶ୍ୟ ଜ୍ଞାପନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଡ଼.ପ୍ରଫୁଲ୍ଲ ସାହୁ, ମୁଖ୍ୟବକ୍ତା ଭାବେ ବିକ୍ରମ କୁମାର ଦାସ, ସମ୍ମାନିତ ଅତିଥି ଭାବେ କୈଳାଶଚନ୍ଦ୍ର ମହାପାତ୍ର, ସରୋଜ ମହାପାତ୍ର, ସମ୍ମାନିତ ବକ୍ତା ଭାବେ ଅଶୋକ ରାଉତ, ଅନ୍ୟତମ ସମ୍ମାନିତ ଅତିଥି ଏବିଇଓ ସତ୍ୟସୁନ୍ଦର ପରିଡା, ଶ୍ରୀଚରଣ ମଲ୍ଲିକ୍, ଶାନ୍ତିଲତା ରାଉତ, ଏବିଇଓ ହେମେନ୍ଦ୍ର ମହାନ୍ତି, ସୁରେନ୍ଦ୍ର ସେଠୀ ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟି, ଗ୍ରାମବାସୀବୃନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ମିଶ୍ରଙ୍କୁ ବିଦ୍ୟାଳୟ ତରଫରୁ ଉତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ବିଭିନ୍ନ ବ୍ଲକର ଶିକ୍ଷକ ନେତା ତାଙ୍କ ନିରାମୟ ଜୀବନ କାମନା କରିଥିଲେ।

# ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ

ଅସୁରାଳି,୨୧।୧୨(ସମିସ): ସ୍ୱର୍ଗତ ରାମଚନ୍ଦ୍ର ଲେଙ୍କା ଟ୍ରଷ୍ଟ ତରଫରୁ ତୁନିଦାସ୍ଥିତ ମା' ସ୍ୱପ୍ନେଶ୍ୱରୀ ସନ୍ତୋଷୀ ମା' ମନ୍ଦିର ପ୍ରାଙ୍ଗଣରେ ଗରିବ ଓ ଅସହାୟ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ସ୍ଥାନୀୟ ସରପଞ୍ଚ ନିରଞ୍ଜନ ମଲ୍ଲିକ, ଟ୍ରଷ୍ଟ ସଭାପତି ମହେଶ୍ୱର ଲେଙ୍କା,



ପୂର୍ବତନ ସମିତିସଭ୍ୟ ନିତ୍ୟାନନ୍ଦ ବେହେରା, ସମାଜସେବୀ କୃଷ୍ଣଚନ୍ଦ୍ର ବେହେରା, ସୁବାସଚନ୍ଦ୍ର ନାୟକ, ପ୍ରଧାନଶିକ୍ଷକ ପ୍ରଦୀପ ଲେଙ୍କା, ବଳରାମ ଜେନା, ନାରାୟଣ ମହାରଣା, ଲୋକନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୩୦ରୁ ଅଧିକ ଅସହାୟ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଟ୍ରଷ୍ଟର ଏହି ସାଧୁଚେଷ୍ଟାକୁ ଆଗାମୀ ଦିନରେ ଆହୁରି ବିସ୍ତାର କରିବାକୁ ଆଶା ବ୍ୟକ୍ତ କରାଯାଇଛି।

# ଜିଲ୍ଲା ବିଜ୍ଞାନ ମେଳାରୁ ଚାନ୍ଦବାଲି ବ୍ଲକ୍‌ର ୩ ପ୍ରକଳ୍ପ ରାଜ୍ୟକୁ ମନୋନୀତ

ଭଦ୍ରକ,୨୧।୧୨(ସମିସ): ଜିଲ୍ଲା ସ୍କୁଲ ପରିସରରେ ୧୯ ଓ ୨୦ ତାରିଖ ୨ ଦିନ ଧରି ଅନୁଷ୍ଠିତ ହୋଇଥିବା ଭଦ୍ରକ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ଚାନ୍ଦବାଲି ବ୍ଲକର ୩ଟି ଶ୍ରେଷ୍ଠ ପ୍ରକଳ୍ପ ରାଜ୍ୟ ସ୍ତରକୁ ମନୋନୀତ ହୋଇଛି। ଧାମରା ନିକଟସ୍ଥ କଇଥଖୋଲା ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠର ଦଶମ ଶ୍ରେଣୀର ଛାତ୍ରୀ ସୁଶ୍ରୀ ଦେବଯାନୀ ମହାପାତ୍ରଙ୍କ ପ୍ରକଳ୍ପ "ପ୍ଲାଷ୍ଟିକର ବିନାଶ - ଭାରତ ହେବ ବିକଶିତ' ୧୯ ତାରିଖ ଅନୁଷ୍ଠିତ ଇକୋ କ୍ଲବ୍ ପ୍ରକଳ୍ପ ପ୍ରଦର୍ଶନୀରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବାବେଳେ ଦ୍ୱିତୀୟ ଦିନ ୨୦ ତାରିଖରେ ଅନୁଷ୍ଠିତ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଘଣ୍ଟେଶ୍ୱର ରାଇପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ ସୋନାଲି ବିଶ୍ୱାଳଙ୍କ ପ୍ରକଳ୍ପ 'ଗୋ ସୁରକ୍ଷା କବଚ' ଓ ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠର ଦଶମ ଶ୍ରେଣୀର ଛାତ୍ରୀ ଶ୍ୱେତାଲିନ୍ ବିଶ୍ୱାଳଙ୍କ ପ୍ରକଳ୍ପ 'ଗ୍ରୀନ୍ ଏନର୍ଜି'




ରାଜ୍ୟ ସ୍ତରକୁ ମନୋନୀତ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି। ଏହି ସଫଳତା ପାଇଁ ବ୍ଲକ ଶିକ୍ଷାଧିକାରୀ ଶୁଭେନ୍ଦୁ ମହାରାଜ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅନିତା ମିଶ୍ର, ତ୍ରିପୁରା ପଲାଇ, ବିଜ୍ଞାନ ସଂଯୋଜକ ଅମୂଲ୍ୟ କୁମାର ରାଉତ, ସମାଜସେବୀ ବଳଭଦ୍ର ଲେଙ୍କା, ତାରାପଦ ମହାନ୍ତି, ବନବିହାରୀ ମାଇତି, ସାହିତ୍ୟିକ ପ୍ରଫୁଲ୍ଲ ଦାସ, ଓକିଲ ସଂଘର ସଭାପତି ଉପେନ୍ଦ୍ର ରାଉଳ ପ୍ରମୁଖ ଚାନ୍ଦବାଲି ବ୍ଲକ ପାଇଁ ଗୌରବ ଆଣିଥିବାରୁ କୁନି ବୈଜ୍ଞାନିକ ମାନଙ୍କ ସହିତ ସେମାନଙ୍କର ଗାଇଡ୍ ଶିକ୍ଷକ ଶ୍ରୀଧର ସ୍ୱାଇଁ ଏବଂ ଅମରେଶ ପଣ୍ଡାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

ସକାଳ THE SAKALA



# ସାଇବର ଠକେଇ ଘଟଣାରେ ୪ ଗିରଫ

ଛତ୍ରପୁର,୨୧ ।୧୨(ସମିସ):

ପଲ୍ଲୀଠୁ ଦିଲ୍ଲୀ ଯାଏ ଚାଲିଥିବା ସାଇବର ଠକେଇର ପର୍ଦ୍ଦାଫାସ କରିଛି ଛତ୍ରପୁର ପୁଲିସ । ରବିବାର ଛତ୍ରପୁର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼େଇ ଏନେଇ ସୂଚନା

## ପଲ୍ଲୀଠୁ ଦିଲ୍ଲୀ ଯାଏ ଲମ୍ବିଥିଲା ଚେର



ଦେଇଛନ୍ତି । ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୨ଟି ବ୍ୟାଙ୍କ୍ ଜମାଖାତା, ୫ଟି ମୋବାଇଲ୍, ଗୋଟିଏ ଏଟିଏମ୍ କାର୍ଡ ଓ ଗୋଟିଏ ଆଧାରକାର୍ଡ ଜବତ କରାଯାଇଛି । ଗିରଫ ୪ ଜଣ ହେଲେ ଛତ୍ରପୁର ଗଣେଶନଗର ପ୍ରଥମ ଲାଇନ୍‌ର କେ.ଅନୀଲ୍ ପାତ୍ର, ନୀଳକଣ୍ଠସାହିର ଗଗନ ଦଳାଇ, ହୁମ୍ମାର ଶଙ୍କର୍ଷଣ ସାହୁ ଏବଂ ରମ୍ଭା ଥାନା କୁଜିଡ଼େପ ଗ୍ରାମର ପବିତ୍ର ପ୍ରଧାନ । ଏହି ଘଟଣାର ମୁଖ୍ୟ ଏଜେଣ୍ଟ ହେଉଛି କୁଜିଡ଼େପ ଗ୍ରାମର ପବିତ୍ର ପ୍ରଧାନ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି ।

ଏସ୍‌ଡିପିଓଙ୍କ ସୂଚନା ଅନୁଯାୟୀ, ପବିତ୍ର ଗତ ଦୁଇ ବର୍ଷ ହେଲା ଫେସ୍‌ବୁକ୍ ସାଙ୍ଗ ଦିଲ୍ଲୀ ଅଞ୍ଚଳର ମୁଖ୍ୟ ମାଷ୍ଟର ମାଇଣ୍ଡ ରଜତ ଶର୍ମାଙ୍କ ସହ ଯୋଗାଯୋଗ କରି ଅନ୍‌ଲାଇନ୍ ମାଧ୍ୟମରେ ସାଇବର ଠକେଇ ଚଳାଇଥିଲେ । ପବିତ୍ର ଛତ୍ରପୁର ଓ ଗଞ୍ଜାମ ଅଞ୍ଚଳର ମଧ୍ୟସ୍ଥିଙ୍କ ମାଧ୍ୟମରେ ପ୍ରାୟ ୭୦ରୁ ୮୦ ଜଣଙ୍କ ବ୍ୟାଙ୍କ୍ ଜମାଖାତା ଖୋଲିଛନ୍ତି । ହିତାଧିକାରୀଙ୍କ ଆଧାରକାର୍ଡ ମାଧ୍ୟମରେ ସିମ୍ ପ୍ରସ୍ତୁତ କରି ବିଭିନ୍ନ ବ୍ୟାଙ୍କ୍ ଗୁଡିକରେ ଜମାଖାତା ଖୋଲିଛନ୍ତି । ଉକ୍ତ ଜମାଖାତା ଗୁଡିକ କୋରିଅର ମାଧ୍ୟମରେ ଦିଲ୍ଲୀର ରଜତ ଶର୍ମାଙ୍କ ନିକଟକୁ ପବିତ୍ର ପଠାଉଥିଲେ । ଗୋଟିଏ ଜମାଖାତା ପିଛା ରଜତ ଶର୍ମା ପବିତ୍ରକୁ ୧୮ ହଜାର ଟଙ୍କା ଦେଉଥିଲେ । ସେଥିରୁ ପବିତ୍ର ୭ ହଜାର ଟଙ୍କା ରଖି ବାକି ୧୧ ହଜାର ଟଙ୍କା ମଧ୍ୟସ୍ଥିଙ୍କୁ ଦେଉଥିଲେ । ମଧ୍ୟସ୍ଥିମାନେ ଆକାଉଣ୍ଟ ହିତାଧିକାରୀ ୩ରୁ ୫ ହଜାର ଟଙ୍କା ଦେଇ ବାକି ଟଙ୍କା ରଖୁଥିଲେ । ଏହାପରେ ଦିଲ୍ଲୀର ରଜତ ଶର୍ମା ଏଠାରୁ ସଂଗ୍ରହ ହୋଇଥିବା ଜମାଖାତା ଗୁଡିକୁ ଅନ୍‌ଲାଇନ୍ ବିଭିନ୍ନ ପ୍ରକାର ଖେଳ ତଥା ଠକେଇରେ ବ୍ୟବହାର କରି ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଥିଲେ । ବହୁଦିନ ଧରି ଏହିପରି ଅନଲାଇନ୍ ସାଇବର ଠକେଇ ଚାଲିଥିବା ବେଳେ ଛତ୍ରପୁର ଅଂଚଳର ଦିଲ୍ଲୀପ କୁମାର ଭୋଲାଟି ଓ କେ.ମଣିକାନ୍ତ ରାଓଙ୍କ ନାମରେ ଦୁଇଟି ଜମାଖାତା ଗଲାମାସ ୨୬ ଓ ୨୭ ତାରିଖରେ ଛତ୍ରପୁରସ୍ଥିତ ବ୍ୟାଙ୍କ୍ ଅଫ୍ ମହାରାଷ୍ଟ୍ରରେ ଖୋଲାଯାଇଥିଲା । ସେ ହୁହେଁ ଚତୁରତାର ସହ ଜମାଖାତା ଖୋଲିଲା ବେଳେ ସେମାନଙ୍କ ଇମେଲ୍ ଠିକଣା ଦେଇଥିଲେ । ଫଳରେ ଅନ୍‌ଲାଇନ୍‌ରେ ଲକ୍ଷ ଲକ୍ଷ ଟଙ୍କାର ଦେଣନେଣ ଇମେଲ୍ ମାଧ୍ୟମରେ ଜାଣିପାରିଥିଲେ । ଏହାଜାଣିବା ପରେ ସେମାନେ ତୁରନ୍ତ ଛତ୍ରପୁର ଥାନା ପୁଲିସକୁ ଜଣାଇଥିଲେ । ପୁଲିସ ଘଟଣାକୁ ଗୁରୁତର ସହ ଗ୍ରହଣ କରି ଖୋଳତାଡ଼ ଆରମ୍ଭ କରିଥିଲା । ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚି ମଲ୍ଲଙ୍କ ପ୍ରାଥମିକ ତଦନ୍ତରୁ ବହୁ ତଥ୍ୟ ପାଇଥିଲେ । ଏହି ବାବଦରେ ମୁଖ୍ୟ ଏଜେଣ୍ଟ ପବିତ୍ର ପ୍ରଧାନ ପ୍ରାୟ ୧୫ ରୁ ୨୦ ଲକ୍ଷ ଟଙ୍କା ରୋଜଗାର କରିଥିବା ବେଳେ ମଧ୍ୟସ୍ଥିମାନେ ମଧ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିଛନ୍ତି । ସମସ୍ତ ଆକାଉଣ୍ଟ ହିତାଧିକାରୀଙ୍କ ତାଲିକା ସଂଗ୍ରହ କରି ଘଟଣାର ସମ୍ପୂର୍ଣ୍ଣ ପର୍ଦ୍ଦାଫାସ୍ କରାଯିବ ବୋଲି ଛତ୍ରପୁର ଏସ୍‌ଡିପିଓ ଶ୍ରୀ ଘଡ଼େଇ କହିଛନ୍ତି । ଅନ୍ୟପକ୍ଷରେ ଏହି ଅନ୍‌ଲାଇନ୍ ସାଇବର ଠକେଇର ମୁଖ୍ୟ ଏଜେଣ୍ଟ କୁହାଯାଉଥିବା ପବିତ୍ର ପ୍ରଧାନ ମଧ ଘଟଣା ସଂପର୍କରେ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି, କିପରି ଜମାଖାତା ଖୋଲିବା ପରେ ଏଠାରୁ ଦିଲ୍ଲୀକୁ ପଠାଉଥିଲେ ଏବଂ ସେହି ଜମାଖାତା, ଏଟିଏମ୍, ନେଇ ଅନ୍‌ଲାଇନ୍ ଜରିଆରେ ବିଭିନ୍ନ ଗେମିଂ ଓ ଠକେଇ କରି ଲକ୍ଷ ଲକ୍ଷ ଟଙ୍କା କାରବାର କରୁଥିଲା । ସାମ୍ବାଦିକ ସମ୍ମିଳନୀରେ ଛତ୍ରପୁର ଥାନା ଅଧିକାରୀ ମଲ୍ଲ ଉପସ୍ଥିତ ଥିଲେ ।

## ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବେଲଗୁଣ୍ଠା,୨୧ ।୧୨(ସମିସ): ବେଲଗୁଣ୍ଠା ବ୍ଲକ ତନରଡ଼ା କ୍ଲଷ୍ଟରରେ ଦୁଇ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ସିଆରସିସି ମନୋଜ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଆରସିସି ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରତିଭା ରଥ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ପ୍ରଶିକ୍ଷକ ନବୀନ କୁମାର ପରମାଣିକ ଯୋଗଦେଇଥିଲେ । ଶିକ୍ଷକ ସନ୍ତୋଷ ପଟ୍ଟନାୟକ ବୈଠକରେ ସଭାପତିତ୍ୱ କରିଥିଲେ । ଜିଟି ହାଇସ୍କୁଲର ଶିକ୍ଷକ ସୁରେଶ ଚନ୍ଦ୍ର ମହାପାତ୍ର, ଷୋଡଙ୍ଗାଇ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ପଣ୍ଡାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ସମ୍ବର୍ଦ୍ଧିତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବିଭିନ୍ନ ଅଭିଜ୍ଞତାକୁ ପ୍ରକାଶ କରିଥିଲେ ।

## ଯୁବ କଣ୍ଠଶିଳ୍ପୀ ଚନ୍ଦନ ଗନ୍ତାୟତ ସମ୍ବର୍ଦ୍ଧିତ

ପାରଳାଖେମୁଣ୍ଡି,୨୧ ।୧୨(ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି କରଣସାହି ସ୍ଥିତ ଲକ୍ଷ୍ମୀନୃସିଂହ କଲ୍ୟାଣ ମଣ୍ଡପରେ ପ୍ରତିଷ୍ଠିତ ନାଟ୍ୟ ସଂଗଠନ କ୍ରିଏଟିଭ ଆର୍ଟସ୍ ଓ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭକ୍ତି ନୈବେଦ୍ୟର ମିଳିତ ଆନୁକୁଲ୍ୟରେ ଏକ



ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ଏଥିରେ ଦକ୍ଷିଣ ଓଡ଼ିଶାର ବିଶିଷ୍ଟ ଯୁବ କଣ୍ଠଶିଳ୍ପୀ ଡା. ଚନ୍ଦନ ଗନ୍ତାୟତ ସଦ୍ୟ ପ୍ରକାଶିତ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଯୁବ ପ୍ରତିଭା ସମ୍ମାନରେ ପୁରସ୍କୃତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସଭାରେ ଅନୁଷ୍ଠାନ ସଭାପତି ନୃସିଂହ ଚରଣ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ରଘୁନାଥ ପାତ୍ର, ଜିଲ୍ଲା ସଂସ୍କୃତି ପରିଷଦ ସଦସ୍ୟ ତଥା ଯୁବ ନାଟ୍ୟ କଳାକାର ଆଦର୍ଶ ଦାସ ଓ ସମ୍ବର୍ଦ୍ଧିତ ପ୍ରତିଭା ଡା. ଗନ୍ତାୟତ ମଞ୍ଚାସୀନ ଥିଲେ । ଗୁରୁ ଶିଷ୍ୟ ପରମ୍ପରାର ଅନନ୍ୟ ଉଦାହରଣ ହେଉଛନ୍ତି ଗୁରୁ ରଘୁନାଥ ପାତ୍ର ଓ ତାଙ୍କ ଶିଷ୍ୟ ଡା.ଗନ୍ତାୟତ ବୋଲି ନିଜର ଅଭିଭାଷଣରେ ବକ୍ତାମାନେ କହିଥିଲେ ।

## ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା



ରମ୍ଭା,୨୧ ।୧୨(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ରଘୁନାଥପୁର ଠାରେ ସ୍ଥାପିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ୧୩ ତମ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଭାରତ ବିଦ୍ୟାପୀଠର ଖେଳ ଶିକ୍ଷକ ତଥା ହାସ୍ୟ ଅଭିନେତା ପ୍ରୀତି ରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ରୂପେ ଯସବନ୍ତ ସ୍ୱାଇଁ ଯୋଗ ଦେଇଥିଲେ । ଏହି ଅବସରରେ ବୀରଭଦ୍ର ହାଇସ୍କୁଲ ହୁମ୍ମା ଖେଳ ଶିକ୍ଷକ ରୋହିତ କୁମାର ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ ହୁମ୍ମା ଖେଳ ଶିକ୍ଷକ ସନ୍ତୋଷ କୁମାର ସାହୁ, ଗାଣ୍ଠୁ ନାହାକ ହାଇସ୍କୁଲ ଝାରେଡିର ଖେଳ ଶିକ୍ଷକ ସଞ୍ଜିବ କୁମାର ନାୟକ ଯୋଗଦେଇଥିଲେ । ବିଦ୍ୟାଳୟର ସଭାପତି ତଥା ରାଜ୍ୟ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଯୋଗଦେଇଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଗୁରୁମା ଅଞ୍ଜନା ମୁଦୁଲି ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ । ସମସ୍ତ ଗୁରୁଜୀ ଗୁରୁମା ସସ୍ମିତା ମହାରଥୀ, ଜ୍ୟୋତିମୟୀ ଦାଶ, ଦୀପା ସାହୁ, ସ୍ୱପ୍ନାରାଣୀ ପାତ୍ର, ପି. ସନ୍ଧ୍ୟା ପ୍ରଧାନ, ମାମାଲି ସାହୁ, ଜାଗୃତି ସାହୁ, ବିଦେଶିନୀ ମାଳି, ପୂଜା ସ୍ୱାଇଁ, ଦୁଃଶାସନ ସାହୁ, ସୁନିତା ସାହୁ, ସୂର୍ଯ୍ୟକାନ୍ତି ନାହାକ, ସ୍ମୃତିରେଖା ବେହେରା, ଦେବାଶିଷ ବେହେରା ସମେତ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍

ଗଞ୍ଜାମ,୨୧ ।୧୨(ସମିସ): ଗଞ୍ଜାମ ସ୍ଥିତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିଅମରେ ରବିବାର ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅଫ୍ ଲାଇନ ଟିମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮୮ ରନ କରିବାକୁ ସମର୍ଥ ହୋଇଥିଲା । ଜବାବରେ ଅନଲାଇନ ଟିମ ମାତ୍ର ୯ ଓଭରରେ ବିଜୟ ପାଇଁ ଆବଶ୍ୟକ ରନ୍ ସଂଗ୍ରହ କରିଥିଲେ । ଫଳରେ ଅନଲାଇନ ଟିମ ବିଜୟୀ ହୋଇଥିଲା । ବିଜୟୀ ଟିମ ଅଧିନାୟକ ପ୍ରୀତମ ମହାରଣା ଏବଂ ରନର୍ସଅପ୍ ଟିମ ଅଧିନାୟକ ରାକେଶ ରଞ୍ଜନ ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।

## ଧାନ ସଂଗ୍ରହ ନିମନ୍ତେ ପ୍ରସ୍ତୁତି ବୈଠକ



କୁକୁଡାଖଣ୍ଡି,୨୦ ।୧୨(ସମିସ): କୁକୁଡାଖଣ୍ଡି ବ୍ଲକ ପଞ୍ଚାୟତ ସମ୍ମିଳନୀ ବୈଠକ ସଭାଗୃହରେ ଧାନ ସଂଗ୍ରହ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଦିଗପହଣ୍ଡି ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଆୟୋଜିତ ବୈଠକରେ ସ୍ଥାନୀୟ ବିସିସି ବ୍ୟାଙ୍କ ସଭାପତି ଶିବରାମ ପାତ୍ର, ତହସିଲଦାର ରାଜ କିଶୋର ପଟ୍ଟନାୟକ, ବିଡିଓ ଡଃ ପଲ୍ଲବୀ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ଏବିଡିଓ ସୁପ୍ରଭା ସାହୁ, ଯୋଗାଣ ନିରୀକ୍ଷକ ସୁଧାକର ମଲିକ, ଦିଗପହଣ୍ଡି ଅବସରପ୍ରାପ୍ତ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅନିଲ କୁମାର ମିଶ୍ର ପ୍ରମୁଖ ମଞ୍ଚାସିନ ଥିଲେ । ଚଳିତ ଖରିଫ ବର୍ଷ ୨୦୨୫-୨୬ ନିମନ୍ତେ ସରକାରଙ୍କ ଦ୍ୱାରା ଗୁଣାତ୍ମକ ମାନ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପୂର୍ବବର୍ଷ ଭଳି କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା ପ୍ରଦାନ, ରାଜ୍ୟ ଯୋଗାଣ ନିଗମ ଦ୍ୱାରା ପରିଚାଳିତ ପ୍ରାଥମିକ କୃଷି ସେବା ସମବାୟ ସମିତି/ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଖୋଲା ଯାଇଥିବା ମଣ୍ଡିରେ ପଞ୍ଜିକୃତ ଚାଷୀମାନେ ସେମାନଙ୍କ ଉତ୍ପାଦିତ ଧାନ ବିକ୍ରୟ ବେଳେ ସଫା, ଶୁଖିଲା ଧାନ ଆଣିବା ଉପରେ ଧାନ ଦେବା ନିମନ୍ତେ ଆଲୋଚନା କରାଯାଇଥିଲା । ଚଳିତବର୍ଷ କୁକୁଡାଖଣ୍ଡି ବ୍ଲକରେ ୭୮୫୬ ଟୋକେନ ଜେନେରେଟ ହୋଇଥିବା ବେଳେ ସମବାୟ ସମ୍ପାଦକ ବୃନ୍ଦ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଧାନ ବିକ୍ରୟ ଉପରେ ଧାନ ରଖିବାକୁ ପରାମର୍ଶ ଦିଆଯାଇଥିଲା । ଆସନ୍ତା ୨୩ରେ ଧାନମଣ୍ଡିର ଉଦଘାଟନ ପାଇଁ ନିଷ୍ପତ୍ତି ନିଆଯାଇଥିବା ବ୍ଲକ ଯୋଗାଣ ନିରୀକ୍ଷକ କହିଥିଲେ । ବ୍ଲକ ଅଧୀନରେ ରହିଥିବା ସମସ୍ତ ସେବା ସମବାୟ ସମିତି ସମ୍ପାଦକ, ମିଲର, ନୋଡାଲ ଅଫିସର ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ ।

## ଜେଜେବାପା ଓ ଜେଜେମା' ସମ୍ମିଳନୀ



ସୋରଡ଼ା,୨୧ ।୧୨(ସମିସ): ସୋରଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜେଜେବାପା ଓ ଜେଜେମା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ମୁଖ୍ୟ ଅତିଥି ଭାବେ ବିଶ୍ୱନାଥ ପଟ୍ଟନାୟକ ଓ ତାଙ୍କ ସହ ଧର୍ମିଣୀ ମଞ୍ଜୁବାଳା ପଟ୍ଟନାୟକ କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ରଥ ଅତିଥି ପରିଚୟ ତଥା ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଅରୁଣ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୫୦ ଜଣ ଛାତ୍ରଛାତ୍ରୀଙ୍କ ଜେଜେବାପା ଓ ଜେଜେ ମା' ମାନେ ଉପସ୍ଥିତ ଥିଲେ । ଅନୁଷ୍ଠାନର ସଭାପତି ରୋହିତ କୁମାର ବିଷୋୟୀ, ଯୁଗ୍ମ ସମ୍ପାଦକ ଗୁରୁପ୍ରସନ୍ନ ପଟ୍ଟନାୟକ ଅନେକ ପରିବାର ସଦସ୍ୟଙ୍କ ସଚେତନ ଧର୍ମୀ କାର୍ଯ୍ୟକ୍ରମ ରହିଥିବା ବେଳେ ଆଜି ଜେଜେମା ଜେଜେବାପା ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରି ପୁରସ୍କାର ପ୍ରଦାନ କରାଯାଇଥିଲା ।

## ସୃଜନ ସାହିତ୍ୟ ସଂସଦର କବିତା ଆସର



ଛତ୍ରପୁର,୨୧ ।୧୨(ସମିସ): ଛତ୍ରପୁର ସୃଜନ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ କବି ଡ଼ଃ.ପ୍ରଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ କାର୍ଯ୍ୟାଳୟ ଠାରେ ୨୦୨୫ ବର୍ଷର ଶେଷ ଆଲୋଚନା ଚକ୍ର ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସଭାପତି ଡ଼ଃ. ପ୍ରଶାନ୍ତ କୁମାର ଶତପଥୀ, ସମ୍ପାଦକ ସୋମନାଥ ସାହୁ, ଶିଶୁକବି ନିରଞ୍ଜନ ତ୍ରିପାଠୀ, ଜି. ପାପା ରାଓ, ବିଜୟ ରାଉଳ, ଯତିରାଜ ନାୟକ ମଞ୍ଚାସିନ ହୋଇଥିଲେ । ସମ୍ପାଦକ ସୋମନାଥ ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମରେ କବି ନିରଞ୍ଜନ ତ୍ରିପାଠୀ, ଶୈଳବାଳା ପାଣିଗ୍ରାହୀ, ଉମାକାନ୍ତ ବେହେରା, ଯତିରାଜ ନାୟକ, ବଳରାମ ପଲେଇ, ଟି. ରାମାନୁଜ ଦାସ, ବିଜୟ ରାଉଳ, ଜି. ପାପା ରାଓ, ଅଶ୍ୱିନୀ ଚୌଧୁରୀ, ଟଙ୍କଧର ଛଟାଇ, ଚିତ୍ତରଞ୍ଜନ ପଣ୍ଡା, ରାମଚନ୍ଦ୍ର ନନ୍ଦ, ନରେନ୍ଦ୍ର ପଣ୍ଡା , ରୀତା ରଥ ଏବଂ ସାହିତ୍ୟ ପ୍ରେମୀ ଯୋଗ ଦେଇ ସ୍ୱରଚିତ କବିତା ପଠନ କରିଥିଲେ । କବି ବିଜୟ ରାଉଳ କାର୍ଯ୍ୟକ୍ରମର ସଂଯୋଜନା ଏବଂ ଶିଶୁକବି ନିରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## କୁର୍ମି କ୍ଷତ୍ରୀୟ ସଂସ୍ଥାର ଛାତ୍ରବୃତ୍ତି ପ୍ରଦାନ



ଜଗନ୍ନାଥପ୍ରସାଦ,୨୧ ।୧୨(ସମିସ): ଜଗନ୍ନାଥପ୍ରସାଦ ବ୍ଲକ ଛାମୁଣ୍ଡା କୁଳଗୃହଠାରେ ନିଖିଳ ଉତ୍କଳ କୁର୍ମି କ୍ଷତ୍ରିୟ ସଂସ୍ଥା, ଛାମୁଣ୍ଡା ଅଞ୍ଚଳ ତରଫରୁ ଛାତ୍ରବୃତ୍ତି ପ୍ରଦାନ ଉତ୍ସବ ଏବଂ ଦ୍ୱାଦଶ ତମ ପ୍ରଦେଶ ମହାସଭା ପ୍ରସ୍ତୁତି ବୈଠକ ଅଞ୍ଚଳ ସଭାପତି ଅକ୍ଷୟ ଦଳବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଦେଶ ସଭ୍ୟ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କୁଳ ସଙ୍ଗୀତ ଗାନ କରିଥିଲେ । କୁଳାଧିକାରି ଅନ୍ତର୍ଯ୍ୟାମୀ ପ୍ରଧାନ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ପ୍ରସାଦ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନୃସିଂହ ଚରଣ ପ୍ରଧାନ ଯୋଗଦେଇ ଛତ୍ରପତି ଶିବାଜୀଙ୍କ କୁଳ ପାଇଁ ଅବଦାନ ଓ ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ନେଇ କୁର୍ମୀ କ୍ଷତ୍ରିୟ ସଂସ୍ଥା କାମ କରୁଥିବାରୁ ସଂସ୍ଥାକୁ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ ସୂର୍ଯ୍ୟନାରାୟଣ ନାୟକ କୁର୍ମି କ୍ଷତ୍ରିୟ ସଂସ୍ଥା ସ୍ୱାସ୍ଥ୍ୟ, ଶିକ୍ଷା, ନାରୀ ଶିକ୍ଷା ଓ କୃଷି ଉନ୍ନତି ଉପରେ କାର୍ଯ୍ୟ କରୁଥିବାରୁ ଅଞ୍ଚଳ ସଦସ୍ୟଙ୍କୁ ପ୍ରଶଂଶା କରିଥିଲେ । ବାର୍ଷିକ ବିବରଣୀ ପଠନ କରିଥିଲେ ଅଞ୍ଚଳ ସମ୍ପାଦକ ବଂଶୀଧର ନାୟକ । କାର୍ଯ୍ୟକ୍ରମରେ କୁଳାଧିକାରି ଅନ୍ତର୍ଯ୍ୟାମୀ ପ୍ରଧାନ, ରାଷ୍ଟ୍ରୀୟ ସଭ୍ୟ ଗଙ୍ଗାଧର ନାୟକ, ପ୍ରଦେଶ ସଭ୍ୟ ବିପ୍ର ଚରଣ ନାୟକ, ବଂଶୀଧର ନାୟକ, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ଓମ୍ ପ୍ରକାଶ ପ୍ରଧାନ, ଯୁବ ସଭାପତି ସରୋଜ କୁମାର ନାୟକ, ଯୁବ ସମ୍ପାଦକ ଦିଲ୍ଲୀପ କୁମାର ପ୍ରଧାନ ଓ ୭୨ ଗ୍ରାମର କୁର୍ମୀ କ୍ଷତ୍ରିୟ ଗ୍ରାମ୍ୟ ସଭାପତି ଓ ସମ୍ପାଦକ ମାନେ ଯୋଗ ଦେଇଥିଲେ । ଛାମୁଣ୍ଡା ଅଞ୍ଚଳର ଦଶମ ବର୍ଗ, +୨ ଓ +୩ କଳା, ବିଜ୍ଞାନ ଓ ବାଣିଜ୍ୟ ବର୍ଗର ୨୯ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର, ଟ୍ରଫି ଓ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା । ଉପସଭାପତି ଉପେନ୍ଦ୍ର ଭଞ୍ଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଛାମୁଣ୍ଡା ଗାଁ ସଭାପତି ଧବଳେଶ୍ୱର ପ୍ରଧାନ ଓ ଉପ ସଭାପତି ସୁଶାନ୍ତ କୁମାର ପ୍ରଧାନ, ସହ ସମ୍ପାଦକ ଆଦିତ୍ୟ ନାୟକ, ଲଡୁ କିଶୋର ପ୍ରଧାନ, ବିଜୟ ପ୍ରଧାନ ଓ ଅଞ୍ଚଳ ପାଇକ ନାରାୟଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## କ୍ଲଷ୍ଟର୍‌ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ମେଳା

ବେଲଗୁଣ୍ଠା,୨୧ ।୧୨(ସମିସ): ବେଲଗୁଣ୍ଠା ବ୍ଲକ୍‌ର ସମସ୍ତ ଏଗାରଟି କ୍ଲଷ୍ଟର୍‌ରେ କ୍ଲଷ୍ଟର୍‌ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାକୁ ଗୋଷ୍ଠୀ ଶିକ୍ଷା ଅଧିକାରି ଲୋପାମୁଦ୍ରା ରଥ ଉଦଘାଟନ କରିଥିଲେ । ତନରଡା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କର୍ମାଶାଳାରେ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ପ୍ରତିଭା ରଥ, ଶିକ୍ଷକ ଡମ୍ବରୁଧର ବେହେରା ପ୍ରଶିକ୍ଷକ ରୂପେ ଯୋଗ ଦେଇଥିଲେ । ଶିକ୍ଷକ ଅମରେନ୍ଦ୍ର ନନ୍ଦ, କ୍ରିଷ୍ଣାମୋହନ ପାତ୍ର, ଶିକ୍ଷୟିତ୍ରୀ ଶୁଭଶ୍ରୀ ପଟ୍ଟନାୟକ, ଶୁଭ୍ରାରାଣୀ ମହାପାତ୍ର, ସୁଚିତ୍ରା ସିପ୍ରା ପାତ୍ର, ସନ୍ତୋଷିନୀ ସେଠି, ରଞ୍ଜିତା ଗନ୍ତାୟତ, ବିଷ୍ଣୁରାଣୀ ଡାକୁଆ, ସବିତା ମଲ୍ଲିକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ ।

## ଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା

କବିସୂର୍ଯ୍ୟଗର,୨୧ ।୧୨(ସମିସ): ସ୍ଥାନୀୟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡା ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବରିଷ୍ଠ ସମାଜସେବୀ ଇ. ମାହେଶ୍ୱରୀ ଦୋରା, ମୁଖ୍ୟବକ୍ତା ଭାବେ କେବିଭିଏମ ପ୍ରାକ୍ତନ କ୍ରୀଡା ଅଧ୍ୟାପକ ପୀତବାସ ବିଶ୍ୱାଳ, ସମ୍ମାନିତ ଅତିଥି ସରଜୁ କୁମାରୀ ମାଝୀ, ସହ ସମ୍ପାଦକ ଇ. ପ୍ରମୋଦ କୁମାର ଅଚାରୀ ଓ ପ୍ରତିଷ୍ଠାତା, ସମ୍ପାଦକ ନିଖିଳ କୁମାର ସାହୁ ମଞ୍ଚାସୀନ ଅତିଥି ଥିଲେ । କୁନି କୁନି ଶିଶୁ ସକଳ ବରଣ୍ୟେ ଅତିଥିଙ୍କୁ ଅଭିବାଦନ ଜଣାଇ ଆକର୍ଷଣୀୟ କ୍ରୀଡା କୌଶଳ ପ୍ରଦର୍ଶନ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ହେଣାବଳିୟାରସିଂ ଧନ୍ୟବାଦ ଜଣାଇଥିଲେ ।

## କ୍ରାନ୍ତି ଯୁବ-ଛାତ୍ର ସଂଗଠନର ପ୍ରତିଷ୍ଠା ଦିବସ




ଛତ୍ରପୁର,୨୧ ।୧୨(ସମିସ): କ୍ରାନ୍ତି ଯୁବ ଛାତ୍ର ସଂଗଠନ ପକ୍ଷରୁ ୧୪ ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି । ଏହି ସଂଗଠନ ଦୀର୍ଘ ଦିନ ଧରି ଛତ୍ରପୁର ସହରରେ ଛାତ୍ର ଯୁବକ ମାନଙ୍କ ବିଭିନ୍ନ ସମସ୍ୟା ନେଇ ଲଢେଇ କରିବା ସହ ବିଭିନ୍ନ ପ୍ରକାର ସାମାଜିକ କାମ ସହ ଜଡିତ ରହିଥିବା ବେଳେ ଶନିବାର ଦିନ ଛତ୍ରପୁର ଷ୍ଟେସନରୋଡ ନିକଟସ୍ଥ କାର୍ଯ୍ୟାଳୟରେ ସଂଘର ସଦସ୍ୟମାନେ ପ୍ରତିଷ୍ଠା ଦିବସ ପାଳନ କରିଛନ୍ତି । ଏହି ଅବସରରେ ସଂଘର ସଭାପତି ଇଜୁ ଅମିନ ଖାନ କ୍ରାନ୍ତି ପତକା ଉତ୍ତୋଳନ କରିବା ସହ ଆଗାମୀ ଦିନରେ ସଂଗଠନର ଛାତ୍ର ଓ ଯୁବକ ମାନେ ଚାଷୀ ଓ ଶ୍ରମିକ ମାନଙ୍କ ନେତୃତ୍ୱ ନେବା ସହ ସେମାନଙ୍କ ପାଇଁ କିଭଳି ସଂଘର୍ଷ କରିବେ ଏହାକୁ ନେଇ ବକ୍ତବ୍ୟ ରଖିଥିଲେ । ଏହା ପରେ ସଂଗଠନର ପ୍ରତୀକ କ୍ରାନ୍ତି ମସଲାରେ ସଂପାଦକ ଜଲାଲ ଖାନ ଅଗ୍ନି ସଂଯୋଗ କରିବା ସହ ସ୍ୱାଧୀନତା ସଂଗ୍ରାମୀ ଶହୀଦ-ଏ-ଆଜମ୍ ଭଗତ ସିଂ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ମୁଖ୍ୟ ଅତିଥି ରୁପେ ବିଶିଷ୍ଟ ଚାଷୀନେତା ସୀମାଞ୍ଚଳ ନାହାକ ଯୋଗଦେଇ ଚାଷୀ, ଶ୍ରମିକ ଓ ନିଷ୍ପେସିତ ଦଳିତ ଜନସାଧାରଣଙ୍କ କିଭଳି ଯୁବକ ଛାତ୍ର ମାନେ ଲଢେଇ କରି ସେମାନଙ୍କ ସ୍ୱର ଉତ୍ତୋଳନ କରିବେ ତାହା ଆଲୋଚନା କରିଥିଲେ କାର୍ଯ୍ୟକ୍ରମରେ ସଂଘର ସଭାପତି ଇଜୁ ଆମିନ ଖାନ, ଜଲାଲ ଖାନ, ନିଶାନ୍ତ ନାହାକ, ସୁବୋଧ ସୁମନ ସ୍ୱାଇଁ, କୃଷ୍ଣ ନାହାକ, ରଶ୍ମିରଞ୍ଜନ ମହାପାତ୍ର, ଟି ସୁନିଲ କୁମାର ରାଓ, ଆଶିଷ ଦାସ, ରାହୁଲ ପାତ୍ର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ରନେତା ସୋମନାଥ ବେହେରା, ସନ୍ତୋଷ କୁମାର ବେହେରା ଓ ବିକ୍ରମ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ମଧ୍ୟାହ୍ନଭୋଜନ ଚାଉଳ ହେରଫେର; ବିବାଦରେ ପୂର୍ବତନ ପ୍ରଧାନ ଶିକ୍ଷକ

କୋଦଳା,୨୧ ।୧୨(ସମିସ):

କୋଦଳା ନୋଡାଲ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନାଙ୍କ ବିରୋଧ ମଧ୍ୟାହ୍ନ ଭୋଜନ ଚାଉଳ ହେରଫେର ଅଭିଯୋଗ ହୋଇଛି । ଦୀର୍ଘବର୍ଷ ଧରି ଏଠାରେ ସେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିଲେ । ତାଙ୍କ ବଦଳି ପରେ ସେ ଯେତେବେଳେ ଆଉ ଜଣେ ଶିକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର କଲେ ସେତେବେଳେ ଏଭଳି ହେରଫେର ଘଟଣା ସାମ୍ନାକୁ ଆସିଛି । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପତ୍ର ସଂଖ୍ୟା ନଂ.୧୯୭୧୦ ଅକ୍ଟୋବର ୬ରେ ପ୍ରଧାନ ଶିକ୍ଷକ ଶ୍ରୀ ଜେନାଙ୍କୁ କାଳିମେଘି ଜାଗିଲିପଦର ନୋଡାଲ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଥିଲା । କିନ୍ତୁ ସେ ବିଭିନ୍ନ ରାଜନୈତିକ ଚାପ ଥିବା କହି ସେଠାରୁ ରିଲିଭ ହେଉ ନଥିଲେ । ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଦୁଇଦିନ ଅଣ୍ଡା ପିଲାଙ୍କୁ ନ ଦେବାରୁ ଅଭିଭାବକ ଓ ପରିଚାଳନା କମିଟି ଖୋଳତାଡ଼ କରିଥିଲେ । ଏହାକୁ ନେଇ 'ସକାଳ'ରେ ଖବର ପ୍ରକାଶ ପରେ ଗତ ଡିସେମ୍ବର ୨ରେ ପୁଣି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପତ୍ରସଂଖ୍ୟା-୨୪୬୯୩ ଚିଠିରେ କାହିଁକି ରିଲିଭ ହୋଇନାହାନ୍ତି ତାର କାରଣ ଦର୍ଶାଇବା ସହ ଶୀଘ୍ର ରିଲିଭ ପାଇଁ ନିର୍ଦ୍ଦେଶ ହୋଇଥିଲା । ଏବେ କୋଦଳା ହାଇସ୍କୁଲରେ ନୂତନ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ନେଇଛନ୍ତି ସରୋଜ ମାଝୀ । ପୂର୍ବତନ ପ୍ରଧାନ ଶିକ୍ଷକ ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର ବେଳେ ଗୋଦାମ ଘରେ ଚାଉଳ କମ୍ ଥିବା ଜଣାପଡ଼ିଥିଲା । ଯାହାକୁ ନେଇ ଚାଉଳ ହଡପ୍ ଘଟଣାର ଗୁମର ପଦାକୁ ଆସିଥିଲା । ୨୧୭ ବସ୍ତା ଚାଉଳ ବଦଳରେ ମାତ୍ର ୭୫ ବସ୍ତା ଷ୍ଟକ ରହିଥିଲା । ଖବର ପାଇ ପରିଚାଳନା କମିଟି ସମେତ ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନାଙ୍କୁ ପଚାରିଥିଲେ । ତେବେ କେତେବେଳେ ଉଈ ଖାଇଯାଇଛି ତ କେତେବେଳେ ରି-ସାଇକେଲିଂ ପାଇଁ ପଠାଯାଇଛି ବୋଲି କହିଥିଲେ ।

ଏନେଇ ବେଗୁନିଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ର ମାଧବ ସାହୁଙ୍କ ଦୃଷ୍ଟି ଆକର୍ଷଣ ପରେ ସେ କହିଥିଲେ, ୧୯ ଡିସେମ୍ବର ୨୦୨୫ରେ ସମ୍ପୃକ୍ତ ଶିକ୍ଷକ ଉକ୍ତ ଚାଉଳକୁ ବିଦ୍ୟାଳୟରେ ପହଞ୍ଚାଇ ଦେଇଛନ୍ତି । କିନ୍ତୁ ବିଦ୍ୟାଳୟର ଚାଉଳ କେଉଁଆଡେ ଗଲା ତାହା ପଚାରିବାରୁ ସ୍ପଷ୍ଟ ଉତ୍ତର ଦେଇପାରି ନଥିଲେ । ବର୍ତ୍ତମାନ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ସରୋଜ ମାଝୀଙ୍କୁ ପଚାରିବାରୁ ୮ ଡିସେମ୍ବର ସୁଦ୍ଧା ହିସାବ ଅନୁଯାଇ ୨୧୭ ବସ୍ତା ଚାଉଳ ରହିବା କଥା । କିନ୍ତୁ ମୋତେ ବିଦ୍ୟାଳୟରେ ଷ୍ଟକ ଥିବା ୭୫ ବସ୍ତା ଚାଉଳ ଶିକ୍ଷକ ସୂର୍ଯ୍ୟ ନାରାୟଣ ଯେନା ପ୍ରଦାନ କରିଥିଲେ ଏବଂ ୧୯ ଡିସେମ୍ବର ଅପରାହ୍ନରେ ୧୪୪ ବସ୍ତା ଚାଉଳ ବାହାରୁ ଆଣି ଦେଇଛନ୍ତି । ଏହା ମୁଁ ବିଇଓଙ୍କ ନିର୍ଦ୍ଦେଶ ଅନୁଯାୟୀ ରିସିଭ କରି ଅନ୍ୟ ଏକ ଘରେ ରଖିଛି । ସେପଟେ ଏହି କେଳେଙ୍କାରୀର ଖୁଲାସା ପାଇଁ ଆର୍‌ଟିଆଇରେ ତଥ୍ୟ ମଗାଯାଇଛି । ସେପଟେ ଘଟଣାକୁ ନେଇ ବେଗୁନିଆପଡ଼ା ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାହୁ ତଦନ୍ତ କରାଯିବ ବୋଲି କହିଛନ୍ତି । ଏଥିରେ ବିଇଓଙ୍କ ଭୂମିକା ସନ୍ଦେହ ଘେରରେ ଥିବାବେଳେ ଜିଲ୍ଲା ଶିକ୍ଷାଧିକାରୀ ହସ୍ତକ୍ଷେପ ସହିତ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ଅଭିଭାବକ ଓ ପରିଚାଳନା କମିଟି ।

## ହୁତୁହୁତୁ ହୋଇ ଜଳିଗଲା କୋଇଲା ଗାଡ଼ି





ଇବଥର୍ମାଲ,୨୧।୧୨(ସମିସ): ବନହରପାଲି ଥାନା କୁମ୍ଭାର ବନ୍ଧ ଫାଣ୍ଡି ରମ୍ପେଲା ସେତୁ ଉପରେ ଏକ କୋଇଲା ବୋଝେଇ ଟ୍ରଲର ହୁତୁହୁତୁ ହୋଇ ଜଳି ଯାଇଛି। ଟ୍ରଲରଟି ସମ୍ବଲପୁର ରେଙ୍ଗାଲି ପଟୁ ଝାରସୁଗୁଡ଼ା ଜିଲ୍ଲା ସାହାଜବାହାଲ ସ୍ଥିତ ଜେଏସ୍‌ଡବ୍ଲ୍ୟୁ ଉକ୍ରଳ ଏନର୍ଜି ଲିମିଟେଡକୁ କୋଇଲା ନେଇ ଆସୁଥିଲା। ମାତ୍ର ରମ୍ପେଲା ସେତୁ ଉପରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଟ୍ରଲରର ଆଗ ଭାଗ ମୋଡି ହୋଇ ସେତୁ ବାଡ ଭାଙ୍ଗି ବନ୍ଧରୁ ଝୁଲି ପଡ଼ିଥିଲା। ଏପରି ଅବସ୍ଥାରେ ପଛଭାଗରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳି ଉଠିଥିଲା। ପରେ ଆଗ ପଟକୁ ମଧ୍ୟ ନିଆଁ ମାଡ଼ି ଯାଇଥିଲା। ଖବର ପାଇ କୁମ୍ଭାରବନ୍ଧ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଆସି ନିଆଁ ଲିଭାଇଥିଲେ। ତେବେ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ଥିବା ଜଣାପଡ଼ିଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବା ବେଳେ ତଦନ୍ତ ଚାଲିଥିବା କୁମ୍ଭାରବନ୍ଧ ଫାଣ୍ଡି ଅଧିକାରୀ ପ୍ରକାଶ ଦଳେଇ ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ଓ ବିଜ୍ଞାନ ମେଳା

ଝାରସୁଗୁଡ଼ା,୨୧।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଓପିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ତଥା ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ଓଡ଼ିଶା ସରକାରଙ୍କ ଖଣି ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ୍ ସ୍ତରରୁ ଚୟନ ହୋଇଥିବା ପ୍ରକଳ୍ପ ଗୁଡିକୁ ଜିଲ୍ଲା ସ୍ତରୀୟ ପ୍ରଦର୍ଶନୀରେ ପ୍ରଦର୍ଶିତ କରାଯାଇଛି। ଏହି ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରୁ ଉତ୍ତୀର୍ଣ୍ଣ ହୋଇଥିବା ପ୍ରକଳ୍ପ ଗୁଡିକୁ ନେଇ ଛାତ୍ରଛାତ୍ରୀ ରାଜ୍ୟ ସ୍ତରୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବେ। ଏହି ଅବସରରେ ଆୟୋଜିତ ସଭାର ପ୍ରଥମ ଅଧିବେଶନକୁ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରିୟା ପଣ୍ଡା ପରିଚାଳନା କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗର୍ତିଆ ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତା ଭାବେ ଡ.ସୂର୍ଯ୍ୟନାରାୟଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ ଓ ବ୍ଲକ୍ ଶିକ୍ଷା ଅଧିକାରୀ ଅନିଲ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ସଭାର ଦ୍ୱିତୀୟ ଅଧିବେଶନରେ ଝାରସୁଗୁଡ଼ା ଜିଲ୍ଲାର ୫ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଝାରସୁଗୁଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ ଅନିଲ ପଟେଲ, କିର୍ମିରା ବ୍ଲକ୍‌ର ଶିକ୍ଷା ଅଧିକାରୀ ଜୟ ନାରାୟଣ ପଣ୍ଡା, ଲଇକେରା ବ୍ଲକ୍ ଶିକ୍ଷା ଅଧିକାରୀ ହିମାଂଶୁ ବାଗ, ଲଖନପୁର ବ୍ଲକ୍ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ସାହୁ, କୋଲାବିରା ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ ଏବଂ ଏଡିଇଓ ରବୀନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାନ ମେଳାରେ ୩୫ଟି ପ୍ରକଳ୍ପ ସହିତ ଏନର୍ଜୀ କ୍ଲବ୍‌ର ୪୦ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ସେଥିମଧ୍ୟରୁ ୭ ଥିମରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ପାଇ ୨୧ ଜଣ ଶିଶୁ ବୈଜ୍ଞାନିକ ପୁରସ୍କୃତ ହୋଇଥିଲେ। ଏହା ସହିତ ୩ ଜଣଙ୍କୁ ଏନର୍ଜୀ କ୍ଲବ୍‌ରୁ ପୁରସ୍କୃତ କରାଯାଇଥିଲା। ଏଥିରେ ଏୟାର ଏନସିସି ଅଫିସର୍ ଜିତେନ୍ଦ୍ର ମଗର ଓ ତାଙ୍କ ଏନସିସି କ୍ୟାଡେଟ ସହ ସ୍କାଉଟ ଅଫିସର୍ ପ୍ରତିଭା ମହାପାତ୍ର ଏବଂ ତାଙ୍କ ସ୍କାଉଟ ଛାତ୍ରଛାତ୍ରୀ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ରବି ଯାଦବ ଜେସିଆଇ ଝାରସୁଗୁଡ଼ା ସିଟିର ନୂତନ ସଭାପତି ମନୋନୀତ




ଝାରସୁଗୁଡ଼ା,୨୧।୧୨(ସମିସ): ଝାରସୁଗୁଡ଼ା ସହର ସ୍ଥିତ ଘରୋଇ ହୋଟେଲ ଠାରେ ଜେସିଆଇ ଝାରସୁଗୁଡ଼ା ସିଟିର ତୃତୀୟ ପ୍ରତିଷ୍ଠା ଦିବସ ଏବଂ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜେସିଆଇ ଝାରସୁଗୁଡ଼ା ସିଟି ସହରରେ ବର୍ଷ ବର୍ଷ ଧରି ବିଭିନ୍ନ ସାମାଜିକ କାର୍ଯ୍ୟ କରିଆସୁଛି। ଶନିବାର ଜେସିଆଇର ପ୍ରତିଷ୍ଠା ଦିବସ ଧୁମଧାମରେ ପାଳିତ ହୋଇଥିଲା। ଏହି ଅବସରରେ ବିକାଶ ଗ୍ରୁପ ଅଧ୍ୟକ୍ଷ ଡି ମୁରଲୀ କ୍ରିଷ୍ଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜେସିଆଇ ଜୋନ ଅଧ୍ୟକ୍ଷ ପ୍ରଣବ ଲାଠଙ୍କ ସମେତ ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନୂତନ କାର୍ଯ୍ୟକାରିଣୀ କମିଟିର ନୂତନ ପଦାଧିକାରୀ ମାନେ ଶପଥ ପାଠ କରିଥିଲେ। ପ୍ରତିବର୍ଷ ଜେସିଆଇ ଝାରସୁଗୁଡ଼ା ସିଟିର କାର୍ଯ୍ୟକାରିଣୀ କମିଟିର ସଦସ୍ୟଙ୍କ ପଦ ପଦବୀ ପରିବର୍ତ୍ତନ ହୋଇଥାଏ। ୨୦୨୬ ବର୍ଷ ପାଇଁ ଭାଇରାଲ୍ ଝାରସୁଗୁଡ଼ାର ନିର୍ଦ୍ଦେଶକ ରବି ଯାଦବଙ୍କୁ ଜେସିଆଇ ଝାରସୁଗୁଡ଼ା ସିଟିର ସଭାପତି ଭାବେ କାର୍ଯ୍ୟଭାର ପ୍ରଦାନ କରାଯାଇଛି। ପ୍ରତିଷ୍ଠା ଦିବସ ସମାରୋହରେ ରବି ଯାଦବ ସଭାପତି ପଦ ଏବଂ ମନିଷ ଜେନ ସେକ୍ରେଟାରୀ ପଦ ପାଇଁ ଶପଥ ପାଠ କରିଥିଲେ।

# ଟିପିଡବ୍ଲ୍ୟୁଓଡିଏଲ୍‌ର ନୂତନ ଏଆଇଏସ୍ ପାୱାର ସବଷ୍ଟେସନ୍ ଉଦ୍‌ଘାଟିତ

ଝାରସୁଗୁଡ଼ା,୨୧।୧୨(ସମିସ):




ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ) ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାର ପୋଖରାସାଲେଠାରେ ଏକ ନୂତନ ଏବଂ ଉତ୍ସର୍ଗୀକୃତ ୩୩/୧୧ କେଭି ଏଆଇଏସ୍ ପାୱାର ସବଷ୍ଟେସନ୍ (ପିଏସ୍‌ଏସ୍) ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ, କୃଷକ ସଶକ୍ତିକରଣ ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ନୂତନ ଏବଂ ଉତ୍ସର୍ଗୀକୃତ ୩୩/୧୧ କେଭି ଏଆଇଏସ୍ ପାୱାର ସବଷ୍ଟେସନ୍ (ପିଏସ୍‌ଏସ୍)ର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣ, ଜିଲ୍ଲା ପରିଷଦ ବିଶ୍ୱରଞ୍ଜନ ନାୟକ ଏବଂ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାୟ ୧୧ କୋଟି ଟଙ୍କା ବିନିଯୋଗରେ କାର୍ଯ୍ୟକ୍ଷମ ହୋଇଥିବା ନୂତନ ସବ୍‌ଷ୍ଟେସନ ଦ୍ୱାରା ମାଲିଡିହି, ଲାରିଆପାଲି, ବୈରାଗିଡିହି, ମୁଆପଡା, ରସଡଗା, ପୋଖରାସାଲେ, ଫରଦାପଡା, ଜାଗିଡିହି, ଜେନାପଡା, ଲୁରଡୁଙ୍ଗା, ଅମାଟି, ବୋଲଣା, ଗାଦଲପଡା, ଜୁଗିଆଡିହି ଏବଂ ଜେନାପଡା ଆଦି ଅଞ୍ଚଳର ପ୍ରାୟ ୫ ହଜାରରୁ ଅଧିକ ଘରୋଇ ଏବଂ ବାଣିଜ୍ୟିକ ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହୋଇପାରିବେ। ପୂର୍ବରୁ, ଏହି ଅଞ୍ଚଳଗୁଡିକୁ କୋଲାବିରା ପାୱାର ସବଷ୍ଟେସନରୁ ବିଦ୍ୟୁତ୍ ଯୋଗାଣ କରାଯାଉଥିଲା। ନୂତନ ଭାବେ କାର୍ଯ୍ୟକ୍ଷମ ହୋଇଥିବା ପିଏସ୍‌ଏସଟି ଉପରୋକ୍ତ ଅଞ୍ଚଳମାନଙ୍କରେ ଭୋଲଟେଜ୍ ସମସ୍ୟାରେ ସୁଧାର ଆଣିବ, ବିଦ୍ୟୁତ୍ ଯୋଗାଣର ନିର୍ଭରଯୋଗ୍ୟତା ବୃଦ୍ଧି କରିବ ଏବଂ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟର ସମୟକୁ ହ୍ରାସ କରିବ। ଏହି ପାୱାର ସବ୍‌ଷ୍ଟେସନକୁ ଭବିଷ୍ୟତର ଶକ୍ତି ଆବଶ୍ୟକତା ପୂରଣ ପାଇଁ ଉନ୍ନତ ଭାବେ ଡିଜାଇନ୍ କରାଯାଇଥିବା ଟାଟା ପାୱାର ପକ୍ଷରୁ ସୂଚନା ଦିଆଯାଇଛି। ସମାବେଶକୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ ଏହି ନୂତନ ବିଦ୍ୟୁତ୍ ସବଷ୍ଟେସନଟି ରାଜ୍ୟର ବିଦ୍ୟୁତ୍ ଗ୍ରୀଡ୍‌ର ଡିଜିଟାଲାଇଜେସନ୍ ଦିଗରେ ଏକ ଅନନ୍ୟ ପଦକ୍ଷେପ। ସେ କହିଥିଲେ ଯେ, ଏହି ପାୱାର ସବଷ୍ଟେସନର ଉଦ୍‌ଘାଟନ ସହିତ ନିକଟବର୍ତ୍ତୀ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣରେ ସ୍ଥିରତା ଓ ନିର୍ଭରଯୋଗ୍ୟତା ଆହୁରି ବୃଦ୍ଧି ଘଟିବ। ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଆଗାମୀ ଦିନରେ ଏପରି ଆଧୁନିକ ଓ ଡିଜିଟାଲ ପାୱାର ଗ୍ରୀଡ୍ ସ୍ଥାପନର ଲକ୍ଷ୍ୟ ରହିଛି ବୋଲି ମଧ୍ୟ ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଦେଇଥିବା ବେଳେ ସମ୍ବଲପୁର ବିଦ୍ୟୁତ୍ ମଣ୍ଡଳର ନିର୍ବାହୀଯନ୍ତ୍ରୀ ସୁଶାନ୍ତ ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ।

## ବିପିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ



ଝାରସୁଗୁଡ଼ା,୨୧।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଭଅଁରଖୋଲ ସ୍ଥିତ ଭଗବାନ ପ୍ରଧାନ ମେମୋରିଏଲ (ବିପିଏମ) ସରକାରୀ ଉଚ୍ଚ ବିଦ୍ୟାଳୟ ଭଅଁରଖୋଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆଜି ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖଣି ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବିଶିଷ୍ଟ ଅତିଥି ଭାବେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରଫେସର ବିଶ୍ୱଜିତ ଖମାରୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ଲଖନପୁର ପଞ୍ଚାୟତ ସମିତି ଅଧକ୍ଷା ହୂତେଶ୍ୱରୀ ତିହିରିଆ ପ୍ରମୁଖ ଉପସ୍ଥିତ ଥିଲେ। ଭଅଁରଖୋଲ ସରପଞ୍ଚ ମୀନା ସାହୁ, ଲଖନପୁର ଖଣିକ୍ଷେତ୍ରରେ ମହାପ୍ରବନ୍ଧକ ଏକେ ପାଣ୍ଡେ, ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଭାବଗ୍ରାହୀ ସାହୁ, ସ୍ୱର୍ଗତ ଭଗବାନଙ୍କ ବଂଶଜ ଆନନ୍ଦ ପ୍ରଧାନ, ବିପିଏମ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଆରତୀ ଡିଗି ମଞ୍ଚାସୀନ ଥିଲେ। ଅତିଥି ମାନେ ସ୍ୱର୍ଗତ ଭଗବାନ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଏବଂ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ପ୍ରକାଶ ପାଇଥିବା ସ୍ମରଣିକା ଉନ୍ମୋଚନ କରିଥିଲେ। ସୁସମାଜ ଗଠନ

**ଯୋଗ ଦେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା**

ପାଇଁ ଶିକ୍ଷା ହିଁ ଏକ ମାତ୍ର ବିକଳ୍ପ ଏବଂ ଏହାର ମୂଳଦୁଆ ବିଦ୍ୟାଳୟ ସମୟରୁ ପଡିଥାଏ ବୋଲି ପରିବହନ ମନ୍ତ୍ରୀ ଶ୍ରୀ ଜେନା ପ୍ରକାଶ କରିଥିଲେ। ସେହିପରି ବିଦ୍ୟାଳୟର ସମସ୍ତ ଆବଶ୍ୟକତା ପୂରଣ କରିବାର ମୋର ଦାୟିତ୍ୱ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟ ବକ୍ତା ବିଶ୍ୱଜିତ ଖମରୀ ଶିକ୍ଷା, ଶିକ୍ଷକ ଏବଂ ଅଭିଭାବକ ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠା ସମୟରେ ଶିକ୍ଷାଦାନ କରିଥିବା ଗୁରୁ ଭାବଗ୍ରାହୀ ସାହୁ ଭଗବାନ ପ୍ରଧାନ ମେମୋରିଆଲ ସରକାରୀ ଉଚ୍ଚ ବିଦ୍ୟାଳୟର ଇତିହାସ ଓ ବର୍ତ୍ତମାନ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଆରତି ଡିଗି ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ଶେଷରେ ବଉଦର ବାଉଁଶୁଣି ସାଂସ୍କୃତିକ ପରିଷଦ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ହାତୀ ଆକ୍ରମଣରେ ଜଣେ ମୃତ

ଝାରସୁଗୁଡ଼ା,୨୧।୧୨(ସମିସ): ରେଙ୍ଗାଲି ଥାନା ପଞ୍ଚଗାଁ ଅଞ୍ଚଳରେ ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ରେଙ୍ଗାଲି ଥାନା ଜାମଗାଁ ଗାଁର ୩୦ ବର୍ଷୀୟ ବଳରାମ ଡନସନା ବୋଲି ଜଣାପଡିଛି। ଶନିବାର ଏକ ଫଟୋ ବିଭିନ୍ନ ସୋସିଆଲ ମିଡିଆରେ ଘୁରିବୁଲୁଥିଲା। ପରେ ଫଟୋଟି ରେଙ୍ଗାଲି ଥାନା ଅଞ୍ଚଳର ହାତୀ ଆକ୍ରମଣରେ ମୃତ ବ୍ୟକ୍ତିଙ୍କ ହୋଇଥିବା ବେଶ୍ ଚର୍ଚ୍ଚା ହୋଇଥିଲା। ଘଟଣାକୁ ନେଇ ବନବିଭାଗ ଏବଂ ପୁଲିସ ପକ୍ଷରୁ ମିଳିତ ଭାବେ ଯାଞ୍ଚ ହୋଇଥିଲା। ଡ୍ରୋନ କ୍ୟାମେରା ସାହାଯ୍ୟରେ ହାତୀର ଗତିବିଧି ଉପରେ ନଜର ରଖାଯାଇଥିଲା। ଅଞ୍ଚଳରେ ହାତୀ ରହିଥିବାରୁ ପୁଲିସ ଓ ବନ ବିଭାଗ ମିଳିତ ଭାବେ ମୃତଦେହ ଉଦ୍ଧାର ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ପୁଲିସ ଓ ବନ ବିଭାଗର ମିଳିତ ପ୍ରୟାସ ଫଳରେ ବିଳମ୍ବିତ ରାତି ୩ଟାରେ ମୃତଦେହ ଉଦ୍ଧାର କରାଯାଇଥିଲା। ଏହାପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏହା ସହିତ ବିଭିନ୍ନ ସୋସିଆଲ ମିଡିଆରେ ଘୁରିବୁଲୁଥିବା ଫଟୋଟି ସତ୍ୟ ହୋଇଥିବା ନେଇ ପୁଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅଞ୍ଚଳରେ ହାତୀ ବୁଲୁଥିବା ଏବଂ ହାତୀ ଜଣଙ୍କୁ ମାରିଥିବା ଘଟଣା ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏନେଇ ସ୍ଥାନୀୟ ଜନସାଧାରଣଙ୍କୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ବନ ବିଭାଗ ପକ୍ଷରୁ ସଚେତନ ରହିବା ପାଇଁ ସତର୍କ କରାଯାଉଛି।

## ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଗବେଷଣା କର୍ମଶାଳା

ଦେବଗଡ଼,୨୧।୧୨(ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଗବେଷଣା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ ଗୌଡ ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ଜିଲ୍ଲା ଗବେଷଣା ଓ ଅଭିନବ କମିଟିର ସଦସ୍ୟ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତି ବିହାର ବୁର୍ଲା ସହକାରୀ ପ୍ରଫେସର ଶ୍ରବଣ ବାଗ, ମଡେଲ ଡିଗ୍ରୀ କଲେଜ ଶିକ୍ଷା ବିଭାଗର ସହକାରୀ ପ୍ରଫେସର ମାନସ ବେକ, ଦେବଗଡ଼ ଡିଗ୍ରୀ ମହାବିଦ୍ୟାଳୟ ଶିକ୍ଷା ବିଭାଗ ଅଧ୍ୟାପିକା ସୋନାଲି ସୁପ୍ରଭା ସାହୁ, ରିଆମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ କାଲୋ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାରେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ଗୁରୁଚରଣ ବୋଦ୍ରା, ବରିଷ୍ଠ ପ୍ରଶିକ୍ଷିକା ଅନିମା ତିର୍କୀ, ନିବେଦିତା ବେହେରା, ମନ୍ଦାକିନୀ ଟୁଡୁ, ପ୍ରଶିକ୍ଷିକା ସୁରମା ମିର୍ଦ୍ଧା, ପାର୍ଥିବୀ ପ୍ରିୟଦର୍ଶିନୀ ପ୍ରମୁଖ ଜିଲ୍ଲାର ସମସ୍ତ ଶିକ୍ଷା ସମ୍ବନ୍ଧୀୟ ସମସ୍ୟାକୁ ଚିହ୍ନଟ କରି ଗବେଷଣା ସମ୍ବନ୍ଧୀୟ ଗବେଷଣା ପତ୍ର ଉପସ୍ଥାପନ କରିଥିଲେ। କର୍ମଶାଳାର ସଫଳ କ୍ରିୟାନ୍ୱୟନ ନିମନ୍ତେ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ

ଇବଥର୍ମାଲ,୨୧।୧୨(ସମିସ): ଲଖନପୁର ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ନୂତନ କାର୍ଯ୍ୟକର୍ତ୍ତା ଗଠନ ରବିବାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଲଖନପୁର ପରିସରରେ ହୋଇଯାଇଛି। ବହୁ ସଂଖ୍ୟାରେ ବ୍ଲକ୍‌ର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ କରିଥିଲେ। କାର୍ଯ୍ୟକର୍ତ୍ତା ମଧ୍ୟରୁ ସଭାପତି ଭାବେ ଚନ୍ଦ୍ରାନନ୍ଦ ବୁଡା, ଉପସଭାପତି ଭାବେ ଗିରିଶ ବାରିକ, ମନୋହର କୁମ୍ଭାର ଓ ଦେବେଶ ଉର୍ମା, ସାଧାରଣ ସମ୍ପାଦକ ବିବେକାନନ୍ଦ ବାର୍ଲା, କାର୍ଯ୍ୟକାରୀ ସମ୍ପାଦକ ସୁରେନ୍ଦ୍ର ସାଗର, କ୍ଷେତ୍ରୀୟ ସମ୍ପାଦକ ହେମନ୍ତ ସେଠ, ଜଗଦିଶ ତନ୍ତି ଓ ଚନ୍ଦ୍ରଶେଖର ଛଞ୍ଚାଣ, କୋଷାଧ୍ୟକ୍ଷ ସୁରଥ ବିଶ୍ୱାଳ, ଯୁଗ୍ମ କୋଷାଧ୍ୟକ୍ଷ ସନ୍ତୋଷ ନାୟକ ଓ ରାଜେଶ ସା, ଅଡିଟର ଭାବେ ମୁକେଶ ବାରିକ, ଦିନେଶ ଖମାରି ଓ ପ୍ରମୋଦ ପଧାନ, ଗଣମାଧ୍ୟମ ସଂଯୋଜକ ଭାବେ ତୀର୍ଥବାସୀ ପଧାନ ଓ ନୀଳାମ୍ବର ଅର୍ଗଲ, ଆଇନଗତ ଉପଦେଷ୍ଟା ଭାବେ ଆଇନଜୀବୀ ତଥା ଲଖନପୁର ପଞ୍ଚାୟତ ସରପଞ୍ଚ ଆରତୀ ପଧାନ, ଉପଦେଷ୍ଟା କମିଟିରେ ଯୋଗୀନ୍ଦ୍ର ସହି, ମୃତ୍ୟୁଞ୍ଜୟ ବିଶ୍ୱାଳ, କିଶୋର ପୀଙ୍ଗ, ଶିବନାଥ ଭୁଏ, ସୀତାରାମ ସା, ଶେଷ ପଧାନ ଓ ପରମେଶ୍ୱର ନାଏକ ପ୍ରମୁଖ ମନୋନୀତ ହୋଇଛନ୍ତି। ଶେଷରେ ସଭାପତି ବୁଡା ଲଖନପୁର ବ୍ଲକ୍‌ର ପ୍ରାଥମିକ ଶିକ୍ଷାର ବିକାଶ ଦିଗରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟକରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବତନ ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ସହି ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୧।୧୨(ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ପ୍ରସନ୍ନ ପଣ୍ଡା ଆଇନ୍ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ନାଗରିକଙ୍କ ମୌଳିକ କର୍ତ୍ତବ୍ୟ, ପକ୍ସୋ ନିୟମ, କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ନିୟମ ସମ୍ପର୍କିତ ଆଇନ୍ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ଝାରସୁଗୁଡ଼ାର ଅଧ୍ୟକ୍ଷ ଅଶ୍ୱିନୀ ନାୟକ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ଆଇନ୍ ମହାବିଦ୍ୟାଳୟର ଅଧ୍ୟାପକ ବିଜୟ ପାଣି, ଆଇୟୁସିଏ ଡବ୍ଲ୍ୟୁର ଡିଏସପି ବନିତା ମାଝୀ ଓ ଆଇନ୍ ମହା ବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ଉପରୋକ୍ତ ବିଷୟ ବସ୍ତୁ ଉପରେ ଆଲୋଚନା କରି ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ।

## ଦୁଇ କାର୍ ମୁହାଁମୁହିଁ ଧକ୍କା; ଚାଳକ ଆହତ

ଇବଥର୍ମାଲ,୨୧।୧୨(ସମିସ): ବନହରପାଲି ଥାନା ବନ୍ଧବାହାଲ ଫାଣ୍ଡି ଅଧୀନ କିରାରମା ରାସ୍ତାରେ ୨ଟି କାର ଧକ୍କା ହେବା ଫଳରେ କାର ଚାଳକ ଦ୍ୱୟ ଆହତ ହୋଇଥିବା ଜଣାପଡିଛି। ଘଟଣାଟି ରବିବାର ସନ୍ଧ୍ୟା ୭ଟା ପାଖାପାଖି ହୋଇଥିଲା। ବନ୍ଧବାହାଲ କଲୋନୀ ନିବାସୀ ତପନ ପ୍ରଧାନ(୩୩) କିରାରମା ପେଟ୍ରୋଲ ପମ୍ପରୁ ବନ୍ଧବାହାଲ ପଟେ ଆସୁଥିବା ବେଳେ ଅପରପଟୁ ଆସୁଥିବା ବଂଶୀଧର ସେଠ୍(୪୮)ଙ୍କ କାର ଧକ୍କା ଦେଇଥିଲା। ଫଳରେ ଉଭୟ କାର ଚାଳକ ଆହତ ହୋଇଥିଲେ। ତପନଙ୍କୁ ବନନ୍ଧବାହାଲ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଅପରପକ୍ଷେ ବଂଶୀଧରଙ୍କୁ ଟିଆରଏଲ ଡାକ୍ତରଖାନାରେ ଭର୍ତ୍ତି କରା ଯାଇଛି। ଉଭୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ପୁଲିସ କହିଛି। ବନହରପାଲି ପୁଲିସ କ୍ଷତିଗ୍ରସ୍ତ କାର ୨ଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଥିବା ପ୍ରକାଶ କରିଛି।

## ସର୍ବଭାରତୀୟ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ




ଦେବଗଡ଼,୨୧।୧୨(ସମିସ): ସ୍ଥାନୀୟ ବାମଣ୍ଡା କ୍ରିକେଟ କ୍ଲବ୍ ପକ୍ଷରୁ ଗତ ତିନି ଦଶନ୍ଧି ଧରି ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ବାମଣ୍ଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଆସୁଛି। ଚଳିତ ବର୍ଷ ଏହାର ୩୫ ତମ ସଂସ୍କରଣ ଡିସେମ୍ବର ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୬ଟି ଏବଂ ରାଜ୍ୟ ବାହାରୁ ୨ଟି ଦଳକୁ ମିଶାଇ ସମୁଦାୟ ୮ଟି ଦଳ ଭାଗ ନେବେ। ପ୍ରତିଯୋଗିତାର ବିଜେତା ଦଳକୁ ୭୧ ହଜାର ଏବଂ ଉପବିଜେତା ଦଳକୁ ୫୧ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯିବ। ଉଦ୍‌ଘାଟନୀ ମ୍ୟାଚ୍ ଗ୍ରୁପ-ଏ ରେ ରାଉରକେଲା ଏଏସ୍ ଏକାଡେମୀ ସହ ସମ୍ବଲପୁରର ଆଭାର କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ। ଦ୍ୱିତୀୟ ମ୍ୟାଚ୍ ୨୩ ତାରିଖ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ସହ ଏନଏନୱାସି ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ତୃତୀୟ ମ୍ୟାଚ୍ ୨୪ ତାରିଖ ପ୍ରଥମ ଓ ଦ୍ୱିତୀୟ ମ୍ୟାଚ୍‌ର ବିଜେତା ସହ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ୨୫ ତାରିଖ ଗ୍ରୁପ-ବି ରେ ଆୟୋଜକ ବାମଣ୍ଡା କ୍ରିକେଟ କ୍ଲବ୍ ସହ ରାଞ୍ଚି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ୨୬ରେ କଟକର ୟୁନିଅନ ସ୍ପୋର୍ଟିଂ ଓ ଭାଇଜାଗର ଇଷ୍ଟକୋଷ୍ଟ ରେଲୱେ ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ୨୭ ତାରିଖ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିବା ବେଳେ ୨୮ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କ୍ଲବ୍ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ବାମଣ୍ଡା କ୍ରିକେଟ କ୍ଲବ୍ ଉପ ସଭାପତି ଅଶୋକ ନନ୍ଦ, ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ନବୀନ ପାଣି, ସମ୍ପାଦକ ସତ୍ୟନାରାୟଣ ପାଣି, ଉପ ସଭାପତି ସୁଜିତ ପ୍ରଧାନ, ସନ୍ତୋଷ ଦେବତା ପ୍ରମୁଖ ଉପସ୍ଥିତ ଥିଲେ। ମୋତିଲାଲ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ଝରିଆ ଗୌଡ଼ ସମାଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ହେମଗିର ଏକାଦଶ ଚାମ୍ପିଅନ

ଝାରସୁଗୁଡ଼ା,୨୧।୧୨(ସମିସ):



ଝାରସୁଗୁଡ଼ା ସଦର ବ୍ଲକ୍ ଅଧୀନ ଗୌଡମାଲ ପଞ୍ଚାୟତ ଠିଆବେର୍ଣ୍ଣା ଗାଁରେ ତୃତୀୟ ଝରିଆ ଗୌଡ଼ ସମାଜ ୫ ଦିନିଆ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ରକ୍ସା ଏକାଦଶ ଖଜୁରଡିହି ଓ ଆଦ୍ୟାସା ଏକାଦଶ ହେମଗିର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଦ୍ୟାସା ଏକାଦଶ ହେମଗିର ଦଳ ଚାମ୍ପିଅନ ହୋଇଛି। ମନୋଜ ରାଉତ ଓ ଆନନ୍ଦ କଟାର ଫାଇନାଲ ଖେଳ ପରିଚାଳନା କରିଥିବା ବେଳେ ରୋସନ୍ ସା ସ୍କୋରର ଦାୟିତ୍ୱ ତୁଲାଇ ଥିଲେ। ରାମଦେବ ସା ପ୍ରତିଯୋଗିତାର ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଗୌଡମାଲ ସରପଞ୍ଚ ରାଜ ସାଏ, ରାଜପୁର ସରପଞ୍ଚ ସରସ୍ୱତୀ ନାଏକ, ସମାଜସେବୀ ସନ୍ତୋଷ ରକ୍ସା, କେତକୀ ଖଣ୍ଡା, ସୁଦାମ ସା, ପୂର୍ବତନ ରାଜପୁର ସମିତି ସଭ୍ୟ ଗଣେଶ ବାଗ, ଶିକ୍ଷକ ଡୋଳାମଣି ଭଇଁଷାଲ, ହେମସାଗର ଡିଲା, ଲଙ୍କେଶ୍ୱରୀ ସା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ଦଳକୁ ଟ୍ରଫି ସହ ନଗତ ୨୫ ହଜାର ଟଙ୍କା ଓ ଉପ ବିଜେତା ଦଳକୁ ଟ୍ରଫି ସହ ୧୮ ହଜାର ଟଙ୍କା ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ୍ ହେମଗିରି ଦଳର କାହ୍ନା, ମ୍ୟାନ ଅଫ ଦି ସିରିଜ୍ ଭାବେ ହେମଗିରି ଦଳର ସୁଦାମ ସା, ବେଷ୍ଟ ଫିଲ୍ଡର ଭାବେ ପ୍ରଦୀପ ବଗର୍ତ୍ତୀ, ବେଷ୍ଟ ବୋଲର ସୁଶାନ୍ତ ଭଇଁଷା, ବେଷ୍ଟ ୱିକେଟ କିପର ଭାବେ ସୁନିଲଙ୍କୁ ପୁରସ୍କୃତ କରାଯାଇଥିଲା। ଭାଗରଥି ପୁଝାରୀ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆୟୋଜକ ଝରିଆ ଗୌଡ ସମାଜର ଲଳିତ ସା, ଅନୀଲ ବଗର୍ତ୍ତୀ, ଜିତୁ ସା, ପ୍ରଭାକର ସା, ତରୁଣ ସା, ସରୋଜ ସା, ମହାଦେବ ସା, ଉଦ୍ଧବ ସା ପ୍ରମୁଖ ଉପସ୍ଥିତ ଥିଲେ।

# ଆଦିବାସୀ ଉନ୍ନୟନ ଯୋଜନାରେ ପନିପରିବା ମଞ୍ଜି ଓ ଚାରା ବଣ୍ଟନ




**ବାରିପଦା,୨୧।୧୨(ସମିସ):** ଶିମିଳିପାଳ ପାଦଦେଶ ତାରାଯୋଡ଼ି ଗ୍ରାମରେ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର, ଭାରତୀୟ ଉଦ୍ୟାନ ଗବେଷଣା ସଂସ୍ଥା ଓ କୃଷି ବିଜ୍ଞାନ କେନ୍ଦ୍ର, ମୟୁରଭଞ୍ଜ-୧ର ମିଳିତ ଆନୁକୂଲ୍ୟରେ ଆଦିବାସୀ ଉନ୍ନୟନ ଯୋଜନା ମାଧ୍ୟମରେ ପନିପରିବା ମଞ୍ଜି, ଚାରା ଓ ମିଶ୍ରିତ ଅନୁଷର ଚାଷୀଙ୍କୁ ବଣ୍ଟନ କରାଯାଇଛି। ଉଦ୍ୟାନ ଗବେଷଣା ସଂସ୍ଥାର ନିର୍ଦ୍ଦେଶକ ଡ. ତୁଷାର କାନ୍ତି ବେହେରା, କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ରର ମୁଖ୍ୟ ଡ. ଗୋବିନ୍ଦ ଆଚାର୍ଯ୍ୟ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡଃ ସଂଘମିତ୍ରା ପଟ୍ଟନାୟକ ଓ ଗୃହ ବିଜ୍ଞାନୀ ଡଃ ଝୁନିଲତା ଭୂୟାଁ, ଜିଲ୍ଲା ଉପଉଦ୍ୟାନ କୃଷି ନିର୍ଦ୍ଦେଶକ ଟଙ୍କଧର କାଲୋ, କେନ୍ଦ୍ରର ବୈଜ୍ଞାନିକ ଓ ଟେକ୍ନିକାଲ ଷ୍ଟାଫ ଯୋଗଦେଇ ଚାଷୀଙ୍କ ଉଦ୍ଦେଶ୍ୟରେ ଫଳ ଓ ପନିପରିବା ଚାଷ ଦ୍ୱାରା ଆୟକୁ ଦ୍ୱିଗୁଣିତ କରିବା ସହିତ ଫଳ ଓ ପନିପରିବାର ପ୍ରକ୍ରିୟାକରଣ, ଅମଳ ପରବର୍ତ୍ତୀ ଯତ୍ନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ତାରାଯୋଡି ଓ ଆଖପାଖ ଗ୍ରାମରୁ ୨୦୦ ଚାଷୀ ଯୋଗ ଦେଇଥିଲେ।

# ଚକ୍ଷୁ ପରୀକ୍ଷା ଶିବିର




**ଶୁଳିଆପଦା,୨୧।୧୨(ସମିସ):** ଶୁଳିଆପଦା ଗୋଷ୍ଠୀ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ସମଗ୍ର ଶିକ୍ଷା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର ମିଳିତ ସହଯୋଗରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଚକ୍ଷୁ ସମସ୍ୟା ଥିବା ୭ ଶହ ୭୧ ଜଣ ଛାତ୍ରଛାତ୍ରୀଙ୍କ "ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା'ରେ ଚକ୍ଷୁ ପରୀକ୍ଷା କରାଯାଇଛି। ୧୭୫ ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ଦେବାକୁ ସ୍ଥିର କରାଯାଇଥିବାବେଳେ ୭୧ ଜଣ ପିଲାଙ୍କୁ ଉଚ୍ଚ ଚିକିତ୍ସା ପାଇଁ ପ୍ରେରିତ କରିବା ପ୍ରସ୍ତାବ ରହିଛି। ୩୯ ଜଣ ପିଲାଙ୍କୁ ଔଷଧ ପ୍ରଦାନ କରାଯାଇଛି। ଓଏଭି, ଶୁଳିଆପଦା, କୋଷ୍ଠା ସରକାରୀ ଉଚ୍ଚବିଦ୍ୟାଳୟ, ମାଝିଆଣିତୋଫା ସରକାରୀ ଉଚ୍ଚବିଦ୍ୟାଳୟ ଓ ବାଘଡା ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଭୃତି ୪ଟି ଶିବିରରେ ପରୀକ୍ଷା କରାଯାଇଥିଲା। ପ୍ରଥମ ଦିନ ଶିବିରକୁ ଶୁଳିଆପଦା ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜଗନ୍ନାଥ ନାଏକ, କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏମଏଚଟି-୧ର ଡା. ମାନସ ବାରିକ, ଡା. ସିଦ୍ଧାର୍ଥ ଶଙ୍କର ବେହେରା, ଡା. ତନ୍ମୟ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିବାବେଳେ ଓଏଭି ଅଧ୍ୟକ୍ଷ ବିଜୟ ପୃଷ୍ଟି, ଏବିଇଓ ସରୋଜ ସାହୁ, ସମସ୍ତ ସିଆରସିସି, ଡାକ୍ତରୀ ଦଳ ସହଯୋଗ କରିଥିଲେ। ଅନ୍ୟ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହିତ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ବିଆରଟି ଶ୍ରୀଧର ସାହୁ ଓ ବିଆରଟି ପ୍ରଦୀପ ଦଳାଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଚକ୍ଷୁ ବିଶେଷଜ୍ଞ ଜ୍ୟୋତ୍ସ୍ନା ସ୍ୱାଇଁ, ଜୟନ୍ତୀ ସୁର, ସୁଚିସ୍ମିତା ସାହୁ ଚକ୍ଷୁ ପରୀକ୍ଷା କରିଥିଲେ।

# ସନ୍‌ସାଇନ୍ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ରାଇରଙ୍ଗପୁର/ବାଦାମପାହାଡ଼,୨୧।୧୨(ସମିସ):** କୁସୁମୀ ବ୍ଲକ୍ ଅନ୍ତର୍ଗତ ବାଦାମପାହାଡ଼ ସନ୍‌ସାଇନ୍ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୩୦ ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ରଞ୍ଜିତ ରାମ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସଭାପତି ରଞ୍ଜନ ସାହୁ, ଉପାଧ୍ୟକ୍ଷା ଆଫ୍ରିନ୍ ବାନୋ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ବିଭାଗର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରୀଡ଼ା ପ୍ରତିଯୋଗିତାରେ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ବାରୀ ବେଶ୍ରା, ବବିତା ମହାନ୍ତ, ମାନିକା ସିଂ, ଫାରହା ନାଜ୍, ବିଜୟଲକ୍ଷ୍ମୀ ଦାସ, ସାହିନା ପରବିନ, ଗୀତାରାଣୀ ସିଂ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

# ଲକ୍ଷ୍ମୀପୋଷୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାରିପଦା,୨୧।୧୨(ସମିସ):** ଲକ୍ଷ୍ମୀପୋଷୀ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ର ବାର୍ଷିକୋତ୍ସବ 'ଅଭିବ୍ୟକ୍ତି-୨୦୨୫-୨୬' ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଏଲଡିଏସ୍ ଯାଦବ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ମୁଖ୍ୟବକ୍ତା ଭାବେ କେଭିଏସର ଅବସରପ୍ରାପ୍ତ ଅଧ୍ୟକ୍ଷ ଦାମୋଦର ପତି, ଏମ୍‌ଏସ୍‌ଇ ଓ ଡିଭାଇନ କଲେଜର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ ଯୋଗ ଦେଇଥିଲେ। ଉତ୍ସବରେ ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ।




## ବାମନଘାଟି ଉପଖଣ୍ଡରେ ବଢୁଛି କିଡ୍‌ନୀ ରୋଗୀଙ୍କ ସଂଖ୍ୟା

# ମିଳୁନି ଚିକିତ୍ସା ସୁବିଧା; ଠିକ୍ ଭାବେ କାମ କରୁନି ଡାଏଲିସିସ୍ ୟୁନିଟ୍

**ରାଇରଙ୍ଗପୁର,୨୧।୧୨(ସମିସ):**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳ ହୋଇଥିବା ସତ୍ତ୍ୱେ ରାଇରଙ୍ଗପୁର ଉପଖଣ୍ଡ ହସ୍‌ପିଟାଲରେ ସ୍ୱାସ୍ଥ୍ୟ ସେବାରେ ସୁଧାର ଆସୁନାହିଁ। ଦିନକୁ ଦିନ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାମନଘାଟି ଉପଖଣ୍ଡ ଏକ ସିକେଲ ଅଞ୍ଚଳ ହୋଇଥିବାବେଳେ କିଡ୍‌ନୀଜନିତ ଚିକିତ୍ସା ବ୍ୟବସ୍ଥା ନାହିଁ। ଫଳରେ ଚିକିତ୍ସା ଅଭାବରୁ ପ୍ରତିବର୍ଷ ବହୁ ଲୋକଙ୍କ ଜୀବନ ଯାଉଛି।

ବାମନଘାଟି ଉପଖଣ୍ଡ ଲୌହ ଖଣି ଅଞ୍ଚଳ ଅଟେ। ଲୌହ ମାତ୍ରା ଅଧିକ ଥିବାରୁ ଏହା ସିକେଲ ଅଞ୍ଚଳ ଭାବେ ପରିଚିତ। ଯାହାକୁ ନେଇ ପାଣିରେ ଆଇରନ ଓ ଫ୍ଲୋରାଇଡର ମାତ୍ରା ଅତ୍ୟଧିକ ରହିଛି। ଏହି ପାଣି ପିଇ ଲୋକେ କିଡ୍‌ନୀଜନିତ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାରେ ପଡୁଛନ୍ତି। ଏଥିପାଇଁ ଚିକିତ୍ସା ନିହାତି ଆବଶ୍ୟକ ଥିବାବେଳେ ଚିକିତ୍ସା ନ ପାଇଲେ ପ୍ରାଣହାନୀ ହେବ। ଏହାର ଅସ୍ତ୍ରୋପଚାର କିମ୍ବା ଡାଏଲିସିସ କରିବା ମଧ୍ୟ ଅତ୍ୟନ୍ତ ବ୍ୟୟବହୁଳ ଅଟେ। ବାମନଘାଟି ଉପଖଣ୍ଡ ଏକ ଆଦିବାସୀ ବହୁଳ ଅଞ୍ଚଳ ଥିବାବେଳେ ଅଧିକାଂଶ ଲୋକେ ଗରିବ ଶ୍ରେଣୀର ଅଟନ୍ତି। ମାଗଣାରେ କିଡ୍‌ନୀ ରୋଗ ଚିକିତ୍ସା ସୁବିଧା ଯୋଗାଇବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ୨୦୨୪ ଫେବୃଆରୀ ୧ ତାରିଖରେ ଡାଏଲିସିସ ସେଣ୍ଟରର ଉଦଘାଟନ କରିଥିଲେ। କୋଲକାତାସ୍ଥ ସଞ୍ଜିବନି ମଲ୍ଟିସ୍ପେସାଲିଟି ହସ୍ପିଟାଲ ସହ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ମିଳିତ ଭାବେ ପିପିପି ମୋଡ଼ରେ ଡାଏଲିସିସ ସେଣ୍ଟର ଆରମ୍ଭ କରିଥିଲେ। ଯେଉଁ ଲକ୍ଷ୍ୟରେ ଏହା ଆରମ୍ଭ କରାଯାଇଥିଲା ତାହା ସାଧିତ ହୋଇପାରିଲାନାହିଁ। ଡାଏଲିସିସ ୟୁନିଟ ସଠିକ ଭାବେ କାର୍ଯ୍ୟକ୍ଷମ ନ ହେବାରୁ କିଡନୀ ଆକ୍ରାନ୍ତ ରୋଗୀଙ୍କୁ ଠିକ୍ ଭାବେ ଚିକିତ୍ସା ସୁବିଧା ମିଳିପାରୁନାହିଁ। ଡାଏଲିସିସ ନିମନ୍ତେ ବିଶେଷଜ୍ଞ ଅଭାବରୁ ଜଣେ ଟେକ୍ନିସିଆନ ଦ୍ୱାରା ଡାଏଲିସିସ ହେଉଛି। ସଞ୍ଜିବନୀ ହସ୍ପିଟାଲ ପକ୍ଷରୁ ତାହାଙ୍କୁ ନିଯୁକ୍ତ କରାଯାଇଛି।

ସେହିପରି ଅତ୍ୟାଧୁନିକ ଡାଏଲିସିସ ମେସିନ ମଧ୍ୟ ଉପଲବ୍ଧ ନାହିଁ। ରାଇରଙ୍ଗପୁର ଉପଖଣ୍ଡ ହସ୍‌ପିଟାଲରେ କିଡ୍‌ନୀ ରୋଗ ବିଶେଷଜ୍ଞ ଡାକ୍ତର ମଧ୍ୟ ନାହାନ୍ତି। ତେଣୁ ଯେତେ ଡାଏଲିସିସ କେନ୍ଦ୍ର ଥିଲେ ସୁଦ୍ଧା ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ ନାହିଁ। ରୋଗୀ ପିଆରଏମ ହସ୍ପିଟାଲ କିମ୍ବା ଭୁବନେଶ୍ୱର, ଟାଟା ଆଦି ହସ୍ପିଟାଲ ଉପରେ ନିର୍ଭରଶୀଳ କରୁଛନ୍ତି। ଯେଉଁମାନେ ବାହାରେ ଯାଇ ବ୍ୟୟବହୁଳ ଚିକିତ୍ସା କରିପାରୁନାହାଁନ୍ତି ସେମାନଙ୍କ ଜୀବନ ଯାଉଛି। ଯାହାକୁ ନେଇ ପ୍ରତିବର୍ଷ ଚିକିତ୍ସା ଅଭାବରୁ କିଡ୍‌ନୀ ରୋଗୀଙ୍କ ମୃତ୍ୟୁ ଘଟୁଥିବା ନଜିର ରହିଛି। ସ୍ଥାନୀୟ ଲୋକେ ପାନୀୟଜଳ ଭାବେ ପ୍ରତିଦିନ ସ୍ଲୋ-ପଏଜନ ପିଉଥିବାବେଳେ ରୋଗାକ୍ରାନ୍ତ ହେଉଛନ୍ତି। ଉପଖଣ୍ଡର ମାଟିରେ ଆଇରନ ଓ ଫ୍ଲୋରାଇଡ ସ୍ତର ଅଧିକ ଯୋଗୁଁ ଲୋକେ ଚିନ୍ତାଗ୍ରସ୍ତ ହୋଇ ରହୁଛନ୍ତି। ତାହାର କୌଣସି ସମାଧାନ ହେଉନାହିଁ। ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଲୋକଙ୍କୁ ଚିକିତ୍ସା ସୁବିଧା ଯୋଗାଇବା ପାଇଁ ସ୍ଥାନୀୟ ବିଧାୟକ କିମ୍ବା ସାଂସଦ କେହି ମନ ନିବେଶ କରିବାର ଆବଶ୍ୟକ ଅଟେ।




- ବିଶେଷଜ୍ଞ ଅଭାବରୁ ଟେକ୍ନିସିଆନ କରୁଛନ୍ତି ଡାଏଲିସିସ୍
- ଉପଖଣ୍ଡ ହସ୍‌ପିଟାଲରେ ନାହାନ୍ତି କିଡ୍‌ନୀ ରୋଗ ଡାକ୍ତର
- ଅନ୍ୟ ହସ୍‌ପିଟାଲ ଉପରେ ରୋଗୀ ନିର୍ଭରଶୀଳ
- ପ୍ରତିବର୍ଷ ଚିକିତ୍ସା ଅଭାବରୁ ମରୁଛନ୍ତି ରୋଗୀ
- ପାଣିରେ ରହୁଛି ଆଇରନ ଓ ଫ୍ଲୋରାଇଡର ଅଧିକ ମାତ୍ରା

## ସେମାନେ ଯାହା କୁହନ୍ତି




କିଡନୀ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ଉକ୍ତ ଅଞ୍ଚଳରେ ଅଧିକ ଅଟେ। ଡାଏଲିସିସ ୟୁନିଟ୍ ସଞ୍ଜିବନୀ ହସ୍ପିଟାଲ ଓ ସ୍ୱାସ୍ଥ୍ୟ ବିଭାଗ ସହିତ ଏମଓୟୁ ସ୍ୱାକ୍ଷରିତ ହୋଇ ସ୍ଥାପନ ହୋଇଛି। ଏହା ସିଧାସଳଖ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପରିଚାଳିତ ଅଟେ। ରୋଗୀଙ୍କ ଡାଏଲିସିସ ଅନୁଯାୟୀ ଆମେ କେବଳ ଆବଶ୍ୟକ ଅର୍ଥ ପ୍ରଦାନ କରିଥାଉ। ସମସ୍ୟା ନେଇ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ। କିଡ୍‌ନୀ ରୋଗୀ ନ ଥିବାବେଳେ ତାହା ନିଯୁକ୍ତ ନିମନ୍ତେ ବ୍ୟବସ୍ଥା କରାଯାଉଛି।

**ଡା. ରବୀନ୍ଦ୍ର କୁମାର ମାର୍ଣ୍ଡି,** ଉପଖଣ୍ଡ ଚିକିତ୍ସା ଅଧିକାରୀ



ରାଇରଙ୍ଗପୁର ଏକ ଆଦିବାସୀ ବହୁଳ ଅଞ୍ଚଳ। ଏଠାକାର ଅଧିକାଂଶ ଅଧିବାସୀ ଗରିବ ଶ୍ରେଣୀର ଅଟନ୍ତି। କିଡ୍‌ନୀ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଇରଙ୍ଗପୁର ହସ୍ପିଟାଲରେ ଡାଏଲିସିସ ୟୁନିଟ ଉଦଘାଟନ କରିଥିଲେ। ତାହାକୁ ସଠିକ ଭାବେ କାର୍ଯ୍ୟକ୍ଷମ କରିବା ନେଇ ଜନପ୍ରତିନିଧିଙ୍କ ଇଚ୍ଛାଶକ୍ତି ଅଭାବ ରହିଛି। ତେଣୁ ରୋଗୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

**ରାଇସେନ ମୁର୍ମୁ,** ସମାଜସେବୀ



ରାଇରଙ୍ଗପୁର ହସ୍ପିଟାଲରେ ସ୍ୱାସ୍ଥ୍ୟ ସେବା ଦିନକୁ ଦିନ ବିପର୍ଯ୍ୟସ୍ତ ହେଉଛି। ରାଷ୍ଟ୍ରପତିଙ୍କ ଅଞ୍ଚଳ ହୋଇଥିବା ସତ୍ତ୍ୱେ ସ୍ୱାସ୍ଥ୍ୟ ସେବା ସଠିକ ଭାବେ ମିଳୁନାହିଁ। କିଡ଼ନୀ ରୋଗ ଚିକିତ୍ସା ନିମନ୍ତେ ଡାକ୍ତର ନିଯୁକ୍ତି କରିବାର ନିହାତି ଆବଶ୍ୟକ ଅଟେ। ସେଥିପ୍ରତି ସାଂସଦ ଓ ବିଧାୟକଙ୍କ ତିଳେମାତ୍ର ମନ ନାହିଁ।

**ଅଶ୍ୱିନି ପରିଡା,** ସ୍ଥାନୀୟ ବାସିନ୍ଦା

## ■ ଭୁଲ ବଶତଃ ଅନ୍ୟ ନମ୍ବରକୁ ଫୋନ କଲ୍‌କୁ ନେଇ ତୁମୁଳକାଣ୍ଡ

# ୩ ଭଉଣୀଙ୍କୁ ମରଣାନ୍ତକ ଆକ୍ରମଣ କରି ଯୁବକ ଗିରଫ



**ବୈଶିଙ୍ଗା,୨୧।୧୨ (ସମିସ):** ବୈଶିଙ୍ଗା ଥାନା ଅଧୀନ ପାଟୁଳିପୁରା ପଞ୍ଚାୟତ ବେଲାଣପୁରା ଗ୍ରାମର ଜଣେ ଯୁବତୀଙ୍କ ନମ୍ବରରୁ ଭୁଲ ବଶତଃ ଅନ୍ୟ ନମ୍ବରକୁ ଯାଇଥିବା ଫୋନ କଲକୁ ନେଇ ଘଟିଛି ତୁମୁଳକାଣ୍ଡ। ଫୋନ କଲ୍ ଯାଇଥିବା ବ୍ୟକ୍ତିଙ୍କ ସ୍ତ୍ରୀ, ପୁଅ ଓ ବୋହୂ ମିଶି ଯୁବତୀଙ୍କ ଘରେ ପଶି ତାଙ୍କ ସମେତ ତାଙ୍କ ୨ ଭଉଣୀଙ୍କୁ ମରଣାନ୍ତକ ଆକ୍ରମଣ କରି ଗୁରୁତର କରିବା ଘଟଣାର ତଦନ୍ତ ପୂର୍ବକ ଅଭିଯୁକ୍ତ ଯୁବକକୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ଅଭିଯୋଗ ମୁତାବକ ବେଲାଣପୁରା ଗ୍ରାମର ସୁମତି ସିଂ ଗୁରୁବାର ଦିନ ଭୁଲ ବଶତଃ ଏକ ମୋବାଇଲ ନମ୍ବରରେ କଲ୍ କରିଥିଲେ। ପରେ ଜାଣିବାକୁ ପାଇଥିଲେ ଯେ ସେ ନାଖରା ଗ୍ରାମର ସୁରଥ ଜେନାଙ୍କୁ ଭୁଲ ବଶତଃ କଲ କରିଦେଇଥିଲେ। ଏହାକୁ ନେଇ ୨ ପରିବାର ମଧ୍ୟରେ ଭୁଲ ବୁଝାବଣା ସୃଷ୍ଟି ହୋଇଥିଲା। ଶୁକ୍ରବାର ସକାଳୁ ସୁରଥଙ୍କ ସ୍ତ୍ରୀ କୋମଳିନୀ, ପୁଅ ବାବୁଲା ଜେନା ଓରଫ୍ ଅଜୟ ଓ ତାଙ୍କ ସ୍ତ୍ରୀ ବବିତା ଏକତ୍ରିତ ହୋଇ ସୁମତିଙ୍କ ଘରେ ପହଞ୍ଚି ତାଙ୍କୁ ଓ ତାଙ୍କର ୨ ଭଉଣୀଙ୍କୁ ଗାଳିଗୁଲଜ କରିବା ସହ ଲୁହାରଡ଼ ଓ ଠେଙ୍ଗାରେ ମରଣାନ୍ତକ କରିଥିଲେ। ଘଟଣାସ୍ଥଳରୁ କୋମଳିନୀ, ଅଜୟ ଓ ବବିତା ଚମ୍ପଟ ମାରିଥିବାବେଳ ଗୁରୁତର ୩ ଭଉଣୀଙ୍କୁ ପଡ଼ୋଶୀ ବୈଶିଙ୍ଗା ଡାକ୍ତରଖାନା ନେଇଥିଲେ। ସେଠାରେ ସୁମତି ଓ ଅନ୍ୟଜଣେ ଭଉଣୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବାଲେଶ୍ୱର ଡାକ୍ତରଖାନା ପଠାଇ ଦିଆଯାଇଥିଲା। ସେଠାରେ ଅବସ୍ଥାରେ ସୁଧାର ଆସି ନ ଥିଲା। ସେମାନଙ୍କୁ କଟକ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ସୁମତିଙ୍କ ଅଭିଯୋଗକ୍ରମେ ବୈଶିଙ୍ଗା ଥାନା ଏସଆଇ ସରୋଜ ଜେନା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ବିଭିନ୍ନ ସ୍ଥାନରେ ଚଢ଼ଉ କରି ମୁଖ୍ୟ ଅଭିଯୁକ୍ତ ଅଜୟଙ୍କୁ ଗିରଫ କରି ଶନିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ଅଜୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ରୋହିଦାସ ସିଂଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

**କୁଳିଅଣା,୨୧।୧୨(ସମିସ):** ମୁଣ୍ଡାରୀ ବାନୀ ଲିପିର ସ୍ରଷ୍ଟା ଅଲ ଗୁରୁ ପଣ୍ଡିତ ରୋହିଦାସ ସିଂ ନାଗଙ୍କ ପ୍ରତିମୂର୍ତ୍ତି ଚାନ୍ଦୁଆଠାରେ ସ୍ଥାପନ ନିମନ୍ତେ ମୁଣ୍ଡା ଶାସନ ଗୁଟଗାମର ସଭାପତି ଓ କମିଟିର ଅନ୍ୟ ସଦସ୍ୟ ଜିଲ୍ଲାପାଳଙ୍କୁ ଅନୁଦାନ ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ଆଦିବାସୀ ଜନଜାତି ମୁଣ୍ଡା ସମ୍ପ୍ରଦାୟର ବରପୁତ୍ର ରୋହିଦାସ ସିଂ ନାଗଙ୍କ ଜନ୍ମମାଟି ଚାନ୍ଦୁଆରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ଅତ୍ୟନ୍ତ ଜରୁରୀ ବୋଲି କହିଛନ୍ତି ସଂଗଠନର ସଭାପତି ମନୋରଞ୍ଜନ ସିଂ। ଏ ନେଇ ଜିଲ୍ଲାପାଳଙ୍କୁ ବହୁବାର ଅନୁରୋଧ କରାଯାଇଛି। ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

# ରାଣୀଭୋଳ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାରିପଦା,୨୧।୧୨(ସମିସ):** ରାଣୀଭୋଳସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନବମ ବାର୍ଷିକ ଉତ୍ସବ ସ୍ପାର୍କଲ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହିମାଂଶୁ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ସଂଜୀବ ପାଣିଗ୍ରାହୀ ଯୋଗଦେଇ ପିଲାଙ୍କ ମଧ୍ୟରେ ମାନବିକ ମୂଲ୍ୟବୋଧ ଓ ଆଧ୍ୟାତ୍ମିକ ଭାବ କିପରି ବିକଶିତ ହେବ, ସେ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରିପଦା ତହସିଲଦାର ସପନ ସାହୁ, ବିଡିଓ ଦେବେନ୍ଦ୍ର ବଳ, ଇଣ୍ଟାକ୍ ମୟୂରଭଞ୍ଜ ଶାଖା ଆବାହକ ମେଜର ରବୀନ୍ଦ୍ର ନାଥ ପରିଡ଼ା, କେନ୍ଦ୍ରୀୟ ବିଦ୍ୟାଳୟ-୨ର ଅବସରପ୍ରାପ୍ତ ଅଧ୍ୟକ୍ଷ ଦାମୋଦର ପତି, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ବାସନ୍ତୀଲତା ମହାପାତ୍ର, ସମାଜସେବୀ ଅମର ସେଠୀ, ମୋରଡ଼ା ଓଡିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାତ୍ର ଯୋଗଦେଇ ପିଲାଙ୍କୁ ସମୟର ସଦୁପଯୋଗ କରିବାକୁ ଉପଦେଶ ଦେଇଥିଲେ। ଏ ଅବସରରେ କାନ୍ଥ ପତ୍ରିକା 'ପଲ୍ଲବୀ' ଉନ୍ମୋଚନ କରାଯାଇଥିବାବେଳେ ବିଭିନ୍ନ କ୍ଷେତରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଇଂରାଜୀ ଅଧ୍ୟାପକ ବସନ୍ତ ଜେନା ପରିଚାଳନା କରିଥିଲେ। ସାମାଜିକ ବିଜ୍ଞାନ ଶିକ୍ଷୟିତ୍ରୀ ଅରୁଣିମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଶାଳଗାଁ ପଞ୍ଚାୟତ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ



**ବଡ଼ସାହି/ମାଣତ୍ରୀ,୨୧।୧୨(ସମିସ):** ଶାଳଗାଁ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏସ୍‌ପି ଦୀପକ ଗୋଚ୍ଛାୟତ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ସନ୍ତୋଷ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ବଡସାହି ତହସିଲଦାର କରୁଣାକର ଧିନ୍ଦା, ସ୍ୱତନ୍ତ୍ର ବକ୍ତା ଭାବେ ସାଇ ବିଦ୍ୟାମନ୍ଦିର ନିର୍ଦ୍ଦେଶକ ଡ. ପ୍ରଭଞ୍ଜନ ରାଉତ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଉମାକାନ୍ତ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସରୋଜ ବେହେରା, ସମିତି ସଭ୍ୟ ବିଶ୍ୱମ୍ବର ବେହେରା, ରୌପ୍ୟ ଜୟନ୍ତୀ କମିଟି ମୁଖ୍ୟ ରାଜେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ନେବାରେ ପିତାମାତା ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ମୁଖ୍ୟ ଭୂମିକା ରହିବା ଉଚିତ୍ ବୋଲି କହିଥିଲେ। ସହକାରୀ ଶିକ୍ଷକ ଚିତ୍ତରଞ୍ଜନ ପୁହାଣ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ବଙ୍କିମ ବାରିକ ମଞ୍ଚ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ପ୍ରଭାକର ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇ ଆଦର୍ଶ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ବାରିପଦା,୨୧।୧୨(ସମିସ):** ସ୍ଥାନୀୟ ରଘୁନାଥପୁରସ୍ଥ ସାଇ ଆଦର୍ଶ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଛି। ସାଇ ଆଦର୍ଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶିକା ମିନାରାଣୀ ସାହୁ, ଉପଦେଷ୍ଟା ଡଃ ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଦୀପ ସାହୁ, ପ୍ରଶାସନିକ ଅଧିକାରୀ ଦୀନକୃଷ୍ଣ ମାହାନା, ଅଧ୍ୟକ୍ଷେ ଡଃ ଲକ୍ଷ୍ମୀପ୍ରିୟା ପାଢୀ, କ୍ରୀଡ଼ା ଶିକ୍ଷକ ରୋହିତ ପାତ୍ରଙ୍କ ଉପସ୍ଥିତିରେ ଏହା ଉଦ୍‌ଘାଟିତ ହୋଇଥିଲା। କ୍ରୀଡ଼ା ପତାକା ଉତ୍ତୋଳନ ସହିତ କ୍ରୀଡ଼ା ମଶାଲ ଛାତ୍ରଛାତ୍ରୀଙ୍କଠାରୁ ଗ୍ରହଣ ପରେ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏହି କ୍ରୀଡ଼ା ପ୍ରତିଯୋଗିତା ୩ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡ, ଡିଆଁକୁଦ, ମ୍ୟୁଜିକ ଚେୟାର, ଅଙ୍କକଷା ଇତ୍ୟାଦି ପ୍ରତିଯୋଗିତା ହୋଇଥିବାବେଳେ ଶେଷ ଦିବସରେ ଅଭିଭାବକଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ଓ ବୋକେଟ ଆଣ୍ଡ ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଦୀନକୃଷ୍ଣ ମାହାନା, ଶରତପାଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଶିବଶଙ୍କର ମହାନ୍ତ, ଅଧ୍ୟକ୍ଷା ଡଃ ଲକ୍ଷ୍ମୀପ୍ରିୟା ପାଢୀ, ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କ୍ରୀଡ଼ା ଶିକ୍ଷକ ରୋହିତ ପତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ଅଧ୍ୟକ୍ଷା ଡଃ. ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱବିଦ୍ୟାଳୟରେ ସମାଜସେବା ବିଭାଗର ଜାତୀୟ କର୍ମଶାଳା

# ନିଶାମୁକ୍ତ ପରିବାର ଓ ସମାଜ ଗଠନରେ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବାରିପଦା,୨୧।୧୨(ସମିସ):**



ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସମାଜସେବା ବିଭାଗ ପକ୍ଷରୁ ଆୟୋଜିତ ଦ୍ୱିଦିବସୀୟ କର୍ମଶାଳା ସମାପନ ହୋଇଛି। ଭାରତ ସରକାରଙ୍କ ପିଏମ୍ ଉଷା କାର୍ଯ୍ୟକ୍ରମ ପ୍ରାୟୋଜିତ 'ନିଶାମୁକ୍ତ ପରିବାର ଓ ସମାଜ ଗଠନରେ ଯୁବ ସମାଜର ଭୂମିକା' ଶୀର୍ଷକ ଏହି କର୍ମଶାଳାରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦାନ କରି ନିଶାମୁକ୍ତ ସମାଜ ସମ୍ବନ୍ଧରେ ମତ ଉପସ୍ଥାପନ କରିଥିଲେ। ଉଦଘାଟନୀ ପର୍ବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ନିମ୍‌ହାନ୍‌ସ୍ ବେଙ୍ଗାଲୁରୁର ପ୍ରଫେସର ଶ୍ରୀଦେବୀ ଏୟୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତର ରାଜ୍ୟଗୁଡ଼ିକରେ ନିଶାର ପ୍ରଭାବ ଓ ପରିଣତି ସମ୍ବନ୍ଧରେ ତଥ୍ୟଭିତ୍ତିକ ବିବରଣୀ ପ୍ରଦାନ କରିବା ସହ ନିଶାମୁକ୍ତ ଭାରତ ଗଠନର କୌଶଳ ସମ୍ବନ୍ଧରେ ସାରଗର୍ଭକ ଅଭିଭାଷଣ ପଦାନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ ସାମ୍ପ୍ରତିକ ସମାଜରେ ନିଶାର କୁପରିଣତି ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ ପିଏମ୍ ଉଷା କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ ପ୍ରଫେସର ଇନ୍ଦ୍ରଜିତ ନାଏକ ବିଶ୍ୱବିଦ୍ୟାଳୟରେ ଏଭଳି କାର୍ଯ୍ୟକ୍ରମ ପିଏମ୍ ଉଷା ଯୋଜନାର ସଫଳ ରୂପାୟନରେ ସହାୟକ ହେବ ବୋଲି କହିଥିଲେ। କର୍ମଶାଳାର ଆବାହକ ଡ. ଶୁଭେନ୍ଦୁ ଶତପଥୀ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ବିଭାଗୀୟ ଅଧ୍ୟାପିକା ପାଏଲ୍ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ କୁଳପତି ପ୍ରଫେସର ଶତପଥୀ ଯୋଗଦେଇ ନିଶା ନିବାରଣ ସମ୍ବନ୍ଧରେ ପ୍ରତ୍ୟେକ ବ୍ୟକ୍ତିର ଭୂମିକା ଉପରେ ଆଲୋଚନା କରିବା ନିଶାରୁ ଦୂରେଇ ରହିବାକୁ ସେ ଯୁବସମାଜକୁ ଆହ୍ୱାନ କରିଥିଲେ। ନିମ୍‌ହାନ୍‌ସ୍ ବେଙ୍ଗାଲୁରୁର ପ୍ରଫେସର ଗୋବିନ୍ଦ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ ସମାଜରେ ଜନସଚେତନତା ସୃଷ୍ଟି କରିପାରିବ ବୋଲି କହିଥିଲେ। ଆବାହକ ଡ. ଶୁଭେନ୍ଦୁ ଶତପଥୀ ଅଧ୍ୟକ୍ଷତା କରିଥିବାବେଳେ ଅଧ୍ୟାପକ ଡ. ସୁଜୟ କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦ୍ୱିଦିବସୀୟ କର୍ମଶାଳାରେ ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ବିଶ୍ୱମୋହନ ଜେନା, ନାର୍କୋଟିକ୍ କଣ୍ଟ୍ରୋଲ୍ ବ୍ୟୁରୋର ଇନ୍ସପେକ୍ଟର ବିନୋଦ ସାମନ୍ତରା, ସେଚ୍ଛାସେବୀ ଅନୁଷ୍ଠାନ ଆଭାର ପ୍ରତିଷ୍ଠାତା ସୁଧୀର ଦାସ, ସଲାମ୍ ଜୀବନ ଫାଉଣ୍ଡେସନର ପ୍ରତିଷ୍ଠାତା ଡ. ଇମ୍ରାନ ଅଲ୍ଲୀ, ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆକାଶ ସାହୁ, ବିହାର ରାଜ୍ୟ ମାନସିକ ସ୍ୱାସ୍ଥ୍ୟ ଓ ସମ୍ବନ୍ଧ ବିଜ୍ଞାନ ସଂସ୍ଥାନର ଜୟପାଲ ମାଝୀ, ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗର ସହଯୋଗୀ ପ୍ରଫେସର ଡ. ବସନ୍ତ ମହାନ୍ତ, ଫକୀରମୋହନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ରଶ୍ମିରେଖା ରାଉତ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ଏସ୍‌ସିବି ମେଡିକାଲ କଲେଜ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ଏମ୍‌ପିସି ଅଟୋନମସ୍ କଲେଜ, ଏମ୍‌ସିଏଏମ୍ କଲେଜ ସମେତ ବିଭିନ୍ନ ମହାବିଦ୍ୟାଳୟରୁ ୧୧୫ ଜଣ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

ସକାଳ THE SAKALA



# ସମ୍ବଲପୁରୀ ଭାଷା ମାନ୍ୟତାକୁ ନେଇ ପ୍ରଶ୍ନ କଲେ ରୋହିତ

**ସମ୍ବଲପୁର, ୨୧।୧୨ (ସମିସ):** ସମ୍ବଲପୁରୀ ଭାଷାକୁ ସାମ୍ବିଧାନର ଅଷ୍ଟମ ପରିଚ୍ଛେଦରେ କେବେ ମାନ୍ୟତା ମିଳିବ ତାକୁ ନେଇ ପୁଣି ବିଜେପିକୁ ପ୍ରଶ୍ନ କହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଙ୍ଗ ରୋହିତ ପୂଜାରୀ। ସେ କହିଛନ୍ତି, ବାରମ୍ବାର ଦାବି ସତ୍ତ୍ୱେ ସରକାର ଏହି ଭାଷା ମାନ୍ୟତା ପାଇଁ କଣ କରିଛନ୍ତି। ବିଧାନସଭାରେ ଭାଷା ସାହିତ୍ୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ବଲପୁରୀ ଭାଷା ମାନ୍ୟତା ପ୍ରସଙ୍ଗରେ କୌଣସି ପ୍ରସ୍ତାବ ନଥିବା ଦୁଇ ଥର କହିଛନ୍ତି। ଦେଢ ବର୍ଷ ବିତିବା ପରେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ସମ୍ବଲପୁରର ବିଜେପି ନେତା ମାନେ ଏ ଦିଗରେ ଜନ ସାଧାରଣକୁ ଉତ୍ତର ରଖନ୍ତୁ ବୋଲି ସେ ଦାବି କରିଛନ୍ତି।

# ଛିନ୍ତାଇ ଅଭିଯୋଗରେ ୨ ଗିରଫ



**ସମ୍ବଲପୁର, ୨୧।୧୨(ସମିସ):** ସଦର ଥାନା ପୁଲିସ ଛିନତାଇ ଅଭିଯୋଗରେ ଦୁଇ ଜଣକୁ ଗିରଫ କରିଛି। ସେମାନେ ହେଲେ ବସନ୍ତ ଭରାସାଗର ଓ ହିମାଂଶୁ ଭୋଇ। ଜଣେ ଟ୍ରକ୍ ଡ୍ରାଇଭରଙ୍କୁ ଛୁରୀ ଦେଖାଇ ମୋବାଇଲ ଓ ତିନି ହଜାର ଟଙ୍କା ନେଇ ଯାଇଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ମୋବାଇଲ, ଛୁରି ଇତ୍ୟାଦି ଜବତ କରିଛି।

# ଡିଏଭିରେ ଶ୍ରେଷ୍ଠା ପରୀକ୍ଷା

**ସମ୍ବଲପୁର, ୨୧।୧୨(ସମିସ):** ରବିବାର ବୁର୍ଲାସ୍ଥିତ ଡିଏଭି ବିଦ୍ୟାଳୟରେ ଏନଟିଏ ଦ୍ୱାରା ପରିଚାଳିତ ଶ୍ରେଷ୍ଠା ପରୀକ୍ଷା ଅନୁଷ୍ଠିତ ହୋଇଛି। ସମଗ୍ର ଓଡ଼ିଶାରେ ଜାତୀୟ ପରୀକ୍ଷଣ ସଂସ୍ଥା (ଏନଟିଏ) ତରଫରୁ ହୋଇଥିବା ଦୁଇଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ଡିଏଭି ବୁର୍ଲା ପରୀକ୍ଷା କେନ୍ଦ୍ରରେ ନବମ ଓ ଏକାଦଶ ଶ୍ରେଣୀର ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ପରୀକ୍ଷା କେନ୍ଦ୍ରରେ ଉପକେନ୍ଦ୍ର ଅଧୀକ୍ଷକ ଭାବେ ସୌଭାଗ୍ୟ କୁମାର ମିଶ୍ର ଓ କେନ୍ଦ୍ର ଅଧୀକ୍ଷକ ଭାବେ ରାଜେନ୍ଦ୍ର କୁମାର ବେଦବାକ ଦାୟିତ୍ୱ ତୁଲାଇଥିଲେ। ଏନଟିଏ ମାର୍ଗଦର୍ଶିକା ଅନୁସାରେ ପରୀକ୍ଷା ଶୃଙ୍ଖଳାସହ ସମ୍ପନ୍ନ ହୋଇଥିଲା।

# ଗୋମାଂସ ଜବତ, ଦୁଇ ଗିରଫ

## ଦୋକାନୀ ଓ ଗ୍ରାହକଙ୍କୁ ଛେଚିଲେ ଲୋକ

**ସମ୍ବଲପୁର, ୨୧।୧୨(ସମିସ)**

ଗୋମାଂସ କିଣିବା ମହଙ୍ଗା ପଡ଼ିଛି। ଗୋମାଂସ ବିକୁଥିବା ଓ ଜଣେ ଗ୍ରାହକକୁ ଉତ୍ତମମଧ୍ୟମ ଦେଇଛନ୍ତି ଲୋକେ। ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ବୁର୍ଲା ପୁଲିସ ପହଞ୍ଚି ଦୋକାନୀ ଓ ଗ୍ରାହକଙ୍କୁ ଗିରଫ କରିଛି। ସେମାନେ ହେଲେ ବୁର୍ଲାଥାନା ଅଧୀନ ମହତାବନଗରର ବିରାଜ ହର(୪୦) ଓ ତାଙ୍କ ସହଯୋଗୀ ତିଅରପଡ଼ାର ପୁରୋହିତ ଲୁହା(୩୬)। ସେମାନଙ୍କ ନିକଟରୁ ପ୍ରାୟ ୫୦ କେଜିରୁ ଅଧିକ ଗୋମାଂସ ଜବତ ହୋଇଛି। ସୂଚନା ଅନୁସାରେ ବୁର୍ଲାରେ ବ୍ୟାପକ ଭାବେ ବେଆଇନ୍ ଗୋମାଂସ କାରବାର ଚାଲିଥିବାନେଇ ବୁର୍ଲାର ବିଭିନ୍ନ ହିନ୍ଦୁ ସଙ୍ଗଠନର ଗୋସୁରକ୍ଷା କର୍ମୀମାନେ ସଜାଗ ରହିଥିଲେ। ରବିବାର ବିଶ୍ୱସ୍ତ ସୂତ୍ରରୁ ଖବରପାଇ ସେବାକୁଞ୍ଜ, ବଜରଙ୍ଗଦଳ ଓ ବିଶ୍ୱ ହିନ୍ଦୁପରିଷଦର କର୍ମକର୍ତ୍ତାମାନେ ସ୍ଥାନୀୟଲୋକଙ୍କ ସହିତ ମହତାବ ନଗରରେ ଦୁଇଟି ସରକାରୀ କ୍ୱାର୍ଟରକୁ ଜବରଦଖଲ କରି ରହୁଥିବା ଅଭିଯୁକ୍ତଦ୍ୱୟଙ୍କ ଘରେ ଅତର୍କିତ ଚଢ଼ଉ କରି ଗୋମାଂସ ଜବତ



କରିଥିଲେ। ପରେ ଗ୍ରାହକ ପୁରୋହିତ ଓ ବ୍ୟବସାୟୀ ବିରାଜକୁ ମାଡ଼ ମାରିଥିଲେ। ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବୁର୍ଲା ପୁଲିସ ପହଞ୍ଚି ଲୋକଙ୍କୁ ଆୟତ କରିଥିଲା। ଘରେ ଫ୍ରିଜ୍‌ରେ ଥିବା ଗୋମାଂସକୁ ଜବତ କରିଥିଲା। ଅଭିଯୁକ୍ତ ଜଣକ ମୋତିଝରଣରୁ ଗୋମାଂସ ଆଣି ଏଠାରେ ବିକ୍ରି କରୁଥିଲେ ବୋଲି ଭାଇରାଲ ଭିଡିଓରେ କହିଛନ୍ତି।

# ଧମା ଶିଶୁମନ୍ଦିରର ବାର୍ଷିକ ଉତ୍ସବ

**ସମ୍ବଲପୁର, ୨୧।୧୨(ସମିସ):** ଧମା ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଧମା ଥାନା ଇନ୍ସପେକ୍ଟର ଅଭିନବ ମିଶ୍ର ଯୋଗ ଦେଇଥିଲେ। ସେ ପିଲାଙ୍କୁ ଉଦ୍‌ବୋଧନ ଦେଇଥିଲେ। କହିଥିଲେ, କେବଳ ପାଠ ପଢ଼ି ନିଜ କ୍ୟାରିଅର କଥା ଚିନ୍ତା କରନାହିଁ ଦେଶ ପ୍ରତି ନିଜର ବଳିଦାନ ଦେବାକୁ ଚେଷ୍ଟା କର। ଦେଶ ରାଜ୍ୟ ତଥା ନିଜ ଜିଲ୍ଲାର କିପରି ବିକାଶ ହେବ ସେଥି ପ୍ରତି ମଧ୍ୟ ନିଜର ଅବଦାନ ରଖ। ଉତ୍ସବରେ କୃତି ପ୍ରତିଭାଙ୍କ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।




# ଗଞ୍ଜେଇ ଜବତ, ୩ ଗିରଫ





**ସମ୍ବଲପୁର, ୨୧।୧୨(ସମିସ):** ସରକାରୀ ରେଳବାଇ ପୁଲିସ ଓ ଆରପିଏଫ ମିଳିତରେ ଚଢ଼ଉ କରି ଦୁଇଟି ମାମଲାରେ ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସମ୍ବଲପୁର ଷ୍ଟେସନରେ ଜିଆରପି ୫ କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ବୁର୍ଲା ଥାନା ପାଣିଟାଙ୍କି ପଡ଼ାର ସରୋଜ ବିଭାର(୩୨)କୁ ଗିରଫ କରିଛି। ଏକ ଟ୍ରଲିରେ ଗଞ୍ଜେଇ ଚୋରାଚାଲାଣ କରୁଥିବା ଅଭିଯୋଗ ପରେ ଅଭିଯୁକ୍ତକୁ ଧରିଛି। ସେହିପରି ଝାରସୁଗୁଡା ବୃନ୍ଦାମାଲରେ ଆରିପିଏଫ ଗଞ୍ଜେଇ ଚାଲାଣ ଅଭିଯୋଗରେ ଦୁଇ ଜଣକୁ ଗିରଫ କରିଛି। ସେମାନେ ହେଲେ ୟୁପି ଗୋରଖପୁରର ଶୈଳେଶ ନିଶାଦ(୨୪) ଓ କମଳେଶ ନିଶାଦ(୨୨)। ସେମାନଙ୍କ ପାଖରୁ ୨୩ କେଜି ଛଅ ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଆଜି ସମସ୍ତ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

# ଏସ୍‌ୟୁଜେ ସମ୍ବଲପୁର ଶାଖାର ବୈଠକ

**ସମ୍ବଲପୁର, ୨୧।୧୨(ସମିସ):** ଏସ୍‌ୟୁଜେ ସମ୍ବଲପୁର ଜିଲ୍ଲା ଶାଖାର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶାଖା ସଭାପତି ରାଧେଶ୍ୟାମ ପଣ୍ଡା ସଭାକୁ ପରିଚାଳନା କରିଥିଲେ। ବରିଷ୍ଠ ସାମ୍ବାଦିକ ଆତ୍ମାରାମ ସୁପକାର ଶାଖାର ନୂତନ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ଅଗାମୀ ଫେବୃଆରୀରେ ଏସ୍‌ୟୁଜେ ରାଜ୍ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏ ବିଷୟରେ ବୈଠକରେ ଆଲୋଚନା ହେବା ସହ ସାମ୍ବାଦିକଙ୍କ ସୁରକ୍ଷା ଓ ବୀମା ବିଷୟକୁ ଗୁରୁତ୍ୱ ଦିଆଯାଇଥିଲା। ଉପସଭାପତି ଚନ୍ଦ୍ରଚୂଡ଼ ସିଂହ, ଉପସଭାପତି ଟିକେଶ୍ୱର ପ୍ରଧାନ, ସହ ସମ୍ପାଦକ ହରିଶଙ୍କର ମିଶ୍ର, ସାଙ୍ଗଠନିକ ସମ୍ପାଦକ ଆଲୋକ ଦାଶ, ଅଜିତ ଟୈଇନି, ରମେଶ ପ୍ରଧାନ, ସବିତା ମିଶ୍ର, ଅନିଲ ଶ୍ରୀରାମକା ପ୍ରମୁଖ ଉପସ୍ଥିତ ଥିଲେ।



## ମାରୱାର୍ଡ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ଉମାଙ୍କ ତାଳେ ତାଳେ ନାଚିଲେ ଦର୍ଶକ



**ସମ୍ବଲପୁର, ୨୧।୧୨ (ସମିସ):** ସମ୍ବଲପୁର ହୀରାକୁଦ ପ୍ରଭୁ ଚନ୍ଦ୍ର ରିସର୍ଟଠାରେ ମାରୱାର୍ଡ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ମାରୱାଡି ଯୁବା ମଞ୍ଚ କ୍ଷେତରାଜପୁର ଏବଂ ରାଜସ୍ଥାନ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଯୋଗଦେଇ ବିବିଧତା ମଧ୍ୟରେ ଏକତା ହେଉଛି ଆମର ପରିଚୟ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ। ଏହି ମହୋତ୍ସବରେ ତାହାର ପ୍ରତିଫଳନ ଦେଖିବାକୁ ମିଳୁଛି କହିଥିଲେ। ସମ୍ମାନିତ ଅତିଥି ଭାବେ ସିଆରପିଏଫ୍ ଡିଆଇଜି ସଞ୍ଜୟ କୁମାର ସିଂ, ବିଜେପି ନେତା ସୁଦର୍ଶନ ଗୋୟଲ, ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ମୁଖ୍ୟଆକର୍ଷଣ ସମ୍ବଲପୁରୀ ଗାୟକ ଉମାକାନ୍ତ ବାରିକଙ୍କ ଶୋ ରହିଥିଲା। ସମ୍ବଲପୁରୀ ଗୀତରେ ଦର୍ଶକମାନେ ବେଶ ଝୁମି ଉଠିଥିଲେ। ଦର୍ଶକଙ୍କ ସହ ଉମା ମଧ୍ୟ ନାଚି ଉଠିଥିଲେ। ସୋମବାର ଏହି ମାରୱାର୍ଡ ମହୋତ୍ସବ ଉଦଯାପିତ ହେବ। ଉଦ୍‌ଯାପନୀ ଉତ୍ସବରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ବହୁ କେନ୍ଦ୍ର ଏବଂ ରାଜ୍ୟର ମନ୍ତ୍ରୀ, ବିଧାୟକ ମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ପରାଗ ଅଗ୍ରୱାଲ, ମାଧବ ଡାଲମିଆ, ଅଶୋକ ଜଳାନ, ଗଣେଶ ପାଲିବୱାଲ, ମୁକେଶ ଜରିୱାଲ, ନନ୍ଦକିଶୋର ଅଗ୍ରୱାଲ, ପ୍ରତୀକ ଅଗ୍ରୱାଲ, ରିସିଦ୍ଧ ପୋଦାର ପ୍ରମୁଖ ସହଯୋଗ କରିଥିଲେ।

# ସେଣ୍ଟ ଯୋସେଫ୍ କନଭେଣ୍ଟର ବାର୍ଷିକ କ୍ରୀଡ଼ା ଉତ୍ସବ



**ସମ୍ବଲପୁର, ୨୧।୧୨ (ସମିସ):** ରବିବାର ସମ୍ବଲପୁର ସ୍ଥିତ ସେଣ୍ଟ ଯୋସେଫ କନଭେଣ୍ଟ ହାୟର ସେକେଣ୍ଡାରୀ ସ୍କୁଲରେ ୩୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବ ଦୁଇଟି ପର୍ଯ୍ୟାୟରେ ପାଳନ କରାଯାଇଥିଲା। ଏହି ଉତ୍ସବରେ ପ୍ରାଥମିକ ବିଭାଗରେ ପୂର୍ବତନ ସୁପରିଟେଣ୍ଡେଣ୍ଟ ଅଫ ପୁଲିସ ଆନନ୍ଦ ବର୍ଦ୍ଧନ ଗୁରୁ ଏବଂ ହାଇସ୍କୁଲ ବିଭାଗରେ ସି.ଆଇ.ଏସ. ସି. ଇ ଓଡ଼ିଶା କ୍ରୀଡ଼ା ବିଭାଗର ସହକର୍ମୀ ଶିକ୍ଷକର ପି.ସାଲଭି ମୁଖ୍ୟ ଅତିଥି ରୂପେ ଯୋଗଦାନ କରିବା ସହିତ ସମସ୍ତ ଅଭିଭାବକ ତଥା ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀଗଣ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ବାର୍ଷିକ କ୍ରୀଡ଼ା ଉତ୍ସବ ଅଧକ୍ଷା ଶିକ୍ଷର ନାଭିୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ କ୍ରୀଡ଼ା ପ୍ରତିଯୋଗିତା ସହିତ ଓଡ଼ିଶାର ବିଭିନ୍ନ ଜନଜାତିର ଆଦିବାସୀ ଗୀତ ଓ ନୃତ୍ୟର ଅପୂର୍ବ ସମାବେଶ ଦେଖିବାକୁ ମିଳିଥିଲା। ମୁଖ୍ୟ ଅତିଥି ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିବା ସହିତ ଆଜିର ଆଧୁନିକ ଯୁଗର ଛାତ୍ରଛାତ୍ରୀଙ୍କୁ ଓଡ଼ିଶାର ଆଦିବାସୀ ସଂସ୍କୃତି, ପରମ୍ପରା, ନୃତ୍ୟ ଓ ସଙ୍ଗୀତ ବିଷୟରେ ଅବଗତ କରାଇ ତାଙ୍କର ବୌଦ୍ଧିକ ଜ୍ଞାନବର୍ଦ୍ଧନ କରିବାରେ ସହାୟକ ହୋଇଛନ୍ତି ବୋଲି ମଧ୍ୟ ମତବ୍ୟକ୍ତ କରିଥିଲେ।

# ଚିନିମହୁଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜମନକିରା, ୨୧।୧୨(ସମିସ):** ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ ଚିନିମହୁଲସ୍ଥିତ ଆଦର୍ଶ ବିଦ୍ୟାଳୟର ଶନିବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି ବାର୍ଷିକ ମହୋତ୍ସବରେ ବିଦ୍ୟାଳୟର ଅଧକ୍ଷ କୃଷ୍ଣଚନ୍ଦ୍ର ନନ୍ଦ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ରଙ୍ଗବତୀ ଗୀତର ସ୍ରଷ୍ଟା କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଜିତେନ୍ଦ୍ରିୟ ହରିପାଲ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଷଣ୍ଢପଥର ଏସଏସଡି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜମନକିରା ଜୋନ ୧ ଜିଲ୍ଲା ପରିଷଦ ସଦସ୍ୟା ସୁଜାତା ଖୁଣ୍ଟିଆ, ବଡ଼ରମା ପଞ୍ଚାୟତ ସରପଞ୍ଚ ବିଜୟ କୁମାର ନାୟକ, ସମାଜ ସେବୀ ଡ. ରାଜାରାମ ଷଡ଼ଙ୍ଗୀ, ଜମନକିରା ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଅରୁଣ କୁମାର ପଟେଲ ପ୍ରମୁଖ ମଞ୍ଚାସିନ ଥିଲେ। ମଞ୍ଚ ପରିଚାଳନା ସ୍କୁଲର ସହକାରୀ ଶିକ୍ଷକ ସତ୍ୟମ କୁମାର ଷଡଙ୍ଗୀ, ପଲ୍ଲବୀ ବେହେରା ଓ ଜ୍ୟୋତି କର୍ଣ୍ଣ କରିଥିବାବେଳେ ଅଧକ୍ଷ ଶ୍ରୀ ନନ୍ଦ ବାର୍ଷିକ ବିବରଣୀ ପଠନ କରିଥିଲେ। ସହକାରୀ ଶିକ୍ଷକ ନିର୍ମଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟଅତିଥି ଶ୍ରୀ ହରିପାଲ ସଙ୍ଗୀତ ମାଧ୍ୟମରେ ମହୁଲ ଫୁଲ ଉପରେ ଗୀତ ଗାଇ ଛାତ୍ରୀ ଛାତ୍ରଙ୍କୁ ଶୁଣେଇ ଉତ୍ସାହିତ କରିଥିଲେ। ଏଥିରେ ସ୍କୁଲର ସହକାରୀ ଶିକ୍ଷକ ଅଜିତ କୁମାର ନାଏକ, ସୁମନଜିତ ସାହୁ, ବିନୟଲାଲ ନାଏକ, ଆଲୋକିତ କେରକେଟା, ଆଶିଷ କୁମାର ନାୟକ, ଲକି ଅମାତ, ସତ୍ୟବ୍ରତ ଦେହୁରୀ, ଜ୍ୟୋତି ରଞ୍ଜନ ବେହେରା, ସାଗର ଗୋପାଳ, ସସିମା ବାରିକ, ପଲ୍ଲବୀ ବେହେରା, ସୌଦାମିନୀ ମାଝୀ, ସୁପ୍ରଭା ଭୋଇ, ରୁକ୍ମଣୀ ପଧାନ ପ୍ରମୁଖ ସହଯୋଗ କରିଥିଲେ।




# ଜିଲ୍ଲାସ୍କୁଲ ୧୯୮୦ ବ୍ୟାଚ୍ ଛାତ୍ରଙ୍କ ସମାବେଶ



**ସମ୍ବଲପୁର, ୨୧।୧୨(ସମିସ):** ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ୧୯୮୦ ମାଟ୍ରିକ୍ ବ୍ୟାଚ୍‌ର ଛାତ୍ରମାନଙ୍କ ଏକ ସମାବେଶ କାଇଁଶୀର ରୋଡସ୍ଥିତ ଏକ ଗେଷ୍ଟହାଉସ୍‌ରେ ଆୟୋଜିତ ହୋଇଛି। ଜିଲ୍ଲା ସ୍କୁଲର ଗୁଣାତ୍ମକ ମାନ ଏବଂ ଭିତିଭୂମି ବିକାଶରେ ବ୍ୟାଚ୍ ପକ୍ଷରୁ କିପରି ସହଯୋଗ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ନବମ ଓ ଦଶମ ଶ୍ରେଣୀର ଗରିବ ଓ ଅଳ୍ପମେଧା ଛାତ୍ର ମାନଙ୍କ ସକାଶେ ପୁରାତନ ଛାତ୍ରମାନେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ବିଭିନ୍ନ ବିଷୟରେ ସ୍ୱତନ୍ତ୍ର ଶିକ୍ଷାଦାନ କରିବାନେଇ ପ୍ରସ୍ତାବ ଆସିଥିଲା। ଏହାସହ ୧୯୮୦ ବ୍ୟାଚ୍‌ର ଏକ ପ୍ରତିନିଧି ଦଳ ପ୍ରଧାନ ଶିକ୍ଷକଙ୍କୁ ସାକ୍ଷାତ କରି ବିଦ୍ୟାଳୟ ସକାଶେ ଉପଯୋଗୀ ପ୍ରକଳ୍ପ ହାତକୁ ନେବାକୁ ନିଷ୍ପତ୍ତି ନିଆଯାଇଛି। ପୁରାତନ ଛାତ୍ର ବ୍ରଜ କିଶୋର ମହାନ୍ତି, ପୃଥ୍ୱୀରାଜ ବେହେରା, ସରୋଜ ଦେବତା, ପ୍ରଦୀପ ପଣ୍ଡା, ଦିଲୀପ ପତି, ବିଭୁତିଭୂଷଣ ଦାଶ, ଦିଲ୍ଲୀପ ଦେବ, ଶଶାଙ୍କ ଶେଖର ପଣ୍ଡା, ରବି ପ୍ରଧାନ, ସୁକାନ୍ତ କର, ଦେବପ୍ରସାଦ ମହାନ୍ତି, ଜୟନ୍ତ ମିଶ୍ର, କିରନ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଦୟାସାଗର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ



**ଯୁଯୁମୁରା, ୨୧।୧୨(ସମିସ):** ଯୁଯୋମୁରା ବ୍ଲକ ଅଧୀନ କେଶାପାଲି ଖେଳପଡ଼ିଆରେ କେଶାପାଲି ଗିରିଗୋବର୍ଦ୍ଧନ ଯୁବକ ସଂଘ ପକ୍ଷରୁ ଚାଲିଥିବା ୫ ଦିନିଆ ଦୟାସାଗର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ବରଗାଁକୁ ହରାଇ ଡଙ୍ଗାପାଳ ବିଜୟୀ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ଆସଫ ଅଲ୍ଲୀ ଖାନ ମୁଖ୍ୟ ଅତିଥି, ସମାଜସେବୀ ଦୀପକ ବିଶ୍ୱାଳ, ସ୍ଥାନୀୟ ସମିତି ସଭ୍ୟ ସଞ୍ଜିତା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କୃତ କରାଯାଇଥିଲା। ସଞ୍ଜୀବ ରଣା ଓ ରାଜୀବ ନାୟକ ଖେଳ ପରିଚାଳନା କରିଥିଲେ। ବାପୁନ ଦେହୁରୀ ସ୍କୋରର ଥିଲେ। ରାଜେଶ ମିଶ୍ର ଧାରା ବିବରଣୀ ଦେଇଥିଲେ।

## ବାମରା ବନଖଣ୍ଡସ୍ତରୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

# ମଣିଷ ଓ ବନ୍ୟପ୍ରାଣୀ ସହାବସ୍ଥାନ ଉପରେ ଗୁରୁତ୍ୱାରୋପ

**ଜମନକିରା, ୨୧।୧୨(ସମିସ)**

ଭୋଜପୁରସ୍ଥିତ ଜମନକିରା ରେଞ୍ଜ ଅଫିସ୍ ଠାରେ ବାମରା ବନଖଣ୍ଡସ୍ତରୀୟ ଏକ ଦିବସୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମଣିଷ ବନ୍ୟପ୍ରାଣୀ ସହାବସ୍ଥାନ ଅନୁଷ୍ଠିତ ହୋଇଥିଲା। ବାମରା ଡିଏଫ୍‌ଓ ବିକ୍ରମ ଦେବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଅରୁଣାଞ୍ଚଳପ୍ରଦେଶ, ଆଣ୍ଡାମାନ ଓ ନିକୋବର ଦ୍ୱୀପର ପୂର୍ବତନ ପିସିସିଏଫ୍ ଅଶୋକ ବିଶ୍ୱାଳ ଏବଂ ସମ୍ମାନିତ ଅତିଥି ଭାବେ ଚନ୍ଦକା ଓ ସାତକୋଶିଆ ବନ୍ୟପ୍ରାଣୀ ଡିଭିଜନ ର ପୂର୍ବତନ ଡିଏଫ୍‌ଓ ସୁରେଶ ଚନ୍ଦ୍ର ମିଶ୍ର, ଓଡ଼ିଶା ଏଭରଗ୍ରୀନ ଫୋରମ୍ ର ମୁଖ୍ୟ ପ୍ରତିଷ୍ଠାତା ସଭାପତି ପ୍ରକାଶ ଚନ୍ଦ୍ର ଜେନା, ବାମରା ଏସିଏଫ୍ ଆଲୋକ୍ ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସିନ ଥିଲେ। ବାମରା ଡିଏଫ୍‌ଓ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ହାତୀ ତାର ଅଧିକାର ମାଗୁଛି। ବାମରା ବନ୍ୟପ୍ରାଣୀ ଡିଭିଜନ ଅଞ୍ଚଳର ଭିଏସଏସ, ଗଜ ସାଥି, ଜଗୁଆଳୀ, ପ୍ରକୃତି ପ୍ରେମୀ ବିଭିନ୍ନ ପ୍ରଶ୍ନ ପଚାରି ହାତୀ ଚଳାପଥ ରାସ୍ତା ଦେବା ଓ ବଞ୍ଚିବା ପାଇଁ ଅଧିକାର ଦେବାକୁ କହିଥିଲେ। ସଭାରେ ଗୋକୁଳାନନ୍ଦ ଦାନୀ, ହୃଦାନନ୍ଦ ନାଏକ, ଆଦି ପ୍ରସାଦ ମହାକୁଳ, ମିତ୍ରଭାନୁ ବେହେରା, ଲଳିତ ପଧାନ, ଗୋବର୍ଦ୍ଧନ ସାହୁ ପ୍ରମୁଖ ଶପଥ ନେଇଥିଲେ। ଜମନକିରା ରେଞ୍ଜର ଲକ୍ଷ୍ମୀନାରାୟଣ ନାଏକ, କୁଚିଣ୍ଡା ରେଞ୍ଜର ଲେଖାରଣୀ ମହାନନ୍ଦ, ବଡ଼ରମା ରେଞ୍ଜର ଗିରିଧାରୀ ପ୍ରଧାନ, ଖଳାସୁଣି ରେଞ୍ଜର ମହେନ୍ଦ୍ର ପଧାନ, ବାମରା ରେଞ୍ଜରଦୀପକ ମହାନନ୍ଦ, ଫରେଷ୍ଟର ଭେଙ୍କେଟେଶ୍ୱର ପିଙ୍ଗ, ସୁନିତା ନାଏକ, ଆଜମେର ଜୟପୁରିଆ, ଦେବରାଜ ଗୁଞ୍ଜୁ, ଶିଶିର କୁମାର ସାମଲ, ହେମନ୍ତ ମିଶ୍ର ପ୍ରଭୃତି ଯୋଗ ଦେଇଥିଲେ।



# ଶୀତରେ ଥରହର ବରଗଡ଼

**ବରଗଡ଼, ୨୧।୧୨(ସମିସ):** ଚଳିତ ବର୍ଷ ବରଗଡ଼ ଜିଲ୍ଲାର ପ୍ରତ୍ୟେକ ସ୍ଥାନରେ ପାରଦ ୧୦ ଡିଗ୍ରୀରୁ ତଳକୁ ଖସି ରହୁଥିବା ଦେଖା ଦେଇଛି। ସହରାଞ୍ଚଳରେ ଲୋକେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଗରମ ପୋଷାକ ପରିଧାନ କରିବାକୁ ପସନ୍ଦ କରୁଥିବା ବେଳେ ଗାଁ ଗହଳିରେ ଲୋକେ ନିଆଁ ଜାଳି ଶୀତଋତୁରେ ନିଆରା ମଜା ନେଉଛନ୍ତି। ଶୀତୁଆ ସକାଳରେ ସୂର୍ଯ୍ୟଙ୍କ ପହିଲି କିରଣ ଟିକିଏ ପାଇବା ପାଇଁ ସତେ ଯେମିତି ପ୍ରତିଯୋଗିତା ଚାଲୁଛି। ଥଣ୍ଡା ପ୍ରକୋପରୁ ସାମାନ୍ୟ ଟିକିଏ ଆଶ୍ୱସ୍ତି ପାଇବା ପାଇଁ ଗାଁ ହେଉ କି ସହର ସବୁଠି ଚା ଦୋକାନରେ ଆସର ଜମୁଛି। ଚା ଖଟିରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ରାଜନୀତିର ଚର୍ଚ୍ଚା ଲାଗି ରହିଛି। ମୋବାଇଲ୍ ଯୁଗରେ ଜନ ସାଧାରଣ ମୋବାଇଲରେ ମଜ୍ଜି ରହୁ ଥିଲେ ବି ସକାଳୁ ନିତିଦିନିଆ ଖବରକାଗଜରୁ କିଛି ଅଭ୍ୟାସଗତ ପାଠକ ଖବର ସଂଗ୍ରହ କରୁଥିବାର ଦେଖିବାକୁ ମିଳୁଛି। ଯୁବପିଢ଼ି ଜ୍ୟାକେଟ, ଆଧୁନିକ ଶୀତ ବସ୍ତ୍ର ପିନ୍ଧି ଶରୀରକୁ ଉଷୁମ ରଖୁଛନ୍ତି। ସ୍ୱେଟର, ଶାଲ, କମ୍ବଳ ଘୋଡାଇ ହୋଇଥିବା ବ୍ୟକ୍ତିରୁ ଆଳସ୍ୟତା ସ୍ପଷ୍ଟ ବାରି ହେଉଛି। ଅପରପକ୍ଷେ ଶୀତବସ୍ତ୍ର ପିନ୍ଧି ନ ଥିବା ଚାଷୀଟିଏ କର୍ମ ତତ୍ପର ହୋଇ ବିଲକୁ ଯାଉ ଥିବାର ଦୃଶ୍ୟ ଦେଖିଲେ ଜୀବନଟା ଚଳ ଚଞ୍ଚଳ ମନେ ହୁଏ। କାକର ପଡ଼ିଥିବା ସୁନେଲି କ୍ଷେତରେ ସୂର୍ଯ୍ୟଙ୍କ ରକ୍ତିମ



କିରଣ ପଡ଼ିଲେ ଅତ୍ୟନ୍ତ ମନଲୋଭା ଦେଖାଯାଏ। ଏପରି ଦୃଶ୍ୟ ପ୍ରତି ଆକର୍ଷିତ ହୋଇ ପକ୍ଷୀ ମାନେ ମଧ୍ୟ ଚଳ ଚଞ୍ଚଳ ହେଉଥିବା ମନେ ହୁଏ। ପ୍ରାକୃତିକ ସୌନ୍ଦର୍ଯ୍ୟର ଝଲକ ପାଇଁ ପଥରାସେନୀ, ବାରବଖରା, ପକ୍ଷୀଗାଁ ଗୋବିନ୍ଦପୁର, ନୃସିଂହନାଥ, ଦେବଦର୍ହା, ପପାଙ୍ଗା ପାହାଡ ଆଦି ପର୍ଯ୍ୟଟନ ସ୍ଥଳୀରେ ନାହିଁ ନ ଥିବା ଭିଡ ପରିଲକ୍ଷିତ ହେଉଛି।

# ଝାରବନ୍ଧ ବ୍ଲକ୍‌ରେ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର

**ଝାରବନ୍ଧ, ୨୧।୧୨(ସମିସ)**

ସରକାର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଦେବା କଥା ପ୍ରଚାର କରୁଛନ୍ତି। ମାତ୍ର ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଉ ଥିବା କର୍ମଚାରୀଙ୍କ ଅଭାବ ଯୋଗୁଁ ଝାରବନ୍ଧ ବ୍ଲକ ଅଞ୍ଚଳ ବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଓଡ଼ିଶା ଛତିଶଗଡ଼ ସୀମାନ୍ତରେ ଥିବା ଝାରବନ୍ଧ ବ୍ଲକ ହେଉଛି ଦଳିତ ଆଦିବାସୀ, ଦିନ ମଜୁରିଆ, ଖଟିଖିଆ ପରିବାର ବସବାସ କରୁଥିବା ବ୍ଲକ। ୨୦୧୧ ଜନଗଣନା ଅନୁଯାୟୀ ଝାରବନ୍ଧ ବ୍ଲକରର ଜନସଂଖ୍ୟା ୯୨୪୮୯ ଥିବା ବେଳେ ୪୬୪୫୮ ପୁରୁଷ, ୪୬୦୩୧ ମହିଳା ଅଟନ୍ତି। ଝାରବନ୍ଧ ବ୍ଲକରେ ୧୪ଟି ପଞ୍ଚାୟତର ୮୩ଟି ରାଜସ୍ୱ ଗାଁ ରହିଛି। ୧୯୬୪ରେ ଅଞ୍ଚଳର ସ୍ୱାସ୍ଥ୍ୟ ସେବା ପାଇଁ ଡଭା ଗାଁରେ ସ୍ଥାପନ ହୋଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡଭାର ଦୂରାବସ୍ଥା ଅଞ୍ଚଳର ସ୍ୱାସ୍ଥ୍ୟ ସେବା ପାଇଁ ଏକ ସମସ୍ୟା। ଯେଉଁଠି ହାତପାହାନ୍ତାରେ ଲୋକେ ଚିକିତ୍ସା ପାଇବା କଥା ଡାକ୍ତର ଏବଂ କର୍ମଚାରୀ ଅଭାବରୁ ଲୋକେ ଖର୍ଚ୍ଚାନ୍ତ ହୋଇ ଛତିଶଗଡ଼ ସହିତ ନୂଆପଡ଼ାକୁ ଯାଇ ଚିକିତ୍ସା ହେଉଥିବାର ଜଣାପଡ଼ିଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡଭାରେ ଭେଷଜ ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତୀରୋଗ ବିଶେଷଜ୍ଞ,





ଦନ୍ତରୋଗ ବିଶେଷଜ୍ଞ, ସର୍ଜରୀ ବିଶେଷଜ୍ଞ ଡାକ୍ତର ରହିବାର ନିୟମ ଅଛି ହେଲେ ହସ୍ପିଟାଲ ଖୋଲିବା ଦିନରୁ ଝାରବନ୍ଧ ବ୍ଲକରେ ବିଶେଷଜ୍ଞ ଡାକ୍ତର ସାତ ସପନ ହୋଇଛି। ୫ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି। ଅନ୍ୟ ପଟେ ୧୫ ଜଣ ଏମବିବିଏସ ଡାକ୍ତର ରହିବା କଥା। ହେଲେ ନିଯୁକ୍ତି ହୋଇଛନ୍ତି ୪ ଜଣ। ତନ୍ମଧ୍ୟରୁ ୨ ଜଣ କାର୍ଯ୍ୟରତ ଥିବା ବେଳେ ୨ ଜଣ ପିଜି ପାଠ ପଢ଼ି ଯାଇଛନ୍ତି। ସେହିପରି ଦୁଇ ଜଣ ଫାର୍ମାସିଷ୍ଟ ରହିବା ସ୍ଥାନରେ ଜଣେ କାର୍ଯ୍ୟରତ ଥିବା ବେଳେ ଜଣେ ତାଲପାଲିରେ ଡେପୁଟେସନରେ ରହି କାର୍ଯ୍ୟରତ ଅଛନ୍ତି। ୬ ଜଣ ଷ୍ଟାଫ ନର୍ସ ରହିବା ସ୍ଥାନରେ ଆଜକୁ ହାରାହାରି ୧୫ ବର୍ଷ ହେବ ଜଣେ ଷ୍ଟାଫ ନର୍ସରେ ଚାଲିଛି ଗର୍ଭବତୀ ମହିଳାଙ୍କ ଚିକିତ୍ସା। ବିଗତ ଦୁଇ ବର୍ଷ ତଳେ ଆଉ ଜଣେ ଷ୍ଟାଫ ନର୍ସ ଥିଲେ।

## ବିଶେଷଜ୍ଞ ଡାକ୍ତର ସାତ ସପନ

## ୫ ବିଶେଷଜ୍ଞ, ୧୩ ଏମ୍‌ବିବିଏସ୍ ଡାକ୍ତର ପଦବୀ ଖାଲି

ଲେବର ରୁମର ଚିକିତ୍ସା କିଭଳି ଭାବେ ହେଉଥିବ ତାହା ସ୍ପଷ୍ଟ ଅନୁମେୟ। ଜଣେ ବିପିଏଚଓ ପଦବୀ ଖାଲି, ଜଣେ ଅଧୀକ୍ଷକ ପଦବୀ ଖାଲି, ୨୦୨୧ ମସିହାରୁ ଜଣେ ବିପିଏମ ଏବଂ ଜଣେ ବିଡିଏମ ପଦବୀ ଖାଲି, ଆଣ୍ଟେଡେଣ୍ଟ ୩ ସ୍ଥାନରେ ଜଣେ ଅଛନ୍ତି। ଗୋଟିଏ ପିଅନ ଓ ଜଣେ ରୋଷେୟା ପଦବୀ ଖାଲି। ଜନ୍ମ ମୃତ୍ୟୁ ପଞ୍ଜୀକରଣ ପ୍ରମାଣ ପତ୍ର ବିଭାଗର ଗୋଟିଏ କିରାଣୀ ପଦବୀ ଖାଲି, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ଗୋଟିଏ ପଦବୀ ଖାଲି, ୨ଟି ସୁଇପର ପଦବୀ, ଜଣେ ବରିଷ୍ଠ ସହାୟକ ପଦବୀ, ମହିଳା ସ୍ୱାସ୍ଥ୍ୟକର୍ମୀ ୨ଟି ପଦବୀ ଖାଲି ରହିଛି। ଦୁଇ ଜଣ ଏଲଟି ସ୍ଥାନରେ ଜଣେ ଅଛନ୍ତି। ଗୋଟିଏ ଚକ୍ଷୁ ପରୀକ୍ଷଣ ସହାୟକ ପଦବୀ, ଗୋଟିଏ ହେଲପର ପଦବୀ ମଧ୍ୟ ଖାଲି। ଦୁଃଖର ବିଷୟ ଡଭାରେ ଏକ୍ସରେ ମେସିନ ନ ଥିବାରୁ ଏକ୍ସରେ ଟେକ୍ନିସିଏନ ଡେପୁଟେସନରେ ପଦ୍ମପୁରରେ କାର୍ଯ୍ୟରତ ଅଛନ୍ତି। ଯେଉଁଭଳି ଭାବେ ଡାକ୍ତର ପଦବୀ ଖାଲି ପଡ଼ିଛି ଅଞ୍ଚଳ ପାଇଁ ଅତ୍ୟନ୍ତ ବିଡମ୍ବନା ଓ ପରିତାପର ବିଷୟ। ନିର୍ବାଚନ ଆସିଲେ ମାଳ ମାଳ ନେତା ମନ୍ତ୍ରୀ ଅଞ୍ଚଳକୁ ଆସନ୍ତି, ଲୋକଙ୍କୁ ଡାକ୍ତର ପଦବୀ ପୁରଣ ପାଇଁ ପ୍ରତିଶ୍ରୁତି ଦିଅନ୍ତି ହେଲେ ସମସ୍ୟା ଯେମିତିକୁ ସେମିତି ହୋଇ ବର୍ଷ ବର୍ଷ ଧରି ରହିଯାଏ। ବର୍ତ୍ତମାନ ରାଜ୍ୟରେ ଡବଲ ଇଞ୍ଜିନର ସରକାର ଚାଲିଛି ତେଣୁ ପରିବର୍ତ୍ତନ ଆଶାରେ ଝାରବନ୍ଧ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

# ଦିପ୍ତୀପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରଜତ ଜୟନ୍ତୀ

**ବରଗଡ଼, ୨୧।୧୨(ସମିସ):** ପଦ୍ମପୁର ସବଡିଭିଜନ ଶ୍ରୀଅରବିନ୍ଦ ପାଠଚକ୍ର, ଅରୋଜ୍ୟୋତି ଦୀପ୍ତିପୁରରେ ରବିବାର ଶିକ୍ଷାକେନ୍ଦ୍ରର ସଭାପତି ଚନ୍ଦ୍ରମଣି ସାହୁଙ୍କ ସଭାପତିତ୍ୱରେ ରଜତ ଜୟନ୍ତୀ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ମାତୃ ପତାକା ଉତ୍ତୋଳନ କରାଯାଇଥିଲା। ବନ୍ଦେ ମାତରଂ, ଆଧ୍ୟାତ୍ମିକ ଶୋଭାଯାତ୍ରା ହୋଇଥିଲା। ଜୁବୁଲି ଗେଟ୍ ଉନ୍ମୋଚିତ ଓ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପୂର୍ବତନ ମନ୍ତ୍ରୀ ତଥା ସୋହେଲା ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀଅରବିନ୍ଦ ସାଧନା ପୀଠର ପ୍ରକାଶ ଚନ୍ଦ୍ର ଦେବତା, ମୁଖ୍ୟ ବକ୍ତା ଭାବେ କଟକ ନବ ଜୀବନ ଶିକ୍ଷା ସଂସଦ ରାଧାକାନ୍ତ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ବରଗଡ଼ ସଙ୍ଗତି ମଣ୍ଡଳ ଆବାହକ ପ୍ରଫୁଲ୍ଲ ପଣ୍ଡା, ବରଗଡ଼ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସୋହେଲା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ଉପେନ୍ଦ୍ର ମହାପାତ୍ର, ସୋହେଲା ଶ୍ରୀଅରବିନ୍ଦ ସାଧନା ପୀଠର ସମ୍ପାଦକ ସୁଶାନ୍ତ ମିଶ୍ର ପ୍ରମୁଖ



ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷାକେନ୍ଦ୍ର ପ୍ରତି ଅବଦାନ ରହିଥିବା ଓ ଅଞ୍ଚଳର ବଦାନ୍ୟ ବ୍ୟକ୍ତି ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ ସହଯୋଗ ବଢ଼ାଇଥିବା ବ୍ୟକ୍ତିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାକେନ୍ଦ୍ରର ସମ୍ପାଦକ ନିର୍ମଳ ବାରିକ ମଞ୍ଚ ପରିଚାଳନା କରିଥିଲେ। ପରେ ସୃଜନଶୀଳ କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ମୁଖ୍ୟ ବକ୍ତା ଭାବେ ତାଳପଦର ମହାବିଦ୍ୟାଳୟ ଅଧ୍ୟାପକ ଧନପତି ଦେବତା ଓ ସମ୍ମାନିତ ଅତିଥି ଭାବେ ବରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ମେଲଛାମୁଣ୍ଡା ପୂର୍ବତନ ସରପଞ୍ଚ ସିଦ୍ଧାର୍ଥ ଶଙ୍କର ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ପୂର୍ଣ୍ଣିମା ରଣା, ଟାଲ ସରପଞ୍ଚ ମିଥିଲା ସାହୁ, ଟାଲ ସମିତି ସଭ୍ୟା ଦୀପାଞ୍ଜଳୀ ପଧାନ, ସମାଜସେବୀ କିଶୋର ଚନ୍ଦ୍ର ଦେବତା ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମାଁ ବାଞ୍ଜିତଲିଏନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଭେଡେନ, ୨୧।୧୨(ସମିସ):** ଭେଡେନ ବ୍ଲକ ଚିଚିଣ୍ଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମାଁ ବାଞ୍ଜିତଲିଏନଙ୍କ ୩ ଦିନ ଧରି ହେବାକୁ ଥିବା ମନ୍ଦିର ପ୍ରତିଷ୍ଠା ମହୋତ୍ସବ ରବିବାର ଶୁଭାରମ୍ଭ ହୋଇଛି। ପୂଜା ମଣ୍ଡପରେ ସକାଳେ ଅଙ୍କୁରାରୋପଣ, ମଣ୍ଡପ ସଂସ୍କାର, ମଣ୍ଡଳୀ କରଣ ଆଦି ଅନୁଷ୍ଠିତ ହୋଇଥିଲା। ଦିନ ୧ରେ ଏକ ବିରାଟ କଳସ ଶୋଭାଯାତ୍ରା ହୋଇଥିଲା। ଗାଁର ଶତାଧିକ ମହିଳା, ପୂଜା କମିଟି ସଦସ୍ୟ ଓ ନିକଟସ୍ଥ ବାଞ୍ଜିପାଲି, କୁଶନ ପୁରୀ, ପିପିଲି ପାଲି ଆଦି ଗାଁର ଅନେକ ମହିଳା ଯୋଗ ଦେଇଥିଲେ। ଘଣ୍ଟ ବାଦ୍ୟ, ଦୂଲଦୁଲି, ସଙ୍କୀର୍ତ୍ତନ ଦଳ ସହିତ କଳସ ଯାତ୍ରାରେ ବାହାରି ସ୍ଥାନୀୟ ପୋଖରୀରୁ ପୂର୍ଣ୍ଣ କଳସ ଆଣି ଚିଚିଣ୍ଡା ଗାଁ ପରିକ୍ରମା କରି ପୂଜା ମଣ୍ଡପରେ କଳସ ସ୍ଥାପନ କରିଥିଲେ। ପ୍ରତିଷ୍ଠା ମହୋତ୍ସବରେ ପଣ୍ଡିତ ରାଣା ପ୍ରତାପ ପଣ୍ଡା, ଶୁକଦେବ ଶତପଥୀ, ପ୍ରିୟବ୍ରତ ଶତପଥୀ, ପିଣ୍ଟୁ ଦାଶ, ଅମିତ ମିଶ୍ର, ଯୁଧିଷ୍ଠିର ମହାପାତ୍ର ପୂଜାକାର୍ଯ୍ୟ ତୁଲାଉ ଥିଲେ। କୁଶନପୁରି ଗୌନ୍ତିଆ କୁଳଦୀପ ଷଡଙ୍ଗୀ, ପିପିଲିପାଲି ଗୌନ୍ତିଆ ରାମନାରାୟଣ ପାଢ଼ୀ, ସମେତ ଚିଚିଣ୍ଡା ଓ ବାଞ୍ଜିପାଲି ଗାଁର ଗୁଲେଖ ଦାଶ, ବଳିଷ୍ଠ ପଧାନ, ଅନନ୍ତ ମେହେର, ଖଦାଲ ମେହେର, ଗଣେଶ ବଘାର, ଆନନ୍ଦ ଭୋଇ, ରଞ୍ଜିତ ମହାକୁର, ସତ୍ୟବ୍ରତ ମେହେର, ଅଶୋକ ମେହେର, ଶେଷ ବଘାର, ଶୁକଦେବ ବଘାର ସପତ୍ନୀକ କର୍ତ୍ତା କାର୍ଯ୍ୟ ତୁଲାଉଛନ୍ତି।

## ଜାଭେରିୟାନ୍ ହାଇସ୍କୁଲରେ ବାର୍ଷିକ ଉତ୍ସବ





**ରେଢ଼ାଖୋଲ, ୨୧।୧୨ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ମିନି ଷ୍ଟାଡିୟମଠାରେ ରବିବାର ଆଦର୍ଶନଗର ସ୍ଥିତ ଯାଭେରିଆନ୍ ହାଇସ୍କୁଲ ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷା ସୁପ୍ରିୟା ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଇଛି। ଏଥିରେ ମୁଖ୍ୟଅତିଥି ଭାବରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀରଞ୍ଜନ ମହାନ୍ତ ଯୋଗଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର, ସମ୍ମାନିତ ଅତିଥି ଭାବରେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ଅବସରପ୍ରାପ୍ତ ଖେଳ ଶିକ୍ଷକ ନରେନ୍ଦ୍ର ଦେହୁରୀ, ସ୍କୁଲ ଚେୟାରମ୍ୟାନ ତଫାନ ଗଡ଼ନାୟକ ପ୍ରମୁଖ ଯୋଗଦେଇ ଥିଲେ। ଶିକ୍ଷକ ଅନିଲ ମେହେର ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଏହି ବାର୍ଷିକ ଉତ୍ସବରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଗାଡ଼ି ଧକ୍କାରେ ଜଣେ ମୃତ, ୧ ଗୁରୁତର

**ରେଙ୍ଗାଲି, ୨୧।୧୨(ସମିସ):** ରେଙ୍ଗାଲି ବ୍ଲକ ସପନେ ବ୍ରିଜ୍‌ରେ ଏକ ଗାଡ଼ି ଧକ୍କାରେ ଜଣକର ମୃତ୍ୟୁ ଘଟିଥିବାବଲେ ଜଣେ ଗୁରୁତର ଆହତ ହୋଇଛନ୍ତି। ପଶ୍ଚିମବଙ୍ଗ, ଭଗବାନପୁରର ବାବୁ ଭଟ୍ଟାଚାର୍ଯ୍ୟ ଓ ଅନୁରାଗ ଚୌବେ ଶନିବାର ବିଳମ୍ବିତ ରାତିରେ ସପନେ ବ୍ରିଜ ଉପରେ ଚାଲି ଚାଲି ଯାଉଥିବାବେଳେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ରେଙ୍ଗାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଇଥିଲା।

## ନାବାଳିକା ଅପହରଣ ଅଭିଯୋଗ

**ରେଢ଼ାଖୋଲ, ୨୧।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଞ୍ଚଳରେ ଜଣେ ୧୬ ବର୍ଷୀୟ ନାବାଳିକାକୁ ଅପହରଣ କରାଯାଇଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ସୂଚନା ଯୋଗ୍ୟ ଯେ ରେଢାଖୋଲ ଥାନା ସାମସିଙ୍ଗା ଗ୍ରାମର ବାସିନ୍ଦା ରାଜେନ୍ଦ୍ର ନାଗଙ୍କ ୧୬ ବର୍ଷିୟ ନାବାଳିକା ଘରେ ଶୋଇଥିବାବେଳେ କେହି ତାଙ୍କୁ ଅପହରଣ କରିଥିବା ନେଇ ରେଢାଖୋଲ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗରେ ପରିବାର ଲୋକେ ଉଲ୍ଲେଖ କରିଛନ୍ତି ଯେ ବୌଦ୍ଧ ଜିଲ୍ଲାର ଜହ୍ନାପଙ୍କ ଥାନା ଅନ୍ତର୍ଗତ ଚରଦା ଗ୍ରାମର ରାଜିବ କହଁରଙ୍କ ପୁଅ ସୁବ୍ରତ କହଁର ରାଜେନ୍ଦ୍ର ନାଗଙ୍କ ଝିଅ ସହିତ କିଛି ଦିନ ହେଲା ଫୋନରେ କଥାବାର୍ତ୍ତା ଚାଲିଥିଲା। ଏଥିରେ ସୁବ୍ରତ ମୋ ଝିଅକୁ ଅପହରଣ କରିଛି ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗ କ୍ରମେ ରେଢ଼ାଖୋଲ ପୁଲିସ ଏକ ଅପହରଣ ମାମଲା ରୁଜୁକରି ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

## ପଶ୍ଚିମୋତ୍କଳ କର୍ମକାଣ୍ଡୀୟ ସମିତିର ବାର୍ଷିକ ସଭା

**ପଦ୍ମପୁର, ୨୧।୧୨(ସମିସ):** ପଶ୍ଚିମୋତ୍କଳ କର୍ମକାଣ୍ଡୀୟ ସମିତି ପଦ୍ମପୁରର ବାର୍ଷିକ ସାଧାରଣ ସଭା ପଦ୍ମପୁର ବ୍ରାହ୍ମଣ ସମାଜ କଲ୍ୟାଣ ମଣ୍ଡପ ଠାରେ ସଭାପତି ଅତ୍ରାହୀ ଭଞ୍ଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ଜିଲ୍ଲା କର୍ମକାଣ୍ଡୀୟ ସଭାପତି କୀର୍ତ୍ତିଚନ୍ଦ୍ର ପଣ୍ଡା ଯୋଗ ଦେଇ ଥିଲେ। ପଦ୍ମପୁର ବ୍ରାହ୍ମଣ ସମାଜ ସଭାପତି ଜୟନାରାୟଣ ତ୍ରିପାଠୀ, ସମ୍ପାଦକ ସଦାନନ୍ଦ ପୁରୋହିତ, କର୍ମକାଣ୍ଡୀୟ ପୂର୍ବତନ ସଭାପତି କାହ୍ନୁଚରଣ ଦାଶ, ଉପସଭାପତି ନୀଳମଣି ମିଶ୍ର, ସମ୍ପାଦକ ଜିତେନ୍ଦ୍ର ତ୍ରିପାଠୀ, ଉପଦେଷ୍ଟା ଫୌଜଲାଲ ନନ୍ଦ ଉପସ୍ଥିତ ଥିଲେ। ବିଷ୍ଣୁ ଦାଶ ସପତ୍ନୀକ ଗାୟତ୍ରୀ ପୂଜାରେ କର୍ତ୍ତା ହୋଇ ପୂଜା ସମ୍ପାଦନ କରିଥିଲେ। ସଭାରେ ଯଦୁମଣି, ଉପେନ୍ଦ୍ର, ସୁବ୍ରତ, କୀର୍ତ୍ତିଚନ୍ଦ୍ର, ସନ୍ତୋଷ, ଗଣନାଥ, ସତ୍ୟପ୍ରକାଶ, ପୂର୍ଣ୍ଣଚନ୍ଦ୍ରଙ୍କ ସମେତ ପଦ୍ମପୁର ବ୍ଲକ, ଝାରବନ୍ଧ ବ୍ଲକର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

# ଅମ୍ବାଭୋନା ବ୍ଲକ୍ ସାମ୍ବାଦିକ ସଂଘର ବୈଠକ

## ସାମ୍ବାଦିକ ସୁରକ୍ଷା, ପେନସନ ଦାବି



**ଅମ୍ବାଭୋନା, ୨୧।୧୨(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଚିଚୋଲିଭୁକ୍ତା ସତ୍ୟ ମହିମା ଆଶ୍ରମ ପରିସରରେ ରବିବାର ବ୍ଲକ ସ୍ତରୀୟ ସାମ୍ବାଦିକ ସଂଘର ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକଟି ବରିଷ୍ଠ ସାମ୍ବାଦିକ ହେମନ୍ତ ପଧାନଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ବୈଠକରେ ସାମ୍ବାଦିକ ମାନଙ୍କ ସମ୍ମୁଖୀନ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷ କରି ସାମ୍ବାଦିକ ସୁରକ୍ଷା ଆଇନ, ପେନସନ ଭତ୍ତା, କଲ୍ୟାଣ ପାଣ୍ଠି, ସାମ୍ବାଦିକ ଭବନ, ଭତ୍ତା ଓ ସ୍ୱାସ୍ଥ୍ୟ ବୀମା ଯୋଜନା ନେଇ ସାମ୍ବାଦିକମାନେ ନିଜ ନିଜ ମତାମତ ପ୍ରକାଶ କରିଥିଲେ। ଉମେଶ ସେଠ, ରଞ୍ଜିତ ଦାଶ, ପ୍ରକାଶ ରଥ, ଅଜୟ ସାହୁ, ଚନ୍ଦ୍ରମଣୀ ବେହେରା ପ୍ରମୁଖ ସାମ୍ବାଦିକତା କ୍ଷେତ୍ରରେ ଥିବା ସମସ୍ୟା ସମ୍ପର୍କରେ କହିଥିଲେ। ନୂଆ ବର୍ଷରେ ସାମ୍ବାଦିକ ସଂଘକୁ ଅଧିକ ମଜବୁତ ଓ ସୁଦୃଢ଼ କରିବା ନିମିତ୍ତେ ବୈଠକରେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗୃହୀତ ହୋଇଥିଲା। ଶେଷରେ ସାମ୍ବାଦିକ ରଞ୍ଜିତ ଦାଶ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଓଁକାର ଗୁରୁକୁଳରେ ଗୀତା ଜୟନ୍ତୀ

**ବରଗଡ଼, ୨୧।୧୨ (ସମିସ):** ବରଗଡ଼ ବ୍ଲକ ଅଧୀନ ବରଗାଁ ଓଁକାର ଗୁରୁକୁଳ ଠାରେ 'ଗୀତା ଜୟନ୍ତୀ' ପାଳିତ ହୋଇଯାଇଛି। ଏଥିରେ ଓଡ଼ିଶା ଅଭିଭାବକ ମହାସଂଘର ବରଗଡ଼ ଜିଲ୍ଲା ସଭାପତି ବିମଳ ଦାସ, ଭଟଲି ଦଧିବାମନ ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ରାଜୀବ ସାହୁ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କର ଗୀତା ଆଧାରିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା ଓ ସେମାନଙ୍କୁ ପୁରସ୍କୃତ ମଧ୍ୟ କରାଯାଇଥିଲା। ଶେଷରେ ଅନୁଷ୍ଠାନର ମୁଖ୍ୟ ସୁରଜ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଭୁଜୀ ଇଂରାଜୀମାଧ୍ୟମ ବିଦ୍ୟାଳୟରେ ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ



**ରେଢ଼ାଖୋଲ, ୨୧।୧୨ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ବୃନ୍ଦାବନ ବିହାର ପରିସରରେ ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ ପାଳିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀରଞ୍ଜନ ମହନ୍ତ ଯୋଗଦେଇ ଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଦେଶପ୍ରେମର ମୂଲ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶୁଦ୍ଧାନନ୍ଦ ବିଦ୍ୟାଳୟର ସଭାପତି ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାମୀ ସିଦ୍ଧାନ୍ତ ଚୈତନ୍ୟ କହିଥିଲେ ଯେ ପୂର୍ବତନ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ସର୍ବଶ୍ରେଷ୍ଠ ପରିଚୟ ଏବଂ ସେମାନଙ୍କର ସଫଳତା ହିଁ ଏହି ପ୍ରତିଷ୍ଠାନର ଗର୍ବ ବୋଲି ଅଭିଭାଷଣ ପ୍ରଦାନ କରିଥିଲେ। ଅନନ୍ୟା ସୁଚିସ୍ମିତା ସ୍ୱାଗତ ଅଭିଭାଷଣ ଓ ଶୁଭମ୍ ସୁଧା ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ପ୍ରତିମା ତିୱାରୀଙ୍କ ସମ୍ମାନରେ ଏକ ଫୋଟ ଚିତ୍ର ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀମାନେ ମା ସମ୍ମାନରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଓ ବର୍ତ୍ତମାନ ଛାତ୍ରଛାତ୍ରୀ, ପୂର୍ବତନ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍କୁଲରେ ବାର୍ଷିକ କ୍ରୀଡ଼ା

**ବରଗଡ଼, ୨୧।୧୨(ସମିସ)**

ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରାଙ୍ଗଣରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଦୁଃଖି ସେବକ ସାହୁ କ୍ରୀଡା ପରିଚାଳନା କରିଥିଲେ। କ୍ରୀଡା ଶିକ୍ଷକ ସୁଧାଂଶୁ ଶେଖର ସାହୁ ଓ ସୁରେନ୍ଦ୍ର ସାହୁ ସହଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀ ସୁରେଶ ସେଠ, ସନାତନ ସାହୁ, ଶୁଶାନ୍ତ ତ୍ରିପାଠୀ, ଦେବରାଜ ସେଠ, ଅମରେଶ ବାରିକ, ମଣ୍ଟୁ ପଣ୍ଡା, କାମଦେବ ବେହେରା, କିଶୋର ପଟେଲ, ଗଣେଶ ବର୍ଗେ, ରିତୁ ମହାଣା, ଶୁଶୁଲା ପଶାୟତ, ପଦ୍ମିନୀ ମିଶ୍ର, ସୁବାଷିନୀ ରଥ, ଆଶାବତୀ କୁମ୍ଭାର, କୌଶଲ୍ୟା ବାରିକ, ସବିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ମାନସିକ ଅନଗ୍ରସର ବିଦ୍ୟାଳୟର ପ୍ରଧାନଶିକ୍ଷକ ନାପାଳ ଦୁଆନ ଓ ଲାୟନ୍ସ କ୍ଲବ୍‌ର ପଦାଧିକାରୀ ମାନେ ମଞ୍ଚାସୀନ ଥିଲେ। ଲାୟନ୍ସ କ୍ଲବ୍ ପକ୍ଷରୁ ବିନୟ ଲାଠଙ୍କ ନେତୃତ୍ୱରେ ସଭାପତି ମନୋଜ ମହାପାତ୍ର, ସମ୍ପାଦକ ଅଭୟ ଭୋଇ, ଡାକ୍ତର ଓମ୍ ପ୍ରକାଶ ଲାଠ, ଡ.ସ୍ୱାଧିନ ଶର୍ମା, ପ୍ରବୀଣ ଜୈନ, ରାଜୁ ସିଂଘଲ, ଅଞ୍ଜନା ଦାସ, ସଞ୍ଜୟ ମିତ୍ତଲ, କିଶନ ଲାଲ ଅଗ୍ରୱାଲ, ଅମରଜିତ ସିଂ, ରଞ୍ଜୁ ସିଙ୍ଗଲ, କୋମଳ ଅଗ୍ରୱାଲ, ଦୀପକ ବଲୋଦିଆ, ବିକାଶ ଅଗ୍ରୱାଲ, ରାମରତନ ଲଖମନିଆଁ, ପ୍ରାଞ୍ଜଳ ଧାନୁକା, ପ୍ରଦୀପ ଟାୟଲ, ଲଳିତ ଅଗ୍ରୱାଲ ପ୍ରମୁଖ ପୁରସ୍କାର ବିତରଣ କରିଥିଲେ। ଶେଷରେ ଦୁଃଖି ସେବକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।





**ପଦ୍ମପୁର:** ପଦ୍ମପୁର ନିକଟସ୍ଥ ଜମଲା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଛାତ୍ରଛାତ୍ରୀ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରମୋଦ ପୁରୋହିତ ମୁଖ୍ୟ ଅତିଥି ଏବଂ ବିନୋଦ ବିହାରୀ ବେହେରା ଓ ସତ୍ୟ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଶେଷରେ ଅଧ୍ୟକ୍ଷ ବୈଶାଖୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

**ଝାରବନ୍ଧ:** ଝାରବନ୍ଧ ବ୍ଲକ ଗୋଠୁଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଦ୍ୱିଦିବସୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ପ୍ରଧାନଶିକ୍ଷକ ପଦ୍ମଲୋଚନ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୋମନାଥ ନାଗ କ୍ରୀଡ଼ା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କ୍ରୀଡା ଶିକ୍ଷକ ଆଭାସ ପଟେଲଙ୍କ ତତ୍ତ୍ୱାବଧାନରେ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କ ସହଯୋଗରେ ୧୧ଟି ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଉଭୟ କନିଷ୍ଠ, ବରିଷ୍ଠ ଓ ସର୍ବ ବରିଷ୍ଠ ବର୍ଗରୁ ମୋଟ ୧୪୭ ଜଣ ଛାତ୍ରଛାତ୍ରୀ କୃତିତ୍ୱ ଅର୍ଜନ କରିଥିଲେ। କନିଷ୍ଠ ବର୍ଗରେ ନିରୋଜ ଦୀପ, ଟ୍ୱିଙ୍କଲ ବରିହା, ବରିଷ୍ଠ ବର୍ଗରେ ବିନୟ ସାହୁ, ରଶ୍ମୀତା ଶିଦାର ଓ ସର୍ବ ବରିଷ୍ଠ ବର୍ଗରେ ଡିଲେଶ୍ୱର ତାଣ୍ଡି, କ୍ଷୀରବତୀ ଭୋଇ ଚାମ୍ପିଅନ ହୋଇଥିଲେ। ଉଦ୍‌ଯାପନୀ ସଭାରେ ଝାରବନ୍ଧ ଗୋଷ୍ଠୀ ସାଧନକେନ୍ଦ୍ରର ସାଧନକର୍ମୀ ଗୋପାଳ ଚନ୍ଦ୍ର ହରିଜନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ସହକାରୀ ଶିକ୍ଷକ ଯୋଗେଶ୍ୱର ଓ ଧ୍ରୁବ ଚରଣ ସାହୁ ଯଥାକ୍ରମେ ମଞ୍ଚ ପରିଚାଳନା କରିଥିବା ବେଳେ ଅତିଥି ମାନଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଥିଲେ। ଶେଷରେ ବିଦ୍ୟାଳୟରେ ବରିଷ୍ଠ ଶିକ୍ଷକ ଚୂଡାମଣି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ୨ୟ ଦିବସରେ ଗାଇସିଲେଟ ଶିଶୁ ମନ୍ଦିର ରଜତ ଜୟନ୍ତୀ





**ଗାଇସିଲେଟ, ୨୧।୧୨(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ସରସ୍ୱତୀ ଶିଶୁ ମନ୍ଦିରରେ ରଜତ ଜୟନ୍ତୀ ପାଳିତ ହୋଇଯାଇଛି। ରବିବାର ଦ୍ୱିତୀୟ ଦିବସରେ ଦ୍ୱିତୀୟ ଅଧିବେଶନରେ ଶିକ୍ଷକ ଦଶମଣି ସାହୁଙ୍କ ସଭାପତିତ୍ୱରେ ପୂର୍ବ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପୁରସ୍କୃତ ପ୍ରାପ୍ତ ପାଇକମାଲ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଦ୍ୱାଦଶ ପଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଘେଁସ ଶିଶୁ ମନ୍ଦିରର ପ୍ରଧାନଆଚାର୍ଯ୍ୟ ନରସିଂହ ସାହୁ, ରଜତ ଜୟନ୍ତୀ କମିଟିର ଲେକୁ ଡୁଡୁକା, ଦେବାଶିଷ ପୁରୋହିତ, ପ୍ରଶାନ୍ତ ହୋତା ମଞ୍ଚାସୀନ ଥିଲେ। ଏଥିରେ ମୁଖ୍ୟ ଅତିଥି ପଧାନ କୃତୀ ଛାତ୍ରଛାତ୍ରୀଙ୍କୁ ୨୦୦୦ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ। ଶେଷରେ ଶିକ୍ଷକ ସତ୍ୟପ୍ରକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ତୃତୀୟ ଅଧିବେଶନ ପରିଚାଳନା ସମିତିର ସଭାପତି ଅରୁଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେପୁର ବିଧାୟକ ସନତ ଗଡ଼ତିଆ, ମୁଖ୍ୟ ବକ୍ତା ଭାବେ ଆଚାର୍ଯ୍ୟ ଶ୍ରୀବତ୍ସ ଶାସ୍ତ୍ରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣୟ ସାହୁ, ରଜତ ଜୟନ୍ତୀର ସମ୍ପାଦକ ମନୋଜ ପଣ୍ଡା, ପ୍ରଧାନଆଚାର୍ଯ୍ୟ ଧର୍ମାନନ୍ଦ ମହଲା ମଞ୍ଚାସୀନ ଥିଲେ। ଏହି ଅବସରରେ ସ୍ମରଣିକା 'ଅମୃତ ଧାରା' ଉନ୍ମୋଚିତ ହୋଇଥିଲା। ଉତ୍କଳ ପାଠୀ ଏକ ଲକ୍ଷ ଟଙ୍କା ଅନୁଷ୍ଠାନକୁ ଦାନ କରିଥିଲେ। ଶେଷରେ ପରିଚାଳନା ସମିତିର ସହ ସମ୍ପାଦକ ସୌରଭ ତ୍ରିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ନୃତ୍ୟ ତଥା ହେମନ୍ତ ପଣ୍ଡା ଏବଂ କୁମୁଦ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶନାରେ 'ଘେଁସ ଜମିଦାର ମାଧୋ ସିଂ' ନାଟକ ପରିବେଷଣ କରିଥିଲେ।

# ଭୁବନେଶ୍ୱର ସିଟି



ରାଜଧାନୀରେ ଆତଙ୍କ

# ଟ୍ରକ୍ ଚାଳକଙ୍କୁ ବନ୍ଧୁକ ଦେଖାଇ ଟଙ୍କା ଛଡ଼ାଇନେଲେ

ଭୁବନେଶ୍ୱର,୨୧।୧୨(ସମିସ):

ଆଗକୁ ନୂଆବର୍ଷ ଆସୁଥିବା ବେଳେ ରାଜଧାନୀରେ ଆତଙ୍କ ଖେଳାଇଛନ୍ତି ଦୁର୍ବୃତ୍ତ। ହାଇୱା ଚାଳକଙ୍କୁ ଅଟକାଇ ଚାବି ଛଡ଼ାଇବା ସହ ବନ୍ଧୁକ ଦେଖାଇ ଟଙ୍କା ଓ ମୋବାଇଲ ଫୋନ୍ ଲୁଟି ନେଇଛନ୍ତି। ଆଉ କେଉଁଠି ନୁହେଁ, ଖୋଦ୍ ରାଜଧାନୀର ଅନ୍ୟତମ ପ୍ରମୁଖ ଅଞ୍ଚଳ ଝାରପଡ଼ା ଓଭରବ୍ରିଜ ଉପରେ ଘଟିଛି ଘଟଣା। ରାଜଧାନୀର ଛାତି ଉପରେ ଏଭଳି ଘଟଣା ଘଟିବା ପରେ ସହରବାସୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଅଭିଯୋଗ ଅନୁଯାୟୀ, ଲକ୍ଷ୍ମୀସାଗର ଅଞ୍ଚଳର ସରୋଜ କୁମାର ଲେଙ୍କାଙ୍କ ହାଇୱା ଟ୍ରକ୍ ଚଳାଉଥିବା ବାପିନା ରାତି ପ୍ରାୟ ୧୨ ଟା ସମୟରେ ମାଷ୍ଟରକ୍ୟାଣ୍ଟିନ ନିକଟରୁ କିଛି ସାମଗ୍ରୀ ଲୋଡ୍ କରିଥିଲେ। ସେଠାରୁ କେଶୁରା ଅଭିମୁଖେ ଯାଉଥିବା ବେଳେ ଝାରପଡ଼ା ଓଭରବ୍ରିଜ୍ ଉପରେ ୪ ଜଣ ଦୁର୍ବୃତ୍ତ ଏକ କାର୍‌ରେ ଆସି ତାଙ୍କ ଗାଡ଼ି ଆଗରେ ଅଟକିଥିଲେ। ବାପିନା ଗାଡ଼ି ଅଟକାଇବା ପରେ ଦୁର୍ବୃତ୍ତମାନେ ଆସି ତାଙ୍କୁ ମାଡ଼ ମାରିବା ସହ ହାଇୱା ଟ୍ରକ୍‌ର ଚାବି ଛଡ଼ାଇ ନେଇ ପଳାଇଥିଲେ। ଏହାର ୧୦ ମିନିଟ୍ ପରେ ସଂପୃକ୍ତ ଦୁର୍ବୃତ୍ତମାନେ ପୁଣି ଘଟଣାସ୍ଥଳକୁ ଆସିଥିଲେ। ବାପିନାଙ୍କୁ ବନ୍ଧୁକ ଦେଖାଇ ପାଖରେ ରଖିଥିବା ଟଙ୍କା ଦେବାକୁ କହିଥିଲେ। ସେ ଅରାଜି ହେବାରୁ ଦୁର୍ବୃତ୍ତମାନେ ତାଙ୍କୁ ମାଡ଼ ମାରି ମୋବାଇଲ ଫୋନ୍ ଓ ୩୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ବିଳମ୍ବିତ ରାତିରେ ବାପିନା ଏକୁଟିଆ ଚାଲି ଚାଲି ମାଲିକଙ୍କ ଘରକୁ ଯାଇଥିଲେ। ସେଠାରୁ ଆଉ ଏକ ଚାବି ଆଣି ଝାରପଡ଼ା ଓଭରବ୍ରିଜ୍ ଉପରୁ ଗାଡ଼ି ନେଇଥିଲେ। ରାଜଧାନୀର ଅନ୍ୟତମ ପ୍ରମୁଖ ଅଞ୍ଚଳରୁ ବନ୍ଧୁକ ଦେଖାଇ ଲୁଟ୍ କରିବା କମିସନରେଟ ପୁଲିସର ଢିଲା ପାଟ୍ରୋଲିଂ ବ୍ୟବସ୍ଥାକୁ ପଦାରେ ପକାଇଛି। ଆଗକୁ ନୂଆବର୍ଷ ଆସୁଥିବାବେଳେ ଲୁଟେରାଙ୍କ ଆତଙ୍କ ରାଜଧାନୀବାସୀଙ୍କ ମନରେ ଭୟ ସୃଷ୍ଟି କରିଛି। ସେପଟେ ଏ ନେଇ ବାପିନା ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଛି। ଘଟଣାସ୍ଥଳ ଓ ଆଖପାଖରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରୁଥିଲେ ମଧ୍ୟ ଏଯାଏଁ ଲୁଟେରାଙ୍କ ପାଖରେ ପହଞ୍ଚି ପାରିନାହିଁ।

**ଗାଡ଼ି ଚାବି ଓ ମୋବାଇଲ ବି ଲୁଟିଲେ**

**ସିସିଟିଭି ଅଣ୍ଡାଳୁଛି ପୁଲିସ**



ପର୍ଯ୍ୟଟନ ଋତୁରେ ରବିବାରିଆ ଭିଡ଼

# ନନ୍ଦନକାନନ ବୁଲିଲେ ୩୩ ହଜାର ପର୍ଯ୍ୟଟକ

ନନ୍ଦନକାନନ,୨୧।୧୨(ସମିସ): ପର୍ଯ୍ୟଟନ ଋତୁ ଚାଲିଥିଲାବେଳେ ଆଗକୁ ଆସୁଛି ନୂଆବର୍ଷ। ଏଥିପାଇଁ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ବୁଲିବାକୁ ଲୋକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି। ଏହି ପରିପ୍ରେକ୍ଷୀରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଓ ଉଦ୍ଭିଦ ଉଦ୍ୟାନରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଆଜି ରବିବାରିଆ ଛୁଟିଦିନରେ ନନ୍ଦନକାନନରେ ପ୍ରବଳ ଜନସମାଗମ ହୋଇଥିଲା। ଆଜି

**ଦୁଇ ମାସରେ ଆସିଛନ୍ତି ୫ଲକ୍ଷରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ**



ଡିସେମ୍ବର ତୃତୀୟ ରବିବାର ନନ୍ଦନକାନନକୁ ୩୩ ହଜାର ୧୫୬ଜଣ ଓ ଉଦ୍ଭିଦ ଉଦ୍ୟାନକୁ ୨ହଜାର ୩୮୦ଜଣ ପର୍ଯ୍ୟଟକ ଟିକଟ କାଟି ପ୍ରବେଶ କରିଥିଲେ।

ସେହିପରି ନଭେମ୍ବର ଓ ଡିସେମ୍ବର ମାସ ଭିତରେ ଏ ପର୍ଯ୍ୟନ୍ତ ୫ଲକ୍ଷ ୪୪ହଜାର୯୧ଜଣ ପର୍ଯ୍ୟଟକ ନନ୍ଦନକାନନ ଆସିଥିବା ନେଇ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ ପ୍ରକାଶ କରିଛନ୍ତି। ବାଘ, ହାତୀ, ସିଂହ, କୁମ୍ଭୀର, ଆନାକୋଣ୍ଡା, ଅହିରାଜ, ଭାରତୀୟ ଅଜଗର, ବ୍ରମିଜ ଅଜଗର, ଜିରାଫ, ଜଳହସ୍ତୀ, ଓଟପକ୍ଷୀ, ଶାଗୁଣା, ଏଣ୍ଡୁଅ, କଇଁଛ, ହୁଲକ ଗିବନ, ସିମ୍ପାଜି ଦେଖିବା ସହ ନନ୍ଦନକାନନ ପରିବେଶ କୋଳାହଳରେ କମ୍ପି ଉଠିଥିଲା। ଯେଉଁ ଖୁଆଡ଼ ଦେଖିବ ସେ ଖୁଆଡ଼ ପାଖରେ ଜୀବଜନ୍ତୁ ଦେଖିବାକୁ ଶହ ଶହ ପର୍ଯ୍ୟଟକ ଭିଡ଼ ଜମାଇଥିଲେ। ବିଭିନ୍ନ ରାଜ୍ୟ ତଥା ବିଦେଶୀ ପର୍ଯ୍ୟଟକ ଜୀବଜନ୍ତୁ ଦେଖିବା ସହ ରୋପ ୱେ'ରେ ବସି କାଞ୍ଜିଆ ହ୍ରଦ ଉପରେ ବଟାନିକାଲ ଗାର୍ଡେନ ଯିବାର ଆନନ୍ଦ ଉଠାଇଥିଲେ। ବିଶେଷକରି ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କ ଭିଡ଼ ଜମିଥିଲା।

ଅନ୍ୟପକ୍ଷରେ ବହୁଳ ଭାବରେ ପର୍ଯ୍ୟଟକ ଆସିଥିଲା ବେଳେ ଢିଲା ସୁରକ୍ଷା ବ୍ୟବସ୍ଥା ଦେଖିବାକୁ ମିଳିଥିଲା। ମୁଖ୍ୟତଃ ସରୀସୃପ ଉଦ୍ୟାନରେ ପର୍ଯ୍ୟଟକଙ୍କ ଗହଳି ଯୋଗୁଁ ଭିଡ଼ ହୋଇଥିଲା। ଏହାର ସୁଯୋଗ ନେଇ ଏଠାରେ ଚୋରଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ଏଠାରେ ନନ୍ଦନକାନନ ପକ୍ଷରୁ ୫/୬ଜଣ ସୁରକ୍ଷା କର୍ମୀ, ପୁଲିସ ନିୟୋଜିତ ଥାନ୍ତି। ହେଲେ ଆଜି ମାତ୍ର ଜଣେ ସୁରକ୍ଷା କର୍ମୀ ନିୟୋଜିତ ହୋଇଥିବା ଦେଖିବାକୁ ମିଳିଥିଲା। କିଛି ଦିନ ହେବ ଏଠାରେ ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ବେଶେଷ ଗୁରୁତ୍ୱ ଦିଆଯାଉନଥିବା ଜାଣିବାକୁ ମିଳିଛି। ସେହିପରି ସିସିଟିଭି ଠିକ ଭାବରେ କାର୍ଯ୍ୟ କରୁନାହିଁ। କେତେବେଳେ କିଛି ଅଘଟଣ ଘଟିଲେ ସେଥିପାଇଁ କିଏ ଦାୟୀ ହେବ ବୋଲି କିଛି ପର୍ଯ୍ୟଟକ ପ୍ରଶ୍ନ କରିଛନ୍ତି।

## ମାଟି ବୋଝେଇ ଟ୍ରାକ୍ଟର ଜବତ; ଚାଳକ ଅଟକ

ବାଲିଅନ୍ତା/ହଂସପାଳ,୨୧।୧୨(ସମିସ): ବାଲିଅନ୍ତା ଥାନା ପୁଲିସ ସାଇଫନ ନିକଟରେ ଚଢ଼ଉ କରି ଏକ ବେଆଇନ ମାଟି ବୋଝେଇ



ଟ୍ରାକ୍ଟର ଜବତ କରିଛି। ବାଲିଅନ୍ତା ଅଞ୍ଚଳରୁ ପ୍ରତ୍ୟେକ ଦିନ ଶତାଧିକ ଟ୍ରିପ୍ ବାଲି ଓ ମାଟି ଆଦି ଲଘୁ ଖଣିଜ ସାମଗ୍ରୀ ଚାଲାଣ ନେଇ ବାଲିଅନ୍ତା ଥାନା ଏବଂ ଖଣି ବିଭାଗରେ ଅଭିଯୋଗ ହୋଇ ଆସୁଥିଲା। ଆଜି ଏଏସ୍‌ଆଇ ଅନୀଲ ନାୟକ ଖବରପାଇ ସାଇଫନ ବଜାର ରାସ୍ତାରୁ ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ କରିଥିଲେ। ପୁଲିସ ଟ୍ରାକ୍ଟର ଚାଳକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏ ନେଇ ଅଧିକ ତଦନ୍ତ ଜାରି ରଖିଛନ୍ତି।

## ହୋଟେଲରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,୨୧।୧୨(ସମିସ): ମୈତ୍ରୀ ବିହାର ଥାନା ଏକ ହୋଟେଲ ରୁମରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ଧଉଳି ଥାନା ଅଞ୍ଚଳରେ ରହୁଥିବା କଲିକତାର ଶରତ ଚନ୍ଦ୍ର ଭଟ୍ଟାଚାର୍ଯ୍ୟ (୪୩)। ସେ ସମ୍ବଲପୁରରେ ଚାକିରି କରିଥିଲେ। ପୁଲିସ ତାଙ୍କ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ଖବର ଅନୁସାରେ, ସମ୍ବଲପୁରରେ ଚାକିରି କରିଥିବା ଶରତ ଚିକିତ୍ସା ପାଇଁ କଳିଙ୍ଗ ହସ୍ପିଟାଲ ଆସିଥିବା ବେଳେ ନିକଟସ୍ଥ ଏକ ଗେଷ୍ଟ ହାଉସ ଭଡ଼ାରେ ନେଇ ରହିଥିଲେ। ଶନିବାର ସକାଳୁ ଗେଷ୍ଟ ହାଉସ୍ କର୍ମଚାରୀମାନେ ରୁମ୍ କବାଟ ବାଡ଼େଇବାପରେ ମଧ୍ୟ କୌଣସି ଉତ୍ତର ମିଳିନଥିଲା। ଖବରପାଇ ମୈତ୍ରୀ ବିହାର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଗେଷ୍ଟ ହାଉସ୍ ରେଜିଷ୍ଟରରୁ ପରିଚୟ ଖୋଜି ପରିବାର ଲୋକଙ୍କୁ ଯୋଗାଯୋଗ କରିଥିଲା। ପରିବାର ଲୋକ ପହଞ୍ଚିବା ପରେ କବାଟ ଭାଙ୍ଗି ରୁମ୍ ଭିତରେ ପଶିଥିଲା। ସେତେବେଳକୁ ଶରତ ମୃତ୍ୟୁବରଣ କରି ସାରିଥିଲେ। କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପତ୍ନୀଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଶରୀରରେ କୌଣସି କ୍ଷତ ଚିହ୍ନ ନଥିବାରୁ ହୃଦଘାତ କିମ୍ବା ବିଷ କ୍ରିୟା ଜନିତ ମୃତ୍ୟୁ ହୋଇଥାଇପାରେ ବୋଲି ପୁଲିସ ଅନୁମାନ କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ବ୍ୟାଟେରୀ ଅଟୋ ଦୁର୍ଘଟଣାଗ୍ରସ୍ତ; ଚାଳକ ଗୁରୁତର

ଧଉଳି,୨୧।୧୨(ସମିସ) : କୌଶଲ୍ୟାଗଙ୍ଗ ଫାଣ୍ଡି କଣାସ ଶାଖା କେନାଲରେ ଦୁର୍ଘଟଣାର ଶିକାର ହୋଇ ଏକ ବ୍ୟାଟେରୀ ଚାଳିତ ଯାତ୍ରୀବାହୀ ଅଟୋ ଓଲଟି ପଡ଼ିଛି। ଏଥିରେ ଚାଳକ ଜଣକ ଗୁରୁତର ଆହତ ହୋଇଛନ୍ତି। ତାଙ୍କର ପରିଚୟ ମିଳିପାରିନାହିଁ। ଅପରାହ୍ଣ ପ୍ରାୟ ଟାରେ ବେଳେ ପୁବାଶାସନରୁ ଯାତ୍ରୀ ଛାଡ଼ି ଏହି କେନାଲ ବନ୍ଧ ଦେଇ ଭୁବନେଶ୍ୱର ଫେରୁଥିଲେ। ମାତ୍ର ଅଟୋଟି ଭାରସାମ୍ୟ ହରାଇ କେନାଲ ମଧ୍ୟକୁ ଖସି ପଡ଼ିଥିଲା। ଚାଳକ ସେଥିରେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ହାତରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି।

## ୨୩ରୁ ୨୯ ଓଡ଼ିଆ ଖାଦ୍ୟ ମହୋତ୍ସବ

ଭୁବନେଶ୍ୱର,୨୧।୧୨(ସମିସ): ଓଡ଼ିଆ ଖାଦ୍ୟ ସଂସ୍କୃତି ଓ ପରମ୍ପରାର ପ୍ରସାର ନିମନ୍ତେ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଓଡ଼ିଆ ଖାଦ୍ୟ ମହୋତ୍ସବ-୨୦୨୫ ଆୟୋଜିତ ହେଉଛି। ଏହି ଉତ୍ସବ ଆସନ୍ତା ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ୟୁନିଟ ୩ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବା ସହ ପ୍ରତିଦିନ ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଉତ୍ସବ ଚାଲିବ। ଏହି ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ଖାଦ୍ୟ ସମ୍ବନ୍ଧୀୟ ପ୍ରତିଯୋଗିତା ଆୟୋଜନ କରାଯାଇଛି। ୨୪ ତାରିଖରେ ବିଭିନ୍ନ ପ୍ରକାର ପିଠା ତିଆରି ଓ ଭୋଗଥାଳି ସଜଡ଼ା ପ୍ରତିଯୋଗିତା ହେବ। ୨୫ରେ ନିରାମିଷ ରୋଷେଇ ଓ ଡେଇଁ ଡେଇଁ ଖାଇବା ପ୍ରତିଯୋଗିତା। ୨୬ରେ ଆମିଷ ରୋଷେଇ ଓ ବିନା ନିଆଁରେ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ରହିଛି। ୨୭ରେ ଚିତ୍ରରେ ଖାଦ୍ୟ ପ୍ରସ୍ତୁତି, ବିଲୁପ୍ତ ଖାଦ୍ୟ ତିଆରି ଓ ଶୁଙ୍ଘିବା ଏବଂ ଛୁଇଁ ଖାଦ୍ୟ ନାମ କହିବା ପ୍ରତିଯୋଗିତା ହେବ। ୨୮ ରେ ପୁନଃ ବ୍ୟବହାର ଯୋଗ୍ୟ ଖାଦ୍ୟ ଓ ଘରୋଇ ରୋଷେଇ ପ୍ରତିଯୋଗିତା ଆୟୋଜିତ ହେବ। ଉଦ୍‌ଯାପନ ଦିବସରେ ସମସ୍ତ ବିଜେତାଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯିବ। ପ୍ରଥମ ପୁରସ୍କାର ୫ହଜାର ଟଙ୍କା, ଦ୍ୱିତୀୟ ୩ ହଜାର ଟଙ୍କା, ତୃତୀୟ ୨ହଜାର ଟଙ୍କା ଏବଂ ସାନ୍ତ୍ୱନା ପୁରସ୍କାର ୧ହଜାର ଟଙ୍କା ରହିଛି।

ଧଉଳି ଲଜ୍ଜା

# ଅନ୍ୟ ୨ ଅଭିଯୁକ୍ତଙ୍କ ପତ୍ତା ପାଉନି ପୁଲିସ

ଭୁବନେଶ୍ୱର,୨୧।୧୨(ସମିସ): ଧଉଳି ଲଜ୍ଜାରେ ୧୭ ବର୍ଷୀୟା ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣାରେ ଦୁଇ ଅଭିଯୁକ୍ତଙ୍କ ପତ୍ତା ପାଉନି ପୁଲିସ। ଏହି ଅଭିଯୁକ୍ତମାନେ ଏବେ ବି ପୁଲିସ ସ୍କାନର୍‌ରୁ ବାହାରେ ରହିଛନ୍ତି। ପୁଲିସ ଅନ୍ଧାରରେ ବାଡ଼ି ବୁଲାଇଲା ଭଳି ବିଭିନ୍ନ ସ୍ଥାନରେ ରେଡ୍ କରୁଛି। ହେଲେ ଅଭିଯୁକ୍ତଙ୍କ ପାଖାରେ ଏପର୍ଯ୍ୟନ୍ତ ପହଞ୍ଚିପାରୁନି। ଘଟଣାକୁ ୧୧ଦିନ ବିତିଯାଇଥିଲେ ମଧ୍ୟ ଦୁଇ ଅଭିଯୁକ୍ତ ଧରା ନ ପଡ଼ିବା କମିଶନରେଟ୍ ପୁଲିସର ପାରିବାର ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମସ୍ତ ଅଭିଯୁକ୍ତ ଗିରଫ ହୋଇ ନଥିବାବେଳେ ପୀଡ଼ିତା ନ୍ୟାୟ ଅପେକ୍ଷାରେ ରହିଛନ୍ତି।

ଏହି ମାମଲାରେ ମୋଟ୍ ୫ଜଣ ଅଭିଯୁକ୍ତ ରହିଛନ୍ତି। ୩ ଜଣ ଗିରଫ ହୋଇଥିଲା ବେଳେ ଆଉ ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଚିହ୍ନଟ କରିଛି। ଫେରାର୍ ଅଭିଯୁକ୍ତଙ୍କ ଘରକୁ ପୁଲିସ ଯାଇ ପଚରାଉଚରା କରିଛି। ଏହାପରେ କିଛି ସମ୍ପର୍କୀୟ ଏବଂ ବନ୍ଧୁଙ୍କ ଘରେ ପୁଲିସ ଚଢ଼ଉ କରିଥିଲା। ହେଲେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ପୁଲିସ ହାତ ସମ୍ପୂର୍ଣ୍ଣ ଭାବେ ଖାଲି ରହିଛି। ପୁଲିସ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତମାନେ ଖସି ଯାଉଛନ୍ତି। ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସ ଏକାଧିକ ସିସିଟିଭି ଯାଞ୍ଚ କଲାଣି। ସିସିଟିଭିରୁ ସେଭଳି କିଛି ତଥ୍ୟ ମିଳି ପାରୁନାହିଁ। ଅନ୍ୟପକ୍ଷରେ ଅଭିଯୁକ୍ତମାନେ ରାଜ୍ୟ ବାହାରକୁ ଖସି ଯାଇଥିବା ଅନୁମାନ କରାଯାଉଛି।

ଏହି ଦୁଇ ଅଭିଯୁକ୍ତ ଲୁଟ୍‌ପାଟ୍‌ରେ ସାମିଲ ଥିଲେ। ଜୋକର ହାପି ସହ ସାଙ୍ଗ ହୋଇ ସେଦିନ ଭୋଜି କରିଥିଲେ। ମିଳିମିଶି ନିଶା ଖାଇଥିଲେ। ପରବର୍ତ୍ତୀ ସମୟରେ ଏମାନେ ଗଣଦୁଷ୍କର୍ମକାରୀଙ୍କୁ ସମସ୍ତ ପ୍ରକାର ସହଯୋଗ କରିଥିବା ସୂଚନା ମିଳିଛି। ଗଣଦୁଷ୍କର୍ମ ଅଭିଯୋଗରେ ୩ ଅଭିଯୁକ୍ତ ଗିରଫ ହେବା ପରେ ପୁଲିସର ଅସାବଧାନତା ଯୋଗୁଁ ଏମାନେ ଫେରାର ହେବାରେ ସଫଳ ହୋଇଥିଲେ। ଏପରିକି ଫେରାର ଅଭିଯୁକ୍ତମାନେ ନିଜର ମୋବାଇଲ ଫୋନ୍ ବନ୍ଦ ରଖିଥିବାରୁ ସେମାନଙ୍କୁ କାବୁ କରିବା ପୁଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି।

ସୂଚନାଯୋଗ୍ୟ, ଗତ ୧୦ ତାରିଖ ସନ୍ଧ୍ୟା ୬ଟା ସମୟରେ ନାବାଳିକାଙ୍କ ସମେତ ତାଙ୍କ ସମ୍ପର୍କୀୟ ବୁଲିବାକୁ ଆସିଥିଲେ। ଫେରିଲାବେଳେ ଧଉଳି ଥାନାସ୍ଥିତ ଲିଙ୍ଗିପୁର କେନାଲ ରୋଡ୍ ନିକଟରେ ତାଙ୍କୁ ପ୍ରଥମେ ୨ ଜଣ ବ୍ୟକ୍ତି ଅଟକାଇ ଗାଡ଼ି ଚାବି ଛଡ଼ାଇ ନେଇଥିଲେ। ତାଙ୍କଠାରୁ ଲୁଟ୍ କରି ଗଣଦୁଷ୍କର୍ମ କରିଥିଲେ।

## ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କଲା କ୍ରାଇମ୍‌ବ୍ରାଞ୍ଚ

**ସହିଦନଗର ଲଜ୍ଜା**

ଭୁବନେଶ୍ୱର,୨୧।୧୨(ସମିସ): ସହିଦ ନଗର ଲଜ୍ଜା ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କଲା କ୍ରାଇମ୍‌ବ୍ରାଞ୍ଚ। ଦୁଇ ଅଭିଯୁକ୍ତ ଗିରଫ ହୋଇଯାଇଥିଲେ ମଧ୍ୟ ଏହି ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରାଯାଇଛି। ଏଣିକି ଏହି ମାମଲା ତଦନ୍ତ ଉପରେ କ୍ରାଇମ୍‌ବ୍ରାଞ୍ଚର ନଜର ରହିବ। ଏହାର ଫାଇଲକୁ ନାଲି ଫାଇଲ୍‌ରେ ରଖାଯିବ।

ସୂଚନାଯୋଗ୍ୟ ସହିଦନଗର ଥାନା ଅଞ୍ଚଳରେ ଦିନ ଦ୍ୱିପହରେ ଆଉ ଏକ ଗଣଦୁଷ୍କର୍ମ ଘଟଣା ଘଟିଥିଲା। ସହିଦନଗର ୟୁନିଟ୍-୯ର ଏକ ଭଡ଼ା ଘରେ ନାବାଳିକାଙ୍କୁ ଚାକିରି ଦେବାକୁ କହି ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଦୁଇ ଜଣଙ୍କୁ ଗିରଫ କରିଛି କମିସନରେଟ୍ ପୁଲିସ। ସେମାନେ ହେଲେ ଖୋର୍ଦ୍ଧା ଜିଲ୍ଲା କେରଙ୍ଗ ଅଞ୍ଚଳର ଅକ୍ଷୟ ଦାସ ଏବଂ ମୁକୁନ୍ଦପ୍ରସାଦ ଅଞ୍ଚଳର ସାହିଲ ଖାନ୍। ସେମାନଙ୍କୁ କୋର୍ଟଚାଲାଣ କରିଛି ପୁଲିସ। ଏମାନଙ୍କ ବିରୋଧରେ ୬୧୦/୨୫ରେ ଗଣଦୁଷ୍କର୍ମ ମାମଲା ରୁଜୁ କରାଯାଇଛି। ୭୦(୨) ବିଏନଏସ ଆର/ଡବ୍ଲୁ ୬ ପୋକ୍ସୋ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।

ଡଗ୍ ଶୋ'ରେ ୩୫ ବ୍ରିଡ୍‌ର ୨୭୦ କୁକୁର

# ଖ୍ରୀଷ୍ଟିଆନ୍ ଓ ପୋଗୋ ପ୍ରଥମ

ଭୁବନେଶ୍ୱର,୨୧।୧୨(ସମିସ): ଓଡ଼ିଶା କେନେଲ୍ କ୍ଲବ୍ (ଓକେସି) ପକ୍ଷରୁ ଓୟୁଏଟି ଭେଟେରିନାରୀ କଲେଜ ଖେଳପଡ଼ିଆରେ ଆୟୋଜିତ ଡଗ୍ ଶୋ' ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୬୭ ତମ ଏବଂ ୬୮ତମ ଅଲ ବ୍ରିଡ୍ ଚାମ୍ପିଅନ୍‌ସିପ୍ ଡଗ ଶୋ'ର ଉଭୟ ପ୍ରତିଯୋଗିତାରେ କଲିକତାର ଅଭିଜିତ୍ ଦତ୍ତଙ୍କ ୪ବର୍ଷୀୟ ସାଇବେରିଆନ୍ ହସ୍‌କି, ଯାହାର ନାମ ଖ୍ରୀଷ୍ଟିଆନ୍ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିଭଳି ୬୯ ତମ ଅଲ ବ୍ରିଡ୍ ଚାମ୍ପିଅନସିପ୍‌ରେ ତାମିଲନାଡୁର କପିଲ କ୍ରିଷ୍ଣାମୂର୍ତ୍ତିଙ୍କ ୩ ବର୍ଷୀୟ ଜର୍ମାନ ସେଫର୍ଡ, ପୋଗୋ ପ୍ରଥମ ସ୍ଥାନ ଅଧିକାର କରିଛି। ବିଭିନ୍ନ ପ୍ରଜାତିର ୩୫ଟି ବ୍ରିଡ୍‌ର ୨୭୦ରୁ ଊର୍ଦ୍ଧ୍ୱ କୁକୁର ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶାରୁ ୭୦ରୁ ୮୦ ଜଣ ଭାଗ ନେଇଥିଲେ ବୋଲି ଓଡ଼ିଶା କେନେଲ





କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି।

ଶୋ'କୁ ପ୍ରଥମଥର ଆସିଛି ମିନିଏଚର୍ ସ୍ନାଉଜର -

ଚଳିତବର୍ଷ ପ୍ରଥମ ଥର ଆସିଛି ମିନିଏଚର ସ୍ନାଉଜର। ଯାହା ଶୋ ରେ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଛି। ତାର ଶରୀରର ଗଠନ ଏବଂ ରଙ୍ଗ ବେଶ ନିଆରା। ତା ସହିତ ଫଟୋ ଉଠାଇବାକୁ ଯୁବ ପିଢ଼ିଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହି ବ୍ରିଡ୍‌ର କୁକୁରର ମୂଲ୍ୟ ସାଧାରଣତଃ ୨୫ରୁ ୬୦ ହଜାର ପର୍ଯ୍ୟନ୍ତ ଥାଏ।

# ଜାନୁଆରୀ ୨ରେ ସ୍ୱାଧୀନତା ସଂଗ୍ରାମୀ ଦିବସ

ଭୁବନେଶ୍ୱର,୨୧।୧୨(ସମିସ): ଆସନ୍ତା ଜାନୁଆରୀ ୨ ତାରିଖରେ ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଏବଂ ଉତ୍ତରଦାୟାଦ ସମ୍ମିଳନୀ ବା ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ ଅନୁଷ୍ଠିତ ହେବ। ଦେଶର ବିଭିନ୍ନ ରାଜ୍ୟରୁ ସ୍ୱାଧୀନତା ସଂଗ୍ରାମୀ



ଏବଂ ଦାୟାଦମାନେ ଏହି ମହୋତ୍ସବରେ ଯୋଗଦେବେ। ଏହି ମହୋତ୍ସବ ପାଇଁ ରବିବାର ସଂଗ୍ରାମୀ ସଦନଠାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଗାନ୍ଧିବାଦୀ ଲେଖକ ତଥା ସ୍ତମ୍ଭକାର ପ୍ରହ୍ଲାଦ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସର୍ବଭାରତୀୟ ଯୁବ ସାମ୍ମୁଖ୍ୟ ସଭାପତି ସାଂସଦ ଡ. ଭର୍ତ୍ତୃହରି ମହତାବ ଯୋଗଦେଇ ମହୋତ୍ସବ ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ। ଏହି ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ ପାଇଁ ହସ୍ତଶିଳ୍ପ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଭାବରେ ମନୋନୀତ କରାଯାଇଛି। ସେହିପରି ମହୋତ୍ସବକୁ ଉଦ୍‌ଘାଟନ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିମନ୍ତ୍ରଣ କରାଯାଇଛି। ବୈଠକରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଯୁବନେତା ତୁଷାର ଚକ୍ରବର୍ତ୍ତୀ, ସ୍ୱାଧୀନତା ସଂଗ୍ରାମୀ ଉତ୍ତର ଦାୟାଦ ରାମେଶ୍ୱର ଶତପଥୀ, ଗାନ୍ଧୀବାଦୀ ଲେଖକ ଡ. ପୂର୍ଣ୍ଣଚନ୍ଦ୍ର ଦାସ, ସମାଜସେବିକା ଋତୁପର୍ଣ୍ଣା ମହାନ୍ତି, ଦୁଃଶାସନ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରଥିଲେ। ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ମହୋତ୍ସବର ଏହି ପ୍ରସ୍ତୁତି ବୈଠକକୁ ସଂଚାଳନ କରିଥିଲେ।

# ମୁକ୍ତିଲାଭ କଲା 'ମୋଟରସାଇକେଲ୍'

ଭୁବନେଶ୍ୱର,୨୧।୧୨(ସମିସ): ବିଶ୍ୱାଳ ଫିଲ୍ମସ୍ ବ୍ୟାନର୍‌ରେ ପ୍ରସ୍ତୁତ ଓଡ଼ିଆ ଫିଚର୍ ଫିଲ୍ମ



'ମୋଟରସାଇକେଲ୍' ଶୁକ୍ରବାର ସାରା ଓଡ଼ିଶାର ସିନେମା ହଲଗୁଡ଼ିକରେ ମୁକ୍ତିଲାଭ କରିଛି। ଏହି ଚଳଚ୍ଚିତ୍ରଟି ସମ୍ପୂର୍ଣ୍ଣ ପାରିବାରିକ ମନୋରଞ୍ଜନରେ ପରିପୂର୍ଣ୍ଣ ଭାବେ ନିର୍ମାଣ ହୋଇଛି। ପ୍ରଯୋଜିକା ଝୁନିଲତା ବିଶ୍ୱାଳ ଓ ନିର୍ଦ୍ଦେଶକ ଅଶ୍ୱିନ୍ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ମୋଟରସାଇକେଲ୍' ଓଡ଼ିଆ ମାଟି, ସମ୍ପର୍କ ଓ ଭାବନାକୁ ସୁନ୍ଦରଭାବେ ପରଦାରେ ଉପସ୍ଥାପନ କରିଛି। ଏହି ସିନେମାରେ କୁନା ତ୍ରିପାଠୀ, ଜ୍ୟୋତିରଞ୍ଜନ ନାୟକ, ଅଭିଷେକ ପଣ୍ଡା, ପ୍ରୀତି, ପିଙ୍କୁ, ପୃଥ୍ୱୀରାଜ, ଆଲିଶା, ଭାଶ୍ୱତୀ ବସୁ, ରାଜଶ୍ରୀ, ସୁଶାନ୍ତ ଦାସ ମହାପାତ୍ର ସହ ଅନେକ କଳାକାର ଅଭିନୟ କରିଛନ୍ତି। ଚିତ୍ରଗ୍ରହଣ ଅକ୍ଷୟ କୁମାର ନାୟକ, ସଂପାଦନା ମାନସ କୁମାର ସାହୁ, ଏବଂ ସଂଗୀତ ସୋମେଶ ଶତପଥୀଙ୍କ ଦ୍ୱାରା ନିର୍ମିତ। ହ୍ୟୁମାନ ସାଗର ଓ ଅନ୍ୟାନ୍ୟ ପ୍ରସିଦ୍ଧ କଣ୍ଠଶିଳ୍ପୀଙ୍କ ସ୍ୱର ସିନେମାକୁ ଅଧିକ ଆକର୍ଷକ କରିଛି। ହ୍ୟୁମାନ ସାଗରଙ୍କ ଉଦ୍ଦେଶ୍ୟ ନିରବ ପ୍ରାର୍ଥନା କରାଯିବା ସହିତ ତାଙ୍କ ପାଇଁ ଏକ ସିଟ୍ ମଧ୍ୟ ସଂରକ୍ଷିତ ରଖାଯାଇଥିଲା।

ଦାଦାବଟି ନଦେବାରୁ ଖଣ୍ଡା ଚୋଟ ଘଟଣା

# ଖଲ୍ଲିକୋଟରୁ ଧରାପଡ଼ିଲେ ଷ୍ଟାର୍ ପିଣ୍ଟୁ ଗ୍ୟାଙ୍ଗ

ଭୁବନେଶ୍ୱର,୨୧।୧୨ (ସମିସ):

ଦାଦାବଟି ପାଇଁ ଘରେ ପଶି ହାଣିବା ଘଟଣାରେ ଷ୍ଟାର୍ ପିଣ୍ଟୁ ସମେତ ୩ ଜଣଙ୍କୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଭିମଟାଙ୍ଗୀର ଷ୍ଟାର୍ ପିଣ୍ଟୁ ଓରଫ୍ ପ୍ରଦୀପ୍ତ କୁମାର ସାହୁ (୩୨), ରାଜେଶ କୁମାର ସାହୁ ଓରଫ୍ ଟିକୁ (୨୭) ଓ ଭରତ କୁମାର ନାୟକ ଓରଫ୍ ସିପୁ (୨୯)।



ପୁଲିସ ସୂଚନାନୁସାରେ, କାର୍ଗିଲବସ୍ତି ମଦନମୋହନ ସାହିରେ ରହୁଥିବା ମାମା ହାଁସଦାଙ୍କ ଭାଇ ଦୁର୍ଗା ମାଧବ ଘରେ ଏକା ଥିବାବେଳେ ଷ୍ଟାର୍ ପିଣ୍ଟୁ, ଟିକୁ, ସିପୁ, ଦୀପୁ ଓ ସହଯୋଗୀମାନେ ତାଙ୍କ ଘରକୁ ଆସି ଦାଦାବଟି ମାଗିଥିଲେ। ଦୁର୍ଗା ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିସହିତ ଘରେ ପଶି ତାଙ୍କ ଭଣଜାକୁ ଖରାପ ଭାଷାରେ ଗାଳି ଦେବା ସହ ହତ୍ୟା କରିବାକୁ ଧମକ ଦେଇଥିଲେ। ସ୍ଥାନୀୟ ଲୋକେ ଦୁର୍ଗାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାମାଙ୍କ ଅଭିଯୋଗକ୍ରମେ ଏୟାରପୋର୍ଟ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଏହାରି ଭିତରେ ଦୀପୁ କୋର୍ଟରେ ଆତ୍ମସମର୍ପଣ କରିଥିଲା। ଷ୍ଟାର୍ ପିଣ୍ଟୁ ଓ ତା'ର ସହଯୋଗୀମାନେ ଖଲ୍ଲିକୋଟର ଏକ ଫାର୍ମ ହାଉସରେ ଆତ୍ମଗୋପନ କରିଥିବା ଖବରପାଇ ଏୟାରପୋର୍ଟ ଥାନା ପୁଲିସ ଚଢ଼ଉ କରିଥିଲା। ସେଠାରୁ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ୩ଟି ଖଣ୍ଡା ଓ କଟୁରି ଜବତ କରିଥିଲା। ଷ୍ଟାର୍ ପିଣ୍ଟୁ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ତା' ନାମରେ ରାଜଧାନୀର ବିଭିନ୍ନ ଥାନାରେ ମୋଟ ୨୦ଟି ଆପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।



# ଭୁବନେଶ୍ୱର ସିଟି

## କଳିଙ୍ଗ ଜେନ୍ ଫାଉଣ୍ଡେସନର ପ୍ରଜ୍ଞା ଉତ୍ସବ




ଭୁବନେଶ୍ୱର,୨୧।୧୨(ସମିସ) : କଳିଙ୍ଗ ଜେନ୍ ଫାଉଣ୍ଡେସନର ଅଦ୍ୱୈତ ଧ୍ୟାନ କଳାସଂଘ ତରଫରୁ ଆଇଆର୍‌ସି ଭିଲେଜଠାରେ 'ପ୍ରଜ୍ଞା ଉତ୍ସବ' ପାଳିତ ହୋଇଛି। ପ୍ରଜ୍ଞା ଉତ୍ସବ ବା ରୋହାତ୍ସୁ ଦିବସ ଗୌତମ ବୁଦ୍ଧଙ୍କ ଜ୍ଞାନପ୍ରାପ୍ତି ଦିବସକୁ ମନେ ପକାଇଥାଏ ଏବଂ ଡିସେମ୍ବର ମାସରେ ଦେଶ ବିଦେଶରେ ପାଳିତ ହୁଏ। ଅଦ୍ୱୈତ ଧ୍ୟାନ କଳାସଂଘ ୨୦୨୫ ମସିହାରେ ଏହାର କାର୍ଯ୍ୟର ଦଶ ବର୍ଷ ପୂରଣ କରିଥିବାରୁ ଏହି ଉତ୍ସବ ପାଳନର ବିଶେଷ ଗୁରୁତ୍ୱ ରହିଛି। ସଂଘ ଦ୍ୱାରା ପରିଚାଳିତ ସ୍କୁଲର ଛାତ୍ର ଦ୍ୱାରା ଓଡ଼ିଆ ଏବଂ ସଂସ୍କୃତରେ ଗୀତ ଗାଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସଂଘର ପ୍ରତିଷ୍ଠାତା ଡ. ବରିଶ ପାଣିଗ୍ରାହୀଙ୍କ ଜୀବନ ଯାତ୍ରାର ଆତ୍ମଜୀବନୀ 'ଦି ଇଣ୍ଡିଆନ୍ ହୁ ୱୁଣ୍ଡ୍ ବ୍ୟାକ୍' ପୁସ୍ତକର ପାଠକାର୍ପଣ ହୋଇଥିଲା। ଲେଖକ ତଥା ଚିନ୍ତକ ଶଶୀଭୂଷଣ ରଥ ପୁସ୍ତକର ସଂକ୍ଷିପ୍ତ ଆଲୋଚନା କରିଥିଲେ। ଡ. ବରିଶ ପାଣିଗ୍ରାହୀଙ୍କ ଦ୍ୱାରା ଲିଖିତ ଓଡ଼ିଆ ପୁସ୍ତକ 'ଯଶୋଧରା ଓ ବୁଦ୍ଧ: ପ୍ରେମ ଓ ପ୍ରଜ୍ଞାର ଗୀତିକାବ୍ୟ' ମଧ୍ୟ ଏହି ଅବସରରେ ଲୋକାର୍ପିତ ହୋଇଛି। ଯାହାର ସମୀକ୍ଷା କରିଥିଲେ କବି ଏବଂ ସ୍ତମ୍ଭକାର ପ୍ରଫେସର ନଳିନୀରଞ୍ଜନ ମହାନ୍ତି। 'ପ୍ରଜ୍ଞାଞ୍ଜଳି' ନାମକ ଏକ ସ୍ମାରକୀ ପତ୍ରିକା ଲୋକାର୍ପଣ ହୋଇଥିଲା ଏବଂ ଏହାର ସଂକ୍ଷିପ୍ତ ଉପସ୍ଥାପନ କରିଥିଲେ ବ୍ରିଗେଡିୟର ନିରଞ୍ଜନ ଧଳ। ଅନୁରାଧା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ସୈନିକ ସ୍କୁଲ୍ ପକ୍ଷରୁ ମିନି ମାରାଥନ୍

## ଲକ୍ଷ୍ୟ ହାସଲରେ ସହାୟକ ହେବ 'ଶାରୀରିକ ସୁସ୍ଥତା ଓ ଶୃଙ୍ଖଳା'



ଭୁବନେଶ୍ୱର,୨୧।୧୨(ସମିସ): ସ୍ୱଚ୍ଛ, ସବୁଜ ଏବଂ ପ୍ରଦୂଷଣମୁକ୍ତ ଭୁବନେଶ୍ୱର ପାଇଁ ବ୍ୟାପକ ଜନସଚେତନ କରିବାକୁ ସୈନିକ ସ୍କୁଲ୍ ପକ୍ଷରୁ "ରନ୍ ଫର୍ ଫନ୍' ଶୀର୍ଷକରେ ଏକ ମିନି ମାରାଥନ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଖଣି ନିଗମ (ଓଏମ୍‌ସି) ସହଯୋଗରେ ଅନୁଷ୍ଠିତ ଏହି ନବମ ମିନି ମାରାଥନ୍‌ରେ ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟ ଅତିଥି ଭାବେ ୧୨୦ ବାଟାଲିୟନର କମାଣ୍ଡିଂ ଅଫିସର କର୍ଣ୍ଣେଲ ରୋହିତ ସିଂହ ଓ ପୂର୍ବତନ ରାଜ୍ୟ ନିର୍ବାଚନ କମିଶନର ତଥା ପୁରାତନ ଛାତ୍ର ସଂଘର ସଭାପତି ମଧୁସୂଦନ ପାଢ଼ୀ ଯୋଗଦେଇ ମାରାଥନ୍ ଆରମ୍ଭ କରିବା ସହ ସ୍ୱଚ୍ଛ ଭାରତ ଅଭିଯାନର ଏକ ଅଂଶ ହୋଇ ସୌନ୍ଦର୍ଯ୍ୟମୟ ପରିବେଶ ବଢ଼ିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ଯୋଗଦେଇ ଶାରୀରିକ ସୁସ୍ଥତା ଓ ଶୃଙ୍ଖଳା ଜୀବନର ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ ବୋଲି କହିଛନ୍ତି। ସୈନିକ ସ୍କୁଲ ଅଧ୍ୟକ୍ଷ କର୍ଣ୍ଣେଲ ପଙ୍କଜ କୁମାର, ଉପାଧ୍ୟକ୍ଷ କମାଣ୍ଡର ମନୋରମା ପୋଖେରିଆ ଏବଂ ପ୍ରଶାସନିକ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ପ୍ରୀତମ କାମ୍ବଲେ ପ୍ରମୁଖ ପରିବେଶ ସମ୍ପର୍କରେ ସଚେତନ କରିବା ସହ ସୁସ୍ଥ ଜୀବନ ପାଇଁ ସ୍ୱଚ୍ଛ ପରିବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ଓଏମ୍‌ସିର ବରିଷ୍ଠ ଅଧିକାରୀ ଅମିତଭ ସ୍ୱାଇଁ, କର୍ଣ୍ଣେଲ ସମୀରଙ୍କ ସମେତ ବହୁ ପୁରାତନ ଛାତ୍ର ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ବାଳକ ବର୍ଗରେ ବିକାଶ ବିଜେତା ହୋଇଥିବାବେଳେ ବାଳିକା ବର୍ଗରେ ଅଭିପ୍ସା ସରାଫ ବିଜେତା ହୋଇଛନ୍ତି। ଏହାସହ ବିଭିନ୍ନ ବର୍ଗରେ କୃତୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି।

## ରାଜଧାନୀ ସଂଗ୍ରାମୀ ସେବା ସଙ୍ଘର ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୨୧।୧୨(ସମିସ): ରାଜଧାନୀ ସଂଗ୍ରାମୀ ସେବାସଙ୍ଘର ନବମ ପ୍ରତିଷ୍ଠା ଦିବସ ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମାଜର ଅସହାୟ କର୍କଟ ପୀଡ଼ିତଙ୍କ ଉଦ୍ଦେଶ୍ୟରେ ବାପୁ ଓଝାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ସମାଜମଙ୍ଗଳ ହୁଣ୍ଡି ଭାଙ୍ଗି ସେଥିରୁ ଆଦାୟ ମୋଟ ୩୫ ହଜାର ୨୦ ଟଙ୍କା ଅର୍ଥରାଶି ଭୁବନେଶ୍ୱର କଳ୍ପନା ଅଞ୍ଚଳର ୯ ବର୍ଷର କର୍କଟ ପୀଡ଼ିତା ସ୍ୱାଲେହା ଆଞ୍ଜୁମଙ୍କୁ ପ୍ରଦାନ କରାଯାଇଛି। ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସ୍ୱାସ୍ଥ୍ୟ ଭରସା ସମିତିର ଲୋକସମ୍ପର୍କ ଅଧିକାରୀ ଡ. ଉମାକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ବିଜେପି ନେତା ଜଗନ୍ନାଥ ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାଶ, କର୍ପୋରେଟର ଅମରେଶ ଜେନା, ମହିଳା ଉଦ୍ୟୋଗୀ ସୃଷ୍ଟି ସୋମେନ, ସମାଜସେବୀ ବନ୍ଦନା ହରିଚନ୍ଦନ, ମୀରା ପରିଡ଼ା, କଣ୍ଠଶିଳ୍ପୀ ଜୟଶ୍ରୀ ଧଳ ପ୍ରମୁଖ ଯୋଗଦେଇଥିଲେ। ସଂଘ ସଭାପତି ଧୀରେନ ଶଙ୍କର ଦାସ ସଂଗଠନର ବିବରଣୀ ପାଠ କରିଥିଲେ। ସଂଘ ପ୍ରତିଷ୍ଠାତା ବାପୁ ଓଝା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଂଘ ଉପସଭାପତି ଡେଜି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ତନ୍ମୟ ସାମନ୍ତରାୟ, ସତ୍ୟବ୍ରତ ଜେନା, ଦେବବ୍ରତ ମେର୍କାପ, ପ୍ରାତୁର୍ଯ୍ୟା ଦାସ, ପ୍ରତାପ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଭୁବନେଶ୍ୱର ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ରାଜଧାନୀ ଭୁବନେଶ୍ୱର ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା।

## ବ୍ଲସମ୍ସ୍ ସ୍କୁଲ୍‌ର ବାର୍ଷିକୋତ୍ସବ 'ଅଭିସରଣ'



ଭୁବନେଶ୍ୱର,୨୧।୧୨(ସମିସ): ବ୍ଲସମ୍ସ ସ୍କୁଲ୍‌ର ବାର୍ଷିକ ଉତ୍ସବ 'ଅଭିସରଣ' ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ପୂର୍ବତନ ଶିକ୍ଷା ସଚିବ ଅବସରପ୍ରାପ୍ତ ଡା. ଅରୁଣ କୁମାର ରଥ ଯୋଗ ଦେଇଥିଲେ। ଏହି ଉତ୍ସବରେ 'ଅଭିସରଣ: ଏକ ଉତ୍ତମ ଆଗାମୀ ପାଇଁ ସମାଗମ' ବିଷୟବସ୍ତୁକୁ ନେଇ ଏହି ବାର୍ଷିକ ଉତ୍ସବ ୨୦୨୫ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ପୁରସ୍କାର ବିତରଣ ସମାରୋହ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଅବସରପ୍ରାପ୍ତ କର୍ମଚାରୀଙ୍କ ବନ୍ଧୁମିଳନ




ଭୁବନେଶ୍ୱର,୨୧।୧୨(ସମିସ): ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକମାନଙ୍କର ୮ମ ବନ୍ଧୁମିଳନ ଉତ୍ସବ ରବିବାର ୟୁନିଟ ୮ ସ୍ଥିତ ପ୍ରସାଦ ମଣ୍ଡପଠାରେ ପାଳିତ ହୋଇଛି। ପ୍ରଥମେ ଜଗନ୍ନାଥ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ପ୍ରଫୁଲ୍ଲ ସେନାପତି ଉତ୍ସବର ଆଭିମୁଖ୍ୟ କହିଥିଲେ। ନୂତନ ବନ୍ଧୁମାନଙ୍କୁ ସ୍ୱାଗତ କରାଯିବା ସହ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁ ବନ୍ଦନା ଏବଂ ଉପହାର ପ୍ରଦାନ କରାଯାଇଥିଲା। ଶୈଳେଶ ଚନ୍ଦ୍ର ଦାସଗୁପ୍ତାଙ୍କୁ ସଭାପତିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ନିରଞ୍ଜନ ତ୍ରିପାଠୀ ସଭାପତି ଅଭିଭାଷଣ ରଖିଥିଲେ। ଶେଷରେ ଧନ୍ୟବାଦ ଦେଇଥିଲେ ସୁବଳ ଚରଣ ଭୋଳ।

## ଓୟୁଟିଆର୍ ପକ୍ଷରୁ ମିନି ମାରାଥନ୍

ଭୁବନେଶ୍ୱର, ୨୦।୧୨(ସମିସ): ପରିବେଶ ସୁସ୍ଥ ରହିଲେ ଜୀବନ ସୌନ୍ଦର୍ଯ୍ୟମୟ ହୋଇପାରିବ। ପରିବେଶକୁ ସୁରକ୍ଷା ଦେବା ସମସ୍ତଙ୍କ ପ୍ରାଥମିକ କର୍ତ୍ତବ୍ୟ। ଏଥିପାଇଁ ବ୍ୟାପକ ଜନସଚେତନତା ଆବଶ୍ୟକ ବୋଲି କହିଛନ୍ତି ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଅର୍) ର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ। ପରିବେଶ ସଚେତନତା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ଅନୁଷ୍ଠିତ ଏକ ମିନି ମାରାଥନକୁ ଆରମ୍ଭ କରିବା ସହ ପରିବେଶ ପ୍ରତି ଅଧିକ ସଜାଗ ହେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ବିଶ୍ୱବିଦ୍ୟାଳୟ ପରିସରରୁ ମାରାଥନ ଆରମ୍ଭ ହୋଇ ନାକାଗେଟ୍ ଛକ, ସମ୍ ହସ୍ପିଟାଲ ଛକ ଦେଇ ପୁନଃ ବିଶ୍ୱବିଦ୍ୟାଳୟରେ ଶେଷ ହୋଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର କ୍ଲାଇମେଟ୍ ମ୍ୟାନ୍ ଭାବେ ପରିଚିତ ସତ୍ୟବ୍ରତ ସାମଲ ଯୋଗଦେଇ ପରିବେଶ ସଂରକ୍ଷଣର ସନ୍ଦେଶକୁ ସୁଦୂର ପ୍ରସାରୀ କରିବାକୁ ଆହ୍ୱାନ ଦେଇଛନ୍ତି। ଓୟୁଟିଆର କ୍ରୀଡ଼ା ସମିତି ଓ ଏନଏସ୍‌ଏସ୍ ପକ୍ଷରୁ ଅନୁଷ୍ଠିତ ଏହି ମାରାଥନ୍‌ରେ ଛାତ୍ର କଲ୍ୟାଣ ଡିନ୍ ପ୍ରଫେସର ଅଶ୍ୱିନୀ କୁମାର ଦାଶ, ପ୍ରଫେସର ଜିତେନ୍ଦ୍ର ନାୟକ, ପ୍ରଫେସର ଜଗନ୍ନାଥ ସେଠୀଙ୍କ ସମେତ କ୍ରୀଡ଼ା ସମିତି ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ସଂଘର ସାଧାରଣ ସଭା



ଭୁବନେଶ୍ୱର,୨୧।୧୨(ସମିସ): ଓଡିଶା ଚଳଚ୍ଚିତ୍ର ପ୍ରଯୋଜକ ସଂଘର ନିର୍ବାଚନ ଅନୁଷ୍ଠିତ ହେଇଯାଇଛି। ଏହି ନିର୍ବାଚନରେ ଯୁଗଳ କିଶୋର ଦେବତା ସଭାପତି, ଅଜୟ ରାଉତରାୟ ଉପ ସଭାପତି, ରଞ୍ଜିତ କୁମାର ରାଉତ ସମ୍ପାଦକ, ସମରେଶ ରାଉତରାୟ ଯୁଗ୍ମ ସମ୍ପାଦକ, ଚିତ୍ତରଂଜନ ମିଶ୍ର କୋଷାଧ୍ୟକ୍ଷ ଓ ଅଜୟ କୁମାର ମହାନ୍ତି, ପ୍ରଣୟ ଜେଠୀ, ରମେଶ ବାରିକ, ତପନ ଦାସ, କେ ତମନା, ଲିଟୁ ମହାନ୍ତି, କୌଶିକ ଦାଶ ଓ ଅକ୍ଷୟ ପ୍ରଧାନ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନକୁ ସୂଚାରୁ ରୁପେ ବ୍ରଜ କିଶୋର ପ୍ରଧାନ, ଜୁବୁଲି ସୁନ୍ଦରାୟ, ଚନ୍ଦନ ତ୍ରିପାଠୀ ଓ ପରେଶ ଅଭଲାନି ପରିଚାଳନା କରିଥିଲେ।

## ୨୫ରେ ଚିତ୍ରାଙ୍କନ ପ୍ରତିଯୋଗିତା

ଭୁବନେଶ୍ୱର,୨୧।୧୨(ସମିସ): ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିବା ପାଇଁ ଶ୍ରୀଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ବସନ୍ତପୁର ପକ୍ଷରୁ ପ୍ରତିବର୍ଷ ଭଳି ଏଥର ମଧ୍ୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଆସନ୍ତା ୨୫ତାରିଖ ଗୁରୁବାର ଦିନ କସ୍ତୁରବା ନାରୀ ମହଲଠାରେ ଶିରିଡି ସାଇ ବାବା ଓ ଶ୍ରୀଜଗନ୍ନାଥଙ୍କ ଉପରେ ଏକ ନିଃଶୁଳ୍କ ଚିତ୍ରାଙ୍କନ, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଏଲକେଜିରୁ ଏକାଦଶ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ୯୪୩୭୦୦୧୧୩୫ ଏହି ନମ୍ବରରେ ହ୍ୱାଟସ୍‌ଆପ କରି ନିଜ ନାମ ପଞ୍ଜୀକରଣ କରିବାକୁ ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି।

## ଜିଲ୍ଲାସ୍ତରୀୟ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଚାମ୍ପିଅନସିପ୍

ଭୁବନେଶ୍ୱର, ୨୧।୧୨(ସମିସ): ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏନ ପକ୍ଷରୁ ଜିଲ୍ଲାସ୍ତରୀୟ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଚମ୍ପିୟନସିପ୍ ୨୦୨୫-୨୬, ଜେଏମ ସ୍ପୋର୍ଟସ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଜିମ୍ନାଷ୍ଟିକ ଆସୋସିଏସନର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନର ସଭାପତି, ତଥା ପୂର୍ବତନ କ୍ରୀଡା ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଜିମ୍ନାଷ୍ଟିକ ଆସୋସିଏସନର ସମ୍ପାଦକ ନରେନ୍ଦ୍ର କୁମାର ସେଠୀ ସହ ସଂପାଦକ ଗୁରୁ ପ୍ରସାଦ ପଟ୍ଟନାୟକ ଯୋଗ ଦେଇଥିଲେ। ଏକାଡେମୀର ଅଧ୍ୟକ୍ଷା ତଥା ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନର ଉପସଭାପତି ମୀରା ରାଣୀ ଦାସଙ୍କ ତତ୍ତ୍ୱାବଧାନରେରେ ପ୍ରତିଯୋଗୀତା ଆୟୋଜିତ କରାଯାଇଥିଲା। ସଂପାଦକ ତଥା ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନ ର ଏକ୍ସକ୍ୟୁଟିଭ ମେମ୍ବର ଯଶୋବନ୍ତ ଦାସ ଓ ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ର କାର୍ଯକ୍ରମକୁ ପରିଚାଳନା କରିଥଲେ।

## ଦେଉଳିଆପାଟଣା କ୍ରିକେଟ କପ୍ | ମେଣ୍ଢାଶାଳକୁ ହରାଇଲା କେଶୁରା



ବଡ଼ରଘୁନାଥପୁର,୨୧।୧୨(ସମିସ): ଭୁବନେଶ୍ୱର ଉପକଣ୍ଠ ଇନ୍‌ଫୋସିଭ୍ୟାଲି ଥାନା ଅଧୀନରେ ଥିବା ଦେଉଳିଆପାଟଣା ଗ୍ରାମରେ ୧୨ ତମ କ୍ରିକେଟ କପ୍ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ୍ ମେଣ୍ଢାଶାଳ ଓ କେଶୁରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମେଣ୍ଢାଶାଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ୨୦ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୧୩୭ ରନ କରିଥିଲା। ଜବାବରେ କେଶୁରା ୪ ୱିକେଟ୍ ବିନିମୟରେ ବିଜୟ ଲାଭ କରିଛି। ଏଥିସହ ଶିବାଶିଷ ଦାସ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଜିର ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ମଦନପୁର ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଅଜିତ ସାମନ୍ତରାୟ ଏବଂ ବିଜୟ କୁମାର ଚୌଧୁରୀ ଯୋଗ ଦେଇଥିଲେ।

## ବେବିଡଲ୍‌ସ ପ୍ଲେ ସ୍କୁଲ୍‌ର ବାର୍ଷିକୋତ୍ସବ



ଭୁବନେଶ୍ୱର,୨୧।୧୨(ସମିସ): କଳିଙ୍ଗବିହାରସ୍ଥିତ ବେବିଡଲ୍‌ସ ପ୍ଲେ ସ୍କୁଲର ବିଂଶତମ ବାର୍ଷିକ ଉତ୍ସବ ସ୍ଥାନୀୟ ଲକ୍ଷ୍ମୀପୂଜା ମଣ୍ଡପଠାରେ ପାଳିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କମିଶନର ଡ. ଧୀରେନ୍ ପଟ୍ଟନାୟକ ଯୋଗ ଦେଇଥିଲେ। ସ୍କୁଲର ପ୍ରିନ୍ସପାଲ ସଂଗୀତା ପଟ୍ଟନାୟକ ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିଲେ। କୁନି ପ୍ରତିଭାଙ୍କୁ ସେମାନଙ୍କର ପାରଦର୍ଶିତା ପାଇଁ ବିଭିନ୍ନ ବିଭାଗରେ ଅତିଥିମାନେ ପୁରସ୍କୃତ କରିଥିଲେ। ସ୍କୁଲର ଭାଇସ୍ ପ୍ରିନ୍ସପାଲ ବନ୍ଦନା ସାମଲ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ବନଜା ରାଉତ, ବିଜୟଲକ୍ଷ୍ମୀ ବାରିକ, ପୁନମ ପଟ୍ଟନାୟକ, ରଶ୍ମିତା ରାଉଳ, ଆର୍ଟ ଶିକ୍ଷକ ସୌମ୍ୟ ନାୟକ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍କୁଲର ପ୍ରେସିଡେଣ୍ଟ ଅକ୍ଷୟ କୁମାର ଦାସ ସଭାକୁ ସହଯୋଗ ଦେଇଥିଲେ। ଶେଷରେ ସ୍କୁଲର ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ବାରିକ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଓ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ




ଭୁବନେଶ୍ୱର,୨୧।୧୨(ସମିସ): ସଙ୍ଗୀତ ସାଧକ ପରିଷଦ ପକ୍ଷରୁ ସୂଚନା ଭବନଠାରେ ଶନିବାର ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଓ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଡ. ଅରୁଣା ମହାନ୍ତି, ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଶାସନ ସଚିବ ଅରୁଣ କୁମାର ବିଶ୍ୱାଳ, ସାହିତ୍ୟିକା ଡ. ପ୍ରବୀଣା ମହାନ୍ତି, ସାମାଜିକ କର୍ମୀ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହିଥିଲେ। ଏହି ଅବସରରେ ଓଡ଼ିଶାରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତରେ ଅଗ୍ରୀଣ ଭୂମିକା ଗ୍ରହଣ କରିଥିବା ୧୧ ଜଣ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଗୁରୁଙ୍କୁ 'ଶ୍ରେଷ୍ଠ ସଙ୍ଗୀତ ସାଧକ' ସମ୍ମାନ ଓ ଜାତୀୟସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ୫ ଜଣ ଯୁବ ସଙ୍ଗୀତ ଶିଳ୍ପୀଙ୍କୁ 'ରାଷ୍ଟ୍ରୀୟ ଯୁବ ପ୍ରତିଭା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସମାଜସେବା ଏବଂ ଶିକ୍ଷା କ୍ଷେତ୍ରରେ ଆଜୀବନ ସମର୍ପିତ ଥିବା ୨ଜଣ ବ୍ୟକ୍ତିତ୍ୱ ନିମାଇଁ ଚରଣ ରାୟ ଓ ବାଞ୍ଛନିଧି ମଲ୍ଲିକଙ୍କୁ 'ପଣ୍ଡିତ ଦୁର୍ଯ୍ୟୋଧନ ଶତପଥୀ ସମାଜସେବା ସମ୍ମାନ', ପ୍ରଭାତୀ ପଟ୍ଟନାୟକ ଓ ପ୍ରାଣନାଥ ପଟ୍ଟନାୟକଙ୍କୁ 'ପ୍ରଭାରୀ-ପ୍ରାଣନାଥ ଆଦର୍ଶ ଶିକ୍ଷା ସମାଜସେବା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଗୁରୁ ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥୀଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ବୃନ୍ଦଗାନ ପରିବେଷଣ କରିଥିଲେ। ପରବର୍ତ୍ତୀ ଅଧିବେଶନରେ 'କଲ୍ୟାଣ ରାଗର ବୃନ୍ଦଗାନ ଏବଂ କଣ୍ଠଶିଳ୍ପୀ ଗୁରୁ କୃଷ୍ଣା ଶତପଥୀଙ୍କର ମୀରା ଭଜନ ଗାୟନ ପରିବେଷଣ କରିଥିଲେ। ଅନୁଷ୍ଠାନର ସମ୍ପାଦିକା ଗୁରୁ କୃଷ୍ଣା ଶତପଥୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

## ଇଟିକିଲି ମିଟିକିଲିର ସଂଗୀତ ସୁରଭି

ଭୁବନେଶ୍ୱର,୨୧।୧୨(ସମିସ): ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହଯୋଗରେ ରବିବାର ଜୟଦେବ ଭବନଠାରେ ଇଟିକିଲି ମିଟିକିଲି ପକ୍ଷରୁ ସଂଗୀତ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଓ ଅର୍ଥନୀତିଜ୍ଞ ତଥା ସମାଜସେବୀ ରାଜୀବ ଶେଖର ସାହୁ ଉଦ୍‌ଘାଟନ କରିଥିଲେ। ସଂଗୀତ ସୁଭରି କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ପାଲୁଅ ଲଡୁ ଦିବସ ପାଳନ ଉତ୍ସବରେ ଅନୁଷ୍ଠାନର ସଭାପତି ଶରତ କୁମାର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଧାୟକ ବାବୁ ସିଂହ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପତ୍ର, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ବିଜେପି ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖଯୋଗ ଦେଇଥିଲେ। ଅନୁଷ୍ଠାନର ଉପ-ସଭାପତି ଚିତ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗର ଅତିରିକ୍ତ ସଚିବ ଦୀପକ ରାଜନରାଏ, ଓଡ଼ିଶା ସାହିତ୍ୟ ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଲସିଂହ, ରୟାଲ୍ କଲେଜର ଚେୟାରମ୍ୟାନ୍ ବିଷ୍ଣୁମୋହନ ମହାରି ଓ ଜିନ୍ଦର ଷ୍ଟେନ୍‌ଲେସ୍‌ର ସାଧାରଣ ପରିଚାଳକ ସୁଧୀ ରଞ୍ଜନ ମିଶ୍ର, ଅନୁଷ୍ଠାନର ସଚିବ ଶରତ କୁମାର ନାୟକ ପ୍ରମୁଖ ଯୋଗଦାନ କରିଥିଲେ। କଣ୍ଠଶିଳ୍ପୀ ଶାଶ୍ୱତୀ ନାରାୟଣୀ ଆଚାର୍ଯ୍ୟଙ୍କୁ ଇଟିକିଲି ମିଟିକିଲି ସଂଗୀତଶ୍ରୀ ସମ୍ମାନ, ସ୍ୱର୍ଗତା ନାହାରିକା ସ୍ୱାଇଁ ଓ ପ୍ରଫେସର କାହ୍ନୁଚରଣ ସ୍ୱାଇଁଙ୍କୁ ଇଟିକିଲି ମିଟିକିଲି ଜେଜେମାଅ-ଜେଜେବାପା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପର୍ଯ୍ୟାୟ କ୍ରମେ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନାରେ ସାଂସ୍କୃତିକ ସମ୍ପାଦିକା ଅନିତା ରଥ, ସଂଗଠନ ସଂପାଦକ ପ୍ରିୟଦର୍ଶୀ ଶୁଭକାନ୍ତ, ସଦସ୍ୟ ରଜନିକାନ୍ତ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ଅମ୍ରିତା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଯାଁଳା,୨୧।୧୨(ସମିସ): ଅମ୍ରିତା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଅମ୍ରିତା ବିଦ୍ୟାଳୟର ଅଧ୍ୟକ୍ଷା ମୌସୁମୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପୁରସ୍କାର ବିତରଣ ଉତ୍ସବରେ ବ୍ରହ୍ମଚାରିଣୀ ନମ୍ରତା ଅମ୍ରିତା, ରସିକା ଅମ୍ରିତା, ଡିଏସ୍‌ଓ ଗୀତା ପଣ୍ଡା, ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ସୂର୍ଯ୍ୟରଞ୍ଜନ ପରିଜା, ଓସିଏ ରଣଜୀ ଖେଳାଳି ସଞ୍ଜୟ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଭିତରେ କବାଡ଼ି, ଖୋଖୋ, ଫୁଟବଲ, ଭଲିବଲ, ପୁଚି, କ୍ରିକେଟ, ଗୀତା ପଠନ, ଡମ୍ବେଲ ଡ୍ୟାନ୍ସ, ଲେଜିମ ଡ୍ୟାନ୍ସ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କ୍ରୀଡ଼ା ଶିକ୍ଷକ ସୁଜିତ୍ ଦାଶ, ସରିତା ମିଶ୍ର ଓ କମଳ ପ୍ରସାଦ ଦାଶଙ୍କ ତତ୍ତ୍ୱାବଧାନରେ ଏହି କ୍ରିଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରସିକା ଅମୃତା ଧନ୍ୟବାଦ ଅର୍ପଣ କରିଥିଲେ।

## ୧୪ ତମ ସର୍ବଭାରତୀୟ ମଦନପୁର ଫୁଟବଲ୍ କପ୍

## ପପୁଲାର ଢେଙ୍କାନାଳକୁ ହରାଇ ଫାଇନାଲରେ ଭଞ୍ଜନଗର ଏକାଡେମୀ

ବଡ଼ରଘୁନାଥପୁର,୨୧।୧୨(ସମିସ): ଭୁବନେଶ୍ୱର ଉପକଣ୍ଠ ମଦନପୁର ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ୧୪ ତମ ସର୍ବଭାରତୀୟ ମଦନପୁର ଫୁଟବଲ୍ କପ୍‌ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଭଞ୍ଜନଗର ଫୁଟବଲ୍ ଏକାଡେମୀ ବିଜୟୀ ହୋଇଛି।




ଭଞ୍ଜନଗର ଫୁଟବଲ୍ ଏକାଡେମୀ ଓ ପପୁଲାର କ୍ଲବ୍ ଢେଙ୍କାନାଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଭଞ୍ଜନଗର ଫୁଟବଲ୍ ଏକାଡେମୀ ପକ୍ଷରୁ ଏ ବେଞ୍ଜୋ ୩୯ ମିନିଟ୍ ବ୍ୟବଧାନରେ ଗୋଲ୍ ଏବଂ ପପୁଲାର ଢେଙ୍କାନାଳ ପକ୍ଷରୁ ରିକି ସ୍ୱାଇଁ ୨୮ ମିନିଟ୍ ବ୍ୟବଧାନରେ ଗୋଲ୍ କରିଥିଲେ। ଆଜିର ମ୍ୟାଚ୍‌ରେ ପଦ୍ମନ୍ ମଲ୍ଲିକ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଲାଭ କରିଥିଲେ। ଏହି ମ୍ୟାଚ୍ ରେ ମୁଖ୍ୟ ଅତିଥି ଭାବେ ସିନିଅର ଇନ୍ସପେକ୍ଟର ଅରୁଣ କୁମାର ବଳୀୟାରସିଂହ, ପୂର୍ବତନ ଯାଆଁଳା ସରପଞ୍ଚ ପ୍ରଦୋଷ କୁମାର ଜେନା ଯୋଗ ଦେଇଥିଲେ। ଏମ୍‌ଏସ୍ ବେଗ, ଶିବ ଦେହୁରୀ, ଶିବ ସାମନ୍ତରାୟ, ସୁଜିତ୍ ପାତ୍ର ଖେଳ ପରିଚାଳନା କରିଥିଲେ। ଆସନ୍ତା କାଲି ର ଫାଇନାଲ ମ୍ୟାଚ୍ ଭଞ୍ଜନଗର ଫୁଟବଲ୍ ଏକାଡେମୀ ବନାମ ଜଗା ୟୁନାଇଟେଡ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ।

## ସରିଆଁ ହାଇସ୍କୁଲ ଶିକ୍ଷାର୍ଥୀଙ୍କ ଗୁରୁପୂଜନ

# 'ଗୁରୁଙ୍କ ଆଶୀର୍ବାଦ ଶିଷ୍ୟକୁ କାଳଜୟୀ କରିଥାଏ'

**ଭବାନୀପାଟଣା, ୨୧।୧୨(ସମିସ)**

ସନାତନ ସଂସ୍କୃତିରେ ଗୁରୁଙ୍କ ସ୍ଥାନ ସର୍ବୋଚ୍ଚ ସ୍ଥାନରେ ରହିଆସିଛି। ଗୁରୁଙ୍କ ଆଶୀର୍ବାଦ ହିଁ ମନୁଷ୍ୟ ଜୀବନର ବଡ଼ ପୁଞ୍ଜି। ଜଣେ ସାଧାରଣ ବ୍ୟକ୍ତି ଗୁରୁଙ୍କ ଆଶୀର୍ବାଦ ଯୋଗୁଁ କାଳଜୟୀ ହୋଇ ପାରିଥାଏ ବୋଲି ସରିଆଁ ହାଇସ୍କୁଲରେ ଆୟୋଜିତ ଗୁରୁପୂଜନ ଅବସରରେ ମତ ପ୍ରକାଶ ପାଇଛି। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକର ଶିକ୍ଷାନୁଷ୍ଠାନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସରିଆଁ ପାଳନ କରୁଛି ରଜତ ଜୟନ୍ତୀ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସାଧୁରାମ ଭୋଇ, ଶିକ୍ଷକ ଗଙ୍ଗାନାରାୟଣ ଦାଶ, କୈଳାସ ଚନ୍ଦ୍ର ଭୋଇ, ଉମାକାନ୍ତ ଭୋଇ, ଶିକ୍ଷୟିତ୍ରୀ ମିନତି ଶତପଥୀ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ସାହୁ, ସଲିଲ ରଞ୍ଜନ ସିକଦାର, ଅବସରପ୍ରାପ୍ତ କିରାଣୀ ପ୍ରମୋଦ ଚନ୍ଦ୍ର ଭୋଇ, ସେବକ କପିଳ ମଟାଲି ଓ ସାଧୁରାମ ସାହୁ, ଅବସରପ୍ରାପ୍ତ ସେବକ ଭୋଳାନାଥ ଧଙ୍ଗଡ଼ାମାଝୀ ପ୍ରମୁଖ ଯୋଗଦେଇଥିଲେ। ଗୁରୁମାନେ ଶିଷ୍ୟମାନଙ୍କୁ




ଆଶୀର୍ବାଦ ପ୍ରଦାନ କରିଥିଲେ। ପରିଚାଳନା କରିଥିଲେ ପୁରାତନ ଶିକ୍ଷାର୍ଥୀ ସୁଧୀର କୁମାର ଧଙ୍ଗଡ଼ାମାଝୀ। ରମେଶ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଭୁପିନ୍ଦର ସିଂ, ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ ଓ ପୂର୍ବତନ ବିଧାୟକ କୁମରମଣି ଶବର, ମୁଖ୍ୟ ବକ୍ତା ଭାବେ ପ୍ରସନ୍ନ ମେହେର, ସମ୍ମାନିତ ଅତିଥି ହରିଶଙ୍କର ମାଝୀ, ଗଙ୍ଗାନାରାୟଣ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ପୁରାତନ ଶିକ୍ଷାର୍ଥୀ ମିହିର କୁମାର ଭୋଇଙ୍କ ରଚନା ଓ ନିର୍ଦ୍ଦେଶନାରେ ବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ନାଟକ 'ଧରନୀ' ଦର୍ଶକଙ୍କୁ ଆମୋଦିତ କରିଥିଲା।

## ■ କାଉଡୋଲା-ଲଡୁଗାଁ ପ୍ରଧାନମନ୍ତ୍ରୀ ସଡ଼କ

# ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ରାସ୍ତା ପାର୍ଶ୍ୱର ଅନାବନା ଗଛ

**କୋକସରା, ୨୧।୧୨ (ସମିସ):** ୨୬ ନମ୍ବର ଜାତୀୟ ରାଜପଥର କୋକସରା ବ୍ଲକ କାଉଡୋଲା ଛକ ଠାରୁ ଲଡୁଗାଁକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କର ଉଭୟ ପାର୍ଶ୍ୱରେ ଅନାବନା ଗଛ ଭରି ରହିଛି। ଯାହା ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ରାସ୍ତାର ଦୁଇ ପାର୍ଶ୍ୱରେ ଏମିତି ଅନାବନା ଗଛ ଗୁଡ଼ିକ ବଢ଼ି ଯାଇଛି ଯେ ବିପରୀତ ଦିଗରୁ କୌଣସି ଯାନବାହାନ ଆସୁଛି କି ନାହିଁ ତାହା ଜଣାପଡୁନାହିଁ। ତେଣୁ ଟିକିଏ ଅସାବଧାନତା ହେଲେ ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣା ହେବା ଆଶଙ୍କା ରହିଛି। ଲଡୁଗାଁ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବାରୁ ବିଭିନ୍ନ ସ୍ଥାନରୁ ଲୋକ ଦୈନିକ କାରବାର ପାଇଁ ଆସୁଥିବା ବେଳେ ଶିଳ୍ପ ସଂସ୍ଥାକୁ ଶହ ଶହ ଯାନବାହାନ ଯା'ଆସ କରିଥାଏ। ଅନ୍ୟପଟେ ଡାକ୍ତର ଖାନା, ବ୍ୟାଙ୍କ, ସ୍କୁଲ, କଲେଜ ଓ ଦୋକାନ ବଜାର କାର୍ଯ୍ୟ ପାଇଁ ମଧ୍ୟ ଲଡୁଗାଁ କୁ ଅନବରତ ସକାଳୁ ରାତି ପର୍ଯ୍ୟନ୍ତ ଲୋକେ ରାସ୍ତା ଉପରେ ହିଁ ନିର୍ଭର କରିଥାନ୍ତି। ରାସ୍ତା ପାର୍ଶ୍ୱରେ



ଅନାବନା ଗଛ ପାଇଁ ବିଭିନ୍ନ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁ ଥିବା ନଜିର ରହିଛି। କାଉଡୋଲା ବସ୍ଷ୍ଟାଣ୍ଡ ଠାରୁ ଲଡୁଗାଁ ପ୍ରାୟ ୫କିମି. ଥିବାବେଳେ କାଉଡୋଲାରୁ ସୁନାମାଳ ଯିବା ବାଟରେ ଅନେକ ବୁଲାଣିରେ ଅନାବନା ଘାସ ଓ ଗଛ ରହିଛି। ପଥିକମାନେ ଟିକିଏ ଅସାବଧାନ ହେଲେ ଦୁର୍ଘଟଣା ଘଟି ଅମୂଲ୍ୟ ଜୀବନ ଚାଲିଯିବାର ଆଶଙ୍କା ରହିଛି। ବୁଲାଣିମାନଙ୍କରେ କୌଣସି ସଂକେତ ସୂଚନା ନ ଦେବାରୁ ଲୋକେ ବୁଲାଣି ବିଷୟରେ ମଧ୍ୟ ଅବଗତ ନ ଥିବାରୁ ବେଳେ ବେଳେ ଦୁର୍ଘଟଣା ଘଟୁଥିବା ଲୋକ ଅଭିଯୋଗ କରିଛନ୍ତି। ଏଥିପ୍ରତି ଗ୍ରାମ୍ୟ ଉନ୍ନୟନ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଖଜୁରୀ ତାଡ଼ି ଜବତ, ଜଣେ ଗିରଫ

**ସିନାପାଲି, ୨୧। ୧୨ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଅବକାରୀ ଥାନା ଅଧିନ ନୂଆମାଲପଡ଼ାରେ ବେଆଇନ ଖଜୁରୀ ତାଡ଼ି ବିକ୍ରି ବେଳେ ଅବକାରୀ ବିଭାଗ ଚଢ଼ଉ କରି ବିପୁଳ ତାଡ଼ି ଓ ଏକ ବାଇକ ଜବତ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ତେଲେଙ୍ଗାନା ରାଜ୍ୟ ନାଲଗୋଣ୍ଡା ଜିଲ୍ଲା ଅକିନେପଲ୍ଲି ଗ୍ରାମର ଇରୁକଲା ସେଖର (୪୫)। ନୂଆମାଲପଡ଼ା ଗ୍ରାମରେ ବେଆଇନ ଭାବେ ତାଡି ବିକ୍ରି ହେଉଥିବା ବିଭାଗ କୌଣସି ସୂତ୍ରରୁ ଖବର ପାଇ ସିନାପାଲି ଅବକାରୀ ଥାନା ଅଧିକାରୀ ସନ୍ତୋଷ ସେଠୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଅବକାରୀ ଟିମ ନୂଆମାଲପଡ଼ା ଗ୍ରାମରେ ଚଢ଼ଉ କରିଥିଲା। ଏନେଇ ସିନାପାଲି ଅବକାରୀ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା।

# ଆନ୍ତଃରାଜ୍ୟ ବୁଢ଼ାରଜା କ୍ରିକେଟ; କନ୍ଧମାଳକୁ ହରାଇ ଛତିଶଗଡ଼ ବିଜୟୀ



**ସିନାପାଲି, ୨୧।୧୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସିଙ୍ଗଝର ସ୍ଥିତ ବୁଢ଼ାରଜା ମିନି ଷ୍ଟାଡିୟମରେ ଚାଲିଥିବା ବୁଢ଼ାରଜା କ୍ରିକେଟ କପ୍ ସିଜନ- ୭ ର ଏକ ଲିଗ ମ୍ୟାଚ୍‌ରେ କନ୍ଧମାଳ ଏକାଦଶକୁ ହରାଇ ଛତିଶଗଡ଼ ଏକାଦଶ ବିଜୟୀ ହୋଇଛି। କନ୍ଧମାଳ ଏକାଦଶ୨୦ ଓଭର ରେ ସମସ୍ତ ୱିକେଟ ହରାଇ ୧୩୮ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଛତିଶଗଡ଼ ଏକାଦଶ ୧୨.୫ ଓଭର ରେ ୫ ୱିକେଟ ବିନିମୟ ରେ ୧୪୦ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଆଜିର ମୁଖ୍ୟ ଅତିଥି ଭାବରେ ନୂଆପଡ଼ା ଜିଲ୍ଲାପରିଷଦ ଅଧ୍ୟକ୍ଷା ଡଲି ମାଝୀ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଖରବନ୍ଧ ସରପଞ୍ଚ ବେଣୁଧର ଦୀପ, ସମ୍ପାଦକ ପ୍ରେମଚାନ୍ଦ ବୈଠାରୁ, କୋଷାଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ବୈଠାରୁ, ଭୂତେଶ୍ୱର ବୈଠାରୁ, ଭୁବନେଶ୍ୱର ବୈଠାରୁ, ରାମ ବିଶି ପ୍ରମୁଖ ଯୋଗଦାନ କରିଥିଲେ।

# ଜିଲ୍ଲାସ୍ତରୀୟ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପିତ

**ନୂଆପଡ଼ା/କୋମନା, ୨୧।୧୨(ସମିସ):** ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଅଧ୍ୟକ୍ଷ ବିଘ୍ନରାଜ ଦାଶଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ, ସମ୍ମାନିତ ଅତିଥି ଅଶ୍ୱିନୀ ଓତା, ଶିବପ୍ରସାଦ ସା, ଅଧ୍ୟାପକ ଡ.ଦୀପକ କୁମାର ଦାଶ ଓ ବଚନଭୋଇ ଯୋଗଦାନ କରିଥିଲେ। ଅଶ୍ୱିନୀ ଓତା, ଶିବ ପ୍ରସାଦ ସା, ଅଶୋକ କୁମାର ପାଣ୍ଡିଆ, ହେମନାଥ ଭୋଇ, ବିଶ୍ୱନାଥ ମିଶ୍ର, ଡ. ତରୁଣ କୁମାର ପ୍ରଧାନ, ରଶ୍ମୀ ରଞ୍ଜନ ସାହୁ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧାପକ ନାରାୟଣ ମିଶ୍ର, ପ୍ରଶାନ୍ତ ପଣ୍ଡା, ସୁଜାତା ବଙ୍ଗୋଳା, ପ୍ରିତିବନ୍ୟା ପାଢ଼ୀ, ହରପ୍ରସାଦ ଯୋଶୀ, ସୋମନାଥ ମାଝୀ, ଜୟନ୍ତୀ ମାଝୀ, ଅର୍ଚ୍ଚନା ନାଏକ, ଶ୍ରେୟା ଭୋଇ, ଶଙ୍କର ବୈଠାରୁ, ସନତ ରଥ, କୁନୁ ମହାରଣା, ଲାଲୁ ନାଗ, ନରେଶ୍ ନାଏକ ସହଯୋଗ କରିଥିଲେ। ମୟାଧର ସରାଫ୍ ପତାକା ଅବତରଣ କରିଥିଲେ। ପ୍ରାୟ ୧୩୦ ଜଣ ସ୍ୱେଚ୍ଛାସେବୀ ଓ ଉପଦେଷ୍ଟା ଯୋଗଦାନ କରିଥିଲେ। ଉଦ୍‌ଯାପନୀ ସଭାକୁ ଆଧାପକ ଡ. ଦାପକ କୁମାର ଦାଶ ପରିଚାଳନା କରିଥିଲେ।

# ହାଡ଼ଭଙ୍ଗା ଶୀତରେ ଥରୁଛି କୋକସରା

**କୋକସରା, ୨୧।୧୨ (ସମିସ) :** ଗତ କିଛିଦିନ ହେଲା କଳାହାଣ୍ଡି ଜିଲ୍ଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଥିବାବେଳେ କୋକସରା ଅଞ୍ଚଳ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। କୋକସରା ଅଞ୍ଚଳରେ କିଛି ଦିନ ହେଲା ପାରଦ ୮. ଡିଗ୍ରି ତଳକୁ ଖସିଥିବା ସୂଚନା ମିଳିଛି। ଫଳରେ ଅଞ୍ଚଳରେ ହାଡ଼ଭଙ୍ଗା ଶୀତର ପ୍ରକୋପ ବଢୁଛି। ଏଥିପାଇଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ଦେଖିବାକୁ ମିଳୁଛି। ଶୀତ ଯୋଗୁଁ ସକାଳୁ ପଦାକୁ ବାହିରିବା ଏକ ପ୍ରକାର ମୁସ୍କିଲ ହୋଇପଡ଼ିଥିବାଳେ ଦିନ ୧୧ ଟା ପରେ ଲୋକେ ଘରୁ ବାହାରକୁ କୌଣସି କାମ ପାଇଁ ଯାଉଥିବା ଦେଖିବାକୁ ମିଳୁଛି। ଏଣେ ପ୍ରବଳ ଥଣ୍ଡା ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନ ଜୀବିକା ମଧ୍ୟ ପ୍ରଭାବିତ ହୋଇଛି। ଖରା ଆସିଲେ



ମଧ୍ୟ ଦିନତମାମ ଶୀତ ହେଉଥିବା ବେଳେ ସଞ୍ଜ ନଇଁଲେ ତାପମାତ୍ରା ହ୍ରାସ ପାଉଛି। ଶୀତର ପ୍ରକୋପ ଯୋଗୁଁ ରାସ୍ତାଘାଟ ସବୁ ଶୂନଶାନ ହୋଇ ଯାଉଛି। ଶୀତରୁ ରକ୍ଷା ପାଇବା ପାଇଁ ଗାଁ ଗାଁରେ ତଥା ରାସ୍ତା କଡ଼ରେ ଲୋକେ ସ୍ଥାନେସ୍ଥାନେ ନିଆଁ ପୋଇଁବାର ଦୃଶ୍ୟ ଦେଖିବାକୁ ମିଳୁଛି। ବସଷ୍ଟପ୍, ପଦାରେ ଆଶ୍ରୟ ନେଉଥିବା ଯାତ୍ରୀ, ଏହି ହାଡ଼ଭଙ୍ଗା ଶୀତ ଯୋଗୁଁ ବିପନ୍ନ ହୋଇପଡୁଛି। ଗତବର୍ଷ ଏହି ସମୟରେ ରାଜ୍ୟ ସରକାର ବୃଦ୍ଧାମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତାବେଳେ କମ୍ବଳ ପାଇଁ ମଧ୍ୟ ଟଙ୍କା ପ୍ରଦାନ କରିଥିଲେ। କିନ୍ତୁ ଚଳିତବର୍ଷ ସରକାର ବୃଦ୍ଧ ବୃଦ୍ଧା ମାନଙ୍କୁ କୋଣସି ଏମିତି ସୁବିଧା ଦେଇ ନାହାନ୍ତି। ସରକାର ଏହି ଦିଗରେ ପଦକ୍ଷେପ ନେବାକୁ ଜନସାଧାରଣ ଦାବି ହେଉଛି।

# ହରଗୌରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ



**କର୍ଲାମୁଣ୍ଡା, ୨୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ କୁଶୁର୍ଲା ସ୍ଥିତ ହରଗୌରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରରେ ବାର୍ଷିକ ଉତ୍ସବ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ସୁବୋଧ କୁମାର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବ ସଭାରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ସମ୍ମାନିତ ଅତିଥି ଭାବେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ଅଧ୍ୟକ୍ଷ ହେମନ୍ତ କୁମାର ଚୌଧୁରୀ, ଲମ୍ବୋଦର ସାହୁକାର, ମୁଖ୍ୟବକ୍ତା ଭାବେ କଥାକାର ସୁନୀଲ କୁମାର ମହାପାତ୍ର, ଗଗନ ବିହାରୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ରାଜକିଶୋର ରଣାଙ୍କ ନେତୃତ୍ୱରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଧ୍ରୁବଚରଣ ସାହୁ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଲିପୁନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜ୍ୟୋତିମାଳା ରାଉତ, ଦୀପାଞ୍ଜଳି ବାଗ, ଅଧ୍ୟାପକ ବୀରେନ୍ଦ୍ର କୁମାର ସାହୁ, ପ୍ରସନ୍ନ କୁମାର ବେହେରା, ଶିବାଜୀ ବାରିକ, ଜିତୁ ରଣା, ଚୂଡ଼ାମଣି ସାହୁ, ଶାନ୍ତନୁ ସାହୁଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ବୁଢ଼ାରଜା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଗୋଲାମୁଣ୍ଡା, ୨୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ରେଙ୍ଗସାପାଲି ହାତୀରାମ ବିଦ୍ୟାପୀଠ ଖେଳପଡ଼ିଆଠାରେ ଶନିବାର ବୁଢ଼ାରାଜା ସାଂସ୍କୃତିକ ଆନୁଷ୍ଠାନ ପକ୍ଷରୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପ୍ରଥମ ଦିନରେ ପ୍ରଥମ ରାଉଣ୍ଡରେ କର୍ଲା ଓ ତମ୍ବାଛଡ଼ା ମଧ୍ୟରେ ଖେଳ ପ୍ରତିଯୋଗିତା ହୋଇଥିବାବେଳେ ତମ୍ବାଛଡ଼ା ଦଳ ୮୩ ରନ ସଂଗ୍ରହ କରିଥିଲା। କର୍ଲା ଦଳ ୮୪ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିବା ବେଳେ ଦୀତ୍ୱିୟ ରାଉଣ୍ଡ ରେ ବୋରଗୁଡା ଓ ବଡଚେରଗାଁ ମଧ୍ୟରେ ଖେଳ ହୋଇଥିଲା। ବୋରଗୁଡ଼ା ୧୦୧ ରନ ସଂଗ୍ରହ କରି ଥିବାବେଳେ ବଡ଼ଚେରଗାଁ ଦଳ ୧୦୨ ରନ କରି ବିଜୟୀ ଲାଭ କରିଥିଲେ। ଖେଳ ପରିଚାଳକ ଭାବେ ସିଦ୍ଧାର୍ଥ କଟା ଓ ଲୋକନାଥ ଗଡ଼ତିଆ ଖେଳ ପରିଚାଳନା କରିଥିଲେ। କମିଟି ସଭାପତି ଛନ୍ଦା ଚରଣ ପ୍ରଧାନ, ଉପସଭାପତି ଅଭିମନ୍ୟୁ ଦାଶ, ସମ୍ପାଦକ ରୁପସିଂ ନାଏକ୍, କୋଷାଧ୍ୟକ୍ଷ ବସନ୍ତ ଗଡ଼ତିଆ, ସମାଜସେବୀ ଅନନ୍ତ ବେହେରା, ସୁବାସ ପାଧନ, ମୁରଲୀଧର ବାଗ, ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।



# ଟିମନପୁର ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ସିନାପାଲି, ୨୧।୧୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଟିମନପୁରସ୍ଥି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଶିବୁ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅଷ୍ଟମ ବାର୍ଷିକ କ୍ରୀଡ଼ା ଆୟୋଜିତ ହୋଇଯାଇଛି। ଏଥିରେ ସିନାପାଲି ପୁଲିସ ଏଏସ୍ଆଇ ପ୍ରଭାକର ନାୟକ ଓ ହାବିଲଦାର ଅଭିରାମ ଘିଭେଲା ଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ ଲଛମନ ସାମଲଙ୍କ ତତ୍ତ୍ୱାବଧାନରେ ଦୁଇ ଦିନ ଧରି ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ବାଳିକା ବର୍ଗରେ କଳ୍ପନା ମଞ୍ଜରି ମାଝୀ ଓ କନିଷ୍ଠ ବାଳକ ବର୍ଗରେ ଜଜେ୍ଞସ କୁମାର ନାଏକ ଚାମ୍ପିଅନ ହୋଇଥିଲେ। ଶିକ୍ଷକ ନରେନ୍ଦ୍ର କୁମାର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପୂର୍ଣ୍ଣକର୍ମୀ, ରୋଶନି ନାଏକ, ଅଙ୍କିତ ଶେଖର ବାରିକ, ସୁନିଲ କୁମ୍ଭାର, ପ୍ରଦୀପ ବେହେରା, ଲିପିକା ଲୁହା, ନିହାରିକା ନନ୍ଦ, ଅପରାଜିତା ପାତ୍ର, ରୋହିତ ସରାଫ, ମାନସ ବାଗ, ହେମଲତା ଚନ୍ଦ୍ରାକର, ଦିପାଞ୍ଜଳି ସାହୁ, ଦେବାଶିଷ ମିଶ୍ର, ରଜନୀକାନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ରେଗଡ଼ା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



**କର୍ଲାମୁଣ୍ଡା, ୨୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରେଗଡ଼ା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅଭ୍ୟୁଦୟ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶଶାଙ୍କ ଶେଖର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ କର୍ଲାମୁଣ୍ଡା ବ୍ଲକ ବିଡିଓ ସୁଚରିତା ମୁଗ୍ରୀ, କର୍ଲାମୁଣ୍ଡା ବ୍ଲକ ଶିକ୍ଷାଧିକାରୀ ବାଞ୍ଛାନିଧି ପଣ୍ଡା, ସଞ୍ଜୟ କୁମାର ଦାସ, ଇଂରାଜୀ ଅଧ୍ୟାପକ ହିରୋଜ କୁମାର ଚାନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ମୁକେଶ ଥପା ସଂଯୋଜନା କରିଥିବା ବେଳେ ପ୍ରଜ୍ଞାଦୀପ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସୋନାଲି ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ନନ୍ଦ କିଶୋର ରଣାଙ୍କୁ ଶିକ୍ଷା ଜ୍ୟୋତି ସମ୍ମାନ ଓ ଅବସରପ୍ରାପ୍ତ ସୈନିକ ବିଷ୍ଣୁ ପୁଟା ସେବା ନିଧୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଝିଟିକି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



**ନୂଆପଡ଼ା, ୨୧।୧୨(ସମିସ):** ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଝିଟିକିଠାରେ ଶନିବାର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବରେ ଯୁଜ କୁମାର ପାଣ୍ଡେ, ସମ୍ମାନିତ ଅତିଥି ଭାବରେ ବଳରାମ ଚନ୍ଦ୍ରକାର, ଖାମ ସିଂ ରାଉତ, ପରମେଶ୍ୱର ପାଣ୍ଡେ ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟସଦସ୍ୟା ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଟୋପରାମ ବରିହା ପରିଚାଳନା କରିଥିଲେ। କ୍ରୀଡା ପ୍ରତିଯୋଗିତାର ସଫଳ ଆୟୋଜନରେ ବିଦ୍ୟାଳୟର ଶିକ୍ଷକ କେଲଚନ ସାହୁ, ପରମେଶ୍ୱର ନାଗ ଓ ଶିକ୍ଷୟିତ୍ରୀ ଶକୁନ୍ତଳା କୁର୍ରେ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ବାର୍ଷିକ କ୍ରୀଡ଼ା

# କ୍ରୀଡ଼ା ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଅଂଶ





**ନୂଆପଡ଼ା, ୨୧।୧୨(ସମିସ)**

ନୂଆପଡ଼ା ଜିଲ୍ଲା ଖରିଆରରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦସ୍ଥିତ ପିଏମଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଖରିଆରୋଡ ଏନ୍ଏସି ଅଧ୍ୟକ୍ଷା ସୋନିଆ ଜୈନ ମୁଖ୍ୟଅତିଥି, ଡ଼.ଶିବ ପ୍ରସାଦ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀନବନ୍ଧୁ ଦାସ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟଅତିଥି, ଶିକ୍ଷକ ସଞ୍ଜୟ କୁମାର ପଣ୍ଡା, ନୂଆପଡ଼ା ସାମ୍ବାଦିକ ସଂଘ(ଜାନ) ଅଧ୍ୟକ୍ଷ ଘନଶ୍ୟାମ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅଭିଭାଷଣରେ ଅତିଥିମାନେ କ୍ରୀଡ଼ାକୁ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ବିବେଚନା କରିଥିଲେ। ପ୍ରତିଯୋଗିତା ଗୁଡିକୁ କ୍ରୀଡା ଶିକ୍ଷକ ବିକାଶ ରଞ୍ଜନ ମନ୍ତ୍ରୀ, ସନ୍ଦୀପ ଚନ୍ଦ୍ରକାର, ଭାରତ ପ୍ରଧାନ, ନାରାୟଣ ବେହେରା ସୁଚାରୁରୂପେ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଧବଳେଶ୍ୱର ସାହୁ, ବିଭୂଚନ୍ଦନ ଦାସ, ଓମ ପ୍ରକାଶ ସୂପକାର, ନନ୍ଦିଘୋଷ ଭୋଇ ସଭା କାର୍ଯ୍ୟରେ ସହଯୋଗ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ବସନ୍ତ ମେହେର, ସରୋଜ କୁମାର ପଟେଲ, ସୁଲକ୍ଷଣି ସାହୁ, ଅପର୍ଣ୍ଣା ପଣ୍ଡା, ତୃପ୍ତିସ୍ମିତା ଜଗତ, ସୁଶ୍ରୀ ତୃପ୍ତିମୟୀ ଶବର, ନମିତା ଶବର ମୈଥୁ୍ୟ ମର୍ସୀ ନାଗ, ମଧୁସ୍ମିତା ଶତପଥୀ, ଅନୁରାଧା ସାହୁ ଓ ଫୁଗୁଲାଲ ସୁନାନୀ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

**ଥୁଆମୂଳରାମପୁର:** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ଏସ୍ଏସ୍ଡି ହାଇସ୍କୁଲର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭରତ ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଥୁଆମୂଳ ରାମପୁର ଅତିରିକ୍ତ ତହସିଲଦାର ସନାତନ ମହାରଣା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ଅଧିକାରୀ ଶୁଭଜିତ ସ୍ୱାଇଁ, ପ୍ରଧାନଶିକ୍ଷକ କୃତ୍ତିବାସ ନାଏକ, ପ୍ରଧାନଶିକ୍ଷୟିତ୍ରୀ ମିନାକ୍ଷୀ ସାମଲ, ଉଦୟ ସିଂହ ମାଝୀ, ଜଗଦୀଶ ଶବର, ଟଙ୍କଧର ଜାନୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଆୟୋଜିତ ପ୍ରତିଯୋଗିତା ଗୁଡିକରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ହିମାଂଶୁ ଶେଖର ମାଝୀ, ଲିଙ୍ଗରାଜ ଖମାରୀ ଏବଂ ଅଭିଜିତ ଦାସ, ମହେନ୍ଦ୍ର କୁମାର ବିଶ୍ୱାଳ ଅଧ୍ୟକ୍ଷ ଏସ୍ଏସ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ବିଜ୍ଞାନ)ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଜୟଶଙ୍କର ମାହାର, ମିତ୍ରଭାନୁ ନାଏକ, ଚାଞ୍ଚଲ୍ୟ କୁମାର ବାଗ, କାଶୀନାଥ ଭୋଇ, ପୁର୍ଣ୍ଣଚନ୍ଦ୍ର ବେହେରା, ମୌସୁମୀ ଦାଶ, ହିମାଂଶୁ ଶେଖର ନାୟକ, ସଞ୍ଜୀବ ଖୁରା, ହେମାଙ୍ଗିନୀ ସୁନା, ଲକ୍ଷ୍ମୀପ୍ରୀୟା ନାଏକ, ଚିନ୍ତାମଣି ଗଡ଼ତିଆ, ଏବଂ ଏସ୍ଏସ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାରିକାମଞ୍ଜରୀ ଦୁର୍ଗା, ରାଜକିଶୋର ଜେନା, ତପସ୍ୱିନୀ ସୁନାନୀ, ଭବାନୀ ଶଙ୍କର ଦାଶ, ସମିର ରଞ୍ଜନ ସାହୁ ଏବଂ ସଞ୍ଜୁଲତା ନାୟକ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ପ୍ରମୁଖ ସହଯୋଗ କରିଥିଲେ।

## ଘର ଭାଙ୍ଗିଲା ହାତୀ; ବୃଦ୍ଧା ଗୁରୁତର

**ତୁରେକେଲା, ୨୧।୧୨(ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ କମେଇମୁଣ୍ଡା ପଞ୍ଚାୟତର ଗୋର୍ଦ୍ଧାମୁଣ୍ଡା ଗାଁରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ହାତୀପଲ ଗାଁର ଘନ ମାଟିଙ୍କ ଘର ଭାଙ୍ଗି ଦେଇଛନ୍ତି। ତାଙ୍କ ସ୍ତ୍ରୀ ବିସେନ ମାଝି ଘର ଭିତରେ ଥିବାରୁ ଚାପି ହୋଇ ଯାଇଥିଲେ। ତେବେ ଗାଁ ଲୋକେ ଦେଖି ହାତୀକୁ ଘଉଡାଇ ବା ସହ ବୃଦ୍ଧା ବିସେନ ମାଝିଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତରଖାନାକୁ ନେଇଥିଲେ। ତାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି।

## ରେଳଧାରଣାରୁ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କ ମୃତଦେହ ଉଦ୍ଧାର

**ବଲାଙ୍ଗିର, ୨୧।୧୨ (ସମିସ) :** ବଲାଙ୍ଗିର ବେହେରାପାଲି ନିକଟ ରେଳଧାରଣାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ତାଲପାଲିପଡ଼ାର ପ୍ରଦୀପ୍ତ ଦାଶ (୭୧)। ତେବେ ଟ୍ରେନ୍ ସମ୍ମୁଖକୁ ଡେଇଁ ସେ ଆତ୍ମହତ୍ୟା କରିଥିବା ରେଳବାଇ ପୁଲିସ ପ୍ରକାଶ କରିଛି। ସେ ଲୋଇସିଂହା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ବୋଲି ଜଣାପଡ଼ିଛି। ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ।

## ୮ ପ୍ରତିନିଧିଙ୍କୁ ନିଯୁକ୍ତି ଦେଲେ କଳିକେଶ

**ଦେଓଗାଁ, ୨୧।୧୨(ସମିସ):** ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂ ଦେଓ ଦେଓଗାଁ ବ୍ଲକ ପାଇଁ ୮ ଜଣ ପ୍ରତିନିଧିଙ୍କୁ ନିଯୁକ୍ତି ଦେଇଛନ୍ତି। ବ୍ଲକ ପ୍ରତିନିଧି ଭାବେ ବରିଷ୍ଠ ନେତା ସୁଶୀଳ ଚାନ୍ଦ, ଯୋଗାଣ ବିଭାଗ ପାଇଁ ମକୁନ୍ଦପୁର ସମିତିସଭ୍ୟ ଅଭିମନ୍ୟୁ ମାଝୀ, ଶିକ୍ଷା ବିଭାଗ ପାଇଁ ଅଚ୍ୟୁତ ମିଶ୍ର, ପାନୀୟଜଳ ଯୋଗାଣ ବିଭାଗ ପାଇଁ ବଡବନ୍ଧର ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ବିଦ୍ୟୁତ ବିଭାଗ ପାଇଁ ସିଂହାମୁଣ୍ଡା ପଞ୍ଚାୟତର ଯୁବନେତା ଦୀପକ ବେହେରା, ମାଡା ଯୋଜନା ପାଇଁ ଗଏଲପିଟାର ଝସକେତନ ଧରୁଆ, କୃଷି ବିଭାଗ ପାଇଁ ଉଡାର ପଞ୍ଚାୟତର ପ୍ରମୋଦ ବହିଦାର, ସମନ୍ୱିତ ଶିଶୁବିକାଶ ବିଭାଗ ଓ ମିଶନ ଶକ୍ତି ପାଇଁ ବହଲିର ଜାନକୀ ମେହେରଙ୍କୁ ନିଯୁକ୍ତି ମିଳିଛି।

## ଶୁଲିଆ ମହୋତ୍ସବ ଉଦ୍‌ଘାଟିତ

**ଦେଓଗାଁ, ୨୧।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁଲୁତାପଡ଼ା ପଞ୍ଚାୟତ କୁମୁରିଆ ଓ ଖଇରଗୁରାସ୍ଥିତ ଶୁଲିଆପୀଠ ବଡଖଲା ଓ ସାନଖଲାରେ ମଙ୍ଗଳବାର ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୁଲିଆଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଏ ଅବସରରେ ଶୁଲିଆପାହାଡ ପାଦଦେଶରେ ରବିବାର ସନ୍ଧ୍ୟାରେ ଷଷ୍ଠ ଶୁଲିଆ ମହୋତ୍ସବ ଆରମ୍ଭ ହୋଇଛି। ଏହି ମହୋତ୍ସବକୁ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଉଦ୍‌ଘାଟନ କରିଥିଲେ। ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ, ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, ବନ୍ଧପଡ଼ା ସମିତିସଭ୍ୟ କାନ୍ତେଶ୍ୱର ପଧାନ, ହାତିସରା ସମିତିସଭ୍ୟ ବିଶ୍ୱଜିତ ପାତ୍ର, ବରିଷ୍ଠ ନେତା ପ୍ରଫୁଲ୍ଲ ଦାଶ, ଅସିତ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆଦିବାସୀ ନେତା ମୟ ପ୍ରଧାନୀ ମଞ୍ଚ ପରିଚାଳନା କରିଥିଲେ। ୩ଦିନ ଧରି ହେବାକୁ ଥିବା ମହୋତ୍ସବରେ ଅନିଲ ନାଏକ ଓ ସାଥିଙ୍କ ଦ୍ୱାରା ପ୍ରତ୍ୟହ ରାବଣ ଦରବାର ହେବ। ମହୋତ୍ସବକୁ ଶୁଲିଆ ମହୋତ୍ସବ କମିଟି ସହ ଖଇରଗୁରା ଓ କୁମୁରିଆ ଗ୍ରାମବାସୀଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରୁଛନ୍ତି।

## ଜାମଗାଁ ହାଇସ୍କୁଲର ବାର୍ଷିକ ଉତ୍ସବ

**ବଲାଙ୍ଗିର, ୨୧।୧୨(ସମିସ):** ପୁଇନ୍ତଲା ବ୍ଲକ ଜାମଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୁଇନ୍ତଲା ବ୍ଲକ ଅଧ୍ୟକ୍ଷ ସରୋଜ ପଧାନ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ପୁରୁଷୋତ୍ତମ କର୍ଣ୍ଣ, ଶିକ୍ଷାବିତ୍ ବୁଡୁ ପଧାନ, ଗୁପ୍ତେଶ୍ୱର ବେହେରା, ମୁଖ୍ୟବକ୍ତା ଭାବେ ରାଜକିଶୋର ପଣ୍ଡା ଯୋଗ ଦେଇଥିଲେ। ଖେଳ ଶିକ୍ଷକ ସଚିଦାନନ୍ଦ ସାହୁ ଓ ହରେକୃଷ୍ଣ ନାଏକଙ୍କ ତତ୍ତ୍ୱାବଧାନରେ ୨ଦିନ ଧରି ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷୟତ୍ରୀ ନମିତା ପାଣିଗ୍ରାହୀ ବାର୍ଷିକ ବିବରଣୀ ପଢ଼ିଥିଲେ। ଅଜିତ ରାଉତ ମଞ୍ଚ ପରିଚାଳନା କରିଥିଲେ। ମନୋରଞ୍ଜନ ଡାଙ୍ଗ, ଅର୍ଚ୍ଚିତା ସ୍ୱାଇଁ, ଅଭିମନ୍ୟୁ ଡାଙ୍ଗ ଓ ସତ୍ୟଭାମା ବେହେରା ଚାମ୍ପିୟାନ ହୋଇଥିଲେ।

## ଭୂମିକାର ୩୬ତମ ସ୍ୱନକ୍ଷତ୍ର ଦିବସ

**ବଲାଙ୍ଗିରି, ୨୧।୧୨(ସମିସ):** ସାମାଜିକ ସାଂସ୍କୃତିକ ସଂଗଠନ 'ଭୂମିକାର' ବାର୍ଷିକ ସାଧାରଣ ପରିଷଦ ବୈଠକ ଓ ସ୍ୱନକ୍ଷତ୍ର ଦିବସ ବନ୍‌କେଡ଼ାଠାରେ ପାଳିତ ହୋଇଯାଇଛି। ଭୂମିକାର ସଭାପତି ବୀରେନ୍ଦ୍ର ବନଛୋର ସମସ୍ତ ସଭ୍ୟଙ୍କୁ ସ୍ୱାଗତ କରିଥିଲେ। ସମ୍ପାଦକ ଜିତେନ୍ଦ୍ରୀୟ ତ୍ରିପାଠୀ ବିଗତବର୍ଷ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। କୋଷାଧ୍ୟକ୍ଷ ରଶ୍ମିରଞ୍ଜନ ବକ୍ସି ଆୟବ୍ୟୟ ବିବରଣୀ ପାଠ କରିଥିଲେ। ସର୍ବସମ୍ମତି କ୍ରମେ ସଭାପତି ଭାବେ ଅଖିଳ ଚନ୍ଦ୍ର ହୋତା ଓ ଉପ ସଭାପତି ଭାବେ ନିଗମାନନ୍ଦ ନାଥଙ୍କୁ ମନୋନୀତ କରାଯାଇଥିଲା। ସମ୍ପାଦକ ଭାବେ ଶକ୍ତିଦତ୍ତ ମିଶ୍ର, ସହ ସମ୍ପାଦକ ଭାବେ ସୋମ ନାଏକ ଓ କୋଷାଧ୍ୟକ୍ଷ ଭାବେ ବ୍ୟାସଦେବ ନନ୍ଦଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସଂଯୋଜକ ଭାବେ ଆର୍ତ୍ତତ୍ରାଣ ପାଢ଼ୀ ଓ ଜନସମ୍ପର୍କ ଅଧିକାରୀ ଭାବେ ବୀରେନ୍ଦ୍ର ବନ୍‌ଛୋର ମନୋନୀତ ହୋଇଥିଲେ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

**ବଲାଙ୍ଗିର, ୨୧।୧୨(ସମିସ):** ବହଲପଦର ଦମୟନ୍ତୀ ଉଚ୍ଚ ବିଦ୍ୟାଳୟରେ ଓଷ୍ଟା ପକ୍ଷରୁ ପୁଇଁନ୍ତଲା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ବ୍ଲକ ସଭାପତି ରୁଦ୍ରମଣୀ କର୍ମିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଦିବ୍ୟ ଭାରତୀ ପଧାନ ମୁଖ୍ୟ ଅତିଥି, ଦେବେନ୍ଦ୍ର ହାତୀ ମୁଖ୍ୟବକ୍ତା, ପରକ୍ଷିତ ଶତପଥୀ ସମ୍ମାନିତ ଅତିଥି, ବନ୍ଧପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦ ବଡ଼ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୧୫ଟି ଉଚ୍ଚ ବିଦ୍ୟାଳୟର ୧୨୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରୋଜ ପଧାନ, ସମ୍ମାନିତ ଅତିଥି ଭାବେ ଅଦ୍ୱୈତ କର୍ଣ୍ଣ, ମୁଖ୍ୟବକ୍ତା ଭାବେ ସୁଧିର ନାଏକ, ଅନିଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ବୁଡୁ ପଧାନ, ଧନୁର୍ଦ୍ଧର ସାହୁ, ଗୋବର୍ଦ୍ଧନ ସାହୁ, ନିଧି ସାହୁ, ରାଜକିଶୋର ପଣ୍ଡା, ପ୍ରବୀଣ ପଣ୍ଡା, ମାନ ଭଞ୍ଜନ ରାଉତ, କପିଲାସ ମହାକୁର, ପବିତ୍ର ପଧାନଙ୍କୁ ସମ୍ମାନିତ କରାଯାଇଥିଲା।

## ଡିସେମ୍ବର ୨୮ ରେ ଜାତୀୟ ଶିଶୁ ସାହିତ୍ୟ ସମ୍ମିଳନୀ

**କଣ୍ଟାବାଞ୍ଜି, ୨୧।୧୨(ସମିସ):** ସ୍ଥାନୀୟ ଜିଆର ପ୍ୟାଲେସଠାରେ ୨୮ ରେ ଜାତୀୟ ଶିଶୁ ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ। କଣ୍ଟାବାଞ୍ଜିର ଅଗ୍ରଣୀ ଅନୁଷ୍ଠାନ ନିର୍ଝରିଣୀ ଓ ଶିଶୁ କିଶୋର ଶିଶୁ ସାହିତ୍ୟ ଏକାଡେମୀ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହେବ। ଏହି ଅବସରରେ ନିର୍ଝରିଣୀର ଚତୁର୍ଦ୍ଦଶ ବାର୍ଷିକ ସାରସ୍ୱତ ସମାରୋହ ପାଳିତ ହେବ। ଏଥିଲାଗି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ନିର୍ଝରିଣୀର ସମ୍ପାଦକ ବିରଞ୍ଚି ନାରାୟଣ ଦାଶ ଏକ ପ୍ରେସ ବିବୃତିରେ ଜଣେଇଛନ୍ତି ଯେ ଏହି ସମ୍ମିଳନୀରେ ଉତ୍ତରାଖଣ୍ଡ, ଛତିଶଗଡ଼, ରାଜସ୍ଥାନ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ କବି, ଲେଖକ, ସମାଜସେବୀ, କଳାକାର ଯୋଗ ଦେବେ। ସମ୍ମିଳନୀରେ ଶିଶୁ ସଭା, ଶିଶୁ ସାହିତ୍ୟ ଆଲୋଚନା, ପତ୍ରିକା ଉନ୍ମୋଚନ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଆଜିର କାର୍ଯ୍ୟକ୍ରମରେ ସଭାପତି ରାମଚନ୍ଦ୍ର ସାହୁ, ସୂର୍ଯ୍ୟକାନ୍ତ ରଣା, ଡ. ନାରାୟଣ ମିଶ୍ର, ଅଞ୍ଜଳି ମାଝୀ, ନିରୁପମା ମିଶ୍ର, ନରେନ୍ଦ୍ର ସୁନା, ବିରଞ୍ଚି ଖର୍ସେଲ, ପ୍ରଭାତ ମିଶ୍ର, ଧନସିଂ ମାଝୀ, ଦଶମନ ମହାନନ୍ଦ, ମାନସ ଜାଲ, କିଶୋର ବରିହା ଉପସ୍ଥିତ ଥିଲେ।

## ଘୁନସର ମଣ୍ଡିରୁ ଉଠିଲା ଧାନ



**ସଇଁତଲା, ୨୧।୧୨(ସମିସ):** ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଘୁନସର ସମବାୟ ସମିତିରୁ ଚାଷୀଙ୍କ ୩ ହଜାର ବସ୍ତାରୁ ଅଧିକ ଧାନ ପ୍ରଥମ ଦିନରେ ଉଠିଛି। ପ୍ରଥମେ ଚାଷୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପେକ୍ସ ସମ୍ପାଦକ ମନୋଜ ସାହୁ, ସଭାପତି ଭୈରବ ସାହୁ, ଦେବରାଜ ସାହୁ, ଭାଗରଥୀ ରଣା ପ୍ରମୁଖଙ୍କ ଉପସ୍ଥିତରେ ପୂଜାର୍ଚ୍ଚନା ଧାନମଣ୍ଡି ଶୁଭାରମ୍ଭ ହୋଇଥିଲା।

## ଗ୍ରାମବାସୀଙ୍କ ଦ୍ୱାରା ପୁଲିସ ଅଟକ

**ବଲାଙ୍ଗିର, ୨୧।୧୨(ସମିସ):** ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ତଦନ୍ତ ପାଇଁ ଯାଇ ସଦର ପୁଲିସ ହଟହଟା ହୋଇଛି। ନିରପେକ୍ଷ ତଦନ୍ତ ସହ ନ୍ୟାୟ ଦାବିରେ ସଦର ପୁଲିସର ଏକ ଟିମ୍‌କୁ ଦୀର୍ଘ ଘଣ୍ଟା ଧରି ଗ୍ରାମବାସୀ ଅଟକ ରଖିଥିଲେ। ବଲାଙ୍ଗିର ସଦର ଥାନା ମାୟାବରହା ଗାଁର ଏକ କୁକୁଡ଼ା ଫାର୍ମର ପଛପଟ ଗଛରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ସନ୍ଦେହ ଜନକ ଅବସ୍ଥାରେ ପୁଲିସ ଉଦ୍ଧାର କରିଥିଲା। ସମ୍ପୃକ୍ତ ଯୁବକ ଜଣକ ହେଲେ ସେହି ଗାଁର ଅକ୍ଷୟ ସୁନା (୨୦)। ମୃତ୍ୟୁର କାରଣ ଅସ୍ପଷ୍ଟ ଥିଲେ ମଧ ଗାଁରେ ଅକ୍ଷୟଙ୍କ ମୃତ୍ୟୁକୁ ନେଇ ଭିନ୍ନ ଭିନ୍ନ ଆଲୋଚନା ହୋଇଥିଲା। ପ୍ରେମ ସମ୍ପର୍କକୁ ନେଇ ମାଡ଼ପିଟ୍ କାରଣରୁ ଏହି ଘଟଣା ଘଟିଥିବା ଗାଁରେ ଆଲୋଚନା ହେଉଥିବାବେଳେ ପରିବାର ଲୋକେ ସଦର ଥାନାରେ ହତ୍ୟା ସନ୍ଦେହ କରି ଲିଖିତ ଅଭିଯୋଗ କରିଥିଲେ। ତେବେ ଯୁବକଙ୍କ ମୃତ୍ୟୁର ଠିକ୍ କାରଣ ଜଣାପଡୁ ନ ଥିବା ବେଳେ ପୁଲିସ ମଧ ଏହି ଘଟଣାକୁ ଗୁରୁତର ସହ ନେଇ ନ ଥିଲା। ରବିବାର ଅଭିଯୋଗର ୩ ଦିନ ପରେ ପୁଲିସ ଗାଁରେ ପହଞ୍ଚିଥିଲା। ମୃତ ଯୁବକଙ୍କ ପରିବାର ଓ ଗ୍ରାମବାସୀ ରାସ୍ତା ଉପରେ ବସିଥିଲେ। ପୁଲିସ ହତ୍ୟା ଘଟଣାର ପ୍ରକୃତ ତଦନ୍ତ କରି ଦୋଷୀକୁ ଗିରଫ କରିବା ଦାବିରେ ସେମାନେ ପୁଲିସ ଗାଡ଼ିକୁ ଅଟକାଇ ରଖିଥିଲେ। ନିର୍ଭର ଯୋଗ୍ୟ ପ୍ରତିଶ୍ରୁତି ନ ମିଳିବ ପର୍ଯ୍ୟନ୍ତ ସେମାନେ ଗାଡ଼ି ଛାଡ଼ିବେ ନାହିଁ ବୋଲି ଶୁଣାଇଥିଲେ। ବହୁ ବୁଝାସୁଝା କରିବା ପରେ ପ୍ରାୟ ୩ ଘଣ୍ଟା ପରେ ଛାଡିଥିଲେ।

## ଏସ୍‌ଏଲ୍‌ସିଟି କପ୍: ଆଡେନଡୁଙ୍ଗୁରୀ ଚାମ୍ପିଅନ

**ଦେଓଗାଁ, ୨୧।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବ୍ରାହ୍ମଣୀଯୋର ପଞ୍ଚାୟତ ତାଲପାଲିରେ ଚାଲିଥିବା ଏସଏଲସିଟି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଆଡେନଡୁଙ୍ଗୁରୀ ଓ ଲଣ୍ଡାପଥର ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଡେନଡୁଙ୍ଗୁରୀ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ସୁଫଳ ଛନ୍ଦ ଓ ମହମ୍ମଦ ନିଜାମୁଦ୍ଦିନ ଖେଳ ପରିଚାଳନା କରିଥିଲେ। ସୁରୁ ଅମାତ ଓ ପ୍ରକାଶ ମଲ୍ଲିକ ପ୍ରମୁଖ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମାନସ ଭୋଇ ଧାରାବିବରଣୀ ପ୍ରଦାନ କରିଥିଲେ। ବିଧାୟକଙ୍କ ବ୍ଲକ ପ୍ରତିନିଧି ସୁଶୀଳ ଚାନ୍ଦ, ବରିଷ୍ଠ ନେତା ଲକ୍ଷ୍ମଣ ମେହେର, ସ୍ଥାନୀୟ ସରପଞ୍ଚ ମହେନ୍ଦ୍ର ମଲ୍ଲିକ, ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ଆନନ୍ଦ ଅମାତ ଓ ବାମସେର ଖାନ ପ୍ରମୁଖ ଯୋଗ ଦେଇ ଥିଲେ।

# ୪ ଦୁର୍ଘଟଣାରେ ୧୨ ଗୁରୁତର

**କଣ୍ଟାବାଞ୍ଜି, ୨୧।୧୨(ସମିସ)**

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଅଞ୍ଚଳରେ ରବିବାର ପୃଥକ ପୃଥକ ୪ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୧୨ ଜଣ ଗୁରୁତର ହୋଇଛନ୍ତି। କନ୍ଧବାହାଲ ଗାଁ ଛକରେ ସେହି ଗାଁର ଚୈତୁ ବାଗ ନାମକ ଜଣେ ବ୍ୟକ୍ତି ରାସ୍ତା କଡରେ ଛିଡା ହୋଇଥିଲେ। ସେହି ସମୟରେ ବଙ୍ଗୋମୁଣ୍ଡା ପଟୁ ଦ୍ରୁତ ଗତିରେ ୩ ଜଣ ଯୁବକ ବାଇକରେ ଆସି ଚୈତୁଙ୍କୁ ଧକ୍କା ଦେଇ ପଛପଟୁ ଆସୁଥିବା ଏକ ପିକଅପ ଗାଡିରେ ପିଟି ହୋଇଥିଲେ। ଏହାଫଳରେ ବାଇକ ଓ ପିକଅପ୍ ରାସ୍ତା ତଳକୁ ଖସି ଯାଇଥଲା। ପିକଅପ୍ ତଳେ ୩ ଜଣ ଯୁବକ ଚାପି ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରମାନେ ହେଲେ ବେଲପଡ଼ା ଥାନା ତଅଁଳା ଗାଁର ସୁବଳ ମାହାନନ୍ଦ, କରନ ଦାସ ଓ ତୁରେକେଲା ଥାନା ସମରସିଂହ ଗାଁର ମନସିଂହ ଦୀପ।

ଅନ୍ୟପକ୍ଷେ ମୁରିବାହାଲ ଥାନା ସର୍ଦାପୁର ଗାଁରେ ହାଇୱା ଧକ୍କାରେ ୩ ଜଣ ଗୁରୁତର ହୋଇଛନ୍ତି। କଣ୍ଟାବାଞ୍ଜି ରେଳ ଷ୍ଟେସନକୁ ସକାଳୁ କୌଣସି ପାଇଁ ଆସି ବାଇକ ଯୋଗେ ମୁରିବାହାଲ ଥାନା ବାବେଜୁରୀ ଗାଁର ତରଣୀ ମାଝି, ସଚିନ ମାଝି, ପ୍ରଭୁଲାଲ ମାଝି ଫେରୁଥିଲେ। ସର୍ଦାରପୁର ଗାଁଠାରେ ହାଇୱାଟି ଧକ୍କା ଦେଇଥିଲା। ଏମାନଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

ସେହିଭଳି ବଙ୍ଗୋମୁଣ୍ଡା ଥାନା ନୂଆପଡ଼ାରେ ଦୁଇ ବାଇକ ମୁହାଁମୁହି ଧକ୍କା ହୋଇଛି। ଏଥିରେ ୪ ଜଣ ଗୁରୁତର ହୋଇଛନ୍ତି। ନୂଆପଡ଼ା ଜିଲ୍ଲା ବୁଡେନ ଥାନା ମୁଣ୍ଡ ଗାଁର ସୁନିଲ ଭୋଇ, ରୁକ ନାରାୟଣ ଦଳ, କୈଲାଶ ଭୋଇ ବାଇକରେ ବଙ୍ଗୋମୁଣ୍ଡା ପଟୁ ଆସୁଥଲେ। ସେହି ସମୟରେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଚାନ୍ଦଗିରି ଗାଁର ଭଗବାନ ହଂସ ବାଇକରେ କଣ୍ଟାବାଞ୍ଜି ପଟୁ ଯାଉଥିଲେ। ଦୁଇ ବାଇକ ମୁହାଁମୁହି ଧକ୍କା ହୋଇଥିଲା। ୪ ଜଣ ଗୁରୁତର ଅବସ୍ଥାରେ କଣ୍ଟାବାଞ୍ଜି ଡାକ୍ତରଖାନରେ ଭର୍ତ୍ତି ହୋଇଛନ୍ତି। ଏମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ରହିଛି। ଅନ୍ୟପକ୍ଷରେ କଣ୍ଟାବାଞ୍ଜି ସହର ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କାର୍ଯ୍ୟାଳୟରେ ଜଣେ ବ୍ୟକ୍ତି ବାଇକରେ ବସି ଥିବା ବେଳେ ଦ୍ରୁତ ଗତିରେ ଏକ ପିକଅପ୍ ଆସି ଧକ୍କା ଦେଇଥିଲା। ଯାହାଫଳରେ ତାଙ୍କ ମୁଣ୍ଡ ଏବଂ ଶରୀର ବିଭିନ୍ନ ସ୍ଥାନ ଗଭୀର ଆଘାତ ଲାଗିଛି। ଗୁରୁତର ଯୁବକ ଜଣକ କଣ୍ଟାବାଞ୍ଜିର ପିଙ୍କୁ ଚନ୍ଦନ।

### ମୁରିବାହାଲ ଧନୁଯାତ୍ରା ମହୋତ୍ସବର ଚତୁର୍ଥ ଦିବସ

## ମହାରାଜ କଂସଙ୍କ ଗୋପପୁର ପରିକ୍ରମା

**ମୁରିବାହାଲ, ୨୧।୧୨(ସମିସ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଧନୁଯାତ୍ରା ପଡ଼ିଆଠାରେ ଚାଲିଥିବା ସପ୍ତମ ବର୍ଷ ବ୍ଲକସ୍ତରୀୟ ବିରାଟ ଧନୁଯାତ୍ରା ମହୋତ୍ସବ ଚତୁର୍ଥ ରଜନୀରେ ମଥୁରାନଗରୀର ବନ୍ଦୀଘରେ ଶ୍ରୀକୃଷ୍ଣ ଜନ୍ମ ଗ୍ରହଣ କରିଥିଲେ। ଧନୁଯାତ୍ରା ମହୋତ୍ସବ କମିଟିର ସଭାପତି ତରୁଣ ପୋଢ଼ଙ୍କ ସଭାପତିତ୍ୱ ଏବଂ ଲିଲୁମୋହନ ପଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ରାଜଦରବାରରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଜିଲ୍ଲା ବିଜେପି ସଭାପତି ତଥା ଆୟୋଜକ କମିଟିର ବରିଷ୍ଠ ଉପଦେଷ୍ଟା ଶ୍ରୀବତ୍ସ ବେହେରା, ମୁଖ୍ୟବକ୍ତା ରୂପେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଆଶିଷ ମିଶ୍ର, ସମ୍ମାନିତ ଅତିଥି ରୂପେ ମୁରିବାହାଲ ଡିଗ୍ରୀ କଲେଜ ଅଧାପକ ପୂର୍ଣ୍ଣଚନ୍ଦ୍ର ପଧାନ, ପୃଥ୍ୱିରାଜ ପାତ୍ର,

**ବନ୍ଦୀଘରେ ଶ୍ରୀକୃଷ୍ଣ ଜନ୍ମ**

ଅମିତ ଅଗ୍ରୱାଲ, ହଳଦୀ ମଣ୍ଡଳ ବିଜେପି ସଭାପତି ସୁବାସ ପୋଢ଼, ମକୁନ୍ଦ ବଗର୍ତ୍ତି, ପୁଡ଼ିସରା ସ୍କୁଲ ପ୍ରଧାନଶିକ୍ଷକ ସୁବାସ ପଟ୍ଟନାୟକ, ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଈଶ୍ୱର ପୁଟେଲ, ମହାଦେବ ଟାହାଣୀ, ସୁରେଶ ଭୋଇ, ଇଛାପଡ଼ାର ପୂର୍ବତନ ସରପଞ୍ଚ ସାବିତ୍ରୀ ମହାନନ୍ଦ, ମାଳିଶିରା ପେକ୍ସ ସମ୍ପାଦକ ପିତାମ୍ବର ବାଗ, ଲାଲବାହାଦୁର ପୁଟେଲ ଓ ସରୋଜ ବାଗ ଯୋଗ ଦେଇଥିଲେ। ଦନାର୍ଦ୍ଦନ ବଗର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଗୋପପୁର(ବନବାହାଲ)କୁ ମହାରାଜ କଂସଙ୍କ ଆଗମନ ଓ ଗୋମତ ଋଷିଙ୍କଠାରୁ ଅଭିଶାପ ପ୍ରାପ୍ତି ନାଟ୍ୟାଭିନୟ ଅନୁଷ୍ଠିତ ହୋଇଯାଇଛି। ପୂଜାକର୍ତ୍ତା ଭାବେ ଭୈରବ ମାଝୀ ଓ ପ୍ରେମ ମାଝୀ ଗୋପପୁରରେ ନନ୍ଦଯଶୋଦା ଭୂମିକାରେ ଅଭିନୟ କରୁଛନ୍ତି। ଗୋପପୁରରେ ହରିଶଙ୍କର ବେହେରା, ଦିନବନ୍ଧୁ ବାଗ, ରାଜିବ କୁଅଁର, ଗୋପବନ୍ଧୁ ଭୋଇ, ସୁଧୀର ବେହେରା, ସୁବୋଧ ବେହେରା, ତୁଳସିରାମ ସାହୁ, ସୁଦାମ ଭୋଇ, ନାରାୟଣ ବେହେରା, କ୍ଷୀରମୋହନ ବାଗ, ତନୁ ଧରୁଆ, ଦୁର୍ଲ୍ଲଣା ଦାସ, ରୁକ୍ମଣୀ ବେହେରାଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି।

## କଣ୍ଟାବାଞ୍ଜି କ୍ଲଷ୍ଟରସ୍ତରୀୟ ମାସିକ ବୈଠକ



**କଣ୍ଟାବାଞ୍ଜି, ୨୧।୧୨(ସମିସ):** କଣ୍ଟାବାଞ୍ଜି କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଝାଙ୍କରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ରର ସମସ୍ତ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଓ ଏଫ୍ ଏଲ୍ ଏନ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ଜଣାଇ ବୈଠକ ଆରମ୍ଭ କରିଥିଲେ। ବହୁ ଶ୍ରେଣୀ ଶିକ୍ଷାଦାନ, ଡିସେମ୍ବର ମାସର ପାଠ୍ୟ ଖସଡ଼ା ଉପରେ ଆଲୋଚନ ହୋଇଥିଲା। ଏଥିରେ ଗଣଶିକ୍ଷା ଉପନିର୍ଦ୍ଦେଶକ ଶୈଳାଧିରାଜତନୟା ଶତପଥୀ ଯୋଗ ଦେଇଥିଲେ। ତାଙ୍କ ସହ ବଲାଙ୍ଗୀର ଜିଲ୍ଲା ଶିକ୍ଷା ଅଧିକାରୀ ଅଫିସର ଶିକ୍ଷା ବିଜ୍ଞାନ ସଂଯୋଗିକା ମଧୁସ୍ମିତା ଦାସ, ତୁରେକେଲା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଫକିର ଚରଣ ବିଶି, ପାଟଣାଗଡ଼ ଅତିରିକ୍ତ ଶିକ୍ଷା ଅଧିକାରୀ ରତନ ଧରୁଆ ମଧ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଦାସ ଧନ୍ୟବାଦ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାପାତ୍ର, ନିରୁପମା ମିଶ୍ର, ସବିତା ରଣା, ଅଞ୍ଜଳି ମାଝୀ, ନିବେଦିତା ଦାସ, ଶାନ୍ତିଲତା ଭୋଇ, କୁସୁମ ମଞ୍ଜରୀ ନାଗ, ଲାବନ୍ୟା ବତି ଧରୁଆ, ଯଶୋଦା ବିଡ଼ିକା ସୁନନ୍ଦା ପୁରୋହିତ, ମୁକ୍ତା ବେଜ, ସଂଘ ମିତ୍ର ପାଣିଗ୍ରାହୀ, ଶିକ୍ଷକ ଲଳିତ ବିଶି, ସଚିଦା ନନ୍ଦ ପାତ୍ର, ଭାବଗ୍ରାହୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମେଳା

**ବଲାଙ୍ଗୀର, ୨୧।୧୨(ସମିସ):** ପଥରଚେପା ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ କ୍ଷମାନିଧି ଝାଙ୍କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରଦର୍ଶନୀ ମେଳାକୁ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଡେପୁଟି ଡାଇରେକ୍ଟର (ଓସେପା) ଶୈଳଜା ତନୟା ଶତପଥୀ, ସମ୍ମାନୀତ ଅତିଥି ଭାବେ ଏଡିଇଓ ପ୍ରବୀର ପଣ୍ଡା, ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ, ପୃଥ୍ୱୀରାଜ ହାଇସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ବିଜ୍ଞାନ ତତ୍ତ୍ୱାବଧାରକ ନବଘନ ସାହୁ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଜିଲ୍ଲାର ୧୪ଟି ବ୍ଲକରୁ ମନୋନୀତ ୯୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଲୋଇସିଂହା ବ୍ଲକ ବାଦୀମୁଣ୍ଡା ଜିୟୁପିଏସର ନିକିତା ପଧାନ, ଟିଟିଲାଗଡ଼ ବ୍ଲକ ଓଏଭି କୁରଶୁଡ଼ର ଦିବ୍ୟାଂଶୁ ଶେଖର ହୋତା, ଖପ୍ରାଖୋଲ ବ୍ଲକ ଓଏଭିର ସାଇକ୍ରାଷ୍ଟା ନନ୍ଦ, ଦେଓଗାଁ ବ୍ଲକ ବାଦିବାହାଲ ହାଇସ୍କୁଲର ଶ୍ରୀୟା ରଣା, ବେଲପଡ଼ା ଜିୟୁପିଏସ ସର୍ଗିଗୁଡାର ବିକାଶ ଥପା, ଦେଓଗାଁ ଚନ୍ଦ୍ରପୁର ଓଏଭିର ଲକ୍ଷ୍ମୀପ୍ରିୟା ବାରିକ, ପିଆର ହାଇସ୍କୁଲର ଅନ୍ୱେଷ ଭୂଷଣ ରଣାଙ୍କ ପ୍ରକଳ୍ପ ରାଜ୍ୟସ୍ତରୀୟ ବାଳ ବୈଜ୍ଞାନିକ ମେଳା ପାଇଁ ମନୋନୀତ ହୋଇଛି। ଉଦଯାପନୀ ଉତ୍ସବରେ ଏଡିଏମ ଡ. ବିଜୟାନନ୍ଦ ସେଠି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ, ରୀନା କୁମାରୀ ବେହେରା, ଡିଏସଏସ ନବଘନ ସାହୁ, ବଲାଙ୍ଗୀର ସଦର ବ୍ଲକ ଶିକ୍ଷା ଅଧିକାରୀ ନୀଳମଣି ପଟେଲ, ସଇଁତଲା ବ୍ଲକ ଶିକ୍ଷା ଅଧିକାରୀ ଦିଲୀପ ଯୋଶୀ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷୟତ୍ରୀ ଅଲିଭା ଦୀପ ସଂଯୋଜନା କରିଥିବାବେଳେ ଶିକ୍ଷକ ସରୋଜ ନାୟକ ସହ ଧନ୍ୟବାଦ ଦେଇଥିଲେ।

## ରେଙ୍ଗାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ବଲାଙ୍ଗିର, ୨୧।୧୨(ସମିସ):** ଲୋଇସିଂହା ବ୍ଲକ ରେଙ୍ଗାଲି ପଞ୍ଚାୟତରେ ଅବସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଦୁଇ ଦିନ ଧରି ପ୍ରଥମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବୀର କିଶୋର ଶତପଥୀଙ୍କ ତତ୍ତ୍ୱାବଧାନରେ ରେଙ୍ଗାଲି, କପିଳବାହାଲ ଓ ବାଗଡୁଙ୍ଗୁରୀ ଅଞ୍ଚଳର ଶିଶୁ ବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ରେଙ୍ଗାଲି ଗ୍ରାମରେ ଏକ ମଶାଲ ଯାତ୍ରା ହୋଇଥିଲା। ଉଦୟ ସିଂ ଠାକୁର, କୃଷ୍ଣଚନ୍ଦ୍ର ରାଜପୁତ ଓ ହୃଷୀକେଶ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ।

## ରୟାଲ ଏକାଡେମୀର ବାର୍ଷିକ ଉତ୍ସବ




**ବଲାଙ୍ଗିର, ୨୧।୧୨ (ସମିସ):** ବଲାଙ୍ଗିର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ରୟାଲ ଏକାଡେମୀର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରୟାଲ ଏକାଡେମୀର ଟ୍ରଷ୍ଟି ତଥା ପରିଚାଳନା ଅଧ୍ୟକ୍ଷା ନିରୁପମା ପଣ୍ଡା ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ତରୁଣ ମିଶ୍ର, ଟ୍ରଷ୍ଟି ସଭ୍ୟ ପ୍ରକାଶ ନେପାକ, ଅଶୋକ ମେହେର, ଟ୍ରଷ୍ଟି କୁନା ବାଗ, ଅଜିତ ପଣ୍ଡା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟତ୍ରୀ ସଞ୍ଜିତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଦେବାନନ୍ଦ ସାହୁ ସଭା ସଂଯୋଜନା କରିଥିଲେ। ବରିଷ୍ଠ ବିଭାଗ ଚାମ୍ପିଅନ ଋତୁରାଜ ପଶାୟତ, କନିଷ୍ଠ ବିଭାଗର କୃର୍ତ୍ତିକା ଖମାରୀଙ୍କ ସହ ବିଭିନ୍ନ ପ୍ରତିଯୋଗିତାର ବିଜେତା ଋତୁରାଜ ପଶାୟତ, ପ୍ରିଶୁଶ୍ରିବା ପାଢ଼ୀ, ଅମାୟିରା ସାୟିଦ, ରିୟାନ୍ସ ଭାର୍ଗବ ହୋତା, ଆଦିରୟା ଇସାରାତ, ଆରାଧ୍ୟା ମହାନ୍ତି, ଦେବାଶ୍ରିତ ଧାରୁଆ ପୁରସ୍କୃତ ହୋଇଥିଲେ। ଅଭିଭାବକମାନଙ୍କ ଦୌଡ ପ୍ରତିଯୋଗିତାରେ ଗୋବିନ୍ଦ ମହାନ୍ତି, ଶୁଭ୍ରାଂଶୁ ଶେଖର ନାଏକ, ସୁଶୀଲ ମହାକୁଡ ଯଥା କ୍ରମେ ପ୍ରଥମ, ଦ୍ୱିତୀୟ ତଥା ତୃତୀୟ ସ୍ଥାନ ପାଇଁ ପୁରସ୍କାର ପାଇଥିଲେ। ଅଭିଭାବିକାଙ୍କ ମ୍ୟୁଜିକ ଚେୟାର ପ୍ରତିଯୋଗିତାରେ ସୌଦାମିନୀ ଧରୁଆ, ଦିବ୍ୟାନି ନାଏକ, ନତିଶା ଖାତୁନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ପାଇଥିଲେ। ଅଧ୍ୟକ୍ଷା ନିରୁପମା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବନମାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ବେଲପଡ଼ା, ୨୧।୧୨ (ସମିସ):** ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ ବନମାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉଦଯାପିତ ହୋଇଯାଇଛି। ପରମେଶ୍ୱର ବିଶ୍ୱାଳ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଧନେଶ୍ୱର ବିଶ୍ୱାଳଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ସଭାରେ ସହଦେବ ବିଶ୍ୱାଳ, ପ୍ରବୋଧ ଜେନା, ଶଶୀଭୁଷଣ ମେହେର, ଭୋଳାନାଥ ସାହୁ, ଗୋବିନ୍ଦ ସାହୁ, ସହଯୋଗ କରିଥିଲେ। ଖେଳ ଶିକ୍ଷକ ସରୋଜ ବିଶ୍ୱାଳଙ୍କ ପରିଚାଳନା କରିଥିଲେ। ୧୬୦ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବାଳକ ବିଭାଗରେ ଟିକେନ୍ଦ୍ର ବାଗ ଓ ବାଳିକା ବିଭାଗରେ ଗାୟତ୍ରୀ ମାଝୀ ଚାମ୍ପିଅନ ହେଇଥିଲେ। ଷୋହନା ବଢେଇ ଶ୍ରେଷ୍ଠ ଛାତ୍ରୀ ହିସାବରେ ପରିଚିତ ହୋଇଥିଲେ।

## ଚାନ୍ଦିଲି ପାହାଡ଼ ମହୋତ୍ସବ ପାଇଁ ଲୋଗୋ ଉନ୍ମୋଚିତ

**ଦେଓଗାଁ, ୨୧।୧୨ (ସମିସ):** ଦେଷଣ୍ଡ ନିକଟସ୍ଥ ପର୍ଯ୍ୟଟନସ୍ଥଳ ଚାନ୍ଦିଲି ପାହାଡରେ ୯ମ ଚାନ୍ଦିଲି ପାହାଡ ମହୋତ୍ସବ ପାଇଁ ରବିବାର ଖବରଦାତା ସମ୍ମିଳନୀ ଏବଂ ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ମୁଖ୍ୟବକ୍ତା ଭାବେ ଗୁରୁଶ୍ରୀ ଘାସିରାମ ମିଶ୍ର, ବିଧାୟକଙ୍କ ବ୍ଲକ ପ୍ରତିନିଧି ସୁଶୀଲ ଚାନ୍ଦ, ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ମହୋତ୍ସବ ପରିଚାଳନା କମିଟି ସଭାପତି ରାଧେଶ୍ୟାମ ମେହେର, ସମ୍ପାଦକ ସ୍ୱୟମ୍ବର ମେହେର, ପ୍ରମୋଦ ବହିଦାର, ଶୈଳେନ୍ଦ୍ର ସାହୁ, ଇନ୍ଦ୍ରଜିତ ରାଉତ, ବିଦ୍ୟାଧର ନାଏକ, ମଧୁସୂଦନ ନାଏକ ପ୍ରମୁଖ ଯୋଗ ଦେଇଥିଲେ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ବଲାଙ୍ଗିର, ୨୧।୧୨(ସମିସ)**




ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ୫୪ ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସାଇକ୍ଲିଙ୍ଗ ଏସୋସିଏସନ ସଭାପତି, ଓମେନ ଫେଡେରେସନ ଅଫ୍ ଇଣ୍ଡିଆ ଅଧ୍ୟକ୍ଷା ତଥା ଅର୍ଜୁନ ପୁରସ୍କାର ପ୍ରାପ୍ତ ଜାତୀୟ କ୍ରୀଡାବିତ୍ ମିନତି ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଜେନେରାଲ ମ୍ୟାନେଜର (ରାଉରକେଲା ଷ୍ଟିଲ ପ୍ଲାଣ୍ଟ) ପ୍ରକାଶ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂସଦର ସାଧାରଣ ସମ୍ପାଦକ ହରିନାରାୟଣ ପୁଜାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ହେମନ୍ତ ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର, କ୍ରୀଡା ସମ୍ପାଦକ ବିଭୁତି ଭୂଷଣ ପଣ୍ଡା, ଫୁଟବଲ ସମ୍ପାଦକ ଶରତ ନନ୍ଦ, ଭଲିବଲ ସମ୍ପାଦକ ସଂଗ୍ରାମ ବହିଦାର, ବରିଷ୍ଠ ସଦସ୍ୟ ରମାକାନ୍ତ ସେଠ, ଭାବଗ୍ରାହୀ ରଥ, ରାଜେନ୍ଦ୍ର ପୁରୋହିତ, ଗୌର ଚନ୍ଦ୍ର ପ୍ରଧାନ, ରବୀନ୍ଦ୍ର ମିଶ୍ର, ଡା. ସିଦ୍ଧେଶ୍ୱର ମିଶ୍ର, ମୋହିନି ମୋହନ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଯୁଗ୍ମ ସମ୍ପାଦକ ଶତ୍ରୁଘନ ସିଂ ଧନ୍ୟବାଦ ପ୍ରଦାନ କରିଥିଲେ। ଶୁଭ୍ରାଂଶୁ ଶେଖର ଅମାତ, ମହାଦେବ ରାଉତ, ସଦାନନ୍ଦ ନାଏକ ଉପସ୍ଥିତ ଥିଲେ। ସୁନିଲ ଚନ୍ଦ୍ର ବିଶ୍ୱାଳ, ହରେକୃଷ୍ଣ ନାଏକ, ବିଜୟ କୁମାର ତ୍ରିପାଠି, ଶ୍ରୀଧର ବଡ଼ିଆ, ମାଧୁରି ପଣ୍ଡା, ଦିଲୀପ କୁଅଁର, ହୃଷିକେଶ ସାଏ, ପଦ୍ମ ଚରଣ ଦାଶ ସଂଯୋଜନା କରିଥଲେ। ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଓ ପୃଥ୍ୱୀରାଜ ହାଇସ୍କୁଲ ବ୍ୟାଣ୍ଡ ଗ୍ରୁପଙ୍କ ବାଦ୍ୟ ତାଳେ ତାଳେ ୧୧୫୭ ଜଣ ପ୍ରତିଯୋଗି ମାର୍ଚ୍ଚପାଷ୍ଟରେ ଯୋଗ ଦେଇଥିଲେ। ୧୦୦୦ମିଟର ଦୌଡରେ ଦମୟନ୍ତୀ ବରିହା, ଜେଭେଲିନ ଥ୍ରୋରେ ସ୍ତୁତିରାଣି ବାଗ, ଡିସକସ ଥ୍ରୋରେ ଅପସରା ପ୍ରଧାନ, ବାଳିକା ଲଙ୍ଗଜମ୍ପରେ ଦ୍ରୋପଦୀ ପ୍ରଧାନ, ବାଳିକା ବର୍ଗ ୬୦୦ ମିଟର ଦୌଡରେ ରିଶିକା ଷାଣ୍ଡ, ବାଳିକା ବର୍ଗ ସଟ୍‌ପୁଟରେ ଶ୍ରଦ୍ଧାଞ୍ଜଳି ମିଶ୍ର, ମହିଳା ଡିସକସ ଥ୍ରୋରେ କ୍ରୀଷ୍ଟାମୟୀ ଭଇଁସାଲ, ବାଳିକା ବର୍ଗ ଡିସକସ ଥ୍ରୋରେ ଅହଲ୍ୟା ଦୀପ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବାଳକ ବର୍ଗ ହାଇଜମ୍ପରେ ଅମରେଶ୍ୱର କହେଣ୍ଡା, ବାଳକ ଲଙ୍ଗ ଜମ୍ପରେ ଓମ୍ ଶିଭମ ଧରୁଆ, ବାଳକ ଡିସକସ ଥ୍ରୋରେ ନାରାୟଣ ବଗର୍ତ୍ତି, ବାଳକ ହାଇଜମ୍ପରେ ସଙ୍କେତ ମିଶାଲ, ବାଳକ ୬୦୦ ମିଟର ଦୌଡରେ ସୌ÷ରଭ ସେଠ, ବାଳକ ୧୦୦୦ ମିଟର ଦୌଡରେ ନୂତନ ସୁନା, ବାଳକ ସଟ୍‌ପୁଟରେ କରମ ସାହୁ, ୧୫୦୦ ମିଟର ଦୌଡରେ ଶ୍ରବଣ ବଗର୍ତ୍ତି, ବାଳକ ୧୫୦୦ ମିଟର ଦୌଡରେ ବିଶ୍ୱଜିତ ବନଛୋର, ପୁରୁଷ ସଟପୁଟରେ ନିଳମାଧବ ବେହେରା, ୧୫୦୦ ମିଟରରେ ସଞ୍ଜିବ ନଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଆଲୋଚନାଚକ୍ର

**ବଲାଙ୍ଗିର, ୨୧।୧୨ (ସମିସ):** ବଲାଙ୍ଗିର ବ୍ରାହ୍ମଣପଡ଼ାସ୍ଥିତ ରାଧାକୃଷ୍ଣ ମନ୍ଦିରଠାରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ଗଙ୍ଗାଧର ସାହିତ୍ୟ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ ସଭାପତି ଡ. ଭବାନୀଶଙ୍କର ପଟେଲ ପରିଚାଳନା କରିଥିଲେ। କୁମୁଦିନି ପୃଷ୍ଟି, ରଶ୍ମି ପାତ୍ର, ଶିବ ଦାଶ, ଦେବେନ ଜାଲ, ଦାମୋଦର ପଟେଲ ସହଯୋଗ କରିଥିଲେ। ଗିରିଜା ଶଙ୍କର ରଥ ପରିଷଦର ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ରାମଚନ୍ଦ୍ର ପଟେଲ, ଚୁମକି ଦାଶ, ମୀରା ତ୍ରିପାଠୀ ଓ ଗୁରୁ ବଂଶୀଧର ଦାନି ଗଙ୍ଗାଧର ସାହିତ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ରାମଚନ୍ଦ୍ର ପଟେଲ ଗଙ୍ଗାଧରଙ୍କ ମଙ୍ଗଳାଚରଣ ଉପରେ ଆଲୋଚନା କରିଥିଲେ। ବଂଶୀଧର ସା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଆବିର୍ଭାବ ଦିବସ

# ସାମିଲ ହେଲେ ୨୫ ହଜାର ଶ୍ରଦ୍ଧାଳୁ

ବସ୍ତା ବ୍ଲକ, ୨୧।୧୨ (ସମିସ)





ଜିଲ୍ଲା ସ୍ତରୀୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଆବିର୍ଭାବ ଦିବସ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଛଚିନା ମିନି ଷ୍ଟାଡିୟମରେ ପାଳିତ ହୋଇଛି। ରବିବାର ସକାଳେ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଏହି ମହା ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବାଣୀ ଉପରେ ଆଧାରିତ ପୁସ୍ତକ ଐଶାୟନି ଉନ୍ମୋଚିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବ ପରେ ବାଲେଶ୍ୱର ଜିଲ୍ଲା ର ସମସ୍ତ ବ୍ଲକରୁ ଆସିଥିବା ଭକ୍ତଙ୍କ ଦ୍ୱାରା ଭଜନ କୀର୍ତ୍ତନ କରାଯିବା ସହିତ ପରିକ୍ରମା କରା ଯାଇଥିଲା। ଏହାପରେ ଆୟୋଜିତ ସତସଙ୍ଗରେ ଉପସ୍ଥିତ ସ.ପ୍ର ରିତିକ ମାନେ ଠାକୁରଙ୍କ ସତ୍ ବାଣୀ ଉପରେ ସତସଙ୍ଗରେ ସାମିଲ ହୋଇଥିବା ଭକ୍ତଙ୍କୁ ଆଲୋକପାତ କରିଥିଲେ। ଦିବା ୧୧ଟାରେ କେଦାର ନାଥ ମହାନ୍ତିଙ୍କ ପରିଚାଳନାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବସ୍ତା ବିଧାୟିକା ସୁବାସିନୀ ଜେନା, ବସ୍ତା ଏସଡିପିଓ ମାନସ କୁମାର ଦେଓ, ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ସମେତ ବହୁ ନେତୃବୃନ୍ଦ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଦିବସ ବ୍ୟାପୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିବା ବେଳେ ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଶାଶ୍ୱତ ଯୋଶୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ମଣିଷ ଜୀବନରେ ସତସଙ୍ଗର ଆବଶ୍ୟକ ଉପରେ ଏକ ଏକାଙ୍କିକା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ୬ଟାରେ ଏହି ଉତ୍ସବ ଉଦଯାପିତ ହୋଇଥିଲା। ଉତ୍ସବକୁ ବ୍ୟାପକ ଓ ସୁନ୍ଦର କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରା ଯାଇଥିଲା। ସତସଙ୍ଗ ମନ୍ଦିର ଭଳି ତୋରଣ ସହିତ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଫଟୋକୁ ପୁଷ୍ପ ରେ ସଜିତ କରା ଯାଇଥିଲା। ଉତ୍ସବରେ ଏକ ସ୍ୱାସ୍ଥ୍ୟ କ୍ୟାମ୍ପ କରାଯାଇଥିଲା। ଅଭିଜ୍ଞ ଡାକ୍ତର ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ସହିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ମାଗଣା ଔଷଧ ବଣ୍ଟନ କରିଥିଲେ। ଉତ୍ସବରେ ୨୫ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏଥିରେ ୨୦୦ରୁ ଉଦ୍ଧ୍ୱର୍ ସ୍ୱେଚ୍ଛାସେବୀ ଟ୍ରାଫିକ କଣ୍ଟ୍ରୋଲ, ସୂଚାରୁ ରୂପେ ଠାକୁରଙ୍କ ଦର୍ଶନ ଉପରେ ସେବା ଯୋଗାଇ ଥିଲେ। ବସ୍ତା ପୁଲିସ ପକ୍ଷରୁ ବ୍ୟାପକ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରା ଯାଇଥିଲା। ବସ୍ତା ଥାନା ଆଇଆଇସି ରଞ୍ଜିତ କୁମାର ସାହୁ ନିଜେ ଉପସ୍ଥିତ ରହିବା ସହିତ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଏଥି ସହିତ ଟ୍ରାଫିକ ପୁଲିସ, ଦମକଳ ବାହିନୀ, ଆମ୍ବୁଲାନ୍ସ ଉପସ୍ଥିତ ରହି କିପରି ଏହି ଉତ୍ସବ ସୂଚାରୁ ରୂପେ ସମାପନ ହେବ ସେ ନେଇ ବ୍ୟାପକ ସୁବନ୍ଦୋବସ୍ତ କରିଥିଲେ। ଛଚୀନା କଲେଜ ପଡିଆ ରେ ହୋଇ ଥିବା ଆନନ୍ଦ ବଜାର ରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ପ୍ରସାଦ ସେବନ କରିଥିଲେ। ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ରବୀନ୍ଦ୍ର ଅଣ୍ଡିଆ, କଂଗ୍ରେସ ନେତା ସତ୍ୟ ନାରାୟଣ ଗୁପ୍ତା, ଶୁଭଶ୍ରୀ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ସଞ୍ଜୟ ପାତ୍ର, କେଦାର ମହାନ୍ତି, ରତ୍ନାକର ପଣ୍ଡା, ଡ ଅଜିତ୍ ଦାସ, ଗୋପବନ୍ଧୁ ନାୟକ, ରାସ ବିହାରୀ ଚକ୍ରବର୍ତ୍ତୀ, ବିଜୟ କେତନ ଜେନା, ଗଣେଶ ଚନ୍ଦ୍ର ଜେନା, ବସନ୍ତ କୁମାର ସାହୁ, ଯତୀନ୍ଦ୍ରନାଥ ସାହୁ, ଚକ୍ରଧର ଜେନା ଓ ସୁଦିପ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଲେଶ୍ୱର ଉତ୍ସବର ୮ ମ ସନ୍ଧ୍ୟା

ବାଲେଶ୍ୱର,୨୧।୧୨(ସମିସ): ବାଲେଶ୍ୱର ଉତ୍ସବ ୨୦୨୫ର ଅଷ୍ଟମ ସାଂସ୍କୃତିକ ସନ୍ଧ୍ୟା ଅବସରରେ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ ଭୁବନେଶ୍ୱରର ଫେମସ ଆର୍ଯ୍ୟାନ ଡ୍ୟାନ୍ସ ଗ୍ରୁପ, ଗାୟକ ସମ୍ବିତ ଓ ଗାୟିକା ମଞ୍ଜୁଶ୍ରୀଙ୍କ ଚିତ୍ତାକର୍ଷକ ପ୍ରଦର୍ଶନରେ ଦୁଲୁକିଥିଲା ଆଜିର ଏହି ସାଂସ୍କୃତିକ ସନ୍ଧ୍ୟା। ଅନୁଷ୍ଠାନର ସଭାପତି ଯୁବନେତା ଆଶିଷ ପାତ୍ର ଓ ଆବାହକ ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାରେ ଆୟୋଜିତ ଆଜିର ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ରୂପେ ଅଲ୍‌ଇଣ୍ଡିଆ ସି ଫୁଡ୍ ସଂସ୍ଥା ଓଡିଶା ଚାପ୍ଟର ସଭାପତି ତଥା ହରି ଉଦ୍ୟୋଗ ଓ ହରି ମେରାଇନର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଯୁବ ଶିଳ୍ପଦ୍ୟୋଗୀ ସଂଗ୍ରାମ ଦାସ ଯୋଗଦେଇଥିବା ସ୍ଥଳେ ସମ୍ମାନିତ ଅତିଥି ରୂପେ ଯୁବ ସମାଜସେବୀ ଚନ୍ଦ୍ରବିନ୍ଦୁ ଦାସ, ବିଜେପିର ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ ଉପସଭାପତି ସିପ୍ରା ବାଜେପେଇ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପୂର୍ବତନ ପୌରାଧକ୍ଷ ଆଲୋକ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ସ୍ଥଳେ ଚିତ୍ତରଞ୍ଜ ପଣ୍ଡା ସ୍ୱାଗତ ଅଭିଭାଷଣ ରଖିଥିଲେ। ଭାଗବତ ସାହୁ, ଉପାଧକ୍ଷ ସୂର୍ଯ୍ୟକାନ୍ତ କର, ମହିଳା ବର୍ଗ ସଭାପତି ରଞ୍ଜିତା ମହାପାତ୍ର, ସ୍ମରଣିକା ବିଭାଗ ମୁଖ୍ୟ ଭୁବନାନନ୍ଦ ଦାସ, ଆଇନ ପରାମର୍ଶଦାତା ବିଜୟ ପଣ୍ଡା,ସଦସ୍ୟ ଶକ୍ତିପଦ ରାୟ, ଉପଦେଷ୍ଟା ଅଭ୍ୟୁଦୟ ଦାସ, ଦେବାଶିଷ ଚାଟାର୍ଜି ପ୍ରମୁଖ ମଞ୍ଚାସିନ ଥିଲେ। ସାଂସ୍କୃତିକ ସମ୍ପାଦକ ଦୀପକ ମିଶ୍ର, ସମ୍ପାଦକ ସୁଶାନ୍ତ



ସାହୁ, ସାଙ୍ଗଠନିକ ସମ୍ପାଦକ ଖିରୋଦ ପ୍ରଧାନ, ଆଶିଷ ପଟ୍ଟନାୟକ, ଅରଣ୍ୟ ପ୍ରଧାନ, ରାଜଶଙ୍କର ନାୟକ, ସଞ୍ଜୟ ଜେନା ପ୍ରମୁଖ ସହଯୋଗ କରିଥିଲେ ଓ କମିଟିର ସାଧାରଣ ସମ୍ପାଦକ ଅରିଜିତ ଘୋଷାଲଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଉତ୍ସବ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ବି ଟି ଇ ଏସ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନର ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉକ୍ତ ଅବସରରେ ବାଲେଶ୍ୱର ଉତ୍ସବ ୨୫ର ସ୍ମରଣିକା "କୋଶମ୍" ଉନ୍ମୋଚିତ ହୋଇଥିଲା।

## ନୃତ୍ୟ ସଂଗୀତ କଳା ମନ୍ଦିରର ବାର୍ଷିକ ଉତ୍ସବ



ବାଲେଶ୍ୱର,୨୧।୧୨(ସମିସ): ସର୍ବପୁରାତନ କଳା ଓ ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟ ସଂଗୀତ କଳା ମନ୍ଦିରର ୬୯ ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଟାଉନ ହଲରେ ଉଦଘାଟିତ ହୋଇଯାଇଛି। ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବସ୍ତା ବିଧାୟିକା ସୁବାସିନୀ ଜେନା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଲକ୍ଷ୍ମୀ ନାରାୟଣ ଘୋଷ ବାର୍ଷିକ ବିବରଣୀ ପାଠ କରିବା ସହିତ ରାଜ୍ୟ ସରକାରଙ୍କ ନିକଟରୁ କୌଣସି ଆର୍ଥିକ ସହାୟତା ଅନୁଷ୍ଠାନକୁ ମିଳିନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଏହିଭଳି ଅନୁଷ୍ଠାନକୁ ଦୀର୍ଘ ବର୍ଷ ଧରି ବଞ୍ଚାଇ ରଖିଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପାଇଁ ଅନୁଷ୍ଠାନର ଛାତ୍ରଛାତ୍ରୀ ଉପଯୁକ୍ତ ଶିକ୍ଷା ଦାନରୁ ବଞ୍ଚିତ ହେଉଥିବା ନେଇ ସମ୍ପାଦକ ଉପସ୍ଥିତ ବିଧାୟିକାଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆଣିଥିଲେ। ବସ୍ତା ବିଧାୟିକା ଶ୍ରୀମତୀ ଜେନା ଏହାକୁ ସରକାରଙ୍କ ଦୃଷ୍ଟିକୁ ଆଣିବେ ବୋଲି ପ୍ରତିଶୃତି ଦେବା ସହ ଏହି ଅନୁଷ୍ଠାନର ବହୁ ପୁରୁଣା ଛାତ୍ରଛାତ୍ରୀ ବର୍ତ୍ତମାନ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରତିଷ୍ଠା ଲାଭ କରିଥିବା ଉଲ୍ଲେଖ କରିଥିଲେ। ଅନୁଷ୍ଠାନ ସହ ସଭାପତି ଉତ୍ପଳ ମହାନ୍ତି ସମ୍ବର୍ଦ୍ଧିତ ପ୍ରତିଭା ମାନଙ୍କ ସମ୍ବନ୍ଧରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଖ୍ୟାତନାମା ଓଡିଶୀ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁଙ୍କୁ କାର୍ତ୍ତିକ ଚନ୍ଦ୍ର ପତି ପ୍ରତିଭା ସମ୍ମାନ, ବିଶିଷ୍ଟ ନୃତ୍ୟ ଗୁରୁ ନିରଞ୍ଜନ ରାଉତଙ୍କୁ ଉଷା ରାଣୀ ମହାନ୍ତି ସମ୍ମାନ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଅବଦାନ ପାଇଁ ଶରତ କୁମାର ମହାପାତ୍ରଙ୍କୁ କାମିନୀ କାନ୍ତ ମହାନ୍ତି ସ୍ମୃତି ସମ୍ମାନ, ହିନ୍ଦୁସ୍ତାନୀ କଣ୍ଠ ସଂଗୀତରେ ପାୟଲ ମହାପାତ୍ରଙ୍କୁ ଜ୍ଞାନ ରଞ୍ଜନ ପଟ୍ଟନାୟକ ପ୍ରତିଭା ସମ୍ମାନ ଏବଂ ସଂଗୀତ ଗୁରୁ ନାରାୟଣ ରାଉତଙ୍କୁ ସୁକୁମାର ସାହୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର କୃତି ଛାତ୍ରଛାତ୍ରୀଙ୍କୁ ମଧ୍ୟ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ସୁମନ ଦାସ ମଞ୍ଚ ଆହ୍ୱାନ କରିଥିବା ବେଳେ ବ୍ରହ୍ମନାଥ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ମଡର୍ଣ୍ଣ ପବ୍ଲିକ ସ୍କୁଲରେ ପ୍ରଦର୍ଶନୀ ମେଳା



ବାଲେଶ୍ୱର,୨୧।୧୨(ସମିସ): ମେଘଡମ୍ବରୁସ୍ଥିତ ମଡର୍ଣ୍ଣ ପବ୍ଲିକ ସ୍କୁଲରେ ବିଭିନ୍ନ ବିଷୟ ଭିତ୍ତିକ ପ୍ରକଳ୍ପ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଚାନ୍ଦିପୁର ଡିଆରଡିଓ ବୈଜ୍ଞାନିକ ଡ. ମିଲନ କୁମାର ତ୍ରିପାଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଂସ୍କୃତ, ହିନ୍ଦୀ, ଓଡ଼ିଆ, ଇଂରାଜୀ, ବିଜ୍ଞାନ, ଗଣିତ, ଇତିହାସ ଓ ଭୂଗୋଳ, କମ୍ପ୍ୟୁଟର, ଚିତ୍ରକଳା ସହିତ ପୁଷ୍ପ ପ୍ରଦର୍ଶନୀର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପ୍ରଦର୍ଶନୀ ମେଳାରେ ସର୍ବମୋଟ ୩୪୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ୬ଶହରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ନିମାଇଁ ଚରଣ ଅଧିକାରୀ ଏବଂ ସହଯୋଗୀ ପରିଚାଳନାରେ ସହଯୋଗ କରିଥିଲେ।ଏହା ସହ ମଞ୍ଚ ଉପରେ ସ୍ପେଲ-ବି କାର୍ଯ୍ୟକ୍ରମ ମଧ୍ୟ ପରିଚାଳିତ ହୋଇଥିଲା। ବାଲେଶ୍ୱର ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ସ୍ପେଲ-ବି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। 'ସ୍ପେଲ-ବି ଏ' ଗ୍ରୁପରେ ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ ପ୍ରଚିତା ସାମଲ ପ୍ରଥମ ହୋଇଥିବା ବେଳେ ମଡର୍ଣ୍ଣ ପବ୍ଲିକ ସ୍କୁଲ ସାଇନାଥ ବେଜ ଦ୍ୱିତୀୟ ଓ ଓମ୍‌ପ୍ରିୟ ଦର୍ଶନ କର ତୃତୀୟ ସ୍ଥାନ ଅଧିକାର କରିଥିଲେ। 'ବି'ଗ୍ରୁପର ମଡର୍ଣ୍ଣ ପବ୍ଲିକ୍ ସ୍କୁଲର ସାତ୍ତ୍ୱିକ୍ ପାଢ଼ୀ ପ୍ରଥମ ହୋଇଥିବା ବେଳେ ଅରୋଷ କୁମାର ବାଗ ଦ୍ୱିତୀୟ ଓ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ଅନ୍ୱେଷା ଦାସମହାପାତ୍ର ତୃତୀୟ ସ୍ଥାନ ହାସଲ କରିଥିଲେ। 'ସି' ଗ୍ରୁପରେ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ସ୍ମୃତିରେଖା ଦାସ ପ୍ରଥମ ଏବଂ ମଡର୍ଣ୍ଣ ପବ୍ଲିକ ସ୍କୁଲର ଅନ୍ୱେଷାନ ନାୟକ ଦ୍ୱିତୀୟ ଏବଂ ହିମାଂଶୁ ଆଚାର୍ଯ୍ୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ଫକୀରମୋହନ ଜୁନିୟର କଲେଜ ଇଂରାଜୀ ବିଭାଗର ଅଧ୍ୟାପକ ଲକ୍ଷ୍ମୀନାରାୟଣ ନାୟକ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବରେ ଜ୍ୟୋତି ପ୍ରକାଶ ନାୟକ ଯୋଗ ଦେଇଥିଲେ। ବିଦ୍ୟାଳୟ ଅଧକ୍ଷା ପ୍ରଜ୍ଞା ପରମିତା ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

## ● ଯୋଗ୍ୟ କନ୍ୟାଙ୍କ ବିବାହ ସହାୟତା

## ଯୋଜନାର ଲାଭ ଉଠାଇବାକୁ ଜିଲ୍ଲା ପ୍ରଶାସନର ନିବେଦନ

ବାଲେଶ୍ୱର,୨୧।୧୨(ସମିସ): ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର କାର୍ଯ୍ୟକାରୀ ସଂସ୍ଥା ଚୟନ ପାଇଁ ବାଲେଶ୍ୱର ଜିଲ୍ଲା ପୋର୍ଟାଲରେ ଇଓଆଇ ମାଧ୍ୟମରେ ସମସ୍ତ ଆବଶ୍ୟକ ତଥ୍ୟ, ନିୟମାବଳୀ ଓ ସର୍ତ୍ତାବଳୀ ଉପଲବ୍ଧ କରାଯାଇଛି। ଇଚ୍ଛୁକ କାର୍ଯ୍ୟକାରୀ ସଂସ୍ଥା, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଏହାରି ମାଧ୍ୟମରେ ଜାଣିପାରିବେ। ଏହି ଯୋଜନା ଅଧିନରେ ଯୋଗ୍ୟ କନ୍ୟାଙ୍କ ବିବାହ ପାଇଁ ୫୧ହଜାର ସହାୟତା ରାଶି ପ୍ରଦାନ କରାଯାଇଥାଏ। ଯୋଜନାରେ ଅର୍ନ୍ତଭୁକ୍ତ ପାଇଁ ଉଭୟ ବର ଓ କନ୍ୟା ଓଡ଼ିଶାର ସ୍ଥାୟୀ ବାସିନ୍ଦା ହେବା ଆବଶ୍ୟକ ରହିଛି। କନ୍ୟାଙ୍କ ବୟସ ୧୮ ରୁ ୩୫ବର୍ଷ ଓ ବରଙ୍କ ବୟସ ୨୧ରୁ ୩୫ବର୍ଷ ମଧ୍ୟରେ ହେବା ଦରକାର। ପ୍ରଥମଥର ବିବାହ କରୁଥିବା ବର ଓ କନ୍ୟାଙ୍କୁ ପ୍ରାଧାନ୍ୟ ଦିଆଯିବ। ତଥାପି ବିଧବା ମହିଳାମାନେ ଦ୍ୱିତୀୟ ବିବାହ କରିବାପାଇଁ ଇଚ୍ଛୁକ ସେମାନଙ୍କୁ ମଧ୍ୟ ଏହି ଯୋଜନା ଅଧିନରେ ବିଚାର କରାଯିବ। ପରିବାର ପିଛା କେବଳ ଜଣେ ଯୋଗ୍ୟ ମହିଳା ଏହି ଯୋଜନାରେ ଅର୍ନ୍ତଭୁକ୍ତ ହେବ ଏବଂ ବର କିମ୍ବା କନ୍ୟା ନିଜେ ସେମାନଙ୍କ ପରିବାରର କେହି ମଧ୍ୟ ପୂର୍ବରୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଅନ୍ୟ କୌଣସି ବିବାହ ସହାୟତା ଯୋଜନାରୁ ଲାଭ ପାଇ ନଥିବା ଆବଶ୍ୟକ। ଏଣୁ ଏଥିପାଇଁ ଇଚ୍ଛୁକ ଲୋକେ ନିକଟସ୍ଥ ଅଙ୍ଗନୱାଡି କର୍ମୀ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କିମ୍ବା ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## କାଳିକିଙ୍କର ପାଇଲେ ବାଣୀପୀଠ ରାଜ୍ୟ ସମ୍ମାନ



ବାଲେଶ୍ୱର,୨୧।୧୨(ସମିସ): ବଡ଼ସାହିଠାରେ ୪୬ତମ ବାଣୀପୀଠ ସାରସ୍ୱତ ସମାରୋହରେ ବାଲେଶ୍ୱରର ବିଶିଷ୍ଟ କବି ଓ ଲେଖକ ଡ. କାଳିକିଙ୍କରଙ୍କୁ ସମ୍ମାନଜନକ ବାଣୀପୀଠ ରାଜ୍ୟ ସମ୍ମାନ ପ୍ରଦାନ କରାଯାଇଛି। ବିଶିଷ୍ଟ କବି ତଥା ପୂର୍ବତନ ସାଂସଦ ଡ. ପ୍ରସନ୍ନ ପାଟଶାଣୀ ଓ ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶରା ଡ. କାଳିକିଙ୍କରଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ମାନପତ୍ର, ଟ୍ରଫି, ଅଙ୍ଗବସ୍ତ୍ର ସହ ଏକ ସ୍ୱର୍ଣ୍ଣପଦକ ତାଙ୍କୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଡ. କାଳିକିଙ୍କର ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ସ୍ତମ୍ଭକାର, ଶିଶୁ ସାହିତ୍ୟିକ ଓ ଗବେଷକ ଭାବରେ ବେଶ ସୁଖ୍ୟାତ। ଗଳ୍ପ, କବିତା, ଉପନ୍ୟାସ, ଶିଶୁ ଗଳ୍ପ, ଶିଶୁ କବିତା, ଉପନ୍ୟାସ ଓ ପ୍ରବନ୍ଧକୁ ନେଇ ତାଙ୍କର ୩୦ ଖଣ୍ଡ ପୁସ୍ତକ ପ୍ରକାଶ ପାଇଛି। ଇଂରାଜୀ, ହିନ୍ଦୀ ଓ ବଙ୍ଗଳାରେ ମଧ୍ୟ ତାଙ୍କର ଅନେକ ଲେଖା ପ୍ରକାଶ ପାଇଛି।

## ରାଜ୍ୟସ୍ତରୀୟ କଳା ପ୍ରତିଭା ସମ୍ମାନ



ବାଲେଶ୍ୱର,୨୧।୧୨(ସମିସ): ସଦର ବ୍ଲକ ପଦ୍ମପୁର ପଞ୍ଚାୟତ ମଝିକିଆସ୍ଥିତ ମା' ବୁଢ଼ୀବାସୁଳି କଳା ଓ ସଂସ୍କୃତି ମହାବିଦ୍ୟାଳୟର ୧୧ତମ ବାର୍ଷିକ ଉତ୍ସବରେ ରାଜ୍ୟସ୍ତରୀୟ କଳା ପ୍ରତିଭା ସମ୍ମାନ ଆୟୋଜିତ ହୋଇଯାଇଛି। ଉତ୍ସବରେ ଶ୍ରୀମତୀ ସେଣ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ତଥା ସମ୍ପାଦକ ଅଶୋକ କୁମାର ଦାସ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଗୋବିନ୍ଦ ଚନ୍ଦ୍ର ଦାସ ଉପମୁଖ୍ୟ ସଚେତକ ଓଡ଼ିଶା ସରକାର ତଥା ରେମୁଣା ବିଧାୟକ, ସମ୍ମାନିତ ଅତିଥି ଓଡ଼ିଶା ରାଜ୍ୟ ମହିଳା କମିସନର ଅଧକ୍ଷା ଶୋଭନା ମହାନ୍ତି, ମୁଖ୍ୟବକ୍ତା ସାମ୍ବାଦିକ ସର୍ବେଶ୍ୱର ଦାସ, ସମ୍ମାନିତ ବକ୍ତା ଚିତ୍ରଶିଳ୍ପୀ କେଶୁ ଦାସ, ସମ୍ମାନିତ ଅତିଥି ବାବୁଲି ପ୍ରଧାନ, ସମ୍ମାନିତ ଅତିଥି କୈଳାସ ଚନ୍ଦ୍ର ପାଣିଗ୍ରାହୀ ଅତିଥି ଯୋଗଦାନ କରି ବକ୍ତବ୍ୟ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ବିଶ୍ୱବିଦ୍ୟାଳୟରେ ଯୋଗ ଓ ଧ୍ୟାନ ଦିବସ

ବାରିପଦା, ୨୧।୧୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଯୋଗ ଓ ପ୍ରାକୃତିକ ଚିକିତ୍ସା ବିଭାଗ ପକ୍ଷରୁ ବିଶ୍ୱ ଧ୍ୟାନ ଦିବସ ଆୟୋଜିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗଦେଇ ଦୀର୍ଘାୟୁ ଜୀବନ ପାଇଁ ପ୍ରତିଟି କର୍ମରେ ଯୋଗ ଧ୍ୟାନ କରି ପ୍ରତ୍ୟେକ ମଣିଷ ସୁସ୍ଥ ରହିବାକୁ ଉପଦେଶ ଦେଇଥିଲେ। ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର କମଳଲୋଚନ ବାରିକ ବିଶ୍ୱ ଧ୍ୟାନ ଦିବସକୁ ସୁଚାରୁରୂପେ ସଙ୍ଗଠିତ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ଡଃ ସୁଜାତା ଜେନା ଧ୍ୟାନ ଦିବସକୁ ପରିଚାଳନା କରିଥିଲେ। ଅଧ୍ୟାପକ ଡଃ ସାଗର ମନ୍ତ୍ରୀ ବିଶ୍ୱ ଧ୍ୟାନ ଦିବସକୁ ପରିଚାଳିତ କରି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟତମ ଅଧ୍ୟାପକ କରମ ଚାନ୍ଦ ବୈଠା ଉପସ୍ଥିତ ଥିବାବେଳେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ/ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଏଥର ପଳସା ମିନି ଷ୍ଟାଡିୟମରେ ପ୍ରତିଭା ମହୋତ୍ସବ

ଖଇରା,୨୧।୧୨ (ସମିସ): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକର ସର୍ବବୃହତ ପୂଜ୍ୟପୂଜା ସଙ୍ଗଠନ ପ୍ରତିଭା ପରିବାର ଆନୁକୂଲ୍ୟରେ ଚଳିତ ବର୍ଷର ପ୍ରତିଭା ମହୋତ୍ସବ ପଳସା ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ଆଲୋଚନା ନିମିତ୍ତ ଏକ ବୈଠକ ମିନି ଷ୍ଟାଡିୟମ ସଂଲଗ୍ନ ଆରଏମସି ଗୃହ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାୟୀ ସଭାପତି ବସନ୍ତ କୁମାର ଖିଲାରଙ୍କ ପୌରହିତ୍ୟରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ପଳସା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ପ୍ରଭାସ ଚନ୍ଦ୍ର ବାରିକ, ପୂର୍ବତନ ସରପଞ୍ଚ ପ୍ରତିନିଧି ଅଶୋକ ଦାସ ମହାପାତ୍ର, ଗଜେନ୍ଦ୍ର ପାତ୍ର, ରମାକାନ୍ତ ମହାନ୍ତି ତଥା ମାନସ କୁମାର ପଣ୍ଡାଙ୍କ ସମେତ ପଳସା ଓ ନଛିପୁର ଗ୍ରାମର ବହୁ ଗ୍ରାମବାସୀ ଉପସ୍ଥିତ ଏଭଳି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ସବୁ ପ୍ରକାର ସହଯୋଗ କରିବାକୁ ପ୍ରତିଶୃତି ଦେଇଥିଲେ। ପ୍ରତିଭା ପରିବାରର ସମସ୍ତ କର୍ମକର୍ତ୍ତା ତଥା ସଭ୍ୟମାନେ ଉପରୋକ୍ତ ୨ଗ୍ରାମର ଅଧିବାସୀଙ୍କୁ କୃତଜ୍ଞତା ଜଣାଇଥିଲେ। ପୂର୍ବରୁ ଏହି ମହୋତ୍ସବ ଖଇରା ଦୁର୍ଗାମଣ୍ଡପରେ ଆୟୋଜିତ କରାଯାଇଆସୁଥିବା ବେଳେ ଦର୍ଶକଙ୍କ ଭିଡକୁ ଦୃଷ୍ଟିରେ ରଖି ଏହି ମହୋତ୍ସବ ପଳସା ମିନି ଷ୍ଟାଡିୟମକୁ ସ୍ଥାନାନ୍ତର କରିବାକୁ ଅଧିକାଂଶ ସଦସ୍ୟ ମତ ଦେଇଥିଲେ।

## ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସେବାକାର୍ଯ୍ୟ

ବାଲେଶ୍ୱର,୨୧।୧୨(ସମିସ): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ବାଲେଶ୍ୱର ପକ୍ଷରୁ ଆଜି ସୁନ୍ଦରୀସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ସାରଗାଁ ପଂଚାୟତ ଅନ୍ତର୍ଗତ ତାଜିଆବାଦ ଗ୍ରାମର ଜନଜାତି ସମୁଦାୟର ୪୦ଜଣ ଅଧିବାସୀଙ୍କୁ



ଶୀତବସ୍ତ୍ର ବଂଟନ କରାଯାଇଛି। ସଂଘ ସଭାପତି ଇଂ ବନମାଳୀ ନାୟକ ସଭାପତିତ୍ୱ କରିଥିବା ବେଳେ ଉପସଭାପତି ବାସନ୍ତୀ ପାଣି, ସୁଦର୍ଶନ ଦାସ ଓ ଦେବେନ୍ଦ୍ର ଚୌଧୁରୀ,ସାଧାରଣ ସମ୍ପାଦକ ଦାମୋଦର ନାୟକ,ସଙ୍ଗଠନ ସମ୍ପାଦକ ସଞ୍ଜୟପଣ୍ଡା, ଅର୍ଥ ସମ୍ପାଦକ ଯୁଧୀଷ୍ଠିର ନନ୍ଦ, ବରିଷ୍ଠ ଉପଦେଷ୍ଟା ବସନ୍ତ ନାୟକ ଓ ବୀରେନ୍ଦ୍ର ମହନ୍ତ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ମହାନ୍ତି,ମଡର୍ଣ୍ଣ ଆଇଟିସିର ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ଜଗନ୍ନାଥ ପବ୍ଲିକ ବିଦ୍ୟାଳୟର ଅଧକ୍ଷା ସରୋଜିନୀ ପାଣିଗ୍ରାହୀ, ସମ୍ପାଦିକା ଜୟନ୍ତୀ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଥିଲେ। ଜ୍ୟୋସ୍ନା ରାୟ, ରୀତା ରାୟ, ଭବେଶ ଚନ୍ଦ୍ର ପଣ୍ଡା, ଦିଲ୍ଲୀପ ଚକ୍ରବର୍ତ୍ତୀ, କେଶବ ଚନ୍ଦ୍ର ମହାନ୍ତି, ଗୌରପ୍ରିୟ ମିଶ୍ର, ନିରଞ୍ଜନ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ବାଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ବାଲେଶ୍ୱର,୨୧।୧୨(ସମିସ)



ଶୋଭାରାମପୁରସ୍ଥିତ ବାଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧକ୍ଷ ଅନ୍ନଦା ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ିବା ସହିତ ବିଭିନ୍ନ କ୍ରୀଡା, ସାଂସ୍କୃତିକ ଓ ସାମାଜିକ ପ୍ରତିଯୋଗିତାରେ ସଫଳ ହେବା ପାଇଁ ଉତ୍ସାହିତ କରିଥିଲେ। ଫକୀରମୋହନ କଲେଜ ରାଜନୀତି ବିଜ୍ଞାନର ସହାୟକ ପ୍ରଫେସର ମୁଖ୍ୟବକ୍ତା ଡ. ସନ୍ତୋଷ କୁମାର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜ ଉପରେ ବିଶ୍ୱାସ ରଖି ଗୁରୁଙ୍କ ଉପଦେଶ ମାନିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ଅଧିକାରୀ ଚନ୍ଦ୍ରବିନ୍ଦୁ ଦାସ, ସୀତାକାନ୍ତ ସ୍ୱାଇଁ, ସଦର ବିଧାୟକଙ୍କ ପ୍ରତିନିଧି ଚିତ୍ତରଞ୍ଜନ ପଣ୍ଡା, ସାଂସଦଙ୍କ ପ୍ରତିନିଧି ଗଙ୍ଗାଧର ରାଉତ, ସଦର ବିଧାୟକଙ୍କ ଅଫିସ ଅଧିକାରୀ; ଅବସରପ୍ରାପ୍ତ ଫ୍ଲାଇଙ୍ଗ୍ ଅଫିସର ଅଶୋକ କୁମାର ଦାଶ ଯୋଗ ବକ୍ତବ୍ୟ ରଖିଥିଲେ। ପ୍ରଥମେ ଶିକ୍ଷା ବିଭାଗର ଅଧ୍ୟାପକ ରତ୍ନାକର ମହାପାତ୍ର ମଂଚ ଆହ୍ୱାନ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧକ୍ଷ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ରୀଡା, କୁଇଜ, ତର୍କ, ଗୀତ, ନାଚ ଓ ଏକକ ଅଭିନୟ ପ୍ରତିଯୋଗିତାରେ ଭାଗନେଇ ସଫଳତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୨୫ କାଉନ୍‌ସିଲ୍ ପରୀକ୍ଷାରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଅଭିପ୍ସା ବାନାର୍ଜୀ, ଜୟପ୍ରକାଶ ପାତ୍ର ଓ ମଙ୍ଗଳ ମୁର୍ମୁଙ୍କୁ ଅବସରପ୍ରାପ୍ତ ଫ୍ଲାଇଙ୍ଗ୍ ଅଫିସର୍ ଅଶୋକ କୁମାର ଦାଶଙ୍କ ପ୍ରଦତ୍ତ "ଅନନ୍ତ ସୁବର୍ଣ୍ଣ ଏଜୁକେଶନାଲ ଆୱାର୍ଡ" ନଗଦ ପୁରସ୍କାର ହିସାବରେ ପ୍ରତ୍ୟେକଙ୍କୁ ଏକ ହଜାର ଟଙ୍କା କରି ଆଜିର ଏହି ସଭାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସମର କୁମାର ସାହୁ ଚଳିତ ବର୍ଷର ଶ୍ରେଷ୍ଠ ଛାତ୍ର ହିସାବରେ ପୁରସ୍କୃତ ମଧ୍ୟ ହୋଇଥିଲେ। ଇଂରାଜୀ ଅଧ୍ୟାପକ ଚକ୍ରଧର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଶ୍ରୀକ୍ଷେତ୍ର ସିଟି

୨୧/୧୨/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୯୭,୧୯୫/- ସୁନା: ୦୧.୯୭୦ ଗ୍ରାମ୍ ରୁପା: ୩୩.୪୦୦ ଗ୍ରାମ୍



## ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

# ଅଦିନିଆ ରଥଯାତ୍ରା ବନ୍ଦ କରିବା ସବୁଠୁ ବଡ଼ ଆହ୍ୱାନ: ଗଜପତି




ପୁରୀ, ୨୧।୧୨ (ସମିସ): ବିଦେଶରେ ଅଦିନିଆ ରଥଯାତ୍ରା ବନ୍ଦ କରିବା ଆଜିର ସମୟରେ ସବୁଠୁ ବଡ଼ ଆହ୍ୱାନ। କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହିତ ଜଡ଼ିତ ରଥଯାତ୍ରାରେ ଏଭଳି ଭୟଙ୍କର ବ୍ୟତିକ୍ରମକୁ ଆମେ ସହିଚାଲିଛେ। କେଉଁ ତିଥିରେ ମହାପ୍ରଭୁଙ୍କ ଆବିର୍ଭାବ ମଣ୍ଡପ ଯାତ୍ରା ହେବ, ସ୍ୱୟଂ ମହାପ୍ରଭୁ ଶ୍ରୀଜଗନ୍ନାଥ ଏକଥା ମହର୍ଷିଙ୍କ ମାଧ୍ୟମରେ କହିଛନ୍ତି। ଆମେ ଯଦି ଏହାକୁ ମାନିଲେ ନାହିଁ, ବ୍ୟତିକ୍ରମ କଲେ ଯଦି ପ୍ରତିବାଦ କରୁନାହେଁ, ତେବେ ଆମେ କି ଜଗନ୍ନାଥ ସଂସ୍କୃତିର ପ୍ରଚାର କରୁଛେ? 'ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ'ର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରି ଗଜପତି ମହାରାଜା ଦିବ୍ୟସିଂହ ଦେବ ଏହି ଆହ୍ୱାନ ଦେଇଛନ୍ତି।

ଗଜପତି ମହାରାଜା କହିଥିଲେ, ଅଦିନିଆ ରଥଯାତ୍ରାର ସମାଧାନ ନ କରି ଚୁପ୍ ହୋଇ ବସିଗଲେ ଶ୍ରୀଜଗନ୍ନାଥ ପରମ୍ପରାର ବଡ଼ ବ୍ୟତିକ୍ରମ ଘଟିବ। ଭାରତ ବାହାରେ ମନଇଚ୍ଛା ଅଦିନିଆ ରଥଯାତ୍ରା ଚାଲିବ। ଜଗତର ନାଥ ଭାରତ ନାଥ ନୁହନ୍ତି। ସମଗ୍ର ଜଗତରେ ଯଦି ତାଙ୍କର ଯାତ୍ରା ହେଉଛି, ତେବେ ବିଧି, ପରମ୍ପରା, ଶାସ୍ତ୍ର ଆଧାରରେ ହେଉ। ଏହା ଉପରେ ଶ୍ରୀଜଗନ୍ନାଥ ପ୍ରଚାର ପ୍ରତିଷ୍ଠାନ ଗୁରୁତ୍ୱ ଦିଅନ୍ତୁ। ଶ୍ରୀମନ୍ଦିର ପ୍ରଶାସନ ଓ ଆଲୋଚନା ଭିତ୍ତିରେ ଇସ୍କନର ସବୁ ଯୁକ୍ତିକୁ ଆମ ବିଦ୍ୱାନମାନେ ଖଣ୍ଡନ କଲେ। ଶାସ୍ତ୍ର ଅନୁମୋଦିତ ୯୭ ପୃଷ୍ଠାର ମତ ଦେବା ପରେ ମଧ୍ୟ ସବୁ ନିଷ୍ଫଳ ହେଲା। ଏବେ ଧର୍ମଗୁରୁ ତଥା ଆଚାର୍ଯ୍ୟ ଏବଂ ଭକ୍ତମାନେ ଏ ଦିଗରେ କିଛି କରିବାକୁ ପଡ଼ିବ। ଏ ନେଇ ଜାଗରଣ ସୃଷ୍ଟି ହେଉ। ସବୁଠୁ ବଡ଼ ବିଡ଼ମ୍ବନା ହେଉଛି ଭାରତ ବାହାରେ ହେଉଥିବା ଅଦିନିଆ ରଥଯାତ୍ରାରେ ଆମ ଓଡ଼ିଆମାନେ ସାମିଲ୍ ହେଉଛନ୍ତି, ଦାନ ଦେଉଛନ୍ତି। ସେମାନେ ଯେ ଶାସ୍ତ୍ର ବିରୋଧୀ କାର୍ଯ୍ୟ କରୁଛନ୍ତି, ଏକଥା ବୁଝିବାକୁ ପଡ଼ିବ। ସେମାନଙ୍କ ନିକଟରେ ଏହି ବାର୍ତ୍ତା ପହଞ୍ଚାଇ ଜାଗରଣ ସୃଷ୍ଟି କରିବାକୁ ପଡ଼ିବ ବୋଲି ମତ ରଖିଛନ୍ତି ଗଜପତି ମହାରାଜା।

> ଚୁପ୍ ହୋଇ ବସିଗଲେ ଶ୍ରୀଜଗନ୍ନାଥ ପରମ୍ପରାର ବଡ଼ ବ୍ୟତିକ୍ରମ ଘଟିବ

ଏହି ଉତ୍ସବରେ ସ୍ୱାମୀ ମାଧବାନନ୍ଦ ସରସ୍ୱତୀ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ତତ୍ତ୍ୱ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ମହନ୍ତ ରାମକୃଷ୍ଣ ଦାସ ମହାରାଜ, କେନ୍ଦ୍ରୀୟ ସଭାପତି ସଚ୍ଚିଦାନନ୍ଦ ଦାସ ବାବାଜୀ ଓ ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରଫେସର ବ୍ରଜକିଶୋର ସ୍ୱାଇଁଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା ସମ୍ମାନ, ବିଶିଷ୍ଟ ଲେଖକ ପ୍ରାବନ୍ଧିକ ଗବେଷକ ଡ. ଉମେଶ ଚନ୍ଦ୍ର ଚିହ୍ନରାଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ଗବେଷକ ସମ୍ମାନ, ଓଡ଼ିଶାର ପ୍ରଥିତଯଶା କଥାବାଚକ ଶ୍ରୀଜଗନ୍ନାଥ ଚେତନାର ଅନନ୍ୟ ପ୍ରଚାରକ ଡ. ଆଶୁତୋଷ ପ୍ରସାଦ ମିଶ୍ରଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରଚାରକ ସମ୍ମାନ, ଶ୍ରୀଜଗନ୍ନାଥ ମନ୍ଦିର କଲମପୁର କଳାହାଣ୍ଡି ଓ ଶ୍ରୀଜଗନ୍ନାଥ ମନ୍ଦିର ବିଶାଖାପାଟଣାଙ୍କ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ସଂଗଠକ ସମ୍ମାନ ପ୍ରଦାନ କରାଯାଇଥିଲା।

ଏହି ଅବସରରେ ଶ୍ରୀଜଗନ୍ନାଥଙ୍କ ୫ଜଣ ସେବକ ଓ ସେବକ ପରିବାରର ସଦସ୍ୟଙ୍କୁ ଚିକିତ୍ସା ସହାୟତ ପ୍ରଦାନ କରାଯିବ। ଏହି ଉତ୍ସବରେ ପ୍ରତିଷ୍ଠାନର ମୁଖପତ୍ର 'ଶ୍ରୀଜଗନ୍ନାଥ ଚେତନା-୧୫' ଲୋକାର୍ପଣ ହୋଇଛି। ମହାପ୍ରଭୁଙ୍କର ୫ ଜଣ ସେବକ ଓ ସେବକ ପରିବାର ସଦସ୍ୟଙ୍କୁ ଚିକିତ୍ସା ସହାୟତା ପ୍ରଦାନ କରାଯାଇଛି। ଡ. ଅସିତ୍ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସୁଦର୍ଶନ ନାୟକ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଚିବ ସନ୍ତୋଷ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ହରେକୃଷ୍ଣ ପ୍ରତିହାରୀ ଓ ସୂର୍ଯ୍ୟନାରାୟଣ ମହାପାତ୍ର ପରିଚାଳନା କରିଥିଲେ।

# ଦିଲ୍ଲୀରେ ଆକର୍ଷଣ ସାଜିଲା ନାଟକ 'ବ୍ରେନ୍‌ଗେନ୍ ଡଟ୍ କମ୍'

ପୁରୀ,୨୧।୧୨(ସମିସ): ନୂଆଦିଲ୍ଲୀର ଓଡ଼ିଆ ମହିଳା ସଂଘ 'ଉତ୍କଳିନୀ' ପକ୍ଷରୁ ଗତ ଶୁକ୍ରବାର ଚାଣକ୍ୟପୁରୀ ବିନୟମାର୍ଗସ୍ଥିତ ସିଏସ୍‌ଓଆଇ ଅଡିଟୋରିୟମ୍‌ରେ ୪୫ତମ ବାର୍ଷିକ ସାଂସ୍କୃତିକ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀର ପ୍ରତିଷ୍ଠିତ ନାଟ୍ୟାନୁଷ୍ଠାନ ରଙ୍ଗଶାଳା ପକ୍ଷରୁ ମଞ୍ଚସ୍ଥ ହୋଇଥିଲା ନାଟକ "ବ୍ରେନ୍‌ଗେନ୍ ଡଟ୍ କମ୍', ଯାହାକି ନାଟ୍ୟପ୍ରେମୀଙ୍କ ବେଶ୍ ଆକର୍ଷଣ ସାଜିଥିଲା। ଏହି ନାଟକ ମାଧ୍ୟମରେ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାର ପରିଣତି ହିଁ ଦର୍ଶାଯାଇଛି। ଯେଉଁ ବ୍ୟବସ୍ଥାରେ ପିଲାମାନେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପାଠ ପଢୁଛନ୍ତି, ସେଥିରେ ସେମାନଙ୍କ ସୃଜନଶୀଳତାକୁ ପ୍ରୋତ୍ସାହନ ଦିଆଯାଉଛି ନା ସେମାନଙ୍କ ବିଦ୍ୟାକୁ ସୀମିତ କରିଦିଆଯାଉଛି? ବ୍ରେନ୍ ପ୍ରକୃତରେ କିଛି ଗେନ୍ କରୁଛି ନା ବ୍ରେନ୍‌କୁ ଡ୍ରେନ୍ କରିଦିଆଯାଉଛି। ଏକ ପ୍ରକାର ଫିଡିଙ୍ଗ୍ ସିଷ୍ଟମ୍‌ରେ ଆମର ପାଠପଢ଼ା ଚାଲିଛି। ଏ ବ୍ୟବସ୍ଥାରେ ଶହେ ଜଣ



ଶୁକପକ୍ଷୀ ତ ବାହାରିପାରିବେ ହେଲେ ଜଣେ ଶୁକ ମୁନୀ ବାହାରି ପାରିବେ କି? ନାଟକର ନାୟକ ମିଷ୍ଟର ଡଟ୍ କମ୍ ଜଣେ ଟ୍ୟୁସନ ମାଷ୍ଟର। କମ୍ପ୍ୟୁଟର ସଫ୍ଟୱେର ବ୍ୟବହାର କରି ଗୋଟିଏ ଅଟୋମେଟିକ୍ ଫିଡିଙ୍ଗ୍ ସିଷ୍ଟମ୍ ବାହାର କରିଛନ୍ତି। ଫଳରେ ପାଠ ନ ପଢ଼ି ମଧ୍ୟ ଜଣଙ୍କ ବ୍ରେନ୍‌ରେ ଯେକୌଣସି ବିଷୟ ଲୋଡ୍ କରିଦିଆଯାଇ ପାରିବ। ତାଙ୍କ କୋଚିଂ ସେଣ୍ଟର ତ ଚାଲିଛି କିନ୍ତୁ ଏପରି ଏକ ସମୟ ଆସିଛି ଯେଉଁଠି ମିଷ୍ଟର ଡଟ୍ କମ୍ ବାଧ ହୋଇଛନ୍ତି ଏକ ବିପଜ୍ଜନକ ବ୍ରେନ୍ ତିଆରି କରିବା ପାଇଁ। ସେଠି ମିଷ୍ଟର ଡଟ୍ କମ୍ ଅନୁତାପ କରିଛନ୍ତି ଓ ଉପଲବ୍ଧି କରିଛନ୍ତି ଯେ, ଆଲ୍ଲାଦିନର କୁହୁକ ଦୀପ ଯଦି ସଇତାନ ହାତରେ ପଡ଼ିଯାଏ ତେବେ ବିପଦ ସୁନିଶ୍ଚିତ। ଦେଶକୁ ରକ୍ଷା କରିବାକୁ ହେଲେ ଏପରି ବିପଜ୍ଜନକ ମେସିନକୁ ଧ୍ୱଂସ କରିବାକୁ ହେବ। ଯେଉଁ ଦେଶରେ ବିଦ୍ୟାର ଦେବତା ଗଣେଶ ଓ ଅଧିଷ୍ଠାତ୍ରୀ ଦେବୀ ସରସ୍ୱତୀ ଅଛନ୍ତି ସେଠି ଏପରି ମେସିନର ଆବଶ୍ୟକତା ନାହିଁ। ଏହା ହିଁ ଥିଲା ନାଟକର ବାର୍ତ୍ତା। ଅଭିନୟରେ ରଙ୍ଗଶାଳାର ମୁଖ୍ୟ ତଥା ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ, ବିକ୍ରମ ବରାଳ, ଶୁଭାଶିଷ ତ୍ରିପାଠୀ, ଗୋପୀନାଥ ପୂଜାପଣ୍ଡା, ସଂଗ୍ରାମ ଦାଶ, ପୂର୍ଣ୍ଣଚନ୍ଦ୍ର ଦାସ, ଦିବ୍ୟମ୍ ସାହୁ, ମଧୁସ୍ମିତା ସାହୁ ଓ ସସ୍ମିତା ସାହୁ ନିଛକ ଅଭିନୟ କରିଥିଲେ।

## ଶ୍ରୀକଳା ନୃତ୍ୟ ଉତ୍ସବ

# ବିବିଧ ନୃତ୍ୟରେ କମ୍ପିଲା ଶରଧାବାଲି

ପୁରୀ,୨୧।୧୨(ସମିସ): ସ୍ଥାନୀୟ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଶ୍ରୀକଳା ନିକେତନ ପକ୍ଷରୁ ରବିବାର ସନ୍ଧ୍ୟାରେ ଶ୍ରୀକଳା ନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଗୁଣ୍ଡିଚା ବିହାରସ୍ଥିତ ଅନୁଷ୍ଠାନର ନୂତନ କକ୍ଷ 'ନାଚ ଘର'କୁ ବାଚସ୍ପତି ସୁରମା ପାଢ଼ୀ, ପ୍ରାକ୍ତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଓ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନୃତ୍ୟରେ ଗୁରୁ ଗୋବିନ୍ଦ ପାଲ, ଗୁରୁ ସ୍ନେହପ୍ରଭା ସାମନ୍ତରାୟ, ଗୁରୁ ନାରାୟଣ ପାଣ୍ଡେ, ବରିଷ୍ଠ ବାଦ୍ୟକାର ଆର୍ତ୍ତତ୍ରାଣ ଶତପଥୀ, ସଂଗୀତରେ ଗୁରୁ ସଂଗୀତା ଗୋସାଇଁଙ୍କୁ ଶ୍ରୀକଳା ନୃତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଯୁବ ପ୍ରତିଭା ଭାବେ ଜାପାନର ଡ୍ରମ୍ ବାଦକ ସୁୟୁସି ମିୟାହରା, ଓଡ଼ିଶୀ ନୃତ୍ୟରେ ଅସ୍ମିତା ଦାସ ଓ ଅନୁଷ୍ଠାନର ଛାତ୍ରୀ ତେଜସ୍ୱିନୀ ତ୍ରିପାଠୀ, କୁଚିପୁଡ଼ି ନୃତ୍ୟଶିଳ୍ପୀ ରାଧାଶ୍ୟାମ ତରାଇଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ସମ୍ପାଦିକା ଗୁରୁ ରୋଜାଲିନ୍ ମହାନ୍ତିଙ୍କ ତତ୍ତ୍ୱାବଧାନରେ ମଙ୍ଗଳାଚରଣ,



ପଲ୍ଲବୀ ନୃତ୍ୟ, ଶ୍ରୀଗଣେଶ, ଚତୁର୍ଭୁଜ ଜଗନ୍ନାଥ, ମୋ ଜଗା କାଳିଆ, ଶ୍ରୀକୃଷ୍ଣ ନୃତ୍ୟ ଏବଂ ଶିକ୍ଷାର୍ଥୀଙ୍କ ମା'ମାନଙ୍କ ଦ୍ୱାରା ପରିବେଷିତ ମହାରାସ ବେଶ୍ ଆକର୍ଷଣୀୟ ସାଜିଥିଲା। ପୁରୀ ଡ୍ୟାନ୍ସ ଏକାଡେମୀ ଗୁରୁ ନାରାୟଣ ପାଣ୍ଡେ ଓ ସାଥୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ରାଧାଶ୍ୟାମ ତରାଇଙ୍କ ଦ୍ୱାରା କୁଚିପୁଡ଼ି ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ସମସ୍ତ କଳାକାରଙ୍କୁ ଦ୍ୱିତୀୟ ପର୍ଯ୍ୟାୟର ଅତିଥି ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଡ. ଲକ୍ଷ୍ମଣ ପଣ୍ଡା, ବିଶ୍ୱରଞ୍ଜନ ଖଟେଇ, ଡ. ରଜନୀକାନ୍ତ ନାୟକ, ସଂଗ୍ରାମ କେଶରୀ କାନୁନ୍‌ଗୋ, ଅନୁଷ୍ଠାନର ଉପସଭାପତି ରଞ୍ଜନ ମହାନ୍ତିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଭଳି କାର୍ଯ୍ୟକ୍ରମ ପାଇଁ ଅତିଥିମାନେ ଅନୁଷ୍ଠାନର ସମ୍ପାଦିକା ଗୁରୁ ରୋଜାଲିନଙ୍କୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଜୀବ ରଥଶର୍ମା ସଂଯୋଜନା କରିଥିଲେ।

# କବିତାରେ ପ୍ରତିଫଳିତ ହୁଏ କବିର ଅନ୍ତର୍ଦୃଷ୍ଟି

ପୁରୀ,୨୧।୧୨(ସମିସ): ଚନ୍ଦନପୁର ନିକଟ ଭଗବାନପୁରଠାରେ ରବିବାର କବି ଓ ଶିକ୍ଷାବିତ୍ ମାତଙ୍ଗିନୀ ମିଶ୍ରଙ୍କ ଦ୍ୱିତୀୟ କବିତା ସଙ୍କଳନ 'ପ୍ରକୃତି, ସଂସ୍କୃତି ଓ ସଂହତି' ଉନ୍ମୋଚିତ ହୋଇଯାଇଛି। ଘଟଗାଁ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଜଗନ୍ନାଥ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଉତ୍ତର ପୂର୍ବାଞ୍ଚଳ କର୍ପସ୍ ଅବସରପ୍ରାପ୍ତ ମୁଖ୍ୟ ସେନାଧିକାରୀ, ବୈମାନିକ ଓ ଇଂରାଜୀ ସମ୍ବାଦପତ୍ରର ସ୍ତମ୍ଭ ଲେଖକ ଡ. ଅତନୁ କୁମାର ପଟ୍ଟନାୟକ କବିତା କିପରି ଅନ୍ତରଙ୍ଗତା ଆଣିଦିଏ ତା'ର ଅନେକ ଦୃଷ୍ଟାନ୍ତ ଦେଇଥିଲେ। ମୁଖ୍ୟବକ୍ତା ରୂପେ ବିଶିଷ୍ଟ ନାଟ୍ୟକାର, ଗାଳ୍ପିକ ଓ କବି ମୁକୁନ୍ଦ ଶତପଥୀ ଲେଖକ, ପାଠକ ଓ ପୁସ୍ତକ ମଧ୍ୟରେ ଥିବା ଭାବଗତ ସମ୍ପର୍କର ଅବତାରଣା ଦେବା ସହିତ କାଳଜୟୀ ସାହିତ୍ୟକୁ ଜୀବନ ବେଦ ରୂପେ ଅବହିତ କରିଥିଲେ। ପ୍ରାରମ୍ଭରେ ଅତିଥିଙ୍କୁ ସ୍ୱାଗତ କରି ବିଶିଷ୍ଟ ଲେଖକ ବଦ୍ରୀ ମହାନ୍ତି ପୁସ୍ତକରେ ସଂକଳିତ କବିତାର ଭାବ ଭାଷା ଓ ଶୈଳୀର ସ୍ଥୂଳ ଆଲୋଚନା କରିଥିଲେ। ଉତ୍ତରା ପ୍ରକାଶନୀର ଉପଦେଷ୍ଟା ଇଂ. ସୁଶାନ୍ତ ବେହେରା କବିଙ୍କ ଦ୍ୱିତୀୟ ପ୍ରକାଶନ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ତିର୍ତ୍ତୋଲ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଓ ଚିନ୍ମୟ ମିଶନ ସଭାପତି ଡ. ସୁଭାଷ ଚନ୍ଦ୍ର ଦ୍ୱିବେଦୀ, ଡ. ଜଗନ୍ନାଥ ଲେଙ୍କା, ଶିବ ଚନ୍ଦ୍ର ସାହୁ, ଡ. କୁନାଳ ମିଶ୍ର, କବି ସସ୍ମିତା ଦାଶ, ବିଚିତ୍ର ମହାପାତ୍ର ଓ ଡ. ପ୍ରଭାତ ରଞ୍ଜନ ଗିରି ପ୍ରମୁଖ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କବି ବଦ୍ରି ମିଶ୍ରଙ୍କ ସଂଯୋଜନାରେ ଏହି ଉତ୍ସବ ପରିଚାଳନା କରିଥିଲେ କବିଙ୍କ ସୁପୁତ୍ରୀ ଅଶୋକା ପାଢ଼ୀ ଏବଂ ଏହି ମନୋଜ୍ଞ ଉତ୍ସବର ସଫଳତା ପାଇଁ ଧନ୍ୟବାଦ ଦେଇଥିଲେ ଅବସରପ୍ରାପ୍ତ ବ୍ୟାଙ୍କ ମୁଖ୍ୟ ପରିଚାଳକ ରଣଜିତ ପାଢ଼ୀ।



# ଜଳିଗଲା ୪ ଏକର ଜମିର ଧାନ କଳେଇ

ପିପିଲି,୨୧।୧୨(ସମିସ): ପିପିଲି ତହସିଲ୍ ଯଶୁଆପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅଣିଜଙ୍ଗ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୪ ଏକର ଜମିର ଧାନ କଳେଇ ଜଳିଯାଇଛି। ମିଳିଥିବା ସୂଚନା ମୁତାବକ, ଅଣିଜଙ୍ଗ ଗ୍ରାମର ବନମାଳି ଲେଙ୍କା, ଗୁଣନିଧୀ ଲେଙ୍କା, ବିହାରୀ ଲେଙ୍କା ଓ କୁଞ୍ଜ ବିହାରୀ ଲେଙ୍କା ୪ ଭାଇ ତାଙ୍କ ଘର ପଛପଟେ ଧାନ ଖଳାରେ ଜମିରୁ ଧାନ ଆଣି ଗଦା କରି ରଖିଥିଲେ। ଶନିବାର ବିଳମ୍ବିତ ରାତିରେ ଧାନ ଖଳାରେ ନିଆଁ ଲାଗିଯାଇଥିବା ପରିବାର ଲୋକ ଦେଖି ଡାକ ପକାଇଥିଲେ। ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଧାନଗଦାରେ ନିଆଁ ଲାଗି ଜଳିବାରୁ ନିଆଁକୁ ଆୟତ କରିବା ସମ୍ଭବପର ନ ଥିଲା। ଖବର ପାଇ ପିପିଲିରୁ ଦୁଇଟି ଦମକଳ ବାହିନୀ ପହଞ୍ଚି ଗାଁ ଲୋକଙ୍କ ସହଯୋଗରେ ନିଆଁକୁ ଆୟତ କରିଥିଲେ। ନିଆଁର ପ୍ରକୋପରେ ଧାନ ଗଦା କଳେଇ ସହ ପାଖରେ ଥିବା ଆଜ୍‌ବେଷ୍ଟସ ଘର ପୋଡ଼ିଯାଇଛି। ୪ ଏକର ଧାନ କଳେଇରୁ ୧୦୦ ବସ୍ତାରୁ ଅଧିକ ଧାନ ଅମଳ ହୋଇଥାନ୍ତି ବୋଲି ଅନୁମାନ କରାଯାଇଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ତେବେ ପିପିଲି ତହସିଲ୍‌ଦାର ହୃଷୀକେଶ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଯଶୁଆପୁର ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଅଗ୍ନିବିପନ୍ନ ଚାଷୀଙ୍କୁ ସରକାରଙ୍କ କୃଷି ବିଭାଗ ପକ୍ଷରୁ କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ ଦାବି କରିଛନ୍ତି।

# ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ପ୍ରତିଯୋଗିତା

ପୁରୀ,୨୧।୧୨(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ନ୍ୟାୟ ବିଭାଗ ପକ୍ଷରୁ ବିଭାଗୀୟ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଆନ୍ତଃ ବିଶ୍ୱବିଦ୍ୟାଳୟ ବକ୍ତୃତା ଏବଂ ଶଳାକା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷା ଶାସ୍ତ୍ରୀ ବିଭାଗର ସହକାରୀ ପ୍ରଫେସର ଡ. ଲକ୍ଷ୍ମୀଧର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଭାଗର ମୁଖ୍ୟ ସହକାରୀ ପ୍ରଫେସର ଡ. ଜି. ଜୟମାଣିକ୍ୟ ଶାସ୍ତ୍ରୀ, ଅତିଥି ଅଧ୍ୟାପିକା ଡ. ରଶ୍ମିତା ଜେନାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା। ନ୍ୟାୟ ଶଳାକା ପ୍ରତିଯୋଗିତାରେ ବିଷ୍ଣୁପ୍ରସାଦ ନାଥ ପ୍ରଥମ, ଅଭିଲିପ୍ସା ବେହେରା ଦ୍ୱିତୀୟ ଏବଂ ଆକାଶ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ଶୁଚିସ୍ମିତା ସାହୁ ପ୍ରଥମ, ଆକାଂକ୍ଷା ପ୍ରିୟଦର୍ଶିନୀ ସାମଲ ଓ ବିଷ୍ଣୁପ୍ରସାଦ ନାଥ ଯୁଗ୍ମ ଭାବେ ଦ୍ୱିତୀୟ ଏବଂ ବୈଜୟନ୍ତୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ମନରେ ଏକ ନୂତନ ଉତ୍ସାହ ସୃଷ୍ଟି କରିଥିଲା।

# ଗଣିତ ଓ ମହାକାଶ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଯାପିତ

ପୁରୀ,୨୧।୧୨(ସମିସ): ବ୍ଲେସେଡ୍ ସାକ୍ରାମେଣ୍ଟ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଦୁଇଦିନିଆ ଗଣିତ ଓ ମହାକାଶ ବିଜ୍ଞାନ ପ୍ରଦର୍ଶନୀ ହାଇପରିୟନ୍-୨୦୨୫ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ଓ ସେମାନଙ୍କ ଅଭିଭାବକ ସମେତ ପୁରୀ ସହରର ବିଭିନ୍ନ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ପରିଦର୍ଶନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ୭୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ୨୪୦ରୁ ଅଧିକ ଆକର୍ଷଣୀୟ ଗଣିତ ଓ ମହାକାଶ ବିଜ୍ଞାନ ସମ୍ପର୍କିତ ପ୍ରକଳ୍ପଗୁଡ଼ିକୁ ଅଭିଭାବକମାନେ ବୁଲି ଦେଖିଥିଲେ। ପ୍ରକଳ୍ପଗୁଡ଼ିକ ବହୁତ ଆକର୍ଷଣୀୟ ହୋଇଥିବାବେଳେ ପିଲାମାନଙ୍କୁ ପ୍ରଶଂସା କରିଥିଲେ।

# ଭଗବତୀ ବିଦ୍ୟାନିକେତନର ବାର୍ଷିକ କ୍ରୀଡ଼ା ଉତ୍ସବ



ପୁରୀ,୨୧।୧୨(ସମିସ): ଅଠରନଳାସ୍ଥିତ ଭଗବତୀ ବିଦ୍ୟାନିକେତନର ୨୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ପୁରୀ ଜିଲ୍ଲା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ରମେଶ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ କ୍ରୀଡ଼ା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ ଓଡ଼ିଶା ଥ୍ରୋ ବଲ୍ ଆସୋସିଏସନର ରାଜ୍ୟ ସମ୍ପାଦକ ଜିତେନ୍ଦ୍ର କୁମାର ଦାସ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ମହେନ୍ଦ୍ର ବିଶୋଇ, ସହସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଶିକ୍ଷା ମୁକୁଳଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ୧୦୦ମି., ୫୦ମି. ଦୌଡ଼, ବେଙ୍ଗ ଡିଆଁ, ଆଳୁ ଚାମଚ, ବଲ୍ ଥ୍ରୋ, ରଙ୍ଗ ଦୌଡ଼, ଅଙ୍କ ଦୌଡ଼, ଲେଟର ରେସ୍, ବ୍ୟାକ୍ ୱାକ୍ ରେସ୍, ସଟ୍‌ପୁଟ୍, ଦଉଡ଼ି ଡିଆଁ, ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଓଡ଼ିଶା ଟାଏକ୍ୱୋଣ୍ଡୋ ଆସୋସିଏସନର ରାଜ୍ୟ ଅଧ୍ୟକ୍ଷ ବ୍ୟୋମକେଶ ଅଭିଳାଷ ପ୍ରସାଦ ବିଦ୍ୟାର୍ଥୀ ଏବଂ ଅଭିଭାବକମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ମମତା ଦାସ, ମାନସୀ ଦାଶ, ରତ୍ନମଣି ଦଳାଇ, ସବିତା ପରିଡ଼ା, ଦୀପ୍ତି ମହାପାତ୍ର, ଦିବ୍ୟାଶା ମହାନ୍ତି, କୈଳାସ ବିଶୋଇଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା' ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

## ଓଡ଼ିଆ ସାହିତ୍ୟରେ ସାମାଜିକ ଚେତନା ଆଲୋଚନା

# ଧ୍ୟାନ, ଯୋଗ ଓ ତପ ଓଡ଼ିଆ ସାହିତ୍ୟକୁ ବୈଭବମୟ କରିଛି



ପୁରୀ, ୨୧।୧୨ (ସମିସ): ରାଜ୍ୟସ୍ତରୀୟ ସମ୍ମିଳିତ ଲେଖକ ମଞ୍ଚ ଆନୁକୂଲ୍ୟରେ 'ଓଡ଼ିଆ ସାହିତ୍ୟରେ ସାମାଜିକ ଚେତନା' ଶୀର୍ଷକ ଦୁଇଦିନିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡ. ପ୍ରଭାତ କୁମାର ମହାପାତ୍ର ଯୋଗଦେଇଥିଲେ। ଆଲୋଚନାରେ ମତ ପ୍ରକାଶ ପାଇଥିଲା ଯେ, ଓଡ଼ିଆ ଭାଷାକୁ ଆଧାର କରି ଓଡ଼ିଆ ସାହିତ୍ୟର ସଂରଚନା ହୋଇଛି। ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ରଚିତ ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ଗ୍ରନ୍ଥରେ ଲିଖିତ ବିବରଣୀ ଅନୁଯାୟୀ ଉଡ୍ର ମାଗଧୀ ଭାଷାର ପରିଚୟ ମିଳେ। ଖ୍ରୀଷ୍ଟପୂର୍ବ ସମୟରେ ଓଡ଼ିଶାର ଭୁବନେଶ୍ୱରସ୍ଥ ଧଉଳିଗିରି ଓ ଖଣ୍ଡଗିରିରେ ଉତ୍ତୀର୍ଣ୍ଣ ଶିଳାଲେଖରେ ଥିବା ପାଲି ଓ ପ୍ରାକୃତ ଭାଷା ଓଡ଼ିଆ ଭାଷାର ବିକଶିତ ରୂପ। ଖ୍ରୀଷ୍ଟୀୟ ଅଷ୍ଟମ ଓ ନବମ ଶତାବ୍ଦୀରେ ଚର୍ଯ୍ୟାଗୀତିର ରଚୟିତା ସିଦ୍ଧ ସାଧକଗଣ ଯଥା କାହ୍ନୁପା, ସବରୀପା, ଲୁଇପା, ସହରିପାଦ ଓ ଭୁଶୁକିପାଦ ପ୍ରମୁଖଙ୍କ ସାହିତ୍ୟରେ ଓଡ଼ିଆ ଭାଷା ସହ ଶବର, ଚଣ୍ଡାଳ ଓ ନିମ୍ନ ବର୍ଗର ଜନତାଙ୍କର ସାମାଜିକ ଜୀବନ ସହ ଉଚ୍ଚବର୍ଣ୍ଣ ଓ ଆଧ୍ୟାତ୍ମିକ ଚେତନାର ଯେଉଁ ପ୍ରବାହିତ ଧାରା ସୃଷ୍ଟି ହୋଇଥିଲା ତାହା ବୌଦ୍ଧ, ଜୈନ ଓ ଓଡ଼ିଆ ସାହିତ୍ୟ ରୂପେ ପଞ୍ଚଦଶ ଶତାବ୍ଦୀର ପଞ୍ଚସଖାଙ୍କୁ ମଧ୍ୟ ଅନୁପ୍ରାଣିତ କରିଥିଲା। ଶୈବ ଦର୍ଶନ ଓ ନୃତ୍ୟ ପରମ୍ପରା ସହ ଧ୍ୟାନ, ଯୋଗ ଓ ତପ ପ୍ରଭୃତି ସାଧନ ପ୍ରକ୍ରିୟା ଓ ଧାରା ଓଡ଼ିଆ ସାହିତ୍ୟକୁ ପରମ ବୈଭବମୟ କରିଛି। ଯାହା ସାମାଜିକ ଏକତା, ଅଖଣ୍ଡତା ଓ ଭାରତୀୟ ତତ୍ତ୍ୱର ନିଜସ୍ୱ ପରିଚୟ ବହନ କରେ ବୋଲି ଅତିଥିମାନେ କହିଥିଲେ।

ମଞ୍ଚର ଅଧ୍ୟକ୍ଷା ପ୍ରତିଭା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶ୍ୱ ଓଡ଼ିଆ ସମ୍ମିଳନୀର ଅଧ୍ୟକ୍ଷ ଡ. ମୁରଲୀ ଶର୍ମା, ମୁଖ୍ୟବକ୍ତା ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, ନୀଳଶୈଳର ସାଧାରଣ ସମ୍ପାଦକ ଡ. ଧର୍ମଚ୍ଛଡ଼ା, ରଚିତ ରାଉତରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସଦାଶିବ ମିଶ୍ର ବେଦପାଠ କରିଥିବା ବେଳେ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ସୁଶ୍ରୀ କ୍ରିଷ୍ଣା ଦେବୀ। ଐତିହାସିକ ମଦନମୋହନ ମହାପାତ୍ର ଆଲୋଚନାଚକ୍ରର ଅଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଏଥିରେ ପ୍ରଫେସର ଚନ୍ଦ୍ରଶେଖର ଦାସ, ଦକ୍ଷିଣ ଓଡ଼ିଶା ସାହିତ୍ୟ ସମାଜର ସଭାପତି ଦଣ୍ଡପାଣି ମହାପାତ୍ର, ପ୍ରଫେସର ସନ୍ଧ୍ୟାରାଣୀ ବେହେରା, ଲେଖିକା ସ୍ୱର୍ଣ୍ଣଲତା ମହାପାତ୍ର, ଅଧ୍ୟାପକ ଅଶୋକ କୁମାର ମିଶ୍ର ଓ ସର୍ବାଣୀ ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ବିବିଧ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଏକ ମନୋଜ୍ଞ କବିତା ପାଠଚକ୍ର ଶିକ୍ଷାବିତ ବିଜୟ ଲକ୍ଷ୍ମୀ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ସୁରେଶ କୁମାର ପଟ୍ଟନାୟକ, ସୌମ୍ୟରଞ୍ଜନ ମଲ୍ଲିକ, ତପନ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।